CSD

WORLD BANK GROUP

# ଭାରତ

# ଜମି ଶାସନ ନୀତି ମୂଲ୍ୟାଙ୍କନ

## ଜାତୀୟ ସଂଶ୍ଲେଷଣ ରିପୋର୍ଟ

School of Rural Management
KIIT UNIVERSITY
Bhubaneswar, Odisha, India

WORLD BANK GROUP

# ଭାରତ

## ଜମି ଶାସନ ନୀତି ମୂଲ୍ୟାଙ୍କନ

### ଜାତୀୟ ସଂଶ୍ଲେଷଣ ରିପୋର୍ଟ

© 2015 International Bank for Reconstruction and Development/The World Bank
1818 H Street NW, Washington, DC 20433
Telephone: 202-473-1000; Internet: www.worldbank.org

This work is a product of the staff of The World Bank with external contributions. The findings, interpretations, and conclusions expressed in this work do not necessarily reflect the views of The World Bank, its Board of Executive Directors, or the governments they represent. The World Bank does not guarantee the accuracy of the data included in this work. The boundaries, colors, denominations, and other information shown on any map in this work do not imply any judgment on the part of The World Bank concerning the legal status of any territory or the endorsement or acceptance of such boundaries. Nothing herein shall constitute or be considered to be a limitation upon or waiver of the privileges and immunities of The World Bank, all of which are specifically reserved.

This work does not necessarily reflect the views of the Government of India and the findings of the study are not binding on the Government of India.

This work is available under the Creative Commons Attribution 3.0 IGO license (CC BY 3.0 IGO) http://creativecommons.org/licenses/by/3.0/igo. Under the Creative Commons Attribution license, you are free to copy, distribute, transmit, and adopt this work, including for commercial purposes, under the following conditions:

## Translations

This translation was not created by the World Bank and should not be considered an official World Bank translation. The World Bank shall not be liable for any content or error in this translation

If you create a translation of this work, please add the following disclaimer along with the attribution: *'This translation was not created by the World Bank and should not be considered an official World Bank translation. The World Bank shall not be liable for any content or error in this translation.'*

## Adaptations

If you create an adaptation of this work, please add the following disclaimer along with the attribution: *'This is an adaptation of an original work by the World Bank. Views and opinions expressed in the adaptations are the sole responsibility of the author or authors of the adaptation and are not endorsed by the World Bank.'*

## Third-party content

The World Bank does not necessarily own each component of the content contained within the work. The World Bank therefore does not warrant that the use of any third-party-owned individual component or part contained in the work will not infringe on the rights of those third parties. The risk of claims resulting from such infringement rests solely with you. If you wish to re-use a component of the work, it is your responsibility to determine whether permission is needed for that re-use and to obtain permission from the copyright owner. Examples of components can include, but are not limited to, tables, figures, or images.

All queries on rights and licenses should be addressed to the Publishing and Knowledge Division. The World Bank, 1818 H Street NW, Washington, DC 20433, USA; fax 202-522-2625; e-mail: pubrights@worldbank.org.

**Design, layout, and printing:** Macro Graphics Pvt. Ltd.

©୨୦୧୫ ଇଣ୍ଟରନେସ୍ନାଲ୍ ବ୍ୟାଙ୍କ ଫର୍ ରିକନଷ୍ଟ୍ରକ୍ସନ୍ ଏବଂ ଡେଭେଲପ୍‌ମେଣ୍ଟ୍/ଦି ବିଶ୍ୱ ବ୍ୟାଙ୍କ୍
1818 H (ଏଚ୍) ଷ୍ଟିଟ୍ NW (ଏନ୍‌ଡବ୍ଲ୍ୟୁ) ୱାଶିଙ୍ଗଟନ୍, (ଡିସି) DC 20433
ଟେଲିଫୋନ : 202-473-1000; ଇଣ୍ଟରନେଟ୍ www.worldbank.org

ଏହି ରିପୋର୍ଟ ବିଶ୍ୱ ବ୍ୟାଙ୍କ୍‌ର କର୍ମଚାରୀ ମାନଙ୍କ ଦ୍ୱାରା ବାହ୍ୟ ତଥ୍ୟ ଉପରେ ଆଧାରିତ କରି ପ୍ରସ୍ତୁତ କରାଯାଇଛି । ଏହି ରିପୋର୍ଟରେ ଉଲ୍ଲେଖ ହୋଇଥିବା ତଥ୍ୟ, ବ୍ୟାଖ୍ୟା ଏବଂ ସିଦ୍ଧାନ୍ତ, ଏହା ବିଶ୍ୱ ବ୍ୟାଙ୍କ୍, ଏହାର କାର୍ଯ୍ୟକାରିଣୀ ନିର୍ଦ୍ଦେଶକ ବୋର୍ଡ କିମ୍ବା ସେମାନେ ପ୍ରତିନିଧିତ୍ୱ କରୁଥିବା ସରକାରଙ୍କ ମତାମତ ପ୍ରତିଫଳନ କରୁଛି ଏହା ଆବଶ୍ୟକ ନୁହେଁ ।ଏହି ରିପୋର୍ଟରେ ଦିଆଯାଇଥିବା ତଥ୍ୟର ସଠିକତା ପାଇଁ ବିଶ୍ୱ ବ୍ୟାଙ୍କ୍ କୌଣସି ମତେ ଦାୟୀ ନୁହେଁ । ଏଥିରେ ଦିଆଯାଇଥିବା ସୀମା, କଲର, ସଂଖ୍ୟା ଏବଂ ଅନ୍ୟ କୌଣସି ମ୍ୟାପ୍‌ରେ ଦିଆଯାଇଥିବା ସୂଚନା ବିଶ୍ୱ ବ୍ୟାଙ୍କ୍ ତରଫରୁ କୌଣସି ଆଞ୍ଚଳିକ ସୀମାର ଆଇନ୍‌ଗତ ବୈଧତା ଉପରେ କୌଣସି ସିଦ୍ଧାନ୍ତ ଦର୍ଶାଏ ନାହିଁ କିମ୍ବା ଏଭଳି କୌଣସି ଆଞ୍ଚଳିକ ସୀମା ପାଇଁ ନିଜର ସମ୍ମତି ପ୍ରଦାନ କରେ ନାହଁ କି ଗ୍ରହଣ କରେ ନାହିଁ । ଏଥିରେ ଉଲ୍ଲେଖ ହୋଇଥିବା କୌଣସି ତଥ୍ୟ ବିଶ୍ୱ ବ୍ୟାଙ୍କ୍‌ର କୌଣସି ଅଧିକାର ଏବଂ ଅବ୍ୟାହତି ଉପରେ ନିୟନ୍ତ୍ରଣ ଜାରି କରେ ନାହିଁ କିମ୍ବା ଛାଡ କରେ ନାହିଁ । ଯାହାକି ବିଶେଷ ଭାବରେ ଏହା ପାଇଁ ଉଦ୍ଦିଷ୍ଟ ରଖାଯାଇଛି ।

ଏହା ଆବଶ୍ୟକ ନୁହେଁ ଯେ, ଏହି ରିପୋର୍ଟ ଭାରତ ସରକାରଙ୍କର ମତାମତ ପ୍ରତିଫଳନ କରୁଛି । ଏହି ଅଧ୍ୟୟନରୁ ପ୍ରାପ୍ତ ତଥ୍ୟ ଭାରତ ସରକାର ମାନିବା ପାଇଁ ବାଧ୍ୟ ନୁହଁନ୍ତି ।

ଏହି ରିପୋର୍ଟ କ୍ରିଏଟିଭ୍ କମନ୍ ଆଟ୍ରିବ୍ୟୁସନ୍ ୩.୦ IGO (ଆଇଜିଓ) ଲାଇସେନ୍‌ସ୍ (CC BY ୩.୦ IGO) (୩.୦ ଆଇଜିଓ ଦ୍ୱାରା ସିସି) http://creativecommons.org/licenses/by/3.0/igo ଅନ୍ତର୍ଗତ ଉପଲବ୍ଧ ।କ୍ରିଏଟିଭ୍ କମନ୍ ଆଟ୍ରିବ୍ୟୁସନ୍ ଅନ୍ତର୍ଗତ ନିମ୍ନଲିଖିତ ସର୍ତ୍ତରେ ଆପଣ ଏହି ରିପୋର୍ଟକୁ କପି, ବିତରଣ, ସଂଚାରଣ, ଏବଂ ଅନୁସରଣ କରିପାରିବେ, ଏପରିକି ବ୍ୟବସାୟିକ ଉଦ୍ଦେଶ୍ୟରେ ମଧ୍ୟ ବ୍ୟବହାର କରିପାରିବେ ।

## ଅନୁବାଦ

ଏହି ଅନୁବାଦ ବିଶ୍ୱ ବ୍ୟାଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇ ନାହିଁ ଏବଂ ଏହାକୁ ବିଶ୍ୱ ବ୍ୟାଙ୍କର ଔପଚାରିକ ଅନୁବାଦ ହିସାବରେ ଗ୍ରହଣ କରାଯିବା ଉଚିତ ନୁହେଁ । ଏହି ଅନୁବାଦରେ ଥିବା ବିଷୟବସ୍ତୁ କିମ୍ବା ତ୍ରୁଟି ପାଇଁ ବିଶ୍ୱ ବ୍ୟାଙ୍କ ଦାୟୀ ରହିବେ ନାହିଁ ।

ଅନୁବାଦ-ଯଦି ଏହି ରିପୋର୍ଟରୁ ଆପଣ ଅନୁବାଦ ପ୍ରସ୍ତୁତ କରନ୍ତି ଏହି ସର୍ତ୍ତାବଳୀ ସହିତ ନିମ୍ନଲିଖିତ ଉଦ୍‌ଘୋଷଣା ଦୟାପୂର୍ବକ ଅନ୍ତର୍ଗତ କରନ୍ତୁ : ଏହି ଅନୁବାଦ ୱାର୍ଲ୍ଡ୍ ବ୍ୟାଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇ ନାହିଁ ଏବଂ ଏହାକୁ ୱାର୍ଲ୍ଡ୍ ବ୍ୟାଙ୍କର ଔପଚାରିକ ଅନୁବାଦ ହିସାବରେ ଗ୍ରହଣ କରାଯିବା ଉଚିତ ନୁହେଁ । ଏହି ଅନୁବାଦରେ ଥିବା ବିଷୟବସ୍ତୁ କିମ୍ବା ତ୍ରୁଟି ପାଇଁ ୱାର୍ଲ୍ଡ୍ ବ୍ୟାଙ୍କ ଦାୟୀ ରହିବେ ନାହିଁ ।

## କାର୍ଯ୍ୟକାରୀ କରିବା

*ଯଦି ଆପଣ ଏହି ରିପୋର୍ଟର ଆବଶ୍ୟକ ମାର୍ଜନୀ କରି କାର୍ଯ୍ୟକାରୀ କରିବାକୁ ଚାହାନ୍ତି, ଏହାର ବିଶେଷତା ସହିତ ନିମ୍ନଲିଖିତ ଉଦ୍‌ଘୋଷଣା ଅନ୍ତର୍ଗତ କରନ୍ତୁ । ଏହା ହେଉଛି ବିଶ୍ୱ ବ୍ୟାଙ୍କ୍ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ମୂଳ ରିପୋର୍ଟର ଏକ ଆବଶ୍ୟକ ପରିବର୍ତ୍ତନ-ପର ରିପୋର୍ଟ । ଏହି ପରିବର୍ତ୍ତନ-ପର ରିପୋର୍ଟରେ ଦିଆଯାଇଥିବା ମନ୍ତବ୍ୟ ଏବଂ ମତାମତ ପରିବର୍ତ୍ତନ-ପର ରିପୋର୍ଟର ଲେଖକ କିମ୍ବା ଲେଖକଗଣଙ୍କର ସଂପୂର୍ଣ୍ଣ ଦାୟିତ୍ୱ ଅଟେ ଏବଂ ବିଶ୍ୱ ବ୍ୟାଙ୍କ୍‌ସେଥିପ୍ରତି ସମ୍ମତି ପ୍ରଦାନ କରେ ନାହିଁ ।*

*ଏହି ଅନୁବାଦ ବିଶ୍ୱ ବ୍ୟାଙ୍କ୍ ଦ୍ୱାରା ପ୍ରସ୍ତୁତ କରାଯାଇ ନାହିଁ ।ଏହାକୁ ବିଶ୍ୱ ବ୍ୟାଙ୍କର ଔପଚାରିକ ଅନୁବାଦ ହିସାବରେ ଗ୍ରହଣ କରାଯିବା ଉଚିତ ନୁହେଁ । ଏହି ଅନୁବାଦରେ ଥିବା ବିଷୟବସ୍ତୁ କିମ୍ବା ତ୍ରୁଟି ପାଇଁ ବିଶ୍ୱ ବ୍ୟାଙ୍କ୍ ଦାୟୀ ରହିବେ ନାହିଁ ।*

## ତୃତୀୟ-ପକ୍ଷ ବିଷୟବସ୍ତୁ

ବିଶ୍ୱ ବ୍ୟାଙ୍କ୍ ଏହା ନିଜସ୍ୱ ପ୍ରସ୍ତୁତି ହିସାବରେ ଘୋଷଣା କରେ ନାହିଁ ଯେ, ରିପୋର୍ଟରେ ଉଲ୍ଲେଖ ହୋଇଥିବା ବିଷୟବସ୍ତୁର ପ୍ରତ୍ୟେକ ତଥ୍ୟ ଏହାର ନିଜର ଅଟେ ତେଣୁ ଏହା ବିଶ୍ୱ ବ୍ୟାଙ୍କ୍ ଆବଶ୍ୟକ କରେ ନାହିଁ ଯେ, ତୃତୀୟ-ପକ୍ଷ ଦ୍ୱାରା ଦିଆଯାଇଥିବା ତଥ୍ୟ କିମ୍ବା ରିପୋର୍ଟରେ ଅନ୍ତର୍ଗତ ହୋଇଥିବା କୌଣସି ଅଂଶ ଯୋଗୁଁ ସଂପୂର୍ଣ୍ଣ ତୃତୀୟ-ପକ୍ଷର କୌଣସି ଅଧିକାର ବ୍ୟାଜାପ୍ତ ହେବ ଏହା ଆବଶ୍ୟକ କରେ ନାହିଁ । ତୃତୀୟ-ପକ୍ଷ ଦ୍ୱାରା ଦିଆଯାଇଥିବା ତଥ୍ୟ କିମ୍ବା ଏହାର କୌଣସି ଅଂଶ ରିପୋର୍ଟରେ ଅନ୍ତର୍ଗତ ହୋଇଥିବା ଯୋଗୁଁ ଏହାର କୌଣସି ଅଧିକାର ବ୍ୟାଜାପ୍ତ କରିବା ବିଶ୍ୱ ବ୍ୟାଙ୍କୁ ଆବଶ୍ୟକ କରେ ନାହିଁ ।

ଅଧିକାର ଏବଂ ଲାଇସେନ୍‌ସ୍ ବିଷୟରେ ସମସ୍ତ ଅନୁସନ୍ଧାନ ପ୍ରକାଶନ ଏବଂ ଜ୍ଞାନ ଡିଭିଜନକୁ ପଠାଇବା ଉଚିତ୍ । ଦି ବିଶ୍ୱ ବ୍ୟାଙ୍କ୍ ୧୮୧୮ H (ଏଚ୍) ଷ୍ଟ୍ରିଟ୍ (ଏନ୍‌ଡବ୍ଲ୍ୟୁ) NW, ୱାଶିଙ୍ଗଟନ୍, (ଡିସି) DC ୨୦୪୩୩ (ୟୁଏସ୍‌ଏ) USA; ଫ୍ୟାକ୍ସ୨୦୨-୫୨୨-୨୬୨୫; ଇ-ମେଲ୍ :pubrights@worldbank.org.

**ଡିଜାଇନ୍ ଲେ-ଆଉଟ୍ ଏବଂ ପ୍ରିଣ୍ଟିଙ୍ଗ୍ :** ସାମାଜିକ ବିକାଶ ପରିଷଦ, ଦିଲ୍ଲୀ, ଭାରତ ।

# ସୂଚିପତ୍ର


| | | |
|---|---|---|
| ସଂକ୍ଷିପ୍ତ ବ୍ୟାଖ୍ୟା | | v |
| କୃତଜ୍ଞତା | | vii |
| ପରିଚାଳନାଗତ ସାରାଂଶ | | ix |
| ୧. | ପରିଚୟ ଏବଂ ପୃଷ୍ଠଭୂମୀ | 1 |
| ୨. | ଏଲ୍‌ଜିଏଏଫ୍ (LGAF) ପ୍ରଣାଳୀ ଏବଂ ଭାରତରେ ଏହାର ପ୍ରୟୋଗ | 3 |
| ୩. | ପ୍ୟାନେଲ୍ ଦ୍ୱାରା ସୁପାରିଶର ବିଶ୍ଳେଷଣ | 7 |
| ୩.୧ | ଜମି ଅଧିକାର ଚିହ୍ନଟ | 7 |
| ୩.୧.୧ | ସମସ୍ୟା ନିର୍ଣ୍ଣୟ | 7 |
| ୩.୧.୨ | ସୁପାରିଶ | 8 |
| ୩.୨ | ଗୋଷ୍ଠୀଗତ ଏବଂ ଜଙ୍ଗଲ ଜମି | 8 |
| ୩.୨.୧ | ସମସ୍ୟା ନିର୍ଣ୍ଣୟ | 8 |
| ୩.୨.୨ | ସୁପାରିଶ | 9 |
| ୩.୩ | ସହରାଞ୍ଚଳ ଜମି | 10 |
| ୩.୩.୧ | ସମସ୍ୟା ନିର୍ଣ୍ଣୟ | 10 |
| ୩.୩.୨ | ସୁପାରିଶ | 11 |
| ୩.୪ | ସରକାରୀ ଜମି ପରିଚାଳନା ଏବଂ ଜମି ଅକ୍ତିଆର | 12 |
| ୩.୪.୧ | ସମସ୍ୟା ନିର୍ଣ୍ଣୟ | 12 |
| ୩.୪.୨ | ସୁପାରିଶ | 13 |
| ୩.୫ | ସରକାରୀ ଜମିର ବିକ୍ରୟ/ହସ୍ତାନ୍ତର | 14 |
| ୩.୫.୧ | ସମସ୍ୟା ନିର୍ଣ୍ଣୟ | 14 |
| ୩.୫.୨ | ସୁପାରିଶ | 14 |
| ୩.୬ | ଜମି ରେକର୍ଡ ଏବଂ କାଡାଷ୍ଟ୍ରେ | 15 |
| ୩.୬.୧ | ସମସ୍ୟା ନିର୍ଣ୍ଣୟ | 15 |
| ୩.୬.୨ | ସୁପାରିଶ | 15 |
| ୩.୭ | ଜମି ମୂଲ୍ୟ ଏବଂ କର | 17 |
| ୩.୭.୧ | ସମସ୍ୟା ନିର୍ଣ୍ଣୟ | 17 |
| ୩.୭.୨ | ସୁପାରିଶ | 18 |
| ୩.୮ | ଜମି ବିବାଦ | 18 |
| ୩.୮.୧ | ସମସ୍ୟା ନିର୍ଣ୍ଣୟ | 18 |

୩.୮.୨ ସୁପାରିଶ 19

୩.୯ ଆନୁଷ୍ଠାନିକ ବନ୍ଦୋବସ୍ତ 19

୩.୯.୧ ସମସ୍ୟା ନିର୍ଣ୍ଣୟ 19

୩.୯.୨ ସୁପାରିଶ 20

**୪. କାର୍ଯ୍ୟକୁଶଳତା ପର୍ଯ୍ୟବେକ୍ଷଣ କରିବା ଏବଂ କାର୍ଯ୍ୟଗତି ବଜାୟ ରଖିବା 23**

**୫. ଜାତୀୟ ଲକ୍ଷ୍ୟ ପାଇଁ ଗୁରୁତ୍ୱପୂର୍ଣ୍ଣ 27**

୫.୧ ପର୍ଯ୍ୟବେକ୍ଷଣ କରିବା ଏବଂ ଆବଶ୍ୟକ ତଥ୍ୟ ପ୍ରାପ୍ତିର ମାଧ୍ୟମ ସ୍ଥାପନ କରିବା 27

୫.୨ ଆନୁଷ୍ଠାନିକ ମତପାର୍ଥକ୍ୟ ସମାଧାନ କରିବା 27

୫.୩ ସାର୍ବଜନୀନ ସମ୍ବଳର ବଣ୍ଟନର ପରିମାପ ପୁନଃଅବଲୋକନ କରିବା 28

ରେଫରେନ୍ସ୍ 29

ଆନେକ୍ସର ୧ ରାଜ୍ୟର ପଲିସି ପରିମାପ 31

ଆନେକ୍ସର ୨ ରାଜ୍ୟ ସ୍କୋର୍‌କାର୍ଡ 67

# ସଂକ୍ଷିପ୍ତ ବ୍ୟାଖ୍ୟା

| | |
|---|---|
| AP | ଆନ୍ଧ୍ରପ୍ରଦେଶ |
| BI | ବିହାର |
| BIADA | ବିହାର ଶିଳ୍ପାଞ୍ଚଳ ବିକାଶ ଆୟୋଗ |
| CFR | ଗୋଷ୍ଠୀ ଜଙ୍ଗଲ ଅଧିକାର |
| CPR | ସାଧାରଣ ସଂପତ୍ତି ସମ୍ବଳ |
| DB | (ସହଜରେ) ବ୍ୟବସାୟ କରିବା |
| DCLR | ଉପଜିଲ୍ଲାପାଳ ଜମି ସଂସ୍କାର |
| DLC | ଜିଲ୍ଲା ସ୍ତରୀୟ କମିଟି |
| DOLR | ଜମିଜମା ରେକର୍ଡ ବିଭାଗ |
| FRA | ଜଙ୍ଗଲ ଅଧିକାର ଅଧିନିୟମ |
| HSAA | ହିନ୍ଦୁ ଉତ୍ତରାଧିକାରୀ ଅଧିନିୟମ ସଂଶୋଧନ |
| JFM | ଯୁଗ୍ମ ଜଙ୍ଗଲ ପରିଚାଳନା |
| JK | ଝାଡଖଣ୍ଡ୍ |
| JNNURM | ଜବାହରଲାଲ୍ ନେହେରୁ ଜାତୀୟ ସହରାଞ୍ଚଳ ନବୀକରଣ ମିଶନ୍ |
| KA | କର୍ଣ୍ଣାଟକ |
| LGAF | ଜମି ପରିଚାଳନା ମୂଲ୍ୟାଙ୍କନ ଫ୍ରେମ୍‌ୱାର୍କ |
| LGU | ସ୍ଥାନୀୟ ସରକାର ୟୁନିଟ୍ |
| MA | ମହାରାଷ୍ଟ୍ର |
| MP | ମଧ୍ୟ ପ୍ରଦେଶ |
| NLRMP | ରାଷ୍ଟ୍ରୀୟ ଜମିଜମା ରେକର୍ଡ ଆଧୁନିକରଣ କାର୍ଯ୍ୟକ୍ରମ |
| OD | ଓଡିଶା |
| PESA | ପଞ୍ଚାୟତ (ଅନୁସୂଚୀତ ଅଞ୍ଚଳର ବିସ୍ତାରଣ) ଅଧିନୀୟମ |
| PPP | ସରକାରୀ-ଘରୋଇ ଅଂଶୀଦାରତା |
| SC | ଅନୁସୂଚିତ ଜାତି |
| ST | ଅନୁସୂଚିତ ଜନଜାତି |
| TAG | ବୈଷୟିକ ପରାମର୍ଶଦାତା ଦଳ |
| TPS | ସହର ଯୋଜନା ସ୍କିମ୍ |
| UDA | ସହର ବିକାଶ କର୍ତ୍ତୁପକ୍ଷ |
| ULB | ସହରାଞ୍ଚଳ ସ୍ଥାନୀୟ ସଂସ୍ଥା |
| UPOR | ସହରାଞ୍ଚଳ ସଂପତ୍ତି ମାଲିକାନା ରେକର୍ଡ |
| VFMPC | ଗ୍ରାମ ଜଙ୍ଗଲ ପରିଚାଳନା ଏବଂ ସୁରକ୍ଷା କମିଟି |
| WB | ପଶ୍ଚିମବଙ୍ଗ |

# କୃତଜ୍ଞତା

-କେ. ଡେଇନିଙ୍ଗର (ଡିଇସିଏଆର, ଟାସ୍କ ଟିମ୍ ଲିଡର)ଏବଂ ଇଣ୍ଡିଆ ଅମ୍ବ୍ରେଲା ଟାକ୍ସ ଅନ୍ତର୍ଗତ ଟି.ହିଲ୍‌ହରଷ୍ଟ (ଡିଇସିଏଆର) ଏବଂ ଏସ୍ ନାରାୟଣନ୍ (ବରିଷ୍ଠ ସାମାଜିକ ସ୍ପେଶାଲିଷ୍ଟଙ୍କ )ନେତୃତ୍ୱରେ ରିପୋଟ୍‌ଟି ପ୍ରସ୍ତୁତ କରାଯାଇଥିଲା । ଇ.କୁକ୍,ଜି.ପେନୁସି, ଭି. ରାଘବନ୍,ଏସ୍ ତଲ୍‌ୱାର୍ ଏବଂ ସାଥୀ ପର୍ଯ୍ୟବେକ୍ଷକ ଆର. ବକ୍‌ଲି, ଏ ଫଙ୍କ୍, ଇ. ପାଣ୍ଟୋଜା,ଏସ୍ ସୋଲ୍‌ଫ୍ ସହାୟତା ପ୍ରଦାନ କରିଥିବାରୁ କୃତଜ୍ଞତା ଜଣାଉଛୁ । ଯେଉଁ ମାନଙ୍କ ପ୍ରୋତ୍ସାହନ ବିନା ଏ ରିପୋର୍ଟ ସମ୍ଭବ ହୋଇପାରି ନ ଥାନ୍ତା, ସେମାନେ ହେଲେ,ଡଃ ଟି.ହକ୍,ଡାଇରେକ୍‌ଟର, ସେଣ୍ଟର ଫର ସୋସିଆଲ୍ ଡେଭେଲପ୍‌ମେଣ୍ଟ୍ ଏବଂ ଭୂତପୂର୍ବ କମିଶନର ସିସିଏପି, ଭାରତ ସରକାରଙ୍କ ନେତୃତ୍ୱରେ ବୈଷୟିକ ପରାମର୍ଶଦାତା ଦଳ ଯେଉଁଥିରେ ଭି. ଅଗ୍ରୱାଲ୍,ପ୍ରିନିସିପାଲ୍ ସେକ୍ରେଟାରୀ ରେଭେନ୍ୟୁ ଏ. ପି ସରକାର (ଆଇନ୍ ଏବଂ ଆନୁଷ୍ଠାନିକ ଫ୍ରେମ୍ ୱାର୍କ); ଡଃ. ଏ. ବର୍ଦ୍ଧନ୍, ବିହାର ସରକାର ଏବଂ ଡଃ ଏନ୍.ସି. ସାକ୍‌ସେନା, ଭୂତପୂର୍ବ ସେକ୍ରେଟାରୀ, ଗ୍ରାମାଞ୍ଚଳ ବିକାଶ ଏବଂ ସଦସ୍ୟ, ଜାତୀୟ ପରାମର୍ଶଦାତା ପରିଷଦ (ଜଙ୍ଗଲ ଏବଂ ସାର୍ବଜନୀନ ଭୂମି), ଡଃ ଆଇ.ପି. ଗୌତମ୍, ଭୂତପୂର୍ବ ପ୍ରିନିସିପାଲ୍ ସେକ୍ରେଟାରୀ ଗୁଜୁରାଟ ସରକାର ସହରାଞ୍ଚଳ ଜମି); ଡଃ ମିନାକ୍ଷୀ ସୁନ୍ଦରମ୍, ଭୂତପୂର୍ବ ସଦସ୍ୟ ପି.ଏମ୍.ଓ (ସାର୍ବଜନୀନ ଜମି ପରିଚାଳନା ଏବଂ ଜମି ଅକ୍ତିଆର); ଆର. ଚାୱାଲାପ୍ରିନିସିପାଲ୍ ସେକ୍ରେଟାରୀ କର୍ଣ୍ଣାଟକ ସରକାର (ଜମି ସୂଚନା, ଜମି ମୂଲ୍ୟାଙ୍କନ ଏବଂ ଟିକସ); ଆର.ବି ଭରୁକା, ଜଷ୍ଟିସ୍ ସୁପମ୍‌କୋର୍ଟ୍ (ବିବାଦ ସମାଧାନ ଏବଂ ବିବାଦ ପରିଚାଳନା); ଏବଂ ଆର ସିହ୍ନାଭୂତପୂର୍ବ ସେକ୍ରେଟାରୀ ଡିଓଏଲ୍‌ଆର ଭାରତ ସରକାର (ଆନୁଷ୍ଠାନିକ ବାତାବରଣ) ଏବଂ ତାଙ୍କ ସହିତ ସେଣ୍ଟର ଫର ଗୁଡ୍ ଗଭରାନ୍‌ସ୍ ହାଇଦ୍ରାବାଦର ଷ୍ଟେଟ୍ ଟିମ୍, ତାଙ୍କ ସହିତ ଆନ୍ଧ୍ରପ୍ରଦେଶ ରାଜ୍ୟ କୋଡିନେଟର୍ ଆର. ଭଲେ ରାଓ, ଚନ୍ଦ୍ରଗୁପ୍ତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜ୍‌ମେଣ୍ଟ୍ ପାଟନା ଏବଂ ତାଙ୍କ ସହିତ ବିହାର ପାଇଁରାଜ୍ୟ କୋଡିନେଟର୍ ଏସ୍ ଦେବବ୍ରତ, ଜାତୀୟ ବିଶ୍ୱ ବିଦ୍ୟାଳୟ, ଆଇନ୍ ଅଧ୍ୟୟନ ଏବଂ ଗବେଷଣା, ରାଞ୍ଚି ଏବଂ ତାଙ୍କ ସହିତ ଝାଡଖଣ୍ଡ ପାଇଁ ରାଜ୍ୟ ସଂଯୋଜକଏନ୍ ଗୁରୁ, ଆଜିମ୍ ପ୍ରେମ୍‌ଜି ବିଶ୍ୱ ବିଶ୍ୱବିଦ୍ୟାଳୟ ବାଙ୍ଗାଲୁରୁ, ଏବଂ ତା ସହିତ କର୍ଣ୍ଣାଟକ ପାଇଁ ରାଜ୍ୟ ସଂଯୋଜକ ଏ. ନାରାୟଣ; କିଟ୍ ସ୍କୁଲ୍ ଅଫ୍ ରୁରାଲ୍ ମ୍ୟାନେଜ୍‌ମେଣ୍ଟ୍ ଭୁବନେଶ୍ୱର, ତା ସହିତ ଓଡିଶା ପାଇଁ ରାଜ୍ୟ କୋଡିନେଟର୍‌ପ୍ରଣବ ଚୌଧୁରୀ; ଏବଂ ରୁରାଲ୍ ଡେଭେଲପ୍‌ମେଣ୍ଟ୍ ଇନ୍‌ଷ୍ଟିଚ୍ୟୁଟ୍ (RDI) ଲଣ୍ଡେସା ଏବଂ ତା ସହିତ ପଶ୍ଚିମବଂଗ ପାଇଁ ରାଜ୍ୟ ସଂଯୋଜକପି. ହଲଧର ସାମିଲ ହୋଇଥିଲେ ।

# ପରିଚାଳନାଗତ ସାରାଂଶ

ଭାରତର ସହରାଭିମୁଖୀ ହେଉଛି ଏବଂ ଦିନକୁ ଦିନ କମ୍ ରୁ କମ୍ କୃଷି ଏବଂ ଅଧିକରୁ ଅଧିକ ଶିଳ୍ପ-ଆଧାରିତ ଅର୍ଥନୀତି ଆଡକୁ ଗତି ଯୋଗୁଁ ଭାରତରେ ଜମିର ଚାହିଦା ଦିନକୁ ଦିନ ବଢିଚାଲିବ । ଏହା ଆଶା କରାଯାଏ ଯେ, ୨୦୩୦ ସୁଦ୍ଧା ସହରାଞ୍ଚଳର ଲୋକସଂଖ୍ୟା ଆଉ ଅଧିକ ୨୦୦ ନିୟୁତ ହେବ, ଫଳରେ କେବଳ ଆବାସିକ ବ୍ୟବହାରରୁ୪ରୁ୮ ନିୟୁତ ହେକ୍ଟର ଜମି ଆବଶ୍ୟକ ହେବ । ସମ ପରିମାଣର ଜମି ଭିତ୍ତିଭୂମି ଏବଂ ଶିଳ୍ପ ପାଇଁ ମଧ୍ୟ ଆବଶ୍ୟକ ହେବ । ଏହି ଉଦ୍ଦେଶ୍ୟରେ ମୋଟ ଜମିର ପରିମାଣ ବର୍ତ୍ତମାନ ଚାଷପାଇଁ ବ୍ୟବହୃତ ଜମିର ୫ରୁ୧୦ ଶତକଡା ହେବ । ଯଦି ଏହି ଜମି ଚାହିଦା ଉପଯୁକ୍ତ ଭାବରେ ପରିଚାଳନା କରାନଯାଏ, ବହୁ ପରିମାଣର ଜମିର ବ୍ୟବହାରରେ ପରିବର୍ତ୍ତନ ହେତୁ ବ୍ୟବସ୍ଥାରେ ଅସ୍ଥିରତା ସୃଷ୍ଟି ହେବ, ଖାଦ୍ୟ ସୁରକ୍ଷାରେ ମଧ୍ୟ ଅନିଶ୍ଚିତତା ସୃଷ୍ଟି ହେବ, ଭଡା ସମସ୍ୟା ଏବଂ ତା ସଙ୍ଗେ ସଙ୍ଗେ ପରିବେଶ ସମସ୍ୟା ସୃଷ୍ଟି ହେବ, ଗୋଷ୍ଠୀଗତ ସ୍ଥାନାନ୍ତରଣ ଅସମାନତା ଏବଂ ବିବାଦ ମଧ୍ୟ ସୃଷ୍ଟି ହେବ । କିନ୍ତୁ ଏହା ବର୍ତ୍ତମାନର ଗଠନାତ୍ମକ ସମସ୍ୟାକୁ ସମାଧାନ କରିବାରେ ଏକ ସୁଯୋଗ ମଧ୍ୟ ପ୍ରଦାନ କରିବ,ଭାରତକୁ ମଧ୍ୟବିତ୍ତ ଆୟ ଦେଶ ମାନଙ୍କରେ ସ୍ଥାପନ କରିବ, ଦେଶର ପ୍ରଗତିରେ ଅଧିକରୁ ଅଧିକତର ବ୍ୟକ୍ତି ଅଂଶୀଦାର ହେବା ପାଇଁ ପୃଷ୍ଠ ଭୂମି ସ୍ଥାପନ କରିବା ସହିତଦାରିଦ୍ର୍ୟ ମଧ୍ୟ କମ୍ କରିବ ।

***ବହୁଦିନରୁ ଚାଲିଆସିଥିବା ପାତରଅନ୍ତର ମନୋଭାବ ଏବଂ ଅନେକ ଅବହେଳା ସୃଷ୍ଟି କରୁଛି:*** ଯଦିଓ ଭାରତ ଇତିହାସରେ ଜମିଜମା ନୀତି ବିଷୟରେ ବହୁଳ ଭାବରେ ତର୍କ/ଆଲୋଚନା ହେବାର ଦେଖା ଦେଇଛି, ନିର୍ଦ୍ଦିଷ୍ଟ ସମସ୍ୟାର ସମାଧାନ କରିବାରେ ଧ୍ୟାନ କେନ୍ଦ୍ରିଭୂତ ହୋଇଛି, ବେଳେବେଳେ ଅସ୍ଥାୟୀ ଭାବରେ, କରାଯାଇଛି, ଏକ ପ୍ରଣାଳୀଗତ ସମସ୍ୟା ଭାବରେ ନୁହେଁକିମ୍ବା ପାରଂପାରିକ ଅନୁଷ୍ଠାନ/ସଂସ୍ଥାର ସୀମା ଅତିକ୍ରମ କରି ସମସ୍ୟା ସମାଧାନ କଲାଭଳି ନୁହେଁ । ଏ ପ୍ରକାର ସମାଧାନ ପ୍ରଣାଳୀ ରେକର୍ଡ ରଖିବାର ଗୁଣାତ୍ମକମାନ ଏବଂ ଦ୍ୱନ୍ଦହୀନ ଭାବରେ ଜମି ଅଧିକାର ବ୍ୟାଖ୍ୟା କରିବାରେ ଅନୁଷ୍ଠାନର ଦକ୍ଷତା, ଆଦିବାସୀ, ମହିଳା ଏବଂ କ୍ଷୁଦ୍ରଚାଷୀ ମାନଙ୍କର ଅଧିକାର ସୁରକ୍ଷା କରିବାରେ ନିଜର ଗୁଣାତ୍ମକ ମାନ ହରାଇ ବସିଛି । ସବୁଠାରୁ ଉତ୍ପାଦନଶୀଳ ଭାବରେ ଜମିକୁ ବ୍ୟବହାର କରିବାପାଇଁ ଏହାର ବ୍ୟାବହାରିକ ପରିବର୍ତ୍ତନ ଯୋଗୁଁ ବଜାରର ଚାହିଦା ବଢିବା ଏବଂ ସେ ଅନୁସାରେ ମୂଲ୍ୟ ବୃଦ୍ଧି ହେବାରେ ମଧ୍ୟ ଅନୁଷ୍ଠାନଗତ ବିଫଳତା ଦେଖା ଦେଇଛି । ଏହା ପରିବର୍ତ୍ତେ, ଏକ ଜଟିଳ ପ୍ରକାର ନିୟମସମୂହ ସୃଷ୍ଟି ହୋଇଛି, ଯାହାକି ସଂପୁର୍ଣ୍ଣ ଭାବରେ ସବୁ ସମୟରେ ସମାନ ଅର୍ଥ ବ୍ୟାଖ୍ୟା କରିବାରେ ବିଫଳ ହୋଇଛି ଏବଂ ତେଣୁ କାର୍ଯ୍ୟକାରୀ କରିବାରେ କଷ୍ଟକର ହୋଇ ପଡୁଛି, ବିଶେଷ ଭାବରେ ଯେତେବେଳେ ଜମିଜମା ଅତୀତ/ପୁରୁଣା ଗତ ଦସ୍ତାବିଜ ଦୁର୍ବଳ ଅଛି କିମ୍ବା ଆଉ ବ୍ୟବହାରରେ ନାହିଁ । ତେଣୁ ଯେ ଘରୋଇ ଉଦ୍ୟୋଗ ଗୁଡିକ ନିଜ ଆବଶ୍ୟକତା ଅନୁସାରେ ଜମି ପ୍ରାପ୍ତ କରିବାରେ ଅନେକ ସମସ୍ୟାର ସମ୍ମୁଖୀନ ହେବାଆଶ୍ଚର୍ଯ୍ୟଜନକ ନୁହେଁ ।

***ଜମିଜମା ପ୍ରଶାସନର ବିକାଶ ଫଳ ଉନ୍ନତିରୁ ପ୍ରାପ୍ତ ବହୁତ ଅଧିକା ଏବଂ ଏଥିରେ ଅଧିକାଂଶ ଭାଗୀଦାରୀ:*** ଏଥିରେ ସଂପୃକ୍ତ ଥିବା ଅନେକ ସଂସ୍ଥା/ବ୍ୟକ୍ତି ଏହା ଅନୁଭବ କରନ୍ତି ଯେ ଜମିଜମା ନୀତି ଏକ ଫଳଶୂନ୍ୟ ଖେଳ ଏହାର ଅର୍ଥ ଯେ କୌଣସି ଦଳକୁ ହେଉଥିବା ଲାଭ ଅନ୍ୟଏକ ଦଳକୁ ହେଉଥିବା କ୍ଷତି ସହିତ ସମାନ । ଯଦିଓ କେତେକ କ୍ଷେତ୍ରରେ ଏହା ସତ, ଅନେକ କ୍ଷେତ୍ରରେ ଏହା ଲାଗୁ ନୁହେଁ । ଦ୍ୱନ୍ଦହୀନ ଏବଂ ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ସ୍ୱୀକୃତି ପ୍ରାପ୍ତ ଜମି ଅଧିକାରଗତ ନିବେଶରେ ବୃଦ୍ଧି ଆଣିଥାଏ, ଜମିର ବ୍ୟବହାର ଦୀର୍ଘକାଳୀନ ହୋଇଥାଏ । ମହିଳା ଏବଂ ଆଦିବାସୀମାନେ ଉପକୃତ ହୋଇ ପାରିବେ କିମ୍ବା ପୁର୍ବରୁ ଜମି ଅଧିକାର ନଥିବା ଅଣଔପଚାରିକ ଜମି ବ୍ୟବହାରକାରୀ ମଧ୍ୟ ଲାଭ ପ୍ରାପ୍ତ କରିପାରିବେ ଏବଂ ବିବାଦ ମଧ୍ୟ କମ୍ ହେବ । ଜମି ମାଲିକଙ୍କ ଆବଶ୍ୟକତା ପୁରଣ କରିବା ସଙ୍ଗେ ସଙ୍ଗେ ଏହା ବଜାର-ଆଧାରିତ ଜମି ସ୍ଥାନାନ୍ତରଣ କିଣାବିକା ଖର୍ଚ୍ଚ କମ୍ କରିବ ଏବଂ ଜମି ପୁର୍ନବଣ୍ଟନ ଏଭଳି ଭାବରେ ହେବ ଯେପରିକି ଗ୍ରାମାଞ୍ଚଳରେ ଉପଯୁକ୍ତ ଭାବରେ କର୍ମନିଯୁକ୍ତି ପ୍ରାପ୍ତ କରି ନଥିବା ବ୍ୟକ୍ତିଙ୍କ ସଂଖ୍ୟା କମ୍ ହୋଇଯିବ ଏବଂ ଗଠନାତ୍ମକ ରୂପାନ୍ତରଣ ମଧ୍ୟ କମ୍ ହୋଇଯିବ । ଜମି ସ୍ଥାନାନ୍ତରଣ ଏବଂ ବ୍ୟବହାର ଆଇନଗତ ଭାବରେ ନିୟନ୍ତ୍ରଣ କରାଯାଇ ପରିବ, , ଯଦି ସମସ୍ତ ଜମିଜମା ଦସ୍ତାବିଜ ସଠିକ୍ ଭାବରେ ଥିବ ତେବେ ବିବାଦର ସମ୍ଭାବନା ମଧ୍ୟ କମ୍ ହେବ । ସର୍ବସାଧାରଣ ଜମିର ଉତ୍ତମ ସୁରକ୍ଷା ଏବଂ ପରିଚାଳନା- ଯଦି ଉପଯୁକ୍ତ ହୋଇଥାଏ, କିମ୍ବା ଜମି ସ୍ଥାନାନ୍ତରଣ କରିବାରେ ଖୋଲାପଣତା- ଏହି ଉଭୟ ପ୍ରୟାସରୁ କେତେକ ନିର୍ଦ୍ଦିଷ୍ଟ ଦଳ ଲାଭ ପ୍ରାପ୍ତ କରିବା ପରିବର୍ତ୍ତେ ସର୍ବ ସାଧାରଣ ହିଁ ଲାଭ ପ୍ରାପ୍ତ କରି ପାରିବେ । ଜମି ପ୍ରଶାସନ ସମସ୍ୟା ସମାଧାନର ବିଭିନ୍ନ ବିକଳ୍ପ ପାଇଁ ନୂଆ ପ୍ରଯୁକ୍ତିବିଦ୍ୟା ଏକ ସୁଯୋଗ ପ୍ରଦାନ କରିବ ।

***ଏହି ସଂଶ୍ଳେଷଣ ରିପୋର୍ଟ ଛଅଟି ରାଜ୍ୟ ଦ୍ୱାରା କରାଯାଇଥିବା ଜମି ପ୍ରଶାସନ ଜନିତ ସ୍ୱ-ମୂଲ୍ୟାଙ୍କନରୁ ପ୍ରସ୍ତୁତ କରାଯାଇଛି :*** ଯେହେତୁ ଜମିଜମା ହେଉଛି ରାଜ୍ୟ ବିଷୟ, ଏହାର ପ୍ରଶାସନରେ ପ୍ରଗତି ଆଣିବା ପାଇଁ ରାଜ୍ୟ ସ୍ତରରେ ହିଁ ପ୍ରଚେଷ୍ଟା ଆରମ୍ଭ କରାଯିବା ଦରକାର । ସୁଯୋଗ ଚିହ୍ନଟ କରିବା ପାଇଁ, ଛଅଟି ରାଜ୍ୟ ଲ୍ୟାଣ୍ଡ୍ ଗଭର୍ଣ୍ଣାସ୍ ଆସେସ୍‌ମେଣ୍ଟ୍ ଫ୍ରେମ୍‌ୱାର୍କ (LGAF) କାର୍ଯ୍ୟକାରୀ କରିଛନ୍ତି । ଏହା ହେଉଛି ଏକ ପ୍ରଣାଳୀ ଯେଉଁଥିରେ ପାରସ୍ପରିକ ସହଯୋଗକୁ ଆଖିଆଗରେ ରଖି କେତେଗୁଡିଏ ପରିମାପ ମାନଦଣ୍ଡ ଅନୁସାରେ ରାଜ୍ୟ ଗୁଡିକର ଜମିଜମା ପରିଚାଳନା ନୀତିକୁ ଆନ୍ତର୍ଜାତୀକ ଉତ୍ତମ ପ୍ରଚଳନ ସହିତ ତୁଳନା କରିବ ।ଏହାର ଫଳାଫଳ ରାଜ୍ୟ ରିପୋର୍ଟରେ ସାଂରାଶିତ କରାଯାଇଛି, ଯାହାକି ସାର୍ବଜନୀନ ଭାବରେ ବୈଧ ଘୋଷଣା କରାଯାଇଛି ଏବଂ ପ୍ରତି ରାଜ୍ୟର ନୀତି ପ୍ରସ୍ତୁତକର୍ତ୍ତାଙ୍କ ସହିତ ଆଲୋଚନା କରାଯାଇଛି । ଏହି ଜାତୀୟ ରିପୋର୍ଟ ଗୁଡିକ ଏ ଗୁଡିକର ପରିପୁରକ ଅଟେ ଏବଂ ସାଧାରଣ ଅଞ୍ଚଳ ନିର୍ଣ୍ଣୟ କରୁଛି ।

***ବିଭିନ୍ନ ରାଜ୍ୟରେ ଲଗାତାର ଭାବରେ ଅନେକ ସମସ୍ୟା ସୃଷ୍ଟି ହୋଇଥିଲା :*** ଉପଯୁକ୍ତ କର୍ତ୍ତୃପକ୍ଷଯୁକ୍ତ ହୋଇଥିବା ଜମି ଦସ୍ତାବିଜତାଜା ବର୍ଣ୍ଣନାଗତ ସୂଚନା, ସ୍ଥାନିକଚିହ୍ନଟ ପୂର୍ବକ ସୀମା ନିର୍ଦ୍ଧାରଣ - ହୁଏତ ଆଦୌ ନାହିଁ କିମ୍ବା ଅସଂପୂର୍ଣ୍ଣ ଭାବରେ ଦସ୍ତାବିଜ କରାହୋଇଛି ।

ସହରାଞ୍ଚଳଗୁଡିକରେ ଆନୁଷ୍ଠାନିକ ଦାୟିତ୍ୱ ନିର୍ଦ୍ଦିଷ୍ଟ ଭାବରେ ବଣ୍ଟନ ହୋଇ ନଥିବାରୁ ଯୋଜନା କରିବାରେ, ସେବା ଯୋଗାଣ ଥିବା ଜମିର ଉପଲବ୍ଧତାରେ ପ୍ରତିବନ୍ଧକ ସୃଷ୍ଟି ହେଉଛି ଏବଂ ମହାସୁଲ୍‌ସଂଗ୍ରହ କରିବା କଷ୍ଟକର ହେଉଛି ଜମିର ବିକାଶ ଏବଂ ଆର୍ଥିକ ବଜାର ବିକାଶରେ ମଧ୍ୟ ପ୍ରତିବନ୍ଧକ ସୃଷ୍ଟି ହେଉଛି ।ଫଳରେ ସର୍ବସାଧାରଣଙ୍କ ଜମି ଅକ୍ତିଆର କରିବାରେ ମଧ୍ୟ ସୁଯୋଗ ମିଳୁଛି । ସମସ୍ୟା ସୃଷ୍ଟି ହେଉଥିବାରୁ ନିବେଶ ମଧ୍ୟ କମ୍ ହୋଇଯାଉଛି ଏବଂ ଏହି ଜମିଜମାଗତ ସମସ୍ୟା ସମାଧାନ କରିବାରେ ବହୁତ ଦିନ ଲାଗିଯାଉଛି । ଷ୍ଟାଂପ୍ ଡ୍ୟୁଟି ଅତ୍ୟଧିକ ହୋଇଥିବାରୁ ଜମିର ମୂଲ୍ୟ ନିର୍ଦ୍ଧାରଣରେ ଜାଲିଆତି କରାଯାଉଛି ଏବଂ ଜମି କିଣାବିକା ଅଣ ଔପଚାରିକ ଭାବରେ କରାଯାଉଛି ଏବଂ ଏହାର ଉପଯୁକ୍ତ ମୂଲ୍ୟ ନିର୍ଦ୍ଧାରଣକୁ ପ୍ରାଧାନ୍ୟ ଦିଆଯାଉନାହିଁ ।ସର୍ବ ସାଧାରଣ ଜମି, ଉପଯୁକ୍ତ ରେକର୍ଡର ଅଭାବ ଏବଂ ଏହାର ପରିଚାଳନା ଦାୟିତ୍ୱରେ ତୃଟି ହେତୁ ଜମି ଅକ୍ତିଆର କରିନେବାର ସୁଯୋଗ ମିଳୁଛି ଫଳରେ ଏହି ସର୍ବସାଧାରଣ ସଂପତ୍ତିରୁ ସାମୁହିକ ଲାଭ ପ୍ରାପ୍ତହୋଇପାରୁନାହିଁ । ଏହା ଫଳରେ ନିବେଶକମାନେ ପ୍ରତିଯୋଗିତାପୂର୍ଣ୍ଣ ମୂଲ୍ୟ ନ ଦେଇ ଜମି ଅକ୍ତିଆର କରିବା ସୁଯୋଗ ପାଉଛନ୍ତି ଏବଂ କିଣାବିକା ଚୁକ୍ତି ଘୋଷଣା କରିବା କିମ୍ବା ପର୍ଯ୍ୟବେକ୍ଷଣ କରିବା ସମ୍ଭବ ହୋଇପାରୁନାହିଁ । ଶେଷରେ, ଜମି ରେକର୍ଡ ଉପଯୁକ୍ତ ଭାବରେ ନ ଥିବାରୁ ଜମି ମାଲିକଙ୍କ ସହ ଘରୋଇ ନିବେଶକମାନେ ସିଧାସଳଖ କଥାବାର୍ତ୍ତା ନ କରି ଜମି ଅକ୍ତିଆର କରୁଛନ୍ତି ଏବଂ ବିବାଦହୀନ ଟାଇଟିଲ୍ ପ୍ରାପ୍ତ କରିବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ।

***ଏହି ସମସ୍ୟାଗୁଡିକର ସମାଧାନ କରିବା ରାଜ୍ୟଗୁଡିକର ମୁଖ୍ୟ ଦାୟିତ୍ୱ ଏବଂ ସେମାନଙ୍କର ଆଇନଗତ ଅଧିକାର ରହିଛି :*** ଅନେକ କ୍ଷେତ୍ରରେ ପଦକ୍ଷେପ ନେବା ପାଇଁ ରାଜ୍ୟ ରିପୋର୍ଟରେ ସୁପାରିଶ କରାଯାଇଛି :

- ଜମି କିଣାବିକା ଉପରେ ଆଧାରିତ କରି ରେକର୍ଡ ଅଧୁନାତନ କରିବା ଏବଂ ସେ ଅନୁସାରେ ଗ୍ରାମାଞ୍ଚଳ ଜମିର ଟାଇଟିଲ୍ ବିବାଦବିହୀନ କରିବା ପାଇଁ ପଦ କ୍ଷେପ ନେବା । (i) କର୍ଣ୍ଣାଟକରେ ରେଜିଷ୍ଟ୍ରେସନ ଏବଂ ଜମି ଦସ୍ତାବିଜପ୍ରଣାଳୀ ପରସ୍ପର ଚେକ୍ କରିବା ଏବଂ ମ୍ୟୁଟେସନ ପୂର୍ବ ରେଖାଚିତ୍ର ଉଦାହରଣ ସ୍ୱରୂପ ବ୍ୟବହାର କରି ଏକ ମ୍ୟାପ୍ ପ୍ରସ୍ତୁତ ମାଧ୍ୟମରେ ରେଜିଷ୍ଟ୍ରେସନ୍ ପ୍ରକ୍ରିୟା କାର୍ଯ୍ୟକାରୀ କରିବା । (ii) ଜମି ମାଲିକାନା ପରିବର୍ତ୍ତନ କ୍ଷେତ୍ରରେ ସେ ସଂପର୍କିତ ଦସ୍ତାବିଜର (ମ୍ୟୁଟେସନ୍) ସ୍ୱ-ଚାଳିତ ଭାବରେ ଅଦ୍ୟତନ ନିଶ୍ଚିତ କରିବା । (iii) ସରକାରୀ ଏବଂ ଘରୋଇ ସଂସ୍ଥା ଦ୍ୱାରା କରାଯାଇଥିବା ସମସ୍ତ ଜମିଜମା ସଂପର୍କିତ ଆଇନଗତ ଦାବୀ ଏବଂ ଚାର୍ଜ ରେକର୍ଡ କରିବା ଏବଂ (iv)ଷ୍ଟାଂପ୍ ଡ୍ୟୁଟି କମ୍ କରିବା, ଏଭଳି ଭାବରେ କମ୍ କରିବା ଉଚିତ ଯେପରିକି ଜମିର ମୂଲ୍ୟ କମ୍ ଦେଖାଇ)ଷ୍ଟାଂପ୍‌ଡ୍ୟୁଟି କମ୍ ଦେବାର ମନୋବୃତ୍ତି ମଧ୍ୟ କମ୍ ହୋଇଯିବ ଏବଂ ଉପଯୁକ୍ତ ପରିମାଣରେ )ଷ୍ଟାଂପ୍ ଡ୍ୟୁଟି ପ୍ରାପ୍ତ ହୋଇପାରିବ ।

- ଘରୋଇ ଉଦ୍ୟୋଗ ସହାୟତାରେ ଏକ ଅଳ୍ପ ଖର୍ଚ୍ଚ ବିଶିଷ୍ଟ ପ୍ରତିଛବି -ଆଧାରିତ ସଂଗଠିତ ଏବଂ ପରସ୍ପର ସହଯୋଗକାରୀ ପ୍ରଣାଳୀ ବ୍ୟବହାର କରି ଏକ ଏକିକୃତ ସହରାଞ୍ଚଳ କାଡାଷ୍ଟ୍ରେ ସ୍ଥାପନ କରିବା ଉଚିତ, ଯାହାକି କାର୍ଯ୍ୟକାରୀ କରାଯାଇ ପାରିବ ତଥାଚାହିଦା ଏବଂ ଜମି ମୂଲ୍ୟ ଦେବାର କ୍ଷମତା ଅନୁସାରେ ହିଁ ଜମିର ମୂଲ୍ୟ ନିର୍ଦ୍ଧାରଣ କରାଯାଇ ପାରିବ । ଏହି ପ୍ରକାର ମୂଲ୍ୟ ନିର୍ଦ୍ଧାରଣ ଜମିଜମା କ୍ଷେତ୍ର ବ୍ୟତୀତ ଅନ୍ୟ କ୍ଷେତ୍ରରେ ମଧ୍ୟ ବ୍ୟବହାର କରାଯାଇ ପାରିବ, ଯେପରିକି (i) ସହରାଞ୍ଚଳ ଜମି ବ୍ୟବହାର ଏବଂ ବିସ୍ତାରଣ (ii) ସାର୍ବଜନୀନ ନିବେଶ ପ୍ରୋତ୍ସାହନ କରିବା ପାଇଁ ଜମିକର, ଯାହାକି ଏହାର ମୂଲ୍ୟ ବୃଦ୍ଧି କରିବ । (iii) ସର୍ବ ସାଧାରଣ ଜମିର ଚିହ୍ନଟ ଏବଂ ପରିଚାଳନା ଏବଂ ଅନଧିକାର ଅକ୍ତିଆର ହେବାକୁ ନ ଦେବା; ଏବଂ (iv) ଘରୋଇ ଉଦେ୍ୟାଗଗୁଡିକୁ ସିଦ୍ଧାନ୍ତ ନେବାରେ ସହଯୋଗ କରିବା ପାଇଁ ଜମି ଏବଂ ରିଅଲ୍ ଇଷ୍ଟେଟ୍ ମୂଲ୍ୟର ବିଭିନ୍ନ ପରିମାପ ନିୟମିତ ଏବଂ ବିଶ୍ୱାସ ଯୋଗ୍ୟ ରିପୋଟିଙ୍ଗ୍ ହେବା ଉଚିତ ।

- ଆଧୁନିକ ଆଇଟି (IT) ସେକ୍ଟର୍ ସହାୟତାରେ ବ୍ୟାଖ୍ୟା କରାଯାଇ ପାରୁଥିବା ଭଳି ଏକ ସାମୁହିକ ଜମିଜମା ତଥ୍ୟ ପ୍ରସ୍ତୁତ କରାଯିବା ଉଚିତ, ଯାହାକି ସମସ୍ତ ଜମିଜମା ସଂସ୍ଥାମାନଙ୍କୁ ଅଂଶୀଦାର କରାଯାଇ ପାରିବ ଏବଂ ମୁଖ୍ୟ ଜମିଜମା ସମ୍ବନ୍ଧିତ ପରିମାପ, ଆଭ୍ୟନ୍ତରୀଣ ପରିଚାଳନା ପ୍ରଣାଳୀ ଉପରେ ନିୟମିତ ରିପୋର୍ଟିଙ୍ଗ୍ ପାଇଁ ମୂଳଭିତ୍ତି ପ୍ରଦାନ କରି ପାରିବ ତଥା ଜମି ପ୍ରଶାସନରେ ଉନ୍ନତି ଆଣିବା ପାଇଁ ଅଧିକ କାର୍ଯ୍ୟଦକ୍ଷତା-ଆଧାରିତ ପ୍ରଣାଳୀ ଆଡକୁ କ୍ରମଶଃ ଗତି କରିବ ।

- ଅନ୍ୟ ତଥ୍ୟ ସହିତ, ବର୍ତ୍ତମାନର ରେକର୍ଡ ବ୍ୟବହାର କରି ଗ୍ରାମାଞ୍ଚଳର ପରିସର ଚିହ୍ନଟ କରିବା ଉଚିତ ଯେଉଁଠାରେ ଜମି ମୂଲ୍ୟ ଏବଂ ଏହାର କିଣାବିକା ସ୍ତର ସଂପୂର୍ଣ୍ଣ ପୁନଃପର୍ଯ୍ୟବେକ୍ଷଣ ଆବଶ୍ୟକ କରେ । ପରସ୍ପର ସହଯୋଗକାରୀ ପଦ୍ଧତିଅଭିକଳ୍ପ କରିବା ଉଚିତ, ଯେପରିକି ସଂଗଠିତ ଭାବରେ ପ୍ରତିଛବି -ଆଧାରିତ ସର୍ଭେ କରାଯାଇ ପାରିବ ଏବଂ ଉପଯୁକ୍ତ ଆଇନଗତ ନିଷ୍ପତ୍ତି ନିଆଯାଇ ପାରିବ । ଏହା କାର୍ଯ୍ୟକାରୀ କରିବାପାଇଁ ଉପଯୁକ୍ତ ବ୍ୟବସାୟିକ ନମୁନା (ବିଜ୍‌ନେସ୍ ମଡେଲ୍) ପ୍ରସ୍ତୁତ କରିବା ଉଚିତ, ଯେପରିକି ଘରୋଇ ଉଦ୍ୟୋଗ କରିଥିବା ଖର୍ଚ୍ଚ ସଂପୂର୍ଣ୍ଣ ଭାବରେ କିମ୍ବା ଆଂଶିକ ଭାବରେ ପୁନଃ ପ୍ରାପ୍ତି କରିପାରିବେ ଏବଂ ସେମାନଙ୍କର ବ୍ୟବସାୟିକ ପରିସର ବିସ୍ତାର କରିବା ପୂର୍ବରୁ ଭଲ ଭାବରେ ତାର ସଂପୂର୍ଣ୍ଣ ପ୍ରଭାବ ବିଷୟରେ ଜାଣିପାରିବେ ।

- ସର୍ବସାଧାରଣ ଜମିର ନିର୍ଦ୍ଦିଷ୍ଟ ସ୍ଥାନ ଏବଂ ଦିଗ ନିର୍ଦ୍ଧାରଣ ସଠିକ୍ ଭାବରେ ପ୍ରସ୍ତୁତ କରି ତାକୁ ପ୍ରକାଶିତ କରିବା ଆବଶ୍ୟକ ଯାଦ୍ୱାରା ସର୍ବସାଧାରଣ ଜମି କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତି ଦ୍ୱାରା ଅକ୍ତିଆର ନ ହୋଇ ପାରିବା ପାଇଁ କ୍ରମଶଃ ଏକ ନୀତି ମଧ୍ୟ ପ୍ରସ୍ତୁତ କରାଯାଇ ପାରିବ । କେତେବେଳେ ଏବଂ କେଉଁସବୁ ଉଦ୍ଦେଶ୍ୟ ପାଇଁ ସର୍ବସାଧାରଣ ଜମି ବ୍ୟକ୍ତିଗତ ଏବଂ ଘରୋଇ ଉଦ୍ଦେଶ୍ୟରେ ମାଲିକାନା ବଦଳ କରାଯାଇପାରିବ ତା ଉପରେ ସିଦ୍ଧାନ୍ତ ନେବା ପାଇଁ ଏକ ମାନଦଣ୍ଡ ପ୍ରସ୍ତୁତ କରାଯିବା ଉଚିତ୍ । ଏଭଳି ମାଲିକାନା ବଦଳ ପାଇଁ ଏକ ପ୍ରତିଯୋଗିତାପୂର୍ଣ୍ଣ ଏବଂ ଖୋଲାପଣତା ଆଧାରିତ ପ୍ରଣାଳୀ ଉପରେ ନିର୍ଭର କରିବା ଆବଶ୍ୟକ । ଯେପରକି ଏହା ନିଶ୍ଚିତ କରାଯାଇ ପାରିବ ଯେ ଜମି ବ୍ୟବହାରକାରୀ ଏବଂ ସର୍ବସାଧାରଣ ଏହାର ଲାଭ ପ୍ରାପ୍ତ କରି ପାରିବେ । ଏଭଳି ଏକ ମାଧ୍ୟମ ପ୍ରସ୍ତୁତ କରିବା ଉଚିତ ଯାହାକି ଆବଶ୍ୟକ ଅନୁସାରେ ଚୁକ୍ତିଗତ ଦାୟୀତ୍ୱ ପର୍ଯ୍ୟବେକ୍ଷଣ ହୋଇପାରିବ ଏବଂ ସେଗୁଡିକର ଅନୁପାଳନ ବାଧ୍ୟତାମୂଳକ ଭାବରେ କାର୍ଯ୍ୟକାରୀ କରିପାରିବ ।

- ଆଜି ପର୍ଯ୍ୟନ୍ତ ସର୍ଭେ କରାଯାଇ ନଥିବା ବ୍ୟକ୍ତିଗତ ଏବଂ ଗୋଷ୍ଠୀଗତ ଜମି ଉପଯୁକ୍ତ ମାପକ ସହାୟତାରେ ଚିହ୍ନଟ, ଦସ୍ତାବିଜ ଏବଂ ମ୍ୟାପ୍ କରାଯିବା ଉଚିତ ତଥା ଜଙ୍ଗଲ ଏବଂ ରାଜସ୍ୱ ବିଭାଗ ମଧ୍ୟରେ ଦାୟୀତ୍ୱ ବଣ୍ଟନକୁ ନେଇ କୌଣସି ଦ୍ୱନ୍ଦ ଥିଲେ ତାର ସମାଧାନ ମଧ୍ୟ କରାଯିବା ଆବଶ୍ୟକ । ଏହା ସହିତ, ସତର୍କତା-ବୃଦ୍ଧି ପାଇଁ ପ୍ରଚାର ଏବଂ ଗୋଷ୍ଠିଗତ ଜମି ସମ୍ବନ୍ଧୀୟ ଦାବୀର ଚିହ୍ନଟ ଏଭଳି ଭାବରେ ସଂପର୍କିତ କରିବା ଆବଶ୍ୟକ, ଯେପରିକି ଜଙ୍ଗଲ ଅଧିକାର ଅଧିନିୟମ (FRA) ଭଳି ବର୍ତ୍ତମାନ ପ୍ରସ୍ତୁତ କରାଯାଇଥିବା ଆଇନ୍‌ର ସମ୍ବୃତ ପ୍ରୟୋଗ ମଧ୍ୟ ହୋଇପାରିବ ।

- ଜମିର ବ୍ୟାବହାରିକ ସମୟ ଅବଧି ଏବଂ ପରିଚାଳନା ପାଇଁ ଆନୁଷ୍ଠାନିକ ଫ୍ରେମ୍‌ୱାର୍କ ଆତଜଷ୍ଟ କରାଯିବା ଆବଶ୍ୟକ ଯେପରିକି ଜମିଜମା ସମ୍ବନ୍ଧୀୟ ସୂଚନା ବିସ୍ତାରିତ ଏବଂ ଉଚ୍ଚମାନର ହୋଇପାରିବ ଏବଂ ଆବଶ୍ୟକ କରୁଥିବା ବ୍ୟକ୍ତି/ଦଳକୁ ଅଳ୍ପ ଖର୍ଚ୍ଚରେ ଉପଲବ୍ଧ ହୋଇ ପାରୁଥିବ ।ଆର୍ଥିକ ଦୃଷ୍ଟିକୋଣରୁ ସମ୍ଭବ ହେଉଥିବା ଏକ ସଂସ୍ଥା ଚୟନ କରାଯିବା ଉଚିତ ଯେକି ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ ଜମି ଅଧିକାର କାର୍ଯ୍ୟରେ ହିଁ ନିୟୋଜିତ ହେବ ଏବଂ ଗୋପନୀୟ - ହୋଇ ନଥିବା ଜମି ସମ୍ବନ୍ଧୀୟ ତଥ୍ୟ ଉପଲବ୍ଧ କରାଇବ । ଏ କ୍ଷେତ୍ରରେ ସର୍ଭେ କରୁଥିବା ଏବଂ ଜମିର ମୂଲ୍ୟାଙ୍କନ କରୁଥିବା ପେଶାଦାର ବ୍ୟକ୍ତି/ସଂସ୍ଥା ଗୁଡିକର ବୃତ୍ତିଗତ ପ୍ରବେଶରେ ଥିବା ପ୍ରତିବନ୍ଧକ ହଟାଯିବା ଉଚିତ। ଆବଶ୍ୟକ

ସ୍ଥାନୀୟ ସରକାରୀ ସଂସ୍ଥା ୭୩ତମ ଏବଂ ୭୪ ତମ ସଂଶୋଧନ ଏବଂ ପଞ୍ଚାୟତ (ଏକ୍ସଟେନ୍‌ସନ ଟୁ ସିଡୁଲ୍ ଏରିଆ) ଆକ୍ଟ୍ (PESA) ଅନୁସାରେ କେତେକ ନିର୍ଦ୍ଦିଷ୍ଟ ପ୍ରକାରର ଜମି ପରିଚାଳନା କରିବା ଉଚିତ ।

- ଟିନାନ୍‌ସି (ଭଡାରେ ଜମି ବ୍ୟବହାର କରିବା) ପ୍ରଣାଳୀ ସ୍ୱୀକାର କରି ଏବଂ ଲିଜ୍ ମାର୍କେଟ୍ କାର୍ଯ୍ୟକାରିତାରେ ଉନ୍ନତି ଆଣିବାପାଇଁ ଉପଯୁକ୍ତ ପଦକ୍ଷେପ ନେଇ ଗରୀବ ଲୋକ ମାନଙ୍କର ଜମିପ୍ରାପ୍ତ କରିବା/ବ୍ୟବହାର କରିବା କ୍ଷମତାରେ ବୃଦ୍ଧି କରିବା ଉଚିତ । (i) ଏକ ନିର୍ଦ୍ଦିଷ୍ଟ ପ୍ରକାର ଜମିର ମାଲିକାନା ବଦଳ ଉପରେ ନିୟନ୍ତ୍ରଣ; (ii) ସ୍ୱୀକୃତି ପ୍ରାପ୍ତ ହୋଇ ନଥିବା ପେଶାକୁ ସ୍ୱୀକୃତି ପ୍ରଦାନ କରିବା; ଏବଂ (iii) ପ୍ରଥମରେ ଜମି ବଣ୍ଟନ କରାଯାଇଥିବା ବ୍ୟକ୍ତିଙ୍କ ଦ୍ୱାରା ଜମି ଅକ୍ତିଆର ପୁନଃସ୍ଥାପନ କରିବା ।
- ହିନ୍ଦୁ ଉତ୍ତରାଧିକାରୀ ଅଧିନିୟମ ସଂଶୋଧନ (HSAA) ବିଷୟରେ ସୂଚନା ପ୍ରଚାର କରି, ଆସାଇନ କିମ୍ବା ବଣ୍ଟନ ହୋଇଥିବା ଜମି ମହିଳା ମାନଙ୍କନାମରେ ପଞ୍ଜିକୃତ କରି ମହିଳା ମାନଙ୍କର ଜମି ମାଲିକାନା ବୃଦ୍ଧି କରିବାର ବିକଳ୍ପ ଅନୁସରଣ କରିବା ଉଚିତ ଏବଂ ଜମି ଦସ୍ତାବିଜ ମହିଳା ମାନଙ୍କ ନାମରେ କରୁଥିବା ଘରୋଇ/ବ୍ୟକ୍ତି ବିଶେଷଙ୍କୁ ପ୍ରୋତ୍ସାହନ ଦେବାର ବିକଳ୍ପ ମଧ୍ୟ ବାହାର କରିବା ଉଚିତ । ଏହି ପ୍ରକ୍ରିୟାକୁ ଲଗାତାର ପର୍ଯ୍ୟବେକ୍ଷଣ ଏବଂ ପ୍ରଭାବ ମୂଲ୍ୟାଙ୍କନ ସହିତ ଯୋଡିବା ଆବଶ୍ୟକ ଯେପରିକି ମହିଳା ମାନଙ୍କର ଜମି ମାଲିକାନା ବୃଦ୍ଧି କରିବା ଏବଂ ସମ୍ଭାବିତ ପ୍ରତିକୂଳ ପ୍ରଭାବ ଜାଣିବା ପାଇଁ ଏକ ଫଳପ୍ରଦ ଉପାୟ ପ୍ରସ୍ତୁତ କରାଯାଇ ପାରିବ ତଥା ବିଭିନ୍ନ ରାଜ୍ୟରେ ଲଗାତାର ଭାବରେ କର୍ଯ୍ୟକାରୀ କରାଯାଇ ପାରିବ ।
- କୋର୍ଟରେ ବିଚାରାଧୀନ ଥିବା ଜମିଜମା ବିବାଦ ପାଇଁ ଆଇଟି (IT) ଆଧାରିତ କେସ୍ ପରିଚାଳନା ପ୍ରଣାଳୀ କାର୍ଯ୍ୟକାରୀ କରାଯିବା ଆବଶ୍ୟକ ଏବଂ ଜମିଜମା ବିବାଦ କ୍ଷେତ୍ରରେ ନିର୍ଭୁଲ୍ ଭାବରେ ଟାଇପ କରିବା ଉଚିତ, କେସ୍ ଲୋଡ ତଦାରଖ କରାଯାଇ ପାରିବ, ପ୍ରସ୍ତୁତ ହୋଇଥିବା ନୀତିରେ କୌଣସି ତ୍ରୁଟିଥିଲେ ତାହା ଚିହ୍ନଟ କରାଯାଇ ପରିବ, ଯଦି ସମାଧାନ କରାଯାଏ, କମ୍ ସମୟ ଭିତରେ ଜମିବିବାଦ କମ୍ ହୋଇ ପାରିବ । ପ୍ରତ୍ୟେକ ଜମିଜମା କେସ୍ ଗୁଡିକରେ ସମୟ ସୀମା ନିର୍ଦ୍ଧାରଣ କରାଯିବା ଆବଶ୍ୟକ ଏବଂ କୋର୍ଟକୁ ବିବାଦ ସମାଧାନରେ ସହାୟତା କରିବା ପାଇଁ ଉପଦେଶ, ଆଲୋଚନା ଏବଂ ଉଭୟ ସମ୍ମତି ସହିତ ନ୍ୟାୟ ସଙ୍ଗତ ନିଷ୍ପତ୍ତି ଦେଉଥିବା ସଂସ୍ଥା ମଧ୍ୟ ସୃଷ୍ଟି କରାଯିବା ଉଚିତ ।

***ପ୍ରଚଳିତ କାର୍ଯ୍ୟ ଅଭ୍ୟାସରେ ଉନ୍ନତି ଆଣିବା ପାଇଁ ରାଜ୍ୟ ଗୁଡିକ ପାଖରେ ଅନେକ ଅନୁଭବ ରହିଛି:*** ଯଦିଓ ଏହା ଅତ୍ୟଧିକ ଆଶାବାଦୀ ଭଳି ଜଣା ପଡୁଛି, ଏହି ଆଶା କାର୍ଯ୍ୟକାରୀ କରିବା ପାଇଁ ଅନେକ ରାଜ୍ୟ ପ୍ରଚେଷ୍ଟା କରୁଛନ୍ତି ଏବଂ ଯଦି ଏହାକୁ ପୁନଃଅବଲୋକନ କରାଯାଏ ଏବଂ ସଂଗଠିତ ଭାବରେ ଅଂଶୀଦାର କରାଯାଏ, ବହୁଳ ଭାବରେ କର୍ଯ୍ୟକାରୀ କରିବା ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ପଥ ପ୍ରଦର୍ଶନ କରିପାରିବ । କେତେଗୁଡିଏ ନିର୍ଦ୍ଦିଷ୍ଟ ରାଜ୍ୟ ଉନ୍ନତ ଧରଣର ମ୍ୟାପିଙ୍ଗ, ସମକାଳିତ ସ୍ଥାନିକ ଏବଂ ପାଠ୍ୟ ଦଣ୍ଡବିଧି, ସ୍ୱଚାଳିତ ମ୍ୟୁଟେସନ୍, ଜମି ବିକ୍ରୟ କରୁଥିବା ବ୍ୟକ୍ତିର ପରିଚୟ ଚିହ୍ନଟ ପାଇଁ ଆବଶ୍ୟକ ପ୍ରମାଣ ପତ୍ର, ଜମି ମାଲିକାନା, କିଣାବିକା ରେଜିଷ୍ଟ୍ରର୍ କରିବା ପୂର୍ବରୁ ବର୍ତ୍ତମାନରେ ଥିବା ରେକର୍ଡ ସହିତ ମିଳନ ପ୍ରଭୃତି ସୁଧାର ମୂଳକ ପଦକ୍ଷେପ କାର୍ଯ୍ୟକାରୀ କରିଛନ୍ତି ଏବଂ ଜମିଜମା ରେକର୍ଡକୁ ମଧ୍ୟ ବ୍ୟାଙ୍କ ଏବଂ କୋର୍ଟ ସହିତ ଲିଙ୍କ୍ କରାଯାଇଛି, ଯେପରିକି ଜାଲିଆତି କାର୍ଯ୍ୟ ହେବା ସମ୍ଭବ ହେବନାହିଁ । ଜମି ଅକ୍ତିଆର କରିବାର ବିବାଦପୂର୍ଣ୍ଣ ପ୍ରଣାଳୀ ଅବଲମ୍ବନ ନକରି ସହରାଞ୍ଚଳ ବିସ୍ତାର ସମ୍ଭବ କରିବା ପାଇଁ ଯୋଜନା ପାଇଁ ଅନ୍ୟ ଉପଯୋଗୀ କେତେ ଗୁଡିଏ ରାଜ୍ୟରେ କର୍ଯ୍ୟକାରୀ କରାଯାଇଛି । ଏହି ରାଜ୍ୟ ଗୁଡିକରେ ଘରୋଇ ସର୍ଭେ ଏବଂ ମୂଲ୍ୟ ନିର୍ଦ୍ଧାରଣ କରୁଥିବା ବ୍ୟକ୍ତି/ସଂସ୍ଥା ମାନଙ୍କୁ ଏ କ୍ଷେତ୍ରରେ ବୃତ୍ତିଗତ ଭାବରେ ପ୍ରବେଶ କରିବାରେ ଥିବା ପ୍ରତିବନ୍ଧକ କମ୍ କରାଯାଇଛି, ମାନଦଣ୍ଡ ସମାନ ଏବଂ ଆବଶ୍ୟକ ଅନୁସାରେ ନିର୍ଦ୍ଧାରଣ କରାଯାଇଛି ଏବଂ ଆଇନ ଅନୁପାଳନ କରାଇବାର ଦକ୍ଷତା ମଜଭୁତ କରାଯାଇଛି । ବିବାଦ ସମାଧାନର ପ୍ରଗତି ଜାଣିବା ପାଇଁ ଏବଂ ଅଧିକ ଖୋଲାପଣତା ନିଶ୍ଚିତ କରିବା ପାଇଁ କେତେକ ରାଜ୍ୟ କୋର୍ଟ ଏବଂ ସର୍ବସାଧାରଣ ଜମି ପରିଚାଳନାକୁ କଂପ୍ୟୁଟରକରଣ କରିଛନ୍ତି । କିନ୍ତୁ ନିଆଯାଇଥିବା ଏହି ଉନ୍ନତିମୂଳକ ପଦକ୍ଷେପରୁ ଯଥେଷ୍ଟ ପରିମାଣରେ ଶିକ୍ଷା ପ୍ରାପ୍ତ ହୋଇନାହିଁ ଏବଂ ଲୋକମାନେ ସାଧାରଣ ଭାବରେ ଏ ବିଷୟରେ ଯଥେଷ୍ଟ ଭାବରେ ଜାଣିନାହାନ୍ତି ଏବଂ କେତେକ ପଦକ୍ଷେପ ଅସ୍ଥାୟୀ ଭାବରେ ନିଆଯାଇଛି, ଭଲ ଭାବରେ ନ୍ୟାୟସଙ୍ଗତ ପ୍ରମାଣିତ କରାଯାଇ ନାହିଁ ଏବଂ ଉପଯୁକ୍ତ ଭାବରେ କ୍ରମାନ୍ୱିତ କରାଯାଇ ନାହିଁ । ବେଳେବେଳେ ପଦକ୍ଷେପ ଗୁଡିକ ସଂଘଠିତ ଭାବରେ ପର୍ଯ୍ୟବେକ୍ଷଣ କରାଯାଉ ନାହିଁ କିମ୍ବା ଏଭଳି ଭାବରେ ରେକର୍ଡ କରାଯାଉନାହିଁ ଯେପରିକି ଏହାର ପ୍ରଭାବ ପରିଷ୍କାର ଭାବରେ ମାପ କରାଯାଇ ପାରିବ, ତେଣୁ ଏଥିରୁ ଶିକ୍ଷା/ଲାଭ ପ୍ରାପ୍ତ କରିବାର ସମ୍ଭାବନା କମ୍ ହୋଇଯାଉଛି ଏବଂ କ୍ରମଉନ୍ନତି ବିଷୟରେ ସୂଚନା ଜନସାଧାରଣ ପ୍ରାପ୍ତ କରିବା ସମ୍ଭବ ହେଉନାହିଁ ।

***ଜମିଜମା ଲକ୍ଷ୍ୟ ହାସଲ କରିବା ପାଇଁ ଜାତୀୟ ସ୍ତରରେ ମୁଖ୍ୟ ଭୂମିକା ରହିଛି:*** ରାଜ୍ୟମାନଙ୍କର ଦାୟିତ୍ୱରେ ଅଧିକ ଗୁରୁତ୍ୱ ଦେବାର ଅର୍ଥ ନୁହେଁ ଯେ କେନ୍ଦ୍ରର ଭୂମିକା ଗୌଣ ଅଟେ ଏବଂ ଗୁରୁତ୍ୱପୂର୍ଣ୍ଣ ନୁହେଁ, ବରଂ ବର୍ତ୍ତମାନରେ ଖର୍ଚ୍ଚ କରିବାରେ ଅଧିକ ଅଧିକାର ପ୍ରଦାନ ହେତୁ କେନ୍ଦ୍ରପାଇଁ ଏକ ଭିନ୍ନ ପ୍ରକାର ଦାୟିତ୍ୱ ସୃଷ୍ଟି କରୁଛି । ଏଥିରେ ଅନ୍ତର୍ଗତ ହୋଇଛି (i) ରାଜ୍ୟ ଗୁଡିକର କାର୍ଯ୍ୟଦକ୍ଷତା ଏଭଳି ଭାବରେ ପର୍ଯ୍ୟବେକ୍ଷଣ କରାଯାଉଛି ଯାହାକି ପ୍ରଶାସନିକ ତଥ୍ୟ ବ୍ୟବହାର କରି ବ୍ୟବସାୟ କରିବା ଉପରେ ଆଧାରିତ, ଫଳାଫଳ ବିଶ୍ଳେଷଣ କରି ରାଜ୍ୟ ପାଇଁ ଉନ୍ନତ କାର୍ଯ୍ୟ ପ୍ରଣାଳୀ ଚିହ୍ନଟ କରାଯାଉଛି ଯେପରିକି (ii) ଜମିଜମା ଦୃଶ୍ୟମାନତା ବୃଦ୍ଧିକରିବା; ଆନୁଷ୍ଠାନିକ ରୟତି ସତ୍ତ୍ୱ କ୍ଷୁଦ୍ରାତିକରଣକୁ ଆଡେଇ ଦେଇ ଗ୍ରାମୀଣ ଏବଂ ସହରାଞ୍ଚଳ ସତ୍ତ୍ୱାଧିକାର ତଥ୍ୟ ପ୍ରଗତି ଆଣିବା ତଥା ଏହି ତଥ୍ୟକୁ ଇଚ୍ଛୁକ ବ୍ୟକ୍ତି ବିଶେଷ ତଥା ସର୍ବସାଧାରଣରେ ବିଶ୍ୱସନୀୟତାକୁ ଅତୁଟ ରଖି ବ୍ୟକ୍ତ କରିବା ତଥା (iii) ଜମି ବିବାଦହୀନ ଭାବରେ ଚିହ୍ନଟ କରିବା ଏବଂ ଜମିଜମା ସହିତ ସଂପୃକ୍ତ ଥିବା ବିଭିନ୍ନ ଅନୁଷ୍ଠାନ ମଧ୍ୟରେ ଦାୟିତ୍ୱ ବଣ୍ଟନଗତ ବିବାଦ ସମାଧାନ କରି ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ ଜମି ମାଲିକାନା ତଥ୍ୟରେ ଉନ୍ନତି ଆଣିବା ଉଚିତ ।

***ଏ କ୍ଷେତ୍ରରେ ରାଜ୍ୟ ଗୁଡିକରକାର୍ଯ୍ୟଦକ୍ଷତା ପର୍ଯ୍ୟବେକ୍ଷଣ କରିବା:*** ଏହି ସୁଧାରମୂଳକ ପଦକ୍ଷେପରୁ ପ୍ରାପ୍ତ ହେଉଥିବା ଲାଭ ପରିଷ୍କାର ଭାବରେ ଜଣା ପଡିବା ଦ୍ୱାରା ଏବଂ ରାଜ୍ୟର ପ୍ରତ୍ୟେକ୍ଷ ପ୍ରଚେଷ୍ଟା ଏବଂ ପ୍ରତିଯୋଗିତା ସୃଷ୍ଟି କରିବା ଦ୍ୱାରା ସମସ୍ୟା ପରିମାଣ ଜଣାପଡିବ ଏବଂ ପ୍ରାଥମିକତାର ସହିତ ହସ୍ତକ୍ଷେପ ଆବଶ୍ୟକ କରୁଥିବା କ୍ଷେତ୍ର ମଧ୍ୟ ଜଣା ପଡିବ । ଏହା ମଧ୍ୟ ପ୍ରମାଣ ଆଧାରିତ ଉତ୍ତମ ଅଭ୍ୟାସ ଅଂଶୀଦାର କରିବା ଏବଂ ଖର୍ଚ୍ଚ-ହ୍ରାସ ଏବଂ ବହୁଳ ଭାବରେ କାର୍ଯ୍ୟକାରୀ କରାଯାଇ ପାରୁଥିବା ପଦକ୍ଷେପ ଗୁଡିକ ଚିହ୍ନଟ କରିବା ପାଇଁ ରାଜ୍ୟ - ରାଜ୍ୟ ମଧ୍ୟରେ ଆଲୋଚନା ମଧ୍ୟ ପ୍ରୋତ୍ସାହିତ କରିବ । ତେଣୁ ଉନ୍ନତତର ପଦକ୍ଷେପ ଲୋକଲୋଚନକୁ ନ ଆସିବା କିମ୍ବା ସେଗୁଡିକ ପରିତ୍ୟାଗ କରିବାର ସମ୍ଭାବନା ଏଡାଇ ଦିଆଯାଇ ପାରିବ । LGAF ଔଦ୍ୟୋଗିକ ଉପଦେଷ୍ଟା ଗ୍ରୁପ୍ ଏବଂ ରାଜ୍ୟ ସଂଯୋଜକ ସହିତ ଆଲୋଚନା ପାଞ୍ଚୋଟି ପରିମାପ ବିଷୟରେ ରାଜିନାମା ହୋଇପାରିଛି, ଯାହାକି ଏହି କ୍ଷେତ୍ରରେ ବ୍ୟବହାର କରାଯାଇ ପାରିବ ।

- ***ଦ୍ୱନ୍ଦବିହୀନ ଭାବରେ ରେକର୍ଡ କରାଯାଇଥିବା ମାଲିକାନା ଅଧିକାର ସହିତ ନକ୍ସାଙ୍କନକରାଯାଇଥିବା ଜମି ଅଞ୍ଚଳ :*** କ୍ୟାଡେଷ୍ଟ୍ରାଲ୍ ନକ୍ସାଙ୍କନଏବଂ ତା ସହିତ ଜଡିତ ଥିବା ମାଲିକାନା ରେକର୍ଡର ଅଭାବ ବିଶେଷ ଭାବରେ ସହରାଞ୍ଚଳରେ ସମସ୍ତ ପ୍ରକାର ଭୂମି ଦସ୍ତାବିଜର ମୁଖ୍ୟ ସମସ୍ୟା ଭାବରେ ଦେଖା ଦେଇଛି ।ଏଥିରେ ଜଡିତ ଥିବା ସମସ୍ୟା ପରିମାଣ ଆବଶ୍ୟକ କରେ ଯେ ବିଭିନ୍ନ ବିଭାଗ ମଧ୍ୟରେ ତଥ୍ୟର ଆଦାନପ୍ରଦାନ କରିବା, ତାପରେ ତାକୁ ଜମି ବ୍ୟବହାର (ଇମେଜ-ଆଧାରିତ) ଏବଂ ଅନ୍ୟ ବିଶେଷତା ସହିତ ସଂଯୋଗକରିବା, ଯେପରିକି ଆବଶ୍ୟକ ହସ୍ତକ୍ଷେପ ଅଭିକଳ୍ପ କରାଯାଇ ପାରିବ ଏବଂ ପ୍ରାଧାନ୍ୟତା ନିର୍ଣ୍ଣୟ କରାଯାଇପାରିବ ।
- ***ଲିଖନ ଏବଂ ସ୍ଥାନ, ଦିଗ ନିର୍ଣ୍ଣୟ ଦ୍ୱାରା କଭର କରାଯାଇଥିବା ଜମି ଅଞ୍ଚଳ ସଂଖ୍ୟା :*** ଏହି ପରିମାପ ଗୁରୁତ୍ୱ ଦିଏ ଯେ କେଉଁ ପର୍ଯ୍ୟନ୍ତ ମ୍ୟାପ୍ ରହିଛି ଏବଂ ତାହା ଲିଖିତ ହୋଇଥିବା ରେକର୍ଡ ସହିତ ମିଶୁଛି ଏବଂ ସହଜରେ ପ୍ରାପ୍ତ କରାଯାଇ ପାରିବ, ଯଦି କଂପ୍ୟୁଟରକରଣ କରାଯାଏ । ସଂଘଟିତ ସର୍ଭେ କିମ୍ବା

ଦାଖଲଖାରଚ-ପୂର୍ବ ସ୍କେଚ୍‌କୁ ଆବଶ୍ୟକତାର ଅଂଶବିଶେଷ କରିବା ଦ୍ୱାରା ଏହି ପ୍ରକ୍ରିୟାରେ ଉନ୍ନତି କରାଯାଇ ପାରିବ । କେଉଁଟି ସବୁଠାରୁ ଉପଯୁକ୍ତଏହା ପ୍ରସ୍ତୁତ କରିବା ପାଇଁ ବ୍ୟବହୃତ ତଥ୍ୟ ତାହା ନିର୍ଣ୍ଣୟ କରିବାରେ ସାହାଯ୍ୟ କରିବ ।

- ***ପଞ୍ଜିକୃତ ବନାମ ଦାଖଲଖାରଚକରାଯାଇଥିବା କିଣାବିକା:*** ସମ୍ଭାବିତ ଭାବରେ ଅତ୍ୟଧିକ ଷ୍ଟାମ୍ପ୍ ଡ୍ୟୁଟି ଯୋଗୁଁ, ବାକି ଥିବା ଅଧିକ ପରମାଣର ମ୍ୟୁଟେସନ୍ କିମ୍ବା ପଞ୍ଜିକରଣର ସିମୀତ ବୈଧତା, ସିଷ୍ଟମ୍‌ର ଦୀର୍ଘକାଳୀନ କାର୍ଯ୍ୟକାରିତା ଏହି ପ୍ରଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରେ ଏବଂ ଜାଲିଆତି କିଣାବିକାର ସମ୍ଭାବନା ମଧ୍ୟ ବୃଦ୍ଧି କରିଥାଏ । ଦସ୍ତାବିଜ ଏବଂ ପଞ୍ଜିକରଣମଧ୍ୟରେ ଅନ୍‌ଲାଇନ୍ ସଂଯୋଗସ୍ଥାପନ କରି ଏକ କଂପ୍ୟୁଟରକରଣ ପ୍ରଣାଳୀରେ ଏହି ଅପରିମାପ ଗୁଡିକରେ ଉନ୍ନତି ଆଣିବା ସହଜ ହୋଇଥାଏ ।
- ***ଟାକ୍ସ ମ୍ୟାପ୍ ଏବଂ ଜମିକର ସଂଗ୍ରହ ଦକ୍ଷତା ସହିତ କଭରେଜ୍:*** LGUs ଦ୍ୱାରା ଅଳ୍ପ ପରିମାଣ ରେଭେନ୍ୟୁ ସଂଗ୍ରହ ପରିସ୍ଥିତି ସହିତ ଟାକ୍ସ ମ୍ୟାପ୍‌ର କଭରେଜ୍ ବିସ୍ତାରଣ କରିବା ଏବଂ ସମ୍ଭାବିତ ଭାବରେ ଭଲ ଭାବରେ ପ୍ରସ୍ତୁତ କରାଯାଇଥିବା ପ୍ରଣାଳୀରେ ଜମିଜମା ରେକର୍ଡ ସଂପର୍କିତ ଅଟେ । ଏହାକୁ ସ୍ୱ- ଆର୍ଥିକ ବ୍ୟବସ୍ଥା ହିସାବରେ ସ୍ଥାପନ କରାଯାଇ ପାରିବ ଏବଂ ବହୁ ଉପଯୋଗୀମୁଖୀ କ୍ୟାଡାଷ୍ଟ୍ରେ କରି ଏହାକୁ ପ୍ରଶାସନ-ଉନ୍ନତି କରିବାର ଏକ ଉପାୟ ହିସାବରେ ମଧ୍ୟ ଉପଯୋଗ କରାଯାଇ ପାରିବ । ଏହି ପରିମାପ ଦ୍ୱାରା ପ୍ରାପ୍ତ ହୋଇଥିବା ସୂଚନା ଷ୍ଟାଂପ୍ ଡ୍ୟୁଟି କମ୍ କରିବା ପାଇଁ ବିକଳ୍ପ ବାହାର କରିବାରେ ସାହାଯ୍ୟ କରିବ, ଯାହାକି ଅଣ-ଔପଚାରିକ କାରବାର କିମ୍ବା ବିକ୍ରୟ ମୂଲ୍ୟ କମ୍ ରିପୋର୍ଟ କରିବାରେ ପ୍ରୋତ୍ସାହିତ କରିବ ।
- ***ବିଭିନ୍ନ ପ୍ରକାର ବାକିଆ ଅସମାଧିତ ବିବାଦ:*** ଜମି ବିବାଦ ସଂପର୍କିତ ଆସୁଥିବା କେସ୍ ପରିଚାଳନା କରିବା ଏବଂ ଏହାର କାର୍ଯ୍ୟଦକ୍ଷତା ମାପ କରିବା ପାଇଁ କୋର୍ଟକୁ ଏକ ମାଧ୍ୟମ ପ୍ରଦାନ କରିବା ସଙ୍ଗେ ସଙ୍ଗେ , ଏହି ପରିମାପ ବିବାଦ ଗୁଡିକର ଆର୍ଥିକ ପ୍ରଭାବ ଏବଂ ଘଟଣାକ୍ରମ ମାପ କରେ, ପ୍ରାଧାନ୍ୟ ଅଞ୍ଚଳ ଚିହ୍ନଟ କରେ ତଥା ଯେଉଁଠାରେ ନିୟମକାନୁନ ଏବଂ ନିୟନ୍ତ୍ରଣ ପରିଷ୍କାର ଭାବରେ ବ୍ୟାଖ୍ୟା କରିବା ଆବଶ୍ୟକ ଏବଂ ଏଭଳି କରିବାର ପ୍ରଭାବ ମଧ୍ୟ ମାପ କରିଥାଏ ତଥା ସାମାନ୍ୟ ପ୍ରଚେଷ୍ଟାରେ ସୂଚନା ପ୍ରାପ୍ତ କରାଯାଇପାରେ ।

***ଅନୁଷ୍ଠାନଗତ ପାର୍ଥକ୍ୟ ଅତିକ୍ରମ କରି ଏକ ସମ୍ଭବପର ବାତାବରଣ ସୃଷ୍ଟି କରିବା :*** ଏକ ଉଚ୍ଚସ୍ତରୀୟ ଟେକ୍‌ନିକାଲ୍ ଗ୍ରୁପ୍ ଫଳପ୍ରଦ ଉଦାହରଣ ଏବଂ ସୁଧାରମୂଳକ ପ୍ରଚେଷ୍ଟା ପ୍ରଚାର ଅନୁସରଣ କରି ଉପରୋକ୍ତ ଜମି ପରିମାପ ବିଷୟରେ ସୂଚନା ନିୟମିତ ଭାବରେ ବିସ୍ତାରଣ କରି ପାରିବେ ଏବଂ ଉପଲବ୍ଧ ଜମି ବିଷୟରେ ସୂଚନା ବୃଦ୍ଧି କରିବାରେ ସାହାଯ୍ୟ କରିପାରିବେ । ଏହା କରିବା ଦ୍ୱାରା, "ଜମି ହେଉଛି ଏକ ବିବାଦାସ୍ପଦ ଯେତିକି ଲାଭ-ସେତିକି ସମସ୍ୟା" ଅଟେ,ଏହି ଭାବନା ଦୂର ହୋଇଯିବ । ସଂପୃକ୍ତ ଅନୁଷ୍ଠାନଗୁଡିକୁ ଏକାଠି କରିବା ପାଇଁ ପ୍ରଚେଷ୍ଟା ଆବଶ୍ୟକ (ଭୂସମ୍ବଳ ବିଭାଗ, ପରିବେଶ ଏବଂ ଜଙ୍ଗଲ ମନ୍ତ୍ରାଳୟ, ଜନଜାତି ବ୍ୟାପାରମନ୍ତ୍ରାଳୟ, ସହରାଞ୍ଚଳ ବିକାଶ ମନ୍ତ୍ରାଳୟ), ପରସ୍ପର ବିରୋଧି ଏବଂ ପ୍ରଣାଳୀଗତ ସମସ୍ୟାଗୁଡିକରେ ବୈଷୟିକ ନେତୃତ୍ୱ ଏବଂ ନିୟମିତତା ପ୍ରଦାନ କରିବା ଆବଶ୍ୟକ । ଦକ୍ଷତା ଲକ୍ଷ୍ୟ ଧାର୍ଯ୍ୟ କରିବା ସହସମସ୍ତ ସଂପୃକ୍ତ ଅନୁଷ୍ଠାନଗୁଡିକର ଖ୍ୟାତି ଏବଂ କାର୍ଯ୍ୟକାରୀ କରିବାର କ୍ଷମତା ମଧ୍ୟ ବୃଦ୍ଧି କରିବା ପାଇଁ ଉପାୟ ଚିହ୍ନଟ କରିବା ଆବଶ୍ୟକ । ତା ସହିତ ଅନ୍ୟ ରାଜ୍ୟ ଗୁଡିକରେ (ଏଲ୍‌ଜିଏଏଫ୍) LGAF ପରିଚାଳନ କରିବା ଆବଶ୍ୟକ । ଶେଷରେ, ବ୍ୟାଖ୍ୟା କରାଯାଇପାରୁଥିବା ତଥ୍ୟ ମାନଦଣ୍ଡ ସ୍ଥାପନ କରିବାରେ ଏବଂ ଏହା ଅଧିକାର ଥିବା କ୍ଷେତ୍ରରେ ଥିବା ଆଇନଗତ ତ୍ରୁଟି ସୁଧାର କରିବାରେ (ଉଦାହରଣ ସ୍ୱରୂପ, ରେଜିଷ୍ଟ୍ରେସନ୍ ଅଧିନିୟମ କିମ୍ବା ଇ-ଗଭର୍ଣ୍ଣନ୍‌ସ୍‌ର ଆଇନ୍‌ଗତ ଗଠନ) ପ୍ରଭୃତିରେ କେନ୍ଦ୍ର ମୁଖ୍ୟ ଭୂମିକା ଗ୍ରହଣ କରିପାରିବ ।

***କାର୍ଯ୍ୟଦକ୍ଷତା ଏବଂ ସାମାଜିକ ଲାଭ ଉପରେ ଆଧାର କରି ସାର୍ବଜନୀନ ସମ୍ବଳର ବଣ୍ଟନ :*** ରାଜ୍ୟଗୁଡିକର ଦାୟିତ୍ୱ ଏବଂ ବିଶେଷତା ବ୍ୟତିତ କେତେଗୁଡିଏ ଜେନେରିକ ସମସ୍ୟା ରହିଛି ଯାହାକି ଅନେକ ରାଜ୍ୟରେ ସମାନ, ଯେପରିକି (i) ପୂର୍ବରୁ ସର୍ଭେ କରାଯାଇନଥିବା ଗ୍ରାମାଞ୍ଚଳରେ ଜମିଜମା ଦସ୍ତାବିଜ ଏଭଳି ପ୍ରସ୍ତୁତ କରିବା ଯାହାକି ବ୍ୟକ୍ତିଗତ ଏବଂ ଗୋଷ୍ଠୀଗତ ପେଶା ଏବଂ ବ୍ୟବହାର ଉପରେ ଆଧାରିତ । (ii) ସାର୍ବଜନୀନ ଭୂମିର ଉପଲବ୍ଧତା, ସୀମା ନିର୍ଦ୍ଧାରଣ ଏବଂ ପରିଚାଳନାଗତ ଦାୟିତ୍ୱ ବ୍ୟାଖ୍ୟା କରିବା (iii) ଯେଉଁଠାରେ ଜମିଜମା ଦସ୍ତାବିଜ ଭଲ ଭାବରେ ରଖାଯାଇନାହିଁ କିମ୍ବା ଅତି ପୁରୁଣା ଏବଂ ବର୍ତ୍ତମାନ ବ୍ୟବହାରରେ ନାହିଁ, ସେହି ରେକର୍ଡଗୁଡିକ ଅଧୁନାତନ କରିବା ଏବଂ ସ୍ଥାନ ଏବଂ ନିର୍ଦ୍ଦିଷ୍ଟ କରି ଚିହ୍ନଟ କରିବା, (iv) ସହରର ବସ୍ତି -ନଥିବା ଅଞ୍ଚଳରେ ବର୍ତ୍ତମାନର ଜମି ବ୍ୟବହାର ରେକର୍ଡର ନକ୍ସା ଉପରେ ଆଧାର କରି ସ୍ଥାନ ଏବଂ ଦିଗ ନିର୍ଦ୍ଦିଷ୍ଟ ପୂର୍ବକ ଲିଖନ ପ୍ରଣାଳୀରେ ଜମିଜମା ଦସ୍ତାବିଜ ପ୍ରସ୍ତୁତ କରିବା ଉଚିତ୍ (v) ପରସ୍ପର ସହଯୋଗକାରୀ ଯୋଜନା, ମ୍ୟାପିଙ୍ଗ୍ ଏବଂ ସମୟ ଅବଧିର ବୃଦ୍ଧି ଅଣଔପଚାରିକ ଆବାସିକ ଅଞ୍ଚଳ ଗୁଡିକରେ କରାଯିବା ଉଚିତ୍ । (vi) ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ବାସ କରୁଥିବା ଗରୀବ ଲୋକମାନେ କିପରି ଜମି ପ୍ରାପ୍ତକରିପାରିବେ ସେଥିପାଇଁ ମଧ୍ୟ ବ୍ୟବସ୍ଥା କରାଯିବା ଉଚିତ୍ ।ଯଦି ରାଜ୍ୟ ଗୁଡିକର ଆଗ୍ରହ ଥାଏ, କେନ୍ଦ୍ରିୟ ପାଣ୍ଠି ଯନ୍ତ୍ରର ସହ ଉପଯୋଗ କରି ସେମାନେ କେତେକ ପାଇଲଟ୍ ପ୍ରକଳ୍ପକାର୍ଯ୍ୟକାରୀ କରିପାରିବେ ଏବଂ ସେଗୁଡିକର ଉପଯୋଗୀତା ମଧ୍ୟ ମୂଲ୍ୟାଙ୍କନ କରିପାରିବେ । LGAF ରେ ଚିହ୍ନଟ କରାଯାଇଥିବା ଉତ୍ତମ କାର୍ଯ୍ୟ ଅଭ୍ୟାସ ଏବଂ ରାଜ୍ୟର ବର୍ତ୍ତମାନ କରାଯାଉଥିବା ପ୍ରଚେଷ୍ଟାରେ ନିର୍ମାଣ କାର୍ଯ୍ୟ କରାଯାଇପାରିବ । ଏ ସମସ୍ତ ପଦକ୍ଷେପ ଜମିଜମା ସମ୍ବନ୍ଧୀୟ ଗଭୀର ଜ୍ଞାନ ବିସ୍ତାର କରିବାରେ ମୁଖ୍ୟ ଏବଂ ଫଳପ୍ରଦ ଉପାୟ ହୋଇପାରିବ ଯାହାର ପରିଚାଳନା ପରିସର ସମୟକ୍ରମେ ଆହୁରି ବିସ୍ତାର ହୋଇପାରିବ । ଏହା ଆବଶ୍ୟକ ପରିବର୍ତ୍ତନ ଆଣିବ, ଏବଂ ପରିମାପ ଗୁଡିକରେ ବଡ ଧରଣର ଉନ୍ନତି ଆଣିବ, ଯାହାକି ବିବାଦହୀନ ସ୍ପଷ୍ଟ ଜମିଜମା ଦସ୍ତାବିଜ ସୃଷ୍ଟି କରିବାରେ ମୂଳଭିତ୍ତି ହିସାବରେ କାର୍ଯ୍ୟ କରିବ ।

***ଅନେକ ଜରୁରୀକାଳୀନ ପଦକ୍ଷେପ ରହିଛି:*** ସରକାର ଏବଂ ତାଙ୍କର ସହଯୋଗୀ ଏଭଳି ପଦକ୍ଷେପ ଚିହ୍ନଟ କରିବା ଉଚିତ୍ ଏବଂ କାର୍ଯ୍ୟକାରୀ କରିବା ଉଚିତ୍ ଯାହାକି ବ୍ୟବସାୟିକ ପରିବେଶରେ ଉନ୍ନତି ଆଣିବ । ସେମାନେ କେନ୍ଦ୍ରିୟ ଯୋଜନାଗୁଡିକ ପୁନଃ ଅବଲୋକନ କରିବା ଦ୍ୱାରା ତିନୋଟି କ୍ଷେତ୍ରରେ ଜରୁରୀକାଳୀନ ପଦକ୍ଷେପ ନେବାପାଇଁ ଏକ ସୁଯୋଗ ପ୍ରଦାନ କରିବ । ପ୍ରଥମତଃ ଏକ ଜାତୀୟ ସ୍ତରର ସଂସ୍ଥା ଚୟନ କରାଯିବା ଉଚିତ୍ ଯେ କି ଜମିଜମା ପ୍ରଶାସନ ପର୍ଯ୍ୟବେକ୍ଷଣ ପରିମାପଗୁଡିକ ଅଭିକଳ୍ପ କରିବ, ପରିଚାଳନା କରିବ ଏବଂ ପର୍ଯ୍ୟବେକ୍ଷଣ କରିବ । ଏହା ଏଭଳି ଏକ ଡକ୍ୟୁମେଣ୍ଟେସନ୍ ପ୍ରସ୍ତୁତ କରିବ ଯାହାକି ରାଜ୍ୟ ସ୍ତରରେ ଜମିଜମା ସଂକ୍ରାନ୍ତ ପ୍ରଶାସନରେ LGAF ସୁପାରିଶ ଅନୁସାରେ ଉନ୍ନତି ଆଣିବା ପାଇଁ ସମ୍ଭବ କରାଇବ, ତା ସହିତ ରାଜ୍ୟର ମଙ୍ଗଳ ପାଇଁ "ବ୍ୟବସାୟ ସମ୍ଭବ କରିବା" ସୁଧାରମୂଳକ ପଦକ୍ଷେପ ପ୍ରୋତ୍ସାହନ କରିବାରେ ସାହାଯ୍ୟ କରିବ ଏବଂ ଆବଶ୍ୟକ ତଥ୍ୟ ମଧ୍ୟ ପ୍ରଦାନ କରିବ । ଦ୍ୱିତୀୟତଃ ଏକ ଷ୍ଟିଅରିଂ କମିଟି ଗଠନ କରି ତଥା ଅନ୍ୟ ଆବଶ୍ୟକ ପଦକ୍ଷେପ ନେଇ ଜମିଜମା ପରିମାପ ବିଷୟରେ ବହୁଳ ଭାବରେ ପ୍ରଚାର କରାଯିବ ଯାହାକି ଅନୁଷ୍ଠାନଗତ ପାର୍ଥକ୍ୟ ସମାଧାନ କରିବ, ଫଳପ୍ରଦ ଉଦ ।ହରଣ ଗୁଡିକୁ ଲୋକମାନଙ୍କର ଦୃଷ୍ଟିଗୋଚରରେ ଆଣିବ ଏବଂ ଜମିଜମା କ୍ଷେତ୍ରର ମର୍ଯ୍ୟଦା ଏବଂ ଟେକ୍‌ନିକାଲ୍ ଦକ୍ଷତା ମଧ୍ୟ ବୃଦ୍ଧି କରିବ । ଶେଷରେ, ନୂଆ କାର୍ଯ୍ୟପ୍ରଣାଳୀକୁ କାର୍ଯ୍ୟକାରୀ କରିବା ପାଇଁ ଉପଯୁକ୍ତ ସୁଯୋଗର ଚିହ୍ନଟ କରିବା ଯାହାକି, ଉପରୋକ୍ତ ବିଷୟଗୁଡିକ ବହୁଳ ଭାବରେ ଲୋକମାନଙ୍କର ଦୃଷ୍ଟିଗୋଚର ଏଭଳି ଭାବରେ କରିବ, ଯାହାକି LGAF ମୂଲ୍ୟାଙ୍କନ ଉପରେ ଆଧାରିତ ଏବଂ ରାଜ୍ୟ ରାଜ୍ୟ ମଧ୍ୟରେ ସହଯୋଗ ମଧ୍ୟ ପ୍ରୋତ୍ସାହନ କରିବ ତଥା ସୃଷ୍ଟି ହେଉଥିବା ପ୍ରଭାବ ସଂପୂର୍ଣ୍ଣ ଭାବରେ କରିବ ଯେପରିକି ପରବର୍ତ୍ତୀ ସମୟରେ କାର୍ଯ୍ୟକାରିତା ପରିସର ବିସ୍ତାରଣରୁ ଅଧିକ ଶିକ୍ଷା ପ୍ରାପ୍ତ କରିବାରେ ସମର୍ଥ ହେବ ।

# ୧. ଉପକ୍ରମ ଏବଂ ପୃଷ୍ଠଭୂମି

***ଭାରତୀୟ ଇତିହାସରେ ଜମିଜମା ବିଷୟ ମୁଖ୍ୟ ଭୂମିକା ଗ୍ରହଣ କରିଛି :*** ନିବେଶ, ବୃଦ୍ଧି, ଗରିବ ଲୋକଙ୍କ ମର୍ଯ୍ୟାଦା, ମହିଳା ସଶକ୍ତିକରଣ ଏବଂ ସୁଯୋଗରେ ସମାନତା ସୁନିଶ୍ଚିତ କରିବାରେ ଜମି ମୁଖ୍ୟ ଭୂମିକା ନେଇଥାଏ ।ଦେଶ ଇଂରେଜ ଅଧିନରେ ଥିବାବେଳେ କର ରାଜସ୍ୱ ସୃଷ୍ଟି କରିବା ପାଇଁ ଜମି ମୁଖ୍ୟ ଭୂମିକା ଗ୍ରହଣ କରିଥିଲା, ବେଳେବେଳେ ଅତ୍ୟଧିକ ଭାବରେ ଅସମାନ ଶକ୍ତି ବଣ୍ଟନ କରିବାର ଏହା ଏକ ମାଧ୍ୟମ ଥିଲା । ଭାରତ ସ୍ୱାଧୀନ ହେଲା ପରେ ଇଂରେଜ ସମୟର ତୃଟିପୂର୍ଣ୍ଣ ନୀତି ସୁଧାର କରିବା ପାଇଁ ଆବଶ୍ୟକ ପଦକ୍ଷେପ କାର୍ଯ୍ୟକାରୀ କରାଯାଇଥିଲା । ମଧ୍ୟସ୍ଥି ମାନଙ୍କୁ ହଟାଇବା ବ୍ୟତିତ ଏହି ସୁଧାରମୂଳକ ନୀତି କାର୍ଯ୍ୟକାରୀ କରିବା ଆଶାଠାରୁ ବହୁତ କମ୍ ହୋଇଥିଲା ।ସେତେବେଳର ରାଜନୀତି, ଅର୍ଥନୀତି, ଆଦୌ କରାଯାଉନଥିବା କିମ୍ବା ଅନିୟମିତ ଭାବରେ କରାଯାଉଥିବା ପର୍ଯ୍ୟବେକ୍ଷଣ ଏବଂ ମୂଳ ଜମିଜମା ଅବହେଳା ପ୍ରଭୃତି ଏହି ବିଫଳତାର କାରଣ ଅଟେ ।

***ଭାରତର ଜମିଜମା ପ୍ରଣାଳୀ ଉପରେ ସହରୀକରଣ ଏବଂ ଶିଳ୍ପୀକରଣ ଅତୁଳନୀୟ ନୂଆ ସମସ୍ୟା ସୃଷ୍ଟି କରିବ :*** ଭାରତ ବର୍ତ୍ତମାନ ମଧ୍ୟ ଗ୍ରାମାଞ୍ଚଳ ଆଧାରିତ ସମାଜ ଅଟେ, ଭବିଷ୍ୟତରେ ଦୃତ ପରିବର୍ତ୍ତନ ଆଶା କରାଯାଏ । ଆଶା କରାଯାଏ ୨୦୩୦ ସୁଦ୍ଧା ସହରାଞ୍ଚଳର ଲୋକସଂଖ୍ୟା ଆଉ ଅଧିକ ୨୦୦ ନିୟୁତ ହେବ । ଫଳରେ କେବଳ ଆବାସିକ ବ୍ୟବହାର ଉଦ୍ଦେଶ୍ୟରେ ୮ ନିୟୁତ ହେକ୍ଟର ଜମି ଆବଶ୍ୟକ ହେବ । ଏହାର ଦୁଇଗୁଣ ପରିମାଣର ଜମି ଭିତ୍ତିଭୂମିର ବିକାଶ ତଥା ଶିଳ୍ପ ପାଇଁ ମଧ୍ୟ ଆବଶ୍ୟକ ହେବ । ଏହି ଉଦ୍ଦେଶ୍ୟରେ ମୋଟ ଜମିର ଆବଶ୍ୟକତା ବର୍ତ୍ତମାନରେ ବ୍ୟବହୃତ ଚାଷଜମି ମୋଟ ଜମିର ୧୦ ଶତକଡା ହେବ (୧୫୨ ନିୟୁତ ହେକ୍ଟୟର) । ଯଦି ଏହି ଜମି ଚାହିଦା ଉପଯୁକ୍ତ ଭାବରେ ପରିଚାଳନା କରାନଯାଏ, ଏବଂ କୃଷି ପାଇଁ ବ୍ୟବହୃତ ଜମିର ଉତ୍ପାଦନ କ୍ଷମତା ଅତ୍ୟଧିକ ଭାବରେ ବୃଦ୍ଧି କରାନଯାଏ, ଏହା କ୍ରମବର୍ଦ୍ଧିଷ୍ଣୁ ଖାଦ୍ୟ ଚାହିଦା ତଥା ଆର୍ଥିକ ସାମାଜିକ ସମସ୍ୟା ପୂରଣ କରିବାରେ ଅସମର୍ଥ ହେବ ଏବଂ ଜମିର ପରିବେଶଗତ ମୂଲ୍ୟ ମଧ୍ୟ ହ୍ରାସ ପାଇବ । ବହୁ ପରିମାଣର ଜମିର ବ୍ୟବହାରରେ ପରିବର୍ତ୍ତନ ହେତୁ ବ୍ୟବସ୍ଥାରେ ଅସ୍ଥିରତା ସୃଷ୍ଟି ହେବ, ଏବଂ ଖାଦ୍ୟ ସୁରକ୍ଷାରେ ଅନିଶ୍ଚିତତା ସୃଷ୍ଟି କରିବ, ଭଡା ସମସ୍ୟା ସୃଷ୍ଟି କରିବ ଏବଂ ତା ସଙ୍ଗେ ସଙ୍ଗେ ପରିବେଶଗତ ସମସ୍ୟା ମଧ୍ୟ ସୃଷ୍ଟି ହେବ, ଗୋଷ୍ଠିଗତ ସ୍ଥାନାନ୍ତରଣ, ଅସମାନତା ଏବଂ ବିବାଦ ମଧ୍ୟ ସୃଷ୍ଟି ହେବ । ଦେଶର ପ୍ରଗତିରେ ଅଧିକରୁ ଅଧିକତର ବ୍ୟକ୍ତି ଅଂଶୀଦାର କରିବା ଏବଂ ଦାରିଦ୍ର୍ୟ କମ୍ କରିବାରେ ଏହା ଗୁରୁତର ପ୍ରତିବନ୍ଧକ ସୃଷ୍ଟି କରିବ ।

***ଏହି ସମସ୍ୟା ସମାଧାନ କରିବାରେ ଭାରତର ଜମିଜମା ସହ ସଂପୃକ୍ତ ଥିବା ଅନୁଷ୍ଠାନ ଗୁଡିକର କାର୍ଯ୍ୟଧାରା ଉତ୍ସାହ ଜନକ ନୁହେଁ :*** ଯଦିଓ ଭାରତ ଇତିହାସରେ ଜମିଜମା ପଲିସି ବିଷୟରେ ବହୁଳ ଭାବରେ ତର୍କ/ଆଲୋଚନା ହେବାର ଦେଖା ଦେଇଛି, ନିର୍ଦ୍ଦିଷ୍ଟ ସମସ୍ୟାର ସମାଧାନ କରିବାରେ ଧ୍ୟାନ କେନ୍ଦ୍ରିଭୂତ ହୋଇଛି, ଏହା ବେଳେବେଳେ ଅସ୍ଥାୟୀ ଭାବରେ କରାଯାଇଛି । ଏକ ପ୍ରଣାଳୀଗତ ସମସ୍ୟା ଭାବରେ ନୁହେଁ ତଥା ପାଂରପାରିକ ଅନୁଷ୍ଠାନ/ସଂସ୍ଥାର ସୀମା ଅତିକ୍ରମ କରି ସମସ୍ୟା ସମାଧାନ କଲାଭଳି ନୁହେଁ । ଏହା ଅନୁଷ୍ଠାନଗୁଡିକର ସମସ୍ୟା ସମାଧାନ କ୍ଷମତା ଦୁର୍ବଳ କରିଦେଇଛି ଏବଂ ବିଶେଷ ଭାବରେ ବଜାର ଚାହିଁଦା ଅନୁସାରେ ଏବଂ ଏହାର ସବୁଠାରୁ ଅଧିକ ଉତ୍ପାଦକତା ବ୍ୟବହାର ଅନୁସାରେ ଜମିର ଉପଯୁକ୍ତ ମୂଲ୍ୟ ବିକ୍ରୟ ସମୟରେ ମିଳିପାରୁ ନାହିଁ । ଏହା ପରିବର୍ତ୍ତେ, ଏକ ଜଟିଳ ନିୟମସମୂହ ସୃଷ୍ଟି ହୋଇଛି, ଯାହାକି ସଂପୂର୍ଣ୍ଣ ଭାବରେ ସବୁ ସମୟରେ ସମାନ ଅର୍ଥ ବ୍ୟାଖ୍ୟା କରିବାରେ ବିଫଳ ହୋଇଛି ତେଣୁ କାର୍ଯ୍ୟକାରୀ କରିବାରେ କଷ୍ଟକର ହୋଇ ପଡୁଛି; ଯେତେବେଳେ ଜମିଜମା ଗତ ଦସ୍ତାବିଜ ଦୁର୍ବଳ ଅଛି କିମ୍ବା ଆଉ ବ୍ୟବହାରରେ ନାହିଁ । ସୃଷ୍ଟି ହେଉଥିବା ସମସ୍ୟାର ସମାଧାନ ପାଇଁ, ଜମିର ବ୍ୟବହାର ଉପଯୋଗୀତା ବୃଦ୍ଧି କରିବା ପାଇଁ, ଏବଂ ନିବେଶ ବୃଦ୍ଧି କରିବା ପାଇଁ, କର୍ମନିଯୁକ୍ତି କରିବା ପାଇଁ, କୃଷି ଉତ୍ପାଦକତା ବୃଦ୍ଧି କରିବା ପାଇଁ, ସମସ୍ତ ମୌଳିକ ସୁବିଧା ଏବଂ ସହରର ସମସ୍ତଙ୍କୁ ପ୍ରାପ୍ତ କରିବା ଭଳି ସହରୀକରଣ, ମୌଳିକ ସୁବିଧା ନିବେଶ ଏବଂ ଜଳବାୟୁ ସହନଶୀଳତା ତଥା ଦୁର୍ବିପାକ ସମୟରେ ଆବଶ୍ୟକ ଅନୁସାରେ ପ୍ରସ୍ତୁତ ହୋଇ ରହିବା ପାଇଁ ଏହି ଜମିଜମା ସମସ୍ୟାର ସମାଧାନ କରିବା, ଭାରତ ପାଇଁ ଅତ୍ୟନ୍ତ ଆବଶ୍ୟକ । ଜମି ହେଉଛି ଏକ ରାଜ୍ୟ ବିଷୟ । ତେଣୁ କେନ୍ଦ୍ରୀୟ ପ୍ରଚେଷ୍ଟାର ପରିସର ଅତି ସୀମିତ ଅଟେ । ଏହି ପରିସ୍ଥିତି ରାଜ୍ୟସ୍ତରରେ ଅନେକ ଦାୟିତ୍ୱ ନ୍ୟସ୍ତ କରିଥାଏ ଯେପରିକି ରାଜ୍ୟ ଅନେକ ଉନ୍ନତତର ପଦକ୍ଷେପ ନେଇପାରିବ ଯାହାକି ଅନ୍ୟ ରାଜ୍ୟ ପାଇଁ ମଧ୍ୟ ଉପଯୋଗୀ ହୋଇପାରିବ । ଏହି ଉନ୍ନତତର ପଦକ୍ଷେପର ଅନୁକୂଳ ପ୍ରଭାବ ବିଭିନ୍ନ ରାଜ୍ୟ ଦ୍ୱାରା ପ୍ରାପ୍ତ କରିବା ପାଇଁ ଏହାକୁ ଜାତୀୟ ସ୍ତରକୁ ଆଣିବାକୁ ପଡିବ ତାକୁ ବିଶ୍ଳେଷଣ କରିବାକୁ ପଡିବ, ଏବଂ କାର୍ଯ୍ୟକାରୀ କରିବା ପାଇଁ ଏକ ମାଧ୍ୟମର ଚୟନ କରିବାକୁ ପଡିବ ।

***ପାରସ୍ପରିକ ଅଂଶ ଗ୍ରହଣ ଉପାୟରେ ବିଶ୍ଳେଷଣ କରିବା ପାଇଁ, ଛଅଟି ରାଜ୍ୟ ଏଲ୍‌ଜିଏଏଫ୍ (LGAF) ସ୍ୱ- ମୂଲ୍ୟାଙ୍କନ ପ୍ରୟୋଗ କରିଥିଲେ :*** ଜମିଜମା ସମସ୍ୟା ଗୁଡିକରେ ଟେକ୍‌ନିକାଲ୍ ଜଟିଳତା ରହିଛି, ଏଗୁଡିକ ପରସ୍ପର ବିରୋଧୀ ଏବଂ ରାଜନିତୀକ ଭାବରେ ସମ୍ବେଦନଶୀଳ ଏବଂ ଏହା ଏକ ବିଶେଷ ପ୍ରକାର ସଂପୃକ୍ତତା ଆବଶ୍ୟକ କରେ, ଏହା ଉପଲବ୍ଧ କରି ଛଅଟି ରାଜ୍ୟ ଏଲ୍‌ଜିଏଫ୍ (LGAF) କାର୍ଯ୍ୟକାରୀ କରିବାରେ ସିଦ୍ଧାନ୍ତ ନେଲେ, ଯାହାକି ବିଶ୍ୱ ବ୍ୟାଙ୍କ୍ ଏବଂ ତାର ସହଯୋଗୀ ମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଏକ ଟୁଲ୍ । ଡିପାର୍ଟମେଣ୍ଟ ଅଫ୍ ଲ୍ୟାଣ୍ଡ ରେକର୍ଡ (DoLR) ଏହି ପ୍ରଣାଳୀ ଏବଂ ଜାତୀୟ ସ୍ତରରେ ଅତ୍ୟନ୍ତ ଅନୁଭବି ବିଶେଷଜ୍ଞ ମାନଙ୍କୁ ନେଇ ଏକ ଟେକ୍‌ନିକାଲ୍ ଆଡ୍‌ଭାଇଜରୀ ଗ୍ରୁପ୍ (TAG) ର ଗଠନକୁ ବହୁଳ ଭାବରେ ସମର୍ଥନ କରିଥିଲେ, ଯେହେତୁ ଡିପାର୍ଟମେଣ୍ଟ ଅଫ୍ ଲ୍ୟାଣ୍ଡ ରେକର୍ଡ ବିଭିନ୍ନାତ୍ମକ-ଶିକ୍ଷା ପ୍ରାପ୍ତ କରିବାର ସମ୍ଭାବନା ଏବଂ ଉତ୍ତମ ଅଭ୍ୟାସ ଚିହ୍ନଟ

କରିବାର ସମ୍ଭାବନା ତଥା ଜାତୀୟ ନୀତି ପ୍ରସ୍ତୁତ କରିବାରେ ସମସ୍ୟା ଉପଲବ୍ଧି କରିଥିଲେ । ଅଂଶ ଗ୍ରହଣ କରୁଥିବା ପ୍ରତ୍ୟେକ ରାଜ୍ୟରେ, ଏକ ବିସ୍ତାରିତ ରାଜ୍ୟ ସ୍ତରୀୟ ଏଲ୍‌ଜିଏଫ୍ (LGAF) ରିପୋର୍ଟ ପ୍ରସ୍ତୁତ କରାଯାଇଥିଲା, ଯେଉଁ ରିପୋର୍ଟକୁ ସର୍ବସାଧାରଣ କାର୍ଯ୍ୟଶାଳାରେ ବୈଧତା ପ୍ରଦାନ କରାଯାଇଥିଲା ଏବଂ ନୀତି ପ୍ରସ୍ତୁତକାରୀ ମାନଙ୍କ ସହିତ ଆଲୋଚନା କରି ପରବର୍ତ୍ତୀ ପଦକ୍ଷେପ ପାଇଁ ରାଜି ହୋଇଥିଲା । ଏହି ଜାତୀୟ ସାରାଂଶ ରିପୋର୍ଟ ଏଭଳି ସାଧାରଣ ସମସ୍ୟା ଗୁଡିକ ଚିହ୍ନଟ କରିବା ପାଇଁ ଲକ୍ଷ୍ୟ ରଖିଛି, ଯେଉଁଗୁଡିକ ଅନେକ ରାଜ୍ୟରେ ଦେଖାଦେଇଛି ଏବଂ ଜାତୀୟ ସ୍ତରରେ ନୀତିର ପ୍ରଭାବ ମାପ କରିସାରିବା ପରେ ବିକାଶର ପର୍ଯ୍ୟବେକ୍ଷଣ ଏବଂ ଅନୁଭବର ଆଦାନପ୍ରଦାନ ଏବଂ ପରବର୍ତ୍ତୀ ପଦକ୍ଷେପ ପାଇଁ ପଏଣ୍ଟ୍ ପ୍ରଭୃତି (ଅନ୍ୟ ରାଜ୍ୟ ଗୁଡିକରେ ଏଲ୍‌ଜିଏଫ୍ (LGAF) କାର୍ଯ୍ୟକାରୀ କରିବାର ସମ୍ଭାବନା ସହିତ) ଏଥିରେ ପ୍ରାପ୍ତ ହୋଇଥିବା ସଫଳତା ଉପରେ ଆଧାର କରି ପ୍ରସ୍ତୁତ କରାଯିବ ।

***ଫଳାଫଳ କେତେକ ସାଧାରଣ ସମସ୍ୟା ଆଡକୁ ନିର୍ଦ୍ଦେଶ କରୁଛି :*** ଅନେକ ସମସ୍ୟା ଲଗାତାର ଭାବରେ ବିଭିନ୍ନ ରାଜ୍ୟରେ ଦେଖା ଦେଇଛି ।ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜମି ଦସ୍ତାବିଜ-ତା ସହିତ ଅଧୁନାତନ କରାଯାଇଥିବା ଲିଖିତ ସୂଚନା ଏବଂ ସ୍ଥାନ ଦିଗ ଦ୍ୱାରା ଚିହ୍ନଟ କରାଯାଇଥିବା ଜମି ସୀମା ଦ୍ୱୈତ ଆଦୌ ନାହିଁ କିମ୍ବା ତ୍ରୁଟିପୂର୍ଣ୍ଣ ଭାବରେ ରେକର୍ଡ କରାଯାଇଛି । ସହରାଞ୍ଚଳଗୁଡିକରେ ବିଭିନ୍ନ ଅନୁଷ୍ଠାନଗୁଡିକର ଦାୟିତ୍ୱ ପରିଷ୍କାର ଭାବରେ ବ୍ୟାଖ୍ୟା କରାଯାଇ ନଥିବାରୁ ସମାଜର କ୍ଷତି ହେଉଛି । ଏହାଦ୍ୱାରା ଯୋଜନା ଏବଂ ଟିକସ ସଂଗ୍ରହ କରିବା କଷ୍ଟକର ହୋଇପଡିଛି, ଜମିର ବିକାଶ ଏବଂ ଆର୍ଥିକ ବଜାରରେ ପ୍ରତିବନ୍ଧକ ସୃଷ୍ଟି ହେଉଛି, ସାର୍ବଜନୀନ ଜମି ଅନଧିକାର ଭାବରେ ଅକ୍ତିଆର କରିବାକୁ ପ୍ରୋତ୍ସାହିତ କରୁଛି ଏବଂ ବିବାଦ ସୃଷ୍ଟି କରୁଛି ଯାହାକି ନିବେଶ କମ୍ ହେବାର କାରଣ ହେଉଛି । ଏହି ସମସ୍ୟାଗୁଡିକର ସମାଧାନ କରିବା ପାଇଁ ବହୁ ସମୟ ଲାଗୁଛି । ଏହି ସମସ୍ୟାକୁ ଅଧିକ ଷ୍ଟାଂପ୍ ଡ୍ୟୁଟି ଅଧିକ ଗୁରୁତର କରିଦେଉଛି, ଜମି କିଣାବିକା ଅଣ ଔପଚାରିକ ଭାବରେ ହେବାକୁ ପ୍ରୋତ୍ସାହନ ଦେଉଛି କିମ୍ବା ଜମିର ମୂଲ୍ୟ ତ୍ରୁଟିପୂର୍ଣ୍ଣ ଭାବରେ ନିର୍ଣ୍ଣୟ କରାଯାଉଛି । ଏହା ପ୍ରତ୍ୟେକ ବ୍ୟକ୍ତିଙ୍କର ଉପଯୁକ୍ତ ଜମିମୂଲ୍ୟ ଦେବାର ଦକ୍ଷତାକୁ ବିଚାରକୁ ନେଉନାହିଁ ଏବଂ ସମ୍ଭାବିତ ଭାବରେ ଦୁର୍ନିତିକୁ ପ୍ରୋତ୍ସାହିତ କରୁଛି । ବହୁ ଦିନ ପୂର୍ବେ ଜମି ଲିଜ୍ ବ୍ୟବସ୍ଥା ଉପରେ ନିୟନ୍ତ୍ରଣ ଦ୍ୱୈତ ଯଥାର୍ଥ ଥିଲା କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ ମଧ୍ୟ ଏହା ଲାଗୁ ଅବସ୍ଥାରେ ଥିବାରୁ ଗରିବ ଲୋକମାନେ ଜମି ପ୍ରାପ୍ତ କରିବା ଏବଂ ଏହାର କ୍ଷମତା ଅନୁସାରେ ତାକୁ ବ୍ୟବହାର କରିବାରୁ ବଞ୍ଚିତ ହେଉଛନ୍ତି । ସମୟକ୍ରମେ, ଜମିର ମାଲିକାନା ଚିହ୍ନଟ କରିବା ଏବଂ ଏହାର ଉତ୍ତମ ବ୍ୟବହାର ପାଇଁ ବଜାର ମାଧ୍ୟମରେ ମାଲିକାନା ହସ୍ତାନ୍ତର କରିବାରେ ସାର୍ବଜନୀନ ସଂସ୍ଥା ଗୁଡିକର ନିୟନ୍ତ୍ରଣକାରୀ ଏବଂ ପ୍ରଶାସନିକ କାର୍ଯ୍ୟକଳାପ ଉପଯୁକ୍ତ ଭାବରେ କାର୍ଯ୍ୟ କରିବାରେ ବିଫଳ ହୋଇଛନ୍ତି । ରାଜସ୍ୱ ବିଭାଗ ଅଧିକାଂଶ ରାଜ୍ୟରେ ଅତି ଅଳ୍ପ ରାଜସ୍ୱ ସଂଗ୍ରହ କରିପାରୁଛନ୍ତି କିମ୍ବା ଆଦୌ ରାଜସ୍ୱ ସଂଗ୍ରହ କରିପାରୁନାହାନ୍ତି ଏବଂ ସେମାନେ ଏହି ସମସ୍ୟାଗୁଡିକରେ ଅଧିକାଂଶ ସମୟ ବ୍ୟସ୍ତ ରହନ୍ତି ଯାହାକି ଜମି ପ୍ରଶାସନ ପରିଚାଳନା ସହ କୌଣସି ସଂପର୍କ ନାହିଁ ।

***ଏହି ପ୍ରଣାଳୀ ମଧ୍ୟ ପ୍ରଭାବଶୀଳ ସ୍ତରର କ୍ରମୋନ୍ନତି ଆବିଷ୍କାର କରିପାରିଛି :*** ନକ୍ସାଙ୍କନରେ ଉନ୍ନତି ଆଣି, ଲିଖିତ ଦସ୍ତାବିଜ ସହିତ ସ୍ଥାନ ଏବଂ ଦିଗ ଆଧାରିତ ଜମି ରେକର୍ଡ ମିଳାଇ, ସ୍ୱ ଭାବରେ ଦାଖଲଖାରଚ ନିଶ୍ଚିତ କରି, ଜମି ମାଲିକାନାର ପ୍ରମାଣ ଆବଶ୍ୟକ କରି ଜମି କିଣାବିକା ରେଜିଷ୍ଟର କରିବା ପୂର୍ବରୁ ଏହାର ରେକର୍ଡ ଠିକ୍ ଅଛି କି ନା ଚେକ୍ କରି, ଜାଲିଆତି କାର୍ଯ୍ୟ ନିରାକରଣ ପାଇଁ ଜମି ରେକର୍ଡକୁ କୋର୍ଟ ଏବଂ ବ୍ୟାଙ୍କ୍ ସହ ଲିଙ୍କ୍ କରି ଅନେକ ରାଜ୍ୟ ତ୍ରୁଟି ସୁଧାର କରିବା ଦିଗରେ ଅନେକ ପଦକ୍ଷେପ ନେଇଛନ୍ତି । ଅଧିକ ବିବାଦାସ୍ପଦ ଜମି ଅକ୍ତିଆର ପ୍ରଣାଳୀ ଆବଶ୍ୟକତା ନ କରି ଟାଉନ୍ ପ୍ଲାନିଙ୍ଗ୍ ସ୍କିମ୍ ସଫଳତା ସହ କାର୍ଯ୍ୟକାରୀ କରି ସହରାଞ୍ଚଳର ବିସ୍ତାରଣ କରିପାରିଛି । କୋର୍ଟ ଏବଂ ସାର୍ବଜନୀନ ଜମି ପରିଚାଳନାର କଂପ୍ୟୁଟରକରଣ କରାଯାଇଛି ଯେପରିକି ବିବାଦ ସମାଧାନ କେଉଁ ସ୍ତରରେ ଅଛି ସେ ବିଷୟରେ ସୂଚନା ପ୍ରାପ୍ତ କରାଯାଇପାରିବ ଏବଂ ପ୍ରକ୍ରିୟାରେ ଖୋଲାପଣତା ଅଣାଯାଇପାରିବ କିନ୍ତୁ ଏହି ସୁଧାରମୂଳକ ପଦକ୍ଷେପରୁ ପ୍ରାପ୍ତ ହୋଇଥିବା ଶିକ୍ଷା ରାଜ୍ୟରେ ଥିବା ଲୋକମାନେ ଜାଣିପାରୁନାହାନ୍ତି । କେତେକ କ୍ଷେତ୍ରରେ ଏହି ପଦକ୍ଷେପଗୁଡିକ ଭଲ ଭାବରେ କ୍ରମାନ୍ୱୟ କରାଯାଇନାହିଁ, ଏଗୁଡିକର ଯଥାର୍ଥତା ଦିଆଯାଇନାହିଁ କିମ୍ବା ଏଭଳି ଭାବରେ ଡକ୍ୟୁମେଣ୍ଟେସନ୍ କରାଯାଇନାହିଁ ଯେପରିକି ଏଗୁଡିକର ଅନୁକୂଳ ପ୍ରଭାବ ଭଲ ଭାବରେ ପ୍ରଦର୍ଶନ କରାଯାଇପାରିବ ।ଏହି ପ୍ରକାର ସମସ୍ୟା ଶିକ୍ଷା ପ୍ରାପ୍ତ କରିବାର ପରିସର ଏବଂ ଅନ୍ୟ ରାଜ୍ୟକୁ ବିସ୍ତାରଣ ସୁଯୋଗ ସୀମିତ କରିଦେଉଛି । ଏଲ୍‌ଜିଏଫ୍ (LGAF) ପ୍ରଣାଳୀର ଏକ ବିଶେଷତା ହେଲା, ଏପରିକି ଅଗ୍ରଣୀ ରାଜ୍ୟ ସମୂହ ମଧ୍ୟ ପଛୁଆ ରାଜ୍ୟ ଗୁଡିକରେ କାର୍ଯ୍ୟକାରୀ କରାଯାଇଥିବା ଆନୁଷ୍ଠାନିକ ବନ୍ଦୋବସ୍ତ କିମ୍ବା ନିଆଯାଇଥିବା ସୁଧାରମୂଳକ ପଦକ୍ଷେପରୁ ଅନେକ ଶିକ୍ଷା ପ୍ରାପ୍ତ କରିପାରିବେ ଏବଂ ବିଭିନ୍ନ ସୁଧାର ମୂଳକ ପଦକ୍ଷେପ ରାଜ୍ୟଗୁଡିକ ଏକତ୍ରିତ ଭାବରେ କାର୍ଯ୍ୟକାରୀ କଲେ ତାହା ଏଭଳି ତଥ୍ୟ ପ୍ରଦାନ କରିବ ଯାହାକି ଭାରତର ଜମିଜମା ପରିଚାଳନାର ପ୍ରଗତି କ୍ଷେତ୍ରରେ ସାହାଯ୍ୟ କରିବ ।

***ସାଧାରଣ ସମସ୍ୟାର ସମାଧାନ ପାଇଁ ରାଜ୍ୟଗୁଡିକ ମୁଖ୍ୟ ଭୂମିକା ଗ୍ରହଣ କରିବେ :*** ରାଜ୍ୟରୁ ପ୍ରାପ୍ତହୋଇଥିବା ରିପୋର୍ଟ ଦର୍ଶାଏ ଯେ, କେତେଗୁଡିଏ ସମସ୍ୟା ରହିଛି ଯେଉଁଥିପାଇଁ ସାଧାରଣ ପଦକ୍ଷେପ ନିଆଯାଇପାରିବ, ଗୋଟିଏ ଉପାୟରେ ହେଉ କିମ୍ବା ଅନ୍ୟ ଉପାୟରେ ହେଉ ଏହି ସମସ୍ୟାଗୁଡିକ ସମସ୍ତ ରାଜ୍ୟରେ ଦେଖାଦେଇଛି ।

- ଜମି କିଣାବିକା ଉପରେ ଆଧାରିତ କରି ରେକର୍ଡ ଅଧୁନାତନ କରିବା ଏବଂ ସେ ଅନୁସାରେ ଗ୍ରାମାଞ୍ଚଳ ଜମିର ସତ୍ତ୍ୱ ବିବାଦବିହୀନ କରିବା ପାଇଁ ପଦକ୍ଷେପ ନେବା । (i) କର୍ଣ୍ଣାଟକରେ ରେଜିଷ୍ଟ୍ରେସନ ଏବଂ ଲ୍ୟାଣ୍ଡ୍ ରେକର୍ଡ ପ୍ରଣାଳୀ ପରସ୍ପର ଚେକ୍ କରିବା ଏବଂ ଦାଖଲଖାରଚର ପୂର୍ବ ରେଖାଚିତ୍ର ଉଦାହରଣ ସ୍ୱରୂପ ବ୍ୟବହାର କରି ଏକ ମ୍ୟାପ୍ ପ୍ରସ୍ତୁତ ମାଧ୍ୟମରେ ରେଜିଷ୍ଟ୍ରେସନ୍ ପ୍ରକ୍ରିୟା କାର୍ଯ୍ୟକାରୀ କରିବା । (ii) ଜମି ମାଲିକାନା ପରିବର୍ତ୍ତନ କ୍ଷେତ୍ରରେ ସେ ସଂପର୍କିତ ରେକର୍ଡର (ଦାଖଲଖାରଚ) ସ୍ୱ-ଚାଳିତ ଭାବରେ ଅଧୁନାତନ ନିଶ୍ଚିତ କରିବା । (iii) ସରକାରୀ ଏବଂ ଘରୋଇ ସଂସ୍ଥା ଦ୍ୱାରା କରାଯାଇଥିବା ସମସ୍ତ ଜମିଜମା ସଂପର୍କିତ ଆଇନଗତ ଦାବୀ ଏବଂ ଚାର୍ଜ ରେକର୍ଡ କରିବା ଏବଂ (iv) ଅଣଔପଚାରିକ କିଣାବିକାର ପରିସର କମ୍ କରିବା ପାଇଁ ଷ୍ଟାଂପ୍ ଡ୍ୟୁଟି ଏଭଳି ଭାବରେ କମ୍ କରିବା, ଯେପରିକି ଷ୍ଟାଂପ୍ ଡ୍ୟୁଟି କମ୍ କରିବା ହେତୁ କ୍ଷତି ହେଉଥିବା ରାଜସ୍ୱ ଜମିକର ଅନ୍ୟ ଚାର୍ଜ ମାଧ୍ୟମରେ ଭରଣା ହୋଇପାରିବ ।
- ଘରୋଇ ଉଦ୍ୟୋଗ ସହାୟତାରେ ଏକ ଅଳ୍ପ ଖର୍ଚ୍ଚ ବିଶିଷ୍ଟ ଇମେଜ୍-ଆଧାରିତ ସଂଗଠିତ ଏବଂ ପରସ୍ପର ସହଯୋଗକାରୀ ପ୍ରଣାଳୀ ବ୍ୟବହାର କରି ଏକ ଏକିକୃତ ସହରାଞ୍ଚଳ କ୍ୟାଡାଷ୍ଟ୍ରେ ବ୍ୟବହାର କରିବା ଉଚିତ, ଯାହାକି କାର୍ଯ୍ୟକାରୀ କରାଯାଇ ପାରିବ ତଥା ଚାହିଦା ଏବଂ ଜମି ମୂଲ୍ୟ ଦେବାର କ୍ଷମତା ଅନୁସାରେ ହିଁ ଜମିର ମୂଲ୍ୟ ନିର୍ଦ୍ଧାରଣ କରାଯାଇ ପାରିବ । ଏହି ପ୍ରକାର ମୂଲ୍ୟ ନିର୍ଦ୍ଧାରଣ ଜମିଜମା କ୍ଷେତ୍ର ବ୍ୟତୀତ ଅନ୍ୟ କ୍ଷେତ୍ରରେ ମଧ୍ୟ ବ୍ୟବହାର କରାଯାଇ ପାରିବ, ଯେପରିକ (i) ସହରାଞ୍ଚଳ ଜମି ବ୍ୟବହାର ଏବଂ ବିସ୍ତାରଣ (ii) ସାର୍ବଜନୀନ ନିବେଶ ପ୍ରୋତ୍ସାହନ କରିବା ପାଇଁ ଜମିକର, ଯାହାକି ଏହାର ମୂଲ୍ୟ ବୃଦ୍ଧି କରିବ । (iii) ସର୍ବ ସାଧାରଣ ଜମିର ଚିହ୍ନଟ ଏବଂ ପରିଚାଳନା ଏବଂ ଅନଧିକାର ଅକ୍ତିଆର ହେବାକୁ ନଦେବା; ଏବଂ (iv) ଘରୋଇ ଉଦ୍ୟୋଗଗୁଡିକୁ ସିଦ୍ଧାନ୍ତ ନେବାରେ ସହଯୋଗ କରିବା ପାଇଁ ଜମି ଏବଂ ଭୂ-ସଂପତ୍ତି ମୂଲ୍ୟର ବିଭିନ୍ନ ପରିମାପ ନିୟମିତ ଏବଂ ବିଶ୍ୱାସ ଯୋଗ୍ୟ ରିପୋର୍ଟିଙ୍ଗ୍ ହେବା ଉଚିତ ।

- ଅନ୍ୟ ତଥ୍ୟ ସହିତ, ବର୍ତ୍ତମାନର ରେକର୍ଡ ବ୍ୟବହାର କରି ଗ୍ରାମାଞ୍ଚଳର ପରିସର ଚିହ୍ନଟ କରିବା ଉଚିତ ଯେଉଁଠାରେ ଜମି ମୂଲ୍ୟ ଏବଂ ଏହାର କିଣାବିକା ସ୍ତର ସଂପୂର୍ଣ୍ଣ ପୁନଃପର୍ଯ୍ୟବେକ୍ଷଣ ଆବଶ୍ୟକ କରେ । ଜମିଜମା ସମସ୍ୟାଗୁଡିକରେ ଆଇନ୍‌ଗତ ନିଷ୍ପତ୍ତି ପ୍ରଦାନ କରିବା ପାଇଁ ନିଜ ଅନୁଭବ ଉପଯୋଗ କରି ଇମେଜ୍-ଆଧାରିତ ସର୍ଭେ ପାଇଁ ଏକ ସଂଗଠିତ ଏବଂ ପରସ୍ପର ଅଂଶ ଗ୍ରହଣକାରୀ ମଡେଲ୍ ପ୍ରସ୍ତୁତ କରନ୍ତୁ ଏବଂ ଏଗୁଡିକ ବହୁଳ ଭାବରେ ମୂଲ୍ୟାଙ୍କନ କରନ୍ତୁ ଯେପରିକି ବ୍ୟବସାୟିକ ନମୁନା ପ୍ରସ୍ତୁତ ହୋଇପାରିବ ଏବଂ ଏହାକୁ ଘରୋଇ ଉଦ୍ୟୋଗ ସହାୟତାରେ କାର୍ଯ୍ୟକାରୀ କରନ୍ତୁ ଯେପରିକି ସେମାନେ କରିଥିବା ଖର୍ଚ୍ଚ ସଂପୂର୍ଣ୍ଣ ଭାବରେ କିମ୍ବା ଆଂଶିକ ଭାବରେ ପୁନଃ ପ୍ରାପ୍ତି କରିପାରିବେ ।

- ସର୍ବସାଧାରଣ ଜମିର ନିର୍ଦ୍ଦିଷ୍ଟ ସ୍ଥାନ ଏବଂ ଦିଗ ନିର୍ଦ୍ଧାରଣ ସଠିକ୍ ଭାବରେ ପ୍ରସ୍ତୁତ କରି ତାକୁ ପ୍ରକାଶିତ କରିବା ଉଚିତ, ଫଳରେ ସର୍ବସାଧାରଣ ଜମି କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତି ଦ୍ୱାରା ଅକ୍ତିଆର ନ ହୋଇ ପାରିବା ପାଇଁ କ୍ରମଶଃ ଏକ ନୀତି ମଧ୍ୟ ପସ୍ତୁତ କରାଯାଇ ପାରିବ । କେତେବେଳେ ଏବଂ କେଉଁସବୁ ଉଦ୍ଦେଶ୍ୟ ପାଇଁ ସର୍ବସାଧାରଣ ଜମି ବ୍ୟକ୍ତିଗତ ଏବଂ ଘରୋଇ ଉଦ୍ଦେଶ୍ୟରେ ମାଲିକାନା ବଦଳ କରାଯାଇପାରିବ ଏହା ସିଦ୍ଧାନ୍ତ ନେବା ପାଇଁ ଏକ ମାନଦଣ୍ଡ ପ୍ରସ୍ତୁତ କରାଯିବା ଉଚିତ । ଏଭଳି ମାଲିକାନା ବଦଳ ପାଇଁ ଏକ ପ୍ରତିଯୋଗିତା ପୂର୍ଣ୍ଣ ଏବଂ ଖୋଲାପଣତା ଉପରେ ଆଧାରିତ ପ୍ରଣାଳୀ ଉପରେ ନିର୍ଭର କରିବା ଉଚିତ, ଏହା ନିଶ୍ଚିତ କରିବା ପାଇଁ ଯେ ଜମି ବ୍ୟବହାରକାରୀ ଏବଂ ସର୍ବସାଧାରଣ ଏହାର ଲାଭ ପ୍ରାପ୍ତ କରି ପାରିବେ । ଏଭଳି ଏକ ମାଧ୍ୟମ ପ୍ରସ୍ତୁତ କରିବା ଉଚିତ ଯାହାକି ଆବଶ୍ୟକ ଅନୁସାରେ ଚୁକ୍ତିଗତ ଦାୟିତ୍ୱ ପର୍ଯ୍ୟବେକ୍ଷଣ ହୋଇପାରିବ ଏବଂ ସେଗୁଡିକର ଅନୁପାଳନ ବାଧ୍ୟତାମୂଳକ ଭାବରେ କାର୍ଯ୍ୟକାରୀ କରିପାରିବ ।

- ଆଜି ପର୍ଯ୍ୟନ୍ତ ସର୍ଭେ କରାଯାଇ ନଥିବା ବ୍ୟକ୍ତିଗତ ଏବଂ ଗୋଷ୍ଠୀଗତ ଜମି ଉପଯୁକ୍ତ ସ୍କେଲ୍ ସହାୟତାରେ ଚିହ୍ନଟ, ରେକର୍ଡ ଏବଂ ମ୍ୟାପ୍ କରାଯିବା ଉଚିତ ଏବଂ ଜଙ୍ଗଲ ଏବଂ ରାଜସ୍ୱ ବିଭାଗ ମଧ୍ୟରେ ଦାୟୀତ୍ୱ ବଣ୍ଟନକୁ ନେଇ କୌଣସି ଦ୍ୱନ୍ଦ ଥିଲେ ତାର ସମାଧାନ ମଧ୍ୟ କରାଯିବା ଉଚିତ । ଏହା ସହିତ, ସତର୍କତା- ବୃଦ୍ଧି ପାଇଁ ପ୍ରଚାର ଏବଂ ଗୋଷ୍ଠିଗତ ଜମି ସମ୍ବନ୍ଧୀୟ ଦାବୀର ଚିହ୍ନଟ ଏଭଳି ଭାବରେ ସଂପର୍କିତ କରିବା ଉଚିତ, ଯେପରିକି ଏଫ୍ଆରଏ (FRA) ଭଳି ବର୍ତ୍ତମାନ ପ୍ରସ୍ତୁତ କରାଯାଇଥିବା ଆଇନ୍‌ର ସମ୍ଭାବିତ ପ୍ରୟୋଗ ମଧ୍ୟ ହୋଇପାରିବ ।

- ଜମିର ବ୍ୟବହାରିକ ସମୟ ଅବଧି ଏବଂ ପରିଚାଳନା ପାଇଁ ଆନୁଷ୍ଠାନିକ ଢାଞ୍ଚା ଆଡଜଷ୍ଟ କରାଯିବା ଉଚିତ ଯେପରିକି ଜମିଜମା ସମ୍ବନ୍ଧୀୟ ସୂଚନା ବିସ୍ତାରିତ ଏବଂ ଉଚ୍ଚମାନର ହୋଇପାରିବ ଏବଂ ଆବଶ୍ୟକ କରୁଥିବା ବ୍ୟକ୍ତି/ଦଳକୁ ଅଳ୍ପ ଖର୍ଚ୍ଚରେ ଉପଲବ୍ଧ ହୋଇ ପାରୁଥିବ ।କେବଳ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ ଜମି ଅଧିକାର କାର୍ଯ୍ୟରେ ହିଁ ନିୟୋଜିତ ହୋଇପାରୁଥିବା ଏକ ସଂସ୍ଥା ଲାଭର ବିକଳ୍ପ ଚୟନ କରନ୍ତୁ ଯାହାକି ଆର୍ଥିକ ଦୃଷ୍ଟିକୋଣରୁ ସମ୍ଭବ ହୋଇପାରୁଥିବ । ୭୩ତମ ଏବଂ ୭୪ ତମ ସଂଶୋଧନ ଏବଂ ପଞ୍ଚାୟତ (ଏକ୍ସଟେନ୍‌ସନ ଟୁ ସିଡୁଲ୍ ଏରିଆ) ଆଇନ୍ (PESA) ଅନୁସାରେ ଦାୟିତ୍ୱ ପରିଚାଳନାର ବିକେନ୍ଦ୍ରୀକରଣ କରି କେତେକ ନିର୍ଦ୍ଦିଷ୍ଟ ପ୍ରକାରର ଜମି ସ୍ଥାନୀୟ ସରକାରୀ ସଂସ୍ଥାକୁ ପରିଚାଳନା କରିବାକୁ ଦିଅନ୍ତୁ ।

- ସ୍ୱତ୍ତ୍ୱ (ଭଡାରେ ଜମି ବ୍ୟବହାର କରିବା) ପ୍ରଣାଳୀ ସ୍ୱୀକାର କରି ଏବଂ ଲିଜ୍ ବଜାର କାର୍ଯ୍ୟକାରିତାରେ ଉନ୍ନତି ଆଣିବାପାଇଁ ଉପଯୁକ୍ତ ପଦକ୍ଷେପ ନେଇ ଗରୀବ ଲୋକ ମାନଙ୍କର ଜମିପ୍ରାପ୍ତ କରାଇବା/ ବ୍ୟବହାର କରିବା କ୍ଷମତାରେ ବୃଦ୍ଧି କରିବା ଉଚିତ । (i) ଏକ ନିର୍ଦ୍ଦିଷ୍ଟ ପ୍ରକାର ଜମିର ମାଲିକାନା ବଦଳ ଉପରେ ନିୟନ୍ତ୍ରଣ; (ii) ସ୍ୱୀକୃତି ପ୍ରାପ୍ତ ହୋଇ ନଥିବା ପେଶାକୁ ସ୍ୱୀକୃତି ପ୍ରଦାନ କରିବା; ଏବଂ (iii) ପ୍ରଥମରେ ଜମି ବଣ୍ଟନ କରାଯାଇଥିବା ବ୍ୟକ୍ତିଙ୍କ ଦ୍ୱାରା ଜମି ଅକ୍ତିଆର ପୁନଃସ୍ଥାପନ କରିବା ।

- ହିନ୍ଦୁ ଉତ୍ତରାଧିକାରୀ ଅଧିନିୟମ ସଂଶୋଧନ (HSAA) ବିଷୟରେ ସୂଚନା ପ୍ରଚାର କରି, ଆସାଇନ କିମ୍ବା ବଣ୍ଟନ ହୋଇଥିବା ଜମି ମହିଳା ମାନଙ୍କ ନାମରେ ପଞ୍ଜିକୃତ କରି ମହିଳା ମାନଙ୍କର ଜମି ମାଲିକାନା ବୃଦ୍ଧି କରିବାର ବିକଳ୍ପ ଅନୁସରଣ କରିବା ଉଚିତ । ଜମି ଦସ୍ତାବିଜ ମହିଳା ମାନଙ୍କ ନାମରେ କରୁଥିବା ଘରୋଇ/ବ୍ୟକ୍ତି ବିଶେଷଙ୍କୁ ପ୍ରୋତ୍ସାହନ ଦେବାର ବିକଳ୍ପ ମଧ୍ୟ ବାହାର କରିବା ଉଚିତ । ଏହି ପ୍ରକ୍ରିୟାକୁ ଲଗାତାର ପର୍ଯ୍ୟବେକ୍ଷଣ ଏବଂ ପ୍ରଭାବ ମୂଲ୍ୟାଙ୍କନ ସହିତ ଯୋଡିବା ଉଚିତ ଯେପରିକି ମହିଳା ମାନଙ୍କର ଜମି ମାଲିକାନା ବୃଦ୍ଧି କରିବା ଏବଂ ସମ୍ଭାବିତ ପ୍ରତିକୂଳ ପ୍ରଭାବ ଜାଣିବା ପାଇଁ ଏକ ଫଳପ୍ରଦ ଉପାୟ ପ୍ରସ୍ତୁତ କରାଯାଇ ପାରିବ ଏବଂ ବିଭିନ୍ନ ରାଜ୍ୟରେ ଲଗାତାର ଭାବରେ କର୍ଯ୍ୟକାରୀ କରାଯାଇ ପାରିବ ।

- କୋର୍ଟରେ ବିଚାରାଧୀନ ଥିବା ଜମିଜମା ବିବାଦ ପାଇଁ ଆଇଟି (IT) ଆଧାରିତ କେସ୍ ପରିଚାଳନା ପଦ୍ଧତି କାର୍ଯ୍ୟକାରୀ କରାଯିବା ଉଚିତ ଏବଂ ଜମିଜମା ବିବାଦ କ୍ଷେତ୍ରରେ ନିର୍ଭୁଲ୍ ଭାବରେ ଟାଇପ କରିବା ଆବଶ୍ୟକ, କେସ୍ ଲୋଡ ତଦାରଖ କରାଯାଇ, ପ୍ରସ୍ତୁତ ହୋଇଥିବା ନୀତିରେ କୌଣସି ତ୍ରୁଟିଥିଲେ ତାହା ଚିହ୍ନଟ କରାଯିବା ଉଚିତ୍ ଯଦି ସମାଧାନ କରାଯାଇ ପାରେ, କମ୍ ସମୟ ଭିତରେ ଜମିବିବାଦ କମ୍ ହୋଇ ପାରିବ । ପ୍ରତ୍ୟେକ ଜମିଜମା କେସ୍ ଗୁଡିକରେ ସମୟ ସୀମା ନିର୍ଦ୍ଧାରଣ କରାଯିବା ଉଚିତ ଏବଂ କୋର୍ଟକୁ ବିବାଦ ସମାଧାନରେ ସହାୟତା କରିବା ପାଇଁ ଉପଦେଶ, ଆଲୋଚନା ଏବଂ ଉଭୟ ସମ୍ମତି ସହିତ ନ୍ୟାୟସଙ୍ଗତ ନିଷ୍ପତ୍ତି ଦେଉଥିବା ସଂସ୍ଥା ମଧ୍ୟ ସୃଷ୍ଟି କରାଯିବା ଆବଶ୍ୟକ ।

***କେନ୍ଦ୍ର ସରକାରଙ୍କ ଭୂମିକା ଯଦିଓ ସୀମିତ ମାତ୍ର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ :*** ଏହାର ଅର୍ଥ ନୁହେଁ ଯେ, କେନ୍ଦ୍ର ସରକାରଙ୍କର ଭୂମିକା ଗୌଣ ଏବଂ ଅନାବଶ୍ୟକ ଅଟେ – ଏହାର ବିପରୀତରେ କେନ୍ଦ୍ର ସରକାର ଅତ୍ୟନ୍ତ ଆବଶ୍ୟକ କାର୍ଯ୍ୟକାରିତା କରିପାରିବେ ।

- ଜମିଜମା ସହିତ ସଂପୃକ୍ତ ଅନୁଷ୍ଠାନମାନଙ୍କ ମଧ୍ୟରେ ଥିବା ପାର୍ଥକ୍ୟକୁ ଦୂର କରି କେନ୍ଦ୍ର ସରକାର ଜମିକୁ ପ୍ରାଧାନ୍ୟ ଦେଇପାରିବେ ଯାହାକି ଏହା ପାଇବା ପାଇଁ ହକ୍‌ଦାର । ଜମି ହେଉଛି ପ୍ରକୃତରେ କ୍ରମବର୍ଦ୍ଧିତ ଗୁରୁତର ସମସ୍ୟା । ଏହି ସମସ୍ୟାଗୁଡିକୁ ପ୍ରମାଣ-ଆଧାରିତ ଉପରେ ସମାଧାନ କରିବା ଉଚିତ୍ । ଏଥିପାଇଁ କେନ୍ଦ୍ର ଏବଂ ରାଜ୍ୟ ସ୍ତରରେ ସଂପୃକ୍ତ ଥିବା ବିଭିନ୍ନ ଅନୁଷ୍ଠାନ (ଭୂ-ସମ୍ବଳ ବିଭାଗ, ପରିବେଶ ଏବଂ ବନ ମନ୍ତ୍ରାଳୟ, ଆଦିବାସୀ ବ୍ୟାପାର ମନ୍ତ୍ରାଳୟ, ଏବଂ ସହରାଞ୍ଚଳ ବିକାଶ ମନ୍ତ୍ରାଳୟ) ବୈଷୟିକ ନେତୃତ୍ୱ ପ୍ରଦାନ କରିବା ଉଚିତ୍ । ପରସ୍ପର ବିରୋଧି ସମସ୍ୟା ଏବଂ ପ୍ରଣାଳୀଗତ ସମସ୍ୟାରେ ନିୟମିତତା ବଜାୟ ରଖିବା ଉଚିତ୍ । ଏହି ପ୍ରକାରର କୌଣସି ସଂସ୍ଥା ଯଦି ପାଠ୍ୟା ହିସାବରେ ଉଚ୍ଚ ସ୍ଥାନରେ ରଖାଯାଏ ଏବଂ ଉପଯୁକ୍ତ ଭାବରେ ଏହି ସଂସ୍ଥା ବିଷୟରେ ପ୍ରଚାର କରାଯାଏ ଏହା ରାଜସ୍ୱ ବିଭାଗର ମର୍ଯ୍ୟଦା ହାନୀ ବନ୍ଦ କରି ପାରିବ (ପ୍ରକୃତରେ ମର୍ଯ୍ୟାଦା ବୃଦ୍ଧି କରିବ) ।ଏହାକୁ ଆଧୁନିକ ଟେକ୍‌ନୋଲୋଜି ସହ ସାମିଲ୍ କରିପାରିବ, ଏବଂ ଅନୁଷ୍ଠାନଗତ ଏବଂ ଟେକ୍‌ନୋଲୋଜିଗତ କ୍ରମୋନ୍ନତି ରାଜ୍ୟ ସ୍ତରରେ ପ୍ରୋତ୍ସାହିତ କରିବ ।

- ସମସ୍ୟା-ପର ପ୍ରତିକ୍ରିୟାମୂଳକ ପଦକ୍ଷେପକୁ ଛାଡି ସମସ୍ୟା ସୃଷ୍ଟି ହେବା ପୂର୍ବରୁ ଆବଶ୍ୟକ ପଦକ୍ଷେପ ନେବା ପ୍ରଣାଳୀର ଦକ୍ଷତା ପ୍ରସ୍ତୁତ କରନ୍ତୁ । ଏହା ନୈତିକତା ଏବଂ ଭ୍ରାନ୍ତଧାରଣା ଅପେକ୍ଷା ପ୍ରମାଣ ଆଧାରିତ ଭାବରେ ପ୍ରକୃତ ସମସ୍ୟା ସହ ଜଡିତ ହୋଇଥାଏ । ଅନୁଷ୍ଠାନଗତ ପାର୍ଥକ୍ୟ ଦୂର କରିବା ଏବଂ ପ୍ରଣାଳୀଗତ ସମସ୍ୟା ସମାଧାନ କରିବାର କ୍ଷମତା ଜମିଜମା କ୍ଷେତ୍ରରେ

ପ୍ରଦର୍ଶିତ କରି ଏହିଭଳି ପଦକ୍ଷେପ ନେବାରେ ସକ୍ଷମ ହେବ ଯାହାକି ଅସ୍ଥାୟୀ ନୁହେଁ ଏବଂ ମୋଟାମୋଟି ପ୍ରଣାଳୀ କାର୍ଯ୍ୟକାରିତାରେ ଉନ୍ନତି ଆଣିବା ପାଇଁ ଅତ୍ୟନ୍ତ କ୍ରିୟାଶୀଳ ଭାବରେ ପଦକ୍ଷେପ ନେବ ତଥା ଆବଶ୍ୟକ ଫଳାଫଳ ଦେବାପାଇଁ ଓ ଲକ୍ଷ୍ୟ ହାସଲ ପାଇଁ ଉପଲବ୍ଧ ପ୍ରମାଣ ଏବଂ ଲିଖନ ବ୍ୟବହାର କରିବ । ଏହା କେବଳ ପ୍ରଣାଳୀଗତ ଅଭାବ ଏବଂ ତୃଟି ପୂରଣ କରିବ ତାହା ନୁହେଁ, ଆବଶ୍ୟକସ୍ଥଳେ ଏହା କିପରି ବନ୍ଦ କରାଯାଇପାରିବ ସେଥିପାଇଁ ଉପାୟ ମଧ୍ୟ ବାହାର କରାଯାଇପାରିବ । ଫଳରେ ସମସ୍ୟାର ଗୁରୁତ୍ୱ ଅନୁସାରେ ପ୍ରଧାନ୍ୟ ଦିଆଯାଇପାରିବ ଏବଂ ବିଭିନ୍ନ ସମସ୍ୟା ପାଇଁ ବିଭିନ୍ନ ହସ୍ତକ୍ଷେପ ଡିଜାଇନ୍ କରିପାରିବ ତଥା ଏହାର କାର୍ଯ୍ୟକାରିତା କ୍ରମାନ୍ୱୟ କରିପାରିବ ଯାହାକି ମଧ୍ୟକାଳୀନ ଭାବରେ ଅତି ସଫଳତାର ସହିତ ଜମି ପ୍ରଶାସନରେ ଉନ୍ନତି ଆଣିବ ।

- ***ପ୍ରମାଣିତ ପ୍ରଭାବ ପରେ ହିଁ ତା ବଦଳରେ ସାର୍ବଜନୀନ ସମ୍ବଳ ବଣ୍ଟନ କରାଯିବା ଉଚିତ୍:*** ଯଦିଓ ଭାରତ ଜମିଜମା ରେକର୍ଡରେ ଉନ୍ନତି ଆଣିବା ପାଇଁ ଅନେକ ସମ୍ବଳ ଉପଯୋଗ କରିଛି, ଏହି ଉପଯୋଗୀତାର ପ୍ରଭାବ ବେଳେବେଳେ ନ୍ୟୁନ ହେବାର ଦେଖାଯାଏ ।ପର୍ଯ୍ୟବେକ୍ଷଣ କରିବାରେ ଅଧିକ ଧ୍ୟାନ କେନ୍ଦ୍ରିଭୂତ କଲେ, ଏବଂ ରାଜ୍ୟ ରାଜ୍ୟ ମଧ୍ୟରେ ତୁଳନା କରେ ଏହା କେବଳ ସମ୍ବଳ ବ୍ୟବହାର କାର୍ଯ୍ୟଦକ୍ଷତା ବୃଦ୍ଧି କରିବ ତାହା ନୁହେଁ, ଏହା ମଧ୍ୟ ବିଭିନ୍ନ ରାଜ୍ୟ ମଧ୍ୟରେ ଉତ୍ତମ କାର୍ଯ୍ୟ ଅଭ୍ୟାସ ବିଷୟରେ ବର୍ଣ୍ଣନା କରିବ ଏବଂ ଏଥିରେ ଜଡିତ ଥିବା ସୂଚନା ଚାରିଆଡେ ବିସ୍ତାରଣ କରିବ ।ସେମାନଙ୍କ ମଧ୍ୟରେ କ୍ରମୋନ୍ନତି ପ୍ରୋତ୍ସାହନ କରିବ ଏବଂ ନିଜ ନିଜ ମଧ୍ୟରେ ଅନୁଭବର ଆଦାନ ପ୍ରଦାନ ହୋଇପାରିବ ଫଳରେ ପ୍ରମାଣିତ ଉତ୍ତମ କାର୍ଯ୍ୟ ଅଭ୍ୟାସ ଖୁବ୍ ଶୀଘ୍ର ବିସ୍ତାରିତ ଭାବରେ କାର୍ଯ୍ୟକାରୀ କରିବାରେ ସହାୟକ ହେବ ।

## ୨ ଏଲ୍‌ଜିଏଏଫ୍ (LGAF) ପ୍ରଣାଳୀ ଏବଂ ଭାରତରେ ଏହାର ପ୍ରୟୋଗ

***ଏଲ୍‌ଜିଏଏଫ୍ (LGAF) ହେଉଛି ଜମି ପରିଚାଳନା ନୀତିର ସ୍ୱ ମୂଲ୍ୟାଙ୍କନ ପାଇଁ ଏକ ଟୁଲ୍:*** ବିଶ୍ୱସ୍ତରୀୟ ଉତ୍ତମ କାର୍ଯ୍ୟ ଅଭ୍ୟାସ ତୁଳନାରେ ରାଜ୍ୟଗୁଡ଼ିକ ଜମି ପରିଚାଳନାର ଅବସ୍ଥିତ ବିସ୍ତାରିତ ଭାବରେ ମୂଲ୍ୟାଙ୍କନ କରିବା ପାଇଁ କେତେକ ରାଜ୍ୟ – ଆନ୍ଧ୍ରପ୍ରଦେଶ (AP), ବିହାର (BI), ଝାଡଖଣ୍ଡ (JK), କର୍ଣ୍ଣାଟକ (KA), ଓଡ଼ିଶା (OD), ପଶ୍ଚିମବଙ୍ଗ (WB)– ୨୦୧୩ ରେ ଅନୁରୋଧ କଲେ ଯେ, ସେମାନଙ୍କ ରାଜ୍ୟରେ ଏଲ୍‌ଜିଏଏଫ୍ (LGAF) ବ୍ୟବହାର କରି ସ୍ୱ-ମୂଲ୍ୟାଙ୍କନ ପରିଚାଳନା କରିବେ ।ଏଥିପାଇଁ ଭୂସମ୍ପଦ ବିଭାଗ, ଗ୍ରାମାଞ୍ଚଳ ବିକାଶ ମନ୍ତ୍ରାଳୟ ଭାରତ ସରକାରଙ୍କ ଦ୍ୱାରା ଦିଆଯାଇଥିବା ପରାମର୍ଶ ମଧ୍ୟ ଅବଲମ୍ବନ କରିବେ ।ଏଲ୍‌ଜିଏଏଫ୍ (LGAF) ହେଉଛି ଏକ ଟୁଲ୍ ଯାହାକି ବିଶ୍ୱ ବ୍ୟାଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଛି ଏବଂ ପ୍ରଚାର କରାଯାଇଛି । ଏହି ଟୁଲ୍‌ର ଲକ୍ଷ୍ୟ ହେଲା, ଏକ ଉଚ୍ଚ ମାନର ପରସ୍ପର ସହଯୋଗୀ ପ୍ରଣାଳୀ ଆଧାରିତ ଏକ ସାଧାରଣ ପରିମାପ ବ୍ୟବହାର କରିବା ଏବଂ ବିଶ୍ୱସ୍ତରୀୟ ଉତ୍ତମ କାର୍ଯ୍ୟାଭ୍ୟାସ ତୁଳନାରେ ବିଭିନ୍ନ ରାଜ୍ୟଗୁଡ଼ିକର ଜମି ପରିଚାଳନା ନୀତି ମାନଦଣ୍ଡ ଜାଣିବା ଏବଂ ମୂଲ୍ୟାଙ୍କନ କରିବାରେ ସାହାଯ୍ୟ କରିବା । ରାଜ୍ୟଗୁଡ଼ିକ ମଧ୍ୟରେ ଆଲୋଚନା ଏବଂ ଅନୁଭବର ଆଦାନ ପ୍ରଦାନ ଉପରେ ଆଧାର କରି ଡିଓଏଲ୍‌ଆର (DoLR ) ସଂପୂର୍ଣ୍ଣ ଭାବରେ ଏହି ପ୍ରଚେଷ୍ଟାକୁ ସମ୍ମତି ଦେଇଛି ।[୧]

***ଏହା ଏକ ପରସ୍ପର ଅଂଶ ଗ୍ରହଣକାରୀ, କିନ୍ତୁ ବୈଷୟିକ ଭାବରେ ପ୍ରଣାଳୀ :*** ଏଲ୍‌ଜିଏଏଫ୍ (LGAF) ହେଉଛି ଏକ ପ୍ରଣାଳୀ ଯାହାକି ଅନେକ ଦୃଷ୍ଟି କୋଣରୁ ବିଶ୍ୱସ୍ତରୀୟ ଉତ୍ତମ କାର୍ଯ୍ୟ ଅଭ୍ୟାସ ସହିତ ଏକ ରାଜ୍ୟ କିମ୍ବା ଦେଶର ବର୍ତ୍ତମାନର ପରିସ୍ଥିତି ସହ ତୁଳନା କରେ । ପ୍ରତ୍ୟେକ ଦୃଷ୍ଟିକୋଣକୁ ନିଜ ଅନୁଭୂତି ଉପରେ ଆଧାରିତ କରି ମୁଖ୍ୟ ବିଶାରଦଙ୍କର ପ୍ୟାନେଲ୍ ଏବଂ ଏଥିରେ ଅଂଶଗ୍ରହଣ କରିଥିବା ଅନ୍ୟ ବ୍ୟକ୍ତି/ସଂସ୍ଥା ୪-ଲିଭେଲ୍ (A ରୁ D) ସ୍କେଲ୍‌ରେ ର୍‌ୟାଙ୍କ୍ ଦେଇଥାନ୍ତି । ଏହି ଅନୁଭବ/ବିଶେଷ ସୂଚନା ସଂପୃକ୍ତ କ୍ଷେତ୍ରରେ ବର୍ତ୍ତମାନର ଅବସ୍ଥିତିରେ ଉପଲବ୍ଧ ଥିବା ସୂଚନା ଉପରେ ଆଧାରିତ ଯାହାକି ବିଶାରଦ ଏବଂ ଏଥିରେ ଅଂଶଗ୍ରହଣ କରିଥିବା ଅନ୍ୟ ବ୍ୟକ୍ତି/ସଂସ୍ଥାକୁ ପ୍ରାପ୍ତ ହୋଇଥାଏ । ପାଞ୍ଚୋଟି ମୁଖ୍ୟ ବିଷୟ ଏଥିରେ ଅନ୍ତର୍ଗତ କରାଯାଇଥାଏ ଯଥା (i) ବର୍ତ୍ତମାନରେ ଉପଲବ୍ଧ ଅଧିକାରଗୁଡ଼ିକ ଚିହ୍ନଟ କରିବା (ii) ଭୂମି ବ୍ୟବହାରର ଯୋଜନା, ପରିଚାଳନା ଏବଂ ଟିକସ, (iii) ସାର୍ବଜନୀନ ଜମିର ପରିଚାଳନା, (iv) ଭୂମି ବିଷୟରେ ସୂଚନା ପାଇଁ ସାର୍ବଜନୀନ ବ୍ୟବସ୍ଥା, (v) ବିବାଦ ସମାଧାନ ଏବଂ ପରିଚାଳନା । ପ୍ରଣାଳୀର ମୁଖ୍ୟ ପଦକ୍ଷେପଗୁଡ଼ିକ ମାନୁଆଲ୍‌ରେ ଦିଆଯାଇଛି ଏବଂ ଏଲ୍‌ଜିଏଏଫ୍ (LGAF) ୱେବ୍‌ସାଇଟ୍‌ରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି । ବିଶାରଦ ଅନୁସନ୍ଧାନକାରୀଙ୍କ ଦ୍ୱାରା ସମସ୍ୟାର ପୃଷ୍ଠଭୂମି ବିଶ୍ଳେଷଣ କରି ପରସ୍ପର ସଂପର୍କିତ କରିବା, ଏଥିରେ ସଂପୃକ୍ତ ଥିବା ବିଭିନ୍ନ ବ୍ୟକ୍ତି ଏବଂ ସଂସ୍ଥା ମଧ୍ୟରେ ପ୍ୟାନେଲ୍ ଅଧିବେଶନ ହୋଇ ପରିସ୍ଥିତି ଅନୁସାରେ ର୍‌ୟାଙ୍କ୍ ଦେବା ଏବଂ ସର୍ବସାଧାରଣଙ୍କ ସମ୍ମତି ପ୍ରାପ୍ତ କରିବା ଏବଂ କୌଣସି ସିଦ୍ଧାନ୍ତରେ ପହଞ୍ଚିବା ପାଇଁ ପଲିସି କାର୍ଯ୍ୟଶାଳା ପରିଚାଳନା କରିବା ଏହି ପ୍ରଣାଳୀର ଅନ୍ତର୍ଗତ ଅଟେ ।ଏହି ପ୍ରଣାଳୀର ଉଦ୍ଦେଶ୍ୟ ହେଲା (i) ନିର୍ଦ୍ଦିଷ୍ଟ ଦେଶ ଏହାର ଉଦ୍ଦେଶ୍ୟ ଉପଲବ୍ଧ ହେଉଥିବା ସୂଚନା ଅନୁସାରେ ଏଲ୍‌ଜିଏଏଫ୍ ପ୍ରଣାଳୀକୁ କାର୍ଯ୍ୟକାରୀ କରିବା ଅଥଚ ନୂଆ ଗବେଷଣା ଏହାର ମୁଖ୍ୟ ଉଦ୍ଦେଶ୍ୟ ନୁହେଁ । (ii) ପ୍ରାଧାନ୍ୟ ଥିବା କ୍ଷେତ୍ର ଗୁଡ଼ିକରେ ଏକ ସମ୍ମତିରେ ପହଞ୍ଚିବା ଏବଂ ମୁଖ୍ୟ ଅଂଶଗ୍ରହଣକାରୀଙ୍କ ଦ୍ୱାରା ଆବଶ୍ୟକ ପଦକ୍ଷେପ ନେବା, ବର୍ତ୍ତମାନରେ ଉପଲବ୍ଧ ସୂଚନାରେ କୌଣସି ତ୍ରୁଟି ଥିଲେ ତାକୁ ଦୂର କରିବା, ନିୟନ୍ତ୍ରଣକାରୀ ପଦକ୍ଷେପରେ ଆବଶ୍ୟକ ପରିବର୍ତ୍ତନ ଆଣିବା, କିମ୍ବା ଆନୁଷ୍ଠାନିକ ପରିବର୍ତ୍ତନ ଆଣିବା, ନୂତନ ମାଧ୍ୟମର ବହୁଳ ଉପଯୋଗ କରିବା ଏବଂ ଜମି ପରିଚାଳନା ନୀତିରେ ବଡ ଧରଣର ଉନ୍ନତି ଆଣିବା ପାଇଁ ଆବଶ୍ୟକ ହସ୍ତକ୍ଷେପ କରିବା ଏବଂ (iii) ଏହି ପଦକ୍ଷେପ ଗୁଡ଼ିକର ପ୍ରଭାବଶୀଳତା ମୂଲ୍ୟାଙ୍କନ କରିବା ପାଇଁ ଉପଯୁକ୍ତ ପରିମାପ ଚିହ୍ନଟ କରିବା ।

***ପ୍ରାୟ ୪୦ଟି ଦେଶରେ ଜମି ଉପରେ ବିସ୍ତାରିତ ଆଲୋଚନା ତ୍ୱରାନ୍ୱିତ କରିବା ପାଇଁ*** ଉତ୍ତମ କାର୍ଯ୍ୟ ଅଭ୍ୟାସ ଚିହ୍ନଟ କରିବା, ଏବଂ ପ୍ରାଥମିକତା କ୍ଷେତ୍ରରେ ସୁଧାର ଆଣିବା ପାଇଁ ଏକ ସମ୍ମତିରେ ପହଞ୍ଚିବା, ମୁଖ୍ୟ କ୍ଷେତ୍ରଗୁଡ଼ିକରେ କୌଣସି ତ୍ରୁଟି ଥିଲେ ତାକୁ ସୁଧାର କରିବା ପାଇଁ ନୂଆ ପ୍ରଣାଳୀରେ ପ୍ରଣୟନ, ମୂଲ୍ୟାଙ୍କନ ତଥା ଏବଂ ଟେଷ୍ଟିଙ୍ଗ୍ କରିବା, ଏବଂ ଜମିପାଇଁ ପର୍ଯ୍ୟବେକ୍ଷଣ ପରିମାପ ପ୍ରସ୍ତୁତ କରିବା ପ୍ରଭୃତି ଅନେକ ଲକ୍ଷ୍ୟ ନେଇ ଏଲ୍‌ଜିଏଏଫ୍ (LGAF) ପ୍ରାୟ ୪୦ଟି ଦେଶରେ ପ୍ରୟୋଗ କରାଯାଇଛି[୨] । ଅନେକ କେସ୍‌ରେ ଜମି ଦେଶର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ହିସାବରେ ବିଚାର ହୋଇଛି । ମୁଖ୍ୟ ସୁଧାରମୂଳକ ପଦକ୍ଷେପ ପାଇଁ ଏକ ବିସ୍ତାରିତ ସମ୍ମତି ପ୍ରସ୍ତୁତ କରିବାରେ ଏଲ୍‌ଜିଏଏଫ୍ ସାହାଯ୍ୟ କରିଛି ଯାହାକି ସଂପୃକ୍ତ ଥିବା ସମସ୍ତ ଅଂଶଗ୍ରହଣକାରୀମାନଙ୍କ ମଧ୍ୟରେ ଲଗାତାର ଆଲୋଚନାର

୧ ୨୦୧୨ରେ, ବିହାର, ଝାଡଖଣ୍ଡ,ଓଡ଼ିଶା, ପଶ୍ଚିମବଙ୍ଗ, କର୍ଣ୍ଣାଟକ ଏବଂ ଆନ୍ଧ୍ରପ୍ରଦେଶ ତାଙ୍କ ରାଜ୍ୟରେ ଜମି ପ୍ରଶାସନ ମୂଲ୍ୟାଙ୍କନ କରିବା ପାଇଁ ବିଶ୍ୱ ବ୍ୟାଙ୍କକୁ ଅନୁରୋଧ କଲେ, ଏଥିପାଇଁ ଭୂସମ୍ପଦ ବିଭାଗ, ଗ୍ରାମାଞ୍ଚଳ ବିକାଶ ମନ୍ତ୍ରାଳୟ ଭାରତ ସରକାରଙ୍କ ଦ୍ୱାରା ଦିଆଯାଇଥିବା ପରାମର୍ଶ ମଧ୍ୟ ଅବଲମ୍ବନ କରାଯିବ ।ଅଂଶଗ୍ରହଣ କରୁଥିବା ପ୍ରତ୍ୟେକ ରାଜ୍ୟରେ ରାଜ୍ୟ ସ୍ତରୀୟ କୋର୍ଡିନେସନ୍ କାର୍ଯ୍ୟ (ଏସ୍‌ସି ) ଏକ ଖ୍ୟାତି ସଂପର୍ଣ୍ଣ ସ୍ଥାନୀୟ ଅନୁଷ୍ଠାନ କରିବ ଯେ କି, ରାଜ୍ୟ କୋର୍ଡିନେଟରଙ୍କ ପରାମର୍ଶଦାତାରେ ଏହି ମୂଲ୍ୟାଙ୍କନ କାର୍ଯ୍ୟକାରୀ କରିବା ପାଇଁ ସ୍ଥାନୀୟ ବିଶେଷଜ୍ଞ ଦଳ ଚୟନ କରିଥିଲେ ।

୨ ଏଥିରେ ଏହି ଦେଶଗୁଡ଼ିକ ଅନ୍ତର୍ଗତ, ଆଫଗାନିସ୍ଥାନ, ଆଜେରବୈଜାନ, ବ୍ରାଜିଲ୍, (ଜାତୀୟ ଏବଂ ରାଜ୍ୟ ସ୍ତର) ବୁରକିନା ଫାସୋ, କାମେରୋନ୍, କଲମ୍ବିଆ, କ୍ରୋଏଟିଆ, ଡେମୋକ୍ରାଟିକ୍ ରିପବ୍ଲିକ୍ ଅଫ୍ କଙ୍ଗୋ, ଜର୍ଜିଆ, ଘାନା, ଗୁଆଟେମାଲା, ଗୁଏନା, ହୋଣ୍ଡୁରାସ୍, ଇଣ୍ଡୋନେସିଆ–କାଲିମନ୍ତାନ୍, କଏଜିଜ୍ ରିପବ୍ଲିକ୍, ମଡାଗାସ୍କର, ମାଲାୱି,ମଉରିଟାନିଆ, ମୋଲ୍‌ଡୋଭା, ନାଇଜେରିଆ, ପେରୁ, ଫିଲ୍‌ପାଇନ୍‌ସ୍, ରୁୱାଣ୍ଡା, ସେନେଗାଲ୍, ସାଉଥ୍ ଆଫ୍ରିକା, ସାଉଥ୍ ସୁଦାନ୍, ତାଞ୍ଜାନିଆ, ଦି ଗାମ୍ବିଆ, ଉଗାଣ୍ଡା, ୟୁକ୍ରାଇନ୍ ଏବଂ ଭିଏତ୍‌ନାମ୍ ।

ମୂଳଭିତ୍ତି ହୋଇଛି ଏବଂ ଏହି ଆଲୋଚନା ଜାତୀୟ ତଥା ଉପଜାତୀୟ ସ୍ତରରେ ବିକାଶ ପର୍ଯ୍ୟବେକ୍ଷଣ ଉପରେ ଆଧାରିତ । ଅନେକ ଅଂଶୀଦାରୀମାନଙ୍କ ଦ୍ୱାରା ସମର୍ଥିତ ଜମି ପରିଚାଳନା ନୀତିରେ ଉନ୍ନତି ଆଣିବା ପାଇଁ ପର୍ଯ୍ୟବେକ୍ଷଣ ପ୍ରଚେଷ୍ଟା ଏବଂ କାର୍ଯ୍ୟକ୍ରମ ସମ୍ଭବ ହୋଇପାରିଛି ।

ଭାରତରେ ଜମି ହେଉଛି ଏକ ରାଜ୍ୟ ବିଷୟ ତେଣୁ ଏଲ୍‌ଜିଏଏଫ୍ (LGAF) ର ପ୍ରୟୋଗ ରାଜ୍ୟ ସ୍ତରରେ ହିଁ କରାଯାଇଥିଲା । ଜାତୀୟ ସେକ୍ରେଟେରୀଏଟ୍[୩] ନିର୍ଦ୍ଦେଶନା ଅନୁସାରେ ପ୍ରତ୍ୟେକ ରାଜ୍ୟରେ ଏହି ପ୍ରଣାଳୀକୁ ସଂଯୋଜନା କରିବା ପାଇଁ ଏକ ବିଖ୍ୟାତ ସଂସ୍ଥା ଚୟନ କରାଯାଇଥିଲା (ପୃଷ୍ଠଭୂମି ରିପୋର୍ଟ ଲେଖିବା, ପ୍ୟାନେଲ୍ ମୂଲ୍ୟାଙ୍କନ ପରିଚାଳନା କରିବା, ବୈଧତା ପ୍ରାପ୍ତ ପାଇଁ ରାଜ୍ୟ ସ୍ତରୀୟ ୱାର୍କସପ୍‌ରେ ଫଳାଫଳ ଆଲୋଚନା କରିବା ଏବଂ ନୀତି ପ୍ରସ୍ତୁତକାରୀଙ୍କ ସହିତ ଲଗାତାର ଭାବରେ ଆଲୋଚନା କରିବା ।ଭାରତୀୟ ପରିସ୍ଥିତିରେ ଏଲ୍‌ଜିଏଏଫ୍ (LGAF) ଆଡଜଷ୍ଟ କରିବା ପାଇଁ ମୂଳ ଫ୍ରେମ୍‌ୱାର୍କରେ କେତେକ ପରିବର୍ତ୍ତନ କରାଯାଇଥିଲା । ପ୍ରଥମତଃ ଖ୍ୟାତି ସଂପର୍ଣ୍ଣ ଭାରତୀୟ ବିଶେଷଜ୍ଞମାନଙ୍କର ଏକ ଟାଗ୍ (TAG) ଗଠନ କରାଯାଇଥିଲା ଏହାର ଉଦ୍ଦେଶ୍ୟ ହେଲା ବିଭିନ୍ନ ରାଜ୍ୟରେ ବିଭିନ୍ନ କ୍ଷେତ୍ର ରେଟିଙ୍ଗ୍‌ର ପ୍ରଣାଳୀଗତ ଯୁକ୍ତିଯୁକ୍ତତା ଏବଂ ସମାନତା ନିଶ୍ଚିତ କରିବା ଏବଂ ଏହାର ଫଳାଫଳକୁ ବର୍ତ୍ତମାନରେ ଚାଲୁଥିବା ନୀତି ପ୍ରସ୍ତୁତି ଏବଂ ଆଲୋଚନା ଅଂଶବିଶେଷ ଭାବରେ ଅନ୍ତର୍ଗତ କରିବା[୪] ।ଦ୍ୱିତୀୟତଃ ବିଭିନ୍ନ ପର୍ଯ୍ୟବେକ୍ଷଣ କ୍ଷେତ୍ର ଭାରତୀୟ ପରିସ୍ଥିତି ଅନୁସାରେ ଆଡଜଷ୍ଟ କରାଯାଇଥିଲା ଏବଂ ତାହା ୯ ଟି ପ୍ୟାନେଲ୍‌ରେ ବଣ୍ଟା ଯାଇଥିଲ[୫] । ତୃତୀୟତଃ, ସଂପୃକ୍ତ ରାଜ୍ୟଗୁଡିକର ମଧ୍ୟରେ ବୁଝାମଣା ଏବଂ ଅନୁଭବର ଆଦାନପ୍ରଦାନ ପ୍ରୋସହନ କରିବା ପାଇଁ ଅନେକ ୱାର୍କସପ୍ ପରିଚାଳନା କରାଯାଇଥିଲା6 ।

୩ ସେଣ୍ଟର ଫର ଗୁଡ୍ ଗଭରାନ୍‌ସ୍ ହାଇଦ୍ରାବାଦ (CGG) ଆନ୍ଧ୍ରପ୍ରଦେଶ ପାଇଁ, ଚନ୍ଦ୍ରଗୁପ୍ତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜ୍‌ମେଣ୍ଟ୍ ପାଟନା(CIMP), ବିହାର ପାଇଁ, ଜାତୀୟ ବିଶ୍ୱ ବିଦ୍ୟାଳୟ, ଆଇନ୍ ଅଧ୍ୟୟନ ଏବଂ ଗବେଷଣା, ରାଞ୍ଚି,ଝାଡଖଣ୍ଡ ପାଇଁ, ଆଜିମ୍ ପ୍ରେମ୍‌ଜି ବିଶ୍ୱ ବିଶ୍ୱବିଦ୍ୟାଳୟ ବାଙ୍ଗାଲୁରୁ, କର୍ଣ୍ଣାଟକ ପାଇଁ, କିଟ୍ ସ୍କୁଲ୍ ଅଫ୍ ରୁରାଲ୍ ମ୍ୟାନେଜ୍‌ମେଣ୍ଟ୍ ଓଡିଶା, ଓଡିଶା ପାଇଁ, ଏବଂ ରୁରାଲ୍ ଡେଭେଲପ୍‌ମେଣ୍ଟ୍ ଇନ୍‌ଷ୍ଟିଚ୍ୟୁଟ୍ (RDI), ପଶ୍ଚିମବଂଗ ପାଇଁ ।

୪ ଟ୍ୟାଗ୍ ଏମାନଙ୍କ ଦ୍ୱାରା କୋର୍ଡିନେଟ୍ କରାଯାଇଥିଲା – ଡଃ ଟି.ହକ୍, ଡାଇରେ ର, ସେଣ୍ଟର ଫର ସୋଲିଆଲ୍ ଡେଭେଲପ୍‌ମେଣ୍ଟ୍ ଏବଂ ଭୂତପୂର୍ବ କମିଶନର ସିସିଏପି, ଭାରତ ସରକାର ଯେଉଁଥିରେ ଭି. ଅଗ୍ରୱାଲ୍, ପ୍ରିନିସିପାଲ୍ ସେକ୍ରେଟାରୀ ରେଭେନ୍ୟୁ ଏ. ପି ସରକାର (ଆଇନ୍ ଏବଂ ଆନୁଷ୍ଠାନିକ ଫ୍ରେମ୍ ୱାର୍କ); ଡଃ. ଏ. ବର୍ଦ୍ଧନ୍, ବିହାର ସରକାର ଏବଂ ଡଃ ଏନ୍.ସି. ସାକ୍‌ସେନା, ଭୂତପୂର୍ବ ସେକ୍ରେଟାରୀ, ଗ୍ରାମାଞ୍ଚଳ ବିକାଶ ଏବଂ ସଦସ୍ୟ, ଜାତୀୟ ପରାମର୍ଶଦାତା ପରିଷଦ (ପ୍ୟାନେଲ୍ ୨ ଜଙ୍ଗଲ ଏବଂ ସାର୍ବଜନୀନ ଭୂମି), ଡଃ ଆଇ.ପି. ଗୌତମ୍, ଭୂତପୂର୍ବ ପ୍ରିନିସିପାଲ, ରିପୋର୍ଟଟି ପ୍ରସ୍ତୁତ କରାଯାଇଥିଲା – କେ. ଡେଇନିଙ୍ଗର (ଡିଇସିଏଆର, ଟାସ୍କ ଟିମ୍ ଲିଡର) ଏବଂ ଇଣ୍ଡିଆ ଅ ମ୍ଭେଲା ଟାକ୍ସ ଅନ୍ତର୍ଗତ ଟି.ହିଲ୍‌ହରଷ୍ଟ (ଡିଇସିଏଆର) ଏବଂ ଏସ୍ ନାରାୟଣନ୍ (ବରିଷ୍ଠ ସାମାଜିକ ସ୍ପେଶାଲିଷ୍ଟ୍) ନେତୃତ୍ୱରେ । ସହାୟତା ଇ.କୁକ୍, ଜି.ପେନୁସି, ଭି. ରାଘବନ୍, ଏସ୍ ତଲ୍‌ୱାର୍ ଏବଂ ସାଥୀ ପର୍ଯ୍ୟବେକ୍ଷକ ଆର. ବକ୍‌ଲି, ଏ ଫକ୍, ଇ. ପାଣ୍ଟୋଜା, ଏସ୍ ସୋଲ୍‌ଫ୍ ଦ୍ୱାରା ଉତ୍ତମ । ମନ୍ତବ୍ୟ ଯାହାଙ୍କୁ କୃତଜ୍ଞତା ଜଣାଉଛୁ । ଡଃ ଟି.ହକ୍, ଡାଇରେ ର, ସେଣ୍ଟର ଫର ସୋଲିଆଲ୍ ଡେଭେଲପ୍‌ମେଣ୍ଟ୍ ନେତୃତ୍ୱରେ ଏବଂ ଭୂତପୂର୍ବ କମିଶନର ସିସିଏପି, ଭାରତ ସରକାର ଯେଉଁଥିରେ ଭି. ଅଗ୍ରୱାଲ୍, ପ୍ରିନିସିପାଲ୍ ସେକ୍ରେଟାରୀ ରେଭେନ୍ୟୁ ଏ. ପି ସରକାର (ଆଇନ୍ ଏବଂ ଆନୁଷ୍ଠାନିକ ଫ୍ରେମ୍ ୱାର୍କ); ଡଃ. ଏ. ବର୍ଦ୍ଧନ୍, ବିହାର ସରକାର ଏବଂ ଡଃ ଏନ୍.ସି. ସାକ୍‌ସେନା, ଭୂତପୂର୍ବ ସେକ୍ରେଟାରୀ, ଗ୍ରାମାଞ୍ଚଳ ବିକାଶ ଏବଂ ସଦସ୍ୟ, ଜାତୀୟ ପରାମର୍ଶଦାତା ପରିଷଦ (ଜଙ୍ଗଲ ଏବଂ ସାର୍ବଜନୀନ ଭୂମି), ଡଃ ଆଇ.ପି. ଗୌତମ୍, ଭୂତପୂର୍ବ ପ୍ରିନିସିପାଲ୍ ସେକ୍ରେଟାରୀ ଗୁଜୁରାଟ ସରକାର (ପ୍ୟାନେଲ୍ ୩ –ସହରାଞ୍ଚଳ ଭୂମି); ଡଃ ମିନାକ୍ଷୀ ସୁନ୍ଦରମ୍, ଭୂତପୂର୍ବ ସଦସ୍ୟ ପି.ଏମ୍.ଓ ((ପ୍ୟାନେଲ୍ ୪ ଏବଂ ୫ ସାର୍ବଜନୀନ ଭୂମି ପରିଚାଳନା ଏବଂ ଭୂମି ଅକ୍ତିଆର); ଆର. ଚାୱାଲା ପ୍ରିନିସିପାଲ୍ ସେକ୍ରେଟାରୀ କର୍ଣ୍ଣାଟକ ସରକାର ((ପ୍ୟାନେଲ୍ ୬ ଭୂମି ସୂଚନା– (ପ୍ୟାନେଲ୍ ୭ ଭୂମି ମୂଲ୍ୟାଙ୍କନ ଏବଂ ଟିକସ); ଆର.ବି ଭରୁକା, ଜଷ୍ଟିସ୍ ସୁପମ୍‌କୋର୍ଟ୍ ((ପ୍ୟାନେଲ୍ ୮–ବିବାଦ ସମାଧାନ ଏବଂ ବିବାଦ ପରିଚାଳନା); ଏବଂ ଆର ସିହ୍ନା ଭୂତପୂର୍ବ ସେକ୍ରେଟାରୀ ଡିଓଏଲ୍‌ଆର ଭାରତ ସରକାର ((ପ୍ୟାନେଲ୍ ୯– ଆନୁଷ୍ଠାନିକ ବାତାବରଣ) ।

୫ ଏହି ପ୍ୟାନେଲ୍ ଗୁଡିକ ହେଲା (i) ଜମି ଅଧିକାର ସ୍ୱୀକାର କରିବା (ii) ଜଙ୍ଗଲ ଏବଂ ଏବଂ ସାଧାରଣ ଜମି ପାଇଁ ଅଧିକାର ଏବଂ ଗ୍ରାମାଞ୍ଚଳ ଜମି ବ୍ୟବହାର ନିୟନ୍ତ୍ରଣ (iii) ସହରାଞ୍ଚଳ ଜମି ବ୍ୟବହାର ଯୋଜନା ଏବଂ ବିକାଶ (iv) ସାର୍ବଜନୀନ ସରକାରୀ ଜମି ପରିଚାଳନା (v) ସାର୍ବଜନୀନ ସରକାରୀ ଜମି ଘରୋଇ ବ୍ୟବହାର ପାଇଁ ସ୍ଥାନାନ୍ତରଣ ହେତୁ ପ୍ରଣାଳୀଗତ ଏବଂ ଆର୍ଥିକ ସୁବିଧା (vi) ଭୂମି ସୂଚନାର ସାର୍ବଜନୀନ ପ୍ରାବଧାନ (vii) ଜମି ମୂଲ୍ୟାଙ୍କନ ଏବଂ ଟିକସ (viii) ବିବାଦ ସମାଧାନ ଏବଂ (ix) ଅନୁଷ୍ଠାନଗତ ବନ୍ଦୋବସ୍ତ ଏବଂ ନୀତିର ପୁନଃ ଅବଲୋକନ ।

୬ ଏଲ୍‌ଜିଏଫ୍ (LGAF)କାର୍ଯ୍ୟକ୍ରମରେ ୱାର୍କସପ୍‌ର ସ୍ଥାପନ ଆନନ୍ଦ ଅଗଷ୍ଟ ୧୩)ଏବଂ ପାଟନା ଅେ ।ବର ୨୦୧୩ ଅନ୍ତର୍ଗତ; ଅନୁଭବି ଅନୁସନ୍ଧାନକାରୀ ରିପୋର୍ଟର ପୁନଃ ଅବଲୋକନ ଯେଉଁଥିରେ ହାଇଦ୍ରାବାଦରେ ସେମାନେ ଅଂଶଗ୍ରହଣ କରିଥିଲେ (ଜାନୁୟାରୀ ୨୦୧୪); ଡ୍ରାଫ୍ଟ ରିପୋର୍ଟର ଆଲୋଚନା ଦିଲ୍ଲୀ, (ମଇ ୨୦୧୪) ରାଜ୍ୟ ସ୍ତରୀୟ ବୈଧକରଣ ୱାର୍କସପ୍ ଏବଂ ତାପରେ ଭୁବନେଶ୍ୱରରେ ଜାତୀୟ ସ୍ତରର ୱାର୍କସପ୍ (ଜୁନ୍ ୨୦୧୪) ଏବଂ ଜାତୀୟ ସୂଚନା ବିସ୍ତାରଣ ୱାର୍କସପ୍ ଦିଲ୍ଲୀ (ସେପ୍‌ଟେମ୍ବର ୨୦୧୪) ।

# ୩. ପ୍ୟାନେଲ୍ ଦ୍ୱାରା କରାଯାଇଥିବା ସୁପାରିସଗୁଡ଼ିକର ବିଶ୍ଳେଷଣ

ଏଲ୍‌ଜିଏଏଫ୍ (LGAF) ପ୍ରୟୋଗର ମୁଖ୍ୟ ଫଳାଫଳ ୬ଟି ରାଜ୍ୟର ରିପୋର୍ଟରେ କ୍ରମ ଅନୁସାରେ ଏବଂ ସଂଗଠିତ ଭାବରେ ଲେଖାଯାଇଛି । କେତେକ କ୍ଷେତ୍ରରେ ପ୍ରଥମ ଥର ପାଇଁ ଏହା ଜମି ସମସ୍ୟାର ମୂଲ୍ୟାଙ୍କନ ଏକ ବିସ୍ତାରିତ ପ୍ରମାଣ ଆଧାରିତ ଉପରେ ନିର୍ଭର କରି କରାଯାଇଛି । ଏବଂ ଏଥିରେ ଅନ୍ୟ ଏକ ସାମାଜିକ ଦଳ ମଧ୍ୟ ସଂପୃକ୍ତ ହୋଇଛନ୍ତି ଯେଉଁମାନେ ନିୟମିତ ଭାବରେ ଦୁର୍ବଳ ଜମି ପ୍ରଶାସନର ପ୍ରତିକୂଳ ପ୍ରଭାବ ସମାଧାନ କରିବାରେ ଲିପ୍ତ ଅଛନ୍ତି ।ଏହି ମୂଲ୍ୟାଙ୍କନରୁ ପ୍ରାପ୍ତ ଫଳାଫଳ ପ୍ରତ୍ୟେକ ରାଜ୍ୟର ଏଗ୍ରୀଗେଟ୍ ରେଟିଂରେ ( ପରିଶିଷ୍ଟ ୨) ଏବଂ ପଲିସି ପରିମାପ ପରିଶିଷ୍ଟ ୧) ବିଚାରକୁ ନିଆଯାଇଛି ।

## ୩.୧ ଜମି ଅଧିକାର ଚିହ୍ନଟ

### ୩.୧.୧ ସମସ୍ୟା ନିର୍ଣ୍ଣୟ

***ଅତ୍ୟନ୍ତ ବିକାଶଶୀଳ ଆଇନ୍ ବେଳେବେଳେ ପ୍ରକୃତ ପକ୍ଷରେ ଅଧିକ ପ୍ରଭାବ ସୃଷ୍ଟି କରିବାରେ ବିଫଳ ହୋଇଥାଏ:*** ଯଦିଓ ଭାରତର ଏକ ଆଇନ୍‌ଗତ ଫ୍ରେମ୍‌ୱାର୍କ ରହିଛି ଯାହାକି ଉଚ୍ଚ ସ୍ତରର ସମୟ ଅବଧି ସୁରକ୍ଷା ଏବଂ ଜମି ବଣ୍ଟନରେ ସମାନତା ପ୍ରୋତ୍ସାହନ କରିବାର ଲକ୍ଷ୍ୟ ରଖିଥାଏ, ଏହି ଆଇନ୍ ଗୁଡିକର କାର୍ଯ୍ୟକାରିତା ବେଳେ ଅନେକ ସମସ୍ୟା ସମ୍ମୁଖୀନ ହୋଇଥାଏ ଏବଂ ପ୍ରତିରୋଧ ମଧ୍ୟ ହୋଇଥାଏ । କିନ୍ତୁ ବହୁ ପ୍ରମାଣ ଆଧାରିତ ପର୍ଯ୍ୟବେକ୍ଷଣ କୌଣସି ବାହ୍ୟ କାରଣ ଯୋଗୁଁ ଅତ୍ୟଧିକ ପରିବର୍ତ୍ତନ ହେଲେ, ନିୟମ ତାର ଉଦ୍ଦେଶ୍ୟ ପୁରଣ କରିପାରୁଛି କି ନାହିଁ ଯାଞ୍ଚ୍ କରାଯାଇନାହିଁ । ଏହା ଜଣାପଡୁଛି ଯେ, କେତେକ ଆଇନ୍ ତାର ଉଦ୍ଦିଷ୍ଟ ଲକ୍ଷ୍ୟ ହାସଲ କରିବାରେ ବିଫଳ ହୋଇଛି ଏବଂ ଏପରିକି ଦେଖାଯାଇଛି ଯେ, ଆଇନ୍ ଯେଉଁ ଉଦ୍ଦେଶ୍ୟରେ ପ୍ରଣୟନ କରାଯାଇଥିଲା ପ୍ରକୃତ ପକ୍ଷରେ ତାର ବିପରିତ ଫଳାଫଳ ମିଳୁଛି ଏହା ଯାଞ୍ଚ୍ କରାଯିବା ଅତ୍ୟନ୍ତ ଆବଶ୍ୟକ । ଉଦାହରଣ ସ୍ୱରୂପ ଜମିଜମା କ୍ଷେତ୍ରରେ ଅଭୂତପୂର୍ବ ପରିବର୍ତ୍ତନ ପାଇଁ ରାଜନୈତିକ ପ୍ରତିରୋଧ ଏବଂ ଜମି ଭଡାଟିଆମାନଙ୍କୁ ଅଧିକ ସମୟ ପାଇଁ ଜମି ଅକ୍ତିଆରର ଅଧିକାର ଦେବାପାଇଁ ପ୍ରତିରୋଧ ଯେତେବେଳେ ସୁଧାର କାର୍ଯ୍ୟକାରୀ କରାହେଲା (ଆ.ପୂ ୧୯୯୭), ଅନେକ ସଂଖ୍ୟକ ଭଡାଟିଆଙ୍କୁ, ଜମି ପ୍ରାପ୍ତରୁ ବଳପୂର୍ବକ ବଞ୍ଚିତ କରାଯାଇଥିଲା ଏବଂ ଏହା କରିବା ଦ୍ୱାରା ଭଡା ବଜାରରେ ଜମିର ଯୋଗାଣ ଦୀର୍ଘକାଳୀନ ଭାବରେ କମ୍ ହୋଇଗଲା ଫଳରେ ଗରିବ ଭୂମିହୀନ ପରିବାରଙ୍କର ଜମି ପ୍ରାପ୍ତ କରିବା କ୍ଷମତା ମଧ୍ୟ କମ୍ ହୋଇଗଲା । ଯଦିଓ ଭାରତ ସ୍ୱାଧୀନ ପରେ ଜମିଜମା କ୍ଷେତ୍ରରେ ଅଣାଯାଇଥିବା ସୁଧାର ଅତ୍ୟନ୍ତ ସଫଳ ହୋଇଥିଲା (ବାନର୍ଜୀ ଏଟ୍ ବଲ୍ ୨୦୦୨; ଡେନିନ୍‌ଗର ଏଟ୍ ବଲ୍ ୨୦୦୮; ଘଟକ୍ ଏବଂ ରୟ ୨୦୦୭), ନିକଟ ଅତୀତରେ ସିଲିଙ୍ଗ୍ ଲାଗୁ କରିବା, ଜମି ଭଡା ଉପରେ ନିୟନ୍ତ୍ରଣ, କିମ୍ବା ଭଡା ନିୟନ୍ତ୍ରଣ ଆଶା ଅନୁସାରେ ଏତେ ଫଳପ୍ରଦ ହେଉନାହିଁ, ଏହାର କାରଣ ଯେ ଆଂଶିକ ଭାବରେ, ଏକାଧିକବାର ଭାଗ କରିବା ଦ୍ୱାରା ଜମିର ଆକାର ବହୁତ କମ୍ ହୋଇଯାଇଛି ଏବଂ ଆର୍ଥିକ ଅଭିବୃଦ୍ଧି ସହ ସମୟ କ୍ରମେ ହିଁ ବଜାରର କାର୍ଯ୍ୟରେ ଉନ୍ନତି ଆସିଛି । ସେହିପରି ଜମିଜମା ସୁଧାରରୁ ଜମିପ୍ରାପ୍ତ କରିଥିବା ବ୍ୟକ୍ତି ଆଉ ଥରେ ସେହି ଜମିକୁ ଲିଜ୍ ଦେବା ଉପରେ ନିୟନ୍ତ୍ରଣ ଜାରୀ ହୋଇଥିବା ଯୋଗୁଁ ଦୀର୍ଘକାଳୀନ ନିବେଶ ଏବଂ ଜମିର ବ୍ୟବହାରଗତ ଦକ୍ଷତା ଅତ୍ୟନ୍ତ ସୀମିତ ହୋଇଯାଇଛି ଯଦିଓ ଏ ପ୍ରକାର ନିୟନ୍ତ୍ରଣ ଜମିସୁଧାର ପରେ ପରେ କିଛି ସମୟ ପାଇଁ ଯୁକ୍ତିଯୁକ୍ତ ଥିଲା । (ଡେନିନ୍‌ଗର ଏଟ୍ ବଲ୍ ୨୦୧୩) ।

ଜମି ବ୍ୟବହାର ଉପରେ ନିୟନ୍ତ୍ରଣ ଅନିଶ୍ଚିତତା ସୃଷ୍ଟି କରିପାରେ, କିମ୍ବା କାର୍ଯ୍ୟକାରୀ କରା ନଯାଇନପାରେ । କେତେକ ରାଜ୍ୟରେ ଜମି, ମାଲିକାନାର ଅଧିକାର, ମାଲିକାନା ସ୍ଥାନାନ୍ତରଣ, କୃଷିଜମିକୁ ଅଣ କୃଷି ବ୍ୟବହାରରେ ପରିବର୍ତ୍ତନ, ପ୍ରଭୃତିରେ ନିୟନ୍ତ୍ରଣ ରହିଛି । ଏହି ନିୟନ୍ତ୍ରଣରେ (i) ଜମି ମାଲିକ ନିଜେ ହିଁ ଚାଷ କରିବା, ଯଦି ନିଜେ ଚାଷ ନ କରନ୍ତି କୃଷିଜମି ଧରି ରଖିବାର ତାଙ୍କର ଅଧିକାର ରହିବ ନାହିଁ । (ii) ଜଣେ ବ୍ୟକ୍ତି ଆବଶ୍ୟକ ଅନୁସାରେ ଜଣେ କୃଷକ କିମ୍ବା କୃଷି ଶ୍ରମିକ ହେବା ଆବଶ୍ୟକ । (iii) ଅଧିକତମ ଅଣ-କୃଷି ଆୟ (iv) ନିଜ ମାଲିକାନାରେ ଜମିର ପରିମାଣ ଉପରେ ସିଲିଙ୍ଗ୍‌ପ୍ରଭୃତି ମଧ୍ୟ ଅନ୍ତର୍ଗତ ଅଟେ । ବଣ୍ଟନ ଜମି ପ୍ରାପ୍ତ କରିଥିବା ବ୍ୟକ୍ତି ଏବଂ ଆଦିବାସୀ ପ୍ରଥମ କିଛି ବର୍ଷ ପାଇଁ ଜମିର ମାଲିକାନା ସ୍ଥାନାନ୍ତରଣ କରିବାରେ ମଧ୍ୟ ନିୟନ୍ତ୍ରଣ ରହିଛି । ଏଭଳି ସୂଚନା ରେକର୍ଡ କରିବାରେ ବିଫଳତା ହେତୁ ଏହି ନିୟନ୍ତ୍ରଣଗୁଡିକ ଲାଗୁ କରିବା କଷ୍ଟକର ହୋଇପଡୁଛି, ତେଣୁ ପ୍ରକୃତ ପକ୍ଷରେ ବହୁ କ୍ଷେତ୍ରରେ କାର୍ଯ୍ୟକାରୀ କରାଯାଇପାରୁ ନାହିଁ ।

***ଲିଙ୍ଗ ଆଧାରିତ ସମାନତା ନିଶ୍ଚିତ କରିବା ପାଇଁ ବିକାଶଶୀଳ ଏବଂ ପରିବର୍ତ୍ତନଶୀଳ ଆଇନ୍‌ଗୁଡିକ ସଂପୂର୍ଣ୍ଣ ଭାବରେ ଉପଯୋଗ କରାଯାଇନାହିଁ:*** ୨୦୦୫ ଏଚ୍ଏସ୍ଏଏ (HSAA) ଅତ୍ୟନ୍ତ କ୍ଷମତାଶୀଳ ଏବଂ ବଡଧରଣର ପରିବର୍ତ୍ତନ ଆଣିବାର ଲକ୍ଷ୍ୟ ରଖିଥିଲା ଯାହା ମାଧ୍ୟମରେ ସାମାଜିକ ମନୋବୃତ୍ତିରେ ପରିବର୍ତ୍ତନ ଆଣି ମହିଳା (ଡେନିନ୍‌ଗର ଏଟ୍ ବଲ୍ ୨୦୧୩a) ଏବଂ ସେମାନଙ୍କର ସନ୍ତାନସନ୍ତତି ଏବଂ କଲ୍ୟାଣ କ୍ଷେତ୍ରରେ (ଡେନିନ୍‌ଗର ୨୦୧୪)ଉନ୍ନତି ଅଣାଯାଇ ପାରିବ । ସଫଳତାର ସହିତ ଏହା କାର୍ଯ୍ୟକାରୀ କରିବା ପାଇଁ ଏବଂ କୌଣସି ପ୍ରକାର ପ୍ରତିରୋଧ ନ ହେବା ପାଇଁ (ରୋଜେନ୍‌ବ୍ଲୁମ୍ ୨୦୧୩) କେତେ ପର୍ଯ୍ୟନ୍ତ ମହିଳାମାନଙ୍କର ଅଧିକାର ରେକର୍ଡ କରାଯାଇଛି ତାହା ପର୍ଯ୍ୟବେକ୍ଷଣ କରାଯିବା ଆବଶ୍ୟକ (ଲାଣ୍ଡେସା ୨୦୧୩) । ଆଉ ମଧ୍ୟ ମହିଳାମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ଜମି ପ୍ରଦାନ କରିବା ସ୍କିମ୍ ଏବଂ ମହିଳାମାନଙ୍କ ନାମରେ ଜମି ରେଜିଷ୍ଟ୍ରେସନ୍ କରିବା ସ୍କିମ୍ (ଉଦାହରଣ ସ୍ୱରୂପ ଓଡିଶା କିମ୍ବା ଆନ୍ଧ୍ର ପ୍ରଦେଶରେ) ଗୁଡିକର ସଫଳତା ମୂଲ୍ୟାଙ୍କନ କରାଯିବା ଉଚିତ୍ ଯେପରିକି ମୋଟାମୋଟି ସଫଳତା ଉପରେ କିଛି ସିଦ୍ଧାନ୍ତ ନିଆଯାଇପାରିବ ।

ନ୍ୟୁନମାନ ଏବଂ ଅସଂପୂର୍ଣ୍ଣ ଜମିଜମା ରେକର୍ଡ ନିବେଶ ଏବଂ ସଫଳ ଜମି ବ୍ୟବହାର କମ୍ କରିଦିଏ ଯଦିଓ ଭାରତରେ ଜମିଜମା ରେକର୍ଡର ଏକ ଲମ୍ବା ପରଂପରା ରହି ଆସିଅଛି ବର୍ତ୍ତମାନ ପ୍ରଦାନ କରୁଥିବା ଦସ୍ତାବିଜ ଆଇନ୍‌ଗତ ପ୍ରାବଧାନ କେବଳ ଅନୁମାନିକ ମୂଲ୍ୟ

ଉପରେ ଆଧାରିତ । ରକ୍ଷଣାବେକ୍ଷଣର ଅଭାବ ଏବଂ ଅନୁଷ୍ଠାନ ମଧ୍ୟରେ ଦାୟିତ୍ୱ ନିର୍ଦ୍ଦିଷ୍ଟ ଭାବରେ ବ୍ୟାଖ୍ୟା କରାଯାଇଥିବାରୁ ସେଗୁଡିକର ଉପଯୋଗୀତା କମ୍ ହୋଇଯାଉଛି (ୱାଧା ୧୯୮୯) । ଆଉ ମଧ୍ୟ ଅବସ୍ଥିତି କିମ୍ବା ସ୍ଥାନ ଦିଗ ନିର୍ଦ୍ଦିଷ୍ଟ ହୋଇଥିବା ଦସ୍ତାବିଜ ମଧ୍ୟରେ ଅନେକ ପାର୍ଥକ୍ୟ ରହିଛି । ସହରାଞ୍ଚଳଗୁଡ଼ିକରେ କୌଣସି କ୍ୟାଡେଷ୍ଟ୍ରାଲ୍ ମାଲିକାନା ରେକର୍ଡ ନାହିଁ, ଗ୍ରାମାଞ୍ଚଳ ରେକର୍ଡରେ "ଅତି ନ୍ୟୁନ" ଅଞ୍ଚଳଗୁଡିକ ଅନ୍ତର୍ଭୁକ୍ତ କରାଯାଇନାହିଁ ଏବଂ ଆଇନ୍ ଅନୁସାରେ ଆବଶ୍ୟକ ଥିବା ଗ୍ରାମାଞ୍ଚଳର ପୁନଃ ସର୍ଭେ ବହୁ ବର୍ଷ ହେଲା କରାଯାଇନାହିଁ । ଯେପରି ଟାଇଟିଲ୍ ଦ୍ୱନ୍ଦବିହୀନ ବିବାଦଶୂନ୍ୟ ହୋଇପାରିବ, ସେ ବିଷୟରେ ପଦକ୍ଷେପ ନିଆଯିବା ଉଚିତ୍ ।(ୱାଧା ୨୦୦୨) । ୨୦୧୧ ରେ ଡିଓଏଲ୍ଆର (DoLR) ଏକ ଜମି ଟାଇଟିଲ୍ ବିଲ୍ ପ୍ରସ୍ତୁତ କରିଥିଲା ଯାହାର ଲକ୍ଷ୍ୟ ଥିଲା ଦ୍ୱନ୍ଦବିହୀନ ବିବାଦଶୂନ୍ୟ ଟାଇଟିଲ୍ ସୃଷ୍ଟି କରିବା ଏବଂ ଏକ ନୂଆ ଟାଇଟିଲ୍ ନିର୍ଣ୍ଣାୟକ କର୍ତ୍ତୃପକ୍ଷ ସ୍ଥାପନ କରିବା । ଏଥିରେ ସଂପୃକ୍ତ ଥିବା ସୂଚନାର ଗୁଣାତ୍ମକ ମାନରେ ଉନ୍ନତି ନ ଆଣି କୌଣସି ଆଇନ୍‌ଗତ ପରିବର୍ତ୍ତନ କଲେ ତାହା ପ୍ରକୃତ ପକ୍ଷରେ କୌଣସି ପ୍ରଭାବ ପକାଇବ ନାହିଁ ।

### ୩.୧.୨ ସୁପାରିଶ

*ଜମି ଭଡା ଉପରେ ନିୟନ୍ତ୍ରଣର ପୁନଃ-ଅବଲୋକନ କରିବା ଏବଂ କମ୍ କରିବା ଉଚିତ:* ଯେଉଁ ମୂଳ କାରଣ ଗୁଡିକ ପାଇଁ ଜମି ଭଡା ଉପରେ ନିୟନ୍ତ୍ରଣର ପ୍ରବର୍ତ୍ତନ କରାଯାଇଥିଲା ସେଗୁଡିକର ବଜାରଗତ ତୃଟିର ବିସ୍ତାରତା ଏବଂ ତୀବ୍ରତା ସମୟ କ୍ରମେ କମ୍ ହୋଇଛି ।ଏକ କ୍ରମ ବର୍ଦ୍ଧିତ ଅର୍ଥନୀତିରେ ଯେଉଁଠାରେ ଅଣ-ଫାର୍ମ କର୍ମନିଯୁକ୍ତିର ସୁଯୋଗ ଅନେକ ରହିଛି, ସେଥିରେ ଜମି ଭଡା ଭଳି ପରିସ୍ଥିତି ଏଡାଯାଇ ପାରିବ ନାହିଁ । ଅପରପକ୍ଷରେ ଏହାକୁ ଉପଯୁକ୍ତ ସ୍ଥାନ ନ ଦେଲେ ଏହା ଜମି ଭଡାଟିଆ ବ୍ୟକ୍ତିମାନଙ୍କର ଦୀର୍ଘକାଳୀନ ସୁରକ୍ଷା ଏବଂ ଋଣ ପ୍ରାପ୍ତ କରିବାର ଦକ୍ଷତା କମ୍ ହୋଇଯାଏ, ଏବଂ ଏଥିରେ ସଂପୃକ୍ତ ସମସ୍ତ ଗ୍ରୁପ୍ ଜମି ସଂପର୍କିତ ନିବେଶ କରିବାରୁ ବଞ୍ଚିତ ହୁଅନ୍ତି । ଆଉ ମଧ୍ୟ ଜମି ବଜାରରେ ଯେଉଁ ବ୍ୟକ୍ତିମାନେ ଅଂଶ ଗ୍ରହଣ କରିବାରେ ସମର୍ଥ ହୋଇଥାନ୍ତେ, ଉପଯୁକ୍ତ ଜମିଭଡା ଆଇନ୍ ଅଭାବ ଯୋଗୁଁ ସେମାନଙ୍କର ଜମି ବଜାରରୁ ଲାଭ ପ୍ରାପ୍ତ କରିବାର ଦକ୍ଷତା କମ୍ ହୋଇଯିବ ଏବଂ ଜମିର ଉପଯୁକ୍ତ ବ୍ୟବହାର ହୋଇପାରିବ ନାହିଁ । ତେଣୁ ଜମି ଭଡା ଉପରେ ଥିବା ପ୍ରତିବନ୍ଧକ ସମାପ୍ତକରିବା ଆବଶ୍ୟକ ଏବଂ ଏଭଳି ପ୍ରତିବନ୍ଧକ ହଟାଇଥିବା ରାଜ୍ୟଗୁଡିକରେ ଏହାର ପ୍ରଭାବ କ୍ରମାନ୍ୱୟ ଭାବରେ ରେକର୍ଡ କରାଗଲେ, ଏହା ନୀତି ପ୍ରସ୍ତୁତକାରୀଙ୍କୁ ଆବଶ୍ୟକ ପ୍ରମାଣ ଦେବାରେ ସମର୍ଥ ହେବ ଏବଂ ଅନ୍ୟମାନଙ୍କ ପାଇଁ ରେକର୍ଡ କରିବାରେ କେଉଁଠି ତୃଟି ହେଉଛି ତାହା ମଧ୍ୟ ଜଣାଇବ । ଆନ୍ଧ୍ରପ୍ରଦେଶରେ ପ୍ରଣୟନ କରାଯାଇଥିବା ଚାଷୀ କାର୍ଡ ଲାଇସେନ୍ସ୍‌କୁ ବହୁଳ ସମର୍ଥନ ମିଳିଛି । ଏଥିରୁ ଜମିଭଡା ସମସ୍ୟାର ବିସ୍ତାରତା ଏବଂ ଏହାକୁ ଆଇନ୍ ଅଧିକାରଭୁକ୍ତ କରିବା ଯୋଗୁଁ ସମ୍ଭାବିତ ଲାଭ ଜଣାପଡେ ।

*କୃଷି ଜମିର ମାଲିକାନା ହସ୍ତାନ୍ତର, ବ୍ୟବହାର ଏବଂ ମାଲିକାନା ଉପରେ ଥିବା ନିୟନ୍ତ୍ରଣର ପୁନଃ-ଅବଲୋକନ:* ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି (SC/STs) କୁ ବଣ୍ଟନ କରାଯାଇଥିବା ଜମିରୁ ସେମାନଙ୍କୁ ବଞ୍ଚିତ କରିବାର ଅଧିକାର ଉପରେ ନିୟନ୍ତ୍ରଣ ଯନ୍ତ୍ରର ସହିତ ପୁନଃ-ଅବଲୋକନ କରିବା ଆବଶ୍ୟକ, ଯେପରିକି ଏହା ମୂଲ୍ୟାଙ୍କନ କରାଯାଇପାରିବ ଯେ, ଏହି ଦୂରଦୃଷ୍ଟିହୀନ ଏବଂ ମଙ୍ଗଳ କମ୍ କରିବା ସମ୍ଭାବନା ଥିବା ମାଲିକାନା ହସ୍ତାନ୍ତର ପଛରେ ଥିବା ମହତ୍ ଉଦ୍ଦେଶ୍ୟ କେତେଦୂର ସଫଳ ହୋଇଛି ।ଏବଂ ଏହା ଦ୍ୱାରା ଆର୍ଥିକ ପରିବର୍ତ୍ତନ ହେଉଛି ନା ନାହିଁ । ସଂପୃକ୍ତ ନିୟନ୍ତ୍ରଣ ରେକର୍ଡ କରିବା ଛାଡି (ବେଆଇନ୍ କିଣାବିକା ବନ୍ଦ କରିବା ପାଇଁ) ସେହି ଗୋଷ୍ଠିକୁ ଜମି ସ୍ଥାନାନ୍ତରଣ କରିବାର ସୀମା ନିର୍ଦ୍ଧାରଣ କରିବା କିମ୍ବା ସ୍ଥାନାନ୍ତରଣ କରିବା ପୂର୍ବରୁ ସେହି ଗୋଷ୍ଠିର ସମ୍ମତି ନେବା ସମ୍ବେଦନଶୀଳ ପରିସ୍ଥିତିରେ ପ୍ରଭାବଶୀଳ ହୋଇପାରେ ଯେଉଁଠାରେ ଜମି ହେଉଛି ଆର୍ଥିକ ସୁରକ୍ଷାର କବଚ (ଆଣ୍ଡୋଲ୍‌ଫାଟୋ ୨୦୦୨) ଏବଂ ସାଂସ୍କୃତିକ ମୂଲ୍ୟ ଅଧିକ ।।

*ଦ୍ୱନ୍ଦହୀନ ଏବଂ ବିବାଦହୀନ ଟାଇଟିଲ୍ ଆଡକୁ ଗତି କରିବା ପାଇଁ ସ୍ୱୟଂ କ୍ରିୟ ମ୍ୟୁଟେସନ୍ ଏକ ବାଧ୍ୟତାମୂଳକ ସର୍ତ୍ତ ହିସାବରେ ନିଶ୍ଚିତ କରନ୍ତୁ :* **ଦସ୍ତାବିଜ** କଂପ୍ୟୁଟରକରଣ ଉପରେ ଗୁରୁତ୍ୱଦେବା ମାଧ୍ୟମରେ, ଭାରତ ସରକାର ଏକ ଆବଶ୍ୟକ ସର୍ତ୍ତ ସୃଷ୍ଟି କରିଛନ୍ତି ଯାହା ଦ୍ୱାରା ବ୍ୟାକ୍ ଅଫିସ୍ ଲିଙ୍କେଜ୍ ସହାୟତାରେ ରାଜ୍ୟଗୁଡିକ ଦ୍ୱନ୍ଦହୀନ ଏବଂ ବିବାଦଶୂନ୍ୟ ଟାଇଟିଲ୍ ସୃଷ୍ଟି କରିବା ଆଡକୁ ପଦକ୍ଷେପ ନେଇପାରିବେ । ଯଦି ମାନୁଆଲ୍ ରେକର୍ଡ ବ୍ୟବହାର କରାନଯାଏ, ଏବଂ ପଞ୍ଜିକୃତ ଏବଂ ଦସ୍ତାବିଜ ମଧ୍ୟରେ ଏକ ସ୍ୱୟଂକ୍ରିୟ ଲିଙ୍କ ସ୍ଥାପନ କରାଯାଏ, ରେଜିଷ୍ଟ୍ରାର ପାର୍ଟିର ପରିଚୟ ଏବଂ ପୂର୍ବରୁ ଥିବା ରେକର୍ଡ ଚେକ୍ କରିବା ଆବଶ୍ୟକ କରିବେ, ଜମି ବିକ୍ରୟ କରୁଥିବା ବ୍ୟକ୍ତିଙ୍କର ସେହି ଜମି ଉପରେ ମାଲିକାନା ପ୍ରକୃତରେ ଅଛି କି ନାହିଁ ଏବଂ ଜମି ବ୍ୟବହାର ଉପରେ କୌଣସି ନିୟନ୍ତ୍ରଣ ସମସ୍ତ ପାର୍ଟିକୁ ଜଣା ଅଛି କି ନାହିଁ ଏହା ନିଶ୍ଚିତ କରିବେ ।ବର୍ତ୍ତମାନର ଜମିଜମା ଦସ୍ତାବିଜର ଗୁଣମାନ ବଜାୟ ରଖିବା ଉଚିତ୍ ଏବଂ ନିଶ୍ଚିତ କରିବା ଉଚିତ୍ ଯେ ,ଏହି ଗୁଣମାନ ଭବିଷ୍ୟତରେ ଯେପରି କମ୍ ନ ହୋଇଯାଏ । କର୍ଣ୍ଣାଟକ ରାଜ୍ୟ ଆଉ ଏକ ଉନ୍ନତତର ପଦକ୍ଷେପ ନେଇଛି, ତାହା ହେଲା ସୀମାନ୍ତ ପରିବର୍ତ୍ତନ ହୋଇଥିବା କ୍ଷେତ୍ରରେ ଜମି କିଣାବିକା କଲାବେଳେ ଦାଖଲଖାରଚ ପୂର୍ବ ସ୍କେଜ୍ ମଧ୍ୟ ଆବଶ୍ୟକ କରୁଛି ।

ଯଦି ଏହା ଲଗାତାର ଭାବରେ କାର୍ଯ୍ୟକାରୀ କରାଯାଏ ଏବଂ ଏହାକୁ ଉପଯୁକ୍ତ ମୂଳ ମ୍ୟାପ୍ ସହ ଲିଙ୍କ୍ କରାଯାଏ, ଶେଷରେ ଅକ୍ରମିକ ଅଧୁନାତନ ସହାୟତାରେ ଏହା ଦ୍ୱନ୍ଦହୀନ ଏବଂ ବିବାଦହୀନ ଟାଇଟିଲ୍ ଆଡକୁ ଗତି କରିବ । ଏହି ସିଷ୍ଟମ୍‌ରୁ ଟାଇଟିଲ୍ ପଞ୍ଜିକୃତ ପଦ୍ଧତିକୁ ପରିବର୍ତ୍ତନ କରିବା ପାଇଁ ସ୍ୱର୍ଟଲ୍ୟାଣ୍ଡରେ ବ୍ୟବହାର କରାଯାଏ । (ଜଷ୍ଟିସ୍ ଲ କମିସନ୍ ୨୦୧୦) ।

*ଏଚ୍‌ଏସ୍‌ଏଏ (HSAA) କାର୍ଯ୍ୟକାରୀ କରିବାକୁ ସଙ୍ଗଠିତ ଭାବରେ ପର୍ଯ୍ୟବେକ୍ଷଣ କରିବା:* ଏଚ୍‌ଏସ୍‌ଏଏ (HSAA ) ପ୍ରାବଧାନ ଗୁଡିକ କେଉଁ ସ୍ତର ପର୍ଯ୍ୟନ୍ତ ଅନୁପାଳନ କରାଯାଇଛି ତା ବିଷୟରେ ପ୍ରମାଣ ସଂଗ୍ରହ କରିବା ଏକ ଆବଶ୍ୟକ ସର୍ତ୍ତ ଅଟେ । ସର୍ତ୍ତର ଅନୁପାଳନ ଉପରେ ଆଧାର କରି ଏହି ଆଇନ୍ କିପରି ଅଧିକ ଫଳପ୍ରଦ ଭାବରେ କାର୍ଯ୍ୟକାରୀ ହେବ ସେଥିପାଇଁ ଆବଶ୍ୟକ ପଦକ୍ଷେପ ପ୍ରସ୍ତୁତ କରାଯାଇପାରିବ । ଯେହେତୁ ଉତ୍ତରାଧିକାରୀ କ୍ଷେତ୍ରରେ ଜମି ମାଲିକାନା ହସ୍ତାନ୍ତର ସମୟରେ ପ୍ରଶାସନିକ ପ୍ରଣାଳୀ ଆବଶ୍ୟକ ହୁଏ, ଏଭଳି ସୂଚନା ଅତି ଖର୍ଚ୍ଚରେ ପ୍ରସ୍ତୁତ କରାଯାଇପାରିବ, ଯଦି, ସଂପୃକ୍ତ ଫର୍ମରେ ଲିଙ୍ଗ ଗତ ସୂଚନା ମଧ୍ୟ ଅନ୍ତର୍ଭୁକ୍ତ କରାଯିବ ।ଏହି ଲିଙ୍ଗ ଅନ୍ତର୍ଭୁକ୍ତ କରାଯାଇଥିବା ତଥ୍ୟ କେବଳ ଉତ୍ତରାଧିକାରୀ କ୍ଷେତ୍ରରେ ସୁଧାରର ପ୍ରଭାବ ମୂଲ୍ୟାଙ୍କନ କରିବାରେ ବ୍ୟବହାର କରାଯାଇପାରିବ ତାହା ନୁହେଁ, ଏହା ମଧ୍ୟ ମାପ କରାଯାଇପାରିବ ଯେ, ଏହା ଲିଙ୍ଗ ସମ୍ବେଦନଶୀଳ ଆଇନ୍‌କୁ ଅନୁପାଳନ କରୁଛି ନା ନାହିଁ । ଏହା ମଧ୍ୟ ଜାଣିହେବ ଯେ ପଞ୍ଜିକୃତ କରାଯାଉଥିବା ଜମି ଆଇନ୍‌ଗତ ଅନୁସାରେ ସରକାରୀ ଜମି ସ୍ଥାନାନ୍ତରଣ ସ୍କିମ୍ ଯୋଗୁଁ ପ୍ରାପ୍ତ ହୋଇଛି କିମ୍ବା ଯୁଗ୍ମ ଭାବରେ ଜଙ୍ଗଲ ଅଧିକାର ଆଇନ୍ (FRA) କାର୍ଯ୍ୟକାରୀ ହେବା ଯୋଗୁଁ ପ୍ରାପ୍ତ ହୋଇଛି କିମ୍ବା ମହିଳାଙ୍କ ନାମରେ ହୋଇଛି । ଯଦି ଏହାକୁ ଘର ପରିବାର ସର୍ଭେ ସହ ଯୁଗ୍ମ ଭାବରେ ନିଆଯାଏ, ତାହା ହେଲେ ଏହା ମହିଳାଙ୍କର ସାମାଜିକ ଏବଂ ଆର୍ଥିକ ଶକ୍ତିକରଣ ଏବଂ ଏହା ସହିତ ଜଡିତ ଥିବା ଘର ପରିବାର ସ୍ତରରେ ପ୍ରଭାବ ମୂଲ୍ୟାଙ୍କନ କରିବାରେ ସାହାଯ୍ୟ କରିପାରିବ ।

## ୩.୨ ଗୋଷ୍ଠୀଗତ ଏବଂ ଜଙ୍ଗଲ ଜମି

### ୩.୨.୧ ସମସ୍ୟା ନିର୍ଣ୍ଣୟ

*ଆଇନ୍ ଅନୁସାରେ ମାଲିକାନା ନିର୍ଦ୍ଦିଷ୍ଟ କରାଯାଇ ନଥିବା ବିସ୍ତୃତ ଜଙ୍ଗଲ ଅଞ୍ଚଳ ସେଥିରେ ବାସ କରୁଥିବା ଜଙ୍ଗଲ ଅଧିବାସୀଙ୍କର ଜୀବିକା ପ୍ରତିକୂଳ ଭାବରେ ପ୍ରଭାବିତ କରେ:* ଇଂରେଜ ସମୟରୁ ଆଦିବାସୀ ଲୋକମାନଙ୍କୁ ଔପଚାରିକ ଜମି ଅଧିକାର ଦିଆଯାଇନାହିଁ

ଯେଉଁମାନେ ଜଙ୍ଗଲରେ ବହୁ ବର୍ଷ ଧରି ରହି ଆସୁଛନ୍ତି, ତେଣୁ ସେମାନଙ୍କର ଜୀବନଯାପନଗତ ଅସୁରକ୍ଷା ବଢିଚାଲିଛି । କେତେକ ଏଲ୍‌ଜିଏଏଫ୍ (LGAF) ରାଜ୍ୟରେ ଏହା ଏକ ବିସ୍ତୃତ ଜଙ୍ଗଲ ଅଞ୍ଚଳ ଆଇନ୍ ଅନୁସାରେ ମାଲିକାନା ନିର୍ଦ୍ଦିଷ୍ଟ କରାଯାଇ ନଥିବାରୁ । ଉଦାହରଣ ସ୍ୱରୂପ ଆନ୍ଧ୍ରପ୍ରଦେଶ ରାଜ୍ୟର ୯୮୬ ବ୍ଲକ୍‌ରେ ୧୨,୩୪୫ ବର୍ଗ କିମି ଜମିର ବର୍ତ୍ତମାନ ସୁଦ୍ଧା ମାଲିକାନା ନିର୍ଦ୍ଦିଷ୍ଟ କରାଯାଇ ନାହିଁ (ସମୁଦାୟ ଜଙ୍ଗଲ ଅଞ୍ଚଳ ୬୨,୧୦୦ ବର୍ଗ କିମି ) ସେହିପରି, ଓଡିଶାରେ ଯେତେବେଳେ ଜମିଜାରୀ ପ୍ରଥା ଉଠାଇ ଦିଆହେଲା, ବିସ୍ତୃତ ଜଙ୍ଗଲ ଭୂମି ସରକାରଙ୍କ ଅଧିନକୁ ଆସିଗଲା ଏବଂ ସର୍ଭେ ନ କରି, ମାଲିକାନା ନିର୍ଦ୍ଦିଷ୍ଟ ନ କରି ଏହାକୁ ବିବେଚିତ ସଂରକ୍ଷିତ ଜମି ଭାବରେ ଘୋଷଣା କରାହେଲା । ଏହି ଜଙ୍ଗଲର ଅଧିକାଂଶ ଅଞ୍ଚଳ ବର୍ତ୍ତମାନ ବି ଉପଯୁକ୍ତ ଭାବରେ ସୀମା ନିର୍ଦ୍ଧାରଣ କରାଯାଇ ନାହିଁ କିମ୍ବା ସର୍ଭେ କରାଯାଇ ନାହିଁ, ଫଳରେ ଜଙ୍ଗଲବାସୀଙ୍କର ଅଧିକାରକୁ ସ୍ୱୀକୃତି ଦିଆଯାଇନାହିଁ ଏବଂ ଏହି ଜମିଙ୍କୁ ପରିଚାଳନା କରିବାରେ ଅନେକ ଦ୍ୱନ୍ଦ ସୃଷ୍ଟି ହେଉଛି । ଆଉ ମଧ୍ୟ ପ୍ରଭାବିତ ହେଉଥିବା ଜଙ୍ଗଲ ଅଞ୍ଚଳ ଅତ୍ୟନ୍ତ ବିସ୍ତୃତ ଅଟେ : ସମୁଦାୟ ୧,୩୬୯ ଜଙ୍ଗଲ ବ୍ଲକ୍‌ରେ ୮,୮୪୭ ବର୍ଗ କିମି ଜଙ୍ଗଲ ଅଞ୍ଚଳ ରହିଛି ଯାହାକି ସଂରକ୍ଷିତ ଜଙ୍ଗଲ ହିସାବରେ ଘୋଷଣା କରିବାର ପ୍ରସ୍ତାବ ରହିଛି କିନ୍ତୁ ବର୍ତ୍ତମାନ ସୁଦ୍ଧା ଅନ୍ତିମ ନୋଟିସ୍ ଜାରୀ କରିବା ବାକି ଅଛି, ଯଦିଓ ଜଙ୍ଗଲ ବିଭାଗ ଏହାକୁ ବିବେଚିତ-ସଂରକ୍ଷିତ ଜଙ୍ଗଲ ହିସାବରେ ବିଚାର କରୁଛି ।

***ସ୍ଥାନୀୟ ଜେଏଫ୍‌ଏମ୍ JFM ଅନୁଷ୍ଠାନଗୁଡିକର ଦାୟିତ୍ୱ ଏବଂ ସମ୍ବଳ ପରିଷ୍କାର ଭାବରେ ବ୍ୟାଖ୍ୟା କରାଯାଇନାହିଁ:*** ୨୦୦୬, ମାର୍ଚ୍ଚ ପର୍ଯ୍ୟନ୍ତ **ଯୁଗ୍ମ** ଜଙ୍ଗଲ ପରିଚାଳନା କମିଟି (JFM) ପ୍ରାୟ ୧୦୦,୦୦୦ ରୁ ଅଧିକ ଗ୍ରାମରେ ଏବଂ ଏହା ଅନ୍ତର୍ଗତ ୨୨ ମିଲିୟନ୍ ହେକ୍‌ଟର ଜଙ୍ଗଲ ଅନ୍ତର୍ଭୁକ୍ତ କରାଯାଇଛି । ସହଯୋଗୀ ଗ୍ରାମ ସ୍ତରୀୟ ଅନୁଷ୍ଠାନ ଯେପରିକି ଭିଏଫ୍‌ଏମ୍‌ପିସି (VFMPC) କିମ୍ବା ଭିଇଡିସି (VEDC) ହୁଏତ କାଗଜ କଲମ ହିସାବରେ ରହିଥାଇପାରେ କିନ୍ତୁ କ୍ରିୟାଶୀଳ ନୁହେଁ । ଏହାର ଆଂଶିକ କାରଣ ହେଲା ରାଜ୍ୟ ସ୍ତରରେ ଜଙ୍ଗଲ ପ୍ରଶାସନିକ ନିଯୁକ୍ତି ଅନେକ ଖାଲି ପଡିଛି (ପ୍ରାୟ ୫୦ ଶତକଡା ) । ୨୦୦୧ରେ ପ୍ରସ୍ତୁତି କରାଯାଇଥିବା ନୀତି ଅନୁସାରେ ଜଙ୍ଗଲ ଉତ୍ପାଦର ୯୦ ଶତକଡା ଗ୍ରାମ ଜଙ୍ଗଲ କମିଟିକୁ ଯିବା ଉଚିତ୍ ଏବଂ ଏହା ମୋଟ ଉପରେ ପାଳନ କରାଯାଉନାହିଁ ଏବଂ କୌଣସି ଆୟର ସୂତ୍ର ଅଭାବରୁ ଏହି **ଯୁଗ୍ମ** ଜଙ୍ଗଲ ପରିଚାଳନା (JFM) ଅନୁଷ୍ଠାନ ଗୁଡିକ ବାହ୍ୟ ସମ୍ବଳ ଉପରେ ନିର୍ଭର କରିବା ପାଇଁ ବାଧ୍ୟ ହେଉଛନ୍ତି ଏବଂ ତେଣୁ ଦୀର୍ଘକାଳୀନ ଭାବରେ ଏହା କାର୍ଯ୍ୟକାରୀ ରଖିବା ସମ୍ଭବପର ହୋଇପାରୁ ନାହିଁ ।

***ଏଫ୍‌ଆରଏ FRA ଦ୍ୱାରା ବ୍ୟବହାରକାରୀମାନଙ୍କର ଅଧିକାର ଚିହ୍ନଟ କରିବାର ସୁଯୋଗ ସଂପୂର୍ଣ୍ଣ ଭାବରେ ଉପଯୋଗ କରାଯାଇନାହିଁ :*** ଡିସେମ୍ବର ୨୦୦୫ ପୂର୍ବରୁ ନିଜ ଅକ୍ତିଆରରେ ଥିବା ଜମି ଚିହ୍ନଟ ପ୍ରାପ୍ତ କରିବାର ଏକ ସୁଯୋଗ ଏଫ୍‌ଆରଏ (FRA) ପ୍ରଦାନ କରିଥାଏ, ଯଦି ଗ୍ରାମ ସଭାରେ ସେଭଳି ଏକ ଦାବି ଦିଆଯାଏ, ତାପରେ ବ୍ଲକ୍ କମିଟି ଦ୍ୱାରା ଯାଞ୍ଚ୍ କରାଯାଏ, ତାପରେ ଜିଲ୍ଲା ସ୍ତରରେ ଯାଞ୍ଚ୍ କରାଯାଏ, ଶେଷରେ ରାଜ୍ୟ ସ୍ତରରେ ପର୍ଯ୍ୟବେକ୍ଷଣ କରାଯାଏ । ଅକ୍‌ଟୋବର ୩୧ ୨୦୧୪ ସୁଦ୍ଧା ୩.୮୭ ନିୟୁତ ଦାବି ଦରଜ କରାଯାଇଛି । ୨.୫ ମିଲିୟନ ହେକ୍‌ଟର ଜମି ବଣ୍ଟନ କରାଯାଇ ୧.୪୯୮ ନିୟୁତ ଟାଇଟିଲ୍ ସହିତ ୩.୨ ମିଲିଅନ୍ ଦାବି ସମାଧାନ କରାଯାଇଛି । ଉଦାହରଣ ସ୍ୱରୂପ ମହାରାଷ୍ଟ୍ର ରାଜ୍ୟରେ, ସ୍ଥାନୀୟ ତାଲିମ୍ ଏବଂ ଫଳପ୍ରଦ ଆନୁଷ୍ଠାନିକ ସହଯୋଗ ଦାବି ଚେକ୍ କରିବା ପାଇଁ ସାଟେଲାଇଟ୍ ଇମେଜ୍ ବ୍ୟବହାର କରିବାର ଅନୁମତି ରହିଛି, ଦର୍ଶାଏ ଯେ, ଏହି ପ୍ରକାର ଦାବି ଗୁଡିକୁ ସମାଧାନ ପ୍ରଣାଳୀର ଦକ୍ଷତା ରହିଛି । ତଥାପି ବିଭିନ୍ନ ରାଜ୍ୟରେ ଏ ପ୍ରକାର ଦାବିର ସମାଧାନର ସ୍ତରରେ ଅନେକ ପାର୍ଥକ୍ୟ ଦେଖାଦେଇଛି ଏବଂ ଏହା ଜଣାପଡିଛି ଯେ, ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର ଏବଂ ମଧ୍ୟପ୍ରଦେଶ ପ୍ରଭୃତି ରାଜ୍ୟରେ ବହୁ ପରିମାଣର ଜମି ଏହି ପ୍ରଣାଳୀ ମାଧ୍ୟମରେ ବଣ୍ଟନ କରାଯାଇଛି । ଯଦିଓ ଏଫ୍‌ଆରଏ (FRA) ଗୋଷ୍ଠିଗତ ଜଙ୍ଗଲ ଅଧିକାର ସିଏଫ୍‌ଆର (CFR), ସ୍ୱୀକାର କରିବା ଅନୁମତି ଦେଇଥାଏ, ଅଧିକାଂଶ ଅଧିକାର, ଏହି ଏଫ୍‌ଆରଏ (FRA) ଅନ୍ତର୍ଗତ, କେବଳ ବ୍ୟକ୍ତିଗତ ସ୍ତରରେ ହିଁ ରହିଛି – ପାଞ୍ଚୋଟି ରାଜ୍ୟରେ (ଛତିଶଗଡ, ମହାରାଷ୍ଟ୍ର, ଓଡିଶା, ରାଜସ୍ଥାନ ଏବଂ ପଶ୍ଚିମବଙ୍ଗ, ଯେଉଁଥିପାଇଁ ତଥ୍ୟ ଉପଲବ୍ଧ, ସିଏଫ୍‌ଆର (CFR) ଅନ୍ତର୍ଗତ ବଣ୍ଟନ କରାଯାଉଥିବା ଜମି ମୋଟ ଜମିର ୬ ଶତକଡାରୁ ମଧ୍ୟ କମ୍ ।

***ଜଙ୍ଗଲ ବାହାରେ ଥିବା ସର୍ବ ସାଧାରଣ ଜମିର ଚିହ୍ନଟ କରିବା ଆଜି ବି ଯଥେଷ୍ଟ ନୁହେଁ:*** ଅନେକ ପ୍ରକାରର ସର୍ବ ସାଧାରଣ ଜମି ସ୍ଥାନୀୟ ଭାବରେ ଚିହ୍ନଟ କରାଯାଇଛି କିନ୍ତୁ ଏହା ରାଜସ୍ୱ ବିଭାଗ କିମ୍ବା ଜଙ୍ଗଲ ବିଭାଗରେ ରେକର୍ଡ କରାଯାଇନାହିଁ ।ଗ୍ରାମଗୁଡିକୁ ଏହି ସିପିଆର (CPR) ର ଉପଲବ୍ଧତା ବର୍ଷ କ୍ରମେ ବହୁ ପରିମାଣରେ କମ୍ ହୋଇଯାଇଛି । ରାଜ୍ୟ ନିୟନ୍ତ୍ରଣ ଏବଂ ଘରୋଇକରଣର ବିସ୍ତାରଣ ଏହାର କାରଣ ଅଟେ । ବେଳେବେଳେ ଏହି ସମ୍ବଳଗୁଡିକ ବେଆଇନ୍ ଭାବରେ ଅକ୍ତିଆର କରାଯାଉଛି ଯଦିଓ ଏଭଳି ଅକ୍ତିଆର ପର୍ଯ୍ୟବେକ୍ଷଣ କରାଯାଉନାହିଁ ଏବଂ ବେଳେବେଳେ ଏ ପ୍ରକାର ଅକ୍ତିଆରକୁ ଆଇନ୍‌ର ସମ୍ମତି ମଧ୍ୟ ଦିଆଯାଉଛି ଫଳରେ ନିୟନ୍ତ୍ରଣହୀନ ଭାବରେ ଲୋକମାନେ ସର୍ବସାଧାରଣ ଜମି ଅକ୍ତିଆର କରୁଛନ୍ତି । ସ୍ଥାୟୀ ପଶୁଚାରଣ ଭୂମି ମୁଖ୍ୟତଃ ଏହାଦ୍ୱାରା ପ୍ରତିକୂଳ ଭାବରେ ପ୍ରଭାବିତ ହେଉଛି ଯେହେତୁ ଜଙ୍ଗଲ ସଂରକ୍ଷଣ ଅଧିନିୟମ ୧୯୮୦ ଅନ୍ତର୍ଗତ ସେଭଳି ଜମିକୁ କୌଣସି ପ୍ରକାର ସୁରକ୍ଷା ପ୍ରଦାନ କରାଯାଇନାହିଁ ।ଏଭଳି ପରିସ୍ଥିତି ମଧ୍ୟ ବସବାସ ହୋଇଥିବା (ଗ୍ରାମ ଥାନା) ସାର୍ବଜନୀନ ସରକାରୀ ଜମି କ୍ଷେତ୍ରରେ ମଧ୍ୟ ଦେଖାଦେଇଛି ଯାହାକି ଉପଯୁକ୍ତ କି ଉପଯୁକ୍ତ ଜରୁରୀ ପଦକ୍ଷେପ ଆବଶ୍ୟକ କରେ ।

***ଗ୍ରାମାଞ୍ଚଳର ଜମି ବ୍ୟବହାର ଯୋଜନା ସେହି ପ୍ରାଥମିକ ଏବଂ ପୁରୁଣା ଅବସ୍ଥାରେ ହିଁ ରହିଛି:*** ଗ୍ରାମାଞ୍ଚଳ ଜମି ବ୍ୟବହାର ଏବଂ ଏହାର ବ୍ୟବହାରଗତ ପରିବର୍ତ୍ତନଜନୀନ ଆଇନ୍‌କାନୁନ ଠିକ୍ ଭାବରେ ପ୍ରବର୍ତ୍ତନ କରାଯାଉନାହିଁ ଏବଂ ଜମିର ବ୍ୟବହାରିକ ପରିବର୍ତ୍ତନ ଉପରେ ଲାଗୁ କରାଯାଉଥିବା ସର୍ତ୍ତାବଳୀ ଏବଂ ଅନ୍ୟ ନିୟମ ନିୟନ୍ତ୍ରଣ ଯଥେଷ୍ଟ ଭାବରେ ପ୍ରସ୍ତୁତ କରାଯାଇନାହିଁ ; ଏହାର ପର୍ଯ୍ୟବେକ୍ଷଣ ପ୍ରକ୍ରିୟା ଏବଂ ପ୍ରଣାଳୀ ଅତ୍ୟନ୍ତ ଦୁର୍ବଳ ଅଟେ ।ଏଭଳି ପରିସ୍ଥିତିର ଏକ କାରଣ ହେଉଛି ଗ୍ରାମାଞ୍ଚଳ ଜମି ବ୍ୟବହାରର ଅଭାବ । ସର୍ବ ସାଧାରଣ ଜମିର ଚିହ୍ନଟ ଏବଂ ଆଇନ୍‌କାନୁନ୍ ଅନୁସାରେ ଶ୍ରେଣୀଭୁକ୍ତକରଣ ବର୍ତ୍ତମାନ ସୁଦ୍ଧା ମଧ୍ୟ ପରିଷ୍କାର ଭାବରେ ବ୍ୟାଖ୍ୟା କରାଯାଇ ନାହିଁ ଏବଂ ପରିଚାଳନା ଦାୟିତ୍ୱ ଏବଂ ପ୍ରଣାଳୀ ବଣ୍ଟନରେ ଅସ୍ପଷ୍ଟତା ଜମି ବେଆଇନ୍ ଭାବରେ ଅକ୍ତିଆର କରିବାକୁ ପ୍ରୋତ୍ସାହନ ଦେଉଛି । ଗ୍ରାମାଞ୍ଚଳ ଜମି ବ୍ୟବହାର ଯୋଜନା ପ୍ରକୃତ ପକ୍ଷରେ ଆଦୌ ନାହିଁ ଫଳରେ ଗୃହ ନିର୍ମାଣ ଏବଂ ବ୍ୟବସାୟିକ ଉଦ୍ଦେଶ୍ୟରେ ସାଧାରଣ ଜମିର ବ୍ୟବହାରିକ ପରିବର୍ତ୍ତନ ଅସ୍ଥାୟୀ ଭାବରେ ହୋଇଚାଲିଛି ।

### *୩.୨.୨ ସୁପାରିଶ*

***ସର୍ଭେ ହୋଇ ନଥିବା ଜମିର ଅଦ୍ୟତନ ବୈଧତା ଚିହ୍ନଟ କରିବା :*** ଏହା ଅତ୍ୟନ୍ତ ଆବଶ୍ୟକ ଯେ, ସମସ୍ତ ଅଣ-ଜଙ୍ଗଲ ଏବଂ ଜଙ୍ଗଲ, ସର୍ବ ସାଧାରଣ ଜମି ବିଭିନ୍ନ ପ୍ରକାର ସାଧାରଣ ସଂପତ୍ତି ଏବଂ ଭୂ ସଂପତ୍ତି ପୁନଃ ଶ୍ରେଣୀଭୁକ୍ତକରଣ ଚିହ୍ନଟ ଏବଂ ସର୍ଭେ କରିବା ଉଚିତ୍ ।ଜଙ୍ଗଲ ବିଭାଗ ରାଜସ୍ୱ ବିଭାଗ ଏବଂ ସ୍ଥାନୀୟ ଅଂଶୀଦାର ଥିବା ବ୍ୟକ୍ତି/ସଂସ୍ଥା ମଧ୍ୟରେ ସୀମା ବିବାଦ ସମାଧାନ କରାଯିବା ଉଚିତ୍ ଏବଂ ଜଙ୍ଗଲ ଗ୍ରାମଗୁଡିକୁ ରେଭେନ ୟୁ ଗ୍ରାମ ହିସାବରେ ଶୀଘ୍ର ପରିବର୍ତ୍ତନ କରାଯିବା ଉଚିତ୍ (FRA Sec 31h) । ଯଦିଓ ଗୋଷ୍ଠୀ ନାମରେ ଆଇନ୍‌ଗତ ଭାବରେ ସ୍ଥାୟୀ ଭାବରେ ବଣ୍ଟନ କରାଯାଇ ନାହିଁ ବହୁ ଦିନରୁ ଦାବି କରାଯାଇ ଆସୁଥିବା ଗୋଷ୍ଠିଗତ ଅଧିକାର ସ୍ୱୀକାର କରିବା ଦ୍ୱାରା ଏହା କୌଣସି ବ୍ୟକ୍ତି ବିଶେଷର ଅକ୍ତିଆର ଭିତରେ ଆସିବ ନାହିଁ ଏବଂ ଏହା ଅଳ୍ପ ଖର୍ଚ୍ଚ ବିଶିଷ୍ଟ ମଧ୍ୟ । ମେକ୍ସିକୋର ଏଜିଡୋ ଭୂସଂସ୍କାର କିମ୍ବା ଫିଲିପାଇନ୍‌ସ୍‌ରେ କରାଯାଇଥିବା ପୂର୍ବ ବଂଶଧର ଦାବିର ସୀମା ନିର୍ଦ୍ଦିଷ୍ଟ କରିବାକୁ ଏକ ମଡେଲ୍ ହିସାବରେ ନିଆଯାଇପାରେ (ଡେନିଙ୍ଗର ୨୦୧୪) । ଏହି ପଦକ୍ଷେପଗୁଡିକ ଉତ୍ପାଦକତା ଦୃଷ୍ଟିକୋଣରୁ ଆବଶ୍ୟକ ଫଳାଫଳ ଦେବାର ଦେଖାଦେଇଛି ଏବଂ ସାମାଜିକ ଗଠନରେ ପରିବର୍ତ୍ତନ ମଧ୍ୟ ଆଣିଛି । (de Janvry et al. ୨୦୧୨; ଭାଲ୍‌ସେଚି ୨୦୧୪) ।

***ସର୍ଭେ ହୋଇ ନଥିବା ଜଙ୍ଗଲ ଜମି ପାଇଁ ଦାୟିତ୍ୱ ପରିଷ୍କାର ଭାବରେ ବ୍ୟାଖ୍ୟା କରାଯାଇ ନାହିଁ :*** ଏହା ସୁପାରିଶ କରାଯାଉଛି ଯେ, ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ କିମ୍ବା ସୁରକ୍ଷିତ ଜଙ୍ଗଲ ହିସାବରେ ଘୋଷଣା କରାଯିବା ଉଚିତ୍ ଏବଂ ଏଫ୍ଆରଏ (FRA) ଅନ୍ତର୍ଗତ, (ସିଏଫ୍ଆର) (CFR) ଚାରିପଟେ ଅଧିକାର ବଣ୍ଟନ ଏକ ମଜଭୁତ ଅଂଶଗ୍ରହଣକାରୀ, ଗୋଷ୍ଠି-ନେତୃତ୍ୱ ମ୍ୟାପିଙ୍ଗ୍ ପ୍ରଣାଳୀ ମାଧ୍ୟମରେ ତ୍ୱରାନ୍ୱିତ କରାଯିବା ଉଚିତ୍ । ଅଗ୍ରାଧିକାର ଭିତ୍ତିରେ ଜଙ୍ଗଲ ଗ୍ରାମକୁ ରାଜସ୍ୱ ଗ୍ରାମରେ ପରିବର୍ତ୍ତନ କରାଯିବା ଉଚିତ୍ । ଅନୁଷ୍ଠାନଗତ ଦାୟିତ୍ୱ ପରିଷ୍କାର ଭାବରେ ବ୍ୟାଖ୍ୟା କରାଯିବା ଉଚିତ୍ ଏବଂ ଜେଏଫ୍ଏମ୍ (JFM) କମିଟିର ସମୟ ଅବଧି ଗ୍ରାମସଭାର (GSs) ସମୟ ଅବଧି ସହିତ ସଂପର୍କିତ କରିବା ଉଚିତ୍, ଯେପରିକି ଏହାକୁ ୭୩ତମ ସଂଶୋଧନ ଏବଂ (ଏଫ୍ଆରଏ) FRA ର ପ୍ରାବଧାନ ସହିତ ସୁସଙ୍ଗଠିତ କରାଯାଇପାରିବ । (ସିଏଫ୍ଆର) (CFR) ଅଞ୍ଚଳକୁ ସୁରକ୍ଷା ସଂରକ୍ଷଣ ଏବଂ ପରିଚାଳନା କରିବା ପାଇଁ ଏବଂ ତା ସହିତ ଜଡିତ ଥିବା ସମ୍ବଳର ବ୍ୟବହାର ପାଇଁ ଗ୍ରାମସଭା (GS) ଗୋଷ୍ଠିଗତ ଜଙ୍ଗଲ ପରିଚାଳନା କମିଟି ସ୍ଥାପନା କରିବା ଉଚିତ୍ ।

***ବିଶେଷ ଭାବରେ ସାର୍ବଜନୀନ ଭୂମି କ୍ଷେତ୍ରରେ (ଏଫ୍ଆରଏ) FRA କାର୍ଯ୍ୟକାରୀ ଜରୁରୀକାଳୀନ ଭିତ୍ତିରେ କରିବା ଉଚିତ୍ ଏବଂ ତାର ପର୍ଯ୍ୟବେକ୍ଷଣ କରିବା ଉଚିତ୍:*** (ଏଫ୍ଆରଏ) FRA ଅନ୍ତର୍ଗତ ହୋଇଥିବା ଦାବିର ପ୍ରତ୍ୟାଖ୍ୟାନ କିମ୍ବା ପରିବର୍ତ୍ତନ କ୍ଷେତ୍ରରେ ସେଗୁଡିକ ଜିଲ୍ଲା ସ୍ତରୀୟ କମିଟିକୁ (DLCs) ପୁନଃ ଫେରସ୍ତ କରିଦେବା ଉଚିତ୍ ଯେପରିକି ତା ଉପରେ ପୁନଃବିଚାର କରାଯାଇପାରିବ କିମ୍ବା ଆବଶ୍ୟକ ପରିବର୍ତ୍ତନ କରାଯାଇପାରିବ[୭] ।ସମସ୍ତ ରାଜ୍ୟ ସରକାର ବ୍ୟକ୍ତିବିଶେଷ ବନ୍ଦୋବସ୍ତ କ୍ଷେତ୍ରରେ ଗ୍ରାମ ସଭାକୁ (GS) ସ୍ୱୀକାର କରିବା ଉଚିତ୍ ଯେପରିକି ପେଶାରେ (PESA)କରାଯାଉଛି ଫଳରେ (ଏଫ୍ଆରଏ) FRA ଫଳପ୍ରଦ ଭାବରେ କାର୍ଯ୍ୟକାରୀ କରାଯାଇପାରିବ । (ଏଫ୍ଆରଏ) FRA କାର୍ଯ୍ୟକାରୀ କରିବାର ପ୍ରଭାବ ମଧ୍ୟ ମୂଲ୍ୟାଙ୍କନ କରିବା ଆବଶ୍ୟକ । ତା ସହିତ (ଏଫ୍ଆରଏ) FRA ଦ୍ୱାରା ସ୍ୱୀକୃତି ପ୍ରାପ୍ତ ହୋଇଥିବା ମହିଳାମାନଙ୍କ ପଟ୍ଟା, ଜୈବ ମଣ୍ଡଳ ଏବଂ ସାମାଜିକ ଅର୍ଥ ନୈତିକ ଉନ୍ନତି ମଧ୍ୟ ମୂଲ୍ୟାଙ୍କନ କରାଯିବା ଉଚିତ୍ ।

***ଗୋଷ୍ଠିଗତ ଜମି ଉପରେ ସ୍ଥାନୀୟ ନିୟନ୍ତ୍ରଣ ମଜଭୁତ କରିବା ଏବଂ ଏହାର ଚିହ୍ନଟ କରିବାରେ ଉନ୍ନତି କରିବା :*** ଜେଏଫ୍ଏମ୍ (JFM) କମିଟିର ସହାୟତାରେ ନ କରି ଏବଂ ଗ୍ରାମ ସଭାକୁ ଦିଆଯାଇଥିବା ଗୋଷ୍ଠି ଜଙ୍ଗଲ ଅଧିକାର ଅନ୍ତର୍ଗତ (ସିଏଫ୍ଆର) (CFR) ଚିହ୍ନଟ କରି, ଏକ ପ୍ରଚାର ମାଧ୍ୟମ ଯୋଜନାରେ ଉନ୍ନତି ଆଣିବା ଉଚିତ୍ ।ଏହା ଧରି ନେବା ଉଚିତ୍ ଯେ, ସମସ୍ତ ଗ୍ରାମ ଗୁଡିକରେ କିଛି ନା କିଛି (ସିଏଫ୍ଆର) (CFR) ରହିଛି ଏହାର ପ୍ରମାଣ ଦାୟିତ୍ୱ ଡିଏଲ୍ସି (DLC) ନ୍ୟସ୍ତ କରାଯିବା ଉଚିତ୍, ଯଦି କୌଣସି (ସିଏଫ୍ଆର) (CFR) ଚିହ୍ନଟ କରାଯାଇ ନଥାଏ ।ଜଙ୍ଗଲ ଅଧିକାର ଅଧିନିୟମ ୨୦୦୬ ଅନ୍ତର୍ଗତ ସର୍ବସାଧାରଣ ଜମି ଉପରେ ଦଳୀୟ ଅଧିକାର ଔପଚାରିକ କରିବାର ମାଧ୍ୟମ ବିଷୟରେ ସଚେତନତା ସୃଷ୍ଟି କରାଯିବା ଉଚିତ୍ ,ଯେହେତୁ ରିପୋର୍ଟରୁ ଜଣାପଡିଛି ଯେ, ଅନେକ ଆଦିବାସୀ ଯେଉଁମାନେ କି ଏହି ଅଧିନିୟମ ଅନ୍ତର୍ଗତ, ଜମି ଅଧିକାର ପ୍ରାପ୍ତ କରିବାର ଯୋଗ୍ୟତା ରହିଛି, ସେମାନେ ଦାବି ଜମା କରିନାହାନ୍ତି ।ଏହାର ଅର୍ଥ ଯେ, ସ୍ଥାନୀୟ ସଂସ୍ଥାଗୁଡିକୁ ଅଧିକାର ଦିଆଯାଇଛି ।ଏହାକୁ ଗ୍ରାମାଞ୍ଚଳ ଜମି ବ୍ୟବହାର ନୀତି ସହିତ ମିଶ୍ରଣ କରିବା ଉଚିତ୍ ଯେପରିକି ସାଟେଲାଇଟ୍ ଇମେଜ୍ ସାହାଯ୍ୟରେ ଏକ ସାଧାରଣ ପରିମାପ ଉପରେ ଆଧାର କରି ଏବଂ ସର୍ବସାଧାରଣଙ୍କ ଜ୍ଞାତସାରରେ ପର୍ଯ୍ୟବେକ୍ଷଣ କରାଯାଇପାରିବ ।

୭ ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଏବଂ ଗୁଜୁରାଟରେ ଅଗ୍ରଣୀ ଭିତ୍ତିରେ କାର୍ଯ୍ୟକାରୀ କରାଯାଇଥିବା ଜିପିଏସ୍ (GPS) -ସହାୟିତ ସହଯୋଗକାରୀ ମ୍ୟାପିଙ୍ଗ୍ ପ୍ରଣାଳୀର ପ୍ରଭାବଶୀଳତା ଏବଂ ସଫଳତା ଅଧ୍ୟୟନ କରିବା ଆବଶ୍ୟକ ଏବଂ ଅଳ୍ପ ପ୍ରତ୍ୟାଖ୍ୟାନ ନିଶ୍ଚିତ କରିବା ପାଇଁ ଏବଂ ଭବିଷ୍ୟତ ବିବାଦ ଏଡାଇବା ପାଇଁ ଆବଶ୍ୟକ ପରିବର୍ତ୍ତନ କରିବା ଉଚିତ୍ ।

## ୩.୩ ସହରାଞ୍ଚଳ ଜମି

### *୩.୩.୧ ସମସ୍ୟା ନିର୍ଣ୍ଣୟ*

***ଜମି ପ୍ରଶାସନ ଏବଂ ଯୋଜନାରେ ପ୍ରତିବନ୍ଧକ ସୃଷ୍ଟି କରୁଥିବା ଅଣ-କୃଷି ଜମିର ଯୋଗାଣ ମଧ୍ୟରେ ପାର୍ଥକ୍ୟ:*** ଭାରତର ୩୧ ଶତକଡା ସହରାଞ୍ଚଳ ଲୋକସଂଖ୍ୟା, ଅନ୍ୟ ଦେଶଗୁଡିକ ତୁଳନାରେ ତଥାପି ବି କମ୍ ଯେପରିକି ଇଣ୍ଡୋନେସିଆ (୪୫ ଶତକଡା )କିମ୍ବା ମେକ୍ସିକୋ ଏବଂ ବ୍ରାଜିଲ୍ (୭୮ ଶତକଡା ଏବଂ ୮୭ ଶତକଡା) ।ଅଧିକାଂଶ ରାଜ୍ୟରେ ସେଟେଲ୍ମେଣ୍ଟ ଅଞ୍ଚଳ (ଗ୍ରାମଥାନ) ଏକ ପ୍ଲଟ୍ ହିସାବରେ ନିର୍ଦ୍ଦିଷ୍ଟ କରାଯାଇଛି ଏବଂ ରାଜସ୍ୱ ନଥିରେ ସର୍ଭେ କରାଯାଇନାହିଁ । ନିୟମ ଅନୁସାରେ ଲୋକସଂଖ୍ୟା ୨,୦୦୦ ରୁ ଅଧିକ ବୃଦ୍ଧି ହେଲେ ସର୍ଭେ କରାଯିବା ଉଚିତ୍ । ପ୍ରକୃତ ପକ୍ଷରେ ଏହା କରାଯାଉନାହିଁ । ଆଉ ମଧ୍ୟ, ଅତୀତର କୌଣସି ନିର୍ଦ୍ଦିଷ୍ଟ ସମୟରେ ଯଦିଓ କେତେବେଳେ ସହରାଞ୍ଚଳ ସର୍ଭେ କରାଯାଇଛି ତାହା ଅତି ପୁରୁଣା ଏବଂ ବର୍ତ୍ତମାନ ବ୍ୟବହାରରେ ନାହିଁ ଏବଂ ଏହା ବର୍ତ୍ତମାନ ସହରାଞ୍ଚଳର ଏକ ଛୋଟ ଅଂଶ ହିଁ ଅନ୍ତର୍ଭୁକ୍ତ କରୁଛି- ଉଦାହରଣ ସ୍ୱରୂପ ହାଇଦ୍ରାବାଦରେ ସହରାଞ୍ଚଳ ସର୍ଭେ ୧୯୬୦ ମସିହାରେ ଅଧୁନାତନ କରାଯାଇଥିଲା । ତେଣୁ କେବଳ ରାଜସ୍ୱ ବିଭାଗ ସହରାଞ୍ଚଳର ଲୋକସଂଖ୍ୟା ବର୍ତ୍ତମାନ ୩୭୭ ନିୟୁତରୁ ୨୦୩୦ ସୁଦ୍ଧା ୬୦୦ କୁ ବୃଦ୍ଧି ହେବା ଯୋଗୁଁ ସୃଷ୍ଟି ହେଉଥିବା ସମସ୍ୟା ସମାଧାନ କରିବାରେ ଅସମର୍ଥ ହେବ ।

***କ୍ୟାଡେଷ୍ଟ୍ରାଲ୍ ମୂଳ ମ୍ୟାପ୍ ଅଭାବରୁ ଯୋଜନା ଖର୍ଚ୍ଚରେ ବୃଦ୍ଧି:*** ଯୋଜନା ଅନୁଷ୍ଠାନଗୁଡିକ ଅତ୍ୟନ୍ତ ଦୂରଦୃଷ୍ଟିର ସହିତ ଯୋଜନା ପ୍ରସ୍ତୁତ କରିଥାନ୍ତି ।ସେମାନଙ୍କର ଯୋଜନା ଅନ୍ତର୍ଗତ ସହର ବିକାଶ ଅଞ୍ଚଳ ସହରାଞ୍ଚଳ ସର୍ଭେ ଅଞ୍ଚଳଠାରୁ ବହୁଗୁଣରେ ଅଧିକ ଏବଂ ଏଥିରେ କୃଷି ଜମି ଏବଂ ଗ୍ରାମ ଥାନ ମଧ୍ୟ ଅନ୍ତର୍ଗତ ହୋଇଥାଏ କିନ୍ତୁ ମ୍ୟୁନିସିପାଲ୍ଟି ସହର ବାହାରେ ହିଁ ରହିଥାଏ ।କିନ୍ତୁ ଅନୁଷ୍ଠାନଗତ ଦ୍ୱନ୍ଦ୍ୱ ଏବଂ ଯୋଜନା ବିକାଶ ମଧ୍ୟରେ ଦାୟିତ୍ୱର ପୃଥକୀକରଣ ନ୍ୟୁନତମ ନିର୍ମାଣଗତ ଯୋଜନା କାର୍ଯ୍ୟକାରୀ କରିବାରେ ମଧ୍ୟ କଷ୍ଟକର କରିଥାଏ ।(ଉଦାହରଣ ସ୍ୱରୂପ ମୁଖ୍ୟ ମୌଳିକ ସୁବିଧା ପାଇଁ) । କିନ୍ତୁ ଏକ ସାଧାରଣ ମୂଳ ମ୍ୟାପ୍ ବ୍ୟତୀତ ଯୋଜନା କରିବା ଅତ୍ୟନ୍ତ କଷ୍ଟକର ଏବଂ ତାକୁ କାର୍ଯ୍ୟକାରୀ କରିବା ପ୍ରାୟ ଅସମ୍ଭବ ।ତେଣୁ ଅନେକ ସହରରେ ସହରାଞ୍ଚଳର ବିସ୍ତାରଣ ମୁଖ୍ୟତଃ ଏକ ସଙ୍ଗଠିତ ଯୋଜନା ବିନା ହିଁ ହୋଇଥାଏ । ନିୟମ ଏବଂ ନିୟନ୍ତ୍ରଣ ଅବମାନନା କରିଥିବା ବ୍ୟକ୍ତିମାନଙ୍କ ବିରୁଦ୍ଧରେ ମଧ୍ୟ ସାମୁହିକ ଭାବରେ ନ ହୋଇ କେତେକ କ୍ୱଚିତ୍ କ୍ଷେତ୍ରରେ ହୋଇଥାଏ । ଏକ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ସ୍ୱୀକୃତିପ୍ରାପ୍ତହୋଇ ନଥିବା ଆବାସିକ ଅଞ୍ଚଳ ଗୁଡିକୁ ଆଇନ୍ ଗତ ସ୍ୱୀକୃତି ଦିଆଯାଉନଥିବାରୁ ଲୋକମାନେ ଏହାର ଅଯୁକ୍ତିକର ଲାଭ ଉଠାଉଛନ୍ତି ଫଳରେ ଏହି ଅଞ୍ଚଳରେ ଆବାସପର ସେବା ପ୍ରଦାନ କରିବାରେ ଖର୍ଚ୍ଚ ଅତ୍ୟଧିକ ହେଉଛି ଏବଂ ବେଳେବେଳେ ଯଥେଷ୍ଟ ପରିମାଣରେ ମୌଳିକ ସୁବିଧା ପ୍ରଦାନ କରିବା ସମ୍ଭବ ହେଉନାହିଁ ।

***ଯୋଜନା ଉପରେ ନିୟନ୍ତ୍ରଣର ଅଭାବ ଏବଂ ଗଢଣର ମାନଦଣ୍ଡ ଅଣ-ଔପଚାରିକ ଯୋଜନାର ଆଉ ଏକ ସୂତ୍ର :*** ସହରାଞ୍ଚଳବାସୀ ଯେତେବେଳେ ଏକ କଠିନ ନିୟମ ଏବଂ ମାନଦଣ୍ଡର ସମ୍ମୁଖୀନ ହୁଅନ୍ତି ଯାହାକି ଅନୁପାଳନ କରିହେବ ନାହିଁ ସେମାନେ ଅଣ ଔପଚାରିକ ଭାବରେ ଯୋଜନା କରିବା ପାଇଁ ବାଧ୍ୟ ହୁଅନ୍ତି ଏବଂ "ବ୍ୟତିକ୍ରମ" ର ସୁଯୋଗ ନେବା ଦିନକୁ ଦିନ ବଢିଚାଲିଛି ଯାହାକି ଉତ୍ତମ ପ୍ରଶାସନର ଲାଭକୁ ଗୁରୁତ୍ୱ ଦେଉନାହିଁ ।ବିହାରରେ ଏହା ହିସାବ କରାଯାଇଛି ଯେ, ଗୃହ ନିର୍ମାଣ କରି ବାସକରୁଥିବା ପ୍ରାୟ ୬୦ ଶତକଡା ଲୋକ ସଂପୃକ୍ତ କର୍ତ୍ତୃପକ୍ଷଙ୍କଠାରୁ ସମାପନ ପରିଚୟ ପତ୍ର ପ୍ରାପ୍ତ କରିନାହାନ୍ତି ; ପ୍ରାୟ ୭୦ ରୁ ୮୦ ଶତକଡା ଘର ଏବଂ ଆପାର୍ଟମେଣ୍ଟରେ ବାସ କରୁଥିବା ଲୋକଙ୍କର ଅକ୍ତିଆର ସାର୍ଟିଫିକେଟ୍ ନାହିଁ ଏବଂ ବହୁ-ତଳ ଆବାସରେ ବାସ କରୁଥିବା ୫୫ ଶତକଡା ଲୋକ ଫ୍ଲୋର ଏରିଆ ଅବମାନନା ଯୋଗୁଁ ଭିଜିଲାନ୍ସ୍ କେସ୍‌ର ସମ୍ମୁଖୀନ ହୁଅନ୍ତି ଯାହାକି ଅନୁପାଳନ କରିହେବ ନାହିଁ ସେମାନେ ଅଣ ଔପଚାରିକ ଭାବରେ ଯୋଜନା କରିବା ପାଇଁ ବାଧ୍ୟ ହୁଅନ୍ତି ଏବଂ ଙ୍ଘବ୍ୟତିକ୍ରମ ହୋଇଛନ୍ତିଙ୍ଘ ।

***ବିବାଦାସ୍ପଦ ଏବଂ ନିର୍ଦ୍ଦିଷ୍ଟ ହୋଇ ନଥିବା ଜମିଜମା ନଥିକୃତ ଜମିର ଯୋଗାଣ ଏବଂ ନିବେଶ ସମ୍ଭାବନା କମ୍ କରିଦିଏ :*** ସହରାଞ୍ଚଳ ପାଇଁ କୌଣସି କାଡାଷ୍ଟ୍ରେ କିମ୍ବା କୌଣସି ମୂଳ ନକ୍ସାନାହିଁ ଏବଂ ଅଧିକାଂଶ ସହରାଞ୍ଚଳ ଜମି ନକ୍ସା ୧୯୨୦ ଠାରୁ ଅଧୁନାତନ କରାଯାଇ ନାହିଁ ।ଟାଉନ୍ ସର୍ଭେ ଯେଉଁଠାରେ ବି କରାଯାଇଛି ଅନେକ ବର୍ଷ ତଳୁ କରାଯାଇଥିଲା ଏବଂ ଏହି ସର୍ଭେ ଅତି ସୀମିତ ଅଞ୍ଚଳରେ ମଧ୍ୟ କରାଯାଇଥିଲା ।ଭୂତପୂର୍ବ ଆନ୍ଧ୍ରପ୍ରଦେଶରେ ୧୩୦ ନଗରୀରୁ ମାତ୍ର ୩୦ ଟି ନଗରୀର ସର୍ଭେ କରାଯାଇଥିଲା ଏବଂ ତାହା ୫୦ ବର୍ଷ ପୂର୍ବରୁ ହିଁ କରାଯାଇଥିଲା । ଟିକସ ରେଜିଷ୍ଟର (ଖାତା) ମୂଖ୍ୟତଃ ଜମି ଅକ୍ତିଆର ଅବଧିର ପ୍ରମାଣ ହିସାବରେ କରାଯାଉଥିଲା ।ଜାଲିଆତି, ନକଲି ଏବଂ ଗୋଟିଓ ଜମିର ଏକାଧିକ ମାଲିକାନା ଥିବା ସହରାଞ୍ଚଳ ଜମି ସମ୍ବନ୍ଧୀୟ ନଥିପତ୍ର ଘରୋଇ ଜମିରେ ବିବାଦ ଏବଂ କୋର୍ଟକେସ୍ ସୃଷ୍ଟି କରେ, ଏବଂ ସାର୍ବଜନୀନ ଜମିକୁ ବେଆଇନ୍ ଅକ୍ତିଆର କରିବାର ସୁଯୋଗ ଦେଇଥାଏ ।ଏହି ଅନିଶ୍ଚିତତା ଅନେକ ପ୍ଲଟ୍‌ର ବିକାଶ ଉନ୍ନତି କରିବାରେ ପ୍ରତିବନ୍ଧକ ସୃଷ୍ଟି କରେ ଫଳରେ ଜମି ଯୋଗାଣ ମଧ୍ୟ କମ୍ ହୋଇଯାଏ ।

***ଅଳ୍ପ ଖର୍ଚ୍ଚ ବିଶିଷ୍ଟ ଗୃହ ନିର୍ମାଣ ଜନିତ ନୀତିରେସମାନତାର ଅଭାବ ଏବଂ ବେଳେବେଳେ ଅସ୍ଥାୟୀ :*** ବାସଗୃହର ଅଭାବ ଦୂରକରିବା ପାଇଁ ରାଜ୍ୟଗୁଡିକର ଏକାଧିକ ଯୋଜନା ରହିଛି ।ପ୍ରକୃତ କଥା ହେଲା ଯେ, ବିଗତ ୨୦ ବର୍ଷ ଭିତରେ ଘର ପରିବାରଙ୍କର ଆୟ କ୍ରମାଗତ ଭାବରେ ବୃଦ୍ଧି ହେବା ସତ୍ତ୍ୱେ ଭାରତୀୟ ସହରଗୁଡିକରେ ଅଣ-ଔପଚାରିକ ଭାବରେ ଜମି କାରବାର ବୃଦ୍ଧି ହୋଇ ଚାଲିଛି । ଏଥିରୁ ଜଣା ପଡୁଛି ଯେ, କେବଳ ଆୟର ସ୍ତର ଏକ ମୂଖ୍ୟ କାରଣ ନୁହେଁ ଏବଂ ନିୟନ୍ତ୍ରଣଗତ ଅସୁବିଧା ଏବଂ ଜମି ଯୋଗାଣରେ ପ୍ରତିବନ୍ଧକ ହେତୁ ଜମି ପ୍ରାପ୍ତ କରିବା ସହରାଞ୍ଚଳ ଗରୀବ ଲୋକମାନଙ୍କର ଆୟ ବର୍ହିଭୁତ ହେବାକୁ ଯାଉଛି, ଏହା ସହିତ ସହରାଞ୍ଚଳରେ ମୌଳିକ ସୁବିଧାର ମଧ୍ୟ ଅଭାବ ରହୁଛି ।ଜାତୀୟ ବସ୍ତି ଅଂଚଳନୀତି ଅନୁସାରେ ରାଜ୍ୟମାନେ ବସ୍ତିରେ ବାସ କରୁଥିବା ଲୋକମାନଙ୍କୁ, ଯେଉଁଠାରେ ସମ୍ଭବ, ବିବାଦଶୂନ୍ୟ ଜମି ମାଲିକାନା କିମ୍ବା ଦୀର୍ଘକାଳୀନ ଲିଜ୍ ଭିତ୍ତିରେ ପ୍ରଦାନ କରିବା ଉଚିତ୍ ।ସରକାର ସ୍ଲମ୍ ଚିହ୍ନିତ କରିଛନ୍ତି କିନ୍ତୁ ଏଗୁଡିକର ବିସ୍ତାରିତ ବିକାଶ କରିବାରେ ଆବଶ୍ୟକ ପରାମର୍ଶ ପାଇଁ ସରକାରଙ୍କ ପାଖରେ ତଥ୍ୟ ନାହିଁ ।

***ବସ୍ତି ଗୁଡିକର ବିକାଶ କରିବା ପାଇଁ ଉନ୍ନତତର ନୀତି ପ୍ରସ୍ତୁତ କରାଯାଇଛି କିନ୍ତୁ ବେଳେବେଳେ ଏହାର ସମୟ ଅବଧି ନିର୍ଦ୍ଦିଷ୍ଟ କରାଯାଇନାହିଁ :*** ଆଇନ୍‌ଗତ ବିବାଦ ଯୋଗୁଁ ନିର୍ଦ୍ଦିଷ୍ଟ ସମୟ ଅବଧିଗତ ଅଧିକାର ଦେବାରେ ଅସୁବିଧା ସୃଷ୍ଟି ହେଉଛି କିନ୍ତୁ ଅନେକ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା, ମୌଳିକ ସୁବିଧା ପ୍ରଦାନ କରି ଅଣ ସ୍ୱୀକୃତି ପ୍ରାପ୍ତ ଆବାସିକ ଅଞ୍ଚଳକୁ ଅଣଔପଚାରିକ ଭାବରେ ସ୍ୱୀକୃତି ପ୍ରଦାନ କରୁଛନ୍ତି ।କର୍ଣ୍ଣାଟକ ଏବଂ ପଶ୍ଚିମବଙ୍ଗ ଭଳି ରାଜ୍ୟ ଅନେକ ଉନ୍ନତ ଧରଣର ବସ୍ତି ପ୍ରଣୟନ କରିଛନ୍ତି ଫଳରେ ବସ୍ତି ଅଞ୍ଚଳରେ ବସବାସ କରୁଥିବା ବ୍ୟକ୍ତି ନିଜ ତରଫରୁ କିଛି ଆର୍ଥିକ ଅବଦାନ ଦେଇ ଲିଜ୍ ପ୍ରାପ୍ତ କରିପାରିବେ କିମ୍ବା (ନିୟନ୍ତ୍ରିତ) ମାଲିକାନା ଅଧିକାର ପ୍ରାପ୍ତ କରିପାରିବେ, ଯଦିଓ ଏହି ଯୋଜନାର ସୁବିଧା ନେଇଥିବା ବ୍ୟକ୍ତି ଅତି ସୀମିତ ଅଟନ୍ତି ।ଏହି ନୀତି ଗୁଡିକ ଆଉ ଉନ୍ନତ ଭାବରେ କାର୍ଯ୍ୟକାରୀ କରାଯାଇପାରିବ ଏବଂ କାର୍ଯ୍ୟକାରିତାରେ ଖୋଲାପଣତା ମଧ୍ୟ ଅଣାଯାଇପାରିବ, ଉଦାହରଣ ସ୍ୱରୂପ ପରିଚୟ ଚିହ୍ନଟ କରିବାରେ ବାଇମେଟ୍ରିକ୍‌ର ପ୍ରୟୋଗ ଏବଂ କେବଳ ବସବାସ କରିବାକୁ ସ୍ୱୀକାର ନ କରି ସ୍ଲମ୍‌ରେ ବାସ କରୁଥିବା ଲୋକମାନଙ୍କୁ ସେହି ଜମିର ସଂପୂର୍ଣ୍ଣ ମାଲିକାନା ଦେବା ଉଚିତ୍ । ତଥା ସୀମିତ ମୂଲ୍ୟ ଭିତରେ ଜମି ଯୋଗାଣ ବୃଦ୍ଧି କରିବା ପାଇଁ ଅତ୍ୟନ୍ତ ଦୂରଦର୍ଶୀ ନୀତି ଆବଶ୍ୟକ ଯାହାକି ବଡ ବଡ ସମାଧାନ କରିପାରିବ ।

## ୩.୩.୨ ସୁପାରିଶ

***ସହରାଞ୍ଚଳରେ କ୍ୟାଡେଷ୍ଟ୍ରାଲ୍ ମ୍ୟାପ୍ ସଂପୂର୍ଣ୍ଣ ଭାବରେ ପ୍ରସ୍ତୁତ କରିବା ଉଚିତ୍ :*** ଭାରତର କୌଣସି ସହରାଞ୍ଚଳରେ କ୍ୟାଡେଷ୍ଟ୍ରାଲ୍ ମ୍ୟାପ୍ ପ୍ରସ୍ତୁତ ହୋଇନାହିଁ ଏବଂ ସିଟି ସର୍ଭେ ବେଳେବେଳେ ସଂପୂର୍ଣ୍ଣ ପୁରୁଣା ଏବଂ ତାହା ମଧ୍ୟ ଅତି ସୀମିତ ଅଞ୍ଚଳ ପାଇଁ ଉପଲବ୍‌ଧ ।ତେଣୁ ୟୁଏଲ୍‌ବି (ଈକଇ) ମ୍ୟାପ୍‌ର ଏକ ପ୍ୟାଚ୍ ୱାର୍କ ବ୍ୟବହାର କରନ୍ତି ଯେଉଁଥିରେ ଯୋଜନା, ଟିକସ ଏବଂ ପଞ୍ଜିକରଣ ବିଷୟରେ ପରସ୍ପର ବିରୋଧି ସୂଚନା ମଧ୍ୟ ଅନ୍ତର୍ଗତ ହୋଇଥାଇ ପାରେ ।ଏହାର ଅର୍ଥ ଯେ, ଅଧିକାଂଶ ନଗରୀରେ ସଂପୂର୍ଣ୍ଣ ଭାବରେ ଆଉ ଥରେ ସର୍ଭେ କରିବା ଆବଶ୍ୟକ ଯେପରିକି ଏକ ନିର୍ଭୁଲ୍ ଭାବରେ କାର୍ଯ୍ୟ କରୁଥିବା ଏକ ଜମି ରେକର୍ଡ ପ୍ରଣାଳୀ ପ୍ରସ୍ତୁତ କରିବାର ମୂଳଧାରା ସ୍ଥାପନ ହୋଇପାରିବ ଯାହାକି ସମସ୍ତ ପ୍ରକାର ଜମି ଚିହ୍ନଟ କରିପାରୁଥିବ ଏବଂ ସମସ୍ତ ବିଭାଗ ଏହାକୁ ମୂଳନକ୍ସା ହିସାବରେ ବ୍ୟବହାର କରିପାରୁଥିବେ । କର୍ଣ୍ଣାଟକର ଚାରୋଟି ସହରରେ କାର୍ଯ୍ୟକାରୀ କରାଯାଇଥିବା ସହରାଞ୍ଚଳ ଭୂ -ସଂପତ୍ତି ମାଲିକାନା ନଥିକୃତ ପ୍ରକଳ୍ପ କ୍ଟରୁ ଜଣାପଡିଛି ଯେ, ପବ୍ଲିକ୍-ପ୍ରାଇଭେଟ୍ ପାଟର୍ଣ୍ଣରସିପ୍ (ଙଙଙ) ସହାୟତାରେ ସ୍ଥାନ ଏକ ଦିଗ ନିର୍ଦ୍ଦିଷ୍ଟ ଏବଂ ଲେଖା ଉପରେ ଆଧାରିତ ମାଲିକାନା ଦସ୍ତାବିଜ୍ ନିର୍ଭୁଲ୍ ଭାବରେ ପ୍ରସ୍ତୁତ କରିବା ସମ୍ଭବ ।ଯଦି ରେଭେନ୍ୟୁ ବିଭାଗ ଠିକ୍ ସମୟରେ ଜମା କରାଯାଇଥିବା ଦାବି ନ୍ୟାୟ ସଙ୍ଗତ ଭାବରେ କରିବାରେ ସମର୍ଥ ହୁଏ ତେବେ ଏବଂ ୟୁଏଲ୍‌ବି (ଈକଇ) ଏବଂ ସର୍ବସାଧାରଣ ଏହି ବ୍ୟବସ୍ଥାର ସୁବିଧା ବିଷୟରେ ସଚେତନ ହୋଇଥାନ୍ତି ଏବଂ ଏହା ସ୍ୱୀକାର କରନ୍ତି, ତେବେ ଏହି ପ୍ରକାରର ଦସ୍ତାବିଜ୍ ବିସ୍ତାରିତ ଅଞ୍ଚଳରେ ମଧ୍ୟ ବ୍ୟବହାର କରାଯାଇପାରିବ ଏବଂ ଶୀଘ୍ର ଏବଂ ଅଳ୍ପ ଖର୍ଚ୍ଚରେ ଉଚ୍ଚମାନର ସେବା ପ୍ରଦାନ କରିବାରେ ସମ୍ଭବ ହୋଇପାରିବ ।

***ସମସ୍ତ ଅନୁଷ୍ଠାନଗୁଡିକର ସହଯୋଗ ପାଇଁ ପରସ୍ପର ରାଜି ହୋଇଥିବା ସହରାଞ୍ଚଳ ସୀମାକୁ ଏକ ମୂଳଭିତ୍ତି ହିସାବରେ ସ୍ଥାପନ କରିବା :*** ଆଇନ୍‌ସଙ୍ଗତ ହିସାବରେ ସହରାଞ୍ଚଳ ବ୍ୟାଖ୍ୟା କରାଯାଇ ନଥିବାରୁ ରାଜସ୍ୱ ବିଭାଗ ଏବଂ ସହରାଞ୍ଚଳ ବିକାଶ କର୍ତ୍ତୃପକ୍ଷ ମଧ୍ୟରେ ଦାୟିତ୍ୱଗତ ଦ୍ୱନ୍ଦ ସୃଷ୍ଟି ହୋଇଥାଏ, ଏବଂ ତାହା ଯୋଗାଣର ଗୁଣମାନ ପ୍ରତିକୂଳ ଭାବରେ ପ୍ରଭାବିତ କରିଥାଏ । ଲଗାତାର ଭାବରେ ଯୋଜନା କରିଚାଲିବା କଷ୍ଟକର ହୋଇପଡେ ଏବଂ ବର୍ତ୍ତମାନ ଯୋଜନାର ଠିକ୍ ବିପରିତ ଭାବରେ ଜମିର କୃଷିଭିତ୍ତିକ ବ୍ୟବହାରରୁ ଅଣ-କୃଷି ବ୍ୟବହାରକୁ ଅଣ ଔପଚାରିକ ଭାବରେ ପରିବର୍ତ୍ତନ ପ୍ରୋତ୍ସାହିତ କରେ । ଥରେ ୟୁଡିଏ (UDA) ଏବଂ ୟୁଏଲ୍‌ବି (ULB) ମଧ୍ୟରେ ସହରାଞ୍ଚଳ ସୀମାକୁ ନେଇ ରାଜିନାମା ହେଲେ, ଏହା ଦାୟିତ୍ୱ ବଣ୍ଟନ ପାଇଁ ପ୍ରଣାଳୀକୁ ଅଧିକ ସଂଗଠିତ କରିବା ଏବଂ ସାର୍ବଜନୀନ ସହରାଞ୍ଚଳ ଭୂସଂପତ୍ତି ରେକର୍ଡ କରିବା ପାଇଁ ତଥା ପରିଚାଳନା କରିବା ପାଇଁ ଏକ ସାଧାରଣ ତଥ୍ୟ ପ୍ରସ୍ତୁତ କରିବା ସକାଶେ ଏହାକୁ ବ୍ୟବହାର କରାଯାଇପାରିବ ।

***ସହରର ଚତୁଃପାର୍ଶ୍ୱରେ ଗୃହ ନିର୍ମାଣ ଏବଂ ମୌଳିକ ସୁବିଧାର ନିୟନ୍ତ୍ରଣ ପ୍ରଣାଳୀକୁ ସରଳୀକରଣ ଏବଂ ଅଧିକ ସଂଗଠିତ କରିବା ଉଚିତ୍ :*** ବିଶ୍ଳେଷଣରୁ ଜଣାପଡିଛି ଯେ, ସହର ଭିତରେ କୌଣସି ନିର୍ଦ୍ଦିଷ୍ଟ ଜମିର ପୁନଃ ବିକାଶ କରିବା ହେଉ କିମ୍ବା ଆଶା କରାଯାଉଥିବା ସହରର ବୃଦ୍ଧି ଏବଂ ବିସ୍ତାରଣ ସମ୍ଭବ କରିବା ପାଇଁ ଏହାର ଚତୁଃପାର୍ଶ୍ୱରେ କିଛି ନିର୍ମାଣ କାର୍ଯ୍ୟ ହେଉ, ଅତି ପୁରୁଣା ଏବଂ କାର୍ଯ୍ୟକାରୀ ସମ୍ଭବ ନ ଥିବା ମାନଦଣ୍ଡ, ଯୋଜନାର ଅଭାବ, ସୃଷ୍ଟି ହେଉଥିବା ସୁବିଧା ପରସ୍ପର ଅଂଶିଦାର କରିବା ପାଇଁ ବିକଳ୍ପର ଅଭାବ (ଉଦାହରଣ ସ୍ୱରୂପ ଟାଉନ୍ ପ୍ଲାନିଙ୍ଗ୍ ସ୍କିମ୍) କିମ୍ବା ମୌଳିକ ସୁବିଧା ପ୍ରାପ୍ତ କରିବାର ଅଧିକାର ଲାଭ କରିବାରେ ବିକଳ୍ପର ଅଭାବ ଏବଂ ତା ସହିତ ବିଭିନ୍ନ ସରକାରୀ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଦାୟିତ୍ୱ ବଣ୍ଟନ ଜନିତ ଦ୍ୱନ୍ଦ ଏବଂ ଅସ୍ପଷ୍ଟତା ପ୍ରଭୃତି ସମସ୍ୟା ଏକ କଷ୍ଟକର ପରିସ୍ଥିତି ସୃଷ୍ଟି କରେ ଫଳରେ ସୁଧାରମୂଳକ ପଦକ୍ଷେପରୁ ପ୍ରାପ୍ତ ହେଉଥିବା ଲାଭ କମ୍ ହୋଇଯାଏ ଏବଂ ଅଣ-ଔପଚାରିକ ଭାବରେ ଜମିର ବ୍ୟବହାରଗତ ପରିବର୍ତ୍ତନ ଏବଂ ବିକାଶ ପାଇଁ ପ୍ରୋତ୍ସାହନ ବୃଦ୍ଧି ହୋଇଥାଏ ।ତେଣୁ କରାଯାଇଥିବା ବିକାଶକୁ ଆଇନ୍ ଅନୁସାରେ ବୈଧ କରିବା ପାଇଁ ଅଧିକ ଖର୍ଚ୍ଚ ପଡିଥାଏ । ଜରୁରୀକାଳୀନ ଭିତ୍ତିରେ ଏହି ସମସ୍ୟାଗୁଡିକ ସମାଧାନ କରିବା ପାଇଁ ଏବଂ ପ୍ରଣାଳୀଗତ ତୃଟି ଦୂର କରିବା ପାଇଁ ଏବଂ ଅତି ଅଳ୍ପ ଖର୍ଚ୍ଚରେ ସହରର ଚାରିପଟେ ସୁବିଧା ପ୍ରାପ୍ତ ହେଉଥିବା ଜମି ଅଧିକ ଫଳପ୍ରଦ ସହ ପ୍ରଦାନ କରିବା ପାଇଁ ଅନବରତ ପ୍ରଚେଷ୍ଟା ଅତ୍ୟନ୍ତ ଆବଶ୍ୟକ ।

***ସହରାଞ୍ଚଳରେ ସାର୍ବଜନୀନ/ସରକାରୀ ଜମି ଚିହ୍ନଟ କରିବାରେ ଉନ୍ନତି ଆଣିବା ଉଚିତ୍ :*** ଅହମ୍ମଦାବାଦଠାରେ କରାଯାଇଥିବା ଏକ ଅଧ୍ୟୟନରୁ ଜଣା ପଡିଛି ଯେ, ସର୍ବସାଧାରଣରେ ଉପଲବ୍ଧ ତଥ୍ୟ ଉପରେ ନିର୍ଭର କରି ଅତି ଅଳ୍ପ ସମୟ ମଧ୍ୟରେ ସାର୍ବଜନୀନ/ସରକାରୀ ଜମିର ରେକର୍ଡ ଅତି ବିଶ୍ୱାସଯୋଗ୍ୟ ଭାବରେ ପ୍ରସ୍ତୁତ କରାଯାଇପାରିବ (ବାଲାନ୍‌ସି et al. ୨୦୧୩)। ଏହି ପ୍ରଣାଳୀ ଖାଲିଥିବା ଏବଂ ସଂପୂର୍ଣ୍ଣ ଭାବରେ ଉପଯୋଗ ହୋଇପାରୁ ନଥିବା ଅଧିକାଂଶ ସରକାରୀ ଜମି ଚିହ୍ନଟ କରିବାରେ ସାହାଯ୍ୟ କରିଛି । ଏଥିରୁ ଜଣାପଡୁଛି ଯେ, ବିବାଦାସ୍ପଦ ପ୍ରଣାଳୀରେ ସହରଗୁଡିକ ନୂଆ ଜମି ଅଧିଗ୍ରହଣ କରିବା ପରିବର୍ତ୍ତେ ସମ୍ଭବ ହୋଇପାରିବ, ସଂପୂର୍ଣ୍ଣ ଭାବରେ ଉପଯୋଗ ହେଉନଥିବା ସରକାରୀ ଜମି ଚିହ୍ନଟ କରିବା ଏବଂ ପ୍ରଚଳିତ ନିୟମ ଏବଂ ନିୟନ୍ତ୍ରଣରେ ଆବଶ୍ୟକ ପରିବର୍ତ୍ତନ ଆଣି ଏବଂ ତାକୁ ଉପଯୁକ୍ତ ଭାବରେ ଉପଯୋଗ କରି କିମ୍ବା ବିକ୍ରୟ କରି ଅଧିକରୁ ଅଧିକ ଲାଭ ସୃଷ୍ଟି କରାଯାଇପାରିବ । ଏ କ୍ଷେତ୍ରରେ ଏକ ସିଦ୍ଧାନ୍ତ ନେବା ଆବଶ୍ୟକ ହେବ ଯେ, ସରକାରୀ ଜମି ସରକାରଙ୍କର ହିଁ ରହିବ କିମ୍ବା ଦୁର୍ବଳ ବର୍ଗ ପାଇଁ ସଂରକ୍ଷଣ ରଖାଯିବ କିମ୍ବା ନିଲାମ କରି ରାଜସ୍ୱ ସୃଷ୍ଟି କରାଯିବ ଯାହାକି ମୌଳିକ ସୁବିଧା ସୃଷ୍ଟି କରିବାରେ ସାହାଯ୍ୟ କରିବ । ପ୍ରକୃତରେ, ସହର ଅଞ୍ଚଳ ଗୁଡିକରେ ସରକାରୀ ଜମି ଚିହ୍ନଟ କରିବା ପାଇଁ ଅନେକ ରାଜ୍ୟ ପ୍ରଚେଷ୍ଟା ଆରମ୍ଭ କରି ସାରିଲେଣି । ଏହି ପ୍ରଣାଳୀ ତ୍ରୁଟିହୀନ ରହିବା ପାଇଁ, ଉପଯୁକ୍ତ ଭାବରେ କାର୍ଯ୍ୟକାରୀ କରିବା ପାଇଁ ଏବଂ ଏଥିରୁ ପ୍ରାପ୍ତ ଲାଭକୁ ଉପଯୋଗ କରିବା ପାଇଁ ଉପଯୁକ୍ତ ମାଧ୍ୟମର ଚୟନ ପାଇଁ ସଠିକ୍ ନିର୍ଦ୍ଦେଶାବଳୀ ସୁନିଶ୍ଚିତ ହୋଇପାରିବ ।

***ଭୂମି ଆଧାରିତ ଆର୍ଥିକ ଋଣ ପାଇଁ ଉନ୍ନତତର ମାଧ୍ୟମ ପ୍ରସ୍ତୁତ କରନ୍ତୁ, ରେକର୍ଡ କରନ୍ତୁ ଏବଂ ଏହା ବିଷୟରେ ସୂଚନା ବିସ୍ତାରଣ କରନ୍ତୁ :*** ଅଧିକାଂଶ ଉପଯୋଗ ହୋଇ ନଥିବା କିମ୍ବା ଆଂଶିକ ଭାବରେ ଉପଯୋଗ ହୋଇଥିବା ସହରାଞ୍ଚଳ ଜମିର ରେକର୍ଡ ଦର୍ଶାଏ ଯେ, ଏଗୁଡିକ ସଂପୂର୍ଣ୍ଣ ଉପଯୋଗ କରି ତାର ଉପଯୁକ୍ତ ମୂଲ୍ୟ କେତେକ ପଦକ୍ଷେପ ଦ୍ୱାରା ପ୍ରାପ୍ତ କରାଯାଇପାରିବ । (i) ଉନ୍ନତି, ବିକାଶ ଏବଂ ପରିବର୍ତ୍ତନ ସୁବିଧା ପ୍ରାପ୍ତ କରିବା ପାଇଁ ଉପଯୁକ୍ତ ମୂଲ୍ୟ ଦେଇ ଏବଂ ସାର୍ବଜନୀନ ମୌଳିକ ସୁବିଧାର ନିର୍ମାଣ କରି ଉପଯୋଗ ହୋଇ ନଥିବା କିମ୍ବା ଆଂଶିକ ଭାବରେ ଉପଯୋଗ ହୋଇଥିବା ସହରାଞ୍ଚଳ ଜମିର ମୂଲ୍ୟରେ ବୃଦ୍ଧି କରାଯାଇପାରିବ । (ii) ମୋଟ ଉପରେଯୋଜନା ନିର୍ଦ୍ଦେଶାବଳୀ ଭିତରେ ଏବଂ ଏକ ନିର୍ଦ୍ଦିଷ୍ଟ ସୀମା ପରେ ଫ୍ଲୋର ସ୍ପେସ୍ ଇଣ୍ଡେକ୍ସ (FSI) ଅନୁସାରେ ଜମିର ମୂଲ୍ୟ ନିର୍ଦ୍ଧାରଣ କରିବା । (iii) ଏକ ଖୋଲାପଣ ଏବଂ ଦାୟିତ୍ୱ ନିର୍ଦ୍ଦିଷ୍ଟ କରାଯାଇପାରୁଥିବା ପ୍ରକ୍ରିୟା ଅନୁସରଣ କରି ସାର୍ବଜନୀନ/ସରକାରୀ ଜମିର ମାଲିକାନା ହସ୍ତାନ୍ତର କରାଯିବା ଉଚିତ୍ ଏବଂ ଗରୀବ ଏବଂ ଦଳିତ ବର୍ଗ ଲୋକମାନଙ୍କର ଆବଶ୍ୟକତାକୁ ଆଖି ଆଗରେ ରଖି ଏବି ମାଲିକାନା ହସ୍ତାନ୍ତରବେଳେ ପାଣ୍ଠି ସୃଷ୍ଟି କରି ସେହି ପାଣ୍ଠି କୁ ମୌଳିକ ସୁବିଧା ସୃଷ୍ଟି କରିବାରେ ନିବେଶ କରିବା ଉଚିତ୍ । ଏଭଳି ପଦକ୍ଷେପ ୨୦୧୧ ରେ ଭାରତୀୟ ସହରାଞ୍ଚଳ ମୌଳିକ ସୁବିଧା ଏବଂ ସେବା ଉପରେ ଗଠନ କରାଯାଇଥିବା ଏକ ଉଚ୍ଚ ସ୍ତରୀୟ କମିଶନ ଦ୍ୱାରା କରାଯାଇଥିବା ମୁଖ୍ୟ ସୁପାରିଶକୁ ଅନୁପାଳନ କରୁଛି । ଏହା କାର୍ଯ୍ୟ କରିବା ପାଇଁ ସହରାଞ୍ଚଳ ସ୍ତରର ସମସ୍ତ ଭୂ-ସଂପତ୍ତିର ସମସ୍ତ ରେକର୍ଡ ଏବଂ ଏକ ସ୍ୱଷ୍ଟ ଏବଂ ଖୋଲାପଣତା ଉପରେ ଆଧାରିତ ନିଷ୍ପତ୍ତି ନେବା ପ୍ରଣାଳୀ ଅଟେ ।

***ପରସ୍ପର ସହଯୋଗ ଉପରେ ଆଧାରିତ ଏକ ଅଳ୍ପ-ଖର୍ଚ୍ଚ ବିଶିଷ୍ଟ ଗୃହ ନିର୍ମାଣ ନୀତି ପ୍ରସ୍ତୁତ କରି ଅସ୍ଥାୟୀ ଭାବରେ ନିୟମିତ କରିବା ପ୍ରଣାଳୀକୁ ହଟାଇଦେବା ଉଚିତ୍ :*** କାର୍ଯ୍ୟ କରୁଥିବା ସ୍ଥାନର ନିକଟବର୍ତ୍ତୀ ଅଞ୍ଚଳରେ ଅଳ୍ପ-ଖର୍ଚ୍ଚ ବିଶିଷ୍ଟ ଗୃହ ଯୋଗାଣ କରି (ଭଡା ସହିତ) ଏବଂ ବର୍ତ୍ତମାନର ଅଣ ଔପଚାରିକ ଆବାସିକ ସ୍ଥାନ ଗୁଡିକର ମୌଳିକ ସୁବିଧାରେ ଉନ୍ନତି ଆଣି ସମସ୍ତ ସାମାଜିକ ବର୍ଗ ଲୋକମାନଙ୍କର ଉନ୍ନତି ସୁନିଶ୍ଚିତ କରାଯାଇପାରିବ ଏବଂ ଏହା ସହରକୁ ଆସିଥିବା ଗରିବ ଲୋକମାନଙ୍କ ପାଇଁ ବିଶେଷ ଭାବରେ ଆବଶ୍ୟକ ଅଟେ । ଗରିବ ଲୋକ ମାନଙ୍କ ଦ୍ୱାରା ବେଆଇନ୍ ଭାବରେ ଅକ୍ତିଆର କରିଥିବା ଜମିକୁ ସମୟ ସମୟରେ ଆଇନଗତ ଭାବରେ ନିୟମିତ କରି ବେଳେବେଳେ ୟୁଏଲ୍‌ବି (ULB) ଏହି ସମସ୍ୟାର ସମାଧାନ କରିବାପାଇଁ ଚେଷ୍ଟା କରିଥାଏ । ଯେହେତୁ ଏହା ଲୋଭାସକ୍ତ ହେବାପାଇଁ ଲୋକମାନଙ୍କ ମଧ୍ୟରେ ପ୍ରୋତ୍ସାହନ ସୃଷ୍ଟି କରିଥାଏ ଏବଂ ସମୁଦାୟ ଆବଶ୍ୟକତାର ଏକ କ୍ଷୁଦ୍ର ଅଂଶ ହିଁ ପୂରଣ କରିଥାଏ । ଏହାକୁ ପୁର୍ନବିଚାର କରିବା ଉଚିତ ଏବଂ ତା ବଦଳରେ ଏଭଳି ନୀତି ପ୍ରସ୍ତୁତ କରିବା ଆବଶ୍ୟକ ଯାହା ସାର୍ବଜନିନ/ସରକାରୀ ଜମିକୁ ବେଆଇନ୍ ଅକ୍ତିଆରରୁ ରକ୍ଷା କରିବା ଏବଂ ଗରିବ ଲୋକ ମାନଙ୍କର ଜୀବିକା (ଛୋଟ ଛୋଟ ବ୍ୟବସାୟିକ କାର୍ଯ୍ୟକଳାପ ଏବଂ ଆବାସ ଆବଶ୍ୟକତା ବିଚାରକୁ ନେବା । ତା ସହିତ ସହର ଜମି ଯୋଗାଣର ଏକ ସର୍ବଦିଗ ଦୃଷ୍ଟିକୋଣ ବିଚାରକୁ ନେବା ଉଚିତ, ନିର୍ମାଣ ମାନଦଣ୍ଡର ଭୂମିକା ଏବଂ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ନେଇ ସବ୍‌ସିଡି, ଯାହାକି ଅତ୍ୟଧିକ ମୂଲ୍ୟର ସହର ଜମି ନିଲାମ କରି ସୃଷ୍ଟି କରାଯାଇ ପାରିବ, ସେଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ । ଯେହେତୁ ସହର ଚତୁପାର୍ଶ୍ୱରେ ଥିବା ବହୁ ପରିମାଣର ଜମି ବିବାଦାସ୍ପଦ ହୋଇ ରହିଛି, ଏକ ବିସ୍ତାରିତ, ତ୍ୱରାନ୍ୱିତ ଏବଂ ସମ୍ଭବପର ହୋଇ ପାରୁଥିବା କୌଶଳ ପ୍ରସ୍ତୁତ କରି ବିବାଦାସ୍ପଦ ଦାବୀକୁ ଏକ ବୈକଳ୍ପିକ ଏବଂ ଔପଚାରିକ ମାଧ୍ୟମରେ ସମାଧାନ କରି ସହରାଞ୍ଚଳ ଜମି ଯୋଗାଣରେ ବୃଦ୍ଧି କରିବା ଉଚିତ । (ନିମ୍ନରେ ଥିବା ବିବାଦ ସମାଧାନ ଦେଖନ୍ତୁ ।

***ନିୟମିତ ଭାବରେ ଜମି ମୂଲ୍ୟ ଏବଂ ଜମି ବ୍ୟବହାର ଉପରେ ମୌଳିକ ତଥ୍ୟ ପ୍ରଦାନ କରିବା:*** ଭୂ -ସଂପତ୍ତି ଏବଂ ଜମିର ମୂଲ୍ୟର ସୂଚନା ନିୟମିତ ଭାବରେ ଉପଲବ୍ଧ ହେବା ଏବଂ ଜମି ସମ୍ବନ୍ଧୀୟ କାରବାରର ବାରମ୍ବାରତା ହେଉଛି ଘରୋଇ କ୍ଷେତ୍ର (ଉଦାହରଣ ସ୍ୱରୂପ, ବ୍ୟାଙ୍କ୍, ଇନସ୍ୟୁରାନ୍‌ସ୍ କଂପାନୀ) ଏବଂ ସାର୍ବଜନୀନ/ସରକାରୀ କ୍ଷେତ୍ର (ପ୍ଲାନିଙ୍ଗ୍ ଏବଂ ଟିକସ ହାର) ମାନଙ୍କ ଦ୍ୱାରା ନିଆ ଯାଉଥିବା ନିଷ୍ପତ୍ତିର ମୂଳାଧାର । ଅଧିକାଂଶ ସହରରେ ଏଭଳି ସୂଚନା ବର୍ତ୍ତମାନରେ ଉପଲବ୍ଧ ହେଉ ନାହିଁ ଏବଂ ସାଧାରଣ ଭାବରେ ଏଭଳି ସୂଚନା ଉପଲବ୍ଧ ହେଲେ ଏହା ପ୍ରଣାଳୀରେ କୌଣସି ବ୍ୟତିକ୍ରମ ଏବଂ ବଜାର ତ୍ରୁଟି ଚିହ୍ନଟ କରିବାରେ ସାହାଯ୍ୟ ହୋଇ ପାରିବ ଯାହା ନିବେଶ ନିଷ୍ପତ୍ତି ନେବାରେ ଏବଂ ରାଜସ୍ୱ ସଂଗ୍ରହ ବୃଦ୍ଧିରେ ସାହାଯ୍ୟ ହୋଇ ପାରିବ, ଯେଉଁଥିରେ ସବୁ ବର୍ଗଲୋକଙ୍କ ମଙ୍ଗଳ ହୋଇ ପାରିବ ।

## ୩.୪ ସାର୍ବଜନୀନ/ସରକାରୀ ଜମି ପରିଚାଳନା ଏବଂ ଜମି ଅକ୍ତିଆର

### ୩.୪.୧ ସମସ୍ୟା ନିର୍ଣ୍ଣୟ

***ବିବାଦାସ୍ପଦ ଏବଂ ଅସଂପୂର୍ଣ୍ଣ ଜମିଜମା ରେକର୍ଡ ଜମି ଅକ୍ତିଆର ବାରମ୍ବାର ହୋଇଥାଏ:*** ଏକଥା ସତ ଯେ ୨୦୧୩ ଜମି ଅକ୍ତିଆର ଅଧିନିୟମ ପୂର୍ବରୁ ବିବାଦହୀନ ଏବଂ 'ସ୍ୱଚ୍ଛ' ଟାଇଟିଲ୍ ପ୍ରାପ୍ତ କରିବା ପାଇଁ ଉପଲବ୍ଧ ଥିବା ଅଳ୍ପ କେତେକ ମାଧ୍ୟମରୁ ରାଜ୍ୟମାନେ ଜମି ଅକ୍ତିଆର କରିବା ମାଧ୍ୟମ ଅବଲମ୍ବନ କରିଥାନ୍ତି । କିନ୍ତୁ ଏହି ମାଧ୍ୟମ ବ୍ୟବହାର କରଯାଉଛି, ଯେତେବେଳେ ଏହା ସର୍ବ ସାଧାରଣ ଏବଂ ସରକାରୀ ଉଦ୍ଦେଶ୍ୟରେ ନୁହେଁ, କିମ୍ବା ଜମି ମାଲିକାନା ଜନିତ କୌଣସି ବିବାଦର ସମାଧାନ ପାଇଁ ନୁହେଁ କିମ୍ବା ଅନ୍ୟ କୌଣସି ଯୋଜନାବଦ୍ଧ ଆବଶ୍ୟକତା ପୂରଣ ପାଇଁ ନୁହେଁ । ଏହି ମାଧ୍ୟମ ବ୍ୟବହାର ମଧ୍ୟ ଏଭଳି ପରିସ୍ଥିତିରେ କରାହେଉଛି ଯେଉଁଠାରେ ଜମିଜମାର ସ୍ୱଷ୍ଟ ରେକର୍ଡ ରହିଛି ଏବଂ ଜମି ମାଲିକ ମାନଙ୍କ ସହିତ ପ୍ରତ୍ୟକ୍ଷ ଭାବରେ ଆଲୋଚନା କରି ଅଧିକ ଉପଯୁକ୍ତ ଭାବରେ ଜମି ମାଲିକାନା ପ୍ରାପ୍ତ କରିହେବ ।

***ସାର୍ବଜନିନ/ସରକାରୀ ନିବେଶ ପାଇଁ ଅକ୍ତିଆର ହୋଇଥିବା ଜମି ଅସ୍ପଷ୍ଟ ଏବଂ ଦୁର୍ବଳ ରେକର୍ଡ ଉପରେ ଆଧାରିତ :*** ସହରୀକରଣ ଏବଂ ଆର୍ଥିକ ବିକାଶ ପାଇଁ ସର୍ବସାଧାରଣ ମୌଳିକ ସୁବିଧାର ନିର୍ମାଣ ଏବଂ ସେବା ପ୍ରଦାନ କରିବା ଆବଶ୍ୟକ ହୋଇଥାଏ । ଜମି ଅକ୍ତିଆର ଅଧିନିୟମ ୨୦୧୩ କାର୍ଯ୍ୟକାରୀ କରାଯାଇଥିଲା, ଏହା ପ୍ରସ୍ତୁତ ହେଲାବେଳେ

ଅନେକ ଆଲୋଚନା ଏବଂ ତର୍କ ବିତର୍କ ହୋଇଥିଲା । କିନ୍ତୁ ଯେ କୌଣସି ମାଧ୍ୟମ ବ୍ୟବହାର କଲେ ମଧ୍ୟ, ଜମିଜମାର ଉପଯୁକ୍ତ ଦସ୍ତାବିଜ୍ ନ ଥିଲେ, ଜମିର ଉପଯୁକ୍ତ ମୂଲ୍ୟ ନିର୍ଦ୍ଧାରଣ କରିବା ପ୍ରାୟ ଅସମ୍ଭବ ହୋଇଥାଏ, କେତେକ କ୍ଷେତ୍ରରେ ଅଧିକ ଭାବରେ ପ୍ରଚାର ହୋଇଥିଲେ, ଜମି ସହିତ ସଂପୃକ୍ତ ଥିବା ବ୍ୟକ୍ତି ଏବଂ ସଂସ୍ଥାମାନେ ପ୍ରତିରୋଧ କରନ୍ତି (ଘଟକ et al. ୨୦୧୩) ଏବଂ ଏହି ପ୍ରତିରୋଧ/ବିବାଦ ସମାଧାନ କରିବାରେ ଅଧିକ ଦିନ ଲାଗିଯାଏ, ଫଳରେ ପ୍ରକଳ୍ପ ଟି ବିଫଳ ହୋଇଥାଏ । ଟାଉନ୍ ପ୍ଲାନିଙ୍ଗ୍ ସ୍କିମ୍ ପାଇଁ ବହୁ ପରିମାଣ ଜମି ଏକାଠି କରିବାରେ ସମ୍ମତିମୂଳକ ଏବଂ ଅଳ୍ପ ବିବାଦାସ୍ପଦ ମାଧ୍ୟମକାର୍ଯ୍ୟ କରିବା ପାଇଁ ଉପଯୁକ୍ତ ଜମିଜମାଅତ୍ୟନ୍ତ ଆବଶ୍ୟକ । ଏହା ମଧ୍ୟ ଗୁଜୁରାଟରେ (ବାଲାନି) ଭଲ ଭାବରେ କାର୍ଯ୍ୟ କରିଛି ଏବଂ ଏହାକୁ ଏକ ଉତ୍ତମ କାର୍ଯ୍ୟ ଅଭ୍ୟାସ କୁହାଯାଏ ।

***ଆବଶ୍ୟକ ତଥ୍ୟ/ଦସ୍ତାବିଜ୍ ଅଭାବରୁ ସାର୍ବଜନୀନ/ସରକାରୀ ଜମି ପରିଚାଳନା କରିବା କଷ୍ଟକର ହୋଇଥାଏ :*** ଅଧିକାଂଶ ରାଜ୍ୟରେ ସାର୍ବଜନୀନ/ସରକାରୀ ଜମି ମ୍ୟାପ୍ କରାଯାଇଛି ଏବଂ ପ୍ରକୃତ କ୍ଷେତ୍ରରେ ସୀମା ନିର୍ଦ୍ଧାରଣ କରାଯାଇ ନାହିଁ ଏବଂ ଅଧିକାଂଶ କ୍ଷେତ୍ରରେ ମ୍ୟାପ୍ ଏବଂ ପ୍ରକୃତ ପରିସ୍ଥିତି ମେଳଖାଉ ନାହିଁ । ଏହାର ଅର୍ଥ ଯେ ଉଭୟ ସହର ଏବଂ ଗ୍ରାମାଞ୍ଚଳରେ ସାର୍ବଜନୀନ/ସରକାରୀ ଜମିର ନିର୍ଭୁଲ୍ ଏବଂ ସ୍ପଷ୍ଟ ମୂଳତଥ୍ୟ ନାହିଁ ତଥା ଡାଟା ଯଥେଷ୍ଟ ପରିମାଣରେ ନାହିଁ ଯେତେ ପରିମାଣରେ ସାର୍ବଜନୀନ/ସରକାରୀ ଜମି ଘରୋଇ ବ୍ୟକ୍ତି/ସଂସ୍ଥାର ଲାଭ ପାଇଁ ସ୍ଥାନାନ୍ତରଣ କରାଯାଇଛି । ଉପରୋକ୍ତରେ ଅହମ୍ମଦାବାଦ୍ର ଉଦାହରଣରୁ ଜଣା ପଡିଛି ଯେ ସହରାଞ୍ଚଳର ଜମିଜମା ବିଷୟରେ ଉପଯୁକ୍ତ ତଥ୍ୟ ଏବଂ ଦସ୍ତାବିଜ୍ ରହିଥିଲେ, ଏହା ଉପଯୁକ୍ତ ଭାବରେ ପରିଚାଳନା କରାଯାଇ ପାରିବ ଏବଂ ଅନଧିକାର ଅକ୍ତିଆରରୁ ଜମିକୁ ରକ୍ଷା କରାଯାଇ ପାରିବ । ସେହିପରି ଓଡିଶା ଏବଂ ଜାମ୍ମୁ ଏବଂ କାଶ୍ମୀର୍ର ଗ୍ରାମାଞ୍ଚଳ ଗୁଡିକରେ, ବହୁ ଅଞ୍ଚଳ ସରକାରୀ ଜମି ହିସାବରେ ରେକର୍ଡ ରହିଛି ଏବଂ ରେଭେନ୍ୟୁ କିମ୍ବା ଜଙ୍ଗଲବିଭାଗ ମାଲିକାନା ଅନ୍ତର୍ଗତ ରହିଛି କିନ୍ତୁ ବହୁ ଦିନରୁ ସେଗୁଡିକ ଅକ୍ତିଆର ହୋଇଛି ଏବଂ ଚାଷ କରାଯାଉଛି ।

***ବେଳେବେଳେ ସାର୍ବଜନୀନ/ସରକାରୀ ଜମିର ପରିଚାଳନା କର୍ତ୍ତୃପକ୍ଷ ଅସ୍ପଷ୍ଟ ଅଟେ :*** ଏକାଧିକ ସରକାରୀ ସଂସ୍ଥା ବିଭିନ୍ନ ଉଦ୍ଦେଶ୍ୟ ନେଇ ସାର୍ବଜନୀନ/ସରକାରୀ ଜମିର ପରିଚାଳନା ଏବଂ ବଣ୍ଟନ ଦାୟିତ୍ୱରେ ଅଛନ୍ତି କିନ୍ତୁ ସେମାନଙ୍କ ଭିତରେ ପରାମର୍ଶ ଓ ସହଯୋଗ ସୀମିତ ଅଟେ । ସମ୍ବିଧାନ (୭୩ ତମ ସଂଶୋଧନ ଅଧିନିୟମ) ଏବଂ ପେଶା (PESA) 1996, ଅନ୍ତର୍ଗତ ପଞ୍ଚାୟତର ଦାୟିତ୍ୱ ବିଷୟରେ ସେମାନଙ୍କର ସଚେତନତା ଅତି ସିମୀତ ଏବଂ ମାନବ ସମ୍ବଳ ତଥା ଆର୍ଥିକ ସମ୍ବଳ ସାର୍ବଜନୀନ/ସରକାରୀ ଜମି ପରିଚାଳନା ପାଇଁ ଯଥେଷ୍ଟ ନୁହେଁ ।

***ବେଆଇନ୍ ଅକ୍ତିଆର ବହୁ ପରିମାଣରେ ହୋଇଛି :*** ଯେତେବେଳେ ସାର୍ବଜନୀନ କ୍ଷେତ୍ର ସଫଳତାର ସହିତ ସାର୍ବଜନୀନ ସରକାରୀ ଜମିକୁ ପରିଚାଳନା କରିବାରେ ବିଫଳ ହୁଅନ୍ତି, ଶକ୍ତିଶାଳୀ ବ୍ୟକ୍ତିମାନେ ବେଳେବେଳେ ବେଆଇନ୍ ଭାବରେ ଜମି ଅକ୍ତିଆର କରିନେବାର ସମସ୍ୟା ସୃଷ୍ଟି କରନ୍ତି । ପ୍ରାୟ ସମସ୍ତ ରାଜ୍ୟରେ ଏହି ସମସ୍ୟା ସର୍ବସାଧାରଣରେ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନାର ବିଷୟ ଯାହାକି ଅନେକ ବିବାଦ ଏବଂ ଦ୍ୱନ୍ଦ ସୃଷ୍ଟି କରିଛି । କର୍ଣ୍ଣାଟକରେ, ୨୦୧୧ରେ ଗଠନ କରାଯାଇଥିବା କମିଟି ଏହି ତଥ୍ୟ ଆବିଷ୍କାର କରିଛନ୍ତି ଯେ, ବହୁ ପରିମାଣର ସାର୍ବଜନୀନ ସରକାରୀ ଜମି, ବିଶେଷ ଭାବରେ ସହରର ଚତୁଃପାର୍ଶ୍ୱରେ ବେଆଇନ୍ ଭାବରେ ଅକ୍ତିଆର ହୋଇଛି ଏବଂ ଏହି ପ୍ରକାର ଅକ୍ତିଆର ମୋଟ ସାର୍ବଜନୀନ ସରକାରୀ ଜମିର ପ୍ରାୟ ୧୦ ଶତକଡା ଏବଂ ଏହି ଜମିଗୁଡିକରେ ଉପଯୁକ୍ତ ସୀମା ନିର୍ଦ୍ଧାରଣର ଅଭାବ ରହିଛି ଏବଂ ପ୍ରଶାସନରେ ନିଜର ପ୍ରଭାବ ଥିବା ଶକ୍ତିଶାଳୀ ବ୍ୟକ୍ତିମାନେ ଏହି ଧାରଣରେ ଅଛନ୍ତି ଯେ, ତାଙ୍କ ଦ୍ୱାରା ବେଆଇନ୍ ଭାବରେ ଅଧିକୃତ ହୋଇଥିବା ସାର୍ବଜନୀନ ସରକାରୀ ଜମି ଦିନେ ନା ଦିନେ ଆଇନ୍ ଅନୁସାରେ ନିୟମିତ କରାଯିବ ଫଳରେ ଏହି ଜମି ଦ୍ରୁତ ଗତିରେ କ୍ଷୟ ହେଉଛି ।

### ୩.୪.୨ ସୁପାରିଶ

***ସାର୍ବଜନୀନ ସରକାରୀ ଜମି ବିଷୟରେ ତଥ୍ୟ ଏବଂ ଦସ୍ତାବିଜ୍ ବିସ୍ତାରିତ ଭାବରେ ପ୍ରାପ୍ତକରିବା ପାଇଁ ମୂଳତଥ୍ୟ ପ୍ରସ୍ତୁତ ଏବଂ ଯାଞ୍ଚ କରିବା ଉଚିତ୍ :*** ଭାରତୀୟ ଜମିଜମା ପ୍ରଣାଳୀର ଏକ ଦୁର୍ବଳତା ଯେ, ସାର୍ବଜନୀନ ସରକାରୀ ଜମିକୁ ଏକ ଆନୁସଙ୍ଗିକ ସମ୍ପତ୍ତି ହିସାବରେ ବିଚାର କରାଯାଏ ଏବଂ ଏକ ମହତ୍ୱପୂର୍ଣ୍ଣ ସଂପତ୍ତି ହିସାବରେ ବିଚାର କରାଯାଏ ନାହିଁ ।ଏହା ମଧ୍ୟ ବିଚାର କରାଯାଏ ନାହିଁ ଯେ, ସାର୍ବଜନୀନ ସରକାରୀ ଜମିକୁ ଉପଯୁକ୍ତ ଭାବରେ ପରିଚାଳନା କଲେ, ସେଥିରୁ ଗୁରୁତ୍ୱପୂର୍ଣ୍ଣ ଲାଭ ପ୍ରାପ୍ତ କରାଯାଇପାରିବ । ଏହି ସମସ୍ୟା ଆହୁରି ଗୁରୁତର ହୋଇଛି କାରଣ ଅଧିକାଂଶ ରାଜ୍ୟରେ (ଉଦାହରଣ ସ୍ୱରୂପ ଆନ୍ଧ୍ରପ୍ରଦେଶ) ଜମି ରେକର୍ଡ ରଖୁଥିବା ତିନି ବିଭାଗ ଯଥା ସର୍ଭେ, ରାଜସ୍ୱ ଏବଂ ପଞ୍ଜିକରଣ ନିଜ ନିଜର ତଥ୍ୟ ରଖନ୍ତି ଏବଂ ଏହି ତିନି ବିଭାଗ ମଧ୍ୟରେ କଂପ୍ୟୁଟରୀ କରଣ କରାଯାଇଥିବା ମୂଳତଥ୍ୟଆଦାନପ୍ରଦାନ କରିବାର ଅଭାବ ରହିଛି । ସେହି ବିଭାଗ ଗୁଡିକ ମଧ୍ୟରେ ଜମି ରେକର୍ଡ ଜନୀତ ସୂଚନାର ଆଦାନ ପ୍ରଦାନ, ଯାଞ୍ଚ ଏବଂ ତୁଳନା ପ୍ରାଥମିକତା ଭିତ୍ତିରେ କରାଯିବା ଉଚିତ୍ ଯାହାକି ପ୍ରକୃତ କ୍ଷେତ୍ରରେ ଏବଂ ବର୍ତ୍ତମାନର ମ୍ୟାପ୍ ଅନୁସାରେ ସାର୍ବଜନୀନ ସରକାରୀ ଜମି ଚିହ୍ନଟ କରିବାରେ ବ୍ୟବହୃତ ହୋଇରିବ ଏବଂ ଜମି ମାଲିକାନା ସ୍ପଷ୍ଟ ଭାବରେ ନିର୍ଣ୍ଣୟ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଇପାରିବ, ଯେଉଁଠାରେ ତାହା ବିବାଦାସ୍ପଦ ଅଛି । ଉପଯୁକ୍ତ ଜମି ବ୍ୟବହାରର ଏକ ଯୋଜନା ରହିବା ଦ୍ୱାରା ସାର୍ବଜନୀନ ସରକାରୀ ଜମିର ପରିମାଣ ଜପଲବ୍ଧ ଅଛି, ତାହା ଜାଣିବାରେ ସହଜ ହୁଏ ଏବଂ କେତେ ପରିମାଣରେ ଜମି ନିଲାମ ମାଧ୍ୟମରେ ଘରୋଇ ବ୍ୟକ୍ତି/ସଂସ୍ଥା ସ୍ଥାନାନ୍ତରଣ କରାଯାଇପାରିବ, ତାହା ମଧ୍ୟ ଜଣାପଡିବ କିମ୍ବା କେତେ ପରିମାଣ ଜମି ବର୍ତ୍ତମାନର କିମ୍ବା ଭବିଷ୍ୟତ ଆବଶ୍ୟକତା ପାଇଁ ଦରକାର ହେବ ତାହା ମଧ୍ୟ ଜଣାପଡିବ । ବେଆଇନ୍ ଭାବରେ ଅକ୍ତିଆର ହୋଇଥିବା ଜମି ପରିମାଣ ମାପ କରାଯିବା ଏବଂ ସେଗୁଡିକ ପୁନଃ ପ୍ରାପ୍ତ କରିବା ପାଇଁ ସଂପୃକ୍ତ କୋର୍ଟରେ ବିଶେଷ ପ୍ରକ୍ରିୟା ଅବଲମ୍ବନ କରି ଆବଶ୍ୟକ ପଦକ୍ଷେପ ନେବା ଅତ୍ୟନ୍ତ ଜରୁରୀ ।

***ସ୍ଥାନୀୟ ସ୍ତରରେ ବେଆଇନ୍ ଅକ୍ତିଆର ସମସ୍ୟା ସମାଧାନ ପାଇଁ ଏବଂ ସାର୍ବଜନୀନ ସରକାରୀ ଜମି ପରିଚାଳନା ପାଇଁ ଅନୁଷ୍ଠାନଗତ ଦାୟିତ୍ୱ ସ୍ପଷ୍ଟ ଭାବରେ ବ୍ୟାଖ୍ୟା କରାଯାଉ :*** ସରକାରୀ ସାର୍ବଜନୀନ ଜମି ପରିଚାଳନା ଏବଂ ବଣ୍ଟନ ପ୍ରକ୍ରିୟାରେ ଅଧିକ ଖୋଲାପଣତା ଏବଂ ପାରସ୍ପରିକ ଅଂଶଗ୍ରହଣ ଆଣିବା ପାଇଁ ଏହା ଆବଶ୍ୟକ ଯେ, ବେଆଇନ୍ ଅକ୍ତିଆର ନହେବା ପାଇଁ ଆବଶ୍ୟକ ସୁଧାର ଆଣିବା, ଉପଯୁକ୍ତ ଉପଭୋକ୍ତା ମାନଙ୍କୁ ଦସ୍ତାଭିଜ୍ ପ୍ରଦାନ କରିବା କରିବା, ଏବଂ ଯେଉଁଠାରେ ସମ୍ଭବ ଜାଲିଆତି ଭାବରେ ମାଲିକାନା ପ୍ରାପ୍ତ କରିଥିବା ସରକାରୀ ଜମିକୁ ପୁନଃ ପ୍ରାପ୍ତ କରିବା । କର୍ଣ୍ଣାଟକ ଜମି ଜବରଦଖଲ (ନିରାକରଣ) ଅଧିନୀୟମ ୨୦୧୧, ଏହି ସମସ୍ୟାର ସମାଧାନ ପାଇଁ ଏକ ସଫଳ ନମୁନା କାର୍ଯ୍ୟକାରୀ କରିଛି ଯେଉଁଥିରେ, ଗ୍ରାମସଭା ସହିତ ଅନ୍ୟ ସରକାରୀ ସଂସ୍ଥାଗୁଡିକୁ ଅଧିକ ଦାୟିତ୍ୱ ହସ୍ତାନ୍ତର କରାଯାଇଛି ଯାହାକି ଅନ୍ୟ ରାଜ୍ୟଗୁଡିକ ମଧ୍ୟ ଏହାକୁ ଅନୁସରଣ କରି ଏହି ଗୁରୁତର ସମସ୍ୟାର ସମାଧାନ କରିପାରିବେ ।

***ଜମି ଅକ୍ତିଆର କରିବା ପାଇଁ ଜଟିଳ ପ୍ରକ୍ରିୟା ବଦଳରେ ଏଭଳି ପ୍ରକ୍ରିୟାର ପ୍ରଣୟନ ହେବା ଉଚିତ୍ ଯାହାକି ଏଥିରୁ ପ୍ରାପ୍ତହେଉଥିବା ଲାଭ ସମସ୍ତଙ୍କ ଦ୍ୱାରା ଉପଭୋଗ ହେବା ଉପରେ ଅଧିକ ଗୁରୁତ୍ୱ ଦେଉଥିବ :*** ଅନେକ ନମୁନା ରହିଛି, ସେଥି ମଧ୍ୟରୁ ଟିପିଏସ୍ (TPS) ହେଉଛି ଏକ ନମୁନା ଯାହାକି ଗୁଜୁରାଟରେ ସଫଳତାର ସହ କାର୍ଯ୍ୟକାରୀ କରାଯାଇଛି, ଏବଂ ଏହି ମଡେଲ୍ ମୌଳିକ ସୁବିଧା ଏବଂ ଶିଳ୍ପର ବିକାଶ ପାଇଁ ଜମି ଅକ୍ତିଆର କରିବାର ଏକ ସଫଳ ବିକଳ୍ପ ମାଧ୍ୟମ ହିସାବରେ ନିଜକୁ ପ୍ରମାଣିତ କରିଛି । ଯେହେତୁ ୨୦୧୩ ଜମି ଅକ୍ତିଆର ଅଧିନିୟମ ରାଜ୍ୟଦ୍ୱାରା ଜମି ଅକ୍ତିଆର କରିବା ପ୍ରକ୍ରିୟାକୁ ଅଧିକ କଠିନ ତର କରିଦେଇଛି, ଏଭଳି ବିକଳ୍ପ ମଡେଲ୍ ଅଧିକ ଆକର୍ଷଣୀୟ ଏବଂ କାର୍ଯ୍ୟକାରୀ କରିବା ଅଧିକ ସହଜ ପ୍ରମାଣିତ ହୋଇଛି । ଆଉ ଏକ ଆକର୍ଷଣୀୟ ମଡେଲ୍, ଯାହାକି ପ୍ରାପ୍ତ

ହେଉଥିବା ଲାଭ ସମସ୍ତେ ଅଂଶିଦାର କରିବାକୁ ସକ୍ରିୟ ଭାବରେ ପ୍ରୋତ୍ସାହନ କରେ ତାହା ହେଉଛି ବିହାର ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଇଥିବା ନମୁନା ଏବଂ ଏହା ଚାଷୀ ଏବଂ ନିବେଶୀ ମଧ୍ୟରେ ଏକ ମଧ୍ୟସ୍ଥି ଏବଂ ସହଯୋଗକାରୀ ହିସାବରେ କାର୍ଯ୍ୟକରେ । ଯେଉଁ ଚାଷୀମାନେ ଜମି ବିକ୍ରୟ କରିବାକୁ ଚାହାନ୍ତି ସେମାନେ ସମସ୍ତ ଆବଶ୍ୟକ ସୂଚନା ସହିତ ଜିଲ୍ଲାପାଳଙ୍କୁ ଦରଖାସ୍ତ ଦେବେ ଯେ କି ଯାଞ୍ଚ୍ କରିବେ ଯେ, ବିକ୍ରି କରୁଥିବା ଜମିରେ କୌଣସି ପ୍ରକାର ବିବାଦ ନାହିଁ, ଏବଂ ତାପରେ ସେ ବିହାର ଶିଳ୍ପ ଅଞ୍ଚଳ ବିକାଶ କର୍ତ୍ତୃପକ୍ଷ (BIADA) ଙ୍କୁ ଏହି ବିଷୟରେ ସୂଚନା ଦିଅନ୍ତି, ଯେ କି, ଏହି ଜମି ବିଷୟରେ (ଚାଷୀଦ୍ୱାରା ନିର୍ଦ୍ଦିଷ୍ଟ କରାଯାଇଥିବା ମୂଲ୍ୟ ସହିତ) ୱେବ୍ ସାଇଟ୍‌ରେ ବିଜ୍ଞାପନ ଦିଅନ୍ତି, ଫଳରେ ନିବେଶୀମାନେ ଜମି ମୂଲ୍ୟ ବିଷୟରେ ସୂଚନା ପାଇଥାନ୍ତି ଏବଂ ଏହା ଉପରେ ଆଧାର କରି ସେମାନଙ୍କର ଉଦ୍ୟୋଗ ପାଇଁ ଆବଶ୍ୟକ ଜମି କାରବାର ମାଧ୍ୟମରେ ଅକ୍ତିଆର କରନ୍ତି । ବିବାଦଶୂନ୍ୟ ଜମିର ଉପଲବ୍‌ଧତା କମ୍ ହେବା ଯୋଗୁଁ ଏହି ନମୁନାର କାର୍ଯ୍ୟକାରି କରିବା ଏତେ ସଫଳ ପ୍ରମାଣିତ ହୋଇନାହିଁ, ରାଜ୍ୟରେ ଥିବା ଅସ୍ପଷ୍ଟ ଏବଂ ଦୁର୍ବଳ ଜମି ରେକର୍ଡ ଆଂଶିକ ଭାବରେ ଏହି ସମସ୍ୟାର ଦାୟୀ ।

## ୩.୫ ସାର୍ବଜନୀନ ଜମିର ହସ୍ତାନ୍ତର

### ୩.୫.୧ ସମସ୍ୟା ନିର୍ଣ୍ଣୟ

***ନିବେଶୀମାନଙ୍କୁ ଜମି ଉପଲବ୍‌ଧ କରାଇବା ପାଇଁ ଅନେକ ସଂସ୍ଥା ରହିଛି :*** ଅଧିକାଂଶ ରାଜ୍ୟ ଶିଳ୍ପକରଣକୁ ଅଧିକ ପ୍ରାଥମିକତା ଦିଅନ୍ତି ଏବଂ ଏହାକୁ ପ୍ରୋତ୍ସାହନ ଦେବା ପାଇଁ ଏଭଳି ନିବେଶ ଆମନ୍ତ୍ରିତ କରନ୍ତି ଯାହାକି କାର୍ଯ୍ୟ କୌଶଳ ଏବଂ କର୍ମ ନିଯୁକ୍ତି ଦେଇପାରୁଥିବ । ଯେହେତୁ ଜମି ଅକ୍ତିଆର କରିବା ଏକ ବଡ ଧରଣର ପ୍ରତିବନ୍ଧକ ହିସାବରେ ଛିଡା ହୁଏ, ଶିଳ୍ପ ଅଞ୍ଚଳ ବିକାଶ ବୋର୍ଡ କିମ୍ବା କର୍ପୋରେସନ୍ ଏହି ଜମି ଅକ୍ତିଆର ଦାୟିତ୍ୱ ନିଅନ୍ତି ଏବଂ ଶିଳ୍ପ ବ୍ୟବହାର ପାଇଁ ଅକ୍ତିଆର କରିଥିବା ଜମିକୁ ବେସରକାରୀ ଶିଳ୍ପୀୟ ବ୍ୟବହାର ପାଇଁ ସ୍ଥାନାନ୍ତରଣ କରନ୍ତି[୮] । ପ୍ରକୃତରେ କେତେକ ରାଜ୍ୟରେ ରାଜ୍ୟ ସରକାର "ଜମି ବ୍ୟାଙ୍କ୍" ସୃଷ୍ଟି କରିବା ପାଇଁ ଏକ ବିଶେଷ ନମୁନା ନିର୍ଦ୍ଧାରଣ କରିଛନ୍ତି ।ଏଥିପାଇଁ ସରକାର ସରକାରୀ ଜମିର ସୀମା ନିର୍ଦ୍ଧାରଣ କରିଛନ୍ତି କିମ୍ବା ବ୍ୟକ୍ତିବିଶେଷର ଜମି ଅକ୍ତିଆର କରି ଶିଳ୍ପ ସ୍ଥାପନ କରୁଛନ୍ତି । ୨୦୧୩ ଜମି ଅକ୍ତିଆର ଅଧିନିୟମ କାର୍ଯ୍ୟ ପ୍ରଣୟନ ହେବା ପୂର୍ବରୁ ଅକ୍ତିଆର କରାଯାଇଥିବା ଅଧିକାଂଶ ଜମି ଘରୋଇ ବେସରକାରୀ ଉଦ୍ଦେଶ୍ୟରେ ବ୍ୟବହାର କରାଯାଇଥିଲା ।

***ଜମି ସ୍ଥାନାନ୍ତରଣ ନିୟମ ସର୍ତ୍ତାବଳୀରେ ଅନେକ ପାର୍ଥକ୍ୟ ରହିଛି ଏବଂ ଏହା ସର୍ବସାଧାରଣରେ ଅତି କ୍ୱଚିତ୍ ଘୋଷଣା କରାଯାଇଥାଏ :*** ଦିଆଯାଇଥିବା ରିହାତି କିମ୍ବା ସେଥିରୁ ପ୍ରାପ୍ତ ହେଉଥିବା ଲାଭ ଅଂଶିଦାର ପାଇଁ ରାଜିନାମା, ବିଷୟରେ ସଂଗଠିତ ଭାବରେ ଘୋଷଣା କରାଯାଉ ନାହିଁ ଏବଂ କେବଳ ଏତିକିବେଳେ ଜମି ସ୍ଥାନାନ୍ତରଣ ବିଷୟରେ ସର୍ବସାଧାରଣରେ ଘୋଷଣା କରାଯାଉଛି ଯେତେବେଳେ ବିଧାନସଭାରେ କୌଣସି ପ୍ରଶ୍ନ ଉଠୁଛି, ଏହାର ଅଡିଟ୍ ହେଉଛି କିମ୍ବା କୋର୍ଟର ନିର୍ଦ୍ଦେଶ ଅନୁସାରେ ଏଭଳି ଘୋଷଣା କରିବାକୁ ପଡୁଛି । ନିବେଶୀମାନେ ଆବଶ୍ୟକ ସୁରକ୍ଷାମୂଳକ ପଦକ୍ଷେପ ଏବଂ ପ୍ରକ୍ରିୟା ଅବଲମ୍ବନ କରୁଛନ୍ତି କି ନାହିଁ ତାହା ଯାଞ୍ଚ୍ କରିବା ପାଇଁ ଏବଂ ସୁନିଶ୍ଚିତ କରିବା ପାଇଁ କୌଣସି ତୃତୀୟ ପକ୍ଷ ପର୍ଯ୍ୟବେକ୍ଷକ ନିଯୁକ୍ତି ହୋଇନାହାନ୍ତି ।ସରକାରୀ ଲିଜ୍ ଫିଜ୍ ବାବଦ କୁ କେବଳ ଏହି ସମୟରେ ସଂଗ୍ରହ କରାଯାଉଛି ଯେତେବେଳେ ଲିଜ୍ ଦିଆଯାଉଥିବା ଜମିର ସମୟ ଅବଧି ଶେଷ ହୋଇଯାଉଛି ଏବଂ ଲିଜ୍‌ର ନବୀକରଣ ସମୟ ଆସୁଛି । ବେଳେବେଳେ ଏହା ଦେଖାଦେଉଛି ଯେ, ସରକାର ଲିଜ୍ ଦେଇଥିବା ଜମିରୁ ଅତି ଅଳ୍ପ ଲାଭ ପାଉଛନ୍ତି ଏବଂ ଅନ୍ୟ ପକ୍ଷରେ ନିବେଶୀ ଏହି କାରବାରରୁ ବହୁ ପରିମାଣର ଲାଭ ପ୍ରାପ୍ତ କରୁଛନ୍ତି । ରିହାତି ଦରରେ ସରକାରୀ ଜମି ଲିଜ୍‌ରେ ଦିଆଯାଉଛି ଯାହାକି ବଜାର ମୂଲ୍ୟଠାରୁ ବହୁତ କମ୍ ଏବଂ ଅତି ଅଳ୍ପ ପରିମାଣର ଜମି ନିଲାମ କରାଯାଉଛି । ଅନ୍ୟ ରାଜ୍ୟଗୁଡିକରୁ ପ୍ରାପ୍ତ ହେଉଥିବା ତଥ୍ୟରୁ ଜଣାପଡିଛି ଯେ, ସାର୍ବଜନୀନ ସରକାରୀ ଜମିର କିଛି ଅଂଶ ମାତ୍ର ଯୋଜନାବଦ୍ଧ ଲକ୍ଷ୍ୟ ଅନୁସାରେ ବ୍ୟବହାର ପାଇଁ ସ୍ଥାନାନ୍ତରଣ କରାଯାଇଛି ।

***ସୁରକ୍ଷାମୂଳକ ପଦକ୍ଷେପ ଏବଂ ଲିଜ୍ ସର୍ତ୍ତାବଳୀ ଅନୁପାଳନ ପାଇଁ ପର୍ଯ୍ୟବେକ୍ଷଣ ବେଳେବେଳେ ଅତି ଦୁର୍ବଳ ଅଟେ :*** ଶିଳ୍ପ ଏବଂ ଏୟାରପୋର୍ଟ, ପୋର୍ଟ, ରୋଡ୍ ଏବଂ ରେଳପଥ, ଏକତ୍ରିତ ଥିବା ଶିଳ୍ପାଞ୍ଚଳ ପ୍ରଭୃତି ମୌଳିକ ସୁବିଧା ପ୍ରଦାନ କରିବାରେ ବହୁ ପରିମାଣର ସରକାରୀ ଜମି ସରକାରଙ୍କ ହାତରୁ ଚାଲିଯାଇଛି । ନୀତିର ଆବଶ୍ୟକତା ଅନୁସାରେ ସାର୍ବଜନୀନ ସରକାରୀ ଜମି ଘରୋଇ ବ୍ୟବସାୟିକ ଉଦ୍ଦେଶ୍ୟରେ ବଣ୍ଟନ କରାହେଲେ ଏହା କେତେକ ସର୍ତ୍ତାବଳୀର ଅନୁପାଳନ କରିବା ଉଚିତ୍ (ଉଦାହରଣ ସ୍ୱରୂପ, କର୍ମନିଯୁକ୍ତି ସୃଷ୍ଟି କରିବା ଏବଂ କାର୍ଯ୍ୟ କୌଶଳର ବିକାଶ କରିବା) ଏବଂ ଏହି ପ୍ରକାର ପରିମାପ ନିବେଶ ଯୋଜନାର ଏକ ଅଂଶବିଶେଷ ଭାବରେ ନିର୍ଦ୍ଦିଷ୍ଟ କରାଯାଇଥାଏ କିନ୍ତୁ ବିଭିନ୍ନ ପ୍ରକଳ୍ପ ପାଇଁ ଆବଶ୍ୟକ ହେଉଥିବା ଜମି ପରିମାଣର ମାନଦଣ୍ଡରେ ତ୍ରୁଟି ରହିଛି ଏବଂ ପର୍ଯ୍ୟବେକ୍ଷଣ ଅନୁପାଳନ ଯାଞ୍ଚ୍ ଅତ୍ୟନ୍ତ ଦୁର୍ବଳ, ଯେହେତୁ ଅନୁପାଳନର ଦକ୍ଷତା ମଧ୍ୟ ଦୁର୍ବଳ ଏବଂ ଏହାର ଦାୟିତ୍ୱ ସ୍ପଷ୍ଟ ଭାବରେ ବ୍ୟାଖ୍ୟା କରାଯାଇନାହିଁ ।

### ୩.୫.୨ ସୁପାରିଶ

***ବଜାର ଦର କିମ୍ବା ପ୍ରତିଯୋଗୀତାମୂଳକ ନିଲାମ ମାଧ୍ୟମରେ ଜମି ସ୍ଥାନାନ୍ତରଣ କରିବା :*** ଆନ୍ତର୍ଜାତିକ ଅନୁଭବରୁ ଜଣାପଡିଛି ଯେ, ଲିଜ୍ ପାଇଁ ଆବଶ୍ୟକ ହେଉନଥିବା ସାର୍ବଜନୀନ ସରକାରୀ ଜମି ନିଲାମ କିମ୍ବା ବିକ୍ରୟ କରିବା ଦ୍ୱାରା ବହୁ ପରିମାଣର ରାଜସ୍ୱ ପ୍ରାପ୍ତ ହୋଇଥାଏ ଯାହାକି ମୌଳିକ ସୁବିଧାର ବିକାଶ ପାଇଁ ଉପଯୋଗ କରାଯାଇପାରିବ । ଅଧିକାଂଶ ରାଜ୍ୟ ଉପଯୁକ୍ତ ଦୂରଦୃଷ୍ଟିର ସହିତ ସରକାରୀ ଜମି ଆଇନ୍‌ଗତ ଭାବରେ ନିଲାମ କରିପାରିବେ ଏବଂ ଏହି ନିୟମ ବର୍ତ୍ତମାନ ଅଧିକରୁ ଅଧିକତର ଅବଲମ୍ବନ କରାଯାଉଛି । ଏହି ନିଲାମ ଏବଂ ବିକ୍ରି ଫଳାଫଳ ଉପଯୁକ୍ତ ଭାବରେ ରିପୋର୍ଟ ହେଲେ ଜମି କାରବାରରେ ଖୋଲାପଣତା ବୃଦ୍ଧି ହେବ ଏବଂ କୌଣସି ନିର୍ଦ୍ଦିଷ୍ଟ ଶିଳ୍ପ ସରକାରଙ୍କ ଭାବନା ଅନୁସାରେ କୌଣସି ରିହାତି ପାଇଁ ଯୋଗ୍ୟ ବିବେଚିତ ହେଉଥିଲେ ତାହା ମଧ୍ୟ ସର୍ବସାଧାରଣ ଜାଣିପାରିବେ ।

***ଲିଜ୍ ସର୍ତ୍ତାବଳୀ କ୍ରମନ୍ୱୟ ଏବଂ ସଂଗଠିତ ଭାବରେ ଘୋଷଣା କରିବା ଏବଂ ତୃତୀୟ ପକ୍ଷ ଦ୍ୱାରା ପର୍ଯ୍ୟବେକ୍ଷଣ କରିବା :*** ସାର୍ବଜନୀନ ସରକାରୀ ଜମି ସ୍ଥାନାନ୍ତରଣର ସର୍ତ୍ତାବଳୀ ଉପରେ ଅଧିକ ଧ୍ୟାନ ଦେବା ଉଚିତ । ଲକ୍ଷ୍ୟ କରାଯାଇଥିବା ଲାଭ ପ୍ରାପ୍ତ କରିବାରେ ଚୁକ୍ତିନାମାର ସର୍ତ୍ତାବଳୀ କିପରି ଭାବରେ ପ୍ରକୃତ ପକ୍ଷରେ କାର୍ଯ୍ୟକାରୀ କରାଯାଉଛି ତାହା ଉପରେ ନିର୍ଭର କରେ ।ଏହା ଘଟିବା ପାଇଁ ସ୍ୱାଧୀନ ତୃତୀୟ ପକ୍ଷ ପର୍ଯ୍ୟବେକ୍ଷଣ ସହିତ ଚୁକ୍ତିନାମାର ସର୍ତ୍ତାବଳୀ ମଧ୍ୟ ଘୋଷଣା କରିବା ଆବଶ୍ୟକ ଏବଂ ରାଜି ହୋଇଥିବା ପରିମାପରୁ ପ୍ରକୃତ ପକ୍ଷ କାର୍ଯ୍ୟ କୌଣସି ପାର୍ଥକ୍ୟ ଦର୍ଶାଉଥିଲେ, ତାର ସହଜ ପ୍ରତିକାର କରିବା ପାଇଁ ମାଧ୍ୟମ ମଧ୍ୟ ଉପଲବ୍‌ଧ ହେବା ଉଚିତ୍ ।

***ଜମିଜମା କାର୍ଯ୍ୟରେ ସଂପୃକ୍ତ ଥିବା ସରକାରୀ କର୍ମଚାରୀମାନଙ୍କୁ ଯଥେଷ୍ଟ ଆଇନ୍‌ଗତ ଏବଂ ଟେକ୍‌ନିକାଲ୍ ସାହାଯ୍ୟ କରାଯିବା ଉଚିତ୍ :*** ଅନେକରାଜ୍ୟରେ ଏଭଳି କେସ୍ ସବୁ ଜଣାପଡୁଛି ଯେଉଁଥିରେ ଆବଶ୍ୟକ ସୂଚନାର ଅଭାବ କିମ୍ବା କେବଳ ସେହି କାର୍ଯ୍ୟରେ ନିୟୋଜିତ ଏବଂ ଅନୁଭବି ଆଇନ୍‌ଗତ ଦକ୍ଷତା ଥିବା ବ୍ୟକ୍ତି ପ୍ରାପ୍ତ କରିବାରେ ଅସମର୍ଥତା ଯୋଗୁଁ ଅନେକ ଜଟିଳ କୋର୍ଟ କେସ୍‌ର ସମ୍ମୁଖିନ ହେଉଥିବା ସରକାରୀ କର୍ମଚାରୀମାନେ ଏଭଳି

୮ ଏହା ବ୍ୟତିତ ରେଭେନ୍ୟୁ ବିଭାଗ ପ୍ରତ୍ୟକ୍ଷ ଭାବରେ ସରକାରୀ ଏବଂ ବେସରକାରୀ ଉଦ୍ଦେଶ୍ୟ ପାଇଁ ଜମି ଅକ୍ତିଆର କରିପାରେ ଯେପରିକି ଶିକ୍ଷା ଅନୁଷ୍ଠାନ ସ୍ଥାପନ କରିବ; ସେହିପରି ସହରାଞ୍ଚଳ ବିକାଶ କର୍ତ୍ତୃପକ୍ଷ ଏବଂ ହାଉସିଂ ବୋର୍ଡ ଜମି ଅକ୍ତିଆର କରନ୍ତି ଏବଂ ଗୃହ ନିର୍ମାଣ ସାଇଟ୍ ହିସାବରେ ଘରୋଇ ବ୍ୟକ୍ତିମାନଙ୍କୁ ତାହା ସ୍ଥାନାନ୍ତରଣ କରନ୍ତି ।

ନିଷ୍ପତ୍ତି ନେବାକୁ ବାଧ୍ୟ ହେଉଛନ୍ତି ଯାହାକି ସର୍ବସାଧାରଣଙ୍କର ମଙ୍ଗଳ କରିବାରେ ବିଫଳ ହେଉଛି । ଫଳରେ କୌଣସି ଆଇନ୍‌ଗତ ଭିତ୍ତି ନଥାଇ ମଧ୍ୟ ସେମାନେ ସାର୍ବଜନୀନ ସରକାରୀ ଜମିକୁ ହରାଉଛନ୍ତି କିମ୍ବା ଏକ ନିର୍ଦ୍ଦିଷ୍ଟ ପ୍ରକଳ୍ପ ପାଇଁ ଏତେ ପରିମାଣ ଜମି ଅକ୍ତିଆର କରୁଛନ୍ତି ଯାହାକି ଆବଶ୍ୟକତା ନାହିଁ । ଏକ ବିଚାରକ ନିଯୁକ୍ତି ହେବା ଉଚିତ୍ ଫଳରେ ଏଭଳି ସମସ୍ୟା ଏଡାଯାଇପାରିବ ଏବଂ ଭାରି ଅନୁକୂଳ ପ୍ରଭାବ ପକାଇବ ।

## ୩.୬ ଜମି ରେକର୍ଡ ଏବଂ କାଡାଷ୍ଟ୍ରେ

### ୩.୬.୧ ସମସ୍ୟା ନିର୍ଣ୍ଣୟ

***ତଥ୍ୟ ଆଧାରିତ ଲିଖିତ ରେକର୍ଡ ବେଳେବେଳେ ନ୍ୟୁନମାନର ଏବଂ ଏହାର ବ୍ୟାପ୍ତି କ୍ଷେତ୍ର ମଧ୍ୟ ସୀମିତ :*** ଜମି ରେକର୍ଡ କମ୍ପ୍ୟୁଟର କରଣର ବିସ୍ତାରତା ଏବଂ ପ୍ରକାର (ଉଦାହରଣ ସ୍ୱରୂପ କେନ୍ଦ୍ରିୟକରଣ କରାଯାଇଥିବା ଡାଟାବେସ୍‌ର ବ୍ୟବହାର ସୁରକ୍ଷା ବିଶେଷତା), ଦସ୍ତାବିଜ୍ ଏବଂ ପଞ୍ଜିକରଣ କିମ୍ବା ଅନ୍ୟ ସରକାରୀ ସଂସ୍ଥା ମଧ୍ୟରେ ସଂଯୋଗ, ସାର୍ବଜନୀନ ସରକାରୀ ଜମି ସହିତ ଘରୋଇ ବ୍ୟକ୍ତିଗତ ଜମି ମଧ୍ୟ ଏହି ଡାଟାବେସ୍‌ର ଅନ୍ତର୍ଗତ କରିବା, ଲିଖିତ ଦସ୍ତାବିଜ୍ ସହିତ ସ୍ଥାନ ଏବଂ ଦିଗ ନିର୍ଦ୍ଦିଷ୍ଟ ହୋଇଥିବା ଜମି ଦସ୍ତାବିଜ୍ ପ୍ରଭୃତି ବିଷୟକୁ ନେଇ ବିଭିନ୍ନ ରାଜ୍ୟରେ ଅନେକ ପାର୍ଥକ୍ୟ ରହିଛି ।ବିହାର ଏବଂ ଝାଡଖଣ୍ଡ୍ ରାଜ୍ୟରେ ଜମି ଦସ୍ତାବିଜ୍ ସଂପୂର୍ଣ୍ଣ ଭାବରେ କଂପ୍ୟୁଟରକରଣ କରାଯାଇନାହିଁ ଏବଂ ଯେଉଁଠାରେ ବି 'ସଂପୂର୍ଣ୍ଣ' କରାଯାଇଛି, ତଥ୍ୟ ସ୍ପଷ୍ଟ ଭାବରେ ପଢି ହେଉନାହିଁ କିମ୍ବା ଏହା ନ୍ୟୁନମାନର ହୋଇଛି । ତେଣୁ ଏହି କଂପ୍ୟୁଟରକରଣ ଯୋଗୁଁ ହୋଇଥିବା ଅତ୍ୟଧିକ ସରକାରୀ ନିବେଶରୁ ଆଶା କରାଯାଉଥିବା ଲାଭ ପ୍ରାପ୍ତ ହୋଇପାରୁନାହିଁ[୯]।

***ଜମି ଦସ୍ତାବିଜ୍ ଗୁଡିକଧାରଣା ଉପରେ ଆଧାରିତ ଏବଂ ସ୍ପଷ୍ଟ ବିବାଦଶୂନ୍ୟ ତଥ୍ୟ ଉପରେ ଆଧାରିତ ନୁହେଁ :*** ପଞ୍ଜୀକରଣ ଅଧିନିୟମ ଆବଶ୍ୟକ କରେ ନାହିଁ ଯେ, ଜମି ମାଲିକାନାର ସମସ୍ତ ବିବରଣ ସବ୍ ରେଜିଷ୍ଟରଙ୍କ ଦ୍ୱାରା ଯାଞ୍ଚ୍ କରାଯିବ । ପଞ୍ଜିକରଣ ଏବଂ ଦସ୍ତାବିଜ୍ ଅଫିସ୍ ଏବଂ ତା ସହିତ ଅନ୍ୟ ସଂସ୍ଥା ଯେପରିକି କୋର୍ଟ, ସରକାରୀ ବିଭାଗ ଏବଂ ବ୍ୟାଙ୍କ୍ ମଧ୍ୟରେ ସ୍ୱୟଂକ୍ରିୟ ସଂଯୋଗର ଅଭାବରୁ ପଞ୍ଜୀକରଣ ପୂର୍ବରୁ ଟାଇଟିଲ୍ ବିଷୟରେ ମୂଳ ଯାଞ୍ଚ୍ କରିବା ନିଶ୍ଚିତ କରାଯାଇପାରୁନାହିଁ । ତେଣୁ ପଞ୍ଜୀକରଣ କରିବା ଦ୍ୱାରା ରେକର୍ଡଗତ ମୂଲ୍ୟର ବୃଦ୍ଧି ହେଉନାହିଁ ଏବଂ ଜାଲିଆତି କିମ୍ବା ନକଲି କାଗଜପତ୍ର ଜାଲିଆତି ସ୍ଥାନାନ୍ତରଣ ଏବଂ ବିବାଦର ଦ୍ୱାର ବହୁ ପରିମାଣରେ ଖୋଲି ଦେଉଛି ।

***ସ୍ଥାନ ଏବଂ ଦିଗ ନିର୍ଦ୍ଦିଷ୍ଟ ହୋଇଥିବା ଜମିଜମା ଦସ୍ତାବିଜ୍ ସହରାଞ୍ଚଳରେ ପ୍ରାୟ ନାହିଁ କହିଲେ ଚଳେ ଏବଂ ଗ୍ରାମାଞ୍ଚଳରେ ଏହା ଅତି ପୁରୁଣା :*** ଅଧିକାଂଶ ରାଜ୍ୟ ବ୍ରିଟିଶ୍ ଅମଳରୁ ଆରମ୍ଭ କରାଯାଇଥିବା ସ୍ଥାନ ଏବଂ ଦିଗ ନିର୍ଦ୍ଦିଷ୍ଟ ଜମି ରେକର୍ଡ ଅଧୁନାତନ କରିବାର ପଦ୍ଧତି ଅନୁପାଳନ ପୂର୍ବକ ସମୟ ସମୟରେ ପୁନଃ ସର୍ଭେ (ପ୍ରତି ୩୦ ବର୍ଷରେ ଥରେ) କରିବାରେ ବିଫଳ ହୋଇଛନ୍ତି, ବିଶେଷ ଭାବରେ ସହର ଏବଂ ସହରର ଚତୁଃପାର୍ଶ୍ୱ ଅଞ୍ଚଳରେ କରାଯାଇଥିବା ସର୍ଭେ ମଧ୍ୟ ଅତି ପୁରୁଣା ହୋଇଥିବାରୁ ଏହା ଲିଖିତ ଭାବରେ ରଖାଯାଇଥିବା ରେକର୍ଡରୁ ଭିନ୍ନ ହେଉଛି[୧୦]। ଏହି ସମସ୍ୟା ସହିତ ରେଜିଷ୍ଟ୍ରେସନ୍ କଲାବେଳେ ଅନ୍ୟ ସଂପର୍କିତ ଦସ୍ତାବିଜ୍‌ଗୁଡିକ ଆପେ ଆପେ ଅଧୁନାତନ ହେଉନାହିଁ । ପଞ୍ଜୀକରଣର ସଂପୂର୍ଣ୍ଣତା ଯାଞ୍ଚ୍ କରିବାରେ କଷ୍ଟକର ହେଉଛି ଏବଂ ସଂଗଠିତ ଭାବରେ ତ୍ରୁଟି ଚିହ୍ନଟ କରିବାରେ ମଧ୍ୟ କଷ୍ଟକର ହେଉଛି ଏବଂ ଏହା ମଧ୍ୟ ସୀମା ସମସ୍ୟାଜନିତ ବିବାଦ ବୃଦ୍ଧି କରୁଛି । ଅଧିକାଂଶ ରାଜ୍ୟରେ ଜମି ଦସ୍ତାବିଜ୍‌ର କଂପ୍ୟୁଟରକରଣରେ ଗୋଷ୍ଠିଗତ ଏବଂ ସାର୍ବଜନୀନ ସରକାରୀ ଜମି ଅନ୍ତର୍ଭୁକ୍ତ କରାଯାଇନାହିଁ । ତେଣୁ ଏଭଳି ଜମିକୁ ବେଆଇନ୍ ଅକ୍ତିଆରରୁ ରକ୍ଷା କରିବା କଷ୍ଟକର ହୋଇପଡୁଛି ଏବଂ ଏଭଳି ଏକ ତ୍ରୁଟିପୂର୍ଣ୍ଣ ଜମି ଦସ୍ତାବିଜ୍‌ସୃଷ୍ଟି କରୁଛି ଯାହାକି ତାହା ନିୟମିତ ହୋଇଯିବାର ଏକ ସମ୍ଭାବନା ସୃଷ୍ଟି କରୁଛି । ୨୦୧୩ ରେ ଆନ୍ଧ୍ରପ୍ରଦେଶରେ ବ୍ୟକ୍ତି ବିଶେଷକଙ୍କର ଜମି ଦସ୍ତାବିଜ୍ ସର୍ଭେ କରିବା ୨୩ ଶତକଡା ବାକି ଅଛି । ବିହାରରେ ଜମି ରେକର୍ଡ ଅଧୁନାତନ କରାଯାଇନାହିଁ ଏବଂ ଏହି ରେକର୍ଡ ରଖିବାର ମାଧ୍ୟମ ମଧ୍ୟ ଅତ୍ୟନ୍ତ ଦୁର୍ବଳ । ଯଦିଓ ଅଧିକାଂଶ ରାଜ୍ୟ ସ୍ଥାନ ଏବଂ ଦିଗ-ଭିତ୍ତିକ ଜମି ଜମା ରେକର୍ଡ ପ୍ରସ୍ତୁତ କରିବାର ଆବଶ୍ୟକତା ଉପଲବ୍‌ଧି କରିଛନ୍ତି । ସେଥିପାଇଁ ଅନେକ କାର୍ଯ୍ୟକ୍ରମ ମଧ୍ୟ ଆରମ୍ଭ କରିଛନ୍ତି କିନ୍ତୁ ସେଗୁଡିକରୁ ଅଳ୍ପ କେତେକ ଏଭଳି ଭାବରେ ଡିଜାଇନ୍ ହୋଇଛି ଯେପରିକି ତାକୁ ବିସ୍ତାର ଭାବରେ କାର୍ଯ୍ୟକାରୀ କଲେ କଣ ଫଳାଫଳ ମିଳିବ ତାହା ଜଣା ପଡି ପାରିବ । ଅତି ଅଳ୍ପ କାର୍ଯ୍ୟକ୍ରମ ପ୍ରକୃତ ଭାବରେ ସଂପୂର୍ଣ୍ଣ କରାଯାଇଛି ଏବଂ ଏହାର ଫଳାଫଳ ଯତ୍ନର ସହ ମୂଲ୍ୟାଙ୍କନ କରାଯାଇଛି ।

***ଅତ୍ୟଧିକ ଫିଜ୍ ଏବଂ ଅସ୍ପଷ୍ଟ ବିବାଦାସ୍ପଦ ଜମି ଦସ୍ତାବିଜ୍ ସ୍ଥାନାନ୍ତରଣ ପଞ୍ଜିକରଣ ପାଇଁ ପ୍ରୋତ୍ସାହନ କମ୍ କରିଦେଉଛି :*** ଯଦିଓ ଷ୍ଟାଂପ୍ ଡ୍ୟୁଟି କମ୍ କରିବା ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା କରାଯାଇଥିବା ପ୍ରଚେଷ୍ଟା କିଛି ସଫଳ୍ ହୋଇଛି, ବିଶ୍ୱ ସ୍ତରରୁ ତୁଳନା କଲେ ସଂପତ୍ତି ମାଲିକାନା ସ୍ଥାନାନ୍ତରଣ କ୍ଷେତ୍ରରେ ପେୟ କରିବାକୁ ଥିବା ଷ୍ଟାଂପ୍ ଡ୍ୟୁଟି ତଥାପି ବି ଅତ୍ୟଧିକ ଅଟେ, ଜାତୀୟ ସ୍ତରରେ ଲକ୍ଷ୍ୟ କରାଯାଇଥିବା ୫ ଶତକଡାରୁ ବହୁତ ଅଧିକ । ଗ୍ରାମାଞ୍ଚଳ ଅଞ୍ଚଳଗୁଡିକରେ ଅଣ-ଔପଚାରିକ ଭାବରେ ଜମି କାରବାର ବହୁଳ ଭାବରେ ହେଉଛି, (ପ୍ରାୟ ୩୦ ଶତକଡା) । କେତେକ ରାଜ୍ୟ ସମୟ ସମୟରେ ବିଶେଷ ପଦକ୍ଷେପ ନେଇ "ପ୍ଲେନ୍ ପେପର" ଭଳି ଜମି କାରବାରକୁ ନିୟମିତ କରିବା ପାଇଁ ପ୍ରୋତ୍ସାହନ ଯୋଜନା କାର୍ଯ୍ୟକାରୀ କରି ଏହି ପ୍ରକାର ସମସ୍ୟାକୁ ସମାଧାନ କରିବା ପାଇଁ ଚେଷ୍ଟା କରୁଛନ୍ତି । ଆଧୁନିକ ଟେକ୍‌ନୋଲୋଜିର ବ୍ୟବହାର ଏବଂ ପ୍ରଚଳିତ ମାଧ୍ୟମ (ସର୍ଭେ ପାଇଁ ଚେନ୍ ଏବଂ କ୍ରସ୍ ଟାବ୍) ବ୍ୟବହାର କରିବା ପାଇଁ ପ୍ରଚଳିତ ଆଇନ୍‌କାନୁନର ଅଧୁନାତନ କରିବାରେ ବିଫଳତା କିମ୍ବା ସରକାରୀ କ୍ଷେତ୍ରର ଏକଛତ୍ରବାଦ ଏବଂ ତା ସହିତ ଘରୋଇ କ୍ଷେତ୍ର ପ୍ରତିଯୋଗୀତା ପାଇଁ ଆବଶ୍ୟକ ଆଇନ୍‌କାନୁନ୍‌ର ଅଭାବ ଯୋଗୁଁ ପଞ୍ଜିକରଣ କରିବାର ପ୍ରୋତ୍ସାହନ କମ୍ ହୋଇଯାଉଛି ।

***ସଂଗଠିତ ଗ୍ରାମ ସ୍ତରୀୟ ଜମିଜମା ଦସ୍ତାବିଜ୍ ଠିକ୍ କରିବା ପ୍ରଣାଳୀ ବିଫଳ ହୋଇଛି :*** ବାର୍ଷିକ ଭାବରେ ଗ୍ରାମର ଜମିଜମା ରେକର୍ଡ ଠିକ୍ କରିବା କାର୍ଯ୍ୟ (ଜମାବନ୍ଦୀ) ରାଜ୍ୟ ସ୍ତରୀୟ ଉଚ୍ଚ ପ୍ରଦସ୍ଥ ଅଧିକାରୀଙ୍କ ଦ୍ୱାରା ଯାଞ୍ଚ୍ ଏବଂ ଅନୁମୋଦନ ହେବାରୁ ଜଣା ପଡିଛି ଯେ, ଅନେକ କେସ୍‌ରେ ସ୍ଥାନୀୟ ସ୍ତରରେ ମ୍ୟାପ୍ ଏବଂ ରେକର୍ଡ ଅପେକ୍ଷାକୃତ ଭାବରେ ଭଲ ଭାବରେ ରକ୍ଷଣାବେକ୍ଷଣ କରାଯାଇଛି ଯେପରିକି ଉପର ସ୍ତରରେ ଜମିଜମା ରେକର୍ଡ ଅଧୁନାତନ କରିବାରେ ବିଫଳ ହେଲେ ମଧ୍ୟ ନୀତିର ଗୁଣାବତ୍ତା ବିଶେଷ ଭାବରେ ଗ୍ରାମାଞ୍ଚଳ ଗୁଡିକରେ କମ୍ ହୋଇଯିବ ନାହିଁ । କିନ୍ତୁ ଏହି କାର୍ଯ୍ୟ ଅଭ୍ୟାସ ଅଧିକାଂଶ ରାଜ୍ୟରେ ବାତିଲ୍ କରିଦିଆଯାଇଛି ଫଳରେ ନୀତି ସାରା ସୂଚନାର ସଠିକତା ଏବଂ ସ୍ପଷ୍ଟତା ଉପରେ ଏକ ଗୁରୁତର ପ୍ରଶ୍ନବାଚୀ ସୃଷ୍ଟି କରିଛି ।

### ୩.୬.୨ ସୁପାରିଶ

***ଲିଖିତ ଦସ୍ତାବିଜ୍‌ର ଡିଜିଟାଇଜେସନ୍ ପାଇଁ ଦୀର୍ଘକାଳୀନ ଉଦ୍ଦେଶ୍ୟ ଅବଲମ୍ବନ କରନ୍ତୁ :*** ଡିଜିଟାଇଜେସନ୍ କହିଲେ କେବଳ ପ୍ରକୃତ ଫାଇଲ୍ ଗୁଡିକ ସ୍କାନିଙ୍ଗ୍ କରିବା ବୁଝାଏ ନାହିଁ । ତଥ୍ୟ ଗୁଡିକ ସଠିକ୍ ନା ନୁହେଁ, କ୍ରସ୍ ରେଫରିଙ୍ଗ୍ ସମ୍ଭବ କରିବା ପାଇଁ ଅନ୍ୟ ଡାଟାବେସ୍ ମେସିନ୍ ରିଡ୍ କରିବାରେ ସମ୍ଭବ ହେଉଛି ନା ନାହିଁ, ସୁରକ୍ଷା ବିଶେଷତା ଆବଶ୍ୟକ କରୁଥିବା

୯ ପ୍ରକୃତ ଫାଇଲ୍ ଗୁଡିକ ସ୍କାନିଙ୍ଗ୍ କରି ପିଡିଏଫ୍ ଫର୍ମାଟ୍‌କୁ ଆଣିବା ଯାହାକି ମେସିନ୍ ରିଡ୍ କରିବାରେ ସମ୍ଭବ ହେଉନାହିଁ, କ୍ରସ୍ ରେଫରିଙ୍ଗ୍ କରିବାର ସମ୍ଭାବନା ବୃଦ୍ଧି କରେ ନାହିଁ । ଆନ୍ଧ୍ରପ୍ରଦେଶରେ ଏହା ହିସାବ କରାଯାଇଛି ଯେ, ଡିଜିଟାଇଜେସନ୍ କଲାବେଳେ କିମ୍ବା କରିବା ପୂର୍ବରୁ ରେକର୍ଡ ଅଧୁନାତନ କରିବା କିମ୍ବା ଯାଞ୍ଚ୍ କରିବା ବିଫଳତା ହେତୁ ଲିଖିତ ହୋଇଥିବା ରେକର୍ଡର ୩୦ ଶତକଡା ଭୁଲ୍ ଅଟେ ।

୧୦ ଗ୍ରାମାଞ୍ଚଳ ଗୁଡିକରେ ଏହି ପରିସ୍ଥିତି ଭଲ ହୋଇପାରେ; ଓଡିଶାରୁ ନିଆଯାଇଥିବା ଗ୍ରାମାଞ୍ଚଳ ରେକର୍ଡ ନମୁନାରୁ ଜଣା ପଡିଛି ଯେ, ଡିଜିଟାଲ୍ ରୂପରେ ଥିବା ଲିଖିତ ରେକର୍ଡର ୭୨ ଶତକଡା ମ୍ୟାପ୍‌ରେ ଚିହ୍ନଟ କରାଯାଇପାରିବ । ଅବଶିଷ୍ଟର କୌଣସି ସ୍ଥାନ ଏବଂ ଦିଗ ଭିତ୍ତିକ ରେକର୍ଡ ନାହିଁ ।ସ୍ଥାନ ଏବଂ ଦିଗ ଭିତ୍ତିକ ରେକର୍ଡର ଏକ ଛୋଟ ଅଂଶ (୪ ଶତକଡା) ତାର ସଂପୃକ୍ତ ରେଜିଷ୍ଟରରେ ଏଣ୍ଟ୍ରି ହୋଇନାହିଁ ।

ବ୍ୟକ୍ତି/ସଂସ୍ଥାକୁ ଏହି ସୁଚନା ଉପଲବ୍ଧ ହୋଇ ପାରୁଛି ନା ନାହିଁ, ନିୟମିତ ଭାବରେ ଅଧୁନାତନ କରାଯାଉଛି ନା ନାହିଁ ଏବଂ ଏହି ଫରମାଟ୍‌ରେ ଯାହାକି ଅନ୍ୟ ମାନଙ୍କଦ୍ୱାରା ଅଳ୍ପ ଖର୍ଚ୍ଚରେ ପ୍ରାପ୍ତ କରିହେବ ପ୍ରଭୃତି ବିଷୟ ଗୁଡିକ ଉପରେ ଜମିଜମା ସମ୍ବନ୍ଧିତ ସୁଚନାର ଉପଯୋଗିତା ନିର୍ଭର କରେ । ଲିଖିତ ଜମି ରେକର୍ଡର କଂପ୍ୟୁଟର୍‌କରଣରୁ ସଂପୁର୍ଣ୍ଣ ଭାବରେ ଲାଭ ପ୍ରାପ୍ତ କରିବା ପାଇଁ ରାଜ୍ୟ – ନିର୍ଦ୍ଦିଷ୍ଟ ଅଡିଟ୍ ଉପାୟ ବାହାର କରି ପାରିବ ।

***ନିଶ୍ଚିତ କରନ୍ତୁ ଯେ ସମସ୍ତ ଆବଶ୍ୟକୀୟ ତଥ୍ୟ ଦସ୍ତାବିଜରେ ଅଛି ଏବଂ ପଞ୍ଜିକରଣ ରେଜିଷ୍ଟ୍ରେସନ୍ ପୁର୍ବରୁ ଯାଞ୍ଚ କରାଯାଇଛ :*** ରେକର୍ଡ ଅଫ୍ ରାଇଟ୍ (ROR) ରେ କୃଷି ଜନିତ ଅନେକ ବିବରଣୀ ରହିଛି ଯାହାକି ଜମି ଖଜଣା ହିସାବ କରିବା ପାଇଁ ଅତ୍ୟନ୍ତ ଆବଶ୍ୟକ । କିନ୍ତୁ ଅଧିକାର/ମାଲିକାନା ଦୃଷ୍ଟି କୋଣରୁ (ଯଦିଓ ଏହି ଦସ୍ତାବିଜଗୁଡିକ ଅଧୁନାତନ କରିବା ପାଇଁ ବହୁ ପରିମାଣର ପ୍ରଚେଷ୍ଟା ଆବଶ୍ୟକ), ବ୍ୟାଙ୍କ ଲୋନ୍ ଭଳି ମୁଖ୍ୟ କାରବାର କଲାବେଳେ ଏ ବିଷୟରେ ଯଥେଷ୍ଟ ସୁଚନା ନାହିଁ କିମ୍ବା ସ୍ୱୟଂ ଭାବରେ ଅଧୁନାତନ କରାଯାଉନାହିଁ । ରେକର୍ଡରେ ଏଭଳି ସୁଚନାର ଅନ୍ତର୍ଗତ ସୁନିଶ୍ଚିତ କରିବା ଅତ୍ୟନ୍ତ ଆବଶ୍ୟକ ଅଟେ । ଉଦାହରଣ ସ୍ୱରୁପ, କର୍ଣ୍ଣାଟକରେ କାର୍ଯ୍ୟକାରୀ ହୋଇଥିବା 'ଭୂମି' ବ୍ୟାଙ୍କ ଏବଂ କୋଅପରେଟିଭ୍. ଅନୁଷ୍ଠାନରେ ରଖାଯାଇଥିବା ରେକର୍ଡ ଲିଙ୍କ୍ କରିଥାଏ ଏବଂ ଏ ସମସ୍ତ ରେକର୍ଡ କୋର୍ଟ ସହିତ ଲିଙ୍କ୍ କରିବା କାର୍ଯ୍ୟକ୍ରମ ଚାଲିଛି । ଏଥିରୁ ଜଣା ପଡୁଛି ଯେ ଏ ପ୍ରକାର ପଦକ୍ଷେପ ସମ୍ଭବ ଏବଂ ଏହା ଅନ୍ୟ ରାଜ୍ୟଗୁଡିକୁ ଅନୁସରଣ କରିବା ପାଇଁ ପ୍ରୋତ୍ସାହିତ କରୁଛି । ଏହା ସମାନ ଭାବରେ ଗୁରୁତ୍ୱପୁର୍ଣ୍ଣ ଯେ ଅଟୋମେଟିକ୍ ଭାବରେ ଏ ସମସ୍ତ ଦସ୍ତାବିଜସବ୍-ରେଜିଷ୍ଟର୍ ଅଫିସ୍‌ରେ ଉପଲବ୍ଧ ହେବା ଉଚିତ, ଯେପରିକି ରେଜିଷ୍ଟ୍ରେସନ୍ ହେବା ପୁର୍ବରୁ ଜମିଜମା କାରବାରର ବୈଧତା ଏବଂ ସଠିକତା ଚେକ୍ କରିବା ସମ୍ଭବ ହୋଇପାରିବ । ଏହା ସଂପୃକ୍ତ ଡାଟାବେସ୍ (ସବ୍ – ରେଜିଷ୍ଟର୍ ଏବଂ ଜମି ଦସ୍ତାବିଜ , ବ୍ୟାଙ୍କ, କୋର୍ଟ, ୟୁଆଇଡି (UID) ଏବଂ କଂପାନୀ ରେଜିଷ୍ଟର୍ ଯେଉଁଠାରେ ଉପଲବ୍ଧ) ସହିତ ଅନ୍ ଲାଇନ୍ ଲିଙ୍କ ଆବଶ୍ୟକ କରେ, ଯେପରିକି ସ୍ପଷ୍ଟ ଏବଂ ବିବାଦ ଶୁନ୍ୟ ତଥ୍ୟ ବିଭିନ୍ନ ସଂସ୍ଥା/ବ୍ୟକ୍ତି ଦ୍ୱାରା ଅଧୁନାତନ ଭାବରେ ଅପରେଟ୍ କରିବା ସମ୍ଭବ ହୋଇ ପାରିବ ।

***ବୈକଳ୍ପିକ ଆନୁଷ୍ଠାନିକ ବିକଳ୍ପ ଖୋଜନ୍ତୁ :*** ଯେତେବେଳେ ଦିଗ ଏବଂ ସ୍ଥାନ ଭିତ୍ତିକ ଜମିଜମା ରେକର୍ଡ ଅଧିକାଂଶ ରାଜ୍ୟରେ ଭଲ ଭାବରେ ରଖାଯାଇନାହିଁ, ପଶ୍ଚିମବଙ୍ଗରେ ଯେଉଁଠାରେ କେବଳ ଏହି କାମରେ ନିୟୋଜିତ ସଂସ୍ଥା ଜମି ପ୍ରଶାସନ ଦାୟିତ୍ୱରେ ରହିଛି, ଉକ୍ତମାନର ଦିଗ ଏବଂ ସ୍ଥାନ ଭିତ୍ତିକ ଜମିଜମା ଦସ୍ତାବିଜପ୍ରସ୍ତୁତ କରିବାରେ ସମର୍ଥ ହୋଇଛି । ପ୍ରକୃତରେ ପଶ୍ଚିମବଙ୍ଗ ଅତି ଅଳ୍ପ ରାଜ୍ୟ ମଧ୍ୟରେ ଅନ୍ୟତମ ଯେଉଁଠାରେ ଦସ୍ତାବିଜଏବଂ ମ୍ୟାପ୍‌ର ଡିଜିଟାଲାଇଜେସନ୍ ପ୍ରାୟ ସଂପୁର୍ଣ୍ଣ ହୋଇପାରିଛି ଏବଂ ସ୍ଥାନ ଏବଂ ଦିଗ ଭିତ୍ତିକ ଏବଂ ଲିଖିତ ଜମିଜମା ସୁଚନା ଉଭୟ ଉପଲବ୍ଧ । ଯଦି ଦସ୍ତାବିଜକୁ ସମୟ ସମୟରେ ଅଧୁନାତନ କରାଯାଏ ତାହା ସବୁ ସମୟରେ କାର୍ଯ୍ୟଶୀଳ ରହିପାରିବ ଏବଂ ଉପଯୋଗୀ ହୋଇପାରିବ । ଏହା ଅଧ୍ୟୟନ ଏବଂ ବିଶ୍ଳେଷଣ କରିବା ପାଇଁ ଏକ ମଡେଲ୍ ହିସାବରେ କାର୍ଯ୍ୟ କରିବ ଏବଂ ସମ୍ଭବତଃ ଅନ୍ୟ ରାଜ୍ୟମାନଙ୍କ ଦ୍ୱାରା ମଧ୍ୟ ଅନୁସରଣ କରାଯିବ ।

***ଅଳ୍ପ ଖର୍ଚ୍ଚ ବିଶିଷ୍ଟ ଗ୍ରାମାଞ୍ଚଳ ସର୍ଭେ ପାଇଁ ନିର୍ଦ୍ଦେଶାବଳୀଗୁଡିକର ପରୀକ୍ଷା :*** ବହୁଦିନ ଅବହେଳା ପରେ, ସ୍ଥାନ ଏବଂ ଦିଗ ଭିତ୍ତିକ ରେକର୍ଡ ଅଧୁନାତନ କରିବା ପାଇଁ ବହୁ ସମୟ ଏବଂ ପ୍ରଚେଷ୍ଟାର ଆବଶ୍ୟକ ହୋଇପଡିଛି । ଏହି କାର୍ଯ୍ୟର ବିସ୍ତାରିତ ପରିସର ଇମେଜ୍-ଆଧାରିତ ଟେକ୍‌ନିକ୍‌କୁ ଅଳ୍ପ ଖର୍ଚ୍ଚ ବିଶିଷ୍ଟ ମାଧ୍ୟମରେ ପରିଣତ କରିପାରେ ଯାହାକି ଯେତେ ଦୁର ସମ୍ଭବ ବର୍ତ୍ତମାନରେ ଉପଲବ୍ଧ ଥିବା ତଥ୍ୟକୁ ବାଧ୍ୟତାମୁଳକ ଭାବରେ ଉପଯୋଗ କରିବାରେ ସମ୍ଭବ କରିଥାଏ । ଭୌଗୋଳିକ ଅବସ୍ଥିତିର ମୁଳଭିତ୍ତି ଆଧାରିତ ଗ୍ରାମ୍ୟମ୍ୟାପ୍ ଦ୍ୱାରା ପ୍ରସ୍ତୁତ ହୋଇଥିବା ଇଣ୍ଡେକ୍ସ ମ୍ୟାପ୍ ଏକ ମଧ୍ୟବର୍ତ୍ତୀକାଳୀନ ଯୁକ୍ତିଯୁକ୍ତ ସମାଧାନ ହୋଇପାରେ ଯେପରିକି କେତେକ ରାଜ୍ୟରେ ପୁନଃ ସର୍ଭେ କରିବାକୁ ପ୍ରାଥମିକତା ଭିତ୍ତିରେ କରାଯାଇପାରିବ । ପ୍ରଥାଗତ ସର୍ଭେ ମାଧ୍ୟମର ପରିପୁରକ ହିସାବରେ ଅଳ୍ପ-ଖର୍ଚ୍ଚ ବିଶିଷ୍ଟ 'ଉଦ୍ଦେଶ୍ୟ ପାଇଁ ଉପଯୁକ୍ତ' ପ୍ରଣାଳୀ ଚିହ୍ନଟ କଲାବେଳେ କେତେକ ରାଜ୍ୟ ଉନ୍ନତତର ଆଇନ୍‌କାନୁନ୍ ପ୍ରସ୍ତୁତ କରିଛନ୍ତି । (ଉଦାହରଣ ସ୍ୱରୁପ ବିହାର ଜମି ସେଟେଲ୍‌ମେଣ୍ଟ୍ ଅଧିନିୟମ ୨୦୧୨)କିମ୍ବା ଉନ୍ନତତର ପ୍ରଣାଳୀ (ଉଦାହରଣ ସ୍ୱରୁପ ଆନ୍ଧ୍ରପ୍ରଦେଶରେ ଭୂ ବରାତି) ମଧ୍ୟ ପ୍ରସ୍ତୁତ କରାଯାଇଛି ଯାହାକି ଏହି ଅଞ୍ଚଳରେ କରାଯାଉଥିବା ପ୍ରଚେଷ୍ଟାକୁ ଦିଗ୍‌ଦର୍ଶନ ଦେଇପାରିବ । ପ୍ରଭାବଶୀଳ କାର୍ଯ୍ୟପ୍ରବାହ ବ୍ୟାଖ୍ୟା କରିବା ପାଇଁ, ଆବଶ୍ୟକ ଦକ୍ଷତା ପ୍ରସ୍ତୁତ ପାଇଁ, ଏବଂ ଏହା ନିର୍ଣ୍ଣୟ କରିବା ପାଇଁ, କେଉଁଠାରେ ସରକାରଙ୍କ ହସ୍ତକ୍ଷେପ ତାହା ଜାଣିବା ପାଇଁ ଏବଂ କେଉଁ କ୍ଷେତ୍ର ଗୁଡିକ ବେସରକାରୀ କ୍ଷେତ୍ରକୁ ଛାଡି ଦିଆଯିବ ତାହା ଜାଣିବା ପାଇଁ ଏବଂ ସର୍ଭିସ୍ ଯୋଗାଣ କରାଯାଇଥିବା ଖର୍ଚ୍ଚର ପୁନଃପ୍ରାପ୍ତ କରିବା ପାଇଁ ବିଭିନ୍ନ ସେଟିଙ୍ଗ୍‌ରେ ସ୍ଥାନୀୟ ସମସ୍ୟା ଏବଂ ଦୃଷ୍ଟିକୋଣର ଅନୁସରଣ ତଥ ।ପି ଆବଶ୍ୟକ ଅଟେ ।ଅନୁଭବରୁ ଜଣାପଡିଛି ଯେ, ଏପରିକି ସଠିକ୍ ଲକ୍ଷ୍ୟ ଭିତ୍ତିକ ସର୍ଭେ ଏବଂ ପ୍ରଶାସନିକ ପ୍ରଣାଳୀ, ଲିଖିତ ରେକର୍ଡ ଏବଂ ପ୍ରକୃତ ସ୍ତରରେ ଅବସ୍ଥିତି ମଧ୍ୟରେ ଥିବା ପାର୍ଥକ୍ୟ, ସମାଧାନ ପାଇଁ ବ୍ୟବହାର କଲେ, ଏହା ଏକ ପ୍ରତିବନ୍ଧକ ହିସାବରେ ଦେଖାଦେଇଥାଏ । ବୈକଳ୍ପିକ ଭାବରେ ବର୍ତ୍ତମାନ ଅବସ୍ଥିତ ଥିବା ମ୍ୟାପ୍ କିମ୍ବା ଆକାଶମାର୍ଗରୁ ଫଟୋଗ୍ରାଫି କିମ୍ବା ସାଟେଲାଇଟ୍ ଇମେଜ୍ ବିଶ୍ୱାସଯୋଗ୍ୟ ଭାବରେ ସମ୍ଭବ ହୋଇପାରେ ଏବଂ ବର୍ତ୍ତମାନର ପ୍ରଣାଳୀ ଅନୁସାରେ ଅଧିକ ଶସ୍ତା ମଧ୍ୟ ହୋଇଥାଏ[୧୧]। ଯଦି ଏହା ସହିତ ଯନ୍ତ୍ରର ସହିତ କରାଯାଇଥିବା ପ୍ରଭାବ ମୁଲ୍ୟାଙ୍କନ ମିଶ୍ରଣ କରାଯାଇଥାଏ, ଏହା ଜମି ପ୍ରଶାସନ ଗୁଡିକର ମୁଖ୍ୟ କ୍ଷେତ୍ର ଗୁଡିକରେ ବିସ୍ତାରିତ ଭାବରେ ପ୍ରୟୋଗ କରାଯାଇପାରିବ ।

***ବସବାସ କରୁଥିବା ଅଞ୍ଚଳରେ ସ୍ଥାନ ଏବଂ ଦିଗ ଭିତ୍ତିକ ରେକର୍ଡ ସୃଷ୍ଟି କରିବା ପାଇଁ ଏକ ପ୍ରକୃତମୁଖୀ ଯୋଜନା ପ୍ରସ୍ତୁତ କରିବା ଆବଶ୍ୟକ :*** ଯଦିଓ କ୍ରମଶଃ ହିସାବରେ ଇଣ୍ଡେକ୍ସ ମ୍ୟାପ୍ ଆଧାରିତ ସ୍ଥାନ ଏବଂ ଦିଗ ଭିତ୍ତିକ ରେକର୍ଡ ଅଧୁନାତନ କରିବା ପାଇଁ ଏକ ବିକଳ୍ପ ହିସାବରେ ବ୍ୟବହାର କରାଯାଇପାରେ, ବ୍ୟବହାର ନ କରି ପାରିବା ଭଳି ସହରାଞ୍ଚଳରେ ଥିବା ମ୍ୟାପ୍ ଏକ ଭିନ୍ନ ପ୍ରକାରର ପ୍ରଣାଳୀ ଆବଶ୍ୟକ କରିଥାଏ । ଏଭଳି କରିବା ଦ୍ୱାରା ଅଧିକ ମୁଲ୍ୟର ସଂପତ୍ତିରୁ ଲାଭ ମଧ୍ୟ ବୃଦ୍ଧି ହୋଇଥାଏ । ସହରାଞ୍ଚଳ ସଂପତ୍ତି ମାଲିକାନା ରେକର୍ଡ (ଈଙଘଛ) ଅନ୍ତର୍ଗତ ଭିନ୍ନ ଭିନ୍ନ ଅନୁଭବ ଯେପରିକି ଆନ୍ଧ୍ରପ୍ରଦେଶରେ ଭୁ ବରାତି ଏବଂ କର୍ଣ୍ଣାଟକରେ ସଂପତ୍ତି କାର୍ଡ ବଣ୍ଟନରୁ କିଛି ଶିକ୍ଷା ମିଳିଛି । ପ୍ରଥମତଃ, ଅଧିକାଂଶ ସହରାଞ୍ଚଳରେ ଏକ ଇମେଜ୍ ଆଧାରିତ ପ୍ରଣାଳୀ ଯାହାକି ବର୍ତ୍ତମାନରେ ଉପଲବ୍ଧ ପ୍ରମାଣର ବିଭିନ୍ନ ସୁତ୍ର ଉପରେ ଆଧାରିତ (ଉଦାହରଣ ସ୍ୱରୁପ ଟାକ୍ସ ମ୍ୟାପ୍) ଏବଂ ଯେଉଁଥିରେ ଦୈନନ୍ଦିନ ଖର୍ଚ୍ଚର ଆବଶ୍ୟକତା ଅନ୍ତର୍ଗତ, ଶିଘ୍ର ଏବଂ ଅଳ୍ପ ଖର୍ଚ୍ଚରେ ଘରୋଇ ସଂସ୍ଥା ଦ୍ୱାରା କାର୍ଯ୍ୟକାରୀ କରାଯାଇପାରିବ ଯଦି ପରବର୍ତ୍ତୀ କାରବାରରେ ହୋଇଥିବା ଖର୍ଚ୍ଚ ଫେରିପାଇବାର ପ୍ରାବଧାନ ରହିଥାଏ ।ଦ୍ୱିତୀୟତଃ, ତଥ୍ୟ ଆଧାରିତ ସମାଧାନ ଏବଂ ଠିକ୍ ସମୟରେ ଆଇନ୍‌ଗତ ବିଚାର ଘରୋଇ ସଂସ୍ଥାକୁ ହସ୍ତାନ୍ତର କରାଯାଇପାରିବ ନାହିଁ ଯେହେତୁ ଏହା ଗୁରୁତ୍ୱପୁର୍ଣ୍ଣ । ତୃତୀୟତଃ, ରେକର୍ଡ ହୋଇଥିବା ଏବଂ ମାପ କରିଥିବା ଅଞ୍ଚଳ ମଧ୍ୟରେ କୌଣସି ତୃଟି ସମାଧାନ କରିବାର ଏକ ନିୟନ୍ତ୍ରଣକାରୀ ପ୍ରକୃତ ଉପାୟ କାର୍ଯ୍ୟକାରୀ କରାଯିବା ଉଚିତ୍ ଏବଂ ଏହି ଉପାୟ ସ୍ଥାନୀୟ ଲୋକମାନେ ବୁଝିବା ଉଚିତ୍ । ଯଦି ପ୍ରଥମରୁ ହିଁ ରେକର୍ଡ ଅଧୁନାତନ କରିବା ପ୍ରକ୍ରିୟା ପ୍ରୋତ୍ସାହନ-ଅନୁକୂଳ ହୋଇ ନଥାଏ ତେବେ ସ୍ପଷ୍ଟ ଏବଂ ବିବାଦଶୁନ୍ୟ ରେକର୍ଡ ଆଡକୁ ଗତି କରିବା କଷ୍ଟକର ହୋଇପଡିବ । ଶେଷରେ ଗ୍ରାମାଞ୍ଚଳରେ ବସବାସ ହୋଇଥିବା ଜମିପାଇଁ (ଗ୍ରାମଥାନ) ମାଲିକାନା ରେକର୍ଡ ଦେବାରେ ବିଫଳ ହେଲେ ତାହା ଆଉ ଆଇନ୍ ସଙ୍ଗତ ବିଚାର କରାଯିବ ନାହିଁ ଏବଂ

୧୧ ଯେହେତୁ ଭାରତରେ ଆକାଶମାର୍ଗ ପାଇଁ ନିୟନ୍ତ୍ରଣ ରହିଛି, ଇମେଜ୍ ପ୍ରାପ୍ତ କରିବା ପାଇଁ ଅନେକ ରାଜ୍ୟ ୟୁଏଭି (UAV) ବ୍ୟବହାର କରିଛନ୍ତି ଏବଂ ଏହି ସଂପର୍କରେ ଉଠାଯାଇଥିବା ନିୟନ୍ତ୍ରଣଗତ ସମସ୍ୟା ଆଲୋଚନା କରିବା ଆବଶ୍ୟକ ।

ଏହି ପ୍ରକାର ରେକର୍ଡ ସ୍ଥାନୀୟ ସରକାରୀ ସଂସ୍ଥା ଦ୍ୱାରା ଇସ୍ୟୁ କରିବା ବିକଳ୍ପ, ସମ୍ଭବତଃ ପରିଚାଳନା ଦାୟିତ୍ୱ ହସ୍ତାନ୍ତର ସହାୟତାରେ, ଯତ୍ନର ସହିତ ବିଚାର କରିବାକୁ ପଡିବ ।

***ନିଶ୍ଚିତ କରନ୍ତୁ ଯେ, ସ୍ଥାନ ଏବଂ ଦିଗ ଭିତ୍ତିକ ଦସ୍ତାବିଜ୍ ଅଦ୍ୟତନକରିବା ଉଚିତ୍ :*** ସଂଗଠିତ ଭାବରେ ସ୍ଥାନ ଏବଂ ଦିଗ ଭିତ୍ତିକ ଦସ୍ତାବିଜ୍ ପୁନଃ ସ୍ଥାପନ କରିବା ପାଇଁ ପ୍ରଚେଷ୍ଟା ଯୁକ୍ତିଯୁକ୍ତ ହୋଇପାରିବ ଯଦି ଏଭଳି ଦସ୍ତାବିଜ୍ ରଖିବାର ପ୍ରକ୍ରିୟା ଅଧୁନାତନ କରିବାର ପ୍ରଣାଳୀ ବଳବତ୍ତର ରହିଛି ।କର୍ଣ୍ଣାଟକ କ୍ଷେତ୍ରରେ ଏହା ଜଣାପଡିଛି ଯେ, ଜମି କାରବାର ପଞ୍ଜିକରଣ ହେବା ପୂର୍ବରୁ ଜମି ମାଲିକଙ୍କର ସବିଶେଷ ବିବରଣୀ ଉପରେ ଥିବା ଲିଖିତ ତଥ୍ୟର ସଠିକତା ଚେକ୍ କରିବା ପାଇଁ ଦସ୍ତାବିଜ୍ ଏବଂ ପଞ୍ଜିକରଣ ମଧ୍ୟରେ ସ୍ୱୟଂ ଚାଳିତ ବ୍ୟାକ୍ ଅଫିସ୍ ଲିଙ୍କ୍, ଔପଚାରିକ ଭାବରେ, ସ୍ଥାନ ଏବଂ ଦିଗ ଭିତ୍ତିକ ରେକର୍ଡକୁ ବିସ୍ତାରଣ କରାଯାଇପାରିବ । ପାର୍ସଲ୍ ସୀମାନ୍ତ ପରିବର୍ତ୍ତନ ସଂପୃକ୍ତ ଥିବା ଜମିଜମା ସମ୍ବନ୍ଧୀୟ କୌଣସି କାରବାର ରେଜିଷ୍ଟର କରିବା ପୂର୍ବରୁ'ମ୍ୟୁଟେସନ୍-ପୂର୍ବ ସ୍କେଚ୍' ବାଧ୍ୟତାମୂଳକ ଭାବରେ ଆବଶ୍ୟକ କରି ଏହା ନିଶ୍ଚିତ କରାଯାଇପାରିବ । ଆଇନ୍ ଅନୁସାରେ ଏହା ଆବଶ୍ୟକ ଯେ, କୌଣସି ବର୍ତ୍ତମାନର ସର୍ଭେ ନମ୍ବର କିମ୍ବା ସବ୍‌ଡିଭିଜନ୍ ଅନ୍ତର୍ଗତ ସମସ୍ତ ପାର୍ସଲ, କୌଣସି ପାର୍ସଲ୍ କିଣାବିକା ହେବା ପୂର୍ବରୁ, ସର୍ଭେ କରାଯିବା ଆବଶ୍ୟକ । ଏହା ଦ୍ୱାରା ସ୍ଥାନ ଏବଂ ଦିଗ ଭିତ୍ତିକ ରେକର୍ଡ ସ୍ୱୟଂ-ଚାଳିତ ଭାବରେ କାରବାର ଆଧାରିତ ଅଧୁନାତନ ପାଇଁ ମୂଳ ଭିତ୍ତି ସୃଷ୍ଟି କରେ ।ଏହା ସହିତ ଘରୋଇ ସର୍ଭେୟର ମିଶି ସୀମିତ ମୂଲ୍ୟରେ ସର୍ଭେ କରିବାର ଅଧିକ ଚାହିଦା ପୂରଣ କରି ପାରିବେ । ଏହି ପଦକ୍ଷେପ, ଯାହାକି ୨୦୦୮ରେ ଆରମ୍ଭ କରାଯାଇଥିଲା, ବର୍ତ୍ତମାନ ସୁଦ୍ଧା ସମୁଦାୟ ପାର୍ସଲ୍‌ର ପ୍ରାୟ ୭୫ ଶତକଡା ମ୍ୟାପ୍ କରିପାରିଛି[୧୨] । ଏହାକୁ ଜମି ପ୍ରଶାସନର ସମସ୍ତ ଦୃଷ୍ଟିକୋଣ ଅନ୍ତର୍ଗତ କରିବା ପାଇଁ ଉଚ୍ଚମାନର ଜମି ସୂଚନା ପ୍ରଣାଳୀର ମୂଳଭିତ୍ତି ହିସାବରେ ବ୍ୟବହାର କରିବାର ଯୋଜନା ରହିଛି । ତେଣୁ ଯଦିଓ ଦିଗ ଏବଂ ସ୍ଥାନ ଭିତ୍ତିକ ଦସ୍ତାବିଜ୍ ଅଧୁନାତନ କରିବା ପାଇଁ ସଂପୂର୍ଣ୍ଣ ଭାବରେ ଆଉ ଥରେ ସର୍ଭେ କରିବା ସମ୍ଭବ ହୋଇ ନ ପାରିଛି, କାରବାର ଆଧାରିତ ମେଥଡ୍ ସ୍ପଷ୍ଟ ଏବଂ ବିବାଦହୀନ ଟାଇଟିଲ୍ ସୃଷ୍ଟି କରିବାରେ ସାହାଯ୍ୟ କରିବ, ଯାହାକି ଯୁକ୍ତରାଷ୍ଟ୍ର ପରି ଦେଶରେ ଅନୁଭବ କରା ହୋଇଛି ।

***ସର୍ଭିସ୍ ପ୍ରଦାନ କରିବାର ଖର୍ଚ୍ଚ କମ୍ କରନ୍ତୁ ଏବଂ ଜମିଜମା ପ୍ରଶାସନକୁ ସ୍ୱଚ୍ଛ ଆର୍ଥିକ ପରିସ୍ଥିତି ଉପରେ ଆଧାରିତ କରନ୍ତୁ :*** ଯଦିଓ ରାଜ୍ୟଗୁଡିକ ଷ୍ଟାଂପ୍ ଡ୍ୟୁଟିରୁ ବହୁ ପରିମାଣର ରାଜସ୍ୱ ପ୍ରାପ୍ତ କରିଥାନ୍ତି, ଏହି ପ୍ରଣାଳୀକୁ ତଥ୍ୟ ପ୍ରଦାନ କରୁଥିବା ଜମି ପ୍ରଶାସନ ସଂସ୍ଥା ଯଥେଷ୍ଟ ପାଣ୍ଠିପ୍ରାପ୍ତ କରିପାରନ୍ତି ନାହିଁ କିମ୍ବା ଏହି ମାଧ୍ୟମରେ ଆର୍ଥିକ ଅନୁଦାନପ୍ରାପ୍ତ କରନ୍ତି ଯାହାକି କାର୍ଯ୍ୟ ଦକ୍ଷତା ସହ ଆଦୌ ସଂପର୍କିତ ନୁହେଁ । ପ୍ରଣାଳୀକୁ ସଂଗଠିତ କରି ଏବଂ ସେବା ସହଜରେ ଯୋଗାଣ କରି କାରବାର ଖର୍ଚ୍ଚ ବହୁ ପରିମାଣରେ କମ୍ କରାଯାଇପାରିବ । କର୍ଣ୍ଣାଟକ ହେଉଛି ଏଭଳି ଅଳ୍ପ ରାଜ୍ୟ ମାନଙ୍କ ମଧ୍ୟରୁ ଅନ୍ୟତମ ଯେଉଁଠାରେ ଜମିଜମା ରେଜେଷ୍ଟ୍ରି, ଯଦିଓ ଆର୍ଥିକ ଦୃଷ୍ଟି କୋଣରୁ ସ୍ୱୟଂଚାଳିତ ନୁହେଁ, ବହୁ ପରିମାଣର ରାଜସ୍ୱ ପ୍ରାପ୍ତ କରିଥାଏ ଯାହାକି ଲଗାତାର ଭାବରେ ପ୍ରଣାଳୀକୁ ଉନ୍ନତତର କରିବା ପାଇଁ ପରୀକ୍ଷା ନିରୀକ୍ଷା ଏବଂ ବିକାଶ ପାଇଁ ଉପଯୋଗ କରାଯାଇଥାଏ । ଜମିଜମା ପ୍ରଶାସନର ଆର୍ଥିକ ଦୃଷ୍ଟିକୋଣ ଯତ୍ନର ସହିତ ଅଧ୍ୟୟନ କରିବା ଦୁଇଟି ଦୃଷ୍ଟିକୋଣରୁ ଅତ୍ୟନ୍ତ ପ୍ରାଥମିକତା ଅଟେ । ମୁଖ୍ୟତଃ (i) ଷ୍ଟାଂପ୍ ଡ୍ୟୁଟିର ଅଧିକତମ ହାର ସଂପତ୍ତି ସ୍ଥାନାନ୍ତରଣ ପରେ ଏବଂ ସ୍ଥାନାନ୍ତରଣ ଫି ଏବଂ ଜମି ଟିକସ ମଧ୍ୟରେ ତୁଳନା କରି ନିର୍ଦ୍ଦିଷ୍ଟ କରାଯାଇପାରିବ । (ii) ଜମି ପ୍ରଶାସନ ସଂସ୍ଥା ଗୁଡିକର ପରିଚାଳନା ପାଇଁ ଆର୍ଥିକ ମଡେଲ୍ କାର୍ଯ୍ୟ ଦକ୍ଷତା ଉପରେ ଆଧାରିତ ହେବା ଉଚିତ୍, ସରକାରୀ କର୍ମଚାରୀ ମାନଙ୍କ ପ୍ରୋତ୍ସାହନ ଉପରେ ଆଧାରିତ ହେବା ଉଚିତ୍ ନୁହେଁ । *ଜମାବନ୍ଦୀ* ପ୍ରଥାକୁ ଏକ ନ୍ୟୁନ ଖର୍ଚ୍ଚ ବିଶିଷ୍ଟଏବଂ ରେକର୍ଡ ଅଧୁନାତନ କରିବା ପାଇଁ ଏକ ମଜଭୁତ ଗ୍ରାମ ଆଧାରିତ ପ୍ରକ୍ରିୟା ହିସାବରେ ପୁନଃ କାର୍ଯ୍ୟଶୀଳ କରିବା ଉଚିତ୍ ଯେପରିକି ସେଗୁଡିକର ଲଗାତାର ଆବଶ୍ୟକତା ନିଶ୍ଚିତ କରାଯାଇପାରିବ ।

## ୩.୭ ଜମି ମୂଲ୍ୟାଙ୍କନ ଏବଂ ଟାକ୍ସ ଲାଗୁ

### ୩.୭.୧ ସମସ୍ୟା ନିର୍ଣ୍ଣୟ

***ସହରାଞ୍ଚଳ ଜମିର ରାଜସ୍ୱ କ୍ଷମତା ସଂପୂର୍ଣ୍ଣ ଭାବରେ ଉପଯୋଗ କରାଯାଇନାହିଁ :*** ରାଜସ୍ୱ ସୃଷ୍ଟି କରିବା ଦକ୍ଷତା ଏବଂ ଖର୍ଚ୍ଚ ପରିଚାଳନା ସହର ଗୁଡିକର ମୁଖ୍ୟ ସମସ୍ୟା ରୂପେ ଦେଖା ଦେଇଛି । (ଆଲୁୱାଲିଆ ୨୦୧୪) ।ଯଦିଓ ରାଜସ୍ୱ ସଂଗ୍ରହ ପାଇଁ ମୌଳିକ ସୁବିଧା ଏବଂ ପ୍ରଶାସନ ପାଇଁ ଖର୍ଚ୍ଚ ମଧ୍ୟ ହୋଇଥାଏ, ସଂପତ୍ତି ଟିକସ ଏଡାଇବା କଷ୍ଟକର ହୋଇଥାଏ ।ସଂପତ୍ତିର ମୂଲ୍ୟ ସ୍ଥାନୀୟ ସର୍ଭିସ୍ ପ୍ରାବଧାନ ସହ ସଂଯୋଗ କରାଯିବା ଉଚିତ୍ ଏବଂ ମଧ୍ୟବିତ୍ତ ଉପର ସ୍ତରର ଆୟଥିବା ଲୋକମାନଙ୍କ ଉପରେ ଏହା ଲାଗୁ କରାଯିବା ଉଚିତ୍ ଏବଂ ସେଥିଜନିତ ନିର୍ଦ୍ଦିଷ୍ଟ ବୃଦ୍ଧି କରାଯିବା ଉଚିତ୍ । ଟିକସ ସଂଗ୍ରହ କରିବାର ପରିସର ଅତି ଅଳ୍ପ ଏବଂ ପ୍ରତିବନ୍ଧକପୂର୍ଣ୍ଣ ହୋଇଥିବାରୁ ଏହା ଅଧିକ ଦକ୍ଷତାର ସହ କାର୍ଯ୍ୟ କରିପାରୁନାହିଁ । ତା ସହିତ ଅନେକ ଅସ୍ଥାୟୀ ଛାଡ, ଟିକସ ନ ଦେବାର ହାର ଅତ୍ୟଧିକ ହେବା, ବଜାର ଦର ସହିତ ତୁଳନା କରିବାର ଅକ୍ଷମତା ଏବଂ ଅତି ପୁରୁଣା ଟିକସ ସଂଗ୍ରହ ପ୍ରଣାଳୀ ଉପଯୁକ୍ତ ଭାବରେ ଟିକସ ସଂଗ୍ରହ କରିବାରେ ୟୁଏଲ୍‌ବି (ULB) ମାନଙ୍କର ଦକ୍ଷତା ପ୍ରତିକୂଳ ଭାବରେ ପ୍ରଭାବିତ କରୁଛି ।ଅଧ୍ୟୟନ କରାଯାଇଥିବା ୩୬ ମ୍ୟୁନିସିପାଲ୍‌ଟି କର୍ପୋରେସନରୁ ଅଧାରୁ ଅଧିକ କ୍ଷେତ୍ରରେ ମ୍ୟୁନିସିପାଲ୍ ରାଜସ୍ୱ ୨୦ ଶତକଡାରୁ କମ୍ ହେଉଛି ସଂପତ୍ତି ଟିକସ ।ଯଦି ଟିକସ ସଂଗ୍ରହ ପରିସର ବୃଦ୍ଧି କରାଯାଏ ଏବଂ ଟିକସ ସଂଗ୍ରହ ଦକ୍ଷତାର ସହ କରାଯାଏ ତାହାଲେ ସଂପତ୍ତି ଟିକସ ସଂଗ୍ରହ ବର୍ତ୍ତମାନର ଚାରିଗୁଣା ହୋଇପାରିବ, ଜିଡିପିର (GDP) ବର୍ତ୍ତମାନ ୦.୧୫-୦.୨୦ରୁ ୦.୮ଶତକଡା ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରିବ ।(ମାଥୁର୍ et al. ୨୦୦୯)

***ସମସ୍ତ ସଂପତ୍ତି ଚିହ୍ନଟ କରିବାର ପ୍ରଣାଳୀର ଅଭାବ ହେଉଛି ମୁଖ୍ୟ କାରଣ :*** ୟୁଏଲ୍‌ବି (ULB) ମାନଙ୍କ ପାଖରେ ଏଭଳି କିଛି ପ୍ରଣାଳୀ ନାହିଁ ଯାହା ଦ୍ୱାରା କି ତାଙ୍କ ପ୍ରଶାସନିକ ପରିସର ଅନ୍ତର୍ଗତ ସମସ୍ତ ସଂପତ୍ତି ଔପଚାରିକ ଭାବରେ ଗଣନା କରାଯାଇପାରିବ ଏବଂ ଏଥିଯୋଗୁଁ ସଂପତ୍ତି ଟାକ୍ସର ସମ୍ଭାବିତ କ୍ଷମତା ଠିକ୍ ଭାବରେ ଗଣନା କରିବା ପାଇଁ ତାଙ୍କର ଦକ୍ଷତା ବହୁ ଭାବରେ ସୀମିତ ହୋଇଯାଉଛି ।ଉଦାହରଣ ସ୍ୱରୂପ ଦିଲ୍ଲୀରେ ୨୦୦୯ ରେ କଳନା କରାଯାଇଥିବା ୨.୫୩ନିୟୁତ ସଂପତ୍ତି ମଧ୍ୟରୁ ମାତ୍ର ୦.୯୬ନିୟୁତ ସଂପତ୍ତି ଟିକସପଞ୍ଜିକୃତ ଅନ୍ତର୍ଗତ ହୋଇପାରିଛି । ନିକଟ ଅତୀତରେ କରାଯାଇଥିବା ଏକ ଅଧ୍ୟୟନରୁ ଜଣା ପଡିଛି ଯେ, ବିଭିନ୍ନ ମୁଖ୍ୟ ସହରରେ ମୋଟ ସଂପତ୍ତିର ୪୪ ଶତକଡା ଟିକସ ଦିଅନ୍ତି ନାହିଁ କିମ୍ବା ତାକୁ ଛାଡ କରା ହୋଇଛି, ବେଳେବେଳେ ଛାଡ ହେବାର କାରଣ ଏକ ନିର୍ଦ୍ଦିଷ୍ଟ ପରିମାପ ଉପରେ ଆଧାରିତ ନୁହେଁ । ଫଳରେ ୟୁଏଲ୍‌ବି (ULB) ମାନଙ୍କର ଟିକସସଂଗ୍ରହ ପରିମାଣରେ ଅନେକ ପାର୍ଥକ୍ୟ ଦେଖାଯାଉଛି ।ଭାରତର ୩୬ଟି ବଡ ସହର ଗୁଡିକରେ କରାଯାଇଥିବା ଅଧ୍ୟୟନରୁ ଜଣାପଡିଛି ଯେ, ମୁଣ୍ଡ ପିଛା ବାର୍ଷିକ ସଂପତ୍ତି ଟିକସ ରାଜସ୍ୱ ମୁମ୍ବାଇରେ ୧୩୩୪ ଟଙ୍କା ହେଲାବେଳେ ପାଟନାରେ ମାତ୍ର ୨୫ ଟଙ୍କା । ହାରାହାରି ଭାବରେ ମୋଟ ଟିକସ କ୍ଷମତାର ଏକ ତୃତୀୟାଂଶ ମାତ୍ର ସଂଗ୍ରହ କରାଯାଇପାରୁଛି ।(ମାଥୁର୍ et al. ୨୦୦୯)

***ଜମିର ମୂଲ୍ୟାଙ୍କନକୁ ସାଧାରଣକୃତ କରାଯାଇଛି ଏବଂ ଟିକସ ସଂଗ୍ରହ ପାଇଁ ବ୍ୟବହୃତ ମୂଲ୍ୟାଙ୍କନ ବଜାର ଦରଠାରୁ ବହୁତ କମ୍ :*** ବଜାର ମୂଲ୍ୟ ସହିତ ସଂପତ୍ତି ଟିକସ ମୋଟ ଉପରେ ପାଖାପାଖି କରିବା ସମ୍ଭବ । ବର୍ତ୍ତମାନର ମୂଲ୍ୟାଙ୍କନ, ବଜାର

---

୧୨ ଏହି ସିଷ୍ଟମ୍ ସଫ୍ଟୱେୟାରରେ ହିଁ ଅନ୍ତର୍ନିହିତ ରହିଛି ଯାହାକି ସ୍ୱୟଂ ଚାଳିତ ଭାବରେ ସର୍ଭେ କାର୍ଯ୍ୟ ନ୍ୟସ୍ତ କରେ, ନୋଟିଫିକେସନ୍ ପଠାଏ ଏବଂ ବାକି ଥିବା କାର୍ଯ୍ୟ ପର୍ଯ୍ୟବେକ୍ଷଣ କରେ ।

ଦରର ଏକ ତୃତୀୟାଂଶରୁ ମଧ୍ୟ କମ୍ କଳନା କରାଯାଇଛି ଯେହେତୁ କୌଣସି ସଂପତ୍ତି ମାଲିକଙ୍କର ସ୍ଥାନୀୟ ସରକାରୀ ସଂସ୍ଥା ଉପରେ ଅଧିକ ପ୍ରଭାବ ଥାଇପାରେ । ଟିକସ ହାର ଧାର୍ଯ୍ୟ କରିବା ପାଇଁ ୟୁଏଲ୍‌ବି (ULB) କୁ ସଂପୂର୍ଣ୍ଣ ଅଧିକାର ଦେବା ଦ୍ୱାରା ଏହାର ହାର ଅତ୍ୟଧିକ ଭାବରେ କମ୍ ଧାର୍ଯ୍ୟ କରାଯାଉଛି ଏବଂ ମୂଲ୍ୟ ବୃଦ୍ଧି ସହ ତୁଳନାତ୍ମକ ଭାବରେ କରାଯାଉନାହିଁ । ଏହା ବ୍ୟତୀତ ନିୟମିତ ଭାବରେ ରେଜିଷ୍ଟରକୁ ଅଧୁନାତନ କରି, ଏକ କେନ୍ଦ୍ରିୟ ମୂଲ୍ୟାଙ୍କନ ବୋର୍ଡ ସ୍ଥାପନ କରି ଏବଂ ମୂଲ୍ୟ ନିର୍ଦ୍ଧାରଣ ପାଇଁ ନିର୍ଦ୍ଦିଷ୍ଟ ପରିମାପ ଧାର୍ଯ୍ୟ କରି, ନିୟମିତ ଭାବରେ ସଂଶୋଧନ କରି ଏହି ସମସ୍ୟା ସମାଧାନ କରାଯାଇପାରିବ ।

***ଜମିଜମା ଦସ୍ତାବିଜ୍ ଦୁର୍ବଳ ଏବଂ ଅସ୍ପଷ୍ଟ ଥିବାରୁ ସାର୍ବଜନୀନ ସରକାରୀ ଜମିର ମୂଲ୍ୟାଙ୍କନ କରିବା ଦିନକୁ ଦିନ କଷ୍ଟକର ହୋଇପଡୁଛି :*** ଜମିଜମା ରେକର୍ଡ ଆଦୌ ନଥିବା, ଠିକ୍ ନଥିବା ଏବଂ ଅତି ପୁରୁଣା ହୋଇଥିବାରୁ ଜମି ଅକ୍ତିଆର କରିବା କ୍ଷେତ୍ରରେ ଏହାର ମୂଲ୍ୟ ନିର୍ଦ୍ଧାରଣ କରିବା ଅଧିକରୁ ଅଧିକ କଷ୍ଟକର ହୋଇପଡୁଛି । ଏଥିପାଇଁ ନିବେଶ ଆରମ୍ଭ କେବଳ ବିଳମ୍ବ ହେଉଛି ତାହା ନୁହେଁ ଉପଯୁକ୍ତ କ୍ଷତିପୂରଣ ଦେବାରେ ମଧ୍ୟ କଷ୍ଟକର ହୋଇପଡୁଛି ଏବଂ ଅନେକ କେସ୍ କୋର୍ଟ୍‌କୁ ଚାଲି ଯାଉଛି ଯାହାକି ସିଙ୍ଗୁରରେ କରାଯାଇଥିବା ଜମି ଅକ୍ତିଆରରୁ ଜଣାପଡୁଛି । (ଘଟକ et al. ୨୦୧୩)

### *୩.୭.୨ ସୁପାରିଶ*

***ଶେଷରେ ତୁଳନାତ୍ମକ ଭାବରେ ତ୍ରୁଟିଶୂନ୍ୟ କରିବା ପାଇଁ ସଂଗଠିତ ଭାବରେ ଟିକସ ରେଜିଷ୍ଟର ଅଧୁନାତନ କରିବା ଆବଶ୍ୟକ :*** ବିଶ୍ୱସ୍ତରୀୟ ଅନୁଭବରୁ ଜଣାପଡିଛି ଯେ, ସଂପତ୍ତି ଟିକସସଂଗ୍ରହ ବୃଦ୍ଧି କରିବା ପାଇଁ ପ୍ରଥମ ପଦକ୍ଷେପ ଅନୁସାରେ ଉତ୍ତମ ଟିକସ ପ୍ରଶାସନ ଅତ୍ୟନ୍ତ ଆବଶ୍ୟକ ଅଟେ । ଏହା ସମ୍ଭବ ହେଲେ ହିଁ ପରବର୍ତ୍ତୀ କାଳରେ ବଡ ଧରଣର ସୁଧାର ସମ୍ଭବତଃ କରାଯାଇପାରିବ । (କେଲି ୨୦୧୩) । ଟିକସ ସଂଗ୍ରହ ପରିସର ବୃଦ୍ଧି କରିବା ପାଇଁ ଏକ ଜିଆଇଏସ୍ -ଆଧାରିତ ରେଜିଷ୍ଟର ପ୍ରସ୍ତୁତ କଲେ ତାହା ରାଜସ୍ୱ ସଂଗ୍ରହ ହାର ୮୫ ଶତକଡା ବୃଦ୍ଧି କରିବାରେ ସାହାଯ୍ୟ କରିପାରିବ, ଏହା ଜବାହରଲାଲ୍ ନେହେରୁ ନେସ୍‌ନାଲ୍ ଅର୍ବାନ୍ ରିନ୍ୟୁଆଲ୍ ମିଶନ୍ (JNNURM) ଦ୍ୱାରା ମୁଖ୍ୟ ଭାବରେ ସୁପାରିଶ କରାଯାଇଛି । ଏହି ଦିଗରେ ଉଲ୍ଲେଖଯୋଗ୍ୟ ସଫଳତା ପ୍ରାପ୍ତ କରିଥିବା ମଧ୍ୟରେ ବାଙ୍ଗାଲୁରୁ, ଅହମ୍ମଦାବାଦ ଅନ୍ୟତମ । ଫଳରେ ଅହମ୍ମଦାବାଦରେ ଲୋକପ୍ରିଛା ଅଧିକ ସଂଖ୍ୟକ ସଂପତ୍ତି ମାପ କରାଯାଇପାରିଛି (ବନ୍ଦୋପାଧ୍ୟାୟ ୨୦୧୪) । କେବଳ ଏହା ନୁହେଁ ଯେ ଏରିଆ ଅନୁସାରେ ମୂଲ୍ୟ ନିର୍ଦ୍ଧାରଣ କରିବା ପ୍ରଣାଳୀକୁ ପରବର୍ତ୍ତନ କରି ସଂପତ୍ତି ଟିକସ ରାଜସ୍ୱ ବୃଦ୍ଧି କରିବା ସମ୍ଭବ ହୋଇଛି ତାହା ନୁହେଁ, ଟିକସ ଲାଗୁ କରିବା ପରିସର ମଧ୍ୟ ବୃଦ୍ଧି କରାଯାଇଛି ଯେହେତୁ ଖାଲି ଥିବା ଜମି ପାଇଁ ପୂର୍ବରୁ ଟିକସଦେବାକୁ ପଡୁ ନଥିଲା । ବାଙ୍ଗାଲୁରୁ କ୍ଷେତ୍ରରେ, ଏକ ସହରାଞ୍ଚଳ କାଡାଷ୍ଟ୍ରେର ଯୋଜନାବଦ୍ଧ ସଂଗଠିତ ଭାବରେ ସ୍ଥାପନ କରିବା ଏବଂ ୟୁପିଓଆର୍ (UPOR) ଅନ୍ତର୍ଗତ ପ୍ରସ୍ତୁତ କରାଯାଇଥିବା ମଡେଲ୍ ଅନୁସରଣ ପୂର୍ବକ ସଂପତ୍ତି ଦସ୍ତାବିଜ ପ୍ରସ୍ତୁତ କରିବା ପାଇଁ ଏହା ଏକ ମୂଳଭିତ୍ତି ହିସାବରେ କାର୍ଯ୍ୟ କରିଛି, ଏହା ଉଭୟ ପ୍ରଣାଳୀ ମଧ୍ୟରେ ଅନୁପୂରକତା ଦର୍ଶାଉଛି ।

***ମୂଲ୍ୟାଙ୍କନ କଲାବେଳେ ସର୍ବଦା ସମାନ ପରିମାପ ରହିବା ଉଚିତ୍ :*** ଜମି ମୂଲ୍ୟାଙ୍କନ ଏବଂ ମୂଲ୍ୟବୃଦ୍ଧି ଆଡଜଷ୍ଟ କରିବା ପାଇଁ ଆବଶ୍ୟକ ନିୟମ ନିର୍ଦ୍ଧାରଣ କରିବା ହେଉଛି ଏକ ଉତ୍ତମ କାର୍ଯ୍ୟ ଅଭ୍ୟାସ । ମୂଲ୍ୟ ଅଧୁନାତନ କରିବା ପାଇଁ ଏକ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ସର୍କଲ ରେଟ୍ ଧାର୍ଯ୍ୟ ପାଇଁ ନିର୍ଦ୍ଦେଶାବଳୀ ଇସ୍ୟୁ କରିବା ଆବଶ୍ୟକ ଏବଂ ତା ସହିତ ସେହି ମୂଲ୍ୟ ପରିସର ରେଞ୍ଜ୍ ଭିତରେ ୟୁଏଲ୍‌ବି ULB) ଗୁଡିକୁ କିଛି ପରିମାଣରେ ସ୍ୱାଧୀନତା ଦେବା ଉଚିତ୍ ଯେପରିକି ସେମାନେ କିଛି ପରିମାଣ ଆଡଜଷ୍ଟ କରିପାରିବେ ଏବଂ ସଂଗ୍ରହ ପାଇଁ ଉପଯୁକ୍ତ ଉପାୟ ପ୍ରସ୍ତୁତ କରିପାରିବେ ।ଏକ ସ୍ପଷ୍ଟ ପରିମାପ ଅନୁସରଣ କରୁଥିବା ଏକ ସ୍ୱାଧିନ ପାର୍ସଲ୍-ନିର୍ଦ୍ଦିଷ୍ଟ ମୂଲ୍ୟାଙ୍କନ ପ୍ରଣାଳୀ ଇଛା ଅନୁସାରେ ଧାର୍ଯ୍ୟ କରିବାର ଅଧିକାର ହଟାଇବାରେ ସାହାଯ୍ୟ କରିବ ଏବଂ ଏହା ସୁପାରିଶ କରାଯିବା ଉଚିତ୍ ଯଦିଓ ତଥ୍ୟ ଦୃଷ୍ଟିକୋଣରୁ ଏହା ଅତ୍ୟନ୍ତ କଷ୍ଟକର[୧୩] ।

***ଟିକସଗତ ସଂସ୍କାରରୁ ପ୍ରାପ୍ତହୋଇଥିବା ଲାଭର ସମ୍ଭାବନା ଅଧିକ ସଂଗଠିତ ଭାବରେ ମାପ କରନ୍ତୁ :*** ଅନେକ ସହରରେ ବର୍ତ୍ତମାନରେ ପ୍ରଚଳିତ ଥିବା ଟିକସ ରେଜିଷ୍ଟରର ବ୍ୟବହାର ଟିକସ ପ୍ରଶାସନ ଭିତରେ ଟାକ୍ସ ପରିସରରେ ପରିବର୍ତ୍ତନ କିମ୍ବା ଏହାର ହାରରେ ପରିବର୍ତ୍ତନ ପ୍ରଭୃତିରେ ସମ୍ଭାବିତ ପ୍ରଭାବ ତ୍ୱରାନ୍ୱିତ କରିବା କେବଳ ସମ୍ଭବ କରିବ ତାହା ନୁହେଁ ଏହା ମଧ୍ୟ ଅନାବଶ୍ୟକ ଭାବରେ ଟାକ୍ସ ଛାଡ କରିବାର ପ୍ରବଧାନର ମଧ୍ୟ ଅନ୍ତ କରିଦେବ । ୟୁଏଲ୍‌ବି (ULB) କୁ ଟିକସ ସଂଗ୍ରହ କାରବାର ଏବଂ କୌଣସି ପଲିସି ସିଦ୍ଧାନ୍ତର ବିଷୟରେ ସଚେତନ କରିବା ସଙ୍ଗେସଙ୍ଗେ ଏହା ମଧ୍ୟ ମାପ କରିବାରେ ସେମାନଙ୍କୁ ସାହାଯ୍ୟ କରିବ ଯେ, ସେମାନଙ୍କ ଦ୍ୱାରା ଧାର୍ଯ୍ୟ କରାଯାଉଥିବା ଲକ୍ଷ୍ୟର କେତେ ଅଂଶ ସେମାନେ ପୂରଣ କରିବା ପାଇଁ ସମର୍ଥ ହେବେ ଏବଂ ଏହି ସମସ୍ୟାକୁ ଅଧିକ ସକ୍ରିୟ ସହିତ ପରିଚାଳନା କରିବେ ଏବଂ ଏଥିରେ ସଂପୃକ୍ତ ବ୍ୟକ୍ତିମାନଙ୍କୁ କାରବାର ବିଷୟରେ ଦୃଷ୍ଟାନ୍ତ ଦେଇପାରିବ ।

## ୩.୮ ଜମି ବିବାଦ

### *୩.୮.୧ ସମସ୍ୟା ନିର୍ଣ୍ଣୟ*

***ବିଭିନ୍ନ ଉପାୟରେ ଦୁର୍ବଳ ଜମିଜମା ଦସ୍ତାବିଜ ଘରୋଇ ବିବାଦ ସୃଷ୍ଟି କରୁଛନ୍ତି :*** ଯେପରିକି ଏହି ସମସ୍ୟା ଆଗରୁ ଆଲୋଚନା କରାଯାଇଛି, ସମସ୍ତ ଦାବିଯୋଗ୍ୟ ବ୍ୟକ୍ତିକୁ ଦସ୍ତାବିଜଅନ୍ତର୍ଗତ କରାଯାଇନାହିଁ, ରେକର୍ଡ ଏବଂ ରେଜିଷ୍ଟ୍ରେସନ୍ ପରସ୍ପର ତୁଳନା କରି ମିଳାଯାଇନାହିଁ, ଏବଂ ସ୍ଥାନ ଦିଗ ଭିତ୍ତିକ ଦସ୍ତାବିଜ ବହୁ ପୁରୁଣା ଆଉ ବ୍ୟବହାରରେ ନାହିଁ ପ୍ରଭୃତି ସମସ୍ୟା ସଂପତ୍ତି ଜାଲିଆତି କରିବାରେ ସୁଯୋଗ ଦେଇଥାଏ ।ଏହା ଯୋଗୁଁ ମଧ୍ୟ ଘରୋଇ ଦଳମାନଙ୍କ ମଧ୍ୟରେ ଉଚ୍ଚସ୍ତରୀୟ ଜମି ବିବାଦ ସୃଷ୍ଟି କରିଥାଏ ।ଏହି ଦାବିକୁ ପ୍ରମାଣିତ କରିବା ପାଇଁ କୋର୍ଟ ସୁପାରିଶ ତଥ୍ୟ ଭଲ ଭାବରେ ବିଶ୍ଳେଷଣ କରାଯିବା ଉଚିତ୍ । ଜମି ଦସ୍ତାବିଜର ଗୁଣାତ୍ମକମାନ ଏବଂ ବିବାଦର ପ୍ରଭାବ ମଧ୍ୟରେ ମଜଭୁତ ସଂପର୍କ ଥିବାର ପରିସ୍ଥିତିଗତ ପ୍ରମାଣ ଏହାକୁ ସମର୍ଥନ କରୁଛି । ତେଣୁ ଏଥିରୁ ଜଣାପଡୁଛି ଯେ, ଜମିଜମା ସମ୍ବନ୍ଧିତ ବିବାଦ କମ୍ କରିବା ପାଇଁ ଜମି ପ୍ରଶାସନରେ ଉନ୍ନତି ଆଣିବା ହେଉଛି ଏକ ଉନ୍ନତ ପଦକ୍ଷେପ ।

***ବାକିଥିବା ଜମି ବିବାଦର ସଂଖ୍ୟା ଅଧିକ ଅଟେ ଏବଂ ଏହା ଜମି ବ୍ୟବହାରର କ୍ଷମତା ବହୁପରିମାଣରେ କମ୍ କରିଦିଏ :*** ବିଭିନ୍ନ ଉପାୟରେ ଦୁର୍ବଳ ଜମିଜମା ରେକର୍ଡ ଘରୋଇ ବିବାଦ ସୃଷ୍ଟି କରନ୍ତି । ଅଧିକାଂଶ ରାଜ୍ୟରେ ସାଧାରଣ ଶ୍ରେଣୀଭୁକ୍ତକରଣର ଅଭାବରୁ ଜମି ବିବାଦ ଏବଂ ଅନ୍ୟ ପ୍ରକାର ବିବାଦ ଅଲଗା ଅଲଗା କରିବା କଷ୍ଟକର ହୋଇପଡୁଛି । ବିହାରରୁ ୨୦୧୦ ରେ ନିଆଯାଇଥିବା ଆକଳନ ଅନୁସାରେ ଦେୱାନୀ କେସ୍ ସଂଖ୍ୟାର ପ୍ରାୟ ୮୦ ଶତକଡା ହେଉଛି ଜମିଗତ ବିବାଦ (କିମ୍ବା ୨୦,୮୭୬କେସ୍), ଯେତେବେଳେ

---

୧୩ କୌଣସି ନିର୍ଦ୍ଦିଷ୍ଟ ପରିମାପ ନଥାଇ ଇଛା ଅନୁସାରେ ମୂଲ୍ୟ ନିର୍ଦ୍ଧାରଣ ପ୍ରଣାଳୀ ହଟିବାରେ ସାହାଯ୍ୟ ହୋଇପାରିବ ଯଦି ପେଶାଦାର ବ୍ୟକ୍ତି ମାନଙ୍କ ଦ୍ୱାରା ସ୍ୱାଧିନ ଭାବରେ ମୂଲ୍ୟାଙ୍କନ କରାଯିବ ।ଏହା କରିବା ଦ୍ୱାରା ମୂଲ୍ୟାଙ୍କନ ପ୍ରଣାଳୀ ଏକ ସ୍ପଷ୍ଟ ପରିମାପ ଅନୁସରଣ କରିବ । ଲଗାତାର ଭାବରେ ତାଲିକା ଭୁକ୍ତ କରିବା ଏବଂ ଟାକ୍ସ ଉଦ୍ଦେଶ୍ୟରେ ସଂପତ୍ତିର ମୂଲ୍ୟ ନିର୍ଦ୍ଧାରଣ କରିବା ଏବଂ ସମସ୍ତ ମ୍ୟୁନିସିପାଲ୍‌ଟି ଗୁଡିକରେ ଏକ ନିର୍ଦ୍ଦିଷ୍ଟ ସାଧାରଣକୃତ ପ୍ରଣାଳୀ ସୁନିଶ୍ଚିତ କରିବା ପାଇଁ ପଶ୍ଚିମବଙ୍ଗରେ ରାଜ୍ୟ ମୂଲ୍ୟାଙ୍କନ ବୋର୍ଡ ଦ୍ୱାରା ଏକ ସଂଗଠିତ ଫିଲ୍ଡ୍ ଆଧାରିତ କାର୍ଯ୍ୟ ପ୍ରଣାଳୀ ପ୍ରଣୟନ କରାଯାଇଅଛି ।ଏହା ଏକ ଉତ୍ତମ ଉଦାହରଣ ଯେଉଁଠାରେ ରାଜ୍ୟ ସ୍ତରୀୟ ମୂଲ୍ୟାଙ୍କନ ବୋର୍ଡ ନିର୍ଦ୍ଦେଶାବଳୀ ଧାର୍ଯ୍ୟ କରିଥାଏ ଏବଂ ତାହା ୟୁଏଲ୍‌ବି (ULB) କାର୍ଯ୍ୟକାରୀ କରନ୍ତି ।

ଫୌଜଦାରୀ କେସ୍‌ର ପ୍ରାୟ ୭୦ ଶତକଡା କେସ୍ ଏହି ଜମି ବିବାଦରୁ ହିଁ ଆରମ୍ଭ ହୋଇଛି । ଗ୍ରାମାଞ୍ଚଳ ଏବଂ ଯୋଜନାବଦ୍ଧ ଭାବରେ ସ୍ଥାପନ ହୋଇଥିବା ସହରାଞ୍ଚଳ ଗୁଡିକରେ ସାଧାରଣତଃ ବିବାଦ ସ୍ତର କମ୍ ଅଟେ କିନ୍ତୁ ଜମି ବ୍ୟବହାରର ବହୁଳ ପରିବର୍ତ୍ତନ ଏବଂ ଜମି ମୂଲ୍ୟରେ ବୃଦ୍ଧି ହେତୁ ସହରର ପାରିପାର୍ଶ୍ୱିକ ଅଞ୍ଚଳରେ ଏହି ବିବାଦ ସଂଖ୍ୟା ଅତ୍ୟଧିକ ଅଟେ । ଯେହେତୁ କୋର୍ଟ ବିଚାରାଧିନ କେସ୍ ନିବେଶ କମ୍ କରେ ଏବଂ ଜମି ବ୍ୟବହାରର ଦକ୍ଷତା ମଧ୍ୟ କମ୍ କରେ, ସାମାଜିକ ଏବଂ ଆର୍ଥିକ ପ୍ରଭାବ ବେଳେବେଳେ ଅଧିକ ପରିମାଣ ହୋଇଥାଏ । ଓଡିଶାରୁ ପ୍ରାପ୍ତ ହୋଇଥିବା କୋର୍ଟ ତଥ୍ୟରୁ ଜଣା ପଡିଛି ଯେ, ୨୦ ଶତକଡାରୁ ଅଧିକ ଜମି ସଂପର୍କିତ କୋର୍ଟ କେସ୍ ପାଞ୍ଚ ବର୍ଷରୁ ଅଧିକା ହେଲା ସମାଧାନ ନହୋଇ ବାକି ପଡିଛି । ଯେତେବେଳେ ସମାଜର ଦୁର୍ବଳ ବର୍ଗ ଔପଚାରିକ ଭାବରେ ଦାବି ଉପସ୍ଥାପନ କରିବାରେ କମ୍ ସମର୍ଥ ହେବେ, ଆଦିବାସୀ ମାଲିକାନା ପ୍ରଦାନ କରାଯାଇଥିବା ବ୍ୟକ୍ତି କିମ୍ବା ସାର୍ବଜନୀନ ସରକାରୀ ଜମିରେ ବସବାସ କରୁଥିବା ବ୍ୟକ୍ତି ବଳ ପୂର୍ବକ ହଟାଇବା ଜନିତ କେସ୍ ଅଧିକ ପରିମାଣରେ ଅନେକ ରାଜ୍ୟରେ ସମାଧାନ ହେବା ପାଇଁ ବାକି ରହିଛି ।

***ଜମି-ସଂପର୍କିତ ବିବାଦ ସମାଧାନ ପ୍ରକ୍ରିୟାର ଗୁଣାତ୍ମକମାନରେ ଉନ୍ନତି ଏବଂ ଏହି ପ୍ରକ୍ରିୟା ସହଜରେ ପ୍ରାପ୍ତକରିବା ଯୋଗୁଁ କିଛି ସଫଳତା ପ୍ରାପ୍ତହୋଇଛି :*** ପଞ୍ଚାୟତ ସ୍ତରରେ ଔପଚାରିକ ଗ୍ରାମାଞ୍ଚଳ କୋର୍ଟ (ଗ୍ରାମ ନ୍ୟାୟାଳୟ) ସଂପତ୍ତି କ୍ରୟ କରିବାର ଅଧିକାର, ଗୋଚର ଜମିର ସାଧାରଣ ବ୍ୟବହାର, ଜଳ ସେଚନ ସୁବିଧାର ବ୍ୟବହାର, କୂପ ଏବଂ ଜଳସ୍ରୋତ, ଗ୍ରାମ ଏବଂ ଫାର୍ମ ହାଉସ୍ ନେଇ ହେଉଥିବା ବିବାଦ ବିଚାର କରିବାର ଅଧିକାର ରହିଛି ।ଏହି ସ୍ତରରେ ପଞ୍ଚାୟତ ଗୁଡିକରେ ଆଇନସ୍ନାତକଧାରୀ ବ୍ୟକ୍ତିମାନଙ୍କୁ ନିଯୁକ୍ତି ଦେବାରୁ ଗୁଣାତ୍ମକ ଉଚ୍ଚମାନର ଏବଂ ଆଇନ୍‌ଗତ ନିଷ୍ପତ୍ତି ଶିଘ୍ର ଦେବାରେ ସଫଳ ହେବାର ରିପୋର୍ଟ ପ୍ରାପ୍ତ ହୋଇଛି ।

### ୩.୮.୨ ସୁପାରିଶ

***କୋର୍ଟ କେସ୍‌ର ଲୋଡ୍ ଭଲ ଭାବରେ ଶ୍ରେଣୀଭୁକ୍ତ ଏବଂ ପର୍ଯ୍ୟବେକ୍ଷଣ କରିବା ପାଇଁ କୋର୍ଟ କାର୍ଯ୍ୟକୁ କଂପ୍ୟୁଟରକରଣ କରାଯିବା ଉଚିତ:*** ପ୍ରକୃତ ସମୟରେ ବିଭିନ୍ନ ପ୍ରକାର ବିବାଦ ରେକର୍ଡ କରିବା ଏବଂ ନୀତି ମାଧ୍ୟମରେ ସମାଧାନ କରିବା ପାଇଁ ଏବଂ ସବୁଠାରୁ ସମସ୍ୟା ବହୁଳ କେସ୍ ଗୁଡିକ ଚିହ୍ନଟ କରିବାପାଇଁ କୋର୍ଟ କାର୍ଯ୍ୟର କଂପ୍ୟୁଟରକରଣ ଏକ ଉତ୍ତମ ମାଧ୍ୟମ ପ୍ରଦାନ କରିଥାଏ । କେତେକ ରାଜ୍ୟରେ ନିର୍ଦ୍ଦିଷ୍ଟ କେସ୍‌ରେ ଏହାର ଉତ୍ତମ ଫଳ ମିଳିଛି, ଜମି-ସଂପର୍କିତ କେସ୍ ଅଧିକ ସ୍ୱଚ୍ଛତାର ସହିତ ଶ୍ରେଣୀଭୁକ୍ତ କଲେ ଏଥିରେ ସମ୍ବନ୍ଧିତ ଭାବରେ ମିଶି ରହିଥିବା ଉତ୍ତମ ଫଳାଫଳ ଭଲ ଭାବରେ ପ୍ରାପ୍ତ କରିହେବ ଏବଂ ତା ସହିତ ସମସ୍ୟା ଗୁଡିକ ଶିଘ୍ର ଚିହ୍ନଟ କରିବାରେସାହାଯ୍ୟ କରିବ, ଆବଶ୍ୟକ ଅନୁସାରେ ପଦକ୍ଷେପ ନେଇ ହେବ ଏବଂ କାର୍ଯ୍ୟଦକ୍ଷତା ପରିଚାଳନା କରିହେବ ।

***ପୁରୁଣା ବକେୟା କେସ୍ ସମାଧାନ କରିବା ପାଇଁ ଟ୍ରିବ୍ୟୁନାଲ୍ ସ୍ଥାପନ କରନ୍ତୁ:*** ବିଚାର ମାଧ୍ୟମର ଖର୍ଚ୍ଚ ବହୁଳତା ଏବଂ ଧିର ଗତିକୁ ଆଖି ଆଗରେ ରଖି ଏହା ପରାମର୍ଶ ଦିଆଯାଉଛି ଯେ ବିଶେଷ ଟ୍ରିବୁନାଲ୍ ସ୍ଥାପନ କରି ଜମି ବିବାଦ ଗୁଡିକ ଶିଘ୍ର ସମାଧାନ କରିବା ଉଚିତ । ବିହାର୍ ଜମି ବିବାଦ ସମାଧାନ (BLDR) ଅଧିନିୟମ ୨୦୦୯, ଯାହାକି ଏକ ସମାହାର ଏବଂ ବିବାଦ ସମାଧାନ ଏବଂ ପ୍ରଣାଳୀ ପାଇଁ ଏକ ନିର୍ଦ୍ଦିଷ୍ଟ ସମୟ ସୀମା ନିର୍ଦ୍ଧାରଣ କରିଛି, ଦର୍ଶାଏ ଯେ ଏଭଳି ପୁରୁଣା ବକେୟା କେସ୍ ଶିଘ୍ର ଏବଂ ସଫଳତାର ସହିତ ସମାଧାନ କରିବା ପାଇଁ ଏକ ସମାନ ପ୍ରକାରର ପ୍ରଣାଳୀ ଏବଂ ଫୋରମ୍ ଅନେକ ଆବଶ୍ୟକତା ହୋଇଥାଏ । ଏହି ବ୍ୟବସ୍ଥା ଅନୁସାରେ ଡେପୁଟି କଲେକ୍‌ଟର୍ ଲ୍ୟାଣ୍ଡ ରିଫର୍ମ (DCLR) ହେଉଛି ପ୍ରଥମ କୋର୍ଟ ଏବଂ ତାପରେ ଏହାର ଆପିଲେଟ୍ କର୍ତ୍ତୃପକ୍ଷ ହେଉଛି ଡିଭିଜିନାଲ୍ କମିଶନର । ମାର୍ଚ୍ଚ ୨୦୧୩ ସୁଦ୍ଧା, ଏହି ଅଧିନିୟମ ଅନ୍ତର୍ଗତ ୨୯,୬୪୯କେସ୍ ଫାଇଲ୍ କରାଯାଇଛି ଏବଂ ଏଥି ମଧ୍ୟରୁ ୨୦,୨୯୭ କେସ୍ ସମାଧାନ କରାଯାଇଛି । ଗୋଟିଏ ବର୍ଷ ଭିତରେ ୯୦% କେସ୍ ସମାଧାନ ହୋଇ ପାରିଥିଲା, ଏହାକୁ ଦେୱାନୀ କୋର୍ଟ ସହିତ ତୁଳନା କଲେ ଜମି-ସଂପର୍କିତ କେସ୍‌ର ୯୦ଶତକଡା ସମାଧାନ ପାଇଁ ଦୁଇ ବର୍ଷ କିମ୍ବା ତାଠାରୁ ଅଧିକ ସମୟ ନେଇଥାଏ । ଏଥିରୁ ପ୍ରାପ୍ତ ହୋଇଥିବା ଶିକ୍ଷା/ଫଳାଫଳ ବିହାର ଜମି ଟ୍ରିବ୍ୟୁନାଲ୍ ଡିଜାଇନ କରିବାରେ ଅନ୍ତର୍ଭୁକ୍ତ କରାଯାଇଛି, ଯାହାକି ୨୦୧୩ଗଠନ କରାଯାଇଥିଲା ।

***ସହଜରେ ନ୍ୟାୟ ପ୍ରାପ୍ତି କରିବାରେ ଉନ୍ନତି ଆଣିବା ଉଚିତ ଏବଂ କୋର୍ଟ ବାହାରେ ବିବାଦ ସମାଧାନ ପାଇଁ ପ୍ରୋତ୍ସାହନ କରିବା ଉଚିତ :*** ଦେୱାନୀ ବିବାଦ ସମାଧାନର ନିୟମିତ ମାଧ୍ୟମକୁ ଛାଡି, ୧୯୮୭ ଆଇନ ସେବା କର୍ତ୍ତୃପକ୍ଷ ଅଧିନିୟମ ଏହା ଅଧିକାର ଦିଏ ଯେ କୋର୍ଟରେ ପଡିରହି ଥିବା ବ୍ୟାକ୍‌ଲଗ୍ କେସ୍ ଗୁଡିକ ସମାଧାନ କରିବା ପାଇଁ ଲୋକ ଅଦାଲତରର ଉପଯୋଗ କରିବା ଉଚିତ, ତାହା ହେଉଛି କେସ୍ ଗୁଡିକ ଶିଘ୍ର ଶିଘ୍ର ସମାଧାନ କରିବା ପାଇଁ ବିଶେଷ ଭାବରେ କୋର୍ଟ ସ୍ଥାପନ କରାଯିବ, କିନ୍ତୁ ସେହି କୋର୍ଟ ଗୁଡିକର ବିଚାର ପରିସର ଏଭଳି ସୀମିତ ରହିବ, ବିବାଦରେ ସଂପୃକ୍ତ ଦଳ ଏ ପ୍ରକାର କୋର୍ଟର ନିଷ୍ପତ୍ତି ମାନିବା ପାଇଁ ରାଜି ହୋଇଛନ୍ତି କିମ୍ବା ଏକ ନିୟମିତ କୋର୍ଟ ଦ୍ୱାରା ସେହି କେସ୍‌ଟି ସମାଧାନ ପାଇଁ ପଠାଯାଇଛି । ଏହି କୋର୍ଟ ଦ୍ୱାରା ଦିଆଯାଇଥିବା ନିଷ୍ପତ୍ତି ଏକ ରାଜିନାମା ରୁପରେ ହିଁ ଦିଆଯାଇ ଥାଏ ଏବଂ ଏଥିରେ ଏକ ଫୌଜଦାରୀ କୋର୍ଟର ମାନ୍ୟତା ରହିଥାଏ ଏବଂ ଏହି ନିଷ୍ପତ୍ତି ବିରୁଦ୍ଧରେ କୌଣସି ଅପିଲ୍ କରାଯାଇ ପାରେ ନାହିଁ ।

## ୩.୯ ଅନୁଷ୍ଠାନଗତ ବନ୍ଦୋବସ୍ତ

### ୩.୯.୧ ସମସ୍ୟା ନିର୍ଣ୍ଣୟ

***ଏକ ନିର୍ଦ୍ଦିଷ୍ଟ ଦାୟିତ୍ୱ ଏକାଧିକ ବିଭାଗକୁ ନ୍ୟସ୍ତ ହେବା ଯୋଗୁଁ ଦ୍ୱନ୍ଦ ଏବଂ ତ୍ରୁଟି ସୃଷ୍ଟି ହୋଇଥାଏ :*** ଅଧିକାଂଶ ରାଜ୍ୟରେ ଜମିର ଦାୟିତ୍ୱ ଅତି କମ୍‌ରେ ଚାରୋଟି ବିଭାଗ ଏବଂ କେତେକ ସ୍ୱାଧୀନ ସଂସ୍ଥା ଦ୍ୱାରା ନ୍ୟସ୍ତ ହୋଇଥାଏ ।ଜଙ୍ଗଲ ଜମି ଜଙ୍ଗଲ ବିଭାଗ ଦ୍ୱାରା ପରିଚାଳିତ ହୋଇଥାଏ, ସାର୍ବଜନୀନ ସରକାରୀ ଜମି ଏବଂ ଘରୋଇ କୃଷି ଜମି ତା ସହିତ ସାଧାରଣ ଜମି ରାଜସ୍ୱ ବିଭାଗ ଦ୍ୱାରା ପରିଚାଳିତ ହୋଇଥାଏ, ସହରାଞ୍ଚଳ ଭୂମି ୟୁଏଲ୍‌ବି (ULB) ଦ୍ୱାରା ପରିଚାଳିତ ହୁଏ,ଗ୍ରାମାଞ୍ଚଳର ଆବାସିକ ଅଞ୍ଚଳ ସ୍ଥାନୀୟ ଗ୍ରାମାଞ୍ଚଳ ସରକାରୀ ସଂସ୍ଥା ଦ୍ୱାରା ପରିଚାଳିତ ହୋଇଥାଏ । ଏହା ବ୍ୟତୀତ ଜମି ବ୍ୟବହାର ଯୋଜନା ସହର ଏବଂ ଦେଶ ଯୋଜନା ବିଭାଗ ଅନ୍ତର୍ଗତ ପରିଚାଳିତ ହୋଇଥାଏ, ଯାହାକି ସହରାଞ୍ଚଳ ବିକାଶ ବିଭାଗ ଅନ୍ତର୍ଗତ ଅଟେ, ଶିଳ୍ପୀୟ ବ୍ୟବହାର ପାଇଁ ଜମି ଶିଳ୍ପୀୟ ବିକାଶ ବୋର୍ଡ ଦ୍ୱାରା ଅକ୍ତିଆର ହୋଇଥାଏ । ଉପରୋକ୍ତ ତଥ୍ୟ ଗୁଡିକରୁ ଜଣାପଡୁଛି ଯେ, ଏ ସମସ୍ତ ଅନୁଷ୍ଠାନଗୁଡିକ ଭିନ୍ନ ଭିନ୍ନ ମ୍ୟାପ୍ ସୃଷ୍ଟି କରୁଥିବାରୁ ଏକ ନିର୍ଦ୍ଦିଷ୍ଟ ଦାୟିତ୍ୱ ଏକାଧିକ ଅନୁଷ୍ଠାନ ଦ୍ୱାରା ପରିଚାଳିତ ହେବାର ସମ୍ଭାବନା ସୃଷ୍ଟି କରିଥାଏ ଏବଂ କାରବାର ଖର୍ଚ୍ଚ ମଧ୍ୟ ବୃଦ୍ଧି କରେ ଏବଂ କୌଣସି ପ୍ରକାର ବିବାଦ ସୃଷ୍ଟି ହେଲେ ତାର ସମାଧାନ କରିବା ଖର୍ଚ୍ଚ ମଧ୍ୟ ଅତ୍ୟଧିକ ହୋଇଥାଏ । ସେହି ସମାନ ବିଭାଗର ବିଭିନ୍ନ ଶାଖାଗୁଡିକ ମଧ୍ୟରେ ଏବଂ ବିଭିନ୍ନ ବିଭାଗ ମଧ୍ୟରେ ଜମିଜମା ତଥ୍ୟ ସଂଗଠିତ ଭାବରେ ଅଂଶିଦାର ହେବା ଅଭାବରୁ ସ୍ୱଚ୍ଛ ଏବଂ ବିବାଦହୀନ ମାଲିକାନା ରେକର୍ଡ ପ୍ରସ୍ତୁତ କରିବା ଆଡକୁ ଗତି କରିବା ପ୍ରାୟ ଅସମ୍ଭବ ହୋଇପଡେ ।

***ଜମିଜମା ରେକର୍ଡ ବଜାୟ ରଖିବାକୁ ଆଉ ଅଗ୍ରାଧିକାର ଦିଆଯାଉନାହିଁ :*** କେବଳଜମି ରେକର୍ଡ ଉପରେ ଧ୍ୟାନ କେନ୍ଦ୍ରିଭୂତ ହେବା ଛାଡି ରାଜସ୍ୱ ବିଭାଗର ସାଧାରଣ ପ୍ରଶାସନିକ କାର୍ଯ୍ୟ ପ୍ରାୟ ସମସ୍ତ ରାଜ୍ୟଗୁଡିକରେ ଅନେକ ସମୟ ଏବଂ ସମ୍ବଳ ନେଉଛି ଏବଂ ଜମିଜମା ପ୍ରଶାସନ ଏକ ଗୌଣ ପ୍ରକାରର କାର୍ଯ୍ୟ ଅବସ୍ଥିତିକୁ ଖସି ଆସୁଛି ।ଏହା ରାଜସ୍ୱ ବିଭାଗର ନୂଆ ଜ୍ଞାନକୌଶଳ ପ୍ରଣୟନ କରିବାର କ୍ଷମତା ବହୁ ଗୁଣରେ କମ୍ କରି ଦେଉଛି, ସବୁଠାରୁ ଅଗ୍ରଣୀ ଜ୍ଞାନକୌଶଳ ବ୍ୟବହାର ହେବା ପରିବର୍ତ୍ତେ ଏହା

ସେହି ସ୍ଥିର ଏବଂ ପୁରୁଣା ଜ୍ଞାନକୌଶଳ ବ୍ୟବହାରରେ ପଡି ରହିଛି । ଅଧିକାଂଶ ରାଜ୍ୟରେ ରାଜସ୍ୱ ବିଭାଗକୁ ଏକ 'ଦଣ୍ଡନୀୟ ପୋଷ୍ଟିଙ୍ଗ୍' ଭାବରେ ବିଚାର କରାଯାଉଛି ଫଳରେ ବୁଦ୍ଧିମାନ ଏବଂ ଅନୁଭବି ବ୍ୟକ୍ତି ଏହି ବିଭାଗରେ ପୋଷ୍ଟିଙ୍ଗ୍ ହେବା ପାଇଁ ଇଚ୍ଛା ପ୍ରକାଶ କରୁନାହାନ୍ତି । ଫଳରେ ବିଭାଗର ନିମ୍ନ ସ୍ତରରେ କାର୍ଯ୍ୟ ଦକ୍ଷତାଜନିତ ମାନଦଣ୍ଡ ସ୍ଥିର କରିବା ଏବଂ ରେକର୍ଡ ବଜାୟ ରଖିବାରେ ଉଚ୍ଚ ମାନଦଣ୍ଡ କାର୍ଯ୍ୟକାରୀ କରିବା ସମ୍ଭବ ହୋଇପାରୁନାହିଁ ।ଏହା ପ୍ରକୃତ କଥା ଯେ, ପଶ୍ଚିମବଂଗରେ ଜମିଜମା ଜନିତ କାର୍ଯ୍ୟଦକ୍ଷତା ଅଧିକ ଉଚ୍ଚ କୋଟିର ଅଟେ କାରଣ ସମସ୍ତ ଜମିଜମା ରେକର୍ଡ ବଜାୟ ରଖିବା ପାଇଁ ଗୋଟିଏ ବିଭାଗକୁ କେବଳ ସେହି କାର୍ଯ୍ୟରେ ହିଁ ନିୟୋଜିତ କରାଯାଇଛି ।

***ରାଜସ୍ୱ ବିଭାଗରେ ଉଭୟ କାର୍ଯ୍ୟକାରୀ କରିବା ଏବଂ ଆଇନ୍‌ଗତ ଶକ୍ତି/ସାମର୍ଥ ମିଶ୍ରଣ ଦ୍ୱନ୍ଦ ସୃଷ୍ଟି କରିପାରେ :*** ରାଜସ୍ୱ ବିଭାଗର କେବଳ ଜମିଜମା ପ୍ରଶାସନ ପାଇଁ ଅନେକ ଶକ୍ତି/ସାମର୍ଥ ରହିଛି ତାହା ନୁହେଁ, ଏହା ମଧ୍ୟ ଜମି ଅକ୍ତିଆର କରୁଛି ଏବଂ ତାଲୁକ୍ ସ୍ତରରେ ବିବାଦର ସମାଧାନ କରୁଛି, ସବୁଠାରୁ ବରିଷ୍ଠ ଅଧିକାରୀ ତହସିଲ୍‌ଦାର ପ୍ରଥମତଃ ବିବାଦ ସମାଧାନରେ ସାହାଯ୍ୟ କରୁଛନ୍ତି ।ଏହା ବ୍ୟତୀତ, ଏହା ମଧ୍ୟ ଯାଞ୍ଚ୍ କରିବା ଉଚିତ୍ ଯେ, ଏ ସମସ୍ତ କାର୍ଯ୍ୟ କରିବା ଦ୍ୱାରାଅଧିକ କାର୍ଯ୍ୟବୋଝ ହେଉଛି କି, ଏହା ମଧ୍ୟ ଯାଞ୍ଚ୍ କରିବା ଆବଶ୍ୟକ ସମାନ କର୍ତ୍ତୃପକ୍ଷଙ୍କ ହାତରେ ଉଭୟ କାର୍ଯ୍ୟକାରୀ ଏବଂ ଆଇନ୍‌ଗତ କାର୍ଯ୍ୟ ରହିବା ଶକ୍ତି/ସାମର୍ଥ ପୃଥକୀକରଣ ନିୟମକୁ ଉଲଙ୍ଘନ କରୁଛି ନା ନାହିଁ ଏବଂ ନିର୍ଦ୍ଦିଷ୍ଟ ସମସ୍ୟାରେ ବିପରିତ ମତ/ବିବାଦ ସୃଷ୍ଟି କରୁଛି ନା ନାହିଁ ।

***ବର୍ତ୍ତମାନର ଜମି ବ୍ୟବହାର ଯୋଜନା ବେଳେବେଳେ ଅତି ପୁରୁଣା ଏବଂ/କିମ୍ବା ପ୍ରଭାବଶୀଳ ନୁହେଁ :*** ରାଜ୍ୟ ସ୍ତରରେ ବେଳେବେଳେ ଜମି ବ୍ୟବହାର ଜନୀତ ନୀତି ଆଦୌ ନାହିଁ । ଅନେକ ଭାରତୀୟ ସହର ପାଇଁ ଜମି ବ୍ୟବହାର ଯୋଜନା ବହୁତ ଦିନ ତଳୁ ରଚନା କରାଯାଇଥିଲା ଏବଂ ଆଜି ପର୍ଯ୍ୟନ୍ତ ଅଧୁନାତନ କରାଯାଇନାହିଁ । ।ବିଭିନ୍ନ ଅନୁଷ୍ଠାନ ମଧ୍ୟରେ ଭାଗିଦାରୀ ପାଇଁ ଏକ ଉତ୍ତମ ବେସ୍‌ମ୍ୟାପ୍ ପ୍ରସ୍ତୁତ କରିବାରେ ବିଫଳତା ଏବଂ ସର୍ବସାଧାରଣଙ୍କ ସହିତ ମହତ୍ୱପୂର୍ଣ୍ଣ ପରାମର୍ଶ ପ୍ରଣାଳୀ ଅଭାବ ଭଳି ସମସ୍ୟା ଯୋଜନା ପ୍ରସ୍ତୁତ କରିବା ପ୍ରଣାଳୀକୁ ଜଟିଳ କରିଦେଉଛି ।ବହୁ ଦିନରୁ ପ୍ରସ୍ତୁତ କରାଯାଇଥିବା ପ୍ରଣାଳୀ ପ୍ରକୃତ କ୍ଷେତ୍ରରେ ଅତି ଅଳ୍ପ ପ୍ରଭାବ ପକାଇବାରେ ସମର୍ଥ ହେଉଛି କାରଣ ଏହି ପ୍ରଣାଳୀ ଉପରେ ଆଧାରିତ ଯୋଜନା କାର୍ଯ୍ୟକାରୀ କରିବାରେ କଷ୍ଟକର ହୋଇପଡୁଛି ।

## ୩.୯.୨ ସୁପାରିଶ

***ବିଭିନ୍ନ ବିଭାଗ ସେହି ସମାନ ମୂଳ ନକ୍ସାଅଂଶିଦାର କରିବାକୁ ଦିଅନ୍ତୁ :*** ଜମିଜମା ଦସ୍ତାବିଜରକ୍ଷଣାବେକ୍ଷଣ କରୁଥିବା ବିଭିନ୍ନ ବିଭାଗ ଏକ ଏକୀକୃତ କଂପ୍ୟୁଟରକରଣ କରାଯାଉଥିବା ଡାଟାବେସ୍ ବ୍ୟବହାର କରିବା ଦ୍ୱାରା, ଏହା କେବଳ ତୃଟି ଅନୁମାନ କରିବା ଏବଂ ଚିହ୍ନଟ କରିବା, ଗୋଟିଏ ଦାୟିତ୍ୱ ବିଭିନ୍ନ ବିଭାଗ ଉପରେ ନ୍ୟସ୍ତ ହେବା ପ୍ରଭୃତି ସମସ୍ୟାର ସଫଳ ସମାଧାନର ଏକ ପୃଷ୍ଠଭୂମି ପ୍ରସ୍ତୁତ କରିପାରିବ ତାହା ନୁହେଁ, ଏହା ମଧ୍ୟ ଜମି ବ୍ୟବହାର ଏବଂ ତାର ବ୍ୟବହାରିକ ପରିବର୍ତ୍ତନ ପର୍ଯ୍ୟବେକ୍ଷଣ କରିବ ଏବଂ ଜମି ଅଧିକାର ସ୍ପଷ୍ଟ କରିବା ପାଇଁ ମୁଖ୍ୟ ତୃଟି ଏବଂ ଅଭାବ ଚିହ୍ନଟ କରିବ ଏବଂ ଜମି ବ୍ୟବହାର ଯୋଜନାରେ ଉନ୍ନତି ଆଣିବ । ଉଦାହରଣ : ଫିଲିପାଇନ୍‌ସ୍‌ରେ ପ୍ରଣୟନ କରାଯାଇଥିବା "ଏକ ଦେଶ ଏକ ନକ୍ସା" ପଲିସିରୁ ଜଣା ପଡିଛି ଯେ, ଉଚ୍ଚ ସ୍ତରୀୟ ସହଯୋଗ ଆଧୁନିକ ଜ୍ଞାନକୌଶଳ ଏବଂ ଚିତ୍ର ପ୍ରସ୍ତୁତ କରିବା ତା ସହିତ, ସାମାଜିକ ଏବଂ ଅର୍ଥନୀତିକ ପରିସ୍ଥିତିର ଅନ୍ୟ ତଥ୍ୟ ସ୍ତର ଏଭଳି ଏକତ୍ରିକରଣ ଶିଘ୍ର ପ୍ରାପ୍ତ କରିବାରେ ସମ୍ଭବ ହେବ ଏବଂ ଉତ୍ତମ ଲକ୍ଷ୍ୟ ଭିତ୍ତିକ ନୀତି ପ୍ରସ୍ତୁତ ଏବଂ ପ୍ରଣୟନ କରିବା ପାଇଁ ଏହା ଏକ ଟୁଲ୍ ହିସାବରେ ବ୍ୟବହାର କରାଯାଇପାରିବ । ଭାରତୀୟ କ୍ଷେତ୍ରରେ, ଯେହେତୁ ଡିଜିଟାଲ୍ ଭାବରେ ଏବଂ ଭୌଗଳିକ-ଅବସ୍ଥିତି ଗ୍ରାମ ଗୁଡିକ ଚିହ୍ନଟ କରାଯାଇଛି ଏବଂ କେତେକ କ୍ଷେତ୍ରରେ ଅଧିକାଂଶ ରାଜ୍ୟରେ ପାର୍ସଲ୍ ମ୍ୟାପ୍ ମଧ୍ୟ ଉପଲବ୍ଧ ରହିଛି, ଯାହାକି ତଥ୍ୟ ମାନଦଣ୍ଡର ଭିତ୍ତି ସମୀକ୍ଷା ଏବଂ ସମାନତା ସହଜରେ ଚେକ୍ କରିବା ପାଇଁ ଏକ ଉପାୟ ପ୍ରସ୍ତୁତ କରିବାରେ ସମର୍ଥ ହେବ ଏବଂ ଏହା ହସ୍ତକ୍ଷେପ କରିବା ପାଇଁ ପ୍ରାଥମିକତା ଚିହ୍ନଟ କରିବାରେ ସାହାଯ୍ୟ କରିବ । ଏହାର ଲାଭ ବାଙ୍ଗାଲୁରୁ କ୍ଷେତ୍ରରେ ପରିଲକ୍ଷିତ ହେଉଛି ।

***ଏକକ ଜମି ପ୍ରଶାସନ ସଂସ୍ଥା ପ୍ରସ୍ତୁତ ପାଇଁ ବିକଳ୍ପର ଅନୁସନ୍ଧାନ କରନ୍ତୁ :*** ଅଧିକାଂଶ ରାଜ୍ୟରେ ଜମିଜମା ରେକର୍ଡ ଅଧୁନାତନ ରଖିବାର ଗୁରୁତ୍ୱପୂର୍ଣ୍ଣତା ଉପଲବ୍ଧି ଅଭାବରୁ ସଫଳ ଜମିଜମା ପ୍ରଶାସନ କମ୍ ହୋଇଯାଉଛି ଏବଂ ରାଜସ୍ୱବିଭାଗ ଭିତରେ ପ୍ରଶାସନିକ କାର୍ଯ୍ୟର କାର୍ଯ୍ୟବ୍ୟସ୍ତତାଯୋଗୁଁ ଏହାର ଟେକ୍‌ନିକାଲ୍ ଦକ୍ଷତା ବହୁ ପରିମାଣରେ କମ୍ ହୋଇଯାଉଛି । ଯେହେତୁ ବର୍ତ୍ତମାନର ରାଜସ୍ୱ ବିଭାଗର ସୀମିତ ସମ୍ବଳର ଅଧିକାଂଶ ସାଧାରଣ ପ୍ରଶାସନିକ କାର୍ଯ୍ୟ ପାଇଁ ଉପଯୋଗ ହୋଇଯାଉଛି, ଜମି ପରିଚାଳନା ଦାୟିତ୍ୱ ଏକ ଅଲଗା ଜମି ପ୍ରଶାସନ ବିଭାଗକୁ ନ୍ୟସ୍ତ କରାଯିବା ଉଚିତ୍,ଯେପରିକି ପଶ୍ଚିମବଙ୍ଗ ମଡେଲ୍ ଯେଉଁଠାରେ ଗୋଟିଏ ମାତ୍ର ସଂସ୍ଥା ରହିଛି ସେଥିପାଇଁ ଅନ୍ୟ ରାଜ୍ୟ ତୁଳନାରେ ଜମିଜମା ରେକର୍ଡର ପରିଚାଳନା ଅତି ଭଲ ଭାବରେ କରାଯାଇପାରୁଛି । ଏହି ବିଭାଗ ଉଭୟ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳର ସମସ୍ତ ପ୍ରକାର ଅଣ ଜଙ୍ଗଲ ଜମି ପ୍ରଶାସନର ଦାୟିତ୍ୱରେ ରହିବା ଉଚିତ୍ ।ତା ସହିତ ବେଳେବେଳେ ପୁନଃ ଅବଲୋକନ କରିବା ଏବଂ ଆବଶ୍ୟକତା ଅନୁସାରେ ପ୍ରଣାଳୀକୁ ସଙ୍ଗଠିତ କରିବା ଏହି ବିଭାଗର କାର୍ଯ୍ୟ ପରିସର ଅନ୍ତର୍ଗତ ରହିବା ଉଚିତ୍ । ଏହା ସୁନିଶ୍ଚିତ କରିସାରିବା ପରେ ଜମି ପ୍ରଶାସନର ସମସ୍ତ ଦୃଷ୍ଟିକୋଣ ଅନ୍ତର୍ଭୁକ୍ତ କରୁଥିବା ଏକକଜମି କୋଡ୍ ପ୍ରସ୍ତୁତ କରିବା ପାଇଁ ଚିନ୍ତା କରିବା ଉଚିତ୍ ।ସଂପୃକ୍ତ ବିଲ୍ ଏବଂ ମୁଖ୍ୟ ପ୍ରଚେଷ୍ଟା, ବିଶେଷ ଭାବରେ ଭୂ ଭାରତୀ ଅନ୍ତର୍ଗତ ଯାହା ବର୍ଣ୍ଣନା କରାଯାଇଛି, ସେ ସମସ୍ତର ଉତ୍ତମ ପ୍ରାବଧାନରୁ ମିଳିଥିବା ଶିକ୍ଷା ଆବଶ୍ୟକ ଅନୁସାରେ ଏହି ପ୍ରସ୍ତାବିତ ଜମି କୋଡର ଅନ୍ତର୍ଭୁକ୍ତ କରାଯିବା ଉଚିତ୍ ।

***ଜମି ରେକର୍ଡ ରକ୍ଷଣାବେକ୍ଷଣ ପାଇଁ ବିଭିନ୍ନ ଆର୍ଥିକ ଯୋଗାଣ ମଡେଲ୍ ମୂଲ୍ୟାଙ୍କନ କରିବା :*** ଅଧିକାଂଶ ରାଜ୍ୟର ରାଜସ୍ୱବିଭାଗ କର୍ମଚାରୀ ଅନ୍ୟ ଅଧିକ ଜରୁରୀ କାର୍ଯ୍ୟରେ ବ୍ୟସ୍ତ ରହୁଛନ୍ତି; କାର୍ଯ୍ୟ ବିଭିନ୍ନ ବିଭାଗ ମଧ୍ୟରେ ବଣ୍ଟନ କରାଯାଇଛି (ବିଶେଷ ଭାବରେ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ ମଧ୍ୟରେ) ଏବଂ ସୃଷ୍ଟି ହେଉଛିବା ସମ୍ବଳ ସାଧାରଣ ବଜେଟ୍‌କୁ ଚାଲିଯାଉଛି, ଫଳରେ ପ୍ରୋତ୍ସାହନ ଏବଂ ଉଚ୍ଚମାନର ସେବା ପ୍ରଦାନ କରିବା କମ୍ ହୋଇଯାଉଛି । ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳ ଗୁଡିକରେ ହେଉଥିବା ଖର୍ଚ୍ଚ ଭରଣ ହୋଇପାରିବାର ସମ୍ଭାବନା ଅଧିକ ରହୁଛି, ଏନ୍‌ଏଲ୍‌ଆର୍‌ଏମ୍‌ପି (NLRMP) ଅନ୍ତର୍ଗତ ବଣ୍ଟନ ହୋଇ ପାରୁନଥିବା ବହୁ ପରିମାଣର ସମ୍ବଳ ସ୍ପଷ୍ଟ ଭାବରେ ଦର୍ଶାଉଛି ଯେ ଆର୍ଥିକ ସମ୍ବଳର ଉପଲବ୍ଧତା ଭାରତରେ ମୁଖ୍ୟ ଅସୁବିଧାର କାରଣ ନୁହେଁ । ପ୍ରକୃତରେ କର୍ଣ୍ଣାଟକରେ ଆର୍‌ଓଆର୍ (RORs) ଇସ୍ୟୁ କରିବାପାଇଁ ସୁବିଧା ପ୍ରାପ୍ତକାରୀ ମାନଙ୍କ ଠାରୁ ପ୍ରାପ୍ତ ହେଉଥିବା ରାଜସ୍ୱଉପରେ ଆଧାରିତ କରି ଏକ ଉତ୍ତମ ଭାବରେ କାର୍ଯ୍ୟ କରୁଥିବା ଗ୍ରାମାଞ୍ଚଳ ପ୍ରଣାଳୀ ସ୍ଥାପନ କରାଯାଇ ପାରିଛି । ବିଶ୍ୱ ସ୍ତରରେ କେତେକାଂଶ ଅର୍ଥଗତ ସ୍ୱାଧୀନତା ସହିତ ଅର୍ଦ୍ଧ-ସ୍ୱୟଂଚାଳିତ ଜମି ପଞ୍ଜିକରଣର ସଫଳତା ଦର୍ଶାଏ ଯେ ଅର୍ଥ ଯୋଗାଣ ଏବଂ ଘରୋଇ କ୍ଷେତ୍ର ସହିତ ଅଂଶୀଦାରତାର ବିକଳ୍ପ ଯନ୍ତ୍ରର ସହିତ ଅଧ୍ୟୟନ କରିବା ଉଚିତ । ପଶ୍ଚିମବଙ୍ଗରେ ଏକ ଏକିକୃତ ବିଭାଗର ଉତ୍ତମ କାର୍ଯ୍ୟ ଏହି ବିଷୟକୁ ବଳବତ୍ତର କରୁଛି ଏବଂ ସୁବିଧାପ୍ରାପ୍ତ କାରୀଙ୍କୁ ଫିଜ୍ ଚାର୍ଜ କରିବାର ସିମୀତ ଆବଶ୍ୟକତା କର୍ଣ୍ଣାଟକରେ ପ୍ରଣାଳୀକୁ ଉନ୍ନତତର କରିବା ପାଇଁ ପ୍ରଭାବିତ କରି ପାରିଛି ।

***ଜମି ବ୍ୟବହାର ଏବଂ ଏବଂ ଜମି ବ୍ୟବହାରର ସମୟ ଅବଧି ମଧ୍ୟରେ ଥିବା ସଂଯୋଗ ଅଧିକ ସଂଗଠିତ ଭାବରେ ପ୍ରସ୍ତୁତ କରନ୍ତୁ :*** କାର୍ଯ୍ୟକାରୀ କରିବା ପ୍ରଣାଳୀକୁ ଅଧିକ ଅର୍ଥପୂର୍ଣ୍ଣ ଭାବରେ ଦିଗ୍‌ଦର୍ଶନ ଦେବା ପାଇଁ ସମ୍ଭବ ହୋଇ ପାରୁଥିବା ଯୋଜନା ପ୍ରସ୍ତୁତ କରିବା କଷ୍ଟକର, ଯଦି ନକ୍ସା ଗୁଡିକ ଅତି ପୁରୁଣା ହୋଇଥିବ ଏବଂ ବ୍ୟବହାର ଯୋଗ୍ୟ

ହୋଇ ନଥିବ କିମ୍ବା ଯଥେଷ୍ଟ ଭାବରେ ତଥ୍ୟ ନଥିବ । ଆଉ ମଧ୍ୟ, ବିଭିନ୍ନ ରାଜ୍ୟରୁ ପ୍ରାପ୍ତ ହୋଇଥିବା ଅନେକ ଉଦାହରଣରୁ ଜଣା ପଡିଛି ଯେ ଯଦି ଜମି ବ୍ୟବହାରର ସମୟ ଅବଧି ସ୍ପଷ୍ଟ ଭାବରେ ନିର୍ଦ୍ଦିଷ୍ଟ କରା ନ ଯାଇଛି, ଜମି ବ୍ୟବହାରକାରୀମାନେ ଏହାକୁ ପରିଚାଳନା କରିବା ପାଇଁ ଯଥେଷ୍ଟ ପ୍ରୋତ୍ସାହନ ପାଇବେ ନାହିଁ ଯେପରିକି ତାଙ୍କ ପାଇଁ ଏହା ଦୀର୍ଘକାଳୀନ ଭିତ୍ତିରେ ଲାଭଦାୟକ ହୋଇ ପାରିବ, କେବଳ ଅଳ୍ପ ସମୟ ଅବଧି ପାଇଁ ସେମାନେ 'ମୃତ୍ତିକା ଖୋଳିବା' କାର୍ଯ୍ୟରେ ଲିପ୍ତ ରହିବେ । ଜମି ବ୍ୟବହାରର ସମୟ ଅବଧି ଜନିତ ସୂଚନା ଜମି ବ୍ୟବହାର ଯୋଜନାର ମୂଳଧାର ହେବା ଉଚିତ । ଅନ୍ୟ ପକ୍ଷରେ, ଫଳପ୍ରଦ ଜମି ବ୍ୟବହାର ଯୋଜନା ଜମି ବ୍ୟବହାରର ସମୟ ଅବଧି ଉପରେ କିଛି ପରିମାଣରେ ସ୍ପଷ୍ଟିକରଣ ଅନ୍ତର୍ଭୁକ୍ତ କରିବା ଉଚିତ ଏବଂ ଅନୁଷ୍ଠାନ ଗୁଡିକ ମଧ୍ୟରେ ଦାୟୀତ୍ୱଗତ ଅସ୍ପଷ୍ଟତା ସମସ୍ୟା ଦୂର କରିବା ଉଚିତ ଏବଂ ବିଭିନ୍ନ ବିଭାଗ ମଧ୍ୟରେ ଜମି ବ୍ୟବହାର ସଂପର୍କିତ କାର୍ଯ୍ୟ ଉପରେ କୌଣସି ସମସ୍ୟା ଥିଲେ ତାହା ଦୂର କରାଯିବା ଉଚିତ (ଜଙ୍ଗଲ, ଆଦିବାସୀ, ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ ବିକାଶ, ୟୁଏଲ୍‌ବି (ULBs) ।

***ସ୍ଥାନୀୟ ସରକାରୀ ସଂସ୍ଥାକୁ ଜମିଜମା ସମ୍ବନ୍ଧୀୟ ଦାୟିତ୍ୱ ହସ୍ତାନ୍ତର କରିବାର ବିକଳ୍ପ ବାହାର କରନ୍ତୁ :*** ଯଦିଓ ଅନେକ ରାଜ୍ୟରେ ସରକାରୀ ସଂସ୍ଥା ଗୁଡିକ ବିବାଦ ସମାଧାନ ଏବଂ ଜମି ପରିଚାଳନା କ୍ଷେତ୍ରରେ ମୁଖ୍ୟ ଭୂମିକା ଗ୍ରହଣ କରୁଛନ୍ତି, ସେମାନେ ମଧ୍ୟ ଜମି ବ୍ୟବହାର ଯୋଜନା ଏବଂ ବିଶେଷ ଭାବରେ ସାର୍ବଜନୀନ ସରକାରୀ ଜମି ତା ସହିତ ବସବାସ ସ୍ଥାନ, ଗୃହଜମି ବଣ୍ଟନ ପାଇଁ ଉପଯୁକ୍ତ ପ୍ରାପ୍ତ କାରୀ ଚୟନ କରିବା କ୍ଷେତ୍ରରେ ମୁଖ୍ୟ ଭୂମିକା ଗ୍ରହଣ କରିପାରିବେ । ନିର୍ଦ୍ଦିଷ୍ଟ ଅଞ୍ଚଳରେ ଗ୍ରାମସଭା ପେଶା (PESA) ଅନ୍ତର୍ଗତ ଦିଆଯାଇଥିବା ଦାୟିତ୍ୱ ସଫଳତାର ସହିତ କାର୍ଯ୍ୟକାରୀ କରି ଏଥିରେ ସହଯୋଗ ପ୍ରଦାନ କରିପାରିବେ । ବର୍ତ୍ତମାନ ମଧ୍ୟ ଗ୍ରାମାଞ୍ଚଳରେ ଥିବା ସାର୍ବଜନୀନ ସରକାରୀ ଜମିର ପରିଚାଳନା ଗ୍ରାମ ପଞ୍ଚାୟତକୁ ହସ୍ତାନ୍ତର କରିବାର ଅନେକ ସୁଯୋଗ ରହିଛି ଯାହାକି ବର୍ତ୍ତମାନ ସୁଦ୍ଧା ଉପଯୋଗ କରାଯାଇନାହିଁ ।

***ସମସ୍ତ ସ୍ତରରେ କାର୍ଯ୍ୟଦକ୍ଷତା ବୃଦ୍ଧି କରନ୍ତୁ ଏବଂ ଏହାର ମାନଦଣ୍ଡ ଆଇନ୍ ଅନୁସାରେ ଅନୁପାଳନ କରନ୍ତୁ :*** କର୍ମ ବହୁଳତା ବଜାୟ ରଖିବାରେ ଅବହେଳା, ଗୁଣମାନ, ପ୍ରୋତ୍ସାହନ ପ୍ରଭୃତି କ୍ଷେତ୍ରରେ ଅବହେଳା ଯୋଗୁଁ ନୂଆ ନୂଆ ଆବଶ୍ୟକତା ପୂରଣ କରିବାରେ ଅନୁଷ୍ଠାନଗତ କାର୍ଯ୍ୟଦକ୍ଷତା ଏବଂ କ୍ଷମତା ଯେ ପ୍ରତିକୂଳ ଭାବରେ ପ୍ରଭାବିତ ହୁଏ ଏହା ଅନେକ ରାଜ୍ୟ ଅନୁଭବ କରିଛନ୍ତି । ସେମାନେ ଅଧିକ ସଂଖ୍ୟାରେ ନିଯୁକ୍ତି ଦେଇ କାର୍ଯ୍ୟକ୍ଷମତା ବୃଦ୍ଧି ଦିଗରେ ପ୍ରଚେଷ୍ଟା କରୁଛନ୍ତି, ଉଦାହରଣ ସ୍ୱରୂପ ବିହାରରେ ।ଜମା ବନ୍ଦୀ ଭଳି ମୂଳ ବ୍ୟବସ୍ଥାର ଅବହେଳା ଫଳରେ ସମଗ୍ର ଜମିଜମା ପ୍ରଶାସନ ପ୍ରଣାଳୀ ମଧ୍ୟ ଅବହେଳିତ ହୁଏ, ଏହା ଆନ୍ଧ୍ରପ୍ରଦେଶ ଭଳି କେତେକ ରାଜ୍ୟ ଭଲ ଭାବରେ ଅନୁଭବ କରିଛନ୍ତି । ତେଣୁ ଆନ୍ଧ୍ରପ୍ରଦେଶ ଗ୍ରାମ ସ୍ତରୀୟ ଆକାଉଣ୍ଟାଣ୍ଟ୍ ଏବଂ ସର୍ଭେୟରର ପାଇଁ ବଡ ଧରଣର ନିଯୁକ୍ତି ପ୍ରଚେଷ୍ଟା କରିଛି ଏବଂ ଏହା ସହିତ ଗ୍ରାମ ସ୍ତରୀୟ ସଚେତନତା ବୃଦ୍ଧି ପାଇଁ ମଧ୍ୟ କରିଛି । ଏହା ସହିତ ତାଲିମ୍, ଲିଖିତ ଏବଂ ଦିଗ ସ୍ଥାନ ଭିତ୍ତିକ ରେକର୍ଡ ରଖିବା ପାଇଁ ଅଳ୍ପ ଖର୍ଚ୍ଚ ବିଶିଷ୍ଟ ଜ୍ଞାନକୌଶଳର ବ୍ୟବହାର, ଉତ୍ତମ କାର୍ଯ୍ୟ ଦକ୍ଷତା ପାଇଁ ପୁରସ୍କାର, ଜମିମାପ କରିବା ପାଇଁ ସ୍ପଷ୍ଟ ପରିମାପ ଏବଂ ସମ୍ଭବତଃ ଅପବ୍ୟବହାର ହେଉଥିବା କେତେକ ପ୍ରଣାଳୀର ପୁନଃ ଉଦ୍ଧାର ପ୍ରଭୃତି ମିଶ୍ରଣ କଲେ ଏହା ଉତ୍ତମ ଭାବରେ ରେକର୍ଡ ରଖିବା ଏବଂ ଅଧୁନାତନ କରିବା ନିଶ୍ଚିତ କରିବାରେ ସାହାଯ୍ୟ କରିପାରିବ ।

# ୪. କାର୍ଯ୍ୟଦକ୍ଷତା ପର୍ଯ୍ୟବେକ୍ଷଣ ଏବଂ ଏଥିରେ କ୍ରମୋନ୍ନତି ବଜାୟ

ଛଅଟି ରାଜ୍ୟରେ ଏଲ୍‌ଜିଏଫ୍ (LGAF) ର ସଫଳ ପରିଚାଳନାରୁ ଜଣାପଡିଛି ଯେ, ରାଜ୍ୟ ରାଜ୍ୟ ମଧ୍ୟରେ ଅଭିଜ୍ଞତାର ଆଦାନ ପ୍ରଦାନ ପ୍ରୋତ୍ସାହନ କରିବା ପାଇଁ ଜମିଜମା ଉପରେ ପ୍ରମାଣ ଆଧାରିତ ଆଲୋଚନା ଏକ ସଫଳ ମାଧ୍ୟମ ହିସାବରେ କାର୍ଯ୍ୟ କରିପାରେ । କିନ୍ତୁ ରାଜ୍ୟ ମଧ୍ୟରେ ଏହି ପ୍ରଣାଳୀ ଭିନ୍ନ ଭିନ୍ନ ମତ ଥିବା ବ୍ୟକ୍ତି ଯେ କି ବେଳେବେଳେ ପରସ୍ପର ଭିତରେ ଯୋଗାଯୋଗ କରିବାରେ ମଧ୍ୟ ବିଫଳ ହୁଅନ୍ତି, ସେମାନଙ୍କୁ ମଧ୍ୟ ଏକାଠି କରିବାରେ ସମର୍ଥ ହୋଇଥାଏ ।ଏହା ପ୍ରାଥମିକ କ୍ଷେତ୍ରରେ ସଂସ୍କାର ଆଣିବା ପାଇଁ ସମ୍ଭବ କରିଥାଏ । ଯେହେତୁ ଭାରତ ସୂଚନା ଏବଂ ଲିଖନ ସହିତ ସ୍ଥାନ ଏବଂ ଦିଗ ଭିତ୍ତିକ ସୂଚନା ଏକୀକୃତ କରିବାରେ ଅତ୍ୟନ୍ତ ଅନୁଭବୀ (ସହଜରେ ଉପଲବ୍ଧ ସାର୍ଟେଲାଇଟ୍ ଚିତ୍ର ଉପରେ ଆଧାରିତ ଜମିର ପ୍ରକୃତ ବ୍ୟବହାର ଚିହ୍ନଟ କରିବା ସହିତ), ଏହା ନୂତନ ଶକ୍ତିଶାଳୀ ଦୃଷ୍ଟିକୋଣ ସୃଷ୍ଟି କରିପାରିବ, ପ୍ରଣାଳୀରେ ଉପଲବ୍ଧ ପ୍ରଶାସନିକ ତଥ୍ୟ ଉପରେ ଆଧାରିତ ମୁଖ୍ୟ ସଙ୍କେତକ ଉପରେ ନିର୍ଭର କରି ତଥ୍ୟ ପ୍ରସ୍ତୁତ କରପାରିବ କିମ୍ବା ଅଳ୍ପ ଖର୍ଚ୍ଚରେ ଏଭଳି ଡାଟା ପ୍ରସ୍ତୁତ କରିପାରିବ ଯାହାକି ନିୟମିତ ଭାବରେ ଜମି ପ୍ରଶାସନର ପ୍ରଗତି ପର୍ଯ୍ୟବେକ୍ଷଣ କରିବାରେ ସମ୍ଭବ କରିବ । ଏସବୁ ସମ୍ଭବ ହୋଇପାରିବା ଦ୍ୱାରା ଅନେକ ମୁଖ୍ୟ କ୍ଷେତ୍ରରେ ହୋଇଥିବା ପ୍ରଗତି ମାପ କରିବାରେ ସାହାଯ୍ୟ କରିବ ।ଏହା କରିବା ଦ୍ୱାରା ଏହା ଉତ୍ତମ ଅଭ୍ୟାସ ଗୁଡିକ ସଂଘଟିତ ଭାବରେ ଆବିଷ୍କାର ଏବଂ ଚିହ୍ନଟ କରିବା ପାଇଁ ମୂଳଧାର ପ୍ରଦାନ କରିବ ଯାହାକି କ୍ରମନ୍ୱୟ ଭାବରେ ଦସ୍ତାବିଜକରାଯାଇ ପାରିବ ଏବଂ ରାଜ୍ୟ ଗୁଡିକ ମଧ୍ୟରେ ବିସ୍ତାରଣ କରାଯାଇ ପାରିବ (ଏଲ୍‌ଜିଏଫ୍ (LGAF) କାର୍ଯ୍ୟକାରୀ ହୋଇ ନଥିବା ରାଜ୍ୟଗୁଡିକ ମିଶାଇ), ପରିବର୍ତ୍ତନ ପରିଚାଳନା କରାଯାଇ ପାରିବ ଏବଂ ଭାରତରେ ଜମି ପ୍ରଶାସନରେ ଉନ୍ନତି ଆଣିବା ପାଇଁ କ୍ରମଶଃ ଅଧିକ କାର୍ଯ୍ୟଦକ୍ଷତା-ଆଧାରିତ ପ୍ରଣାଳୀ ଆଡକୁ ଗତି କରିବ । ବିଶେଷ ଭାବରେ,

- ଚିନ୍ତାଧାରା ଉପରେ ଗୁରୁତ୍ୱ ନ ଦେଇ ନିର୍ଦ୍ଦିଷ୍ଟ ଫଳାଫଳ ଉପରେ ଆଲୋଚନା କେନ୍ଦ୍ରିଭୁତ କଲେ ଏହା ଏକ ରାଜନୈତୀକ ସମସ୍ୟାର ରୁପ ଦେବ ନାହିଁ । ଭୁ ସଂସ୍କାର କାର୍ଯ୍ୟକାରୀ କରିବାରେ ରାଜ୍ୟ ସରକାରଙ୍କର ପ୍ରଭାବଶୀଳତା ମାପ କରିବା ପାଇଁ ଏହା କେବଳ ଏକ ସୁଯୋଗ ସୃଷ୍ଟି କରିବ ତାହା ନୁହେଁ, ଏହାର ପ୍ରଭାବ ମଧ୍ୟ ମୂଲ୍ୟାଙ୍କନ କରି ଉତ୍ତମ କାର୍ଯ୍ୟ ଅଭ୍ୟାସ ଚିହ୍ନଟ କରିବାରେଁ ଏକ ମୂଳଭିତ୍ତି ପ୍ରସ୍ତୁତ କରିବ, ଯାହାକି DoLR ପରବର୍ତ୍ତୀ କାଳରେ ଦେଶସାରା କାର୍ଯ୍ୟକାରୀ କରିବାରେ ପ୍ରୋତ୍ସାହନ କରିବ ।

- ବିଭିନ୍ନ ସୁତ୍ରରୁ ପ୍ରାପ୍ତ ହୋଇଥିବା ସୂଚନା ସଂଗଠିତ ଭାବରେ ସଜାଇବା ଏବଂ ତୁଳନା କରିବାରେ ରାଜ୍ୟ ସରକାରଙ୍କର ପ୍ରଚେଷ୍ଟାରେ ଧ୍ୟାନ କେନ୍ଦ୍ରିଭୁତ କରିବ ଏବଂ ସେମାନଙ୍କ ଭିତରେ ଏକ ମୁଳସ୍ତରର ସମାନତା ନିଶ୍ଚିତ କରିବ । ଏହା ସହିତ, ପ୍ରଶାସନୀକ ସୁତ୍ରରୁ ବ୍ଲକ୍ ସ୍ତର, ସବ୍‌ରେଜେଷ୍ଟ୍ରି ଅଫିସ୍ କିମ୍ବା ଏପରିକି ରାଜସ୍ୱ ସର୍କଲ୍ ପର୍ଯ୍ୟନ୍ତ ଡାଟା ପୃଥକୀକରଣର ଦକ୍ଷତା ସହିତ, ଏହା ଆଭ୍ୟନ୍ତରୀୟ ପ୍ରଣାଳୀ ପରିଚାଳନା କରିବା ଏବଂ ଉତ୍ତମ କାର୍ଯ୍ୟ ଦକ୍ଷତାକୁ ପୁରସ୍କୃତ କରିବା ରେ ରାଜସ୍ୱ ବିଭାଗର ଦକ୍ଷତା ବୃଦ୍ଧି କରିବାରେ ସାହାଯ୍ୟ କରିବ ।

- ସଂପୃକ୍ତ ସଂସ୍ଥା/ବ୍ୟକ୍ତିଙ୍କ ମଧ୍ୟରେ ରାଜିନାମା ହୋଇଥିବା ସିମୀତ ସଂଖ୍ୟକ ଉଚ୍ଚ-ସ୍ତରୀୟ ଫଳାଫଳ ଉପରେ ଧ୍ୟାନ କେନ୍ଦ୍ରିଭୁତ କରି, ଏହା ନୀତି ପରିବର୍ତ୍ତନ କରିବାର ପ୍ରଣାଳିକୁ ତ୍ୱରାନ୍ୱିତ କରିପାରିବ, ଠିକ୍ ସେହିପରି ଯାହାକି 'ବ୍ୟବସାୟ କରିବା'[୧୪] କାର୍ଯ୍ୟକ୍ରମ ଦ୍ୱାରା ବିଭିନ୍ନ ରାଜ୍ୟରେ ପ୍ରତିଯୋଗିତା ମନୋଭାବ ସୃଷ୍ଟିକରି ବିଶ୍ୱ ବ୍ୟାଙ୍କ୍ ପ୍ରାପ୍ତ କରି ପାରିଛି ।[୧୫]

କେତେକ ରାଜ୍ୟରେ ସଫଳ ଭାବରେ କାର୍ଯ୍ୟ କରୁଥିବା କାର୍ଯ୍ୟକ୍ରମ ଗୁଡିକ କିପରି ଅନ୍ୟ ରାଜ୍ୟ ଗୁଡିକରେ ମଧ୍ୟ ସଫଳତାର ସହ ଉପଯୋଗ କରାଯାଇ ପାରିବ, ସେଥିପାଇଁ ଏକ ଉତ୍ତମ ପ୍ରଣାଳୀ ପସ୍ତୁତ କରିବା ଉଦ୍ଦେଶ୍ୟରେ କେତେକ ପରିମାପ ଗୁଡିକର ଏକ ସେଟ୍ ଆଲୋଚନା କରାଯାଇଛି ଏବଂ ନିମ୍ନରେ ବର୍ଣ୍ଣନା କରାଯାଇଛି, ଯେଉଁଠାରେ, ପ୍ରତ୍ୟେକ ପରିମାପ ପାଇଁ, ସଂପୃକ୍ତ ନୀତି ଆମେ ସଂକ୍ଷିପ୍ତ ଭାବରେ ଆଲୋଚନା କରିବା ଏବଂ ଏହାର ଯଥାର୍ଥତା, ଉପ-ପରିମାପ ଏବଂ ବିସ୍ତାରଣ ବିଷୟରେ ମଧ୍ୟ ଆଲୋଚନା କରିବା ଯାହାକି ନୀତି ଦୃଷ୍ଟିକୋଣରୁ ଅତ୍ୟନ୍ତ ଆବଶ୍ୟକୀୟ ହୋଇଥିବ ଏବଂ ଗଭୀର ଭାବରେ ପଲିସି ଅଧ୍ୟୟନ ଆବଶ୍ୟକ କରୁଥିବ ।

## *ମାଲିକାନା ଅଧିକାର ସହିତ ନକ୍ସା କରାଯାଇଥିବା ବିଭିନ୍ନ ପ୍ରକାର ଜମି ଅଞ୍ଚଳର ଦ୍ୱନ୍ଦବିହୀନ ସ୍ପଷ୍ଟ ଭାବରେ ଦସ୍ତାବିଜକରାଯାଇଛି ।*

ସହରାଞ୍ଚଳ, ବସବାସ ହୋଇଥିବା ଅଞ୍ଚଳ, ସର୍ବ ସାଧାରଣ ଜମି, ଜଙ୍ଗଲ ଏବଂ କୃଷି ଜମି କ୍ଷେତ୍ରରେ ପ୍ରାୟ ସମସ୍ତ ରାଜ୍ୟ ଗୁଡିକରେ କ୍ୟାଡ୍ରେଷ୍ଟ୍ରାଲ୍ ନକ୍ସାର ଅଭାବ ଏବଂ

୧୪ ୧୪ଭାରତରେକେନ୍ଦ୍ର ଏବଂ ରାଜ୍ୟ ସ୍ତରରେ ସହଜରେ ବ୍ୟବସାୟ କରିବା ପାଇଁ ଭାରତ ସରକାରଙ୍କ ପ୍ରଚେଷ୍ଟାରେ ସମ୍ଭାବିତ କ୍ଷମତା ରହିଛି ଯେହେତୁ ପ୍ରସ୍ତାବିତ ସଂସ୍କାର କ୍ଷେତ୍ରରେ କେତେକ ଜମିଜମା ସଂକେତ ରହିଛି ଯେପରିକି ଜମି ସହଜରେ ପ୍ରାପ୍ତକରିବା, ଜମିର ଗୁଣାତ୍ମକମାନ ଏବଂ ସମୟ ଅବଧି ଜନିତ ନିର୍ଦ୍ଦିଷ୍ଟତା ଏବଂ ସହରାଞ୍ଚଳରେ ସଂପତ୍ତି ରେକର୍ଡ, ସଂପତ୍ତି ହସ୍ତାନ୍ତର ପ୍ରଣାଳୀ, ନିର୍ମାଣ କାର୍ଯ୍ୟପାଇଁ ଅନୁମତି ପ୍ରଣାଳୀ ଏବଂ କୋର୍ଟ କାର୍ଯ୍ୟ କଳାପରେ ଉଚ୍ଚମାନର ଦକ୍ଷତା ଏବଂ ଖୋଲାପଣତା

୧୫ ଅନ୍ୟ ବିଷୟବସ୍ତୁ ମଧ୍ୟରୁ ଏକ ଉଦାହରଣ ହିସାବରେ ନିମ୍ନରେ ଦିଆଯାଇଥିବା ପରିମାପ, ଭାରତରେ ଜମି ରେଜିଷ୍ଟ୍ରେସନ୍ ଉପରେ ଉଚ୍ଚ ମାନ ସଂପୃକ୍ତ ଉପ-ଜାତୀୟ ପରିମାପ ପାଇଁ ଏକ ଉପଯୁକ୍ତ ମୂଳଭିତ୍ତି ପ୍ରଦାନ କରିବ ଯେଉଁଠାରେ, ଲଗାତାର ଭାବରେ ଉପ-ଜାତୀୟ ସ୍ତରରେ ଜମିଜମା ପ୍ରଶାସନ ପାଇଁ ଏଲ୍‌ଜିଏଫ୍ (LGAF) ପ୍ରଣାଳୀ ଏକ ତ୍ୱରାନ୍ୱିତ ଏବଂ ସକ୍ରିୟ ପରିସ୍ଥିତି ସୃଷ୍ଟି ।

ତା ସହିତ ଜଡିତ ଥିବା ମାଲିକାନା ଦସ୍ତାବିଜରେ ଅସ୍ପଷ୍ଟତା ମୁଖ୍ୟ ସମସ୍ୟା ରୂପରେ ଦେଖାଦେଇଛି ।ସାର୍ବଜନୀନ ସରକାରୀ ଜମିର ବେଆଇନ୍ ଭାବରେ ଅକ୍ତିଆର ହେବା ବନ୍ଦ କରିବା ଏବଂ ସଫଳତାର ସହିତ ଏହି ସଂପତ୍ତିର ପରିଚାଳନା ପାଇଁ ଏହି ପ୍ରକାର ଜମିର ମ୍ୟାପିଙ୍ଗ୍ ଏବଂ ମାଲିକାନାକୁ ନେଇ ସ୍ପଷ୍ଟିକରଣ ଏକ ଜରୁରୀ ଆବଶ୍ୟକତା ଅଟେ । ପ୍ରକୃତରେ ଏହି ସାର୍ବଜନୀନ ସରକାରୀ ଜମି ସଂପର୍କରେ ସମସ୍ତ ତଥ୍ୟ ପ୍ରସ୍ତୁତ କରିବା ପାଇଁ ଅନେକ ରାଜ୍ୟ ପ୍ରଚେଷ୍ଟା ଆରମ୍ଭ କରିସାରିଲାଣି । ଉଦାହରଣରୁ ଜଣା ପଡିଛି ଯେ, ଆଧୁନିକ ଇମେଜ୍ ଆଧାରିତ ଟେକ୍ନୋଲୋଜି (ଆକାଶରୁ ଫଟୋଗ୍ରାଫି କିମ୍ବା ସାର୍ଟେଲାଇଟ୍ ଚିତ୍ର ନେବା) ଏହି ପରିମାପର ଦ୍ରୁତ ଗତିରେ ପ୍ରଗତି ଆଣିହେବ । ଏହି ଦିଗରେ ଘରୋଇ କ୍ଷେତ୍ର ଅନେକ ଦାୟିତ୍ୱ ନେଇ ପାରିବାର ସମ୍ଭାବନା ରହିଛି । ଆଉ ମଧ୍ୟ ଏହି ପରିମାପରେ ଉନ୍ନତି ଆଣିବା ପାଇଁ ଅନ୍ୟ ବିଭାଗ ସହିତ ସହଯୋଗ ଆବଶ୍ୟକ ଯେପରିକି, ୟୁଏଲ୍‌ବି ULB କିମ୍ବା ଜଙ୍ଗଲ ବିଭାଗ, ସ୍ଥାନ ଏବଂ ଦିଗ ଭିତ୍ତିକ ଦସ୍ତାବିଜ ଏବଂ ଲିଖିତ ରେକର୍ଡ ଏକୀକୃତ କରିବା ପାଇଁ ପ୍ରସ୍ତୁତ କରୁଥିବା ରେକର୍ଡ ଏକ ମୂଳଭିତ୍ତି ପ୍ରଦାନ କରେ ଯାହା ଉପରେ ଆଧାର କରି ଏକ ଆଲୋଚନା ସୃଷ୍ଟି ହୁଏ ଯେ, କିପରି ଏକ ନିର୍ଦ୍ଦିଷ୍ଟ ଜମି ପାଇଁ ଏକାଧିକ ମାଲିକାନା ରହିଛି ଏବଂ କେତେକ ଜମି ରହିଛି ଯାହାର କିଛି ମାଲିକାନା ଅଧିକାର ନାହିଁ ଏବଂ କେଉଁ ବିଷୟ ପ୍ରାଥମିକତାର ସହ ଧ୍ୟାନ ଦେବା ଆବଶ୍ୟକ । ସାର୍ବଜନୀନ ସରକାରୀ ଜମି ଏବଂ ଜଙ୍ଗଲ ଜମି ମ୍ୟାପ୍ କରି, ଗୋଷ୍ଠିଗତ ଅଧିକାର ନିଶ୍ଚିତ କରି କିମ୍ବା ବର୍ତ୍ତମାନରେ ଥିବା ସ୍ଥାନ ଏବଂ ଦିଗ ଭିତ୍ତିକ ଡାଟା (ଉଦାହରଣ ସ୍ୱରୂପ ଟାକ୍ସ ମ୍ୟାପ୍) ସହିତ ଜମି ମାଲିକାନା ତଥ୍ୟ ଏକୀକୃତ କରି କିମ୍ବା ଏଭଳି ସୁଯୋଗ ସୃଷ୍ଟି କରି ଯାହାକି ଉପଯୋଗ କରି ଅଳ୍ପ ଖର୍ଚ୍ଚରେ ଏ ପ୍ରକାର ଦସ୍ତାବିଜପ୍ରସ୍ତୁତ କରାଯାଇପାରିବ, ଏହି ପରିମାପ ଅଳ୍ପ ସମୟ ମଧ୍ୟରେ ଉନ୍ନତତର କରାଯାଇପାରିବ ।

***ଉପ-ପରିମାପକର ଦୁଇଟି ଗ୍ରୁପ୍ ଅଧିକ ଉପଯୋଗ ହୋଇପାରେ :*** ପ୍ରଥମତଃ ଉପଲବ୍ଧ ହେଉଥିବା ସାଟେଲାଇଟ୍ ଚିତ୍ର ଜମି ବ୍ୟବହାରର ସ୍ୱ-ବିଭକ୍ତିକରଣ ପାଇଁ ବ୍ୟବହାର କରାଯାଇପାରିବ ଯେପରିକି ଏହାର ନିର୍ଦ୍ଦିଷ୍ଟ ସ୍ଥାନ ନିର୍ଣ୍ଣୟ କରାଯାଇପାରିବ ଏବଂ ବିଭିନ୍ନ ପ୍ରକାର ତ୍ରୁଟିର ଗୁରୁତରତା ମାପ କରି ପାରିବ, ଉଦାହରଣସ୍ୱରୂପ (i) 'ଜଙ୍ଗଲ' ଜମି ଯାହାକି କୃଷି, ଶିଳ୍ପ ଏବଂ ସହର ଆବାସିକ ଅଞ୍ଚଳ ପାଇଁ ବ୍ୟବହାର ହୋଇଛି । (ii) 'କୃଷି' ଜମି ଯାହାକି ବିଭିନ୍ନ ପ୍ରକାର ଅଣ-କୃଷି ଉଦ୍ଦେଶ୍ୟରେ ବ୍ୟବହାର ହୋଇଛି । (iii) ସରକାରୀ କିମ୍ବା ସର୍ବ ସାଧାରଣ ଜମି ଯାହାକି ବେଆଇନ୍ ଭାବରେ ଅକ୍ତିଆର ହୋଇଯାଇଛି । ଏଭଳି ସମସ୍ୟା ଉପରେ ସୂଚନା ପ୍ରାପ୍ତ ହେଲେ ତାହା ସଂପୂର୍ଣ୍ଣ ଅନୁଷ୍ଠାନକୁ ପ୍ରତିକାରମୂଳକ ପଦକ୍ଷେପ ନେବାରେ ସାହାଯ୍ୟ କରିବ ଏବଂ ଏଥିରେ ସଂପୃକ୍ତ ଥିବା ସମସ୍ତ ବ୍ୟକ୍ତି ବିଶେଷ ଏବଂ ସଂସ୍ଥା ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ସମ୍ଭବ ହେବ ।ଏହା ମଧ୍ୟ ଉପଯୋଗୀ ହୋଇପାରେ ଏହା ଜାଣିବା ପାଇଁ ଯେ, ଅନ୍ୟ ପ୍ରକାରର ମ୍ୟାପ୍, ବିଶେଷ ଭାବରେ ଟିକସମ୍ୟାପ୍, ଜମି ଭୌତିକ ଭାବରେ ଅଧିକୃତ କରିବା ଦସ୍ତାବିଜ କରିବ ତାହା ନୁହେଁ, ଏକ ନିର୍ଦ୍ଦିଷ୍ଟ ସେଟିଂରେ ମାଲିକାନା ରେକର୍ଡ ପ୍ରସ୍ତୁତ କରିବା ପାଇଁ ଏକ ମୂଳଭିତ୍ତି ହିସାବରେ କାର୍ଯ୍ୟ କରିବ ।ଅବଶ୍ୟ ଜମି ବ୍ୟବହାର ବିଷୟରେ ସୂଚନା ଅନ୍ୟ ଭୌଗୋଳିକ ବିଶେଷତା ସହିତ ଯୋଡାଯାଇପାରିବ ଯେପରିକି ଦୈବ-ଦୁର୍ବିପାକ ଦ୍ୱାରା ବାରମ୍ବାର ପ୍ରଭାବିତ ହେଉଥିବା ଭୂଅଞ୍ଚଳ ଚିହ୍ନଟ କରାଯାଇପାରିବ ଏବଂ ବିପଦର ସମ୍ଭାବନା କମ୍ କରିବା ପାଇଁ ଏବଂ ଦୈବ-ଦୁର୍ବିପାକକୁ ଉପଯୁକ୍ତ ପ୍ରତିକାର ସହିତ ସମ୍ମୁଖୀନ ହେବାପାଇଁ ଆବଶ୍ୟକ ଉପାୟ ପ୍ରସ୍ତୁତ କରାଯାଇପାରିବ ।

ଦ୍ୱିତୀୟତଃ, ଅତୀତରେ ନିଆଯାଇଥିବା ଚିତ୍ର ସହିତ ପ୍ରଶାସନିକ ଦସ୍ତାବିଜମିଶ୍ରଣ କରି ବିଭିନ୍ନ ପ୍ରକାର ଜମି (ଆଇନ୍ ଅନୁସାରେ କିମ୍ବା ବେଆଇନ୍ ଭାବରେ) ବ୍ୟବହାର ପରିବର୍ତ୍ତନର ସ୍ଥାନ ଚିହ୍ନଟ କରାଯାଇପାରିବ ଏବଂ ତା ପରିମାଣ ମଧ୍ୟ ନିର୍ଦ୍ଦିଷ୍ଟ କରାଯାଇପାରିବ । ଅନ୍ୟ ସୂତ୍ରରୁ ମିଳିଥିବା ତଥ୍ୟ ସହିତ (ଘରପରିବାର କିମ୍ବା କର୍ମ ନିଯୁକ୍ତି ସର୍ଭେ କିମ୍ବା ଜନଗଣନା ତଥ୍ୟ, ଦାରିଦ୍ର୍ୟ ମ୍ୟାପ୍ ଆର୍ଥିକ କାର୍ଯ୍ୟକଳାପ ନିର୍ଦ୍ଦିଷ୍ଟ କରୁଥିବା ରିମୋର୍ଟ ସେନ୍‌ସିଙ୍ଗ୍ ଡାଟା) ଏହାକୁ ମିଶ୍ରଣ କଲେ ଏ ପ୍ରକାର ବିଶ୍ଳେଷଣ ସମ୍ଭବ ହୋଇପାରିବ ଯେଉଁଥିରୁ ଜଣାପଡିବ ଯେ, ଜମି ବ୍ୟବହାରରେ ପରିବର୍ତ୍ତନ ଅନୁକୂଳ ପ୍ରଭାବ ପକାଉଛି କିମ୍ବା ମୋଟାମୋଟି ସାମାଜିକ ଅର୍ଥନୈତିକ ବିକାଶ ପାଇଁ ହାନିକାରକ ଅଟେ ।

## ଲିଖିତ ବନାମ ସ୍ଥାନ ଏବଂ ଦିଗ ଭିତ୍ତିକ ଦସ୍ତାବିଜସଂଖ୍ୟା

ଯଦି ରେକର୍ଡର କଂପ୍ୟୁଟରକରଣ କରାଯାଏ, ଏହି ପରିମାପ, ଯାହାକି ସହଜରେ ଉପଲବ୍ଧ ହେବ, ଗୁରୁତ୍ୱ ଦିଏ ଯେ, କେଉଁ ପର୍ଯ୍ୟାୟ ପର୍ଯ୍ୟନ୍ତ ମ୍ୟାପ୍ ରହିଛି ଏବଂ ତାହା ଲିଖିତ ଭାବରେ ଥିବା ରେକର୍ଡ ସହିତ କେତେ ଦୂର ମିଳନ କରାଯାଇଛି । ଅକ୍ରମିକ ଭାବରେ ଦଖଲଖାରଜ ପୂର୍ବ ସ୍କେଚ୍ ଆବଶ୍ୟକ କରି, କିମ୍ବା କ୍ରମିକ ଭାବରେ ଅଞ୍ଚଳ ଗୁଡିକର ପୁନଃ ସର୍ଭେ କରି ଏହି ପରିମାପରେ ଉନ୍ନତି ଅଣାଯାଇପାରିବ । ମିଳିଥିବା ତଥ୍ୟ (ମୁଖ୍ୟତଃ କେବଳ ରାଜସ୍ୱ ଜମି ପାଇଁ; ପରିମାପ ୩ ମଧ୍ୟ ଦେଖନ୍ତୁ ) ଇଣ୍ଡେକ୍ସ ମ୍ୟାପ୍ ସୃଷ୍ଟି କରିବା ପାଇଁ ଏବଂ ଏକ ନିର୍ଦ୍ଦିଷ୍ଟ ଦଳର ଜମି ମାଲିକମାନଙ୍କ (ଉଦାହରଣ ସ୍ୱରୂପ ମହିଳା କିମ୍ବା ଅନୁସୂଚୀତ ଜାତି/ ଅନୁସୂଚୀତ ଜନଜାତି ) ଦ୍ୱାରା ସିଷ୍ଟମ୍ କେତେ ଅନ୍ତର୍ଭୁକ୍ତ ହୋଇଛି ତାହା ମାପ କରିବା ପାଇଁ ବ୍ୟବହାର କରାଯାଇପାରିବ । ବିଭିନ୍ନ କ୍ଷେତ୍ରକୁ ପୃଥକୀକରଣ କରିବା ଦ୍ୱାରା (ଗ୍ରାମାଞ୍ଚଳ, ସହରାଞ୍ଚଳ, ସାର୍ବଜନୀନ ସରକାରୀ ଜମି, କିମ୍ବା ପ୍ରଶାସନିକ ୟୁନିଟ୍, ସମ୍ଭବତଃ ଆର୍ଥିକ ବିକାଶର ସମ୍ଭାବନା କିମ୍ବା ଦାରିଦ୍ରତା ପରିମାପ ସହ ଯୋଡାଯାଇଥିବା) ପ୍ରାଥମିକତା କ୍ଷେତ୍ର ଚିହ୍ନଟ ହୋଇପାରିବ ଯେଉଁଠାରେ ଉନ୍ନତି ମୂଳକ କାର୍ଯ୍ୟର ପ୍ରଚେଷ୍ଟା ପାଇଁ ଧ୍ୟାନ କେନ୍ଦ୍ରିଭୂତ ହେବା ଉଚିତ୍ ।

ବ୍ୟବହାର ମଧ୍ୟରେ ପାର୍ଥକ୍ୟ ପ୍ରଥମ ସଂକେତ ଦିଏ ଯେ, ଜମିଜମା ଦସ୍ତାବିଜଅତି ପୁରୁଣା ଏବଂ ସ୍ଥାନ ଏବଂ ଦିଗ ଭିତ୍ତିକ ଦସ୍ତାବିଜଅଧୁନାତନ କରିବାରେ ପ୍ରଣାଳୀଗତ ତ୍ରୁଟି ରହିଛି । କୃଷି ଜମି ଅଞ୍ଚଳଗୁଡିକରେ, ଯେଉଁଠାରେ ଲିଖିତ ଭାବରେ ଥିବା ଦସ୍ତାବିଜସାଧାରଣତଃ ଉଚ୍ଚମାନର ହୋଇଥାଏ, ଲିଖିତ ଭାବରେ ଥିବା ଦସ୍ତାବିଜଏବଂ ଦିଗ ସ୍ଥାନ ଭିତ୍ତିକ ଦସ୍ତାବିଜଅନ୍ତର୍ଗତ କଭର ହୋଇଥିବା ଅଞ୍ଚଳ ମଧ୍ୟରେ ତୁଳନା ପଲିସି ପ୍ରସ୍ତୁତି ପାଇଁ ଅତ୍ୟନ୍ତ ଆବଶ୍ୟକତା ହୋଇଥାଏ ।ଅଧିକ ତ୍ରୁଟି ଥିଲେ ଏହା ଜଣାଏ ଯେ, ପୁନଃ ସର୍ଭେ କରିବା ପାଇଁ ଅକ୍ରମିକ ନମୁନାମୂଳକ ପ୍ରଚେଷ୍ଟା ଅପେକ୍ଷା ଏକ ସଂଗଠିତ କ୍ରମୋନ୍ନୟ ପ୍ରଚେଷ୍ଟା ଅଧିକ ଉପଯୁକ୍ତ ଅଟେ ।

## ରେଜିଷ୍ଟର୍ଡ୍ ବନାମ ଦଖଲଖାରଜ ଜମି କିଣାବିକା

ଅଧିକ ସଂଖ୍ୟାରେ ବାକିଥିବା ଦଖଲଖାରଜଏବଂ ରେଜିଷ୍ଟ୍ରେସନ୍ ଏବଂ ଦଖଲଖାରଜମଧ୍ୟରେ ଆବଶ୍ୟକ ସଂଯୋଗର ଅଭାବ ଉତ୍ତମ ପ୍ରଶାସନରେ ବାଧା ସୃଷ୍ଟି କରେ ଏବଂ ଜାଲିଆତି ଜମି କିଣାବିକା ବୃଦ୍ଧି କରିପାରେ ।ଏହି ପରିମାପର ପର୍ଯ୍ୟବେକ୍ଷଣ ଏଭଳି ପ୍ରମାଣ ପ୍ରାପ୍ତ ପାଇଁ ଉପଯୋଗୀ ଯାହା ଦର୍ଶାଏ ଯେ, କେଉଁ ନିର୍ଦ୍ଦିଷ୍ଟ ଦଳ ଔପଚାରିକ ଭାବରେ ଜମି ମାଲିକାନା ପ୍ରାପ୍ତ କରିପାରୁଛନ୍ତି ଏବଂ ରଖି ପାରୁଛନ୍ତି ।ମହିଳା ଏବଂ ଅନ୍ୟ ଦଳିତ ବର୍ଗ ମାନଙ୍କର ଜମି ମାଲିକାନା ସ୍ତର ବୃଦ୍ଧି କରିବାରେ ସରକାରୀ କାର୍ଯ୍ୟକ୍ରମର ପ୍ରଭାବ ପର୍ଯ୍ୟବେକ୍ଷଣ କରିବା ପାଇଁ ଏହା ବିଶେଷ ଭାବରେ ଗୁରୁତ୍ୱପୂର୍ଣ୍ଣ ।

ଅନୁକୂଳ ପରିସ୍ଥିତିରେ ସମସ୍ତ ଜମି କିଣାବିକା ରେଜିଷ୍ଟର୍ଡ୍ କରାଯାଏ ଏବଂ ଦଖଲଖାରଜମଧ୍ୟ କରାଯାଏ ଯେପରିକି ଲିଖନ ଏବଂ ସ୍ଥାନ ଏବଂ ଦିଗ ଭିତ୍ତିକ ରେକର୍ଡ ଅଧୁନାତନ କରାଯାଇପାରିବ । ଷ୍ଟାମ୍ପ୍ ଡ୍ୟୁଟି ଅତ୍ୟଧିକ ପରିମାଣ ହୋଇଥିବାରୁ ରେଜିଷ୍ଟ୍ରେସନ୍ ଖର୍ଚ୍ଚ ମଧ୍ୟ ଅଧିକ ହୋଇଥାଏ ଏବଂ ଏହା କିଣାବିକା ପ୍ରକ୍ରିୟାକୁ ଅଣ ଔପଚାରିକ କରିବା ପାଇଁ ପ୍ରୋତ୍ସାହିତ କରେ ।ଏପରିକି ରେଜିଷ୍ଟର୍ଡ୍ ହୋଇଥିବା ଜମି କିଣାବିକା ପାଇଁ କେତେକ ରାଜ୍ୟରେ ସ୍ୱୟଂ ଭାବରେ ଦଖଲଖାରଜହେବା ବ୍ୟବସ୍ଥା ରହିଛି । ପ୍ରଣାଳୀକୁ କଂପ୍ୟୁଟରକରଣ କଲେ, ଏହି ପରିମାପର ଉନ୍ନତିକରଣ କରିବା ଏତେ କଷ୍ଟକର ହେବ ନାହିଁ ।

ସଂପୃକ୍ତ କିଣାବିକା କିମ୍ବା ବ୍ୟକ୍ତି/ସଂସ୍ଥା ଶ୍ରେଣୀଭୁକ୍ତ କରିବା ଦ୍ୱାରା (ଆବଶ୍ୟକ ଅନୁସାରେ ଭୌଗୋଳିକ ଆଧାରିତ ପାର୍ସଲ୍ ସୂଚନା ଅନ୍ତର୍ଗତ କରି) ରେକର୍ଡ ହୋଇଥିବା ଜମିମୂଲ୍ୟ ବିଷୟରେ ସୂଚନା ପ୍ରାପ୍ତ କରିହୁଏ ଯାହାକି ସମୟ କ୍ରମରେ କେବଳ ପ୍ରକୃତ ଭୂ-ସଂପତ୍ତି ମୂଲ୍ୟ ବିଷୟରେ ସୂଚନା ଦିଏ ତାହା ନୁହେଁ, ଏହା ମଧ୍ୟ ଜମିମୂଲ୍ୟ ରିପୋର୍ଟ ହେଉନଥିବାର ପରିମାଣ ମଧ୍ୟ ଦର୍ଶାଇଥାଏ । (ତାହା ହେଉଛି ପ୍ରକୃତ ଏବଂ ରିପୋର୍ଟ ହୋଇଥିବା ଜମି ମୂଲ୍ୟ ମଧ୍ୟରେ ପାର୍ଥକ୍ୟ । ଏ ସମସ୍ତ ସୂଚନା ଏହି ପରିମାପର ଉପଯୋଗୀତା ବୃଦ୍ଧି କରିଥାଏ । ସମୟ କ୍ରମେ ଏହା ତୁଳନା କରି, ୨୦୧୩ ଜମି ଅକ୍ତିଆର ଅଧିନିୟମ କାର୍ଯ୍ୟକାରୀ ହେବା ପରେ କିମ୍ବା ପୂର୍ବରୁ ଅନୁଷ୍ଠାନ ଗୁଡିକ କେଉଁ ପର୍ଯ୍ୟନ୍ତ ଜମି ଅକ୍ତିଆର କରିବାରେ ସମର୍ଥ ହୋଇଛନ୍ତି, ତାହା ମାପ କରାଯାଇପାରେ । ରାଜ୍ୟଗୁଡିକ ବାକିଥିବା କାରବାର ବିଷୟରେ ସୂଚନା ଏବଂ ନିର୍ଦ୍ଦିଷ୍ଟ ଜମି କିଣାବିକା କ୍ଷେତ୍ରରେ ରେଜିଷ୍ଟ୍ରେସନ୍ ଏବଂ ମ୍ୟୁଟେସନ୍ ମଧ୍ୟରେ ନଷ୍ଟ ହୋଇଥିବା ସମୟ ବିଷୟରେ ସୂଚନା ପ୍ରାପ୍ତ କରି, ତାହା ପରିଚାଳନା ମାଧ୍ୟମ ହିସାବରେ ବ୍ୟବହାର କରୁଛନ୍ତି କିମ୍ବା ଏହା ସହିତ ଏସ୍ଏମ୍ଏସ୍ ନୋଟିଫିକେସନ୍ ସର୍ଭିସ୍ କାର୍ଯ୍ୟକାରୀ କରି କିଣାବିକା କରାଯାଉଥିବା ବ୍ୟକ୍ତିମାନଙ୍କ ଠାରୁ ଆବଶ୍ୟକ ତଥ୍ୟ/ସୁପାରିଶ ପ୍ରାପ୍ତ କରୁଛନ୍ତି । ସମୟ କ୍ରମେ ଏହି ପରିମାପର ପରିବର୍ତ୍ତନ ନିର୍ଦ୍ଦିଷ୍ଟ ଦଳର ମୁଖ୍ୟତଃ HSAA ମାନଙ୍କର ଜମିମାଲିକାନାରେ ବୃଦ୍ଧି ଲକ୍ଷ୍ୟ କରୁଥିବା ପଲିସିର ସଫଳତା ପାଇଁ ଜରୁରୀ ପଦକ୍ଷେପ ପ୍ରଦାନ କରିଥାଏ ଏବଂ ଆବଶ୍ୟକ ସ୍ଥଳେ ସୁଧାର ମୂଳକ ପଦ କ୍ଷେପ ନେଇଥାଏ ।

## *ଟିକସ ସଂଗ୍ରହ ଏବଂ ନକ୍ସାଙ୍କନ*

**ଭାରତରେ** ସ୍ଥାନୀୟ ସରକାରଙ୍କ ଦ୍ୱାରା ସଂଗ୍ରହ ହୋଇଥିବା ନିଜର ରାଜସ୍ୱ ଅତି ସୀମୀତ ଅଟେ ତେଣୁ ସେମାନେ ଅନ୍ୟ ସୂତ୍ରରୁ ପ୍ରାପ୍ତହୋଇଥିବା ରାଜସ୍ୱ ଉପରେ ଅଧିକ ନିର୍ଭରଶୀଳ ଥାଆନ୍ତି। କଳନା କରାଯାଇଥିବା ଏବଂ ସଂଗ୍ରହ କରାଯାଇଥିବା ଜମିଜମା ଟିକସ, ଭାରତରେ ଥିବା ସହରଗୁଡିକ ମଧ୍ୟରେ ଏବଂ ଅନ୍ୟ ଦେଶଗୁଡିକରେ, ଉପରେ ଡାଟା ବିଶ୍ଳେଷଣ କଲେ, ମୋଟ କଳନା କରାଯାଇଥିବା କେତେ ଅଂଶ ପ୍ରକୃତ ପକ୍ଷରେ ସଂଗ୍ରହ କରାଯାଇପାରୁଛି ତାର ନିଦ୍ଦିଷ୍ଟ ପରିମାଣ ଜାଣିବାରେ ସାହାଯ୍ୟ ହୋଇପାରିବ ।ଏହି ବିଶ୍ଳେଷିତ ତଥ୍ୟକୁ ଆହୁରି ଭଲ ଭାବରେ ବିଶ୍ଳେଷଣ କଲେ ଏହା ଜଣାପଡିବାରେ ସାହାଯ୍ୟ ହୋଇପାରିବ ଯେ, ଟିକସମ୍ୟାପ୍‌ର ବିସ୍ତାରିତ ଭାବରେ ଅନ୍ତର୍ଭୁକ୍ତ କରି ଟାକ୍ସ ସଂଗ୍ରହ କରିବାରେ କେଉଁ ପ୍ରକାର ଆର୍ଥିକ ପ୍ରତିବନ୍ଧକ ରହିଛି କିମ୍ବା ବିଭିନ୍ନ ଟିକସହାରରେ କୌଣସି ସମସ୍ୟା ରହିଛି । ଅପେକ୍ଷାକୃତ ଅଳ୍ପ ପରିମାଣର ଜମିଜମି ଟାକ୍ସ ସଂଗ୍ରହର କାରଣ ଜାଣିବା ଆର୍ଥିକ ଦୃଷ୍ଟିକୋଣରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଭାରତରେ ରାଜସ୍ୱ -ନ୍ୟୁଟ୍ରାଲ୍ (ଯେତିକି ଲାଭ ସେତିକି କ୍ଷତି) ବିକଳ୍ପ ବାହାର କରିବା ଅତ୍ୟନ୍ତ ଆବଶ୍ୟକ କାରଣ ଏହା ଦ୍ୱାରା ହିଁ ଅଧିକ ଷ୍ଟାଂପ୍‌ଡ୍ୟୁଟିର ହାର କମ୍ କରାଯାଇପାରିବ, ଯାହାକି ଅଣ ଔପଚାରିକ କିଣାବିକା କିମ୍ବା ଦକ୍ଷତାପୂର୍ଣ୍ଣ ଜମି ବ୍ୟବହାର ପ୍ରୋତ୍ସାହିତ ନ କରି ବିକ୍ରୟମୂଲ୍ୟ ଅପେକ୍ଷାକୃତ କମ୍ ଦର୍ଶାଇବାର କରିବାର ମୁଖ୍ୟ କାରଣ ଭାବରେ ବିଶ୍ୱାସ କରାଯାଏ ।

## *ବାକିଥିବା ବିବାଦର ସ୍ତର*

ପ୍ରାୟ ସମସ୍ତ ରାଜ୍ୟରେ କାର୍ଯ୍ୟକାରୀ କରାଯାଇଥିବା ଏଲ୍‌ଜିଏଏଫ୍ (LGAF) ନିର୍ଦ୍ଦିଷ୍ଟ ସ୍ପଷ୍ଟ କାରଣ ଦେଇଛି, ଯେଉଁଥିପାଇଁ ଜମିଜମାଗତ ବିବାଦ ବହୁତ ଦିନ ଧରି ଲାଗି ରହିଥାଏ । ଏହା ଗୁରୁତ୍ୱ ଦେଇଛି ଯେ, କିଛି ଅତିରିକ୍ତ ପ୍ରଚେଷ୍ଟା ସହିତ ବିବାଦର ଶ୍ରେଣୀଭୁକ୍ତ କରି ସେଗୁଡିକ ବିଚାର କରୁଥିବା କୋର୍ଟ ଜମିଜମା ସମ୍ବନ୍ଧୀୟ ସମସ୍ତ ଡାଟା ଏବଂ ବିବାଦ କଂପ୍ୟୁଟରକରଣ କରି ବିବାଦର ପ୍ରକାର ବିଷୟରେ ଉପଯୋଗୀ ସୂଚନା ପ୍ରାପ୍ତକରିବା ସମ୍ଭବ ହୋଇପାରିବ । ତା ସହିତ ସେ ବିବାଦ ଗୁଡିକର ଶୀଘ୍ର ସମାଧାନ ପାଇଁ ସଫଳ ସମାଧାନ ବିଷୟରେ ସୂଚନା ପ୍ରାପ୍ତକରିହେବ । କେବଳ ଏହା ନୁହେଁ ଯେ, କଂପ୍ୟୁଟରକରଣ କୋର୍ଟକୁ କେସ୍ ପ୍ରବାହ ପରିଚାଳନା କରିବା ଏବଂ କାର୍ଯ୍ୟ ଦକ୍ଷତା ମାପ କରିବାରେ ସାହାଯ୍ୟ କରିବ ଏହା ତିନୋଟି କ୍ଷେତ୍ରରେ ଭାରି ଗୁରୁତ୍ୱପୂର୍ଣ୍ଣ ସହାୟତା କରିବ । ମୁଖ୍ୟତଃ (କ) ଦକ୍ଷତା ବୃଦ୍ଧି କରିବାରେ ପ୍ରାଥମିକତା କ୍ଷେତ୍ର ଚିହ୍ନଟ କରିବାରେ ଚିହ୍ନଟ କରିବ ଏବଂ ନିୟମ ଏବଂ ନିୟନ୍ତ୍ରଣ ସ୍ପଷ୍ଟିକରଣ କରିବାରେ ସାହାଯ୍ୟ କରିବ; (ଖ) ବିବାଦଗୁଡିକର ଆର୍ଥିକ ପରିଣାମ ଏବଂ ବିଭିନ୍ନ ସାମାଜିକ ଦଳ ଉପରେ ଏଗୁଡିକର ପ୍ରଭାବ ମାପ କରିପାରିବ; ଏବଂ (ଗ) ସଚେତନତା ବୃଦ୍ଧି କରିବା ପାଇଁ ଏବଂ ବିବାଦ ସମାଧାନର ଦକ୍ଷତା ବୃଦ୍ଧି କରିବା ପାଇଁ କରାଯାଇଥିବା ଆଇନ୍‌ଗତ ପରିବର୍ତ୍ତନ ଏବଂ ହସ୍ତକ୍ଷେପର ସଫଳତା ମଧ୍ୟ ମାପ କରିପାରିବ ।

# ୫. ଜାତୀୟ କାର୍ଯ୍ୟକ୍ରମ ପାଇଁ ପ୍ରାଥମିକତା

ଯେହେତୁ ଜମି ହେଉଛି ଏକ ରାଜ୍ୟ ବିଷୟ, ଅଧିକାଂଶ ପଦକ୍ଷେପ ରାଜ୍ୟ ସ୍ତରରେ ହିଁ ନେବା ଆବଶ୍ୟକ, କେନ୍ଦ୍ର ଏହି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇପାରିବ, (i) ଉନ୍ନତତର ପଦକ୍ଷେପ ପ୍ରୋତ୍ସାହିତ କରି (ii) ମାନଦଣ୍ଡ ନିର୍ଦ୍ଧାରଣ କରି (ଜାତୀୟ ନିୟମ ସ୍ପଷ୍ଟିକରଣ ଆବଶ୍ୟକ ଅନୁସାରେ) ଏବଂ କ୍ଷମତା ବୃଦ୍ଧି କରିବ; (iii) କାର୍ଯ୍ୟ ଦକ୍ଷତା ଏଭଳି ଭାବରେ ପର୍ଯ୍ୟବେକ୍ଷଣ କରି ଯେପରିକି ନିର୍ଦ୍ଦିଷ୍ଟ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ଉତ୍ତମ କାର୍ଯ୍ୟ ଅଭ୍ୟାସ ଚିହ୍ନଟ କରିପାରିବ ଏବଂ ଅନ୍ୟ ରାଜ୍ୟ ଦ୍ୱାରା ଏହାର ପ୍ରଣୟନରେ ସାହାଯ୍ୟ କରିବ ।

## ୫.୧ ଫିଡ୍‌ବ୍ୟାକ୍ ଲୁପ୍ (ତଥ୍ୟ ସଂଗ୍ରହର ମାଧ୍ୟମ) ସ୍ଥାପନ କରିବା ଏବଂ ପର୍ଯ୍ୟବେକ୍ଷଣ କରିବା

ଅଂଶଗ୍ରହଣ କରୁଥିବା ରାଜ୍ୟଗୁଡିକରେ ଅନୁସରଣ ଏବଂ ପର୍ଯ୍ୟବେକ୍ଷଣ କରିବା ପାଇଁ ଏଲ୍‌ଜିଏଏଫ (LGAF) ଅନେକ ଆଗ୍ରହ ଏବଂ ଇଚ୍ଛୁକତା ସୃଷ୍ଟି କରି ପାରିଛି ।ଏଭଳି ଏକ ପ୍ରଣାଳୀ ସ୍ଥାପନ କରିବାରେ ଏହା ସୁଯୋଗ ଦେଇଛି ଯାହାକି ଆବଶ୍ୟକ ଅନୁସାରେ ନିର୍ଦ୍ଦିଷ୍ଟ ରାଜ୍ୟରେ ଅଧିକ ବିବରଣୀସମ୍ଭବ କରୁଛି ଏବଂ ତା ସହିତ ଉପରୋକ୍ତ ଆଲୋଚନା କ୍ରମେ ଏ ସମାନ ପ୍ରକାରର ସାଧାରଣ ପରିମାପ ସେଟ୍ ବ୍ୟବହାର କରିବା ସମ୍ଭବ ହୋଇଛି ।ଏହି ପରିମାପଗୁଡିକ ସମର୍ଥ ହେବା ଉଚିତ୍ ଯେ, (i) ଉଚ୍ଚ ସ୍ତରୀୟ ଫଳାଫଳ ଉପରେ ଧ୍ୟାନ କେନ୍ଦ୍ରିଭୁତ କରିବା ଯାହାକି ପରେ ଅଲଗା ଅଲଗା କରାଯାଇପାରିବ (ଆବଶ୍ୟକ ଅନୁସାରେ ଉପ-ପରିମାପରୁ ମଧ୍ୟ); (i) ଜମିଜମା ପ୍ରଶାସନର ଅଧିକାଂଶ ଦୃଷ୍ଟିକୋଣ ଅନ୍ତର୍ଭୁକ୍ତକରିବା ପାଇଁ ଅଧିକ ବିସ୍ତାରିତ ହେବା; (ii) ନିମ୍ନ ସ୍ତରରେ ଥିବା ପ୍ରଶାସନିକ ୟୁନିଟ୍‌କୁ କିଛି ଦାୟିତ୍ୱ ହସ୍ତାନ୍ତର କରି ପରିଚାଳନା ମାଧ୍ୟମ ଦ୍ୱିଗୁଣିତ କରିବା; (iii) ଏହି ପ୍ରଣାଳୀରୁ ଶିକ୍ଷା ପ୍ରାପ୍ତ କରିବା ପାଇଁ ବିଭିନ୍ନ ରାଜ୍ୟର ତୁଳନା କରିବା ଏବଂ ଏପରିକି ସହଯୋଗୀମାନଙ୍କ ମଧ୍ୟରେ ଏହି ପ୍ରଣାଳୀରୁ ଶିକ୍ଷାଲାଭ କରିବା ପାଇଁ ସାହାଯ୍ୟ କରିବା; (iv) ପଦକ୍ଷେପ ନେଇ ପାରିବା ଭଳି ହେବା । ଏଭଳି ପରିମାପଗୁଡିକ, ଯଦି ଲଗାତାର ଭାବରେ କାର୍ଯ୍ୟକାରୀ କରାଯାଏ, ତାହା ଏନ୍‌ଏମ୍‌ଆରଏମ୍‌ପି (v) ଭଳି କେନ୍ଦ୍ର ସରକାରଙ୍କ କାର୍ଯ୍ୟକ୍ରମକୁ ଅଧିକ କାର୍ଯ୍ୟଦକ୍ଷତା ଆଧାରିତ କରିବାରେ ସାହାଯ୍ୟ କରିବ ତାହା ନୁହେଁ, ରାଜ୍ୟ ସ୍ତରରେ କ୍ଷମତା ବୃଦ୍ଧି କରିବାରେ ମଧ୍ୟ ସାହାଯ୍ୟ କରିବ ।

ଜାତୀୟ ସ୍ତରର ପରିମାପ ସେଟ୍ ସହିତ ରାଜ୍ୟଗୁଡିକ ନିଜ ନିଜର ପରିମାପ ଧାର୍ଯ୍ୟ କରିପାରିବେ (ଅନେକ ମଧ୍ୟ କରିଛନ୍ତି), କେନ୍ଦ୍ରୀୟ ସାହାଯ୍ୟ ପ୍ରଣାଳୀଗତ ପରାମର୍ଶ ଦେବା ପାଇଁ ଏକ ପରିମାପର ସେଟ୍ ଧାର୍ଯ୍ୟ କରିବା ପର୍ଯ୍ୟନ୍ତ ସୀମିତ ଏବଂ ଗୁରୁତ୍ୱପୂର୍ଣ୍ଣ । ଏହି କେନ୍ଦ୍ରୀୟ ପରିମାପଗୁଡିକ ଲଗାତାର ଏବଂ ତୁଳନାତ୍ମକ ତଥ୍ୟ ସେଟ୍ ନିଶ୍ଚିତ କରିଥାଏ ଏବଂ ଏହି ଡାଟା ସେଟ୍ ବିଭିନ୍ନ ରାଜ୍ୟର କାର୍ଯ୍ୟଦକ୍ଷତା ତୁଳନା ପାଇଁ ପ୍ରାପ୍ତହେଉଥିବା ଫଳାଫଳ ବ୍ୟବହାର କରେ ଏବଂ କ୍ଷମତା ବୃଦ୍ଧି ଏବଂ ପଦକ୍ଷେପ ଗୁଡିକ ଉନ୍ନତତର କରିବା ପାଇଁ ଆବଶ୍ୟକ ସୂଚନା ପ୍ରଦାନ କରି ଜାତୀୟ ପ୍ରାଥମିକତା ଧାର୍ଯ୍ୟ କରିବାରେ ସାହାଯ୍ୟ କରେ । ଉପରେ ରାଜ୍ୟ ସ୍ତରରେ କାର୍ଯ୍ୟଶାଳା ସାଧ୍ୟମରେ ପ୍ରଚାର କରାଯାଇପାରିବ ଯାହାକି ଜାତୀୟ ଘଟଣାବଳୀଗୁଡିକୁ ନିୟମିତ ଭାବରେ ସହଯୋଗ କରୁଥିବା (ଉଦାହରଣ ସ୍ୱରୂପ ଏକ ବାର୍ଷିକ ଏଲ୍‌ଜିଏଏଫ୍ ଫୋରମ୍) ।

ଏହା ଆଗକୁ ନେବା ପାଇଁ ଏକ ଜାତୀୟ ଅଗ୍ରଣୀ ସଂସ୍ଥା ସ୍ଥାପନ କରିବାରେ ପ୍ରସ୍ତାବ ଦିଆଯାଉଛି ଯେ କି (i) ଏହି ପରିମାପଗୁଡିକ ମାପ କରିବା ପାଇଁ ଏକ ପ୍ରଣାଳୀ ପ୍ରସ୍ତୁତ କରିବ (ii) ନିର୍ଦ୍ଦିଷ୍ଟ ଏଲ୍‌ଜିଏଏଫ୍ (iii) ରାଜ୍ୟ ଗୁଡିକରେ ଥିବା ଅଗ୍ରଣୀ ଅନୁଷ୍ଠାନ ଗୁଡିକର ସହଯୋଗରେ ଏହି ଏଲ୍‌ଜିଏଏଫ୍‌ର ପ୍ରୟୋଗ କାର୍ଯ୍ୟକାରୀ କରିବା ଅଗ୍ରଣୀରେ ଭୂମିକା ଗ୍ରହଣ କରିବା ଏବଂ ତା ସହିତ କେନ୍ଦ୍ରଶାସିତ ଅଞ୍ଚଳ ଏବଂ ରାଜ୍ୟ ଯେଉଁମାନେ କି ଭୂ-ସଂସ୍କାର ଏବଂ ତାହା ସହ ଜଡିତ ଥିବା କାର୍ଯ୍ୟ ଦକ୍ଷତା ପର୍ଯ୍ୟବେକ୍ଷଣ ଓ ବ୍ୟବସାୟ କରିବା ପ୍ରଚେଷ୍ଟା ଅନ୍ତର୍ଭୁକ୍ତ କରିବାକୁ ଚାହୁଁଥିବେ ସେମାନଙ୍କୁ ଆବଶ୍ୟକ ପରାମର୍ଶ ଏବଂ ନିର୍ଦ୍ଦେଶ ପ୍ରଦାନ କରିବା । (iv) ପ୍ରସ୍ତୁତ ହୋଇଥିବା ଡାଟା ଏଭଳି ଭାବରେ ବ୍ୟବହାର କରିବ ଯାହାକି ନିୟମିତ ରିପୋର୍ଟ ପାଇଁ ଏକ ଫର୍ମାଟ୍ ସୃଷ୍ଟି କରିବ ।; (LGAF) ଏଲ୍‌ଜିଏଏଫ୍ ଆଲୋଚନାରେ ଆସିଥିବା କେତେକ ନୀତିଗତ ସମସ୍ୟା ଉପରେ ନୂତନ ଏବଂ ଆବଶ୍ୟକୀୟ ଦିଗ୍‌ଦର୍ଶନ ପ୍ରଦାନ କରିବା ପାଇଁ ଏହି ଡାଟା ଗୁଡିକ କିପରି ବ୍ୟବହାର କରାଯାଇପାରିବ ତାହା ତଥ୍ୟ ଆଧାରିତ ଉଦାହରଣ ସହାୟତାରେ ବର୍ଣ୍ଣନା କରିବା ।

## ୫.୨ ଅନୁଷ୍ଠାନଗତ ବିଭକ୍ତିକରଣ ସମସ୍ୟା ଦୂର କରିବା

ଆଇନ୍‌ଗତ ସମସ୍ୟାରେ ଏଗୁଡିକ ଅନ୍ତର୍ଗତ (i) ଖୋଲାପଣ ଉପରେ ଆଧାରିତ ଏବଂ ସ୍ପଷ୍ଟ ଇ-ଗଭରର୍ଣ୍ଣାନ୍‌ସ୍ ପାଇଁ ଏକ ଅନୁକୂଳ ଆଇନ୍ ଗତ ବାତାବରଣ ସୃଷ୍ଟି କରିବା (ii) ଏକ ବିବାଦଶୂନ୍ୟ ଏବଂ ସ୍ପଷ୍ଟ ଟାଇଟିଲ୍ ସୃଷ୍ଟି ହେବାରେ ସାହାଯ୍ୟ କରିବା ପାଇଁ ଆବଶ୍ୟକ ଆଇନ୍ ପ୍ରସ୍ତୁତ ମୁଖ୍ୟ ଉପାଦାନ ଚିହ୍ନଟ କରିବା; (iii) ଜମିଜମା ନିୟମଗୁଡିକ ମଧ୍ୟରେ ସାମଞ୍ଜସ୍ୟ ଏବଂ ପରସ୍ପର ପରିପୂରକତାର ପୁନଃ ଅବଲୋକନ କରିବା ପ୍ରଚେଷ୍ଟାରେ ସାହାଯ୍ୟ କରିବା ଯେପରିକି ପ୍ରାପ୍ତହୋଇଥିବା ସଂପୂର୍ଣ୍ଣ ଶିକ୍ଷା ଅଲଗା କରିହେବ ଏବଂ କେଉଁ ଆଇନ୍‌କାନୁନ୍ ପ୍ରାଥମିକତା ଭିତ୍ତିରେ ସଂଶୋଧନ କରିବା ଆବଶ୍ୟକ ତାହା ଚିହ୍ନଟ କରିବ ।ଅନୁଷ୍ଠାନଗତ ଦୃଷ୍ଟିକୋଣରୁ, ବର୍ତ୍ତମାନର ଜମିଜମା ଅନୁଷ୍ଠାନଗୁଡିକ ଏକୀକୃତ କରିବାର ଉପାୟ ବାହାର କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହେବ । ଏ ପ୍ରକାର ଏକତ୍ରୀକରଣ ପ୍ରଚଳିତ ସୀମା ଅତିକ୍ରମ କରିବା ଉଚିତ୍ ଏବଂ ଆର୍ଥିକ ଦୃଷ୍ଟି କୋଣରୁ ସେମାନଙ୍କୁ ସ୍ୱୟଂ ଚାଳିତ କରିବ । ଏହା କଲାବେଳେ ଫିଜ୍‌ର ହାର ଏହାର ମୌଳିକ ଉଦ୍ଦେଶ୍ୟ ସାଧନର ଅନୁପାଳନ କରିବା ଆବଶ୍ୟକ ।

ଶେଷରେ, କେନ୍ଦ୍ର ସରକାର ଅଳ୍ପ ଖର୍ଚ୍ଚ ବିଶିଷ୍ଟ ସମାଧାନ କାର୍ଯ୍ୟକାରୀ କରିବା ପାଇଁ ଏଭଳି ଭାବରେ ମୁଖ୍ୟ ଭୂମିକା ଗ୍ରହଣ କରିପାରିବେ (i) ଏକ ସାଧାରଣ ସ୍ଥାନ ଦିଗ ଭିତ୍ତିକ ତଥ୍ୟର ମୌଳିକ ସୁବିଧା ସ୍ଥାପନ କରିବା ପାଇଁ ଚିତ୍ର ଏବଂ ମୂଳ ନକ୍ସା ଉପଲବ୍ଧ କରାଇପାରିବେ। (ii) ଏକ ମାଧ୍ୟମ ପ୍ରଦାନ କରିପାରିବେ ଯେ କି ବିଭିନ୍ନ ପ୍ରକାର ଦସ୍ତାବିଜସଂଯୋଗକରି ପାରୁଥିବ ଏବଂ ନିଜକୁ ସ୍ୱ ଭାବରେ ଅଧୁନାତନ କରିପାରୁଥିବ; (iii) ଏଭଳି ସମାଧାନ ପ୍ରୋତ୍ସାହନ କରିବ ଯାହାକି କେବଳ ଥରେ ମାତ୍ର ପୁନଃ ସର୍ଭେ ନ କରି ଦସ୍ତାବିଜରଖିବା ଏବଂ ତାକୁ ନିୟମିତ ଭାବରେ ଅଧୁନାତନ କରିବାକୁ ପ୍ରୋତ୍ସାହିତ କରିବ ।

## ୫.୩ ସାର୍ବଜନୀନ ସରକାରୀ ସଂପଦ ବଣ୍ଟନ ପାଇଁ ମାପକାଠିର ପୁନଃ ଅବଲୋକନ କରିବା

ଯଦିଓ ଜମିଜମା କ୍ଷେତ୍ରରେ ଭାରତରେ ଅନେକ ଫଳପ୍ରସୂ ପଦକ୍ଷେପପଣ୍ଡ ନିଆଯିବାର ଉଦାହରଣ ରହିଛି, ସେଥିମଧ୍ୟରୁ ଅଧିକାଂଶ କାର୍ଯ୍ୟ ପରିସର ଦୃଷ୍ଟି କୋଣରୁ ଅତ୍ୟନ୍ତ ବିଶାଳ (ଜିଲ୍ଲା ଉପରେ ଧ୍ୟାନ କେନ୍ଦ୍ରିଭୂତ କରିଛି ଏବଂ ସେହି ବିଶାଳ ୟୁନିଟ୍ ଭିତରେ ଲୁଚି ରହିଥିବା ବିଭିନ୍ନତା ଅବହେଳା କରିଛି) କିନ୍ତୁ ସର୍ଭେ ଉପରେ ଅଳ୍ପ ଧ୍ୟାନ ଦିଆଯାଇଛି ଏବଂ ଏକୀକୃତ ଦସ୍ତାବିଜପରିଚାଳନା କିମ୍ବା ଉନ୍ନତ ମାନର ଜମି ବ୍ୟବହାର କ୍ଷେତ୍ରରେ ଏତେ ଗୁରୁତ୍ୱ ଦିଆଯାଇନାହିଁ । ବେଳେବେଳେ ମୁଖ୍ୟ ପଦକ୍ଷେପ ଗୁଡିକର ସଫଳତା କିମ୍ବା ବିଫଳତା ମାପ କରିବାର ସ୍ପଷ୍ଟ ମାପକାଠି ନ ଥିଲା, କୌଣସି ସମୟ ସୀମା ନ ଥିଲା, ଏବଂ ଏହି ପଦକ୍ଷେପର ବିସ୍ତାରଣ କରିବା ପାଇଁ କୌଣସି କୌଶଳ ମଧ୍ୟ ଧାର୍ଯ୍ୟ କରାଯାଇ ନଥିଲା। ଆଂଶିକ ଫଳାଫଳ ହିସାବରେ ସେଥିମଧ୍ୟରୁ ଅଳ୍ପ କେତେକ ହିଁ ସଫଳ ହୋଇଥିଲା କିମ୍ବା ଅଧିକ ଶିକ୍ଷା ପ୍ରାପ୍ତକରିବା ପାଇଁ ବିଶ୍ଳେଷଣ କରାଯାଇଥିଲା । ଏହାର ପ୍ରତିକାର ସ୍ୱରୂପ ଜମିଜମା ପ୍ରଶାସନ (ନିମ୍ନରେ ଦେଖନ୍ତୁ)ବିଶେଷ ପରିସ୍ଥିତିରେ ସମାଧାନ ବାହାର କରିବା ପାଇଁ ଏଭଳି ଭାବରେ କରିବା ଗୁରୁତ୍ୱପୂର୍ଣ୍ଣ ଯାହାକି ବାରମ୍ବାର ଯାଞ୍ଚ୍ କଳାପରେ ମୂଲ୍ୟାଙ୍କନ କରିବା ସମ୍ଭବ କରିବ ଏବଂ ସେଥିରୁ ପ୍ରାପ୍ତପ୍ରମାଣ/ଶିକ୍ଷା ସର୍ବ ସାଧାରଣଙ୍କୁ ଜଣାଇ ଦିଆଯିବ ଯେପରିକି ସେଥିରୁ ଶୀଘ୍ର ଶିକ୍ଷା ପ୍ରାପ୍ତକରିହେବ, ବିଭିନ୍ନ ରାଜ୍ୟ ଏହାର ଅନୁସରଣ କରିପାରିବେ ଏବଂ ସଫଳ ପ୍ରଣାଳୀଗୁଡିକର କାର୍ଯ୍ୟକାରିତା ପରିସର ବିସ୍ତାର କରାଯାଇପାରିବ ।

ଏହି ପରିପେକ୍ଷୀରେ ଫବିଶେଷଣ୍ଡ ସମସ୍ୟା ଯାହାକି ଅନ୍ତର୍ଭୁକ୍ତକରିବାକୁ ଅଛି, ତାହା ହେଲା, (i) ଅତୀତରେ ସର୍ଭେ କରା ହୋଇ ନଥିବା ଗ୍ରାମାଞ୍ଚଳରେ ଜମିଜମା ଦସ୍ତାବିଜ ଏଭଳି ପ୍ରସ୍ତୁତ କରିବା ଯାହାକି, ବ୍ୟକ୍ତିଗତ ଏବଂ ଗୋଷ୍ଠୀଗତ ଅଧିକୃତ ଏବଂ ବ୍ୟବହାରକୁ ସ୍ୱୀକାର କରୁଥିବ । (ii) ଜମି ଉପଲବ୍ଧତା ବିଷୟରେ ତଥ୍ୟ ସଂଗ୍ରହ କରିବା, ସୀମା ନିର୍ଦ୍ଧାରଣ କରିବା ଏବଂ ସାର୍ବଜନୀନ ସରକାରୀ ଜମି ପାଇଁ ପରିଚାଳନା ଦାୟିତ୍ୱର ସ୍ପଷ୍ଟିକରଣ କରିବା iii) ଗ୍ରାମାଞ୍ଚଳ ରେକର୍ଡ ଏହି ପରିପେକ୍ଷୀରେ ଅଧୁନାତନ କରିବା ଏବଂ ସ୍ଥାନ ଏବଂ ଦିଗ ଭିତ୍ତିକ ଭାବରେ ଅନୁସରଣ କରିବା ଯେଉଁଠାରେ ଏହା ଭଲ ଭାବରେ ବଜାୟ ରଖାଯାଇନାହିଁ କିମ୍ବା ଅତ୍ୟନ୍ତ ପୁରୁଣା ହୋଇ ଥିବାରୁ ବ୍ୟବହାରରେ ନାହିଁ । iii) ଜମି ବ୍ୟବହାରର ବର୍ତ୍ତମାନ ରେକର୍ଡ ଉପରେ ଆଧାରିତ କରି ସ୍ଥାନ ଦିଗ ଭିତ୍ତିକ ଏବଂ ଲିଖିତ ପ୍ରଣାଳୀ ଜମିଜମା ରେକର୍ଡ ସହରାଞ୍ଚଳର ବସ୍ତି ନଥିବା ଅଞ୍ଚଳ ପାଇଁ ରେକର୍ଡ ସୃଷ୍ଟି କରିବା ଏବଂ ସେ ଅନୁସାରେ ମାଲିକାନା କାଗଜପତ୍ର ଇସ୍ୟୁ କରିବା iv) ପରସ୍ପର ଅଂଶଗ୍ରହଣକାରୀ ଯୋଜନା, ମ୍ୟାପିଙ୍ଗ୍ ଏବଂ ଅଣ ଔପଚାରିକ ଆବାସିକ ଅଞ୍ଚଳରେ ଆବାସର ସମୟ ଅବଧି ବୃଦ୍ଧି କରିବା; v) ଉଭୟ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ଗରିବ ଲୋକଙ୍କ ପାଇଁ ମଧ୍ୟ ଜମି ଉପଲବ୍ଧତା ସୁନିଶ୍ଚିତ କରିବା । ଯେତେବେଳେ ଏହି ବିଷୟବସ୍ତୁର ପ୍ରତ୍ୟେକ ବିଷୟ ମଧ୍ୟରେ ଅପେକ୍ଷାକୃତ ଗୁରୁତ୍ୱତାରେ ପାର୍ଥକ୍ୟ ଆସିବ, ଏବଂ ସମସ୍ତ ରାଜ୍ୟରେ ଅଗ୍ରଣୀ ଭିତ୍ତିରେ କାର୍ଯ୍ୟକାରୀ କରିବାର ଆବଶ୍ୟକତା ମଧ୍ୟ ନଥିବ, ଏହା ଆବଶ୍ୟକ ହେବ ଯେ, ଏକାଧିକ ରାଜ୍ୟରେ ପ୍ରତ୍ୟେକ ବିଷୟବସ୍ତୁ ଅଗ୍ରଣୀ ଭିତ୍ତିରେ କାର୍ଯ୍ୟକାରୀ ହେବ ଯେପରିକି ସ୍ଥାନୀୟ ବିଶେଷତା ଅନୁସାରେ ଆବଶ୍ୟକ ପରିବର୍ତ୍ତନ କରି ତାକୁ କାର୍ଯ୍ୟକାରୀ କରାଯାଇପାରିବ, ଅନୁଭବର ଆଦାନପ୍ରଦାନ ହୋଇପାରିବ, ଏବଂ କ୍ଷମତା ପ୍ରସ୍ତୁତ କରିବ ।

ଏହି ଅଗ୍ରଣୀ ଭିତ୍ତିକ କାର୍ଯ୍ୟକ୍ରମ ପାଇଁ ପ୍ରଚେଷ୍ଟା, ଆବଶ୍ୟକ ଥିବା ରାଜ୍ୟରୁ ହିଁ ଆସିବା ଆବଶ୍ୟକ, ଏ କଥା ସତ୍ୟ ଯେ, ଭଲ ଭାବରେ ପ୍ରସ୍ତୁତ ହୋଇଥିବା ଏବଂ ଭଲ ଭାବରେ କାର୍ଯ୍ୟକାରୀ କରାଯାଇଥିବାଅଗ୍ରଣୀ ଭିତ୍ତିକ କାର୍ଯ୍ୟକ୍ରମ ଅନ୍ୟ ରାଜ୍ୟ ଗୁଡିକରେ ଅନୁକୂଳ ପ୍ରଭାବ ପକାଇବ ଯାହାକି କେନ୍ଦ୍ରିୟ ଫଣ୍ଡିଙ୍ଗ୍ ପାଇଁ ଯୁକ୍ତିଯୁକ୍ତ କାରଣ ହୋଇପାରିବ । ଏହା ହାସଲ କରିବା ପାଇଁ ଅତ୍ୟନ୍ତ ଆବଶ୍ୟକ ଯେ, ପ୍ରତିଯୋଗୀତା ଉପରେ ଆଧାରିତ କରି ପ୍ରଚେଷ୍ଟା ଚୟନ କରାଯିବ ଏବଂ ଏହା ନିମ୍ନଲିଖିତ ମାପକାଠି ମଧ୍ୟ ପୂରଣ କରୁଥିବ ଯେପରିକି i) ପରିଷ୍କାର ଫଳାଫଳ ଫ୍ରେମ୍‌ୱାର୍କ, ପରିବର୍ତ୍ତନର ତତ୍ତ୍ୱ, ସଫଳତା ପାଇଁ ପରିମାଣଗତ ଲକ୍ଷ୍ୟ ଏବଂ ବିଫଳତା; ii) ବାରମ୍ବାର, ସ୍ୱାଧୀନ, ଏବଂ ଏକାଧିକ ଅଂଶୀଦାରୀ ଥିବା ବ୍ୟକ୍ତି/ସଂସ୍ଥା ଦ୍ୱାରା ପର୍ଯ୍ୟବେକ୍ଷଣ ଯେପରିକି ଲକ୍ଷ୍ୟ ହାସଲ କରାଯାଇପାରିବ; ଏବଂ iii) ଯାଞ୍ଚ୍ କରାଯାଇଥିବା ଏବଂ ସଫଳ ପ୍ରମାଣିତ ପ୍ରଣାଳୀ ବିଷୟରେ ସୂଚନା ପ୍ରଚାର କରିବା ପାଇଁ ଏବଂ କାର୍ଯ୍ୟକାରିତା ପରିସର ବୃଦ୍ଧି କରିବା ପାଇଁ ଏକ କୌଶଳ ନିର୍ଣ୍ଣୟ କରିବା ।

# ରେଫରେନ୍ସ୍


ଆଲୁୱାଲିଆ, I. J. ୨୦୧୪ ଟ୍ରାନ୍ସ୍ଫର୍ମିଙ୍ଗ୍ ଆୱାର୍ ସିଟିଜ୍: ପୋଷ୍ଟକାର୍ଡ ଅଫ୍ ଚେଞ୍ଜ୍ ନୂଆଦିଲ୍ଲୀ : ହରପର କଲିନ୍ସ୍ ।

ଆଣ୍ଡେଲ୍ଫାଟୋ, D. ୨୦୦୨." ଏ ଥିଓରୀ ଅଫ୍ ଇନାଲିଏବୁଲ୍ ପ୍ରପର୍ଟି ରାଇଟସ୍" ଜର୍ଣ୍ଣାଲ୍ ଅଫ୍ ପୋଲିଟିକାଲ୍ ଇକୋନୋମି ୧୧୦(୨), ୩୮୨ଲ୍କ୯୩.

ଆପୁ, ପି.ଏସ୍ ୧୯୯୭ ଲ୍ୟାଣ୍ଡ ରିଫର୍ମ ଇନ୍ ଇଣ୍ଡିଆ : ଏ ସର୍ଭେ ଅଫ୍ ପୋଲିସି, ଲେଜିସ୍ଲେସନ୍ ଏବଂ ଇ୍ମ୍ପ୍ଲିମେଣ୍ଟେସନ୍, ନୂଆଦିଲ୍ଲୀ :ବିକାଶ ପବ୍ଲିସିଂ ହାଉସ୍ ।

ବାଲାନ୍ସି, ଏସ୍ ୨୦୦୮." ଦି ଟାଉନ୍ ପ୍ଲାନିଙ୍ଗ୍ ମେକାନିଜିମ୍ ଇନ୍ ଗୁଜୁରାଟ, ଇଣ୍ଡିଆ", ୱାଶିଂଟନ୍ ଡିସି : ୱାଲ୍ଡ ବ୍ୟାଙ୍କ୍ ଇନ୍ଷ୍ଟିଚ୍ୟୁଟ୍

ବାଲାନ୍ସି, S., et al. ୨୦୧୩ "ଇନ୍ଭେନ୍ଟୋରୀ ଅଫ୍ ପବ୍ଲିକ୍ ଲ୍ୟାଣ୍ଡ ଇନ୍ ଅହମଦାବାଦ, ଗୁଜୁରାଟ,ଇଣ୍ଡିଆ," ଦିୱାଲ୍ଡ ବ୍ୟାଙ୍କ୍ ପଲିସି ରିସର୍ଚ୍ଚ ୱାର୍କିଙ୍ଗ୍ ପେପର ସିରିଜ୍ ୬୬୬୪.

ବନ୍ଦୋପାଧ୍ୟାୟ, S. ୨୦୧୪."କ୍ରିଟିକାଲ୍ ଇସ୍ୟୁ ଇନ୍ ମ୍ୟୁନିସିପାଲ୍ ଫାଇନାନ୍ସ୍: ଏ ସମରୀ ଫର ଇଣ୍ଡିଆ" ଆମେରିକାନ୍ ଇଣ୍ଟରନେସ୍ନାଲ୍ ଜର୍ଣ୍ଣାଲ୍ ଅଫ୍ ସୋସିଆଲ୍ ସାଇନ୍ସ୍ ୩(୪), ୧୩୪ଲ୍କ୪୭.

ବାନାର୍ଜୀ A.P.J ଗେଟ୍ଲର ଏବଂ ଏମ୍ ଘାତକ୍ ୨୦୦୨ ଏମ୍ପାୱାରମେଣ୍ଟ୍ ଏଣ୍ଡ ଇଫିସିଏନ୍ସି : ଟାଲେନ୍ସି ରିଫର୍ମ ଇନ୍ ୱେଷ୍ଟ୍ ବେଙ୍ଗଲ୍ "ଜର୍ଣ୍ଣାଲ୍ ଅଫ୍ ପୋଲିଟିକାଲ୍ ଇକୋନୋମି ୧୧୦(୨), ୨୩୯ଲ୍କ୮୦.

ଡି, ଜାନ୍ଭେରୀ, ଏ.କେ. ଇମେରିକ୍, ଏମ୍ ଗୋଜାଲେଜ୍ -ନାଭାରୋ ଏଣ୍ଡ ଇ. ସଡାଉଲେଟ୍, ୨୦୧୨, "ସାର୍ଟିଫାଏଡ ଟୁ ମାଇଗ୍ରେଟ୍ : ପ୍ରପର୍ଟି ରାଇଟସ୍ ଏଣ୍ଡ ମାଇଗ୍ରେସନ୍ ଇନ୍ ରୁରାଲ୍ ମେକ୍ସିକୋ ।"ୱାର୍କିଙ୍ଗ୍ ପେପର ବରକେଲି, କାଲିଫର୍ଣ୍ଣିଆ ।

ଡାଇନିଙ୍ଗର କେ.ଜେ. ସଗକ୍ୱିନ୍ ଏବଂ କେଏଚ୍ ନାଗାରାଜନ୍ ୨୦୦୮ । ଲ୍ୟାଣ୍ଡ ରିସର୍ଚ୍ଚ, ପ୍ରଭର୍ଟି ରିଡକ୍ସନ୍ ଏବଂ ଇକୋନୋମିକ୍ ଗ୍ରୋଥ : ଏଭିଡେନ୍ସ୍ ଫ୍ରମ୍ ଇଣ୍ଡିଆ ଜର୍ଣ୍ଣାଲ୍ ଅଫ୍ ଡେଭେଲପ୍ମେଣ୍ଟ୍ ଷ୍ଟଡିଜ୍ ୪୫(୪), ୪୯୬-୫୨୧.

ଡାଇନିଙ୍ଗର କେ.ଏ. ଗୋୟାଲ୍ ଏବଂ ଏଚ୍.କେ ନାଗାରାଜନ୍ ୨୦୧୩a." ଓମେନ୍ସ୍ ଇନ୍ହେରିଟାନ୍ସ୍ ରାଇଟସ୍ ଏଣ୍ଡ ଇଣ୍ଟର ଜେନେରେସନାଲ୍ ଟ୍ରାନ୍ସ୍ମିଶନ୍ ଅଫ୍ ରିସୋର୍ସ ଇନ୍ ଇଣ୍ଡିଆ" ଜର୍ଣ୍ଣାଲ୍ ଅଫ୍ ହ୍ୟୁମାନ୍ ରିସୋର୍ସେସ୍ ୪୮(୧), ୧୧୪–୪୧.

ଡାଇନିଙ୍ଗର କେ.ଜେ ସଗକ୍ୱିଙ୍ଗ୍ ଏଣ୍ଡ ଭି. ଯାଦବ୍, ୨୦୧୩b -ଦୀର୍ଘକାଳୀନ ନିବେଶରେ ସେୟାରକ୍ରପିଙ୍ଗ୍ ପ୍ରଭାବ ପକାଏ କି ?ଏଭିଡେନ୍ସ୍ ଫ୍ରମ୍ ୱେଷ୍ଟବେଙ୍ଗଲ୍ ଟେନାନ୍ସି ରିଫର୍ମ " ଆମେରିକାନ୍ ଜର୍ଣ୍ଣାଲ୍ ଅଫ୍ ଏଗ୍ରୀକଲ୍ଚୁରାଲ୍ ଇକୋନୋମିକ୍ସ୍ ୯୫(୩), ୭୭୨ଲ୍କ୯୦.

ଡାଇନିଙ୍ଗର କେ. ୨୦୧୪ "ସିକ୍ୟୋରିଙ୍ଗ୍ ଲ୍ୟାଣ୍ଡ ରାଇଟ୍ ଫର ସ୍ମଲ୍ ହୋଲ୍ଡର ଫାର୍ମରସ୍" ଇନ୍ ନ୍ୟୁ ଡାଇରେକ୍ସ୍ ଫର୍ ସ୍ମଲ୍ ହୋଲ୍ଡର ଏଗ୍ରୀକଲ୍ଚର, ପି.ବି. ଆର୍ଙ୍କ ହାଜେଲ୍ଙ୍କ ଦ୍ୱାରା ଏଡିଟେଡ୍ କରାଯାଇଛି ଏବଂ ଏ ରହମନ୍, ଅକ୍ସଫୋର୍ଡ : ଅକ୍ସଫୋର୍ଡ ୟୁନିଭର୍ସିଟି ପ୍ରେସ୍ ।

ଘାତକ୍ ଏମ୍ ଏବଂ ଏସ୍ ରାୟ ୨୦୦୭ ଭାରତରେ ଭୁସଂସ୍କାର ଏବଂ କୃଷି ଉତ୍ପାଦନ : ଏ ରିଭ୍ୟୁ ଅଫ୍ ଦି ଏଭିଡେନ୍ସ୍ : ଅକ୍ସଫୋର୍ଡ ରିଭ୍ୟୁ ଅଫ୍ ଇକୋନୋମିକ୍ ପଲିସି ୨୩(୨), ୨୫୧-୬୯.

ଘାତକ୍, ଏମ୍,ଏସ୍ ମିତ୍ର, ଡି ମୁଖାର୍ଜୀ ଏବଂ ଏ ନାଥ୍ ୨୦୧୩ ସିଙ୍ଗୁର୍ଠାରେ ଜମି ଅକ୍ତିଆର ଏବଂ କ୍ଷତିପୂରଣ, ପ୍ରକୃତରେ ଘଟଣା କଣ? ଲଣ୍ଡନ୍ ସ୍କୁଲ୍ ଅଫ୍ ଇକୋନୋମିକ୍ସ୍, ମିମିଓ ।

ଗୋସ୍ୱାମୀ, ବି. ୨୦୧୪ ଜିଓ-ଇନ୍ଫରମେଟିକ୍ ଫର ଫରେଷ୍ଟ୍ ରାଇଟ୍ : ହାର୍ଣ୍ଣେସିଙ୍ଗ୍ ଟେକ୍ନୋଲୋଜି ଫର ବେଟର ଲିଭ୍ଲିହୁଡ ସପୋର୍ଟ ଏଣ୍ଡ ଆସେସ୍ ଟୁ ଫରେଷ୍ଟ ରାଇଟ୍ । "ନ୍ୟାସ୍ନାଲ୍ ଇନ୍ଷ୍ଟିଚ୍ୟୁଟ୍ ଫର ସ୍ମାର୍ଟ ଗଭର୍ଣ୍ଣମେଣ୍ଟ" , ନୂଆଦିଲ୍ଲୀ ଏବଂ ହାଇଦ୍ରାବାଦ ।

କେଲି, ଆର ୨୦୧୩ " ମେକିଙ୍ଗ୍ ଦି ପ୍ରପର୍ଟି ଟାକ୍ସ ୱାର୍କ " ଆଣ୍ଡ୍ରେଉ ୟଙ୍ଗ୍ ସ୍କୁଲ୍ ଅଫ୍ ପଲିସି ଷ୍ଟଡିଜ୍, ଆଟ୍ଲାଣ୍ଟା GA ।

ଲାଣ୍ଡେସା ୨୦୧୩ "ରିପୋର୍ଟ ଅଫ୍ ଦି ଫରମାଲ୍ ଏଣ୍ଡ ଇନଫରମାଲ୍ ବାରିୟରସ୍ ଇନ୍ ଦି ଇ୍ମ୍ପ୍ଲିମେଣ୍ଟେସନ୍ ଅଫ୍ ଦ ହିନ୍ଦୁ ସକସେସନ୍ (ସଂଶୋଧନ) ଅଧିନିୟମ ୨୦୦୫ ଲାଣ୍ଡେସା, ନୂଆ ଦିଲ୍ଲୀ ।

ମାଥୁର୍ ଓ.ପି.ଡି ଠାକୁର୍, ଏନ୍.ଆର ଆଶା ଏବଂ ଆର ବହଲ୍ ୨୦୦୯ । ଅରବାନ୍ ପ୍ରପର୍ଟି ଟାକ୍ସ ପୋଟେନ୍ସିଆଲ୍ ଇନ୍ ଇଣ୍ଡିଆ "ନ୍ୟାସ୍ନାଲ୍ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ପବ୍ଲିକ୍ ଫାଇନାନ୍ସ୍ ଏଣ୍ଡ ପଲିସି ନୂଆ ଦିଲ୍ଲୀ ।

ରୋସେନ୍ବ୍ଲମ୍ ଡି. ୨୦୧୩ " ଦି ଇଫେ ଅଫ୍ ଫର୍ଟିଲିଟି ଡିସିସନ୍ ଅନ୍ ଏକ୍ସେସ୍ ଫିମେଲ୍ ମୋର୍ଟାଲିଟି ଇନ୍ ଇଣ୍ଡିଆ । "ଜର୍ଣ୍ଣାଲ୍ ଅଫ୍ ପୋପୁଲେସନ୍ ଇକୋନୋମିକସ୍, " ୨୬(୧), ୧୪୭-୮୦.

ସ୍କଟିସ୍ ଲ କମିଶନ୍ ୨୦୧୦, "ରିପୋର୍ଟ ଅନ୍ ଲ୍ୟାଣ୍ଡ ରେଜିଷ୍ଟ୍ରେସନ୍ ଭୋଲ୍. ୧ ୫ ୨ ରିପୋର୍ଟ ୨୨୨ ଏଡିନ୍‌ବର୍ଗ ।

ଭାଲ୍‌ସେଟୀ ଏମ୍. ୨୦୧୪ ଘ ଲ୍ୟାଣ୍ଡ୍ ପ୍ରପର୍ଟି ରାଇଟ୍ ଏଣ୍ଡ୍ ଇଣ୍ଟରନେସ୍‌ନାଲ୍ ମାଇଗ୍ରେସନ୍: ଏଭିଡେନ୍‌ସ୍ ଫ୍ରମ୍ ମେକ୍ସିକୋ "ଜର୍ଣ୍ଣାଲ୍ ଅଫ୍ ଡେଭେଲପ୍‌ମେଣ୍ଟ୍ ଇକୋନୋମିକସ୍, ୧୧୦, ୨୭୬–୯୦ ।

ୱାଧ୍ୱା ଡି.ସି. ୧୯୮୯ ଗ୍ୟାରେଣ୍ଟିଂ ଟାଇଟେଲ୍ ଟୁ ଲ୍ୟାଣ୍ଡ୍: ଏ ପ୍ରିଲିମିନାରୀ ଷ୍ଟଡି: ଇକୋନୋମିକ୍ ଏଣ୍ଡ୍ ପୋଲିଟିକାଲ୍ ୱିକ୍‌ଲି ୨୪(୪।), ୨୩୨୩–୨୩୩୪.

ୱାଧ୍ୱା ଡି.ସି. ୨୦୦୨ ଗ୍ୟାରେଣ୍ଟିଂ ଟାଇଟେଲ୍ ଟୁ ଲ୍ୟାଣ୍ଡ୍: ଦି ଅନ୍‌ଲି ସେନ୍‌ସିବୁଲ୍ ସଲ୍ୟୁସନ୍ ଇକୋନୋମିକ୍ ଏଣ୍ଡ୍ ପୋଲିଟିକାଲ୍ ୱିକ୍‌ଲି ।

# ଆନେକ୍ସର ୧ : ରାଜ୍ୟ ଦ୍ୱାରା ନୀତି ପରିମାପ

## ଆନ୍ଧ୍ରପ୍ରଦେଶ

| ବିଷୟ | ସୁପାରିଶ | ଦାୟିତ୍ୱ |
|---|---|---|
| ୧. *ଗ୍ରାମାଞ୍ଚଳ ଜମିଜମା ରେକର୍ଡ ନିୟମିତ ଭାବରେ ସର୍ବଶେଷ ସଂଶୋଧନ କରାଯାଇନାହିଁ ଏବଂ ପୂର୍ବାନୁମିତ ଏବଂ ଦିଗ ଭିତ୍ତିକ ରେକର୍ଡର ଅଭାବ ରହିଛି; ସମସ୍ତ ଅଧିକାର ରେକର୍ଡ କରାଯାଇନାହିଁ :*<br>ମାଲିକ, ଚାଷୀ ଏବଂ ଅନୁଦାନ ପ୍ରାପ୍ତ କରିଥିବା ବ୍ୟକ୍ତି ପାଇଁ ପ୍ରଜାସତ୍ତ୍ୱ ଅଧିକାର ସୁରକ୍ଷିତ ଅଟେ । କୃଷି ଭିତ୍ତିକ ଜମିର ପ୍ରାୟ ୯୦ ଶତକଡାର ଖତିଆନ୍‌ର ROR ରହିଛି । ୧,୫୧,୩୨,୨୯୧ ପଟ୍ଟାଦାର ପାସ୍‌ବହି ବଣ୍ଟନ ହୋଇଛି; ୮୮.୭ ଶତକଡା ଐକିକ ନମ୍ବର ସହିତ । ROR ଖତିଆନ୍ ଡିଜିଟାଲ୍ କରାଯାଇଛି ଏବଂ କିଛି ଫିଜ୍ ଜମା କଲେ ମି-ସେବା କେନ୍ଦ୍ର ମାଧ୍ୟମରେ ପ୍ରାପ୍ତ କରିହେବ ।<br>ROR ଖତିଆନ୍‌ଗୁଡିକ ଡିଜିଟାଲ୍ କରିବା ପୂର୍ବରୁ ଯାଞ୍ଚ୍ କରାଯାଇନଥିଲା କିମ୍ବା ସର୍ବଶେଷ ସଂଶୋଧନ କରାଯାଇନଥିଲା ; ପ୍ରାୟ ୩୦ ଶତକଡା ଭୁଲ୍ ଥିବାର ହିସାବ କରାଯାଇଥିଲା । ଗ୍ରାମ୍ୟ ନକ୍ସା ଗୁଡିକ ୧୯୨୦ଠାରୁ ପ୍ରସ୍ତୁତ ହୋଇ ସର୍ବଶେଷ ସଂଶୋଧନ କରାଯାଇ ନଥିଲା; କେବଳ ମୂଳ ନକ୍ସା ୪୯ ଶତକଡା ଭଲ ଅବସ୍ଥାରେ ରହିଛି । ସମସ୍ତ ନକ୍ସା ଟିକିନିଖି ନିରୀକ୍ଷା କରାଯାଇଛି ।<br>କିଣାବିକା ପିତୃପୁରୁଷଙ୍କଠାରୁ ପ୍ରାପ୍ତ କରିଥିବା କିମ୍ବା ଉପହାର ଦତ୍ତ ଭାବରେ ପ୍ରାପ୍ତ କରିଥିବା ROR ଖତିଆନ୍‌ରେ ନଥିବା ଜମି ଗୁଡିକର ପୁନଃ ସର୍ଭେ କରିବା ବାକି ରହିଛି । ୨୦୧୩ ରେ ୨୩ ଶତକଡା ଜମି ପୃଥକ୍ ସର୍ଭେ ହେବାକୁ ବାକି ରହିଛି ।<br>ଚେନ୍ ମାଧ୍ୟମ ସର୍ଭେରେ ବହୁତ ସମୟ ଲାଗେ ଏବଂ ଏହା ସର୍ବଶେଷ ସଂଶୋଧନ ଅଧୁନାତନ କରିବା ଆବଶ୍ୟକ ।<br>ଜମିଜମାର ସରଜମିନ୍ ମାପ ବହି ଜିଲ୍ଲା ମୁଖ୍ୟାଳୟରେ ରହିଛି; ଜମି ଗୁଡିକର ଛୋଟ ଅଂଶକୁ ଅନ୍‌ଲାଇନ୍ ବା କଂପ୍ୟୁଟର ମାଧ୍ୟମରେ କରିବା ଅସମ୍ଭବ ଅଟେ । ଏହି ସବ୍‌ଡିଭିଜନ କରିବା ପାଇଁ ଲମ୍ବା ଅପେକ୍ଷା ତାଲିକା ଅଣଔପଚାରିକ ଫିସ୍ ବା ମାସୁଲ୍ ଏବଂ ମଧ୍ୟସ୍ଥ ସୃଷ୍ଟି କରିବାର ସୃଷ୍ଟି କରିଥାଏ ।<br>ପ୍ରଜାସତ୍ତ୍ୱ ଅଧିନିୟମ ସତ୍ତ୍ୱେ, ଅନେକ ପ୍ରଜା ରେକର୍ଡ ହୋଇନାହାନ୍ତି ।ସମୁଦାୟ ୨୨ ଲକ୍ଷ ପ୍ରଜାଙ୍କ ମଧ୍ୟରୁ ୨୦୧୧-୧୨ ରେ ୫.୧ ଲକ୍ଷଙ୍କୁ ଏଲଇସି ଦିଆଯାଇଥିଲା । ଜମିଜମାର ରାଜସ୍ୱ ଉଠାଇ ଦିଆଯିବା ଯୋଗୁଁ ପ୍ରଜା ମାନଙ୍କର ଅଧିକାର ପ୍ରତିକୂଳ ଭାବରେ ପ୍ରଭାବିତ ହୋଇଛି ।<br>ଅଧିକ ରେଜିଷ୍ଟ୍ରେସନ୍ ଫିଜ୍‌ରୁ ରକ୍ଷା ପାଇବା ପାଇଁ *ସାଦାବେନାମୀ* କେସ୍ ବହୁଳ ଭାବରେ ହୋଇଛି । ଯେଉଁ ପ୍ରଜାମାନେ ୩୦-୪୦ ବର୍ଷ ପୂର୍ବରୁ ଜମି କିଣିଥିଲେ, ଏବଂ ସେହି ଜମିକୁ ଚାଷ କରିଆସୁଛନ୍ତି, କିନ୍ତୁ ସେମାନଙ୍କ ନାମରେ ତଦନୁସାରେ ROR ଖତିଆନ୍‌ରେ ଦରଜ କରାଯାଇନାହିଁ । (୧୨-୧୫ ଲକ୍ଷ କୃଷକ) | ୧.୧ ଗ୍ରାମାଞ୍ଚଳରେ ପ୍ରକୃତ ତଥ୍ୟ ଉପରେ ଆଧାର କରି ମୂଳପାଠ୍ୟ ରେକର୍ଡର ଯାଞ୍ଚ୍ ଏବଂ ସର୍ବଶେଷ ସଂଶୋଧନକୁ ତ୍ୱରାନ୍ୱିତ ଏବଂ ସଂପୂର୍ଣ୍ଣ କରିବା ପାଇଁ ଏକ ଅଳ୍ପ ଖର୍ଚ୍ଚ ବିଶିଷ୍ଟ ଉପାୟ ଚିହ୍ନଟ କରାଯାଉ; ଅତିରିକ୍ତ ନୂତନ ପ୍ରଯୁକ୍ତି ବିଦ୍ୟାକୁ ପ୍ରାଥମିକତା ଅନୁସାରେ କାର୍ଯ୍ୟାନ୍ୱିତ କରାଯାଉ ।ଏହି ପ୍ରକ୍ରିୟାକୁ ଏକ ନିର୍ଦ୍ଦିଷ୍ଟ ଏବଂ ସାମ୍ଭାବ୍ୟ ସମୟ ସୀମା ଭିତରେ ସଂପନ୍ନ କରିବା ପାଇଁ ବ୍ୟାପକ କାର୍ଯ୍ୟକ୍ରମ ବିକଶିତ କରାଯାଉ ।<br>୧.୨ କୃଷିଭିତ୍ତିକ ଜମି, ଗ୍ରାମାଞ୍ଚଳ ଘରଡିହ ଜମି, ସହରାଞ୍ଚଳ ଜମି ଏବଂ ସାର୍ବଜନୀନ ସରକାରୀ ଜମି ପାଇଁ ଲଗାତାର ଭାବରେ ଡିଜିଟାଲ୍‌କୃତ ପାଠଗତ ଏବଂ ମହାକାଶ ଭିତ୍ତିକ ରେକର୍ଡ ଲଗାତାର ଭାବରେ ସର୍ବଶେଷ ସଂଶୋଧନ କରିବା ପାଇଁ ଆର୍ଥିକ ଭାବରେ ସ୍ୱାବଲମ୍ବୀ ଏବଂ ଦକ୍ଷତାପୂର୍ଣ୍ଣ ପ୍ରକ୍ରିୟା ବିକଶିତ କରାଯାଉ ଏବଂ କାର୍ଯ୍ୟକାରୀ କରାଯାଉ ।<br>୧.୩ ରେକର୍ଡ ରକ୍ଷଣାବେକ୍ଷଣ, ଯାଞ୍ଚ୍ ଏବଂ ପୁନଃ ସର୍ଭେ ପାଇଁ ସମ୍ବଳ ଆବଶ୍ୟକତା ଆକଳନ କରାଯାଉ ।<br>୧.୪ ସମସ୍ତ ଜମି ରେକର୍ଡ ଜନିତ ସେବା ପାଇଁ ଗ୍ରାମ ସ୍ତରରେ ଉପଲବ୍ଧ କରାଯାଉ । ସର୍ଭେ କାର୍ଯ୍ୟରେ ଏବଂ ପ୍ରକୃତ ତଥ୍ୟ ଜାଣିବା ପାଇଁ ଗ୍ରାମ ସଭାକୁ ସଂପୃକ୍ତ କରାଯାଉ; ବିବାଦଶୂନ୍ୟ କ୍ଷେତ୍ରଗୁଡିକରେ ଦଖଲଖାରଚ ପ୍ରକ୍ରିୟା ବିକଶିତ କରାଯାଉ ।<br>୧.୫ କୃଷିଜମି ପାଇଁ ଜମି ଖଜଣାର (ନ୍ୟୁନତମ ପୁନଃ ପ୍ରଣୟନ)ବିଚାର କରାଯାଉ । ଖଜଣା ରସିଦ୍‌କୁ ଜମି ଦଖଲର ପ୍ରମାଣ ହିସାବରେ ବ୍ୟବହାର କରାଯାଉ । | ରାଜସ୍ୱ କର୍ତ୍ତୃପକ୍ଷ ଏବଂ ସ୍ଥାନୀୟ ଗ୍ରାମାଞ୍ଚଳ ସରକାରୀ ସଂସ୍ଥା |

| ବିଷୟ | ସୁପାରିଶ | ଦାୟିତ୍ୱ |
|---|---|---|
| ***୨. ଅଧିକାଂଶ ସଂପତ୍ତି ପାଇଁ ସହରାଞ୍ଚଳ ଜମି ରେକର୍ଡର ଅଭାବ ରହିଛି । ଅନେକ ନିର୍ମାଣ ସହରାଞ୍ଚଳ ନିୟମର ଉଲଂଘନ କରିଛି :***<br>ସହରାଞ୍ଚଳ ଜମି ପାଇଁ କୌଣସି କ୍ୟାଡାଷ୍ଟ୍ରେ ନାହିଁ । ଅଧିକାଂଶ ସହରାଞ୍ଚଳ ଜମିର ନକ୍ସା ୧୯୨୦ ଠାରୁ ସର୍ବଶେଷ ସଂଶୋଧନ କରାଯାଇନାହିଁ । ୧୩୦ ସହର ମଧ୍ୟରୁ ମାତ୍ର ୩୦ ଟି ସହରରେ ଟାଉନ୍ ସର୍ଭେ କରାଯାଇଥିଲା,ସମସ୍ତ କେବଳ ଆନ୍ଧ୍ର ଅଞ୍ଚଳରେ । ତେଲେଙ୍ଗାନା ଅଞ୍ଚଳରେ ଦ୍ୱେତ ସହରଗୁଡିକରେ ସହରାଞ୍ଚଳ ସର୍ଭେ ୧୯୬୭-୭୦ ବେଳେ ହିଁ କରାଯାଇଥିଲା ।<br>ନିର୍ମାଣ ଅନୁମତି ପାଇଁ ଆବଶ୍ୟକ ପ୍ରକ୍ରିୟା ରହିଛି ଏବଂ ଏହା ଯଥାର୍ଥ ମଧ୍ୟ କିନ୍ତୁ ଏହା ଜମି ମୂଲ୍ୟର ୫ଲ୍କ୍ରି ଶତାଂଶ । ଏହାର ଅନନୁପାଳନ ବାରମ୍ବାର ହେଉଛି ଏବଂ ଅମାନ୍ୟ କରିଥିବା ବ୍ୟକ୍ତି ସଂସ୍ଥା ବିରୁଦ୍ଧରେ ପଦକ୍ଷେପ ଅତି କ୍ୱଚିତ୍ କ୍ଷେତ୍ରରେ ହିଁ ନିଆଯାଉଛି । | ୨.୧ ପ୍ରକୃତ ତଥ୍ୟ ଉପରେ ଆଧାରିତ କରି ସହରାଞ୍ଚଳଗୁଡିକରେ ମହାକାଶ ଭିତ୍ତିକ ରେକର୍ଡ ତଥା ପାଠ୍ୟର ସର୍ଭେ, ଯାଞ୍ଚ୍ ସର୍ବଶେଷ ସଂଶୋଧନ ତ୍ୱରାନ୍ୱିତ ଏବଂ ସଂପୂର୍ଣ୍ଣ କରିବା ପାଇଁ ଏକ ଅଳ୍ପ ଖର୍ଚ୍ଚ ବିଶିଷ୍ଟ ଉପାୟ ଚିହ୍ନଟ କରାଯାଉ ।ଯେତେଦୂର ସମ୍ଭବ ବର୍ତ୍ତମାନର ଉପଲବ୍ଧ ସୂଚନା ବ୍ୟବହାର କରାଯାଉ । ଏକ ମହାକାଶ ଭିତ୍ତିକ ସାଧାରଣ ଅନ୍ତର୍ନିର୍ମାଣ ମୌଳିକ ସୁବିଧା ସ୍ଥାପନ କରାଯାଉ ଏବଂ ସଂପୂର୍ଣ୍ଣ କରାଯାଉ ।<br>୨.୨ ସହରାଞ୍ଚଳ ଦ୍ୱାରା ଲଗାତାର ଭାବରେ ପାଠ୍ୟତଥ୍ୟ ମହାକାଶ ଭିତ୍ତିକ ରେକର୍ଡ ସର୍ବଶେଷ ସଂଶୋଧନ କରିବା ପାଇଁ ଆର୍ଥିକ ଭାବରେ ସ୍ୱାବଲମ୍ବି ଏବଂ ଦକ୍ଷତାପୂର୍ଣ୍ଣ ପ୍ରକ୍ରିୟା ପ୍ରସ୍ତୁତ କରାଯାଉ ଏବଂ କାର୍ଯ୍ୟକାରୀ କରାଯାଉ ।<br>୨.୩ ସହର ସହିତ ମିଶିଯାଇଥିବା ଗ୍ରାମାଞ୍ଚଳ ଜମି ପରିଚାଳନା କରିବା ପାଇଁ ସହରାଞ୍ଚଳ ସ୍ଥାନୀୟ କର୍ତ୍ତୃପକ୍ଷ (ULB) ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଉ ।<br>୨.୪ ସହରାଞ୍ଚଳ ଜମି ପରିଚାଳନା ରେକର୍ଡର ରକ୍ଷଣାବେକ୍ଷଣ, କୋଠାନିର୍ମାଣ ଅନୁମତି ଏବଂ ପର୍ଯ୍ୟବେକ୍ଷଣ କିମ୍ବା ନିୟମର ଅନୁପାଳନ କରାଇବା, ଆବଶ୍ୟକ ସ୍ଥଳେ ପୁନଃ ଇଞ୍ଜିନିୟରିଂ କରିବା ପାଇଁ କାର୍ଯ୍ୟ ପ୍ରବାହ ଏବଂ ଦାୟିତ୍ୱ ପରିଷ୍କାର ଭାବରେ ନିର୍ଦ୍ଧାରିତ କରାଯାଉ ।<br>୨.୫ କୋଠାନିର୍ମାଣ ଅନୁମତି ପାଇଁ ଖର୍ଚ୍ଚର ସମୀକ୍ଷା କରାଯାଉ ।<br>୨.୬ ବେଆଇନ୍ ଭାବରେ କରାଯାଇଥିବା ନିର୍ମାଣକୁ ଔପଚାରିକ କରିବା, ଯୋଜନା ନିୟନ୍ତ୍ରଣ ଏବଂ, କୋଠାନିର୍ମାଣର ବାଇଲ ଗୁଡିକ ଅନୁପାଳନ ନିଶ୍ଚିତ କରିବା ପାଇଁ ପ୍ରଚଳିତ ଆଇନ୍ ଏବଂ ପ୍ରଣାଳୀର ସମୀକ୍ଷା କରାଯାଉ । | ସ୍ଥାନୀୟ ସହରାଞ୍ଚଳ ସରକାରୀ ସଂସ୍ଥା ଏବଂ ରାଜସ୍ୱ କର୍ତ୍ତୃପକ୍ଷ |
| ***୩. ରେକର୍ଡଗୁଡିକ ସ୍ୱତଃ ସଂଶୋଧନ କରାଯାଉନାହିଁ ଏବଂ ସମସ୍ତ ଜମି କିଣାବିକା ରେଜିଷ୍ଟ୍ରି ହୋଇନାହିଁ । ଅନେକ କିଣାବିକା ଜାଲିଆତି ହୋଇଛି :***<br>ଅତ୍ୟଧିକ ଷ୍ଟାମ୍ପ୍ ଶୁଳ୍କ ଏବଂ ରେଜିଷ୍ଟ୍ରେସନ୍‌ରେ ଖର୍ଚ୍ଚ ଜମି କିଣାବିକାରେ ଯୋଗୁଁ ଔପଚାରିକ ଭାବରେ ରେଜିଷ୍ଟ୍ରେସନ କରିବା ପାଇଁ ନିରୁତ୍ସାହ କରୁଛି, ବିବାଦ ବୃଦ୍ଧି କରୁଛି ଏବଂ ପ୍ରଜାସ୍ୱତ୍ତ୍ୱକୁ ନେଇ ଅନିଶ୍ଚିତତା ସୃଷ୍ଟି କରୁଛି ।<br>ରେଜିଷ୍ଟ୍ରେସନ୍ କଲାବେଳେ ମାଲିକାନା ସ୍ୱତ୍ତ୍ୱର ମୂଳ ଯାଞ୍ଚ୍ କରାଯାଉନାହିଁ ଫଳରେ ଜାଲିଆତି କିମ୍ବା ଦୋହରା କାଗଜପତ୍ର ସୃଷ୍ଟି ହେଉଛି ଏବଂ ବିବାଦ ମଧ୍ୟ ସୃଷ୍ଟି କରୁଛି, ସରକାରୀ କିମ୍ବା ଘରୋଇ ଜମି ଜବରଦଖଲ ପାଇଁ ମାଲିମୋକଦ୍ଦମା କୋର୍ଟ କେସ୍‌ର ଦ୍ୱାର ଖୋଲି ଦେଉଛି ।<br>ଜମିଜମା ରାଜସ୍ୱ ଉଚ୍ଛେଦ କାରଣରୁ, ବରିଷ୍ଠ ଜିଲ୍ଲା ସ୍ତରୀୟ ଅଧିକାରୀଙ୍କ ଦ୍ୱାରା ଗ୍ରାମ୍ୟ ରାଜସ୍ୱ ରେକର୍ଡର ବାର୍ଷିକ ଜମାବନ୍ଦୀ ଯାଞ୍ଚ୍ ଏବଂ ଅନୁମୋଦନ ଯାହା କରାଯାଉଥିଲା ତାହା ଏବେ କରାଯାଉନାହିଁ ।<br>ଜମି ଦାୟିତ୍ୱରେ ଥିବା ବିଭାଗଗୁଡିକ (ସର୍ଭେ, ରାଜସ୍ୱ, ରେଜିଷ୍ଟ୍ରେସନ୍) ପରସ୍ପର ମଧ୍ୟରେ ସହଭାଗୀ କରୁଥିବା ମୂଳତଥ୍ୟାବଳୀ ରଖିନାହାନ୍ତି ଏବଂ ଏକୁଟିଆ ଭାବରେ କାହା ସହ ସହଭାଗୀ ନ ହୋଇ ଥିବାରୁ କାର୍ଯ୍ୟ କରୁଛନ୍ତି । ରେଜିଷ୍ଟ୍ରେସନ୍ କଲା ପରେ ରେକର୍ଡର ସଂଶୋଧନ କରାଯାଉନାହିଁ ।<br>ଭୂ-ଭାରତୀ (୨୦୦୫) ଯାହାକି ସମସ୍ତ ଜମି ପ୍ରଶାସନ କାର୍ଯ୍ୟ ଏକତ୍ରିତ କରୁଛି (ସର୍ଭେ ବିଭାଗ, ଭୂ-ସଂପତ୍ତି ରେଜିଷ୍ଟ୍ରେସନ୍, ଜମି ରେକର୍ଡର ରକ୍ଷଣାବେକ୍ଷଣ ସଂପତ୍ତି ଟିକସ, ଏବଂ ସ୍ଥାନୀୟ ସରକାରୀ ସଂସ୍ଥା ଦ୍ୱାରା ଲେ-ଆଉଟ୍/ବନାଇବା ରେକର୍ଡର ରକ୍ଷଣାବେକ୍ଷଣ); ପ୍ରଣାଳୀ ପୁନଃ ପ୍ରସ୍ତୁତି କରାଯାଇଥିଲା ଯେପରିକି ସ୍ୱାଭାବିକ ଭାବରେ ରେକର୍ଡ ସଂଶୋଧନ ହୋଇପାରିବ କିନ୍ତୁ ଭୂ-ଭାରତୀ କେବଳ ଗୋଟିଏ ଜିଲ୍ଲାରେ ହିଁ ସୀମିତ ଏବଂ ଆଇନ୍‌ଗତ, ପ୍ରଶାସନିକ ଆପତ୍ତି ଯୋଗୁଁ ଅନ୍ୟ ଜିଲ୍ଲା ଗୁଡିକୁ ମଧ୍ୟ ବିସ୍ତାର କରିବା ବିଳମ୍ବିତ ହୋଇଛି ।<br>ଘରୋଇ ଏବଂ ସଂପୃକ୍ତ ସାର୍ବଜନୀନ ସରକାରୀ ଋଣଭାର ତଥ୍ୟ ସମୂହ ରେକର୍ଡ କରାଯାଇଛି ଏବଂ ମି-ସେବା କେନ୍ଦ୍ର ଏବଂ ୱେବ୍‌ସାଇଟ୍‌ରେ ଉପଲବ୍ଧ ଅଟେ କିନ୍ତୁ ଏହି ରେକର୍ଡ ଗୁଡିକର ସମାନତା ଏବଂ ବିଶ୍ୱାସ ଯୋଗ୍ୟତା ଉପରେ କୌଣସି ଯାଞ୍ଚ୍ କରାଯାଇନାହିଁ । | ୩.୧ ଭୂ - ଭାରତୀ ସମୀକ୍ଷା ଏବଂ ସଦ୍ୟ ସଂଶୋଧନ କରାଯାଉ; ଏବଂ ଏହାକୁ ବିସ୍ତାର ଭାବରେ କାର୍ଯ୍ୟକାରୀ କରିବା ପାଇଁ ସମସ୍ତ ଆଇନ୍ ପ୍ରଶାସନିକ ପ୍ରତିବନ୍ଧକ ଅତିକ୍ରମ କରିବା ପାଇଁ ଆବଶ୍ୟକ ପ୍ରଣାଳୀ ପ୍ରସ୍ତୁତ କରାଯାଉ । ଇ-ଗଭର୍ଣ୍ଣନ୍ସ୍ ପ୍ରସ୍ତୁତ କରାଯାଉ ଯାହାକି ନାଗରିକ ଏବଂ ସର୍ଭେୟର ମାନଙ୍କୁ ରେଜିଷ୍ଟ୍ରେସନ୍ ପାଇଁ ଦରଖାସ୍ତ କରିବା ଏବଂ ୱେବ୍-ଆଧାରିତ ଆପ୍ଲିକେସନ୍ ମାଧ୍ୟମରେ ଦସ୍ତାବିଜ ଅପ୍‌ଲୋଡିଙ୍ଗ୍ କରିବା ପାଇଁ ସୁଯୋଗ ମିଳିବ ।<br>୩.୨ ସମସ୍ତ ସଂପୃକ୍ତ ବିଭାଗ ପାଇଁ ସର୍ବ ସାଧାରଣଙ୍କ ଦ୍ୱାରା ସହଜରେ ବ୍ୟବହାର କରାଯାଉଥିବା ମି-ସେବା ଉପରେ ଆଧାରିତ କରି ଏକ ଏକୀକୃତ ଜମି ସୂଚନା ପ୍ରଣାଳୀ (LIS) ସ୍ଥାପନ କରାଯାଉ ।<br>୩.୩ ଖାତା ବଣ୍ଟଆରା/ଖାତାଫାଡ ଏବଂ ଦାଖଲ ଖାରଚ ପାଇଁ ଷ୍ଟାମ୍ପ ଶୁଳ୍କ କମ୍ କରନ୍ତୁ ଯେପରିକି ସଂପୃକ୍ତ ବ୍ୟକ୍ତି/ସଂସ୍ଥାର ଏ ଦିଗରେ ଖର୍ଚ୍ଚ କମ୍ ହୋଇଯିବା ଯୋଗୁଁ ଅଧିକତର ଭାବରେ ଏହି ସୁବିଧାର ଉପଯୋଗ କରିବା ପାଇଁ ଚାହିଁବେ ।<br>୩.୪ ଉପଯୁକ୍ତ ନିୟନ୍ତ୍ରଣକାରୀ ପଦକ୍ଷେପ ପ୍ରଚଳନ କରାଯାଉ, ଯେପରିକି ଜମିଜମା ରେକର୍ଡରେ ଉଲ୍ଲେଖ ହୋଇଥିବା ଜମି ମାଲିକ ହିଁ ଏହାର କିଣାବିକା କରିବା ପାଇଁ ସ୍ୱୀକୃତି ପ୍ରାପ୍ତ ହେବେ । ଏଭଳି ମାଧ୍ୟମ ପରିକଳ୍ପନା କରାଯାଉ ଯାହାକି ସମସ୍ତ ଜମି କିଣାବିକା ଏବଂ ଜମି ଅଧିକାର ଦାବି ବିଶ୍ୱାସଯୋଗ୍ୟ ଭାବରେ ରେଜିଷ୍ଟ୍ରେସନ୍ କରିବା ପାଇଁ ପ୍ରୋତ୍ସାହିତ କରିବ । | ରାଜସ୍ୱ କର୍ତ୍ତୃପକ୍ଷ ଏବଂ ସ୍ଥାନୀୟ ସରକାରୀ ସଂସ୍ଥା |

| ବିଷୟ | ସୁପାରିଶ | ଦାୟିତ୍ୱ |
|---|---|---|
| *୪. ପୁରୁଣା ଏବଂ ପ୍ରଭାବହୀନ ଜମି ରେକର୍ଡ ଅଂଶ ହଟାଇବା ପାଇଁ ଆଇନଗତ ଏବଂ ଅନୁଷ୍ଠାନଗତ ଢାଞ୍ଚା ସଂଶୋଧନ କରାଯାଉ ଏବଂ ନିର୍ଦ୍ଦିଷ୍ଟ ବିଭାଗର ସଦ୍ୟ ସଂଶୋଧନ କରାଯାଉ; ଏବଂ ଅନୁଷ୍ଠାନଗୁଡିକ ମଧ୍ୟରେ ପାରସ୍ପରିକ ସହଯୋଗ କାର୍ଯ୍ୟଦକ୍ଷତା ଏବଂ ପ୍ରଭାବଶୀଳତାରେ ଉନ୍ନତି ଅଣାଯାଉ ।*<br>ଅନେକ ଜମି କିଣାବିକାରେ ବର୍ତ୍ତମାନ ବି ପୁରୁଣା ଆଇନ୍‌କାନୁନ୍ ଲାଗୁ କରାଯାଇଛି; ଗୋଟିଏ ବିଷୟରେ ଏକାଧିକ ଆଇନ୍ ଲାଗୁ କରିବା ଏବଂ ଅତ୍ୟଧିକ ନିୟନ୍ତ୍ରଣ ମତଭେଦ ସୃଷ୍ଟି କରେ ଏବଂ ଆଇନଗତ ବିବାଦର କାରଣ ହୋଇଥାଏ ।ଜମି ପ୍ରଶାସନର ସମସ୍ତ ଦୃଷ୍ଟିକୋଣକୁ ପରିପୂର୍ଣ୍ଣ କରୁଥିବା ଏକ ଜମିଜମା କୋଡ୍‌ର ଅଭାବ ରହିଛି ।<br>ବୈଧାନିକ ଭାବେ ଏବଂ ଷ୍ଟାଣ୍ଡିଙ୍ଗ୍ କମିଟି ସମ୍ମୁଖରେ ବଜେଟ୍ ଅଧିବେଶନ ସମୟରେ ଜମି ସଂପର୍କିତ ବିଷୟରେ ସମୟ ଭିତ୍ତିକ ରିପୋର୍ଟ କରିବା ପ୍ରଣାଳୀ ରହିଛି ।କିନ୍ତୁ ଜମିଜମା ବିଷୟଗୁଡିକ ପର୍ଯ୍ୟାଲୋଚନା କରାଯାଉନାହିଁ ଏବଂ ଉପଯୁକ୍ତ ଭାବରେ ଅନୁସରଣ କରାଯାଉନାହିଁ ।<br>ଜମି ପରିଚାଳନାରେ ସଂପୃକ୍ତ ଥିବା ଅନେକ ସଂସ୍ଥା ଗୁଡିକ ମଧ୍ୟରେ ଯଥେଷ୍ଟ ସମାନ୍ତରାଳୀୟ ପାରସ୍ପରିକ ସମନ୍ୱୟ ନାହିଁ । ପରିବର୍ତ୍ତନର ବେଗ ସହ ତାଳ ଦେଇ ଗତି କରିବା ପାଇଁ ସମ୍ବଳ-ଅଭାବ ଜମି ପ୍ରଶାସକଙ୍କ ମେସିନାରୀ ସକ୍ଷମ ହୋଇପାରୁନାହିଁ । ପ୍ରଭାବଶୀଳ ଜମି ପରିଚାଳନାର କ୍ରମବିକାଶ ଆଜି ପର୍ଯ୍ୟନ୍ତ ସମ୍ଭବ ହୋଇପାରିନାହିଁ ।ଜମି ପ୍ରଶାସନର ଆଉ ମଧ୍ୟ ଅନେକ ଦାୟିତ୍ୱ ଅଛି । ଅଧିକ ସଂଖ୍ୟକ ଖତିଆନ୍ (ROR) ଦରଖାସ୍ତ ଯୋଗୁଁ ଯାଞ୍ଚ୍ କରିବା ପ୍ରଣାଳୀ ଲାଗୁ କରାଯାଇପାରୁନାହିଁ ।ରାଜସ୍ୱ କର୍ମଚାରୀ ମାନଙ୍କର ନିଯୁକ୍ତିରେ ରାଜନୈତିକ ହସ୍ତକ୍ଷେପ ପ୍ରତିକୂଳ ଭାବରେ ପ୍ରଭାବିତ କରୁଛି । | ୪.୧ ଜମି ପ୍ରଶାସନଜନିତ ଆଇନ୍‌କାନୁନ୍ ସମୀକ୍ଷା କରାଯାଉ । ଏକ ବିସ୍ତାରିତ ଏକକ ଜମି କୋର୍ଡ ସହିତ ଜମି ସ୍ୱତ୍ତ୍ୱ ପ୍ରସ୍ତୁତ କରିବା ବିଚାର କରାଯାଉ । ରାଜ୍ୟର ବିଭକ୍ତିକରଣ ଯୋଗୁଁ ସରଜମିନ କ୍ଷେତ୍ରର ଅବସ୍ଥିତି ଅତ୍ୟନ୍ତ ସମାନ ପ୍ରକାର ହୋଇଛି ଯାହା କି ଅନୁକୂଳ ପ୍ରଣାଳୀ କାର୍ଯ୍ୟକାରୀ କରିବାରେ ସାହାଯ୍ୟ ହୋଇପାରିବ ।<br>୪.୨ ଜମି ପ୍ରଶାସନ କାର୍ଯ୍ୟ ସମସ୍ତ ପ୍ରକାର ଜମି ରେକର୍ଡର ରକ୍ଷଣାବେକ୍ଷଣ କରିପାରୁଥିବା ଏକ ସଂସ୍ଥାକୁ ନ୍ୟସ୍ତ କରାଯାଉ ।<br>୪.୩ ପ୍ରଣାଳୀକୁ ପୁନଃ ଯାନ୍ତ୍ରୀକ କରି ସମୀକ୍ଷା କରାଯାଉ । (ଭୂ ଭାରତୀ ଅନୁଭବ ଉପରେ ଆଧାର କରି) ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଅଗ୍ରଣୀ ଭିତ୍ତିରେ କରାଯାଉ; ଲୋକନିଯୁକ୍ତିର ସମୀକ୍ଷା କରାଯାଉ ଏବଂ ବିଶେଷ ଭାବରେ ନିମ୍ନସ୍ତର ପାଇଁ କାର୍ଯ୍ୟଦକ୍ଷତା ଏବଂ ସମସ୍ୟା ସମାଧାନ ବୃଦ୍ଧି କରିବା ପାଇଁ କାର୍ଯ୍ୟ କୌଶଳ ଉନ୍ନତି ଅଣାଯାଉ ।<br>୪.୪ ସିଦ୍ଧାନ୍ତ ନେବାରେ ସହାୟତା କରୁଥିବା ସାଧନର ବ୍ୟବସ୍ଥିତି କରାଯାଉ ଏବଂ ଫଳଭିତ୍ତିକ ଢାଞ୍ଚା ଚିପ୍ (RFD) ବ୍ୟବହାର କରିବା ବିଚାରକୁ ନିଆଯାଉ । ଜମିଜମା ସୂଚନା ପ୍ରଣାଳୀରୁ ତଥ୍ୟ ପର୍ଯ୍ୟବେକ୍ଷଣର ବ୍ୟବହାର କରାଯାଉ । | |
| *୫. ଉପଯୁକ୍ତ ଗରିବମାନଙ୍କୁ ସରକାରୀ ଜମି ପୁନଃ ବଣ୍ଟନ ଏବଂ ବଣ୍ଟନ ହୋଇଥିବାଦଖଲ ସରକାରୀ ଜମିର ପ୍ରକୃତ ଦଖଲ ପ୍ରଭାବଶୀଳତା ଫଳପ୍ରଦ କରିବାକୁ ଜୋର୍‌ଦାର କରାଯାଉ ।*<br>୨୦୦୩ ମସିହାରେ, ଶତକଡା ୧୪ ଘରପରିବାରଙ୍କର କୌଣସି ଜମି ନଥିଲା ଏବଂ ୫୩ ଶତକଡା ଘରପରିବାରଙ୍କର କେବଳ ଘରଡିହ ହିଁ ଥିଲା ।ସେଥିପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଙ୍ଗଳକାରୀ ଯୋଜନା ଆନ୍ଧ୍ରପ୍ରଦେଶ ସରକାରଙ୍କ ଦ୍ୱାରା ନିଆଯାଇଛି ଯାହା ମାଧ୍ୟମରେ ସମାଜର ଦୁର୍ବଳ ଶ୍ରେଣୀ ଲୋକମାନଙ୍କୁ (SC, ST, BC, ଏବଂ ଅନ୍ୟ ଅଳ୍ପ ସଂଖ୍ୟକ ବ୍ୟକ୍ତି) ଗୃହ ନିର୍ମାଣ ପାଇଁ ଜମି ହିସାବରେ ସରକାରୀ ଜମି ବଣ୍ଟନ କରାଯାଇଛି । ସିଲିଂ ଅଧିନିୟମ ଅନ୍ତର୍ଗତ ଦଖଲ କରାଇଥିବା ସମସ୍ତ ସରକାରୀ ଜମି ଏବଂ ଭୂଦାନ ଅନ୍ତର୍ଗତ ପ୍ରାପ୍ତ ହୋଇଥିବା ଜମି ଯୋଗ୍ୟ ବିବେଚିତ ହୋଇଥିବା ଗରିବ ଲୋକମାନଙ୍କ ମଧ୍ୟରେ ପୁନଃ ବଣ୍ଟନ କରାଯାଇଛି ।<br>ସମୁଦାୟ ୭୫.୪୦ ଲକ୍ଷ ଏକର କୃଷି ଜମି ୩୯.୩୦ ଲକ୍ଷ ବ୍ୟକ୍ତିଙ୍କ ମଧ୍ୟରେ ବଣ୍ଟନ କରାଯାଇଛି । ୩.୯୩ ଲକ୍ଷ ସମୁଦାୟ ଘରଡିହ ଜମି ୮୭.୧୩ ଲକ୍ଷ ପରିବାର ମଧ୍ୟରେ ବଣ୍ଟନ କରାଯାଇଛି । କିନ୍ତୁ ଜମି ବଣ୍ଟନ କରାଯାଇଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ଅଧିକାଂଶ ବ୍ୟକ୍ତିଙ୍କ ପାଖରେ ଏହି ବଣ୍ଟିତ ଜମି ନାହିଁ । ଏହି ଜମି ଗୁଡ଼ିକର ନିୟମିତ କରଣ କେବଳ ଏକ ପ୍ରକାର ଢଙ୍ଗରେ ଅଳ୍ପ ପରିମାଣରେ ହିଁ କରାଯାଇଛି । ଆନ୍ଧ୍ରପ୍ରଦେଶ ସରକାର (GoAP) ସମୟ ସମୟରେ ସରକାରୀ ଜମିର ବେଆଇନ୍ ଦଖଲକୁ ନିୟମିତ କରିବା ପାଇଁ ଘୋଷଣା କରିଛନ୍ତି କିନ୍ତୁ ଏହି ଘୋଷଣାରୁ ସ୍ୱଚ୍ଛଳ ଏବଂ ପ୍ରଭାବଶୀଳ ବ୍ୟକ୍ତି ହିଁ ଲାଭ ପ୍ରାପ୍ତ କରିଛନ୍ତି କିନ୍ତୁ ଭୂମିହୀନ ଗରିବ ଲୋକମାନେ ନୁହନ୍ତି । | ୫.୧ ଜମି ବଣ୍ଟନର ନୀତି ଗୁଡ଼ିକର ପ୍ରଭାବଶୀଳତା ଏବଂ କାର୍ଯ୍ୟଦକ୍ଷତା ସମୀକ୍ଷା କରାଯାଉ ଏବଂ ନିଷ୍କ୍ରତା ଅ ଭିବୃଦ୍ଧି କିମ୍ବା ନିବେଶ ଏବଂ ପରିବେଶ ମଧ୍ୟରେ ଥିବା ଚାହିଦାର ସନ୍ତୁଳନ କରାଯାଉ । ପୁନଃ ବଣ୍ଟନ ପାଇଁ ଉପଲବ୍ଧ ଜମି ଏବଂ ଜମିହୀନ ଗୃହହୀନ ବ୍ୟକ୍ତି ଚିହ୍ନଟ କରାଯାଉ ଯେପରିକି ପୁନଃ ବଣ୍ଟନ କରାଯାଇପାରିବ ।<br>୫.୨ ଜମି ବିକାଶ କାର୍ଯ୍ୟକ୍ରମ ଅନ୍ତର୍ଗତ ଗରିବମାନଙ୍କୁ ଜମି ବଣ୍ଟନର ଏକ ପଦ୍ଧତିଗତ ପ୍ରଣାଳୀ ସୁନିଶ୍ଚିତ କରାଯାଉ ଯେପରିକି ଏ ସମସ୍ତ ଜମି ଉତ୍ପାଦନଶୀଳ ସଂପତ୍ତି ହୋଇପାରିବ ।<br>୫.୩ ଫଳପ୍ରଦ ଦଖଲ ଜମି ଯୋଗ୍ୟ ବିବେଚିତ ହୋଇଥିବା ଦଳିତ ବର୍ଗଙ୍କ ଭିତରେ ପୁନଃ ବଣ୍ଟନ କରାଯାଇଥିବା ଜମିର ଫଳପ୍ରଦ ଦଖଲ ଏବଂ ସଦ୍ ବ୍ୟବହାରକୁ ସୁନିଶ୍ଚିତ କରିବା ପାଇଁ ସୁପଦକ୍ଷେପ ବିକାଶ କରାଯାଉ ।<br>୫.୪ ଜମି ବଣ୍ଟନ ସର୍ତ୍ତରେ ଅନୁପାଳନ କରାଯାଇଛି ନା ନାହିଁ ପର୍ଯ୍ୟାଲୋଚନା କରାଯାଉ ଏବଂ ବଣ୍ଟନ ସମୟରେ ନିର୍ଦ୍ଦିଷ୍ଟ କରାଯାଇଥିବା ଜମି ବ୍ୟବହାର ଅନୁସାରେ ଯଦି ସେହି ଜମିର ଉପଯୋଗ କରାଯାଇ ନଥାଏ, ତେବେ, ସେହି ଜମିକୁ ପ୍ରତ୍ୟାହାର କରିବା ପାଇଁ ପଦକ୍ଷେପ ନିଆଯାଉ ।<br>୫.୫ ଅନୁମତି ପ୍ରାପ୍ତ ହୋଇନଥିବା ନିର୍ମାଣର ନିୟମିତୀକରଣ ଜନିତ ଯୋଜନାର ସମୀକ୍ଷା କରାଯାଉ । ନିଷ୍କ୍ରତା ଏବଂ ପ୍ରୋତ୍ସାହିତ କରୁନଥିବା ସରକାରୀ ଜମିର ବେଆଇନ୍ ଦଖଲ ମଧ୍ୟରେ ସନ୍ତୁଳନ ରକ୍ଷା କରାଯାଉ । | ରାଜସ୍ୱ ବିଭାଗ |
| *୬. ଜଙ୍ଗଲ ଜମି ପାଇଁ ଅନୁଷ୍ଠାନଗତ ଦାୟିତ୍ୱ ବଣ୍ଟନରେ ସ୍ପଷ୍ଟତାର ଅଭାବରୁ ମାଲିକାନା ନ୍ୟସ୍ତ କରିବା, ବିବାଦ ସୃଷ୍ଟି ହେବାକୁ ନ ଦେବା ଏବଂ ଦୀର୍ଘକାଳୀନ ଲାଭଜନକ ଭାବରେ ଜମି ବ୍ୟବହାର କରିବାରେ ପ୍ରତିବନ୍ଧକ ସୃଷ୍ଟି କରୁଛି ।*<br>ଜଙ୍ଗଲର ଆଇନଗତ ସ୍ୱୀକୃତି ଉପରେ ସ୍ପଷ୍ଟତାର ଅଭାବ ରହିଛି, ଜଙ୍ଗଲ ଅଞ୍ଚଳର ପ୍ରାୟ ୨୧ ଶତକଡା (ପ୍ରାୟ ୩୦ ଲକ୍ଷ ଏକର) ବନ୍ଦୋବସ୍ତ ନ ହୋଇ ପଡିରହିଛି ଫଳରେ ଜଙ୍ଗଲ କର୍ମଚାରୀଙ୍କ ସହିତ ବିବାଦ ସୃଷ୍ଟି ହେଉଛି ଏବଂ | ୬.୧ ବିସ୍ତାରିତ ଭାବରେ ଚିହ୍ନଟ/ବନ୍ଦୋବସ୍ତ କରିବା କିମ୍ବା ପୁନଃ ଶ୍ରେଣୀଭୁକ୍ତକରଣ କରିବା (ଉଦାହରଣ ସ୍ୱରୂପ ଚେଟୁ ସଂଲଗ୍ନ), ସର୍ଭେ ଏବଂ ଜଙ୍ଗଲ ସୀମା ଚିହ୍ନଟ କରିବା, ଜଙ୍ଗଲରେ ଥିବା ଗୋଷ୍ଠୀଗତ ଜମି, (ଆଦିବାସୀ *ଥାନ୍‌ଦାସ୍* ଅନ୍ତର୍ଗତ), ଅନ୍ୟ ସରକାରୀ ଜମି, ଗୋଚର ଏବଂ ଅନ୍ୟ ଅଣ-ଜଙ୍ଗଲ ସାଧାରଣ ସଂପଦ ।<br>୬.୨ ଜଙ୍ଗଲ ବିଭାଗ ଏବଂ ରାଜସ୍ୱ ବିଭାଗର ରେକର୍ଡରେ ଥିବା ଜଙ୍ଗଲ ଅଧିକାର ଆଇନ୍ ୨୦୦୬ ଅନ୍ତର୍ଗତ ସ୍ୱୀକୃତି ସମସ୍ତ ଗୋଷ୍ଠିଗତ ଏବଂ ବ୍ୟକ୍ତିଗତ ଅଧିକାର ରେକର୍ଡ କରାଯାଇ ଏବଂ ନକ୍ସା ତିଆରି କରାଯାଉ । | ଜଙ୍ଗଲ ବିଭାଗ;<br>ଆଦିବାସୀମଙ୍ଗଳ ବିଭାଗ;<br>ରାଜସ୍ୱ ବିଭାଗ |

| ବିଷୟ | ସୁପାରିଶ | ଦାୟିତ୍ୱ |
|---|---|---|
| ଦଣ୍ଡ ବିଧାନର କାରଣ ମଧ୍ୟ ହେଉଛି । ପୂର୍ବ ବଂଶଧର ଜମିକୁ ସୁରକ୍ଷିତ ଜଙ୍ଗଲ ହିସାବରେ ଶ୍ରେଣୀଭୁକ୍ତ କରିବାରେ ବିବାଦ ସୃଷ୍ଟି ହେଉଛି ଏବଂ ଏହାର ସୀମାକୁ ନେଇ ମଧ୍ୟ ଦ୍ୱନ୍ଦ୍ୱ ରହିଛି ।<br>ଜମିଜମା ରେକର୍ଡ ଏବଂ ସରଜମିନ୍ ସତ୍ତ୍ୱା ମଧ୍ୟରେ ସମାନତା ନାହିଁ । ପ୍ରାୟ ୧୮୦ ପ୍ରକାରର ସର୍ବସାଧାରଣ ଜମି ପାଇଁ ସ୍ଥାନୀୟ ସ୍ତରରେ ହିଁ ଅଧିକାର ସାଧାରଣତଃ ସ୍ୱୀକାର କରାଯାଇଛି କିନ୍ତୁ ରେକର୍ଡ କରାଯାଇନାହିଁ (ରାଜସ୍ୱ କିମ୍ବା ଜଙ୍ଗଲ ବିଭାଗ ଦ୍ୱାରା ନୁହେଁ) । ଯେଉଁଠାରେ ଏହି ସର୍ବସାଧାରଣ ଜମି ସର୍ଭେ ନମ୍ବର ସହିତ ଗ୍ରାମ ସ୍ଥାୟୀ ରେଜିଷ୍ଟରରେ ଅନ୍ତର୍ଗତ କରାଯାଏ ଏଗୁଡିକ ସଂଶୋଧନ କରାଯାଇନାହିଁ । ବେଆଇନ୍ ଭାବରେ ଜମି ଦଖଲ ବାରମ୍ବାର ହେଉଛି କିନ୍ତୁ କୌଣସି ପ୍ରକାର ପର୍ଯ୍ୟାଲୋଚନା କରାଯାଉନାହିଁ ଏପରିକି କେତେକ କ୍ଷେତ୍ରରେ ବେଆଇନ୍ ଦଖଲଗୁଡିକ ନିୟମିତ କରାଯାଇଛି ।<br>ପ୍ରାୟ ୭୫ ଶତକଡା ଆଦିବାସୀ ଜଙ୍ଗଲ, ଗୋଚର ଭୂମି କିମ୍ବା ଜଳାଶୟ ଉପରେ ନିର୍ଭର କରନ୍ତି; ଆଦିବାସୀ ହୋଇ ନଥିବା ବ୍ୟକ୍ତିଙ୍କୁ ଜମି ସ୍ଥାନାନ୍ତରଣ ନ କରିବା ପାଇଁ ଏବଂ ହସ୍ତାନ୍ତର ହୋଇଥିଲେ ପୁଣି ଆଦିବାସୀମାନଙ୍କୁ ଫେରସ୍ତ ଦେବା ପାଇଁ ଆଇନ୍ ରହିଛି କିନ୍ତୁ ତାହା ଏତେ ପ୍ରଭାବଶୀଳ ନୁହେଁ ।କୌଣସି ବଜେଟ୍ ଆବଣ୍ଟନ କରାଯାଇନାହିଁ । ଜମି ସ୍ଥାନାନ୍ତରଣ ସଂପର୍କିତ ୭୨,୦୦୦ କେସ୍ ମଧ୍ୟରୁ ୩୩,୦୦୦ ଟି କେସ୍ ଅଣ ଆଦିବାସୀ ବ୍ୟକ୍ତିଙ୍କ ସପକ୍ଷରେ ହିଁ ଘୋଷଣା କରାଯାଇଥିଲା । ଜଙ୍ଗଲ ଅଧିକାର ନିୟମ ଅନ୍ତର୍ଗତ, ଦାଏର୍ କରାଯାଇଥିବା ୪,୧୨,୮୮୦ ଟି ଦ ।ବି ମଧ୍ୟରୁ (୨୪,୭୮,୦୯୨ ଏକର) କେବଳ ୧,୭୧,୫୨୦ ଏକର ପରିମିତ୧୪,୭୦,୮୭୮ ଟି ଦାବି ସମାଧାନ କରାଯାଇଥିଲା ଏବଂ ସ୍ୱତ୍ତ୍ୱ ପ୍ରଦାନ କରାଯାଇଥିଲା । ଆଦିବାସୀ ମାନଙ୍କର (୧୦.୦୮ ଲକ୍ଷ ଏକର) ୨.୪୨ ଲକ୍ଷ ଦାବି ବର୍ତ୍ତମାନ ସୁଦ୍ଧା ସମାଧାନ କରାଯାଇ ନାହିଁ (୨୦୧୩) । ଏପରିକି ଗୋଟିଏ ମାତ୍ର ସ୍ୱତ୍ତ୍ୱ ମଧ୍ୟ ଆଡଙ୍ଗଲ୍ ROR (ଆନ୍ଧ୍ର)କିମ୍ବା ପାହାଣୀ ROR (ତେଲେଙ୍ଗାନା)ରେ ଦିଆଯାଇ ନାହିଁ ।କିନ୍ତୁ ଏକ ଅଲଗା ଏବଂ ବ୍ୟବହାର ନଥ ।ବା ରେଜିଷ୍ଟରରେ ଉଲ୍ଲେଖ କରାଯାଇଛି ଯାହା ଭବିଷ୍ୟତରେ ଆଇନ୍‌ଗତ ବିବାଦ ମଧ୍ୟ ସୃଷ୍ଟି କରିପାରେ ଆଦ ।ବାସୀ ଅଞ୍ଚଳରେ ଥିବା ଗ୍ରାମ ପଞ୍ଚାୟତର ଅଧିକାଂଶ ସଭାପତି PESA ଅନ୍ତର୍ଗତ ଗ୍ରାମ ସଭାର ଅଧିକାର ସମ୍ବନ୍ଧୀୟ ସଚେତନ ନୁହଁନ୍ତି ଏବଂ ତେଣୁ ଗୌଣ ଜଙ୍ଗଲ ଉତ୍ପାଦ ଉପରେ ସେମାନଙ୍କର ଅଧିକାର ଦାବି କରି ନାହାନ୍ତି ।<br>ଜମି ବଣ୍ଟନ ନୀତି ହେତୁ ଗୋଚର ଭୂମିର ଉପଲବ୍ଧତା କମ୍ ହୋଇଯାଉଛି । କୌଣସି ଗ୍ରାମାଞ୍ଚଳ ଜମି ବ୍ୟବହାରିକ ନୀତି ନାହିଁ କିମ୍ବା ଭିନ୍ନ ଭିନ୍ନ ଜୋନ୍ ଅନ୍ତର୍ଗତ କରିବାର ଯୋଜନା ନାହିଁ କିମ୍ବା ଜମି ବ୍ୟବହାର ପରିବର୍ତ୍ତନର ପର୍ଯ୍ୟାଲୋଚନା କରାଯାଉନାହିଁ । | ୬.୩ ଜଙ୍ଗଲ ଏବଂ ସାଧାରଣ ଭୂମିର ସୁରକ୍ଷା ପରିଚାଳନା ଏବଂ ବ୍ୟବହାର ପାଇଁ ନୀତି ସ୍ପଷ୍ଟୀକରଣ କରାଯାଉ ଏବଂ ତା ସହିତ ଆବଶ୍ୟକ ଦକ୍ଷତା ଏବଂ ଅଭାବ ଚିହ୍ନଟ କରାଯାଉ । ସଂପର୍କିତ ଦାୟିତ୍ୱ ଜଙ୍ଗଲରେ ସଂପୃକ୍ତ ହେଉଥିବା କାର୍ଯ୍ୟ ପ୍ରବାହ କିମ୍ବା CPR ଜମି ପରିଚାଳନା, ସ୍ପଷ୍ଟ ଭାବରେ ବ୍ୟାଖ୍ୟା କରାଯାଉ ଏବଂ ମାଲିକାନା ଅଧିକାର ନ୍ୟସ୍ତ କରାଯାଉ, ଜଙ୍ଗଲ ଏବଂ ରାଜସ୍ୱ ବିଭାଗ ମଧ୍ୟରେ ପରିସରଗତ ଦ୍ୱନ୍ଦ୍ୱ ଥିଲେ ତାର ସ୍ପଷ୍ଟୀକରଣ କରାଯାଉ ଏବଂ ଆବଶ୍ୟକ ସ୍ଥଳେ ଏହାର ପୁନଃ ପ୍ରସ୍ତୁତି କରାଯାଉ ।<br>୬.୪ ଜଙ୍ଗଲ ଏବଂ ରାଜସ୍ୱ ବିଭାଗ ମଧ୍ୟରେ ରେକର୍ଡ ରକ୍ଷଣାବେକ୍ଷଣର ମିଳନ ଏବଂ ତୁଳନା କରାଯାଉ । ନିର୍ଦ୍ଦିଷ୍ଟ ସମୟ ସୀମା ଭିତରେ ଜଙ୍ଗଲ ବିଭାଗ, ରାଜସ୍ୱ ବିଭାଗ ଏବଂ ସଂପୃକ୍ତ ସ୍ଥାନୀୟ ଅଧିବାସୀଙ୍କ ମଧ୍ୟରେ ଜମି ସୀମାଗତ ବିବାଦ ସମାଧାନ କରାଯାଉ । ଗ୍ରାମପଞ୍ଚାୟତ ଦ୍ୱାରା ଗ୍ରାମ ସର୍ବସାଧାରଣ ଜମିର ରକ୍ଷଣାବେକ୍ଷଣ ଏବଂ ସୁରକ୍ଷା ବିଚାର କରାଯାଉ ।<br>୬.୫ ଅତି ଅଳ୍ପ ସଂଖ୍ୟକ ଅନୁମୋଦିତ ହୋଇଥିବା (VSS) ଅନ୍ତର୍ଗତ ଗୋଷ୍ଠିଗତ ଦାବୀ, ଗୋଷ୍ଠିଗତ ଅଧିକାରଗୁଡ଼ିକର ସମୀକ୍ଷା କରାଯାଉ ।ଜଙ୍ଗଲ ଅଧିକାର ଅଧିନୀୟମ ୨୦୦୬ ଅନ୍ତର୍ଗତ ଗୋଷ୍ଠୀଗତ ଅଧିକାର ଔପଚାରିକ କରିବା ପାଇଁ ଗ୍ରାମ ସେବାର ସଚେତନତା ବୃଦ୍ଧି କରାଯାଉ । NFP ଉପରେ ମାଲିକାନା ଅଧିକାର ଜାରି କରାଯାଉ ।(ଉଦାହରଣ ସ୍ୱରୂପ ବିଡି କିମ୍ବା କେନ୍ଦୁପତ୍ର)<br>୬.୬ ଗ୍ରାମର ଅଣ-ଜଙ୍ଗଲ ସର୍ବ ସାଧାରଣ ଜମିର ବେଆଇନ୍ ଦଖଲର ପର୍ଯ୍ୟାଲୋଚନା କରାଯାଉ । | |
| ***୭. ଯଥେଷ୍ଟ ଭାବରେ ଉପଯୋଗ କରାଯାଇନଥିବା ମହିଳା ମାନଙ୍କର ଜମି ପ୍ରାପ୍ତ ଅଧିକାର ବୃଦ୍ଧି କରିବାର ସୁଯୋଗ :***<br>ମହିଳାମାନେ ଅସମାନତାର ଓ ପକ୍ଷପାତିତାର ଶୀକାର ହୋଇଥାନ୍ତି ।ଯଦିଓ ସମୟ କ୍ରମେ ସେମାନଙ୍କର ପରିସ୍ଥିତିରେ ଉନ୍ନତି ଆସିଛି, ଜମି ବିବାଦ ଦ୍ୱାରା ସେମାନେ ଅଧିକ ଭାବରେ ପ୍ରଭାବିତ ହୋଇଥାନ୍ତି । | ୭.୧ ବର୍ତ୍ତମାନରେ ପ୍ରଚଳିତ ନୀତିଗୁଡିକର ପ୍ରଭାବଶୀଳତା ସମୀକ୍ଷା କରାଯାଉ ଏବଂ ମହିଳା ମାନଙ୍କର ଜମି ପ୍ରାପ୍ତି ବୃଦ୍ଧି କରିବାରେ ଆବଶ୍ୟକ ସଂଶୋଧନ କରିବାର ସୁଯୋଗ ବାହାର କରାଯାଉ ।<br>୭.୨ ମହିଳା ମାନଙ୍କର ଜମି ଅଧିକାର କ୍ଷେତ୍ରରେ ପ୍ରଗତି ନଜର କରିବା ପାଇଁ ଲିଙ୍ଗ-ଆଧାରିତ ପରିମାପକ ପର୍ଯ୍ୟାଲୋଚନା କରିବା ଚାଲୁ ରଖାଯାଉ ।<br>୭.୩ ମହିଳା ସଂପୃକ୍ତ ଥିବା ଜମି ବିବାଦଗୁଡ଼ିକର ପୁନଃ ଅବଲୋକନ କରାଯାଉ ଏବଂ ପ୍ରାଥମିକତା ଭିତ୍ତିରେ ସେଗୁଡ଼ିକ ସମାଧାନ କରିବା ପାଇଁ ଆବଶ୍ୟକ ପ୍ରଣାଳୀ ଡିଜାଇନ୍ କରାଯାଉ । | ରାଜସ୍ୱ ବିଭାଗ |
| ***୮. ସହରାଞ୍ଚଳ ବିକାଶ ଏବଂ ବିସ୍ତାରଣ ଯୋଜନାବଦ୍ଧ ଭାବରେ ହୋଇନାହିଁ; ଅଣ ଔପଚାରିକ ପ୍ରଜାସତ୍ତ୍ୱରୁ ନିୟମିତକରଣ ବେଆଇନ୍ ଦଖଲକୁ ପ୍ରୋତ୍ସାହନ କରିଥାଏ :***<br>ମାଷ୍ଟର ପ୍ଲାନ୍ ଆଶାତିତ ଭାବରେ ସଫଳ ହୋଇନାହିଁ । ହିସାବ କରାଯାଇଛି ଯେ ୯୦ ଶତକଡା ସହରାଞ୍ଚଳ ଜମି ବ୍ୟବହାରର ଅପବ୍ୟବହାର ହୋଇଛି, ବିଶେଷ ଭାବରେ ଆନ୍ଧ୍ରପ୍ରଦେଶର ମେଟ୍ରୋପଲିଟାନ୍ ଅଞ୍ଚଳର ଚାରିପାଖରେ । ଏଥିରେ ରାଜନୈତିକ ପ୍ରଭାବ ମଧ୍ୟ ରହିଛି । ଆନ୍ଧ୍ରପ୍ରଦେଶରେ ଉତ୍ତମ ସହରାଞ୍ଚଳ ଜମି ପରିଚାଳନା ଅଭ୍ୟାସର | ୮.୧ ପ୍ରଚଳିତ ସହରାଞ୍ଚଳ ଯୋଜନା କାର୍ଯ୍ୟାଭ୍ୟାସ ସମୀକ୍ଷା କରନ୍ତୁ ଏବଂ ସହରାଞ୍ଚଳ ଯୋଜନାର ପରିଚାଳନାକୁ ସ୍ୱବ୍ୟବସ୍ଥିତ କରାଯାଉ । ଶିଳ୍ପ ଅଞ୍ଚଳ ଚାରିପଟେ ଏକ ମଧ୍ୟବର୍ତ୍ତୀ ଅଞ୍ଚଳ କରିବା ସୁନିଶ୍ଚିତ କରାଯାଉ ।<br>୮.୨ ଏଭଳି ତଥ୍ୟାବଳୀ ବିକଶିତ କରନ୍ତୁ ଏବଂ ବଜାୟ ରଖନ୍ତୁ ଯାହାକି ଜମି ବ୍ୟବହାର ନିୟନ୍ତ୍ରଣ ନିୟମିତ ଭାବରେ ଏବଂ ପ୍ରଭାବଶୀଳ ଭାବରେ ପର୍ଯ୍ୟାଲୋଚନା କରାଯାଇପାରିବ । | ସହରାଞ୍ଚଳ ସ୍ଥାନୀୟ ନିକାୟ<br>ରାଜସ୍ୱ ବିଭାଗ |

| ବିଷୟ | ସୁପାରିଶ | ଦାୟିତ୍ୱ |
| --- | --- | --- |
| ଅନେକ ଉଦାହରଣ ଥିବା ସତ୍ତ୍ୱେ, ଅନ୍ୟ ଅଞ୍ଚଳରେ ହୋଇଥିବା ଉତ୍ତମ କାର୍ଯ୍ୟ ଅଭ୍ୟାସରୁ ଶିଖିବା ପାଇଁ ଅନେକ ସୁଯୋଗ ରହିଛି ଏବଂ ଉନ୍ନତତର ଆଧୁନିକ ପ୍ରୟୋଗାତ୍ମକ କୌଶଳର ସୁଯୋଗ ମଧ୍ୟ ରହିଛି ।<br>ବସବାସ କରିବା ପାଇଁ ଗୃହର ଅଭାବ ରହିଛି । ଗରିବ ଏବଂ ମଧ୍ୟବିତ୍ତ ଲୋକମାନଙ୍କ ପାଇଁ ଉଦ୍ଦିଷ୍ଟ ହୋଇଥିବା ଗୃହ ନିର୍ମାଣ ଯୋଜନା ଆବଶ୍ୟକ ଅନୁସାରେ ପଛରେ ରହିଛି/ପଛେଇ ଯାଉଛି ।<br>ଝୁଂପୁଡି ବସ୍ତିରେ ବାସ କରୁଥିବା ଘର ପରିବାର ହେଉଛି ମୋଟ ଘରପରିବାରର ଶତକଡା ୩୬ (୨୦୧୧) । ସେମାନଙ୍କୁ ପ୍ରଜାସ୍ୱତ୍ୱ ଅଧିକାର ଦେବା ଆଇନ୍‌ଗତ ବିବାଦ ହେତୁ ସମ୍ଭବ ହେଉନାହିଁ । କିନ୍ତୁ ଅନେକ ସହରାଞ୍ଚଳ ସ୍ଥାନୀୟ ନିକାୟ (ULB) ଅଣ-ଔପଚାରିକ ଭାବରେ ସମସ୍ତ ମୌଳିକ ସୁବିଧା ପ୍ରଦାନ କରି ସେମାନଙ୍କର ଭୋଗ ଦଖଲକୁ ସ୍ୱୀକାର କରୁଛନ୍ତି । କିନ୍ତୁ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଉପରେ ସେମାନଙ୍କର ସାର୍ବଜନୀନ ସରକାରୀ ଜମି ବିକ୍ରୟ କରି ନିଜର ରାଜସ୍ୱ ବୃଦ୍ଧି ଉପରେ ଚାପ ରହିଛି ଏବଂ ବେଆଇନ୍ ଭାବେ ବସବାସ କରିଥିବା ଲୋକଙ୍କୁ ଉଚ୍ଛେଦ କରିବା ପାଇଁ ମଧ୍ୟ ଚାପ ରହିଛି । | ୮.୩ ଆନୁଷ୍ଠାନିକ ସମନ୍ୱୟ ଏବଂ ଦାୟିତ୍ୱ ନ୍ୟସ୍ତ କରିବା ପୁନଃ ପର୍ଯ୍ୟାଲୋଚନା କରାଯାଉ; ସହରାଞ୍ଚଳ ଯୋଜନା ସହରାଞ୍ଚଳ ବିକାଶ ପାଇଁ ଆବଶ୍ୟକ ସମ୍ବଳ ଆକଳନ କରାଯାଉ ଏବଂ ସମୀକ୍ଷା କରାଯାଉ ଏବଂ କାର୍ଯ୍ୟକ୍ଷମତା କମ୍ କରୁଥିବା ସମସ୍ୟା ସମାଧାନ ପାଇଁ କୌଶଳ ପ୍ରସ୍ତୁତ କରାଯାଉ ।<br>୮.୪ କୋଠାନିର୍ମାଣ ଯୋଜନା ଏବଂ ଏହାର ବିଳମ୍ବର କାରଣ ପୁନଃ ସମୀକ୍ଷା କରାଯାଉ । ସମୟ ଅବଧିର ପ୍ରକାର ଅନୁସାରେ ଆବାସିକ ଆବଶ୍ୟକତା ପୂରଣ କରିବା ପାଇଁ ଉପଲବ୍ଧ ଥିବା ସମୁଦାୟ ଗୃହ ମାପ କରନ୍ତୁ ।ଅଳ୍ପ ଖର୍ଚ୍ଚରେ ଆବାସିକ ଗୃହ ପ୍ରଦାନ କରିବା ପାଇଁ କାର୍ଯ୍ୟକାରୀ ହୋଇପାରୁଥିବା ଯୋଜନା ପ୍ରସ୍ତୁତ କରାଯାଉ । | |
| ***୯. ସାର୍ବଜନୀନ ସରକାରୀ ଜମି ନାହିଁ ସୁରକ୍ଷିତ କରାଯାଇନାହିଁ କିମ୍ବା ସଫଳତାର ସହ ପରିଚାଳନା କରାଯାଇନ ।ହିଁ; ସାର୍ବଜନୀନ ସରକାରୀ ଜମି ଘରୋଇ ନିବେଶୀ ମାନଙ୍କୁ ହସ୍ତାନ୍ତର କରିବା ସବୁବେଳେ ଅଭିବୃଦ୍ଧି ସାଧନ କରେ ନାହିଁ ଏବଂ ଅସମାନତା ଏବଂ କଳହର ଅନୁଦାନ ହୋଇଥାଏ :***<br>ସରକାରୀ ଜମିଗୁଡିକ ସଂଜ୍ଞାକୃତ କରାଯାଇନାହିଁ କିମ୍ବା ସେଗୁଡିକର ଚିହ୍ନଟ କରାଯାଇନାହିଁ ଏବଂ ସର୍ଭେ ମ୍ୟାପ୍ ସର୍ବଶେଷ ସଂଶୋଧନ କରାଯାଇନାହିଁ । ଦାଖଲଖାରଜ ଚିହ୍ନଟ ହୋଇନାହିଁ ଏବଂ ଉପଯୁକ୍ତ ଭାବରେ ରେକର୍ଡ ହୋଇନାହିଁ । ଜମି ରେଜେଷ୍ଟ୍ରି ସଂଶୋଧନ କରାଯାଇନାହିଁ । ସରକାରୀ ଜମି କିମ୍ବା ଘରୋଇ ନିବେଶୀମାନଙ୍କୁ ସେହି ଜମିର ବଣ୍ଟନ ବିଷୟରେ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ପାଇଁ କୌଣସି ତଥ୍ୟାବଳୀ ନାହିଁ ।<br>ସରକାରୀ ଜମି ବିଭିନ୍ନ ବିଭାଗ ଏବଂ ସଂସ୍ଥା ଅନ୍ତର୍ଗତ ରହିଛି ଏବଂ ସେମାନଙ୍କ ମଧ୍ୟରେ ପାରସ୍ପରିକ ସହଯୋଗ ଅତି ନ୍ୟୁନ ଅଟେ ।ଆନ୍ଧ୍ରପ୍ରଦେଶ ଇଣ୍ଡଷ୍ଟ୍ରିଆଲ୍ ଇନ୍ଫ୍ରାଷ୍ଟ୍ରକଚର କର୍ପୋରେସନ୍ ଲିମିଟେଡ୍ (APIIC) ଉପରେ ଜମି ଅଧିକାର କରିବା ଏବଂ ଶିଳ୍ପୀୟ ପାର୍କ ଏବଂ ସେଜ୍ (SEZ) ପାଇଁ କାର୍ଯ୍ୟକଳାପର ଦାୟିତ୍ୱ ନ୍ୟସ୍ତ କରାଯାଇଛି ।ଜମି ମଧ୍ୟ ଡ୍ୟାମ୍ ଏବଂ ଖଣି ପାଇଁ ଭୂଅର୍ଜନ କରାହେଉଛି ଏବଂ ଏହି ଅଞ୍ଚଳ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ହାଇଦ୍ରାବାଦର ଚାରିପାଖରେ ଥିବା ସହରାଞ୍ଚଳରେ ୯୦,୦୦୦ ହେକ୍ଟର ଜମିର ବ୍ୟବହାର ପରିବର୍ତ୍ତନ କରାଯାଇଥିଲା (୨୦୦୬) । ୫୦ ଶତକଡାରୁ ଅଧିକ ବ୍ୟାଜାପ୍ତରୁ ପ୍ରାପ୍ତ ହୋଇଥିବା ଜମି (୨୦୧୧-୧୩) କୁ ବେସରକାରୀ ଘରୋଇ ଉଦ୍ଦେଶ୍ୟରେ ବ୍ୟବହାର କରାଯାଇଥିଲା ।<br>ଜରୁରୀକାଳୀନ ପ୍ରାବଧାନ "ସୁପ୍ରସିଦ୍ଧ ପ୍ରଭାବ କ୍ଷେତ୍ର" ଲାଗୁ କରି ରାଜ୍ୟ ଜମି ଅକ୍ତିଆର କରିପାରନ୍ତି କିନ୍ତୁ ଏ ସବୁ ପ୍ରାବଧାନର ଉଲଂଘନ କରାହେଉଛି । ନିୟମ ଏବଂ ପରିମାପର ଅବମାନନା କରାଯାଉଛି ଏବଂ ଜମିକୁ ଅତି ଅଳ୍ପ ମୂଲ୍ୟରେ ମାଲିକାନା ହସ୍ତାନ୍ତର କରାହେଉଛି । ଯଦିଓ ଘରୋଇ କ୍ଷେତ୍ର ଦ୍ୱାରା ଉପଯୁକ୍ତ ଉପଯୋଗ ନ କରି ମଧ୍ୟ ଜମା କରି ରଖିବାର ଅନେକ ଦୃଷ୍ଟାନ୍ତ ରହିଛି ।<br>ଜମି ଅକ୍ତିଆର ନିଷ୍ପତ୍ତିରେ ଖୋଲାପଣତା ଏବଂ ଅକ୍ତିଆର କରିବାରେ ନ୍ୟାୟସଙ୍ଗତତା (କ୍ଷତିପୂରଣ ଦେବା ପାଇଁ ବଜାର ଦର ତୁଳନା କରିବା ଏବଂ ଏହା ଦେବାରେ ବିଳମ୍ବ କରିବା) ପ୍ରକୃତ କ୍ଷେତ୍ରରେ କାର୍ଯ୍ୟକାରୀ କରାଯାଉନାହିଁ । ଏଥିରେ କ୍ଷତିଗ୍ରସ୍ତ ହେଉଥିବା ବ୍ୟକ୍ତିଙ୍କ ପାଇଁ କୋର୍ଟ ହିଁ ଏକମାତ୍ର ସାଧନ କିନ୍ତୁ ଏହା ବ୍ୟୟ ବହୁଳ ଏବଂ ସମୟ ସାପେକ୍ଷ । ଯାହାହେଉ, କୋର୍ଟର ହସ୍ତକ୍ଷେପ ଏବଂ ଜନ ସାଧାରଣରେ ଠିକ୍ ଭୁଲ୍‌ର ତର୍ଜମା ଘରୋଇ ବ୍ୟକ୍ତି/ସଂସ୍ଥାର ଦାୟିତ୍ୱାଧିନତା ବଢାଇ ଦେଇଥାଏ ଯେପରିକି ସେମାନେ ନ୍ୟାୟ ସଙ୍ଗତତାର ଅନୁପାଳନ କରିବେ । | ୯.୧ ସ୍ଥାନୀୟ ଗୋଷ୍ଠୀକୁ ସଂଶ୍ଳିଷ୍ଟ କରି ଅବଶିଷ୍ଟ ସରକାରୀ ଜମିର ଚିହ୍ନଟ, ସର୍ଭେ, ଏବଂ ରେକର୍ଡ ପ୍ରସ୍ତୁତ କରାଯାଉ ।<br>୯.୨ ବେଆଇନ୍ ଭାବରେ ବନ୍ଦୋବସ୍ତ ହୋଇଥିବା ଜମି ଚିହ୍ନଟ କରାଯାଉ ଏବଂ ପର୍ଯ୍ୟାଲୋଚନା କରାଯାଉ । ଜାଲିଆତି ଭାବରେ ବନ୍ଦୋବସ୍ତ ହୋଇଥିବା ସରକାରୀ ଜମି କୋର୍ଟ କେସ୍ ମାଧ୍ୟମରେ ପୁନରୁଦ୍ଧାର କରାଯାଉ ଏବଂ ପୁନଃସ୍ଥାପନ କରାଯାଉ ।<br>୯.୩ ବିଭିନ୍ନ ରାଜ୍ୟ କିମ୍ବା କେନ୍ଦ୍ର ସରକାର ବିଭାଗ ଏବଂ ସରକାରୀ ଉଦ୍ୟୋଗ ନିଗମ ଦ୍ୱାରା ବ୍ୟବହୃତ ହେଉଥିବା ଜମି ପାଇଁ ଏକ ଏକୀକୃତ ପଦ୍ଧତି କରାଯାଉ ।ସର୍ବସାଧାରଣରେ ଏହି ସୂଚନାଗୁଡିକ ଉପଲବ୍ଧ ହେବା ପାଇଁ ୱେବ୍ ପୋର୍ଟାଲ୍ ସୃଷ୍ଟି କରାଯାଉ । ସରକାରୀ ଜମିର ସମସ୍ତ ବିବରଣ ସହିତ ଗ୍ରାମ୍ୟ ରାଜସ୍ୱ ଅଫିସ୍ କିମ୍ବା ଗ୍ରାମ ପଞ୍ଚାୟତ ସ୍ତରରେ ପ୍ରଦର୍ଶନ କରାଯାଉ ।<br>୯.୪ ସରକାରୀ ଜମିର ବଣ୍ଟନ ସଂପର୍କିତ ସମସ୍ତ ମୁଖ୍ୟ ସୂଚନା ଯେପରିକି ନିର୍ଦ୍ଦିଷ୍ଟ ସ୍ଥାନ, ଅଞ୍ଚଳ, ସଂପୃକ୍ତ ସଂସ୍ଥା, ସର୍ତ୍ତାବଳୀ (ଲିଜ୍ କିମ୍ବା ରେଣ୍ଟ) ପ୍ରକୃତ ଅସୁଲ୍ ସର୍ବ ସାଧାରଣରେ ଉପଲବ୍ଧ କରିବା ପାଇଁ ବିଚାର କରନ୍ତୁ । ଯେପରିକି ଏ ବିଷୟରେ ସମସ୍ତେ ଜାଣି ପାରିବେ ।<br>୯.୫ ସରକାରୀ ଜମିର ସୁରକ୍ଷା, ପରିଚାଳନା ଏବଂ ସ୍ଥାନୀୟ କେନ୍ଦ୍ରୀୟ ସ୍ତରରେ ଉପଯୁକ୍ତ ଭାବରେ ବ୍ୟବହାର ଓ ଭବିଷ୍ୟତ ଯୋଜନା ପାଇଁ ସରକାରୀ ଜମିର ଆବଶ୍ୟକତା ପାଇଁ ବିଭିନ୍ନ ପ୍ରକାର ପ୍ରସ୍ତୁତି କରାଯାଉ । କାର୍ଯ୍ୟକାରୀ ଏବଂ ପର୍ଯ୍ୟାଲୋଚନା କରିବା ପାଇଁ ଦାୟିତ୍ୱ ନ୍ୟସ୍ତ କରାଯାଉ ।<br>୯.୬ ସରକାରୀ ଜମି ପାଇଁ ଦାୟିତ୍ୱ ଏବଂ ସରକାରୀ ଜମି ପାଇଁ କାର୍ଯ୍ୟଧାରା ପାଇଁ ସୁବ୍ୟବସ୍ଥିତ କରିବା ଓ ପର୍ଯ୍ୟାଲୋଚନା କରାଯାଉ । ଏ ପ୍ରକାର ଜମି ଥିବା ପ୍ରତ୍ୟେକ ବିଭାଗର ସମ୍ବଳ ଆବଶ୍ୟକତା ନିର୍ଦ୍ଧାରିତ କରନ୍ତୁ ଏବଂ ସରକାରୀ ସଂପତ୍ତିର ରକ୍ଷା ପାଇଁ ଆଇନ୍‌ଗତ ଦାୟିତ୍ୱ ସ୍ଥିର କରାଯାଉ । ।ବିଭିନ୍ନ ବିଭାଗ ମଧ୍ୟରେ ପାରସ୍ପରିକ ସମନ୍ୱୟ ସହଯୋଗରେ ମଧ୍ୟ ବୃଦ୍ଧି ଆଣନ୍ତୁ ।<br>୯.୭ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ ପାଇଁ ବିସ୍ତାରିତ ରାଜ୍ୟ ଜମି ବ୍ୟବହାର ଏବଂ ଅଞ୍ଚଳ ନୀତି ବିକଶିତ କରାଯାଉ । ଗରିବ ଲୋକମାନଙ୍କ ପାଇଁ ଏବଂ ଶିଳ୍ପ ପାଇଁ ବଣ୍ଟନ କରିବା ଉଦ୍ଦେଶ୍ୟରେ ଜମିର ଉପଲବ୍ଧତା ଚିହ୍ନଟ କରନ୍ତୁ ଏବଂ ଶିଳ୍ପ ଅଞ୍ଚଳ ଚାରିପଟେ ମଧ୍ୟବର୍ତ୍ତୀ ଅଞ୍ଚଳ ସୃଷ୍ଟି କରିବାର ଯୋଜନା କରାଯାଉ । | |

| ବିଷୟ | ସୁପାରିଶ | ଦାୟିତ୍ୱ |
|---|---|---|
| | ୯.୮ ଜମି ଆବଶ୍ୟକତା ପାଇଁ ଔପଚାରିକ ଭାବରେ ଅନୁରୋଧ କରିବା ପୂର୍ବରୁ ଜମି ଆବଶ୍ୟକ କରୁଥିବା ବିଭାଗ ଏବଂ ଜମି ଅକ୍ତିଆର କରୁଥିବା ଅଫିସର ମାନଙ୍କର ଯୁଗ୍ମ ଭାବରେ ପରିଦର୍ଶନ କରିବାର ନୀତି ଆରମ୍ଭ କରାଯାଉ ଯେପରିକି ଏକାଧିକ ମାଲିକାନା, ମାଲିକାନା ସମୟ ଅବଧି ଜନିତ ସମସ୍ୟା, ମାପ, ଜମି ମୂଲ୍ୟ, ଜମି ଉପରେ ହୋଇଥିବା ନିର୍ମାଣ ଏବଂ ସେମାନଙ୍କର ମୂଲ୍ୟ, ଶସ୍ୟ ଏବଂ ଶସ୍ୟର ହେବାକୁ ଥିବା କ୍ଷତି ଭଳି ସମସ୍ୟା ଏଡାଯାଇପାରିବ ଫଳରେ ବିବାଦ କମ୍ ହୋଇପାରିବ ଏବଂ ବିଳମ୍ବ କମ୍ ହୋଇପାରିବ ।<br>୯.୯ ସରକାରୀ ଜମିକୁ ଅନ୍ୟ ହାତକୁ ହସ୍ତାନ୍ତର କରିବା ବେଳେ ପ୍ରତିଯୋଗିତା ପାଇଁ ଆହ୍ୱାନ କରିବା ଉଚିତ୍, ଫଳରେ ଏହାର ଅଧିକତମ ବ୍ୟବହାର ହୋଇପାରିବ ଏବଂ ଏହା ବଦଳରେ ଅଧିକତମ ଅଂଶଦାନ ପ୍ରାପ୍ତ ହୋଇପାରିବ ଯାହାକି ଜନମଙ୍ଗଳ କାର୍ଯ୍ୟରେ ନିୟୋଜିତ ହେବ ।<br>୯.୧୦ ଭୂଅର୍ଜନ ଏବଂ ହସ୍ତାନ୍ତର କରାଯାଇଥିବା ଜମି ତାର ମୂଳ ଉଦ୍ଦେଶ୍ୟରେ ହିଁ ବ୍ୟବହାର କରାଯାଇଛି ନା ନାହିଁ ତାହା ପର୍ଯ୍ୟବେକ୍ଷଣ କରିବା ପାଇଁ ଉପଯୁକ୍ତ ପ୍ରକ୍ରିୟା ବିକଶିତ କରାଯାଉ । ସମସ୍ତ ଉଲଂଘନ କେସ୍‌ଗୁଡିକ ସର୍ବସାଧାରଣ ୱେବ୍‌ସାଇଟ୍‌ରେ ପ୍ରକାଶନ କରିବା ପାଇଁ ବିଚାର କରାଯାଉ ।<br>୯.୧୧ ଥଇଥାନ ଏବଂ ପୁର୍ନବସତି ନୀତିର ସମୀକ୍ଷା କରନ୍ତୁ ଯେପରିକି ଜମି ଅଧିକାର, ଘର ହରାଇବା କ୍ଷେତ୍ରରେ ଉପଯୁକ୍ତ ଭାବରେ କ୍ଷତିପୂରଣ ଦିଆଯାଇପାରିବ ଏବଂ ସ୍ଥାନଚ୍ୟୁତ ହେଉଥିବା ଏବଂ ଜମି ହରାଇବା ପରିବାର ଚିହ୍ନଟ କରାଯାଉ । କ୍ଷତିପୂରଣ ଉପରେ ଆନ୍ଧ୍ରପ୍ରଦେଶ ସରକାର (GOAP) ଏବଂ କାର୍ଯ୍ୟକାରୀଣୀ ନିର୍ଦ୍ଦେଶାବଳୀର ସମୀକ୍ଷା କରାଯାଉ; ଜମି ଅକ୍ତିଆର କରୁଥିବା ଅଫିସରଙ୍କ ଅନୁସରଣ ପାଇଁ ପ୍ରଶାସନିକ ନିର୍ଦ୍ଦେଶାବଳୀ ଏକ ଆଦର୍ଶ ଅନୁରୂପ ପ୍ରଣାଳୀ କରି ଏବଂ କୋର୍ଟ ଦ୍ୱାରା ଚିହ୍ନଟ କରି ସାର ସଂଗ୍ରହ ପୁସ୍ତିକା ଜାରି କରାଯାଉ ।<br>୯.୧୨ ଭୂଅର୍ଜନ (ପ୍ରଣାଳୀ ଏବଂ କ୍ଷତିପୂରଣ) ସଂପର୍କରେ ହୋଇଥିବା ଅଭିଯୋଗ ନିର୍ଦ୍ଦିଷ୍ଟ ସମୟ ଭିତରେ ହିଁ ସମାଧାନ ପାଇଁ ନକ୍ସା ପ୍ରସ୍ତୁତ କରାଯାଉ । | |
| ***୧୦. ଟିକସ ସଂଗ୍ରହରେ ଉନ୍ନତି ଏବଂ ଜମିର ପ୍ରକୃତ ମୂଲ୍ୟ ପ୍ରତିଫଳନ କରିବା ପାଇଁ ଜମି ମୂଲ୍ୟାଙ୍କନ ପ୍ରଣାଳୀ ବ୍ୟବସ୍ଥିତ କରନ୍ତୁ :***<br>ସଂପତ୍ତି କର ସମସ୍ତ ମ୍ୟୁନିସିପାଲ୍‌ଟି ଏବଂ ମ୍ୟୁନିସିପାଲ୍ କର୍ପୋରେସନ୍ ଦ୍ୱାରା ଲାଗୁ କରାଯାଇଥାଏ ଏବଂ ସେମାନଙ୍କ ପାଇଁ ଏହା ରାଜସ୍ୱର ଏକ ମୁଖ୍ୟ ସୂତ୍ର ଅଟେ । ସହରାଞ୍ଚଳ ସ୍ଥାନୀୟ ସଂସ୍ଥା (ULB) ସୀମା ଭିତରେ ଆନ୍ଧ୍ରପ୍ରଦେଶର ଖାଲି ଥିବା ଜମି ପାଇଁ ମଧ୍ୟ କର ଲାଗୁ କରିଛି । ଏବଂ ଜମି ବ୍ୟବହାର ପରିବର୍ତ୍ତନ କ୍ଷେତ୍ରରେ ମଧ୍ୟ କର ଲାଗୁ କରାଯାଉଛି (କୃଷିରୁ ଅଣ କୃଷି ପାଇଁ ୧୦ ଶତକଡା) । ୨୧,୮୨୩ ପଞ୍ଚାୟତ କିମ୍ବା ଗ୍ରାମାଞ୍ଚଳ ସ୍ଥାନୀୟ ସଂସ୍ଥା ପ୍ରତ୍ୟକ୍ଷ କର ଲାଗୁ କରନ୍ତି ଏବଂ ଘର କର, ଜମି ଅତିରିକ୍ତ କର, ପାଣି ଉପରେ ଅତିରିକ୍ତ କର, ମଧ୍ୟ ଲାଗୁ କରନ୍ତି ।<br>ମ୍ୟୁନିସିପାଲ୍‌ଟି ଅଧିନିୟମ ସମ୍ବିଧାନ ଏବଂ କାର୍ଯ୍ୟକାରିଣୀ ନିର୍ଦ୍ଦେଶାବଳୀରେ ଛାଡ କରିବାରେ ବ୍ୟବସ୍ଥା ରହିଛି କିନ୍ତୁ ସେଭଳି ବ୍ୟବସ୍ଥାରେ ସବୁବେଳେ ସ୍ୱଚ୍ଛତା ନାହିଁ କିମ୍ବା ସବୁ ସମୟରେ ସମାନ ଭାବରେ ଲାଗୁ କରାଯାଉନାହିଁ ।କାର୍ଯ୍ୟଦକ୍ଷତା, ସ୍ୱଚ୍ଛତା ଏବଂ ଅଭିଯୋଗ କମ୍ କରିବା ପାଇଁ କର ଦେୟ ହିସାବ କରିବାରେ ମାନଦଣ୍ଡ ଲାଗୁ କରାଯାଇଛି କିନ୍ତୁ ଏହି ମୂଲ୍ୟାୟନ ବର୍ତ୍ତମାନ ମଧ୍ୟ ଅସ୍ଥାୟୀ ଭାବରେ ବେଳେ ବେଳେ କରାଯାଉଛି ଏବଂ ବଜାରର ମୂଲ୍ୟ ସହ ସଂପର୍କିତ କରାଯାଉନାହିଁ ।<br>ସ୍ଥିର କରାଯାଇଥିବା ଜମି କିମ୍ବା ସଂପତ୍ତି କର ୮୦ ଶତକଡାରୁ ଅଧିକ ସଂଗ୍ରହ କରାଯାଇଅଛି; ବିଭିନ୍ନ ସହରରେ ଏହାର ଦକ୍ଷତା ଭିନ୍ନ ଭିନ୍ନ ଅଟେ । | ୧୦.୧ କର ଜନିତ ଆଇନ୍‌କାନୁନ୍ ଏବଂ ସଂଶୋଧନର ପ୍ରଭାବଶୀଳତା ସମୀକ୍ଷା କରନ୍ତୁ । (ଏନ୍‌ଏଲ୍‌ଏ) NALA ପରି<br>୧୦.୨ କର ଛାଡ ଯୋଗୁଁ ସରକାରଙ୍କୁ ହେଉଥିବା କ୍ଷତିର ସମୀକ୍ଷା କରାଯାଉ ।<br>୧୦.୩ ସମସ୍ତ ମୁଖ୍ୟ ସହର ଏବଂ ଗ୍ରାମାଞ୍ଚଳ ସଂସ୍ଥାର ରାଜସ୍ୱ ସଂଗ୍ରହ ହୋଇପାରିବା କ୍ଷମତା ବନାମ ପ୍ରକୃତ ସଂଗ୍ରହ ବିଷୟରେ ଚିହ୍ନଟ କରାଯାଉ ଏବଂ ପ୍ରଚାର କରାଯାଉ ।<br>୧୦.୪ ସଂପତ୍ତି ମୂଲ୍ୟର ମୂଲ୍ୟାଙ୍କନର ପୁନଃ ନିରିକ୍ଷଣର ବାରମ୍ବାରତା ଏବଂ ମୁଖ୍ୟ ବୈକଳ୍ପିକ ପ୍ରଣାଳୀରେ ସଂପତ୍ତିର ମୂଲ୍ୟାଙ୍କନ ବୈକଳ୍ପିକ ପ୍ରଣାଳୀର ପଥପ୍ରଦର୍ଶକ କରାଯାଉ ଏବଂ ପଦ୍ଧତିର ସମୀକ୍ଷା କରାଯାଉ । | ସହରାଞ୍ଚଳ ସ୍ଥାନୀୟ ନିକାୟ<br>ସହରାଞ୍ଚଳ ସ୍ଥାନୀୟ ତନୟ/ସଂସ୍ଥା |

| ବିଷୟ | ସୁପାରିଶ | ଦାୟିତ୍ୱ |
|---|---|---|
| ***୧୧. ବିବାଦ ସମାଧାନ ପ୍ରକ୍ରିୟାର ପ୍ରଭାବଶୀଳତା ବୃଦ୍ଧି କରନ୍ତୁ ଏବଂ ପର୍ଯ୍ୟାଲୋଚନାର ଦକ୍ଷତା ବିକଶିତ କରନ୍ତୁ :***<br>ଗ୍ରାମାଞ୍ଚଳ ଜମି ବିବାଦର ଶତକଡା ୨, ସହରାଞ୍ଚଳ ଜମି ବିବାଦର ଶତକଡା ୫ ଏବଂ ଅର୍ଦ୍ଧ ସହରାଞ୍ଚଳ ଜମି ବିବାଦର ଶତକଡା ୨୮ ଅନୁପଯୁକ୍ତ ଏବଂ ତ୍ରୁଟିପୂର୍ଣ୍ଣ ଜମିଜମା ରେକର୍ଡ ଯୋଗୁଁ ହୋଇଥାଏ । ହିସାବ କରାଯାଇଛି ଯେ, ଶତକଡା ୫୦ କୋର୍ଟ କେସ୍‌ରୁ ଅଧିକ ଜମି ବିବାଦ ସଂପର୍କିତ ଅଟେ ।<br>କୋର୍ଟ ଗୁଡିକରେ ଅନେକ କେସ୍ ବାକି ପଡିଛି, ଯଦିଓ ସୁପ୍ରିମ୍ କୋର୍ଟର ନିର୍ଦ୍ଦେଶ ଦେଇଛନ୍ତି ଯେ, କେସ୍‌ଗୁଡିକ ଅଧିକତମ ତିନି ବର୍ଷ ଭିତରେ ସମାଧାନ କରିବା ଉଚିତ୍, ଅନ୍ତିମ ସମାଧାନ ୧୦ ବର୍ଷରୁ ଅଧିକ ଲାଗିଯାଉଛି । ବିଗତ ତିନି ବର୍ଷ ଭିତରେ ବ୍ୟାକାପ୍ତ ହୋଇଥିବା ଜମି ବିରୁଦ୍ଧରେ କରାଯାଇଥିବା ଅଭିଯୋଗ ଗୁଡିକରୁ ଶତକଡା ୩୦ରୁ କମ୍ କ୍ଷେତ୍ରରେ ପ୍ରଥମ ପର୍ଯ୍ୟାୟ ନିଷ୍ପତ୍ତି ନିଆଯାଇଛି । ଅଧିକାଂଶ ଆଇନ୍‌ଗତ ବିବାଦ ରାଜ୍ୟ ସ୍ତରରେ ଉଚ୍ଚ ଅଦାଲତଠାରେ ବାକି ରହିଛି ।<br>କାରଣ ହେଲା ବିଚାରପତି ମାନଙ୍କର ନିଯୁକ୍ତି ଖାଲି ପଡିବା ଏବଂ କୋର୍ଟର ଆଭ୍ୟନ୍ତରଣୀୟ ସଂଗଠନ ଗତ ସମସ୍ୟା । ଜଟିଳ ହୋଇ ନଥିବା କେସ୍ ଗୁଡିକ ଯେପରିକି ଜମି ସୀମାଗତ ବିବାଦ କିମ୍ବା ପଟ୍ଟାଦାର ରେକର୍ଡିଂ ଏକ ଭିନ୍ନ ତ୍ୱରାନ୍ୱିତ ଏବଂ ଖର୍ଚ୍ଚ କୁଶଳତା ପ୍ରଣାଳୀ ଦ୍ୱାରା ସହଜରେ ସମାଧାନ କରାଯାଇପାରିବ । କୋର୍ଟ ରୁମ୍ ବାହାରେ ରାଜସ୍ୱ କୋର୍ଟ ବସାଇ ମଧ୍ୟ ଜମିଜମା କେସ୍‌ଗୁଡିକ ସମାଧାନ କରାଯାଇପାରିବ । (ସର୍କିଟ୍ କୋର୍ଟ) କୋର୍ଟରେ ବସୁଥିବା ଅଫିସରମାନଙ୍କର ଆଇନ୍‌ଗତ ଜ୍ଞାନ ଏବଂ ଜମିଜମା ନିୟମକାନୁନ୍ ବିଷୟରେ ଯଥେଷ୍ଟ ଅଭିଜ୍ଞତା ଥିବା ଆବଶ୍ୟକ ଏବଂ ଉତ୍ତରାଧିକାରୀ ଏବଂ ବଂଶାନୁଗତ ଅଧିକାର ଭଳି ବ୍ୟକ୍ତିଗତ ନିୟମରେ ମଧ୍ୟ ସେମାନଙ୍କର ଅଭିଜ୍ଞତା ଥିବା ଆବଶ୍ୟକ । | ୧୧.୧ କୋର୍ଟରେ ଥିବା ସମସ୍ତ ଜମିଜମା ବିବାଦ ଏବଂ ଘଟଣା ଶ୍ରେଣୀଭୁକ୍ତ କରିବା ପାଇଁ ଏକ ସ୍କିମ୍ ବିକଶିତ କରାଯାଉ ଏବଂ ସେହି ଶ୍ରେଣୀଭୁକ୍ତ ଅନୁସାରେ ରେକର୍ଡ କରାଯାଉ । କୋର୍ଟରେ ବାକି ଥିବା କେସ୍ ସଂପର୍କିତ ମୂଳତଥ୍ୟାବଳୀରେ ଜମି ସଂପର୍କିତ କେସ୍ ପାଇଁ ଏକ ଅଲଗା ଶ୍ରେଣୀ ଅନ୍ତର୍ଗତ କରାଯାଉ ଯେପରିକି ତାହା ପର୍ଯ୍ୟାଲୋଚନା କରାଯାଇପାରିବ ।<br>୧୧.୨ କେସ୍‌ଗୁଡିକ ନିଷ୍ପତ୍ତି କରିବାରେ ମନ୍ଥରତାର କାରଣ ସମୀକ୍ଷା କରାଯାଉ ଏବଂ ସେ ଅନୁସାରେ ପ୍ରଣାଳୀକୁ ବ୍ୟବସ୍ଥିତ ଏବଂ ସଂଗଠିତ କରାଯାଉ । ଆଇନ୍‌ଗତ ଏବଂ ନିୟନ୍ତ୍ରଣଗତ ପ୍ରତିବନ୍ଧକ ଚିହ୍ନଟ କରାଯାଉ ଏବଂ କେସ୍‌ଗୁଡିକର ଶୀଘ୍ର ଫଇସଲା ପାଇଁ ପରିଚାଳନାଗତ ପଦକ୍ଷେପ ତ୍ୱରାନ୍ୱିତ କରାଯାଉ ଏବଂ କେସ୍‌ଗୁଡିକ ମଧ୍ୟରେ ପାର୍ଥକ୍ୟ ନିର୍ଣ୍ଣୟ କରାଯାଉ ।<br>୧୧.୩ ପ୍ରତ୍ୟେକ ସ୍ତରରେ କେସ୍ ସମାଧାନ ପାଇଁ ଆଇନ୍‌ଦ୍ୱାରା ହିଁ ଧାର୍ଯ୍ୟ କରାଯାଉ ଏବଂ ତାହା ହାଇକୋର୍ଟ ଦ୍ୱାରା ହିଁ ପର୍ଯ୍ୟାଲୋଚନା କରାଯାଉ ।<br>୧୧.୪ ବିଶେଷ ରାଜସ୍ୱ ଟ୍ରିବ୍ୟୁନାଲ୍ ସହିତ ବିବାଦ ସମାଧାନର କ୍ଷମତା ଏବଂ କାର୍ଯ୍ୟ ଦକ୍ଷତା ବୃଦ୍ଧି କରିବାର ସମ୍ଭାବନା ସମୀକ୍ଷା କରାଯାଉ; ଲୋକ ଅଦାଲତର ବାଧ୍ୟତାମୂଳକ ଉପଯୋଗ କରାଯାଉ; ଅବସର ପ୍ରାପ୍ତ ବିଚାରପତି ଏବଂ ସ୍ଥାନୀୟ ଓକିଲଙ୍କ ସହାୟତାରେ ନ୍ୟାୟ ପଞ୍ଚାୟତ ସ୍ଥାପନା କରାଯାଉ; ବିହାର ରାଜ୍ୟର ଅଭିଜ୍ଞତା ଅଧ୍ୟୟନ କରାଯାଉ । ଜମି ବିବାଦର ଆଇନ୍‌ଗତ ନିଷ୍ପତ୍ତି ପାଇଁ ରାଜ୍ୟସ୍ତରୀୟ ଜମି ଟ୍ରିବ୍ୟୁନାଲ୍ ସ୍ଥାପନର ବିକଳ୍ପ ଅନ୍ୱେଷଣ କରାଯାଉ ।<br>୧୧.୫ ଜମି ବିବାଦ ସମାଧାନ କରିବା ପାଇଁ ଗ୍ରାମ ପଞ୍ଚାୟତକୁ କ୍ଷମତା ବିକେନ୍ଦ୍ରିକରଣ ଏବଂ ହସ୍ତାନ୍ତର ପ୍ରୋତ୍ସାହନ କରିବା ବିଚାର କରାଯାଉ ।<br>୧୧.୬ ମଧ୍ୟସ୍ୱତ୍ତ୍ୱାଧିକାରୀ ଉଚ୍ଛେଦ ପାଇଁ ଏବଂ ଏଲ୍‌ଟିଆର ଅନ୍ତର୍ଗତ କେସ୍ ହଟାଇବା ପାଇଁ ଆବଶ୍ୟକ କାର୍ଯ୍ୟ ତ୍ୱରାନ୍ୱିତ କରାଯାଉ; ଆଦିବାସୀମାନଙ୍କୁ ତାଙ୍କର ଦାବୀ ସମକ୍ଷରେ ସହାୟତା କରିବା ପାଇଁ ଆଇନ୍‌ଗତ ବ୍ୟବସ୍ଥା କରାଯାଉ ।<br>୧୧.୭ ଜମିଜମାଗତ ବିବାଦ ପାଇଁ ଗରିବ ଲୋକମାନଙ୍କୁ ଦିଆଯାଉଥିବା ଆଇନ୍‌କାନୁନ୍ ଏବଂ ଆଇନ୍‌ଗତ ସହାୟତା ବିଷୟରେ ସେମାନଙ୍କ ଭିତରେ ସଚେତନତା ସୃଷ୍ଟି କରାଯାଉ । | କୋଟ |

# ବିହାର

| ବିଷୟ | ସୁପାରିଶ | ଦାୟିତ୍ୱ |
|---|---|---|
| ***୧. ଗ୍ରାମାଞ୍ଚଳ ଜମିଜମା ରେକର୍ଡ ନିୟମିତ ଭାବରେ ସଦ୍ୟ ସଂଶୋଧନ କରାଯାଇନାହିଁ, ଏବଂ ପୂର୍ବାନୁମିତି ଏବଂ ବ୍ୟବଧାନର ଅଭାବ ରହିଛି:***<br>ଜମିଜମା ରେକର୍ଡ ନିୟମିତ ଭାବରେ ସଦ୍ୟ ସଂଶୋଧନ କରାଯାଇନାହିଁ, ଏବଂ ଏହାର ରକ୍ଷଣାବେକ୍ଷଣ କ୍ଷମତା ଅତ୍ୟନ୍ତ ଦୁର୍ବଳ ଅଟେ, ଡିଜିଟାଲ୍ କରିବା ପୂର୍ବରୁ ଯାଞ୍ଚ କରାଯାଇନାହିଁ; ରେକର୍ଡ ମଧ୍ୟ ଭୌଗୋଳିକ ସୂଚନା-ଆଧାରିତ ହୋଇନାହିଁ; ୧୯୨୨ ପରେ ଅଧିକାଂଶ ମ୍ୟାପ୍ ସଦ୍ୟ ସଂଶୋଧନ କରାଯାଇନାହିଁ, ପୁନଃ ସର୍ଭେ କରିବାର ଗତି ଅତି ମନ୍ଥର (୪୫,୭୬୯ ଗ୍ରାମରୁ ଶତକଡା ୭୧ରେକର୍ଡ କଂପ୍ୟୁଟରୀକରଣ କରାଯାଇଛି, ଶତକଡା ୭୨ ଯାଞ୍ଚ କରାଯାଇଛି, ଆକାଶମାର୍ଗରୁ ନିଆଯାଇଥିବା ଫଟୋ ଶତକଡା ୧୭ ସଂପୂର୍ଣ୍ଣ ହୋଇଛି, ଗ୍ରାମର ରେକର୍ଡ ସଦ୍ୟ ସଂଶୋଧନ କରାଯାଇଛି; ଖେସରା ପାଞ୍ଜି ୭.୫ ଶତକଡା ପ୍ରସ୍ତୁତ କରାଯାଇଛି) । | ୧.୧ ସରଜମିନ୍ ସତ୍ୟତା ଉପରେ ଆଧାରିତ କରି ଲିଖିତ ରେକର୍ଡ ସଦ୍ୟ ସଂଶୋଧନ ଏବଂ ଯାଞ୍ଚ କରିବାର ସ୍ୱଳ୍ପ ଖର୍ଚ୍ଚ ବିଶିଷ୍ଟ ଉପାୟ ଅଗ୍ରାଧିକାର ଭିତ୍ତିରେ ଚିହ୍ନଟ କରାଯାଉ ଏବଂ କାର୍ଯ୍ୟକାରୀ କରାଯାଉ ।<br>୧.୨ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆବଶ୍ୟକତା ଏଡାଇବା ପାଇଁ ଲିଖିତ ଏବଂ ସ୍ଥାନ ଦିଗ ଭିତ୍ତିକ ରେକର୍ଡ ଲଗାତାର ଭାବରେ ସଦ୍ୟ ସଂଶୋଧନ କରିବାକୁ ଆବଶ୍ୟକ ପ୍ରକ୍ରିୟା ବିକଶିତ କରାଯାଉ । ଅଗ୍ରଣୀ ଭିତ୍ତିରେ ରଖାଯାଉ ଏବଂ କାର୍ଯ୍ୟକାରୀ କରାଯାଉ ।<br>୧.୩ ଡିଜିଟାଲ୍ ରେକର୍ଡର ରକ୍ଷଣାବେକ୍ଷଣ ଯାଞ୍ଚ ଏବଂ ବିଭିନ୍ନ ପରିସ୍ଥିତିରେ ପୁନଃ ସର୍ଭେ ପାଇଁ ସମ୍ବଳର ଆବଶ୍ୟକତାର ଆକଳନ କରାଯାଉ ।<br>୧.୪ ନିର୍ଦ୍ଦିଷ୍ଟ ସମୟ ଭିତରେ ବର୍ତ୍ତମାନରେ ଲାଗୁ କରାଯାଇଥିବା ବିଶେଷ ସର୍ଭେ ସଂପୂର୍ଣ୍ଣ କରାଯାଉ; ରେକର୍ଡ ରକ୍ଷଣାବେକ୍ଷଣ ଏବଂ ପୁନଃ ସର୍ଭେ ଏକ ବିଶେଷ ଏବଂ ସମ୍ଭବପର ସମୟସୀମା ଭିତରେ ଶେଷ କରିବା ପାଇଁ ଏକ କାର୍ଯ୍ୟକ୍ରମ ବିକଶିତ କରାଯାଉ ।<br>୧.୫ ରେକର୍ଡ ଏବଂ ରେଜିଷ୍ଟ୍ରେସନ୍ ସଂଯୋଗ କରିବା ପାଇଁ ଆଇନ୍ ଗତ ଆଧାର ସୃଷ୍ଟି କରାଯାଉ । | ଡିଓଏଲ୍ଆର (DoLR)/ରାଜସ୍ୱ ଏବଂ ଭୂସଂସ୍କାର ବିଭାଗ ବିହାର ସରକାର |
| ***୨. ସହରାଞ୍ଚଳ ଜମି ରେକର୍ଡଗୁଡିକ ଅସପୂର୍ଣ୍ଣ ଅଟେ, ପୂର୍ବାନୁମିତ ଉପରେ ଆଧାରିତ ଏବଂ ସ୍ଥାନ ଦିଗ ଭିତ୍ତିକ ହୋଇନାହିଁ; ଅନେକ ନିର୍ମାଣ ସହରାଞ୍ଚଳ ନିୟମର ଉଲଂଘନ କରିଛି :***<br>ସହରାଞ୍ଚଳ ଗୁଡିକରେ ଆରଓଆର (ROR) ପ୍ରଣାଳୀ ବ୍ୟବସ୍ଥିତ କରାଯାଇନାହିଁ ଏବଂ ଏକ ନିର୍ଦ୍ଦିଷ୍ଟ ଦାୟିତ୍ୱ ଏକାଧିକ ସଂସ୍ଥା ଉପରେ ନ୍ୟସ୍ତ ହୋଇଛି; ମୂଳ ମ୍ୟାପ୍‌ର ଅଭାବ ରହିଛି; ସହରାଞ୍ଚଳ ଗୁଡିକରେ ସହର ଜମିର ପ୍ରଜାସ୍ୱତ୍ୱ ଏବଂ ଘରର ମାଲିକାନା ଜନିତ ରେକର୍ଡ ଅଭାବ ରହିଛି, ଯଦିଓ ନିର୍ଦ୍ଦିଷ୍ଟ ତଥ୍ୟ ଉପଲବ୍ଧ ନାହିଁ; ମାଲିକାନା ସମୟ ଅବଧି ପାଇଁ ବର୍ତ୍ତମାନ ଟିକସ ରେକର୍ଡକୁ ପ୍ରମାଣ ହିସାବରେ ନିଆଯାଉଛି । ଅନେକ ଉଚ୍ଚ ନିର୍ମାଣ ସହରାଞ୍ଚଳ ନିୟମର ଉଲଂଘନ କରିଛି (ଶତକଡା ୬୦ ଘରର ସମାପ୍ତ ପ୍ରମାଣପତ୍ର ନାହିଁ । ୭୦ ରୁ ୮୦ ଶତକଡା ଦଖଲଦାର ସାର୍ଟିଫିକେଟ୍ ନାହିଁ । ୫୫ ଶତକଡା ବହୁତଳ ପ୍ରାସାଦ ଚଟାଣ କ୍ଷେତ୍ରର ଅନୁପାତ ଉଚ୍ଚତା, ମ୍ୟାପ୍, ଏବଂ ଅନୁମୋଦିତ କୋଠା ପ୍ଲାନ୍ ସଂପୃକ୍ତ ନିୟମର ଅନୁପାଳନ କରୁନାହିଁ । | ୨.୧ ସହରାଞ୍ଚଳ ଜମି ପରିଚାଳନା, ରେକର୍ଡ ରକ୍ଷଣାବେକ୍ଷଣ, କୋଠା ପରମିଟ୍, ଯେଉଁଠାରେ ସମ୍ଭବ ପୁନଃ ପ୍ରସ୍ତୁତିର ଅନୁପାଳନ ସୁନିଶ୍ଚିତ କରିବା ପ୍ରଭୃତିରେ ସଂପୃକ୍ତ ଥିବା କାର୍ଯ୍ୟ ପ୍ରବାହ ପ୍ରଭାବଶୀଳ ଓ ଦୀର୍ଘକାଳୀନ ଭିତ୍ତିରେ ନିର୍ଦ୍ଦିଷ୍ଟ କରାଯାଉ ।<br>୨.୨ ସମ୍ବଳ ଆବଶ୍ୟକତା ଆକଳନ କରନ୍ତୁ ଏବଂ ଅନୁଷ୍ଠାନଗତ ଦାୟିତ୍ୱ ସ୍ପଷ୍ଟ ଭାବେ ନ୍ୟସ୍ତ କରାଯାଉ ।<br>୨.୩ ଯଥା ସମ୍ଭବ ବର୍ତ୍ତମାନର ସୂଚନା ବ୍ୟବହାର କରି ସମସ୍ତ ସହର ପାଇଁ ମୂଳ ମ୍ୟାପ୍ ସ୍ଥାପନ କରାଯାଉ । କେବେ କେବେ ପୂର୍ନବାର ସର୍ଭେ କରିବା ଅପେକ୍ଷା ରକ୍ଷଣାବେକ୍ଷଣ ଏବଂ ସଦ୍ୟ ସଂଶୋଧନ କରିବା ପାଇଁ ସାଧାରଣ ଦିଗ ସ୍ଥାନଭିତ୍ତିକ ଡାଟା ମୌଳିକ ସୁବିଧା ସ୍ଥାପନ କରାଯାଉ ।<br>୨.୪ ଅଣ-ଔପଚାରିକ ପୁନଃର୍ବସତିରେ ସମୟ ଅବଧି ବୃଦ୍ଧି କରିବାର ପ୍ରକ୍ରିୟା ସମୀକ୍ଷା କରନ୍ତୁ ଏବଂ ଏହାର ପ୍ରଭାବଶୀଳତା ଏବଂ କାର୍ଯ୍ୟଶୀଳତା ବୃଦ୍ଧି କରାଯାଉ । | ରାଜସ୍ୱ ଏବଂ ଭୂସଂସ୍କାର ବିଭାଗ, ସହର ଏବଂ ଗୃହ ବିକାଶ ବିଭାଗ, ସହରାଞ୍ଚଳ ସ୍ଥାନୀୟ ସଂସ୍ଥା (ULB) |
| ***୩. ରେକର୍ଡଗୁଡିକର ସ୍ୱତଃ ସଦ୍ୟ ସଂଶୋଧନ କରାଯାଇନାହିଁ ଏବଂ ସମସ୍ତ ଜମି କିଣାବିକା ରେଜିଷ୍ଟ୍ରି ହୋଇନାହିଁ:***<br>ରେଜିଷ୍ଟ୍ରେସନ୍ ପରେ ଜମି ହସ୍ତାନ୍ତର ପାଇଁ ରେକର୍ଡଗୁଡିକ ସ୍ୱତଃ ସଦ୍ୟ ସଂଶୋଧନ କରାଯାଉନାହିଁ । ରେଜିଷ୍ଟ୍ରେସନ ଅଫିସ୍‌ଗୁଡିକ ସର୍କଲ୍ ଅଫିସ୍ ସହିତ ସଂଯୋଗ କରାଯାଇନାହିଁ ଯେଉଁଥିରେ ଦଖଲଖାରଜ ହୋଇଥାଏ । ଋଣଗ୍ରସ୍ତ ବ୍ୟକ୍ତିମାନଙ୍କ ବିଷୟରେ ରେକର୍ଡ ୬୦ ରୁ୭୦ ଶତକଡା କରାଯାଇଛି; ହିସାବ କରାଯାଇଛି ଯେ, ପ୍ରାୟ ଶତକଡା ୩୦ କିଣାବିକା ଅଧିକ ଖର୍ଚ୍ଚ ଯୋଗୁଁ ରେଜିଷ୍ଟ୍ରି କରାଯାଇନାହିଁ । | ୩.୧ ଷ୍ଟାଂପ କର କମ୍ କରନ୍ତୁ କିମ୍ବା ଏହାକୁ ଅନ୍ୟ ରାଜ୍ୟ ସହ ସମାନ କରାଯାଉ ।<br>୩.୨ ଜମି ହସ୍ତାନ୍ତର କ୍ଷେତ୍ରରେ ସ୍ୱତଃ-ଭାବରେ ଦାଖଲଖାରଜ ଏବଂ ରେକର୍ଡ ସଂଶୋଧନ କରିବା ପାଇଁ ରେଜିଷ୍ଟ୍ରେସନ୍ ତଥ୍ୟ ଏବଂ ସର୍କଲ୍‌ଅଫିସ୍ ମଧ୍ୟରେ କଂପ୍ୟୁଟର ମାଧ୍ୟମ ଇ-ଲିଙ୍କିଙ୍ଗ୍ କରାଯାଉ ।<br>୩.୩ ୨୦୦୬ ପୂର୍ବରୁ କରାଯାଇଥିବା ରେକର୍ଡକୁ ସ୍କାନିଙ୍ଗ୍ କରନ୍ତୁ ଏବଂ କଂପ୍ୟୁଟର ନେଟ୍‌ୱାର୍କରେ ଅପ୍‌ଲୋଡ୍ କରାଯାଉ ।<br>୩.୪ ସରକାରୀ ଜମି ପାଇଁ ଜମିର ବଣ୍ଟନ ଏବଂ ମ୍ୟୁଟେସନ୍ ଏକା ସଙ୍ଗରେ କରାଯାଉ ।<br>୩.୫ ଉତ୍ତରାଧିକାରୀ ଭାବରେ ପ୍ରାପ୍ତି କରିବା, ଖାତାଫାଡ, ପାର୍ଟିସନ୍, ବିକ୍ରିଗୁଡିକ ସାର୍ଟିଫିକେଟ୍ ସ୍ୱତ୍ତ୍ୱ ବନ୍ଧା ପକାଇ ଜମିବନ୍ଧକ ନେବା, ମୌଖିକ ଉପହାର କ୍ଷେତ୍ରରେ ରେଜିଷ୍ଟ୍ରେସନ୍ କରିବା ବାଧ୍ୟତାମୂଳକ କରାଯାଉ । | ରେଜିଷ୍ଟ୍ରେସନ୍/ରାଜସ୍ୱ ବିଭାଗ ଏବଂ ଭୂ-ସଂସ୍କାର ବିଭାଗ |
| ***୪. ଆଇନଗତ ଢାଞ୍ଚାର ସଂଶୋଧନ ଆବଶ୍ୟକ :***<br>ଅତି ପୁରୁଣା ଏବଂ ପ୍ରଭାବହୀନ ପରିଚ୍ଛେଦଗୁଡିକ ହଟାନ୍ତୁ; ଏବଂ ନିର୍ଦ୍ଦିଷ୍ଟ ପରିଚ୍ଛେଦଗୁଡିକ ସଦ୍ୟ ସଂଶୋଧନ କରାଯାଉ; ଇ-ଗଭରର୍ଣ୍ଣାସ୍ ସମ୍ଭବ କରିବା ପାଇଁ ନୂତନ ଆଇନ୍ ବିକଶିତ କରନ୍ତୁ । | ୪.୧ ବିହାର ଭୂ-ସଂସ୍କାର ଅଧିନିୟମ ୧୯୬୧ ରେ ସଂଶୋଧନ ଆବଶ୍ୟକ ଥିବା ଧାରାଗୁଡିକ ଚିହ୍ନଟ କରାଯାଉ ।(ଯେଉଁ କ୍ଷେତ୍ରଗୁଡିକ ଆଗରୁ ଚିହ୍ନଟ କରାଯାଇଛି, ସେଗୁଡିକ ହେଲା ସିଲିଂ ସ୍ଥିର କରିବା, ବଳକା ଜମି ଆହରଣ କରିବା, ଏବଂ ଲିଜ୍ ଜମିର ନିୟମିତକରଣ କରିବା) । | |

| ବିଷୟ | ସୁପାରିଶ | ଦାୟିତ୍ୱ |
|---|---|---|
| | ୪.୨ ଇ-ଗଭର୍ଣ୍ଣନ୍ସ୍ ପାଇଁ ଆଇନ୍ ଗତ ବାତାବରଣ ସୃଷ୍ଟି କରାଯାଉ । ଏବଂ ନିର୍ଣ୍ଣାୟକ ସ୍ୱତ୍ୱ ସୃଷ୍ଟି କରିବା ଆଡକୁ ଗତି କରିବାରେ ସହାୟତା କରାଯାଉ ।<br>୪.୩ ଜମିଜମା ରେକର୍ଡ ବିଭାଗ (DOLR) କିମ୍ବା ଏମ୍ଓଆରଡି MORD ଦ୍ୱାରା ଏକ ଆଦର୍ଶ ଜମି ସ୍ୱତ୍ୱ ବିଲ୍ ପ୍ରସ୍ତୁତି କରିବାର ପସନ୍ଦ ପାଇଁ ଆଲୋଚନା କରାଯାଉ । ଯାହାକି ଆବଶ୍ୟକ ପରିବର୍ତ୍ତନ କରି ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଇପାରିବ ।<br>୪.୪ ଆଇନ୍ଗତ ଏବଂ ଅନୁଷ୍ଠାନଗତ ସଂସ୍କାର ବିଷୟରେ ସୂଚନା ଚାରିଆଡେ ବିସ୍ତାରଣ କରାଯାଉ ।<br>୪.୫ ଜମି ସଂପର୍କିତ ବିଭାଗ ଗୁଡିକରେ ମାନବ ସମ୍ବଳର ଅଭାବ ପୂରଣ କରନ୍ତୁ ଏବଂ କର୍ମଚାରୀ ମାନଙ୍କର କାର୍ଯ୍ୟକ୍ଷମତା ବୃଦ୍ଧି କରାଯାଉ । | |
| ***୫. ଉପଯୁକ୍ତ ଗରିବଲୋକଙ୍କୁ ସରକାରୀ ଜମିର ପୁର୍ନବଣ୍ଟନର ପ୍ରଭାବଶୀଳତା ଏବଂ ପ୍ରକୃତ ପକ୍ଷରେ ସେହି ବଣ୍ଟିତ ଜମି ତାଙ୍କ ପାଖରେ କେତେ ପରିମାଣରେ ରହିଛି ତାହା ଜାଣିବାର ପଦ୍ଧତି ମଜଭୁତ କରିବା ଆବଶ୍ୟକ :***<br>ପ୍ରାୟ ସରକାରୀ ଜମିର ୫୦ରୁ୯୦ ଶତକଡା ବଣ୍ଟନ ପାଇଁ ଅନୁପଯୁକ୍ତ, ଥିବାବେଳେ କିଛି ବଳକା ଜମି ବଣ୍ଟନ ପାଇଁ ମିଳୁ ନାହିଁ । ଜମି ବଣ୍ଟନ ହୋଇଥିବା ୨,୦୦,୦୦୦ ବ୍ୟକ୍ତିଙ୍କର ଜମି ତାଙ୍କ ଦ୍ୱାରା ସଂପୂର୍ଣ୍ଣ ଭାବରେ ଦଖଲ ନେବା ବାକି ରହିଛି ; ସମସ୍ତ କେସ୍ର ୯୦.୬ ଶତକଡା କ୍ଷେତ୍ରରେ ଜମି ଦଖଲ ନିଆଯାଇଛି । ଦଖଲଖାରଚ କ୍ଷେତ୍ରରେ ୮୦.୮ ଶତକଡା, ଖଜଣା ସ୍ଥିର କରିବା କ୍ଷେତ୍ରରେ ଶତକଡା୫୯.୩, ଝୁଂପୁଡି କ୍ଷେତ୍ରରେ ଅଧିକାଂଶ ଲୋକ କେବଳ ବାସ କରିବା ପାଇଁ ଲିଜ୍ ପ୍ରାପ୍ତ କରିଛନ୍ତି କିନ୍ତୁ ଜମି ମାଲିକାନା ହୋଇନାହିଁ ।୧ ଲକ୍ଷ ଲୋକଙ୍କୁ ତାଙ୍କ ବାସ ସ୍ଥାନରୁ ହଟାଇ ଦିଆ ହୋଇଛି । | ୫.୧ ପୁନଃ ବଣ୍ଟନ ପାଇଁ ଉପଲବ୍ଧ ଜମି ଏବଂ ଜମିହୀନ ଗୃହହୀନ ବ୍ୟକ୍ତି ଚିହ୍ନଟ କରାଯାଉ ଯେପରିକି ପୁନଃ ବଣ୍ଟନ କରାଯାଇପାରିବ ।<br>୫.୨ ବର୍ତ୍ତମାନରେ ଅଣ ଉପଯୋଗ ହୋଇ ରହିଥିବା ଜମି ଗରିବ ଲୋକଙ୍କୁ ବଣ୍ଟନ ପାଇଁ ଉପଲବ୍ଧ ହେଉଥିବା ଜମି କିମ୍ବା ଘରୋଇ ଉଦ୍ୟୋଗ ପାଇଁ ଅକ୍ତିଆର ଜମି ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉ ।<br>୫.୩ ପ୍ରାନ୍ତୀୟ ଲୋକମାନଙ୍କୁ ପୁନଃବଣ୍ଟନ କରାଯାଇଥିବା ଜମି ଉପଯୁକ୍ତ ଭାବରେ ବ୍ୟବହାର ହେଉଛି କି ନା ନାହିଁ ଏବଂ ବାସ୍ତବରେ ତାହା ବ୍ୟବହାର ହେଉଛି କି ତାହା ସୁନିଶ୍ଚିତ କରିବା ପାଇଁ ପ୍ରଭାବଶୀଳ ପଦକ୍ଷେପ ବିକଶିତ କରାଯାଉ (ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଥିବା ସାର୍କୁଲାର, ନିର୍ଦ୍ଦେଶାବଳୀ, ସର୍କଲ୍ ଅଫିସରଙ୍କ ପାଇଁ BPPHT ଅଧିନିୟମ ୧୯୪୭ ଉପରେ ଚେକ୍ଲିଷ୍ଟ ଏବଂ ପ୍ରକୃତ ଅବସ୍ଥିତି ଉପରେ ନିର୍ଭର କରି ସାଧାରଣ ଯାଞ୍ଚ୍ ଏହାର ଅନ୍ତର୍ଗତ) ।<br>୫.୪ ଯେତେ ସଂଖ୍ୟକ ଲୋକଙ୍କୁ ତାଙ୍କ ଜମିରୁ ଉଚ୍ଛେଦ କରାଯାଇଛି ଚିହ୍ନଟ କରାଯାଉ ଏବଂ ଏକ ପ୍ରଭାବଶୀଳ ପ୍ରକ୍ରିୟା ବିକଶିତ କରାଯାଉ ଯେପରିକି ଉଚ୍ଛେଦ କଯାଇଥିବା ଜମି ତାଙ୍କୁ ପୁଣି ଫେରସ୍ତ କରିଦିଆଯିବ, ଏବଂ ପ୍ରଭାବିତ ଲୋକଙ୍କର ଜୀବନ ଯାପନ ପ୍ରଣାଳୀରେ ଉନ୍ନତି ହୋଇପାରିବ । | ରାଜସ୍ୱ ବିଭାଗ ଏବଂ ଭୂ-ସଂସ୍କାର ବିଭାଗ, ପଞ୍ଚାୟତରାଜ ଅନୁଷ୍ଠାନ |
| ***୬. ଜଙ୍ଗଲ ଜମି ପାଇଁ ଅନୁଷ୍ଠାନଗତ ଦାୟିତ୍ୱ ବଣ୍ଟନରେ ସ୍ପଷ୍ଟତାର ଅଭାବରୁ ମାଲିକାନା ନ୍ୟସ୍ତ କରିବାରେ, ପ୍ରତିବନ୍ଧକ ସୃଷ୍ଟି କରୁଛି :***<br>ଏକାଧିକ ଅନୁଷ୍ଠାନକୁ ଦାୟିତ୍ୱ ନ୍ୟସ୍ତ ହେବା (ଜଙ୍ଗଲ, ଆଦିବାସୀ, ରାଜସ୍ୱ ଗ୍ରାମ ପଞ୍ଚାୟତ ପ୍ରଭୃତି); ଜଙ୍ଗଲ ଭୂମି ରାଜସ୍ୱ ବିଭାଗକୁ ନ୍ୟସ୍ତ କରା ହୋଇଛି ଏବଂ ରାଜସ୍ୱ ବିଭାଗ ଭୂମି ଜଙ୍ଗଲ ବିଭାଗକୁ ନ୍ୟସ୍ତ କରା ହୋଇଛି । ଜଙ୍ଗଲ ଜମି ଅଧିକାର ଆଇନ୍ (FRA) ର ଫଳାଫଳ ବର୍ତ୍ତମାନ ସୁଦ୍ଧା ଉତ୍ସାହଜନକ ହୋଇନାହିଁ । ଜଙ୍ଗଲ ଜମି ଅଧିକାର ଆଇନ୍ (FRA) ଅନ୍ତର୍ଗତ ଫାଇଲ୍ କରାଯାଇଥିବା ୨,୯୩୦ ଦାବି ମଧ୍ୟରୁ ୫୮୫ ଟି ଦାବି ସମାଧାନର ବିଚାରାଧିନ ଅଛି । ୨୦୧୩ ସୁଦ୍ଧା ୩୧ ସ୍ୱତ୍ୱ ପଟ୍ଟା ବଣ୍ଟନ କରାଯାଇଛି । ପ୍ରାୟ ୩୫୦ ଟି ଗ୍ରାମ ସଭା ବର୍ତ୍ତମାନ ସୁଦ୍ଧା ବ୍ୟକ୍ତିଗତ ଅଧିକାର ଦାବି କରି ନାହାନ୍ତି । ଆଦିବାସୀ ଲୋକମାନେ ବର୍ତ୍ତମାନ ସୁଦ୍ଧା ଆଦିବାସୀ ଜମିରୁ ବଞ୍ଚିତ ହେଉଛନ୍ତି । | ୬.୧ ଜଙ୍ଗଲ ଜମି ପରିଚାଳନା, ମାଲିକାନା ନ୍ୟସ୍ତ କରିବା, କିମ୍ବା ସିପିଆର (CPR) ଅଧିକାର ସଂପୃକ୍ତି ପାଇଁ ଦାୟିତ୍ୱ ଏବଂ କାର୍ଯ୍ୟପ୍ରବାହ ବ୍ୟାଖ୍ୟା କରାଯାଉ ଏବଂ ଯେଉଁଠି ସମ୍ଭବ ପୁନଃ ପ୍ରସ୍ତୁତି କରାଯାଉ ।<br>୬.୨ ପ୍ରଗତି ସମୀକ୍ଷା କରି ଜଙ୍ଗଲ ଅଧିକାର ଅଧିନିୟମ (ଧାରା ୩(୧) i) କାର୍ଯ୍ୟକାରୀ କରିବା ତ୍ୱରାନ୍ୱିତ କରାଯାଉ । ଫଳାଫଳରେ ଉନ୍ନତି ଆଣିବା ପାଇଁ କିମ୍ବା ଆସୁଥିବା ପ୍ରତିବନ୍ଧକ ଅତିକ୍ରମ କରିବା ପାଇଁ ଉତ୍ତମ କାର୍ଯ୍ୟ ଅଭ୍ୟାସ ଚିହ୍ନଟ କରାଯାଉ ।<br>୬.୩ ଜଙ୍ଗଲ ଅଧିକାର ଆଇନ୍ଗତ ବହୁଳ ଭାବରେ ପ୍ରତ୍ୟାଖ୍ୟାନ କିମ୍ବା ସଂଶୋଧନ ଦାବୀ ଉପଯୁକ୍ତ ପଦ୍ଧତି ଅବଲମ୍ବନ କରି ଏଫ୍ଆରଏ (FRA) କେସ୍ ଗୁଡିକ ତ୍ରୁଟି ସୁଧାର କରାଯାଉ ଏବଂ କେସ୍ ଗୁଡିକ ଡିଏଲ୍ସି (DLC) ଦ୍ୱାରା ସମୀକ୍ଷା କରାଯାଉ ।<br>୬.୪ ଏଫ୍ଆରଏ (FRA) ସଂପୂର୍ଣ୍ଣ ଭାବରେ କାର୍ଯ୍ୟକାରୀ ହେବା ପର୍ଯ୍ୟନ୍ତ ଗ୍ରାମ ସଭାଗୁଡିକୁ ଆବଶ୍ୟକ କ୍ଷମତା ଦେବା ଚାଲୁ ରଖାଯାଉ ।<br>୬.୫ ଧାରା (୩ (୧) ଏବଂ (୨) ଅନ୍ତର୍ଗତ ସମସ୍ତ ଅଧିକାର ନିର୍ଣ୍ଣୟ କରିବା ଏବଂ ଅନୁମୋଦନ କରିବା ପ୍ରଣାଳୀ ସଫଳତା ସହିତ ପର୍ଯ୍ୟାଲୋଚନା କରିବା ପାଇଁ ରାଜ୍ୟ ସ୍ତରୀୟ ପରିଚାଳନା କମିଟି ସ୍ଥାପନା କରାଯାଉ । | ପରିବେଶ ଏବଂ ଜଙ୍ଗଲ ବିଭାଗ; ଆଦିବାସୀ ଏବଂ ସାମାଜିକ ମଙ୍ଗଳ ବିଭାଗ; ଡିଏଲ୍ସି (DLC) ଗ୍ରାମ ପଞ୍ଚାୟତ |

| ବିଷୟ | ସୁପାରିଶ | ଦାୟିତ୍ୱ |
|---|---|---|
| **୭. ଯଥେଷ୍ଟ ଭାବରେ ଉପଯୋଗ କରାଯାଇନଥିବା ମହିଳା ମାନଙ୍କର ଜମି ପ୍ରାପ୍ତ ଅଧିକାର ପାଇଁ ଆଇନ୍ ଏବଂ ପ୍ରଶାସନିକ ସୁଯୋଗ ଯଥେଷ୍ଟ ଭାବରେ ବ୍ୟବହାର କରାଯାଇନାହିଁ :**<br>ଆକଳନ ଅନୁଯାୟୀ, ମାତ୍ର ୧୨.୮ ଶତକଡା ଜମି ମହିଳା ମାନଙ୍କ ନାମରେ ରେକର୍ଡ ହୋଇଛି, ଯଦିଓ ମହିଳା ମାନଙ୍କର ଜମି ମାଲିକାନା ଚିହ୍ନଟ କରିବା ପାଇଁ ଖତିଆନ୍ (ROR) ବ୍ୟବହାର କରାଯାଇପାରିବ ନାହିଁ; ଏହା ଜଣା ପଡିଛି ଯେ, ମହିଳାମାନେ ଉତ୍ତରାଧିକାରୀ ଭାବରେ ଅଧିକ ଜମିର ମାଲିକାନା ସମ୍ଭବତଃ ପ୍ରାପ୍ତ କରନ୍ତି ନାହିଁ । ମହିଳା ମାନଙ୍କର ଜମି ମାଲିକାନା ବୃଦ୍ଧି କରିବା ପାଇଁ ବର୍ତ୍ତମାନ କାର୍ଯ୍ୟକାରୀ କରାଯାଉଥିବା କାର୍ଯ୍ୟକ୍ରମ ସଫଳତାର ସହିତ କାର୍ଯ୍ୟକାରୀ ହେବାକୁ ପଡିବ । (ଜଙ୍ଗଲ ଅଧିକାର ଆଇନ୍ (FRA) ସିଲିଙ୍ଗ୍ ଅଧୀନିୟମ ଅନ୍ତର୍ଗତ ବଳକା ଜମିର ପୁନଃବଣ୍ଟନ, ଘରଡିହ ବଣ୍ଟନ,) । | ୭.୧ ଜଙ୍ଗଲ ଅଧିକାର ଆଇନ୍ (FRA) ପରିପେକ୍ଷୀରେ ମହିଳା ମାନଙ୍କ ନାମରେ ପଟ୍ଟାବଣ୍ଟନ କରିବା ପ୍ରୋତ୍ସାହିତ କରାଯାଉ ।<br>୭.୨ ଘର କିମ୍ବା ସରକାରୀ ଜମି ବିତରଣ କ୍ଷେତ୍ରରେ ମହିଳାମାନଙ୍କ ନାମରେ ସ୍ୱତ୍ତ୍ୱ ପ୍ରଦାନ କରିବାକୁ ପ୍ରୋତ୍ସାହିତ କରାଯାଉ ।<br>୭.୩ ମହିଳାମାନଙ୍କର ଜମି ଅଧିକାର ବିଷୟରେ ହେଉଥିବା ପ୍ରଗତି ଅନୁସରଣ କରିବା ପାଇଁ ଅଧିକାର ସଂପର୍କିତ ଜମିଜମା ଖତିଆନ୍ ମୂଳ ତଥ୍ୟାବଳୀରେ ଲିଙ୍ଗଗତ ସୂଚନା ପାଇଁ ଫିଲ୍ଡ୍ ଯୋଡାଯାଉ । | ରାଜସ୍ୱ ବିଭାଗ ଏବଂ ଭୂ-ସଂସ୍କାର ବିଭାଗ |
| **୮. ସହରାଞ୍ଚଳ ବିକାଶ ଏବଂ ବିସ୍ତାରଣ ଯୋଜନାବଦ୍ଧ ଭାବରେ ହୋଇନାହିଁ ଏବଂ ଏହା ପ୍ରତିକ୍ରିୟଶୀଳ :**<br>ସହରାଞ୍ଚଳ ବିସ୍ତାରଣ ଯୋଜନାବଦ୍ଧ ଭାବରେ ହୋଇନାହିଁ; ମୌଳିକ ସୁବିଧା ଯଥେଷ୍ଟ ନୁହେଁ; ରାସ୍ତାର ଚଉଡା, ଉପଯୁକ୍ତ ନର୍ଦ୍ଦମା ଜଳ ନିଷ୍କାସନ ପ୍ରଣାଳୀ, ଗାଡି ରଖିବା ସ୍ଥାନ, ଗୃହ ବ୍ୟବସ୍ଥା ଯଥେଷ୍ଟ ପରିମାଣରେ ନାହିଁ; ମାତ୍ର ୧୭ ଟି ସହରର ମୂଳ ନକ୍ସା ରହିଛି । | ୮.୧ ସହରାଞ୍ଚଳ ଜମି ବ୍ୟବହାର ଉପରେ ନିୟନ୍ତ୍ରଣର ଯଥାର୍ଥତା ସମୀକ୍ଷା କରାଯାଉ ଏବଂ ଯେଉଁଗୁଡିକ କୌଣସି ଉପଯୁକ୍ତ ଉଦ୍ଦେଶ୍ୟ ସାଧନ କରୁନାହିଁ, ତାକୁ ହଟାଇ ଦିଆଯାଉ ।<br>୮.୨ ଏକ ମୂଳ ତଥ୍ୟାବଳୀରେ ବଜାୟ ରଖନ୍ତୁ ଯାହାକି ଜମି ବ୍ୟବହାରର ନିୟନ୍ତ୍ରଣ ନିୟମିତ ଏବଂ ସଫଳ ଭାବରେ କାର୍ଯ୍ୟକାରୀ କରିପାରିବ ।<br>୮.୩ ସହର ଯୋଜନା, ସହରାଞ୍ଚଳ ବିକାଶ ପାଇଁ ଆବଶ୍ୟକ ସମ୍ବଳ ଆକଳନ କରାଯାଉ ଏବଂ ତାର ଅଭାବ ଦୂର କରିବା ପାଇଁ ଉପାୟ ପ୍ରସ୍ତୁତ କରାଯାଉ । | ସହର ଏବଂ ଗୃହ ବିକାଶ ବିଭାଗ |
| **୯. ସାର୍ବଜନୀନ ସରକାରୀ ଜମି ସୁରକ୍ଷିତ କରାଯାଇନାହିଁ କିମ୍ବା ସଫଳତାର ସହ ପରିଚାଳନା କରାଯାଇନାହିଁ; ସରକାରୀ ଜମିକୁ ଘରୋଇ ନିବେଶୀ ମାନଙ୍କୁ ହସ୍ତାନ୍ତର କଲେ ସବୁବେଳେ ଅଭିବୃଦ୍ଧି ସୁନିଶ୍ଚିତ କରେ ନାହିଁ ଏବଂ ଅସମାନତା ଏବଂ କଳହର କାରଣ ହୋଇଥାଏ :**<br>ସରକାରୀ ଜମିର ସଦ୍ୟ ସଂଶୋଧନ ସୂଚନା ଉପଲବ୍ଧ ନାହିଁ; ନିୟନ୍ତ୍ରଣ ଅଭାବରୁ ସଂଶୋଧନ କରିବା ପାଇଁ ଉଦ୍ଦିଷ୍ଟ ସର୍ଭେ ସମୟରେ ସାର୍ବଜନୀନ ସରକାରୀ ଜମି ବେଆଇନ୍ ଭାବରେ ଅନ୍ୟମାନଙ୍କ ଦ୍ୱାରା ଦଖଲ ହୋଇଥାଏ ।ସେହି ବେଆଇନ୍ ଦଖଲକୁ ହଟାଇବା ପାଇଁ ପଦକ୍ଷେପ ସଫଳ ପ୍ରମାଣିତ ହୋଇ ନଥାଏ ( ମାର୍ଚ୍ଚ ୨୦୧୩ ସୁଦ୍ଧା ସହରାଞ୍ଚଳ ଜମିର ବେଆଇନ୍ ଭାବରେ ଦଖଲ କରିଥିବା ୨୪ ଶତକଡା ଜମି ପୁନଃଉଦ୍ଧାର କରାଯାଇଥିଲା ଏବଂ ଗ୍ରାମାଞ୍ଚଳ ଜମିର ବେଆଇନ୍ ଭାବରେ ଦଖଲ କରିଥିବା ୩୭ ଶତକଡା ଜମି ପୁନଃଉଦ୍ଧାର କରାଯାଇଥିଲା) । ସାର୍ବଜନୀନ ସରକାରୀ ଜମି ଘରୋଇ ନିବେଶୀମାନଙ୍କୁ ହସ୍ତାନ୍ତର କରିବା ପ୍ରଣାଳୀ ସ୍ୱଚ୍ଛ ନୁହେଁ । ନିଲାମ୍ ପରେ ଏବଂ ଚୁକ୍ତି ସର୍ତ୍ତାବଳୀ ଅନୁପାଳନ ସୁନିଶ୍ଚିତ କରାଯାଇନାହିଁ । | ୯.୧ ଅବଶିଷ୍ଟ ସରକାରୀ ଜମି ଚିହ୍ନଟ ଏବଂ ରେକର୍ଡ କରାଯାଉ, ଏବଂ ବିଭିନ୍ନ ରାଜ୍ୟ ସରକାର ବିଭାଗ, କେନ୍ଦ୍ର ସରକାର ବିଭାଗ ଏବଂ ସରକାରୀ ଉଦ୍ୟୋଗ ନିଗମ ଅଧୀନରେ ଥିବା ଜମି ପାଇଁ ଏକ ଏକୀକୃତ ପ୍ରଣାଳୀ ସ୍ଥାପନ କରାଯାଉ ।<br>୯.୨ ପ୍ରତ୍ୟେକ ନ୍ୟାସ୍‌ନାଲ୍ ସାଂପୁଲ୍ ସର୍ଭେରେ ସିପିଆର (CPR) ଓ ସର୍ବସାଧାରଣ ଜମିକୁ ଅଲଗା ଅଲଗା ଭାବରେ ଉଲ୍ଲେଖ କରାଯାଉ ।<br>୯.୩ ଗ୍ରାମାଞ୍ଚଳ ଜମି ପାଇଁ ରାଜ୍ୟ ଜମି ବ୍ୟବହାର ଦୃଷ୍ଟି କୋଣ ଏବଂ ଯୋଜନା ପ୍ରସ୍ତୁତ କରାଯାଉ, ଅବଶିଷ୍ଟ ସରକାରୀ ଜମି ସୁରକ୍ଷିତ ରଖାଯାଉ, କାର୍ଯ୍ୟକାରୀ ଏବଂ ପର୍ଯ୍ୟାଲୋଚନା ପାଇଁ ଦାୟିତ୍ୱ ନ୍ୟସ୍ତ କରାଯାଉ ।<br>୯.୪ ନିୟମର ଉଲଂଘନ କରି ବେଆଇନ୍ ଦଖଲ ହୋଇଯିବା ହେତୁ ଯେଉଁ ଜମିଗୁଡିକ ଘରୋଇ ବ୍ୟକ୍ତି/ସଂସ୍ଥାକୁ ହସ୍ତାନ୍ତର ହୋଇଯାଇଛି ସେଭଳି ଜମି ବିଷୟରେ ସମସ୍ତ ରେକର୍ଡ ପ୍ରସ୍ତୁତ କରାଯାଉ ଏବଂ ସେଗୁଡିକ ଫେରାଇ ଆଣିବା ପାଇଁ ଆବଶ୍ୟକ ଉପାୟ ପରିକଳ୍ପନା କରାଯାଉ ।<br>୯.୫ ଗ୍ରାମାଞ୍ଚଳ "ଗୈରମାଜରୁଆ ଆମ୍" ଭୂମି (ଗ୍ରାମର ସାଧାରଣ ଭୂମି) ସୁରକ୍ଷାର ପ୍ରଭାବଶୀଳତା ବୃଦ୍ଧି କରନ୍ତୁ ଏବଂ ସହରାଞ୍ଚଳ "ଗୈରମାଜରୁଆ ଆମ୍" ଭୂମି ନିର୍ଣ୍ଣୟ କରିବା ପାଇଁ ଆବଶ୍ୟକ ଉପାୟ ନିର୍ଣ୍ଣୟ କରାଯାଉ ।<br>୯.୬ ସରକାରୀ ଜମି ସୁରକ୍ଷିତ ରଖିବାର ଆଇନ୍‌ଗତ ଦାୟିତ୍ୱ ଥିବା ବିଭାଗ ଏବଂ ଜମି ଅଂଶଗ୍ରହଣ ଏବଂ ପର୍ଯ୍ୟାଲୋଚନା ସଂପୃକ୍ତ ଥିବା ବିଭାଗ ପାଇଁ ଆବଶ୍ୟକ ହେଉଥିବା ସମ୍ବଳର ଆକଳନ କରାଯାଉ ଏବଂ ଏଥିପାଇଁ ଦାୟିତ୍ୱର ବ୍ୟବସ୍ଥିତି ଓ ସମୀକ୍ଷା କରାଯାଉ ।ପାରସ୍ପରିକ ସମନ୍ୱୟ ପ୍ରକ୍ରିୟା ଆନୁଷ୍ଠାନିକ ଭାବରେ ସ୍ଥାପନ କରାଯାଉ ।<br>୯.୭ ଉଦ୍ଦେଶ୍ୟମୂଳକ ମାପକାଠି ଉପରେ ଆଧାରିତ କରି ଏମ୍‌ଭିଆରକୁ (MVR) ଏକ ନିର୍ଦ୍ଦିଷ୍ଟ ମାନଦଣ୍ଡ ବିଶିଷ୍ଟ କରାଯାଉ । | ରେଭେନ୍ୟୁ ବିଭାଗ ଏବଂ ଭୂ-ସଂସ୍କାର ବିଭାଗ; (ଜମି ରେକର୍ଡ ବିଭାଗ, ଜମି ଅକ୍ତିଆର ବିଭାଗ); ଶିଳ୍ପ ବିକାଶ ବିଭାଗ ଆଇଡିଏ, (IDA) ବିଆଇଏଡିଏ (BIADA) ଜମି ଅକ୍ତିଆର କମିଟି ଏବଂ ଏମ୍‌ଭିଆର (MVR) |

| ବିଷୟ | ସୁପାରିଶ | ଦାୟିତ୍ୱ |
|---|---|---|
| | ୯.୮ ଜମି ହସ୍ତାନ୍ତର, ଲିଜ୍ କିମ୍ବା ଖଜଣା ପ୍ରଦତ୍ତ ଅର୍ଥ ବିଷୟରେ ନିୟମିତ ପ୍ରକାଶନ କରାଯାଉ, ଯାହା ଉପରେ ନଜର ରଖିହେବ ।ନିବେଶୀ ଦ୍ୱାରା ଚୁକ୍ତିନାମାଗତ ନୈତିକ ଦାୟିତ୍ୱ ଅନୁପାଳନ ସୁନିଶ୍ଚିତ କରିବା ପାଇଁ ଏକ ତୃତୀୟ ପକ୍ଷ ପର୍ଯ୍ୟାଲୋଚନା ବିଚାରକୁ ନିଆଯାଉ ।<br>୯.୯ ଦୁରବସ୍ଥା ଲାଘବ କରିବା ପାଇଁ ଥଇଥାନ ଏବଂ ପୁର୍ନବସତି ନୀତି ପ୍ରସ୍ତୁତ କରାଯାଉ ଏବଂ ତାକୁ ଲାଗୁ କରାଯାଉ ।<br>୯.୧୦ ଜମି ବିବାଦ ଉପରେ ଅଭିଯୋଗ ସଫଳତାର ସହିତ ଉପଶମ କରିବା ପାଇଁ ଉପଯୁକ୍ତ କଳ ପ୍ରସ୍ତୁତ କରାଯାଉ । | |
| ***୧୦. କର ସଂଗ୍ରହ କରିବାରେ ଉନ୍ନତି କରାଯାଉ ଏବଂ ଅବ୍ୟାହତି ମାମଲାରେ ସୁବ୍ୟବସ୍ଥାକରଣ ଉପଯୁକ୍ତ ଭାବରେ କରାଯାଉ :***<br>ସେବା ବିତରଣରେ ଉନ୍ନତି ଆଣିବା ପାଇଁ କର ଆଗମ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କିନ୍ତୁ ସହରଗୁଡିକ ରାଜସ୍ୱ ସଂଗ୍ରହର ସମ୍ଭାବ୍ୟ କ୍ଷମତା ଅଧିକତମ କରୁନାହାନ୍ତି ଏବଂ ସଂଗ୍ରହ ମାଧ୍ୟମ ମଧ୍ୟ ଉପଯୁକ୍ତ ଭାବରେ ସଂଗଠିତ କରାଯାଇନାହିଁ ।ପାଟନା ମ୍ୟୁନିସିପାଲ୍ କର୍ପୋରେସନ୍‌ରେ କର ଆବରଣ ଅନୁପାତ ମାତ୍ର ୫୦ ଶତକଡା ଏବଂ ଅନ୍ୟ ସହର ଗୁଡିକରେ ପରିସ୍ଥିତି ଏତେ ମଧ୍ୟ ଭଲ ନୁହେଁ; କର ଛାଡ, ବିଶେଷ କ୍ଷେତ୍ରରେ ଧର୍ମ ସହ ଜଡିତ ଥିବା ଜମିର ଅପବ୍ୟବହାର ହେଉଛି । ହୋଲ୍ଡିଂ କରର ଅବମୂଲ୍ୟାୟନ କରାଯାଇଛି । | ୧୦.୧ ସମସ୍ତ ମୁଖ୍ୟ ସହର ପାଇଁ ରାଜସ୍ୱ ସଂଗ୍ରହର ସମ୍ଭାବିତ କ୍ଷମତା ଏବଂ ପ୍ରକୃତ ସଂଗ୍ରହ ଚିହ୍ନଟ କରାଯାଉ ଏବଂ ପ୍ରକାଶନ କରାଯାଉ ।<br>୧୦.୨ ଜମି ହୋଲ୍ଡିଂ ରେକର୍ଡ କରିବାରେ ଉନ୍ନତି କରାଯାଉ ଏବଂ ରେକର୍ଡଗୁଡିକ ସଦ୍ୟ ସଂଶୋଧନ କରି ସେଗୁଡିକ କର ପରିସର ମଧ୍ୟରେ ଅଣାଯାଉ ଯେପରିକି ରାଜସ୍ୱ ସଂଗ୍ରହ ବୃଦ୍ଧି ହୋଇପାରିବ ଏବଂ ଉତ୍ତମ ସେବା ପ୍ରଦାନ କରାଯାଇପାରିବ ।(ନଂ ୨କୁ ମଧ୍ୟ ଦେଖନ୍ତୁ)<br>୧୦.୩ ହୋଲ୍ଡିଂ କର ବୃଦ୍ଧି କରାଯାଉ । ଏବଂ ଏହାକୁ ମ୍ୟୁନିସିପାଲ୍ ଅଞ୍ଚଳରେ ଥିବା ଭୂସଂପତ୍ତି ମୂଲ୍ୟ ବୃଦ୍ଧି ସହ ବୃଦ୍ଧି କରାଯାଉ ।<br>୧୦.୪ ବିଭିନ୍ନ ଅନୁଷ୍ଠାନ ଏବଂ ଧର୍ମଗତ ଟ୍ରଷ୍ଟକୁ ସରକାରୀ କର ଛାଡର ସମୀକ୍ଷା କରନ୍ତୁ ଏବଂ ହୋଲ୍ଡିଙ୍ଗ୍ କର ମାଧ୍ୟମରେ ସେମାନଙ୍କର ସେବା କର ବୃଦ୍ଧି କରିବାର ଅବଦାନର ବିକଳ୍ପ ବାହାର କରାଯାଉ ।<br>୧୦.୫ କର ସଂଗ୍ରହ ପ୍ରଣାଳୀ ସମୀକ୍ଷା କରାଯାଉ ଏବଂ ସଂଗଠିତ ଭାବରେ ତ୍ୱରାନ୍ୱିତ କରାଯାଉ । ସହରାଞ୍ଚଳ ସ୍ଥାନୀୟ ସଂସ୍ଥା (ULB)ର ପ୍ରଶାସନିକ ଦକ୍ଷତା ଉନ୍ନତି ଆଣିବା ପାଇଁ ସମ୍ବଳର ଆବଶ୍ୟକତା ଆକଳନ କରାଯାଉ । | ରାଜସ୍ୱ ବିଭାଗ ଏବଂ ଭୂ-ସଂସ୍କାର ବିଭାଗ; ସହର ଏବଂ ଗୃହ ବିକାଶ ବିଭାଗ; ୟୁଏଲ୍‌ବି (ULB) |
| ***୧୧. ପର୍ଯ୍ୟାଲୋଚନା ଦକ୍ଷତା ଗଢଣ କରାଯାଉ ଏବଂ ବିବାଦ ସମାଧାନ ପ୍ରକ୍ରିୟାର ପ୍ରଭାବଶୀଳତା ବୃଦ୍ଧି ଜନିତ ଆଇନ୍‌ର ଅନୁସରଣ କରାଯାଉ :***<br>ବିବାଦ ସମାଧାନ ପ୍ରକ୍ରିୟାର ଦକ୍ଷତା ତଥା ପ୍ରଭାବଶୀଳତା ବୃଦ୍ଧି କରିବା ପାଇଁ ବିହାର ଆଇନ୍‌ଗତ ଏବଂ ଅନୁଷ୍ଠାନଗତ ସଂସ୍କାର କାର୍ଯ୍ୟକାରୀ କରିଛି ଏବଂ ଜମିଜମା ବିବାଦର ଆଇନ୍‌ଗତ ନିଷ୍ପତ୍ତି ପାଇଁ ନୂଆ ବିଚାରପୀଠ ସ୍ଥାପିତ କରିଛି । (ଉଦାହରଣ ସ୍ୱରୂପ, ଲୋକ ଅଦାଲତ, ଜମି ଟ୍ରିବ୍ୟୁନାଲ୍ ଏବଂ ଗ୍ରାମ କଚାହାରୀ) । ସେଥିରୁ ଭଲ ଫଳାଫଳ ମଧ୍ୟ ପ୍ରାପ୍ତ ହୋଇଛି । (ଦେୱାନୀ ଅଦାଲତରେ ଜମିଜମା ବିବାଦ ୭୦ ଶତକଡାରୁ ୨୧ ଶତକଡା ଖସି ଆସିଛି, ଗୋଟିଏ ବର୍ଷ ଭିତରେ ୯୦ ଟି କେସ୍; ଟ୍ରିବ୍ୟୁନାଲ୍ ପ୍ରାୟ ୬୮ ଶତକଡା କେସ୍ ବିଚାର କରିଛି) କିନ୍ତୁ ଠିକ୍ ସମୟରେ ସମସ୍ୟା, ଯଦି କିଛି ଥାଏ, ନିୟମିତ ପର୍ଯ୍ୟାଲୋଚନା କରିବା ଆବଶ୍ୟକ । ଏହା ବ୍ୟତୀତ ଅନେକ ସ୍ୱତନ୍ତ୍ର କେସ୍ ଆଜି ପର୍ଯ୍ୟନ୍ତ ବାକି ରହିଛି (ସିଲିଙ୍ଗ୍ ଅଧିନିୟମ, ଭାଗ ଚାଷୀ (୮୫ ଶତକଡା ସମାଧାନ ହୋଇନାହିଁ), ଜମିରୁ ଉଚ୍ଛେଦ କରିବା । | ୧୧.୧ ସମସ୍ତ କୋର୍ଟ କିମ୍ବା ଘଟଣା ପାଇଁ ବିବାଦ ରେକର୍ଡ଼ ଅଭିଲେଖନ କିମ୍ବା ଶ୍ରେଣୀଭୁକ୍ତକରଣ କରିବାକୁ ଯୋଜନା ବିକଶିତ କରାଯାଉ ।<br>୧୧.୨ ପ୍ରଚଳିତ ପ୍ରଣାଳୀର ସମୀକ୍ଷା କରାଯାଉ ଏବଂ ସଂଗଠିତ ଭାବରେ ତ୍ୱରାନ୍ୱିତକରାଯାଉ । କେସ୍ ପ୍ରବାହ ପରିଚାଳନା ନିୟମ ପ୍ରୟୋଗ କରାଯାଉ ଏବଂ ଅଧିକରୁ ଅଧିକ ଆଇସିଟି (ICT) ର ବ୍ୟବହାର କରାଯାଉ ।<br>୧୧.୩ ନିର୍ଦ୍ଦିଷ୍ଟ କେସ୍‌ଗୁଡିକ ସମାଧାନ ପାଇଁ କୌଶଳ ପରିକଳ୍ପନା କରାଯାଉ ( ଜମି ସିଲିଂ, ଭାଗଚାଷୀ ଏବଂ ଗ୍ରାମାଞ୍ଚଳରେ ଜମିରୁ ଉଚ୍ଛେଦ କରିବା ପାଇଁ) | ଆଇନ୍ ବିଭାଗ; ବିହାର ଜୁଡିସିଆଲ୍ ଏକାଡେମୀ; ରାଜସ୍ୱ ବିଭାଗ ଏବଂ ଭୂ-ସଂସ୍କାର ବିଭାଗ |

## ଝାଡଖଣ୍ଡ

| ବିଷୟ | ସୁପାରିଶ | ଦାୟିତ୍ୱ |
|---|---|---|
| *୧. ଗ୍ରାମାଞ୍ଚଳ ଜମିଜମା ରେକର୍ଡ ନିୟମିତ ଭାବରେ ସଦ୍ୟ ସଂଶୋଧନ କରାଯାଇନାହିଁ, ପୂର୍ବାନୁମିତ ଉପରେ ଆଧାରିତ ଏବଂ ସ୍ଥାନ ଏବଂ ଦିଗ ଭିତ୍ତିକ ରେକର୍ଡର ସମକାଳୀନ କରାଯାଇନାହିଁ :*<br>ମ୍ୟାପ୍ ଏବଂ ରେକର୍ଡ ସଦ୍ୟ ସଂଶୋଧନ କରାଯାଇନାହିଁ; ସରଜମିନ ସତ୍ୟତା ପ୍ରତିଫଳିତ ହୋଇନାହିଁ । ପୁନଃସର୍ଭେ ଅସଂପୂର୍ଣ୍ଣ ରହିଛି । ଜମି ରେକର୍ଡର କଂପ୍ୟୁଟରୀକରଣ ଧୀରଗତିରେ ପ୍ରଗତି କରିଛି । | ୧.୧ ବ୍ୟୟ ଫଳପ୍ରଦ ସତ୍ୟାପନ ଓ ପାଠଗତ ରେକର୍ଡର ସଦ୍ୟ ସଂଶୋଧନ ଏବଂ ସରଜମିନ ସତ୍ୟତା ପୁନଃ ସର୍ଭେ ଗୁଡ଼ିକର ପ୍ରାଥମିକତା ଭିତ୍ତିରେ କାର୍ଯ୍ୟକାରୀ କରାଯାଉ ଓ ଚିହ୍ନଟ କରାଯାଉ । ସମୟ ସୀମା ଧାର୍ଯ୍ୟ କରାଯାଉ ଏବଂ ଏହାର ପ୍ରଗତି ନିୟମିତ ଭାବରେ ମୂଲ୍ୟାଙ୍କନ କରାଯାଉ ।<br>୧.୨ ସମସ୍ତ ଜମିଜମା ରେକର୍ଡ କଂପ୍ୟୁଟରୀକରଣ କରାଯାଉ ଏବଂ ୱେବ୍‌ସାଇଟ୍‌ରେ ଉପଲବ୍ଧ କରାଯାଉ (ରେଜିଷ୍ଟର II ଅନ୍ତର୍ଗତ କରି); ଲଗାତାର ଭାବରେ ଖତିହାନ୍ ରେକର୍ଡ ବଜାୟ ରଖାଯାଉ (ଛପଛ) ସମୟ ସୀମା ଧାର୍ଯ୍ୟ କରାଯାଉ ।<br>୧.୩ ଲଗାତାର ଭାବରେ ଲିଖିତ ଏବଂ ଦିଗ ଏବଂ ସ୍ଥାନ ଭିତ୍ତିକ ରେକର୍ଡ ସଦ୍ୟସଂଶୋଧନ କରିବା ପାଇଁ, ଶୀଘ୍ର ସେବା ପ୍ରଦାନ କରିବା ପାଇଁ ଏବଂ ପ୍ରତିବନ୍ଧକ ଯୋଡରେଖା ବିହୀନ ସଂଯୋଜକ ପାଇଁ ଏକ ପ୍ରକ୍ରିୟା ପ୍ରସ୍ତୁତ କରାଯାଉ ଏବଂ କାର୍ଯ୍ୟକାରୀ କରାଯାଉ ।ସଂପୃକ୍ତ ଥିବା ସମସ୍ତ ବ୍ୟକ୍ତି ସହିତ ମିଶନ ମୋଡ୍ କାର୍ଯ୍ୟକାରିତା ସଂପର୍କରେ ସମୀକ୍ଷା କରାଯାଉ ଏବଂ ପ୍ରଚେଷ୍ଟା କରାଯାଉ ଯେପରିକି କୌଣସି ସ୍ୱତନ୍ତ୍ର ଡ୍ରାଇଭ୍‌ର ଆବଶ୍ୟକତା ରହିବ ନାହିଁ<br>୧.୪ ଡିଜିଟାଲ୍‌କୃତ ରେକର୍ଡ ରକ୍ଷଣାବେକ୍ଷଣ (ନିୟମିତ ଏବଂ ବାରମ୍ବାର ସଂଗଠିତ କରିବା), ଯାଞ୍ଚ ଏବଂ ବିଭିନ୍ନ ପରିସ୍ଥିତିରେ ପୁନର୍ବାର ସର୍ଭେ (୧୦ ଡିଗ୍ରୀ ଖସଡାରୁ ଅଧିକରୁ ଥିବା ଜମିର ସର୍ଭେ ଏବଂ ବନ୍ଦୋବସ୍ତ ଉପରେ ବିଶେଷ ଧ୍ୟାନ ଦେଇ) ପାଇଁ ଆବଶ୍ୟକ ସମ୍ବଳର ଆକଳନ କରାଯାଉ ।<br>୧.୫ ଏକ ନିର୍ଦ୍ଦିଷ୍ଟ ଏବଂ ବାସ୍ତବବାଦୀ ସମୟସୀମା ଭିତରେ ରେକର୍ଡ ରକ୍ଷଣାବେକ୍ଷଣ ଏବଂ ପୁନର୍ବାର ସର୍ଭେ ପାଇଁ ଏକ ବିସ୍ତାରିତ କାର୍ଯ୍ୟକ୍ରମ ବିକଶିତ କରାଯାଉ ।<br>୧.୬ ଜମି ବ୍ୟବହାର ଏବଂ ମାଲିକାନା ଅବସ୍ଥା ଏବଂ ଜମି ରାଜସ୍ୱ ପ୍ରଶାସନିକ ରିପୋର୍ଟ ନିୟମିତ ଭାବରେ ପ୍ରକାଶନ କରାଯାଉ । | ରାଜସ୍ୱ ଏବଂ ଭୂ-ସଂସ୍କାର ବିଭାଗ |
| *୨. ସହରାଞ୍ଚଳ ଜମି ରେକର୍ଡ ଅସଂପୂର୍ଣ୍ଣ ଏବଂ ଦିଗ ଏବଂ ସ୍ଥାନ ଭିତ୍ତିକ ରେକର୍ଡ ଅନୁସରଣ କରାଯାଇନାହିଁ । ଅନେକ ଉଚ୍ଚ ଅଟ୍ଟାଳିକା ନିର୍ମାଣ ସହରାଞ୍ଚଳ ନିୟମ ଏବଂ ନିୟନ୍ତ୍ରଣ ଏବଂ ପ୍ରଜାସ୍ୱତ୍ତ୍ୱ ଉଲଂଘନ ନିୟମ ନିୟନ୍ତ୍ରଣ କରୁଛି :*<br>ଅନେକ ସହରାଞ୍ଚଳ ଆବାସ ଆଦିବାସୀ ସରକାରୀ ଜମିରେ ନିର୍ମାଣ କରାଯାଇଛି କିନ୍ତୁ ଖାସମହଲ ଜମିର ବର୍ତ୍ତମାନ ପରିସ୍ଥିତି ଅସ୍ପଷ୍ଟ ଅଟେ ଯେହେତୁ ହଜାର ହଜାର ଲିଜ୍‌କେସ୍‌ରେ ନବୀକରଣ କରାଯାଇନାହିଁ । | ୨.୧ *ଖାସ୍‌ମହଲ୍* ଜମି ପାଇଁ ଯୋଜନା ସମୀକ୍ଷା କରାଯାଉ ଏବଂ ସଦ୍ୟ ସଂଶୋଧନ କରାଯାଉ ; ବିହାର ପ୍ରଚେଷ୍ଟାରୁ ଶିକ୍ଷା ଲାଭ କରାଯାଉ ।<br>୨.୨ ଯେତେଦୂର ସମ୍ଭବ ବର୍ତ୍ତମାନର ସୂଚନା ବ୍ୟବହାର କରି ସମସ୍ତ ସହର ପାଇଁ ମୂଳ ମ୍ୟାପ୍ ସ୍ଥାପନ କରାଯାଉ; ରେକର୍ଡ ରକ୍ଷଣାବେକ୍ଷଣ ଏବଂ ସଦ୍ୟ ସଂଶୋଧନ ଉପରେ ଧ୍ୟାନ କେନ୍ଦ୍ରୀଭୂତ କରି ସାଧାରଣ ସ୍ଥାନ ଏବଂ ଦିଗ ଭିତ୍ତିକ ତଥ୍ୟାବଳୀର ମୌଳିକ ସୁବିଧା ସ୍ଥାପନ କରାଯାଉ । ଏଭଳି ବ୍ୟବସ୍ଥା କରାଯାଉ ଯେପରିକି ସମସ୍ତ ନାଗରିକ ଏହି ସୂଚନା ସହଜରେ ପ୍ରାପ୍ତ କରିପାରିବେ ।<br>୨.୩ ଆଇନ୍, ସ୍କିମ୍ କିମ୍ବା କାର୍ଯ୍ୟକ୍ରମ ଏବଂ ପ୍ରଚଳିତ ପ୍ରଣାଳୀ ଏବଂ ସହରାଞ୍ଚଳ କୋଠା ନିର୍ମାଣ ଔପଚାରିକ କରିବାପାଇଁ ଏକ ନିର୍ଦ୍ଦିଷ୍ଟ ପ୍ରଣାଳୀ ସଂଗଠିତ ଏବଂ ତ୍ୱରାନ୍ୱିତ କରିବାର ସମ୍ଭାବନା, ଅଣ-ଔପଚାରିକ ବନ୍ଦୋବସ୍ତ ଗୁଡିକର ସମୟ ଅବଧି ବୃଦ୍ଧି କରିବା ଏବଂ ଅଳ୍ପ ଖର୍ଚ୍ଚ ବିଶିଷ୍ଟ ଘରର ଉପଲବ୍ଧତା କରିବା ପ୍ରଭୃତି ବିଷୟ ଗୁଡ଼ିକର ସମୀକ୍ଷା କରାଯାଉ ।<br>୨.୪ ସହରାଞ୍ଚଳ ଜମି ପରିଚାଳନା ଏବଂ ରେକର୍ଡ ରକ୍ଷଣାବେକ୍ଷଣ, କୋଠାଘର ପରମିଟ୍ ଏବଂ ଆଇନ୍ ଅନୁପାଳନ କରାଇବା, ଏବଂ ଯେଉଁଠାରେ ସମ୍ଭବ, ପ୍ରଭାବଶୀଳ ଭାବରେ ଏବଂ ଦୀର୍ଘକାଳୀନ ଭିତ୍ତିରେ ପୁନଃପ୍ରସ୍ତୁତି କରିବା ପ୍ରଭୃତିରେ ସଂପୃକ୍ତ ଥିବା କାର୍ଯ୍ୟପ୍ରବାହ ଏବଂ ଦାୟିତ୍ୱ ବ୍ୟାଖ୍ୟା କରାଯାଉ । | ସହରାଞ୍ଚଳ ବିକାଶ ବିଭାଗ; ରାଜସ୍ୱ ଏବଂ ଭୂ-ସଂସ୍କାର ବିଭାଗ |

| ବିଷୟ | ସୁପାରିଶ | ଦାୟିତ୍ୱ |
|---|---|---|
| | ୨.୫ ଏହି ବିଶ୍ଳେଷଣ ଉପରେ ଆଧାରିତ କରି, ଅନୁଷ୍ଠାନଗତ ଦାୟିତ୍ୱ ସ୍ପଷ୍ଟ ଭାବରେ ନ୍ୟସ୍ତ କରାଯାଉ, ସହରାଞ୍ଚଳ ସ୍ଥାନୀୟ ସଂସ୍ଥା (ULB) ଏବଂ ନାଗରିକ ମାନଙ୍କର ଅଂଶଗ୍ରହଣର ଉପଯୁକ୍ତ ଭୂମିକା ସୁନିଶ୍ଚିତ କରାଯାଉ ଏବଂ ସମ୍ବଳ ଆବଶ୍ୟକତା ଏବଂ ତାର ଅଭାବ ଆକଳନ କରାଯାଉ ।<br>୨.୬ ସହରାଞ୍ଚଳ ଜମି-ଅନୁଷ୍ଠାନ ଗୁଡିକ ମଧ୍ୟରେ ପାରସ୍ପରିକ ସମନ୍ୱୟର ସୁବିଧା ବୃଦ୍ଧି କରାଯାଉ । | |
| ***୩. ରେକର୍ଡଗୁଡିକ ସ୍ୱ ହିସାବରେ ସଦ୍ୟ ସଂଶୋଧନ କରାଯାଇନାହିଁ ଏବଂ ସମସ୍ତ ଜମି କିଣାବିକା ରେଜିଷ୍ଟ୍ରି ହୋଇନାହିଁ :***<br>ରେଜିଷ୍ଟ୍ରେସନ୍ ଏବଂ ରାଜସ୍ୱ ବିଭାଗ ଏକୀକୃତ କରାଯାଇନାହିଁ ।<br>୧୯୭୦ ପରଠାରୁ ସମସ୍ତ ଇଣ୍ଡେକ୍ସ ରେଜିଷ୍ଟର ଡିଜିଟାଲ୍ କରଣ କରାଯାଇଛି ଏବଂ (ପ୍ରିଣ୍ଟ୍ ହୋଇଥିବା) ରେଜିଷ୍ଟ୍ରେସନ୍ ଦଲିଲ୍ ଏବଂ ତା ସହିତ ଜମି ଉପରେ ଆଉ କାହାର ଦାବୀ ନ ଥିବାର ସାର୍ଟିଫିକେଟ୍ ସହଜରେ ଉପଲବ୍ଧ (ଅଧିକତମ ୩୦ ମିନିଟ୍ ସମୟ ଭିତରେ) ହେଉଛି । | ୩.୧ ଜମି ରେକର୍ଡ ଉପଯୁକ୍ତ ଭାବରେ ଯାଞ୍ଚ୍ ହେଲାପରେ ହିଁ ରେଜିଷ୍ଟ୍ରେସନ୍ କରିବା ନିଶ୍ଚିତ କରାଯାଉ । ରେଜିଷ୍ଟ୍ରେସନ୍ ଅଫିସ୍ ଖୋଲିବା ଏବଂ ତା ସହିତ ରାଜସ୍ୱ ସର୍କଲ୍ ଅଫିସ୍ ଏକୀକୃତ କରିବା ବିଚାର କରନ୍ତୁ ଯାହାକି ରେଜିଷ୍ଟ୍ରେସନ୍ ଅଧିନିୟମର ସଂଶୋଧନ ଆବଶ୍ୟକ କରିବ ।<br>୩.୨ ରେଜିଷ୍ଟ୍ରେସନ୍ ପ୍ରଣାଳୀ ସରଳୀକୃତ କରନ୍ତୁ ଏବଂ ଦଲିଲ୍ ରେଜିଷ୍ଟ୍ରେସନ୍ ସରଳୀକରଣ କରାଯାଉ ।<br>୩.୩ ଖତିଆନ୍ ROR ସଦ୍ୟ ସଂଶୋଧନ କରିବା ଏବଂ ଖତିଆନ୍‌ର ଲଗାତାର ଭାବରେ ରକ୍ଷଣାବେକ୍ଷଣ କରିବା ଅନ୍‌ଲାଇନ୍ ମାଧ୍ୟମରେ ସମ୍ଭବ କରାଯାଉ । | ରେଜିଷ୍ଟ୍ରେସନ୍ ବିଭାଗ; ରାଜସ୍ୱ ଏବଂ ଭୂ-ସଂସ୍କାର ବିଭାଗ |
| ***୪. ପ୍ରଜାସ୍ୱତ୍ୱ ଆଇନ୍‌ରେ ପୁରୁଣା ଏବଂ ପ୍ରଭାବହୀନ ଜମି ରେକର୍ଡ ଅଂଶ ହଟାଇବା ପାଇଁ ଆଇନ୍‌ଗତ ଏବଂ ଅନୁଷ୍ଠାନଗତ ଢାଞ୍ଚା ସଂଶୋଧନ କରାଯାଉ ଏବଂ ନିର୍ଦ୍ଦିଷ୍ଟ ବିଭାଗ ସଦ୍ୟ ସଂଶୋଧନ କରାଯାଉ ; ଏବଂ ଅନୁଷ୍ଠାନଗୁଡିକ ମଧ୍ୟରେ ପାରସ୍ପରିକ ସମସନ୍ୱୟରେ ଉନ୍ନତି ଅଣାଯାଉ ।***<br>SC, ST, ଏବଂ BC, ଏବଂ ଅନ୍ୟ ଦଳିତ ବର୍ଗ ଲୋକମାନଙ୍କଠାରୁ ଅନ୍ୟ ମାନଙ୍କୁ ଜମି ହସ୍ତାନ୍ତର ନିଷେଧ କରିବା ପାଇଁ ଆଇନ୍‌କାନୁନ୍ ରହିଛି, କିନ୍ତୁ ଏହି ନିୟମର ଉଦ୍ଦେଶ୍ୟକୁ ଗୁରୁତ୍ୱ ନ ଦେଇ ଧାରାର ୪୭ ର ତିନୋଟି ପ୍ରାବଧାନ ଜାଲିଆତି ଭାବରେ ଜମି ହସ୍ତାନ୍ତରକୁ ନିୟମୀତକରଣ କରିବା ପାଇଁ ବ୍ୟବହାର କରାଯାଇପାରିବ । ଯୁଗ୍ମ ଜଙ୍ଗଲ ପରିଚାଳନା (JFM) ସିଦ୍ଧାନ୍ତ (୨୦୦୧)ର ପ୍ରାବଧାନଗୁଡିକ ଅନ୍ତର୍ଗତ କରିବା ପାଇଁ ଭାରତୀୟ ଜଙ୍ଗଲ ଅଧିନିୟମ (୧୯୨୭) ଯଥେଷ୍ଟ ଭାବରେ ସଂଶୋଧନ କରାଯାଇନାହିଁ ।<br>ଏକୀକୃତ କରାଯାଇଥିବା ଏକ ବ୍ୟାପକ ଜମିଜମା ନୀତି ବର୍ତ୍ତମାନ ନାହିଁ ଏବଂ ଜମି ବ୍ୟବହାର ବୋର୍ଡଗୁଡିକ କାର୍ଯ୍ୟକରୁନାହିଁ ଯଦିଓ ଏକ ନିର୍ଦ୍ଦିଷ୍ଟ ଦାୟିତ୍ୱକୁ ନେଇ କୌଣସି ସିଧା ଆନୁଷ୍ଠାନିକ ଦୃଢ଼ ନାହିଁ । ମୂଳ ସ୍ତରରେ ଜଙ୍ଗଲ ବିଭାଗ ଏବଂ ରାଜସ୍ୱ ବିଭାଗରେ ମୂଳସ୍ତରରେ କାର୍ଯ୍ୟ କରୁଥିବା କର୍ମଚାରୀ ଯଥେଷ୍ଟ ନୁହନ୍ତି ଏବଂ ସେମାନେ ଯଥେଷ୍ଟ ଭାବରେ ପ୍ରଶିକ୍ଷଣ ପ୍ରାପ୍ତ ହୋଇ ନାହାନ୍ତି । | ୪.୧ ଜମି ପ୍ରଶାସନର ପ୍ରଭାବଶୀଳତା ବୃଦ୍ଧି କରିବା ପାଇଁ, ଯେପରିକି ଆଇନ୍ ଢାଞ୍ଚାର ସରଳୀକରଣ ଏବଂ କ୍ରମୋନ୍ନତି ପାଇଁ ନୂଆ ପ୍ରକାର ଆଇନ୍ ( ଜମି ବ୍ୟବହାର ପରିବର୍ତ୍ତନ ଉପରେ ବର୍ତ୍ତମାନର ଅଧିନିୟମ, ସ୍ୱତନ୍ତ୍ର ସର୍ଭେ ଏବଂ ବନ୍ଦୋବସ୍ତ, ଜମିବିବାଦ ସମାଧାନ, ଦାଖଲଖାରଜ ନିୟମ, ଖାସ୍‌ମହଲ୍ ପଲିସି ପ୍ରଭୃତି) ପ୍ରଚଳନ କରାଯାଉ, ଏହା କଲାବେଳେ ବିହାର ଅଭିଜ୍ଞତା ସମୀକ୍ଷା କରାଯାଉ ।<br>୪.୨ କର୍ମଚାରୀମାନଙ୍କର ନିଯୁକ୍ତି ଏବଂ ଅଂଚଲ୍ ସର୍ଭେ କର୍ମଚାରୀ କିମ୍ବା ଅଫିସରଙ୍କ ଟ୍ରେନିଙ୍ଗ୍ ଏବଂ ଜଙ୍ଗଲ ବିଭାଗ (ଫରେଷ୍ଟ ଗାର୍ଡ ସହିତ) ଙ୍କ ପାଇଁ ଅଧିକ ପାଣ୍ଠି ଉପଲବ୍ଧ କରାଯାଉ । ଆଭ୍ୟନ୍ତରୀୟ ଯୋଗାଯୋଗ ଏବଂ ପର୍ଯ୍ୟବେକ୍ଷଣ ମଜଭୁତ କରାଯାଉ ।<br>୪.୩ ରାଜସ୍ୱ ବିଭାଗ ଏବଂ ଜଙ୍ଗଲ ବିଭାଗ ପାଇଁ ରାଜ୍ୟରେ ଟ୍ରେନିଂ କ୍ଷମତା ବୃଦ୍ଧି କରାଯାଉ ।<br>୪.୪ ଦୀର୍ଘକାଳୀନ ଆବଶ୍ୟକତାକୁ ନେଇ ଜମି ବ୍ୟବହାର ଯୋଜନା ପ୍ରସ୍ତୁତ କରାଯାଉ; ପ୍ରତ୍ୟେକ ଗ୍ରାମ ପାଇଁ ଏକ ନ୍ୟୁନତମ ଶତକଡାର (CPR) ଧାର୍ଯ୍ୟ କରାଯାଉ; ଗ୍ରାମ ସ୍ତରରେ ଏବଂ ରାଜ୍ୟ ସ୍ତରରେ ସି.ପି.ଆର (CPR) ସମସ୍ୟା ସମାଧାନ କରାଯାଉ ଏବଂ ଜମିର ସ୍ଥାନୀୟ ବ୍ୟବହାରୀ ଗୋଷ୍ଠି ଗୋଷ୍ଠୀଗତ ସଂସ୍ଥା, ଗ୍ରାମସଭା, ରାଜ୍ୟ, ଏବଂ କେନ୍ଦ୍ର ସରକାରଙ୍କର ଭୂମିକା ଏବଂ ଦାୟିତ୍ୱ ବ୍ୟାଖ୍ୟା କରାଯାଉ ।<br>୪.୫ ଭଲ ଭାବରେ କାର୍ଯ୍ୟ କରୁ ନଥିବା ଜମି ବ୍ୟବହାର ବୋର୍ଡଗୁଡିକୁ ଅଧିକ କାର୍ଯ୍ୟଶୀଳ କରାଯାଉ ।<br>୪.୬ ଗ୍ରାମସଭାର ଜମି ବ୍ୟବହାର ପରିଚାଳନା କ୍ଷମତା ମଜବୁତ କରାଯାଉ (ମୌଳିକ ସୁବିଧା ମାନବ ସମ୍ବଳ) ।<br>୪.୭ ତ୍ରୁଟିପୂର୍ଣ୍ଣ ଦଖଲ କ୍ଷେତ୍ରରେ ହସ୍ତାନ୍ତର ନିୟମିତ କରଣ ପାଇଁ ୭୧A ରେ ଥିବା ମୁଖ୍ୟ ବିଷୟବସ୍ତୁ ଅନ୍ତର୍ଗତ କରାଯାଉ, ସିଏନ୍‌ଟି (CNT) ଅଧିନିୟମର ଧାରା ୪୭ ରେ ଅଧିସୂଚିତ ଅଞ୍ଚଳ ପାଇଁ ମଡେଲ୍ ଆଇନ୍ ଅନ୍ତର୍ଭୁକ୍ତ କରାଯାଉ ଏବଂ ପ୍ରତିକୂଳ ବେଆଇନ ଦଖଲକୁ ନିୟମିତୀକରଣ କରିବାପାଇଁ ୭୧A ବର୍ତ୍ତମାନ ଧାରାକୁ ହଟାଯାଉ; ଧାରା ୪୯ ଭଳି 'ମୁନ୍ଦରି ଖୁନ୍‌କାଭିଦର'ରେ ସିଏନ୍‌ଟି (CNT) ଅଧିନିୟମର ଧାରା ୨୪୧ ଅନ୍ତର୍ଗତ କରାଯାଉ ।<br>୪.୮ ଯୋଜନା ସିଦ୍ଧାନ୍ତ ନେବା ପ୍ରକ୍ରିୟାରେ ଲୋକ ମାନଙ୍କର ଅଂଶ ଗ୍ରହଣକୁ ମଜବୁତକରାଯାଉ ଏବଂ ଆଇନ୍ ଏବଂ ଯୋଜନା ବାର୍ଯ୍ୟକାରିତାର ସଫଳତା ବିଷୟରେ ମନ୍ତବ୍ୟ/ତଥ୍ୟ ସଂଗ୍ରହ କରିବା ପାଇଁ ପ୍ରଣାଳୀ ବିକଶିତ କରାଯାଉ । | ରାଜସ୍ୱ ଏବଂ ଭୂ-ସଂସ୍କାର ବିଭାଗ; ଏବଂ ଜଙ୍ଗଲ ବିଭାଗ; ପର୍ଯ୍ୟଟନ୍ ଏବଂ ପ୍ରଶାସନିକ ସଂସ୍କାର ବିଭାଗ |

| ବିଷୟ | ସୁପାରିଶ | ଦାୟିତ୍ୱ |
| --- | --- | --- |
| ***୫. ଉପଯୁକ୍ତ ଗରିବ ମାନଙ୍କୁ ସରକାରୀ ଜମି ପୁନଃ ବଣ୍ଟନ ଏବଂ ବଣ୍ଟନ ହୋଇଥିବା ସରକାରୀ ଜମିର ପ୍ରକୃତ ଦଖଲର ପ୍ରଭାବଶୀଳତା ମଜବୁତ ହେବା ପାଇଁ ଦରକାର କରୁଛି :***<br>ବଣ୍ଟନ ହୋଇଥିବା ଜମି, ବିଶେଷ ଭାବରେ ସିଲିଙ୍ଗ ପ୍ରାପ୍ତ ଜମିର ବଣ୍ଟନ କ୍ଷେତ୍ରରେ ଝାଡଖଣ୍ଡରେ ଜମି ବଞ୍ଚିତ ଲୋକମାନଙ୍କୁ ଜମିଚ୍ୟୁତ କରିବାର ଶଙ୍କା ରହିଛି । ଯେହେତୁ କୌଣସି ସର୍ଭେ କରାଯାଇନାହିଁ ଏ ବିଷୟରେ କୌଣସି ତଥ୍ୟ ଉପଲବ୍ଧ ନାହିଁ । | ୫.୧ ସରକାରୀ ଜମି ବଣ୍ଟନ ହୋଇଥିବା ବ୍ୟକ୍ତିଙ୍କୁ ସେହି ଜମିରୁ ବାଧ୍ୟତା ମୂଳକ ଭାବରେ ହଟାଯାଉଥିବା କେସ୍ ଗୁଡିକ ପର୍ଯ୍ୟାଲୋଚନା କରାଯାଉ ଏବଂ ଏହି କେସ୍ ଗୁଡିକରେ ଅତି ଶୀଘ୍ର ଅଦକ୍ଷେପର ସୁନିଶ୍ଚିତ କରାଯାଉ ।<br>୫.୨ ଏହି ପ୍ରକାରର ଜମିଚ୍ୟୁତ କରିବାକୁ ପ୍ରୋତ୍ସାହନ ନ କରାଯାଉ ନାହିଁ, ଏହାକୁ ଏକ ଦଣ୍ଡନୀୟ ଅପରାଧ ହିସାବରେ ଘୋଷଣା କରାଯାଉ । | |
| ***୬. ଜଙ୍ଗଲ ଜମି ଏବଂ ଆଦିବାସୀ ଜମି ପାଇଁ ଅନୁଷ୍ଠାନଗତ ଦାୟିତ୍ୱ ବଣ୍ଟନରେ ସ୍ପଷ୍ଟତାର ଅଭାବ ଯୋଗୁଁ ମାଲିକାନା ନ୍ୟସ୍ତ କରିବାରେ କଷ୍ଟକର ହେଉଛି :***<br>ପାରଂପାରିକ ଗ୍ରାମର ଗଢଣ ବର୍ତ୍ତମାନ ବି କେତେକ ସାଧାରଣ ଜମି ପରିଚାଳନା ଦାୟିତ୍ୱରେ ଅଛି । ପ୍ରଜାସ୍ୱତ୍ୱ ଅଧିନିୟମରେ କେତେକ ପରଂପରାଗତ ପ୍ରଥା ସ୍ୱୀକାର କରାଯାଇଛି । ରେକର୍ଡ ଏବଂ ନକ୍ସା ସରଜମିନ୍‌ରେ ଦେଖାଦେଉଥିବା ଜଙ୍ଗଲ ଏବଂ ସାଧାରଣ ଭୂମି ପ୍ରତିଫଳନ କରୁନାହିଁ । ନୂତନ ପୁନଃ ସର୍ଭେ ଅଂସପୂର୍ଣ୍ଣ ରହିଛି ।<br>ଯୁଗ୍ମ ଜଙ୍ଗଲ ପରିଚାଳନା (JFM) ରେ ଅଧିକାଂଶ ଅଧିକାର ଧରି ରଖିଥିବା ପିଏଫ୍ (PF) ଅନୁଷ୍ଠାନ ଯେପରିକି ଭିଏଫ୍‌ଏମ୍‌ପିସି (VFMPC) କିମ୍ବା ଭିଇଡିସି (VEDC) ରହିଛି କିନ୍ତୁ ସେଗୁଡିକୁ ସକ୍ରିୟ ଏବଂ ପ୍ରୋତ୍ସାହିତ କରିବା ଆବଶ୍ୟକ ଏବଂ ଜଙ୍ଗଲ ବିଭାଗର ର (FD) ସୀମିତ କାର୍ଯ୍ୟକାରୀ ଦକ୍ଷତା ରହିଛି । (ସଂଖ୍ୟା ୪ ମଧ୍ୟ ଦେଖନ୍ତୁ) । ରୋଷେଇ ପାଇଁ କାଠ, ଛୋଟ କାଠ ଏବଂ ଗଣ୍ଡି ଭଳି ଗ୍ରାମର ନ୍ୟୁନତମ ଆବଶ୍ୟକତାର ଯୋଗାଣ ଦୀର୍ଘକାଳୀନ ଭିତ୍ତିରେ ସୁନିଶ୍ଚିତ କରିବା ପାଇଁ ଏକ ମାଇକ୍ରୋ ପ୍ଲାନ୍ ପ୍ରସ୍ତୁତ କରାଯାଇଥିଲା, କିନ୍ତୁ ସେଥିରେ କାର୍ଯ୍ୟ ଆରମ୍ଭ କରାଯାଇନାହିଁ । ଆଦିବାସୀ ଜମିରୁ ସେମାନଙ୍କୁ ଜମିଚ୍ୟୁତ କରିବା ବର୍ତ୍ତମାନ ବି ଚାଲୁ ରହିଛି ଏବଂ ଜଙ୍ଗଲର ସୁରକ୍ଷା ଏବଂ ସିପିଆର (CPR) ପାଇଁ ଆଇନ୍ ଦ୍ୱାରା ଏହାକୁ ବନ୍ଦ କରାଯାଇପାରିନାହିଁ କିମ୍ବା ସେହି ଆଦିବାସୀ ଜମିକୁ ଆଦିବାସୀ ମାନଙ୍କୁ ଫେରସ୍ତ ଦିଆଯାଇପାରିନାହିଁ । | ୬.୧ ଆଦିବାସୀ ଜମି ପରିଚାଳନା ଏବଂ ମାଲିକାନା ବିତରଣ କରିବା କିମ୍ବା CPR ଅଧିକାରର ଜଙ୍ଗଲ ଏବଂ CPR ଅନ୍ତର୍ଗତ କାର୍ଯ୍ୟପ୍ରବାହ ଏବଂ ଦାୟିତ୍ୱ ବ୍ୟାଖ୍ୟା କରାଯାଉ ଏବଂ ଯେଉଁଠାରେ ସମ୍ଭବ ପୁନଃପ୍ରସ୍ତୁତି କରାଯାଉ ।<br>୬.୨ ସର୍ବ ସାଧାରଣ ଜମି ଗୁଡିକର ଉପଲବ୍ଧତା ବିଷୟରେ ସବିଶେଷ ବିବରଣୀ ଅଞ୍ଚଳ-ଭାରୀ ତାଲିକା କରିବାର ଦାୟିତ୍ୱ ନିଆଯାଉ । ସିପିଆର୍ (CPR) ଏବଂ ଅନ୍ୟ ପ୍ରକାରର ଜମିର ପ୍ରଭେଦ ସ୍ପଷ୍ଟ ଭାବରେ ବ୍ୟାଖ୍ୟା କରାଯାଉ ଯେପରିକି ବଞ୍ଜର ଜମି ଏବଂ ଚାଷ ହୋଇ ପାରୁ ନଥିବା ଜମି, ବଣ୍ଟନ ହୋଇ ପାରୁ ନଥିବା ଖଣ୍ଡ; ସିପିଆର୍ (CPR) ସନ୍ତସନ୍ତିଆ ପାଣି ଜମି ଏବଂ ଅତ୍ୟନ୍ତ ଖାଲ ଜମି, ଗୋଚର, ସାଧାରଣ ଚରାଜମି, ସୁରକ୍ଷିତ, ଶ୍ରେଣୀଭୁକ୍ତ କରା ଯାଇ ନଥିବା ଜମି ଏବଂ ଅନ୍ୟ ସନ୍ତସନ୍ତିଆ ପାଣିଜମିକୁ ସାଧାରଣ ଉଦ୍ଦେଶ୍ୟରେ ଅନ୍ତର୍ଭୁକ୍ତ କରାଯାଉ ।<br>୬.୩ ଜାଲିଆତି ଭାବରେ ହୋଇଥିବା ହସ୍ତାନ୍ତର, ବନ୍ଦୋବସ୍ତ କିମ୍ବା ବେଆଇନ୍ ଦଖଲ କେସ୍ ସବୁ ଚିହ୍ନଟ କରାଯାଉ ଏବଂ ସେମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ।<br>୬.୪ ଝାଡ଼ଖଣ୍ଡରେ ଯୁଗ୍ମଜଙ୍ଗଲ ପରିଚାଳନା (JFM) କାର୍ଯ୍ୟକାରୀ କରିବାରେ କୌଣସି ଆଇନ୍‌ଗତ ଏବଂ ପ୍ରଣାଳୀଗତ ଅସୁବିଧା ଥିଲେ, ତାହା ଦୂର କରିବା ପାଇଁ ଭାରତୀୟ ଜଙ୍ଗଲ ଅଧିନିୟମ, ୧୯୨୭ ରେ ହୋଇଥିବା ସଂଶୋଧନ ଉଲ୍ଲେଖ କରାଯାଉ ।<br>୬.୫ ଯୁଗ୍ମ ଜଙ୍ଗଲ ପରିଚାଳନା ପ୍ଲାନ୍ (JFMP) ଏବଂ ଏଫ୍‌ପିସି (FPC) ସଂକଳ୍ପ ରେ ଥିବା ପରସ୍ପର ବିରୋଧୀ ପ୍ରାବଧାନର ସମସ୍ୟା ସମାଧାନ କରାଯାଉ ଏହା କାର୍ଯ୍ୟକାରୀ କରିବା ସୁନିଶ୍ଚିତ କରାଯାଉ । ଯୁଗ୍ମ ଜଙ୍ଗଲ ପରିଚାଳନା ପ୍ଲାନ୍ (JFMP) ଏବଂ ଏଫ୍‌ପିସି (FPC) ମଧ୍ୟରେ ପାରସ୍ପରିକ ସହଯୋଗ ମଜଭୁତ କରାଯାଉ, ଯେପରିକି ସେମାନେ ମିଳିମିଶି କାର୍ଯ୍ୟ କରି ପାରିବେ, ଯୁଗ୍ମ ଜଙ୍ଗଲ ପରିଚାଳନା (JFM) ମାଧ୍ୟମରେ ସିପିଆର୍ (CPR) ପରିଚାଳନା କରିବା ପାଇଁ ସ୍ଥାନୀୟ ବ୍ୟବହାରକାରୀ ମାନଙ୍କ ମଧ୍ୟରେ ସ୍ଥାନୀୟ ସଚେତନତା ବୃଦ୍ଧି କରାଯାଉ ।<br>୬.୬ ଜଙ୍ଗଲ ଅଧିକାର ଆଇନ (FRA) କାର୍ଯ୍ୟକାରିତା ତଦାରଖ ଏବଂ ପର୍ଯ୍ୟବେକ୍ଷଣ କରାଯାଉ (ସର୍ଭେ, ପ୍ରୟୋଗ, ସମାଧାନ ଏବଂ ପଟ୍ଟା ଲିଜ୍) ।<br>୬.୭ ଜଙ୍ଗଲ ବ୍ୟବହାର ଉପରେ ଗ୍ରାମର ସୁସ୍ଥ ଯୋଜନା ମୂଲ୍ୟାଙ୍କନ କରାଯାଉ ଏବଂ ଅନୁମୋଦନ କରାଯାଉ; ରପ୍ତାନି ଜଙ୍ଗଲ ଉତ୍ପାଦ ବ୍ୟବହାର ଏବଂ ବିକ୍ରୟ ପ୍ରଣାଳୀ ସରଳୀକରଣ କରାଯାଉ ଏବଂ ଗ୍ରାମବାସୀ ମାନେ ଯେପରିକି ଏହି ଉତ୍ପାଦ ଗୁଡିକ ପାଇ ପାରିବେ ସେଭଳି ବ୍ୟବସ୍ଥା କରାଯାଉ ।<br>୬.୮ ଜଙ୍ଗଲ ଜମିକୁ ଅଣ-ଜଙ୍ଗଲ ବ୍ୟବହାରରେ ପରିବର୍ତ୍ତନ କରିବା ପୂର୍ବରୁ ଇଆଇଏ (EIA) ସଂପୂର୍ଣ୍ଣ କରିବା ନିଶ୍ଚିତ କରାଯାଉ ।<br>୬.୯ ଜମି, ଜଙ୍ଗଲ ଏବଂ ଜଳ ସମସ୍ୟା ପର୍ଯ୍ୟାଲୋଚନା କରିବା ପାଇଁ ଜିଲ୍ଲା ସ୍ତରୀୟ ନିୟନ୍ତ୍ରଣକାରୀ କର୍ତ୍ତୃପକ୍ଷଙ୍କୁ ମଜଭୁତ କରାଯାଉ ଏବଂ ଗ୍ରାମ ସଭାକୁ ଶକ୍ତିଶାଳୀ କରାଯାଉ । | ଜଙ୍ଗଲ ବିଭାଗ; ପଞ୍ଚାୟତରାଜ ବିଭାଗ; ରାଜସ୍ୱ ଏବଂ ଭୂ-ସଂସ୍କାର ବିଭାଗ |

| ବିଷୟ | ସୁପାରିଶ | ଦାୟିତ୍ୱ |
|---|---|---|
| ***୭. ମହିଳା ମାନଙ୍କର ଜମି ପ୍ରାପ୍ତ କରିବାରେ ବୃଦ୍ଧି କରିବା ପାଇଁ ଆଇନ୍‌ଗତ ଏବଂ ପ୍ରଶାସନିକ ସୁଯୋଗ ଯଥେଷ୍ଟ ଭାବରେ ବ୍ୟବହାର କରାଯାଇ ନାହିଁ :***<br><br>ଯଦି କୌଣସି ମହିଳା ଉତ୍ତରାଧିକାରୀ ନାହାନ୍ତି ତାହାହେଲେ ଆରଓଆର କିମ୍ବା ଖତିଆନ୍ ମାଲିକାନା ସ୍ତମ୍ଭରେ ମହିଳାଙ୍କ ନାମ ରେକର୍ଡ କରାଯାଉନାହିଁ, ଏକକ ଭାବରେ ହେଉ କିମ୍ବା ଯୁଗ୍ମ ଭାବରେ ହେଉ । ସବୁଠାରେ ପରିବାର କର୍ତ୍ତାଙ୍କ ନାମ ହିଁ ରେକର୍ଡ କରାଯାଉଛି । ଆଦିବାସୀ ଗୋଷ୍ଠିଙ୍କ ଛାଡି ସଂପତ୍ତି ଅଧିକାରରେ ମହିଳା ମାନଙ୍କର ଅଧିକାର ଆଇନ୍ ଦ୍ୱାରା ସ୍ଥାପିତ ହୋଇଛି ଏବଂ ଅଧିକାଂଶ ସମୟରେ ପ୍ରକୃତ ପକ୍ଷରେ ମଧ୍ୟ କାର୍ଯ୍ୟକାରୀ କରାଯାଉଛି ।କିନ୍ତୁ ଅନୁସୂଚୀତ ଜନଜାତି (ST) କ୍ଷେତ୍ରରେ ଜମିଜମା ସଂପତ୍ତି ଉପରେ ପରଂପରା ଗତ ଅଭ୍ୟାସ ଦୃଷ୍ଟି କୋଣରୁ ସୀମିତ ଅଧିକାର ରହିଛି ।ରାଜ୍ୟ ସ୍ତରୀୟ ବୈଧତା କର୍ମଶାଳା ଏବଂ ପ୍ୟାନେଲ୍ ଆଲୋଚନା, ଉଭୟରେ, ଏହା ସ୍ୱୀକାର କରାଯାଇଛି ।ଏବଂ ଏହା ସୁପାରିଶ କରାଯାଇଛି ଯେ, ଏହି ବ୍ୟତିକ୍ରମ ହଟାଇବା ପାଇଁ ବିସ୍ତାରିତ ସ୍ତରରେ ସମ୍ମତି ଆବଶ୍ୟକ ।<br><br>ମହିଳାମାନଙ୍କ ମଧ୍ୟରୁ ଯୋଗ୍ୟ ବିବେଚିତ ହେଉଥିବା ମହିଳାମାନଙ୍କୁ ସିଲିଙ୍ଗ୍ ଉଦ୍‌ବୃତ୍ତ ଜମିର ଶତକଡା ୫୦ ବଣ୍ଟନ କରିବା ପାଇଁ ଆବଶ୍ୟକ ସଂରକ୍ଷଣ କରିବାକୁ ବିହାର ସିଲିଂ ନିୟମ ସଂଶୋଧନ କରାଯାଇଥିଲା । ସେହିପରି ଦଳିତ ପରିବାର ପାଇଁ ଘରଡିହ ସଂପର୍କରେ କ୍ରୟ କରାଯାଇଥିବା ଭୂମିର ଶତକଡା ୧୦୦ କେବଳ ମହିଳା ହିତାଧିକାରୀଙ୍କ ନାମରେ କ୍ରୟ କରିବାର ବ୍ୟବସ୍ଥା ରହିଛି । | ୭.୧ ଆଦିବାସୀ ମହିଳା ମାନଙ୍କର ଜମିଗତ ଅଧିକାର ପାଇଁ ପ୍ରଶସ୍ତ ସମ୍ମତି ବିକଶିତ କରାଯାଉ (ସିବିଓ (CBO) ଏବଂ ଅନ୍ୟ ସଂପୃକ୍ତ ବ୍ୟକ୍ତି/ସଂସ୍ଥା) ଏବଂ ପ୍ରଚାର ମାଧ୍ୟମକୁ ସଂପୃକ୍ତ କରାଯାଉ ।<br><br>୭.୨ ସିପିଆର୍ (CPR) ଏବଂ ଅନ୍ୟ ସରକାରୀ ଜମି ମହିଳା ସମବାୟ ସଂସ୍ଥା ଦ୍ୱାରା ସାମୁହିକ ଭାବରେ ଲିଜ୍ ନେବାର ସମ୍ଭାବନା ବାହାର କରାଯାଉ ।<br><br>୭.୩ ସାର୍ବଜନୀନ ସରକାରୀ ଜମି ଏବଂ ଗୃହ ବଣ୍ଟନ କ୍ଷେତ୍ରରେ ମହିଳା ମାନଙ୍କ ନାମରେ ସ୍ୱତ୍ୱ ଦେବାକୁ ପ୍ରୋତ୍ସାହନ କରାଯାଉ ଏବଂ ପର୍ଯ୍ୟାଲୋଚନା କରାଯାଉ ।<br><br>୭.୪ ମହିଳା ମାନଙ୍କର ଜମିଗତ ଅଧିକାର କ୍ଷେତ୍ରରେ ହେଉଥିବା ଉନ୍ନତି ତଦାରଖ କରିବା ପାଇଁ ଖତିଆନ୍ (ROR) ରେ ସୂଚନା ରେକର୍ଡ କଲାବେଳେ 'ଲିଙ୍ଗ' ବିଷୟରେ ସୂଚନା ଅନ୍ତର୍ଗତ କରାଯାଉ । | ସହରାଞ୍ଚଳ ବିକାଶ ବିଭାଗ; ରାଜସ୍ୱ ଏବଂ ଭୂ-ସଂସ୍କାର ବିଭାଗ |
| ***୮. ସହରାଞ୍ଚଳ ବିକାଶ ଏବଂ ବିସ୍ତାରଣ ଯୋଜନାବଦ୍ଧ ଭାବରେ ହୋଇନାହିଁ ଏବଂ ମୌଳିକ ସୁବିଧା ବିସ୍ତାରଣ ପରେ ହିଁ କରାଯାଇଛି :***<br><br>ଝାଡଖଣ୍ଡର କେତେକ ସହର ଭଲ ଭାବରେ ପ୍ଲାନ୍ କରାଯାଇଛି ଏବଂ ଝାଡଖଣ୍ଡ ମ୍ୟୁନିସିପାଲ୍ ଅଧିନିୟମ (୨୦୧୧) ରେ ସହର ଯୋଜନା ପ୍ରାବଧାନ ରହିଛି, କିନ୍ତୁ ସହର ଯୋଜନା ପାଇଁ କର୍ତ୍ତୃପକ୍ଷ ସେ ଯାଗାରେ ନାହାନ୍ତି ।<br><br>ଯେଉଁଠାରେ ବଡ ବଡ ବସତି ସ୍ଥାପନ କରାଯାଇଛି ସେଠାରେ ଅଧିକାଂଶ ସହର ବିସ୍ତାରଣ ଆଦିବାସୀ ଜମି ଏବଂ ସରକାରୀ ଜମି ଉପରେ ହିଁ କରାଯାଇଛି । ଏହି ଜମିର ଅବସ୍ଥା ହୋଲ୍‌ଡିଙ୍ଗ୍ ଟିକସ ସଂଗ୍ରହ କରିବାରେ ପ୍ରତିବନ୍ଧକ ସୃଷ୍ଟି କରୁଛି । ସରକାରୀ ଏବଂ ସର୍ବ ସାଧାରଣ ଜମି ପ୍ରଭାବଶୀଳ ଏବଂ ଲୋଭାଶକ୍ତ ବ୍ୟକ୍ତିମାନଙ୍କ ଦ୍ୱାରା ବେଆଇନ୍ ଭାବରେ ଦଖଲ କରାଯାଇଛି । ସବୁଜ ବଳୟରେ ନିର୍ମାଣ କାର୍ଯ୍ୟର ନିଷେଧତା ପାଳନ କରାଯାଉନାହିଁ ଏବଂ ସେହି ଅଞ୍ଚଳରେ ଅନେକ ଘର ନିୟନ୍ତ୍ରଣ ସତ୍ତ୍ୱେ ନିର୍ମାଣ କରାଯାଉଛି ।<br><br>ସହରାଞ୍ଚଳ ଗରିବ ଲୋକମାନଙ୍କ ପାଇଁ ଅଳ୍ପ ଖର୍ଚ୍ଚରେ ଗୃହ ଯୋଗାଣ ନୀତି ।<br><br>ଝାଡଖଣ୍ଡ ସହର ଗୁଡିକରେ ଥିବା ସାର୍ବଜନୀନ ସରକାରୀ ଜମି ବେଆଇନ୍ ଭାବରେ ଦଖଲ କରିବାର ସମ୍ଭାବନା ଅଧିକ ରହିଛି । | ୮.୧ ସହରାଞ୍ଚଳ ଯୋଜନା ପ୍ଲାନିଙ୍ଗ୍ ପାଇଁ ଏକ କର୍ତ୍ତୃପକ୍ଷ ସୃଷ୍ଟି କରାଯାଉ ଏବଂ ସେଠିପାଇଁ ଏକ ବିଜ୍ଞପ୍ତି ପ୍ରସ୍ତୁତ କରାଯାଉ ଏବଂ ନିର୍ଗମ କରାଯାଉ; ସହରାଞ୍ଚଳ ଯୋଜନା ଏବଂ ସହର ବିକାଶ ପାଇଁ ସମ୍ବଳର ଆବଶ୍ୟକତା ଅକଳନ କରାଯାଉ ଏବଂ ଏ କ୍ଷେତ୍ରରେ ଦକ୍ଷତାରେ କମ୍ ଥିଲେ, ତାହା ବୃଦ୍ଧି କରିବା ପାଇଁ କୌଶଳ ପ୍ରସ୍ତୁତ କରାଯାଉ ।<br><br>୮.୨ ଏକ ସହରାଞ୍ଚଳ ଜମି ବ୍ୟବହାର ଯୋଜନା ଏବଂ ବିସ୍ତୃତ ସହରାଞ୍ଚଳ ଯୋଜନା (୫୦- ବର୍ଷ ପାଇଁ ଆଗକୁ ଚିନ୍ତା କରି) କରାଯାଉ ଜମି ନିର୍ଦ୍ଦିଷ୍ଟ କରି ରଖିବ ଏବଂ ଆବାସିକ, ବ୍ୟବସାୟିକ, ଶିଳ୍ପ, ସବୁଜ ବଳୟ, ପାର୍କିଙ୍ଗ୍ କିମ୍ବା ସର୍ବସାଧାରଣ ପରିବହନ ବ୍ୟବହାରର ଅଭିବୃଦ୍ଧି ପାଇଁ ଯୋଜନା କରିବ ।<br><br>୮.୩ ଜମି ବ୍ୟବହାର ନିୟନ୍ତ୍ରଣ ପାଇଁ ଦୈନନ୍ଦିନ ଏବଂ ପ୍ରଭାବଶୀଳ ଭାବରେ କର୍ଯ୍ୟକାରୀ କରିବା ପାଇଁ ସର୍ବସାଧାରଣ ଦ୍ୱାରା ସହଜରେ ପ୍ରାପ୍ତ କରିହେଲା ଭଳି ଏକ ମୂଳ ତଥ୍ୟାବଳୀ ବିକଶିତ କରାଯାଉ ଏବଂ ତାକୁ ବଜାୟ ରଖାଯାଉ ।<br><br>୮.୪ ସମସ୍ତ ସହରାଞ୍ଚଳ ଜମି ସର୍ଭେ କରାଯାଉ; ରେକର୍ଡ ସଦ୍ୟ ସଂଶୋଧନ ଏବଂ ରକ୍ଷଣାବେକ୍ଷଣ ଉପରେ ଧ୍ୟାନ କେନ୍ଦ୍ରୀଭୂତ କରି ଏକ ସାଧାରଣ ଦିଗ ଏବଂ ସ୍ଥାନ ଭିତ୍ତିକ ମୌଳିକ ସୁବିଧା ସ୍ଥାପନ କରିବା ପାଇଁ ସମସ୍ତ ସହର ଗୁଡିକରେ ମୂଳନକ୍ସା ସ୍ଥାପନ କରାଯାଉ ।<br><br>୮.୫ ବେଆଇନ୍ ଭାବରେ ଅଧିକୃତ ହୋଇଥିବା ଜମି ଚିହ୍ନଟ କରାଯାଉ ଏବଂ ସେଗୁଡିକ ଖୁବ୍‌ଶୀଘ୍ର ଫେରାଇ ଆଣିବା ପାଇଁ ବେଆଇନ୍ ଦଖଲ ଅଧିନିୟମର ବ୍ୟବହାର କରାଯାଉ ।<br><br>୮.୬ ସହରାଞ୍ଚଳ ଜମି ବ୍ୟବହାର, ମାଲିକାନା ଏବଂ ହସ୍ତାନ୍ତରତା ଉପରେ ଥିବା ନିୟନ୍ତ୍ରଣର ଯୁକ୍ତିଯୁକ୍ତତା ସମୀକ୍ଷା କରାଯାଉ ଏବଂ କୌଣସି ଉପଯୋଗୀ ଉଦ୍ଦେଶ୍ୟ ସାଧନ କରୁ ନଥିବା ପ୍ରାବଧାନ ଗୁଡିକ ହଟାଇ ଦିଆଯାଉ ଏବଂ ଏହାର ଅନୁପାଳନରେ ଉନ୍ନତି ଅଣାଯାଉ ।ଏଭଳି ନିଷ୍ପତ୍ତି ନେବାରେ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଏବଂ ସର୍ବସାଧାରଣଙ୍କୁ ସଂପୃକ୍ତ କରାଯାଉ । | ରେଜିଷ୍ଟ୍ରେସନ୍ ବିଭାଗ; ରାଜସ୍ୱ ଏବଂ ଭୂ-ସଂସ୍କାର ବିଭାଗ, ସହରାଞ୍ଚଳ ବିକାଶ ବିଭାଗ |

| ବିଷୟ | ସୁପାରିଶ | ଦାୟିତ୍ୱ |
|---|---|---|
| ***୯. ସରକାରୀ ଜମି ଘରୋଇ ବ୍ୟବହାର ପାଇଁ ହସ୍ତାନ୍ତର :***<br>ଶିଳ୍ପ ଏବଂ ଖଣିର ବିକାଶ ପାଇଁ ଝାଡଖଣ୍ଡରେ ଉତ୍ତମ ସମ୍ଭାବ୍ୟ ରହିଛି ।ଅତୀତରେ ଅନେକ ଶିଳ୍ପ ଏବଂ ଖଣି ନିଗମ ସ୍ଥାପନ କରାଯାଇଛି ଫଳରେ ସେହି ଅଞ୍ଚଳରେ ରହୁଥିବା ସ୍ଥାନୀୟ ଅଧିବାସୀ ମାନଙ୍କୁ ବାସଚ୍ୟୁତ କରାଯାଇଛି । ବୋକାରୋରେ ସେଲ୍, (SAIL), ପାକୁଡ୍ ଏବଂ ଧନବାଦରେ ଖଣିଜ ପଟି ମାଇନିଂ ବେଲ୍ଟ୍ ସ୍ଥାପିତ ହେବା ଯୋଗୁଁ ସ୍ଥାନଚ୍ୟୁତ ହୋଇଥିବା ସ୍ଥାନୀୟ ଅଧିବାସୀଙ୍କୁ ବର୍ତ୍ତମାନ ସୁଦ୍ଧା ଥଇଥାନ କରାଯାଇନାହିଁ ।ଝାଡ଼ଖଣ୍ଡରେ ସ୍ଥାନଚ୍ୟୁତ ବ୍ୟକ୍ତିମାନଙ୍କ ଦ୍ୱାରା ଆନ୍ଦୋଳନ ଏକ ସ୍ଥାୟୀ ପ୍ରଶାସନିକ ସମସ୍ୟା ରୂପରେ ଦେଖା ଦେଇଛି ।<br>ଝାଡଖଣ୍ଡ ସରକାର ଝାଡଖଣ୍ଡ ଶିଳ୍ପୀୟ ନୀତି (୨୦୦୧) ଏବଂ ଥଇଥାନ ଏବଂ ପୁର୍ନବସତି, ନୀତି ୨୦୦୮ ପ୍ରସ୍ତୁତ କରିଛନ୍ତି, କିନ୍ତୁ କେବଳ କାଗଜ ପତ୍ରରେ ହିଁ ଏହା ରହିଛି, ବନ୍ଧ ନିର୍ମାଣ ପାଇଁ ଭୂଅର୍ଜନ କରାଯାଇଥ ବା ଜମି (କାଙ୍କେ, ହାଟିଆ) ବେଆଇନ୍ ଭାବରେ ଦଖଲ ହୋଇଛି । ସରକାରୀ ଜମି ସୁରକ୍ଷିତ କରାଯାଇନାହିଁ କିମ୍ବା ସଫଳତାର ସହ ପରିଚାଳନା କରାଯାଇନାହିଁ; ସରକାରୀ ଜମି ଘରୋଇ ନିବେଶୀ ମାନଙ୍କୁ ହସ୍ତାନ୍ତର କଲେ ସବୁବେଳେ ଅଭିବୃଦ୍ଧି ସୁନିଶ୍ଚିତ କରେ ନାହିଁ ଏବଂ ଅସମାନତା ଏବଂ କଳହର କାରଣ ହୋଇଥାଏ ।<br>ଝାଡଖଣ୍ଡର ପ୍ରଜାସ୍ୱତ୍ୱ ଅଧିନିୟମ ବର୍ତ୍ତମାନ ବି ସରକାରୀ ଜମି ପାଇଁ ନିୟମ ନିର୍ଦ୍ଧାରଣ କରୁଛି ଏବଂ ସଦ୍ୟ ସଂଶୋଧନ କରାଯାଇନାହିଁ ।(ଏହା ମୂଳ ରାଜ୍ୟ ବିହାରର ବିପରିତ ଅଟେ)<br>ସାର୍ବଜନୀନ ସରକାରୀ ଜମି ରେକର୍ଡ ଏବଂ ନକ୍ସା ଅସଂପୂର୍ଣ୍ଣ ଅଟେ ଏବଂ ସଦ୍ୟ ସଂଶୋଧନ କରାଯାଇନାହିଁ । | ୯.୧ ଏହି ଶିଳ୍ପୀୟ ଏବଂ ଖଣି ପଟି ସ୍ଥାନଚ୍ୟୁତ ହୋଇଥିବା ବ୍ୟକ୍ତିଙ୍କ ସଂଖ୍ୟା ଉପରେ ସର୍ବଶେଷ ସଂଶୋଧନ କରି ତଥ୍ୟ ପ୍ରସ୍ତୁତ କରାଯାଉ । ସେମାନଙ୍କର ଆର୍ଥିକ ମଙ୍ଗଳ ସହିତ ଥଇଥାନ ସମସ୍ୟାର ମଧ୍ୟ ସମାଧାନ କରାଯାଉ ।<br>୯.୨ ରାଜସ୍ୱ ଏବଂ ଭୂ-ସଂସ୍କାର ବିଭାଗ ଅନ୍ତର୍ଗତ ଏକ ନୂଆ ଅନୁଷ୍ଠାନ ସୃଷ୍ଟି କରିବା ଆବଶ୍ୟକ ଯେ କି ଏହି ପ୍ରକାର ସ୍ଥାନଚ୍ୟୁତ ହେବା ସମସ୍ୟା ସମାଧାନ କରିପାରିବ ।<br>୯.୩ ଏକ କ୍ରିୟାଶୀଳ ଗ୍ରାମସଭାକୁ ସଫଳତାର ସହିତ ସଂପୃକ୍ତ କରି ସରକାରୀ ଜମି ଏବଂ ସାଧାରଣ ଜମିର ସୀମା ଚିହ୍ନଟ କରାଯାଉ ଏବଂ ଉପଯୁକ୍ତ ରେକର୍ଡ ରଖାଯାଉ ଏବଂ ଏହାର ଉପଲବ୍ଧତା ବିଷୟରେ ସମସ୍ତ ତଥ୍ୟ ମଧ୍ୟ ରେକର୍ଡ କରାଯାଉ ।<br>୯.୪ ବିଭିନ୍ନ ରାଜ୍ୟ କିମ୍ବା କେନ୍ଦ୍ର ସରକାର ବିଭାଗ ଏବଂ ସରକାରୀ ଉଦ୍ୟୋଗ ନିଗମ ଦ୍ୱାରା ବହୁଦିନରୁ ରଖାଯାଇଥିବା ଜମିର ପରିଚାଳନା ପ୍ରଣାଳୀ ସ୍ଥାପନ କରାଯାଉ ଏବଂ ଏକୀକୃତ କରାଯାଇଥିବା ଜମି ମୂଳ ତଥ୍ୟାବଳୀ ମଧ୍ୟ ସ୍ଥାପନ କରାଯାଉ । ସରକାରୀ ଜମି ଉପରେ ପ୍ରସ୍ତୁତ ହୋଇଥିବା ମୂଳ ତଥ୍ୟାବଳୀ ଏବଂ ଜିଆଇଏସ୍ (GIS) ଟୁଲ୍ ବ୍ୟବହାର କରି ସହଜରେ ପ୍ରାପ୍ତ କରିହେବ ଓ ତାକୁ ବ୍ୟାଖ୍ୟା କରିହେବ ଏବଂ ସରଜମିନ୍ ସ୍ୱତ୍ତ୍ୱ ଅନୁସାରେ ସରକାରୀ ଜମିର ସ୍ଥାନ ଏବଂ ଦିଗ ଭିତ୍ତିକ ଲିଖିତ ରେକର୍ଡ ସଂଗଠିତ କରିବା ସମ୍ଭବ ହେବ ।<br>୯.୫ ବେଆଇନ୍ ଦଖଲ ଅଧିନିୟମର ବ୍ୟବହାର କରି ବେଆଇନ୍ ଭାବରେ ଦଖଲ ହୋଇଥିବା ଜମି ପୁନଃପ୍ରାପ୍ତି କରାଯାଉ ।<br>୯.୬ ସରକାରୀ ଜମି ପାଇଁ ଦାୟିତ୍ୱ ଏବଂ ପ୍ରଣାଳୀ ସମୀକ୍ଷା କରାଯାଉ ଏବଂ ବ୍ୟବସ୍ଥିତ କରାଯାଉ । ସରକାରୀ ସଂପତ୍ତିର ସୁରକ୍ଷା ପାଇଁ ଏବଂ ଦକ୍ଷତା, ଟ୍ରେନିଂ ବୃଦ୍ଧି କରିବା ପାଇଁ ସରକାରୀ ଜମି ଏବଂ ଆଇନ୍‌ଗତ ଦାୟିତ୍ୱ ଥିବା ସମସ୍ତ ବିଭାଗଗୁଡିକର ସମ୍ବଳର ଆବଶ୍ୟକତା ଆକଳନ କରାଯାଉ ।<br>୯.୭ ନୂଆ ଜମି ଅଧିକାର ଅଧିନିୟମ ୨୦୧୩ କାର୍ଯ୍ୟକାରୀ କରାଯାଉ; ଏହାର ପ୍ରଣାଳୀ ସରଳୀକୃତ କରିବାର ସମ୍ଭାବନା ବାହାର କରାଯାଉ ଏବଂ ଜମି ହରାଇଥିବା ବ୍ୟକ୍ତିମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ଦେବାରେ କୌଣସି ହସ୍ତକ୍ଷେପ ନ କରି ଏହି ଅଧିନିୟମ କାର୍ଯ୍ୟକାରୀ କରିବା ପାଇଁ ଯଥେଷ୍ଟ ସମ୍ବଳର ଉପଲବ୍ଧତା ସୁନିଶ୍ଚିତ କରାଯାଉ ।<br>୯.୮ ସ୍ଥାନୀୟ ପଞ୍ଚାୟତ ଏବଂ ପେଶା (PESA) ଦ୍ୱାରା ଅନୁମୋଦନର ଆବଶ୍ୟକତା ବିଚାରକୁ ନିଆଯାଉ ଏବଂ ଜିଲ୍ଲା ଅଧିକାର ଜମି କମିଟି ସ୍ଥାପନ କରାଯାଉ ।<br>୯.୯ ଜମି ଆବଶ୍ୟକ କରୁଥିବା ସଂସ୍ଥା ଏବଂ ଜମି ଅଧିଗ୍ରହଣ ମାଧ୍ୟମରେ ଜମି ହରାଇଥିବା ପୂର୍ବତନ ଜମିଧାରୀଙ୍କ ମଧ୍ୟରେ ହୋଇଥିବା ଚୁକ୍ତିନାମା ପର୍ଯ୍ୟବେକ୍ଷଣ କରିବା ପାଇଁ ଏକ ତୃତୀୟ ପକ୍ଷ ସଂସ୍ଥା ନିଯୁକ୍ତି କରାଯାଉ ।<br>୯.୧୦ ଜମି ହସ୍ତାନ୍ତର, ଲିଜ୍ କିମ୍ବା ଖଜଣା ପ୍ରଦତ୍ତ ଅର୍ଥ ବିଷୟରେ ନିୟମିତ ପ୍ରକାଶନ କରାଯାଉ, ଯାହା ଉପରେ ଅନୁସରଣ କରିହେବ । ନିବେଶୀ ଦ୍ୱାରା ଚୁକ୍ତିନାମାଗତ ନୈତିକ ଦାୟିତ୍ୱ ଅନୁପାଳନ ସୁନିଶ୍ଚିତ କରିବା ପାଇଁ ଏକ ତୃତୀୟପକ୍ଷ ପର୍ଯ୍ୟବେକ୍ଷଣ ଏବଂ ଅଭିଯୋଗ ସମାଧାନ ପ୍ରଣାଳୀ ବିଚାରକୁ ନିଅନ୍ତୁ । | ରାଜସ୍ୱ ଏବଂ ଭୂ-ସଂସ୍କାର ବିଭାଗ |
| ***୧୦. କର ସଂଗ୍ରହରେ ଉନ୍ନତି କରାଯାଉ ଏବଂ ଅବ୍ୟାହତି ଯୁକ୍ତିଯୁକ୍ତ କରାଯାଉ :***<br>କର ଏବଂ ରାଜସ୍ୱ ସଂଗ୍ରହ ଅତି ନ୍ୟୁନ, ଜମିର ଔପଚାରିକ ବଜାର ଦର ଏହାର ପ୍ରକୃତ ଦରକୁ ପ୍ରତିଫଳନ କରୁନାହିଁ । | ୧୦.୧ ସମସ୍ତ ମୁଖ୍ୟ ସହର ପାଇଁ ରାଜସ୍ୱ ସଂଗ୍ରହର ସମ୍ଭାବିତ କ୍ଷମତା ଏବଂ ପ୍ରକୃତ ସଂଗ୍ରହ ଚିହ୍ନଟ କରାଯାଉ, ଏବଂ ପ୍ରକାଶନ କରାଯାଉ; କର ଛାଡ ପାଇଁ ସରକାର ବହନ କରୁଥିବା ଖର୍ଚ୍ଚର ସମୀକ୍ଷା କରାଯାଉ ।<br>୧୦.୨ ହୋଲ୍ଡିଂ ଟିକସ ସଂଗ୍ରହ ପାଇଁ ସହରାଞ୍ଚଳ ଜମି ଏବଂ ଗୃହନିର୍ମାଣ ସର୍ଭେ କରାଯାଉ । | ରେଜିଷ୍ଟ୍ରେସନ୍ ବିଭାଗ; ରାଜସ୍ୱ ଏବଂ ଭୂ-ସଂସ୍କାର ବିଭାଗ |

| ବିଷୟ | ସୁପାରିଶ | ଦାୟିତ୍ୱ |
|---|---|---|
| ସରକାରୀ ଜମି ଏବଂ ଆଦିବାସୀ ଜମି ଉପରେ ନିର୍ମାଣ କରାଯାଇଥିବା ଗୃହବ୍ୟବସ୍ଥା ବସତିରୁ ହୋଲ୍ଡିଂ କର ସଂଗ୍ରହ କରାଯାଇପାରିବ ନାହିଁ ଯେଉଁଥିପାଇଁ ଅବସ୍ଥା ବର୍ତ୍ତମାନ ସୁଦ୍ଧା ମଧ୍ୟ ପରିବର୍ତ୍ତନ ହୋଇନାହିଁ । | ୧୦.୩ ପଞ୍ଚାୟତରାଜ ଅନୁଷ୍ଠାନ (PRI) ଏବଂ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା (ULB) ସହିତ ପରାମର୍ଶ କରି ଗୋପନ ରଖାଯାଇଥିବା ବଜାର ମୂଲ୍ୟ ଅକ୍ରମିକ ଭାବରେ ଯାଞ୍ଚ କରାଯାଉ; ଏହି ପ୍ରଣାଳୀକୁ ଅନୁଷ୍ଠାନ ଗତ କରାଯାଉ ।<br>୧୦.୪ କର ସଂଗ୍ରହ ପ୍ରଣାଳୀର ସମୀକ୍ଷା କରାଯାଉ ଏବଂ ସଂଗଠିତ, ତ୍ୱରାନ୍ୱିତ କରାଯାଉ ଏବଂ ପ୍ରଶାସନିକ ଦକ୍ଷତା ବୃଦ୍ଧି କରିବା ପାଇଁ ସମ୍ବଳର ଆବଶ୍ୟକତା ଆକଳନ କରାଯାଉ । | |
| ***୧୧. ବିବାଦ ସମାଧାନ ପ୍ରକ୍ରିୟାର ପ୍ରଭାବଶୀଳତା ବୃଦ୍ଧି କରନ୍ତୁ ଏବଂ ପର୍ଯ୍ୟବେକ୍ଷଣ ଦକ୍ଷତା ପ୍ରସ୍ତୁତ କରନ୍ତୁ :***<br>ଅନୁସୂଚୀତ ଜନଜାତି ମାନଙ୍କର (ST) ଆବଶ୍ୟକତା ସୁରକ୍ଷା ପାଇଁ ସିଡ୍ୟୁଲ୍ ଏରିଆ କୋଡ୍ ସ୍ଥାପନ କରାଯାଇଛି କିନ୍ତୁ କୋଡ୍ ଗୁଡିକରେ କାର୍ଯ୍ୟକାରୀ କରିବାର ପାୱାର ଅଭାବ ରହିଛି । ଜମି ବିବାଦ ପାଇଁ ବିଶେଷ ଟ୍ରିବ୍ୟୁନାଲ୍ ନାହିଁ । ବିଭିନ୍ନ କୋର୍ଟରେ ଅନେକ ସିଲିଂ ଜନିତ କେସ୍ ବିଚାରାଧୀନ ରହିଛି । | ୧୧.୧ ଅନୁସୁଚିତ କ୍ଷେତ୍ର କୋର୍ଟ ଅଧିକ କାର୍ଯ୍ୟଶୀଳ ଏବଂ ସକ୍ରିୟ କରାଯାଉ । କାର୍ଯ୍ୟନିର୍ବାହ କରିବା ପାଇଁ ସେମାନଙ୍କୁ କ୍ଷମତା ଦିଆଯାଉ ଏବଂ ଜିଲ୍ଲାପାଳ (DC) ଙ୍କ ଦ୍ୱାରା ନିୟମିତ ଭାବରେ କେସ୍‌ଗୁଡିକର ପର୍ଯ୍ୟାଲୋଚନା କରାଯାଉ ।<br>୧୧.୨ ଜମି, ଜଙ୍ଗଲ ଏବଂ ଜଳ ସମସ୍ୟା ଉପରେ ହୋଇଥିବା ଅଭିଯୋଗ ସମାଧାନ ପାଇଁ ଫାଷ୍ଟ୍ ଟ୍ରାକ୍ କୋର୍ଟ୍ ବସାଇବାକୁ ବିଚାର କରାଯାଉ ।<br>୧୧.୩ ବିହାରରେ ଫଳାଫଳର ସମୀକ୍ଷା ଏବଂ ସେଠାରେ ଲାଗୁ କରାଯାଇଥିବା ଆଇନ୍‌କାନୁନ୍ (ବିହାର ଜମି ବିବାଦ ସମାଧାନ ଅଧିନିୟମ ୨୦୦୯/ନିୟମ ୨୦୧୦ ଏବଂ ବିହାର ସ୍ୱତନ୍ତ୍ର ସର୍ଭେ ଏବଂ ବନ୍ଦୋବସ୍ତ ଅଧିନିୟମ ୨୦୧୧, ରୁଲ୍ ୨୦୧୨ ଉପରେ ଆଧାରିତ ଜମି-ଭିତ୍ତିକ ଟ୍ରିବ୍ୟୁନାଲ୍ ବସାଯାଉ ।<br>୧୧.୪ ଗ୍ରାମ କୁମ୍ଭହାରୀ, ବିହାର ପଞ୍ଚାୟତିରାଜ ଅଧିନିୟମ ୨୦୦୬କୁ ଶକ୍ତିଶାଳୀ କରାଯାଉ ।<br>୧୧.୫ *ଅଞ୍ଚଳ* ଏବଂ ପୋଲିସ୍ ଅଫିସରଙ୍କ ମଧ୍ୟରେ ସମନ୍ୱୟରେ ଉନ୍ନତି ଆଣି ବିବାଦ ସମାଧାନରେ ଧ୍ୟାନ କେନ୍ଦ୍ରିଭୂତ କରାଯାଉ ।<br>୧୧.୬ ଅର୍ଦ୍ଧ-ବିଚାର ବିଭାଗୀୟ କୋର୍ଟ ଗୁଡିକରେ କେସ୍ ସମାଧାନ ହେବାର ସମସ୍ୟା ପର୍ଯ୍ୟାଲୋଚନା କରାଯାଉ ଏବଂ ଜମିଚ୍ୟୁତ କରିବାକୁ ସମୟ ସୀମା ନିର୍ଦ୍ଧାରଣ କରାଯାଉ । | |

## କର୍ଣ୍ଣାଟକ

| ସମସ୍ୟା | ସୁପାରିଶ | ଦାୟିତ୍ୱ |
|---|---|---|
| *୧. ଗ୍ରାମାଞ୍ଚଳ ଜମିଜମା ରେକର୍ଡ ନିୟମିତ ଭାବରେ ସଦ୍ୟ ସଂଶୋଧନ କରାଯାଇନାହିଁ ଏବଂ ସ୍ଥାନ ଏବଂ ଦିଗ ଭିତ୍ତିକ ରେକର୍ଡର ଅଭାବ ରହିଛି ଏବଂ ପୂର୍ବାନୁମିତ ଉପରେ ଆଧାରିତ:*<br>ଅଳ୍ପ ଖର୍ଚ୍ଚରେ ସୁବିଧା ପ୍ରାପ୍ତ କରିବା ପାଇଁ ଗ୍ରାମାଞ୍ଚଳ ଜମି ରେକର୍ଡ, ଡିଜିଟାଲ୍ ଫର୍ମାଟ୍‌ରେ, ଆଉ ମଧ୍ୟ ଅନ୍‌ଲାଇନ୍‌ରେ (ଭୂମି, ୨୦୦୦ ରୁ) ଉପଲବ୍ଧ । କିନ୍ତୁ, ନିୟମ ବହି କିମ୍ବା କାଗଜ ରେକର୍ଡ କୌଣସି ଯାଞ୍ଚ୍ ବିନା ଡିଜିଟାଲ୍ କରାଯାଇଥିଲା ଏବଂ କେବଳ ୭୫ଶତକଡା ( କିମ୍ବା ୧୨ ନିୟୁତ ରେକର୍ଡ ନକ୍ସ କରାଯାଇଥିଲା)<br>ନୋଟ୍ : ଜମି ପ୍ରଶାସନର ସମସ୍ତ ଦୃଷ୍ଟିକୋଣ ଅନ୍ତର୍ଭୁକ୍ତ କରିଥିବା ଏକ ମଜଭୁତ ଜମି ସୂଚନା ପଦ୍ଧତି ପ୍ରସ୍ତୁତ କରିବା ପାଇଁ ଏବଂ ସମସ୍ତ ବର୍ତ୍ତମାନର ରେକର୍ଡ ସଦ୍ୟ ସଂଶୋଧନ କରିବା ପାଇଁ କର୍ଣ୍ଣାଟକ ସରକାର ଭୂମିର ଏକ ଉଚ୍ଚ ମାନର ସଂସ୍କରଣ ଆରମ୍ଭ କରିବାକୁ ଯୋଜନା କରିଛନ୍ତି ।<br>ଯଦିଓ କର୍ଣ୍ଣାଟକ ଭୂ-ସଂସ୍କାର ଅଧିନିୟମ, ୧୯୭୪, ପ୍ରଜାସ୍ୱତ୍ତ୍ୱ ନିଷିଦ୍ଧ କରିଛି, ଅଣ-ଔପଚାରିକ ଏବଂ ଲେଖାପଢା ହୋଇ ନଥିବା ପ୍ରଜାସ୍ୱତ୍ତ୍ୱ ବହୁଳ ଭାବରେ କରାଯାଉଛି ।ଅଣ-ଔପଚାରିକ ପ୍ରଜା ମାନଙ୍କର ସମୟ ଅବଧିଗତ କୌଣସି ନିଶ୍ଚିତତା ନାହିଁ ଏବଂ ତେଣୁ ବିଭିନ୍ନ ସରକାରୀ ସ୍କିମ୍ ଅନ୍ତର୍ଗତ ଋଣ ପାଇବା ପାଇଁ ସେମାନେ ଯୋଗ୍ୟ ବିବେଚିତ ହେଉନାହାନ୍ତି । | ୧.୧ ପ୍ରାଥମିକତା ଭିତ୍ତିରେ ଲିଖିତ ରେକର୍ଡ ଏବଂ ପ୍ରକୃତ କ୍ଷେତ୍ରରେ ଥିବା ଅବସ୍ଥିତି ଉପରେ ଆଧାରିତ ସଂଶୋଧନ ପାଇଁ ସର୍ଭେ ଯାଞ୍ଚ୍ ଏବଂ ସଦ୍ୟ ସଂଶୋଧନ ଅଧୁନାତନ କରିବା ପାଇଁ ଅଳ୍ପ ଖର୍ଚ୍ଚ ବିଶିଷ୍ଟ ଉପାୟ ଚିହ୍ନଟ କରାଯାଉ ।<br>୧.୨ ସଂପତ୍ତି ରେକର୍ଡର କ୍ୟାଡାଷ୍ଟ୍ରେ ପାଇଁ ନିର୍ଦ୍ଦେଶାବଳୀ ଏବଂ ପ୍ରଣାଳୀ ପ୍ରସ୍ତୁତ କରାଯାଉ ।<br>୧.୩ ଭୂମି ଲିଖିତ ଏବଂ ଦିଗ ଏବଂ ସ୍ଥାନ ଭିତ୍ତିକ ରେକର୍ଡ ଲଗାତାର ଭାବରେ ସଦ୍ୟ ସଂଶୋଧନ କରିବା ପାଇଁ ଏକ ପ୍ରକ୍ରିୟା ପ୍ରସ୍ତୁତ କରାଯାଉ , କାର୍ଯ୍ୟକାରୀ କରାଯାଉ ଏବଂ ପର୍ଯ୍ୟବେକ୍ଷଣ କରନ୍ତୁ ତେଣୁ ଏକ ସ୍ୱତନ୍ତ୍ର ପ୍ରକାର ଉଦ୍ୟମର ଆବଶ୍ୟକତା ହେବ ନାହିଁ । ଏହା ଏକ ବିଶେଷ ଏବଂ ସମ୍ଭବପର ହୋଇପାରୁଥିବା ସମୟ ସୀମା ଭିତରେ ଶେଷ କରିବା ପାଇଁ ଏକ ବିସ୍ତୃତ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଉ ।<br>୧.୪ ରେକର୍ଡ ରକ୍ଷଣାବେକ୍ଷଣ ଯାଞ୍ଚ୍ ଏବଂ ପୁନଃ ସର୍ଭେ ପାଇଁ ସମ୍ବଳର ଆବଶ୍ୟକତା ଆକଳନ କରାଯାଉ ଏବଂ ଗ୍ରାମ ସ୍ତର ପର୍ଯ୍ୟନ୍ତ ସହଜରେ ଉପଲବ୍ଧ ହୋଇପାରିବା ପରି ବିକଳ୍ପ ବାହାର କରାଯାଉ ।<br>୧.୫ ପ୍ରଜାସ୍ୱତ୍ତ୍ୱ ଅଧିକାର ଏବଂ କୃଷିର ରେକର୍ଡରେ (RTC) ଥିବା ତ୍ରୁଟି ସୁଧାରିବା ପାଇଁ ପ୍ରଣାଳୀକୁ ସରଳୀକୃତ କରାଯାଉ ।<br>୧.୬ ସହରାଞ୍ଚଳ ସଂପତ୍ତି ମାଲିକାନା କାଗଜପତ୍ର ଭଳି *ଗ୍ରାମଥାନ* (ଗ୍ରାମ ଆବସିକ ଅଞ୍ଚଳ) ପାଇଁ ମାଲିକାନା ରେକର୍ଡ ସୃଷ୍ଟି କରିବାକୁ ପ୍ରଣାଳୀ ପ୍ରସ୍ତୁତ କରାଯାଉ ଏବଂ ଏହି ରେକର୍ଡଗୁଡିକ ପରିଚାଳନା କରିବା ପାଇଁ ପଞ୍ଚାୟତଗୁଡିକୁ ଆବଶ୍ୟକ ଅଧିକାର ଦେବାକୁ କର୍ଣ୍ଣାଟକ ଜମି ରାଜସ୍ୱ ଅଧିନିୟମ ସଂଶୋଧନ କରାଯାଉ । | ରାଜସ୍ୱ ବିଭାଗ |
| *୨. ସହରାଞ୍ଚଳ ଜମି ରେକର୍ଡର ସମସ୍ତ ସଂପତ୍ତିର ଅଭାବ ରହିଛି ଫଳରେ ଜମି କିଣାବିକାରେ ଜାଲିଆତି ହେଉଛି । ଅନେକ ନିର୍ମାଣ ସହରାଞ୍ଚଳ ଜମି ବ୍ୟବହାର ନିୟମର ଉଲଂଘନ କରାଯାଉଛି :*<br>ସହରାଞ୍ଚଳ ସଂପତ୍ତି ପାଇଁ କ୍ୟାଡାଷ୍ଟ୍ରେ ନାହିଁ । ସ୍ଥାନୀୟ ସରକାରୀ ସଂସ୍ଥା ଦ୍ୱାରା ନିର୍ଗମିତ କରାଯାଉଥିବା ଟିକସ ରସିଦ୍ (ଖାତା ରେଜିଷ୍ଟର) ବହୁଳ ଭାବରେ ସଂପତ୍ତି ରେକର୍ଡର ଏକ ବିକଳ୍ପ ଭାବରେ ବ୍ୟବହାର କରାହେଉଛି । ସହରାଞ୍ଚଳରେ ଜାଲିଆତି, ନକଲି ଏକ ନିର୍ଦ୍ଦିଷ୍ଟ ଜମି ପାଇଁ ଏକାଧିକ ବ୍ୟକ୍ତିଙ୍କ ସ୍ୱତ୍ତ୍ୱ ଥିବା ଭଳି ସମସ୍ୟା ଘରୋଇ ଜମିରେ କଳହ ଏବଂ କୋର୍ଟ କେସ୍ ସୃଷ୍ଟି କରୁଛି ଏବଂ ସରକାରୀ ଜମି ବଳ-ପୂର୍ବକ ଦଖଲ କରିବାର କାରଣ ମଧ୍ୟ ହେଉଛି ।<br>୧.୬ ନିୟୁତ ସଂପତ୍ତିର ୨/୩ ଅଂଶ ପାଇଁ ବାଙ୍ଗାଲୁରୁ ଯାଞ୍ଚ୍ ଏବଂ ଭୌଗୋଳିକ ଅନୁସରଣ କୋର୍ଡିନେଟ୍‌ର ବୈଧତା ସଂପୂର୍ଣ୍ଣ କରିଛି ।<br>ବିବିଏମ୍‌ପି (BBMP) ମାଧ୍ୟମରେ ସଂପତ୍ତି ଆଇଡି (ID) ପରିଚୟ ବ୍ୟବହାର କରି ନାଗରିକ ମାନେ ଗୁଗୁଲ୍ ମ୍ୟାପ୍ ମାଧ୍ୟମରେ ସେମାନଙ୍କର ସଂପତ୍ତିର ନିର୍ଦ୍ଦିଷ୍ଟ ସ୍ଥାନ ଚିହ୍ନଟ କରି ପାରିବେ ; ୨.୨୮ ନିୟୁତ (୧୮ ଶତକଡା)ଅଣ କୃଷି ସଂପତ୍ତି ଏହା ଦ୍ୱାରା ଚିହ୍ନଟ କରାଯାଇପାରିଛି ।<br>ଚାରୋଟି ବଡ ସହରରେ ବ୍ୟକ୍ତି ବିଶେଷଙ୍କର ସଂପତ୍ତି ରେକର୍ଡ ୨୦୧୧ ରୁ ସୃଷ୍ଟି କରାଯାଇଛି ( ସହରାଞ୍ଚଳ ସଂପତ୍ତି ମାଲିକାନା ରେକର୍ଡ- UPOR), ଉଭୟ ସ୍ଥାନ ଏବଂ ଦିଗ ଭିତ୍ତିକ ଏବଂ ଲିଖିତ ପ୍ରକାରର ମାଲିକାନା ଡାଟାର ଏକ ନିର୍ଭୁଲ୍ ରେକର୍ଡ ସୃଷ୍ଟି କରିବା ପାଇଁ ଏବଂ ସହରାଞ୍ଚଳବାସୀମାନଙ୍କୁ ପ୍ରଦାନ କରିବା ତୁରନ୍ତ ସେବାପାଇଁ ଏକ: ପିପିପି (PPP) ମଡେଲ୍‌ର ବ୍ୟବହାର କରାଯାଇଥିଲା ।ଏହି ଚାରୋଟି ବଡ ସହରରେ ଥିବା ୬,୮୨,୩୮୭ ଟି ସଂପତ୍ତି ମଧ୍ୟରୁ, ୧୩ ଶତକଡା ସଂପତ୍ତି କାର୍ଡ ପ୍ରସ୍ତୁତ ହୋଇ ପାରିଛି ଏବଂ ୫ ଶତକଡା ଅନ୍ତିମ ଭାବରେ ପ୍ରସ୍ତୁତ ହୋଇ ପାରିଛି । ଦ୍ୱିତୀୟ ସୋପାନରେ ସହରାଞ୍ଚଳ ସଂପତ୍ତି ମାଲିକାନା ରେକର୍ଡ (ୟୁପିଓଆର) ପ୍ରୋଜେକ୍ଟ ବାଙ୍ଗାଲୋର୍‌କୁ ବିସ୍ତାର କରାଯିବ । | ୨.୧ ଲିଖିତ ଏବଂ ସ୍ଥାନ ଏବଂ ଦିଗ ଭିତ୍ତିକ ସହରାଞ୍ଚଳ ରେକର୍ଡ ରକ୍ଷଣାବେକ୍ଷଣ ଏବଂ ଲଗାତାର ଭାବରେ ସଦ୍ୟ ସଂଶୋଧନ ଉପରେ ଧ୍ୟାନ କେନ୍ଦ୍ରୀଭୂତ କରି ସାଧାରଣ ସ୍ଥାନ ଏବଂ ଦିଗ ଭିତ୍ତିକ ତଥ୍ୟ ମୌଳିକ ସୁବିଧା ସ୍ଥାପନ କରାଯାଉ ଏବଂ ସଂପୂର୍ଣ୍ଣ କରାଯାଉ । ଆଉ ମଧ୍ୟ ବର୍ତ୍ତମାନରେ ଉପଲବ୍ଧ ସୂଚନା ଯଥା ସମ୍ଭବ ବ୍ୟବହାର କରାଯାଉ ।<br>୨.୨ ସହରାଞ୍ଚଳ ସଂପତ୍ତି ମାଲିକାନା ରେକର୍ଡ (UPOR) ଶିକ୍ଷା ପ୍ରାପ୍ତ କରି ଏକ ପ୍ରକ୍ରିୟା ପ୍ରସ୍ତୁତ ଏବଂ କାର୍ଯ୍ୟକାରୀ କରାଯାଉ ଯାହାକି ବର୍ତ୍ତମାନରେ ଉପଲବ୍ଧ ହେଉଥିବା ରେକର୍ଡ ଉପରେ ଆଧାରିତ କରି ଏହା ନିଶ୍ଚିତ କରିବ ଯେ, କର୍ଣ୍ଣାଟକର ସମସ୍ତ ସହରରେ ଜମିର ସମୟ ଅବଧିଜନିତ ସୁରକ୍ଷା କରିପାରିବ ଏବଂ ତା ସହିତ ସ୍ୱଚ୍ଛ ନିୟନ୍ତ୍ରଣକାରୀ ଢାଞ୍ଚା ଉପରେ ଆଧାରିତ କରି ଘରୋଇ ଉଦ୍ୟୋଗ ଅଧିକତର ଭାବରେ ସଂପୃକ୍ତ କରିପାରିବ ।<br>୨.୩ ସହରାଞ୍ଚଳ ଜମି ପରିଚାଳନା ରେକର୍ଡ ରକ୍ଷଣାବେକ୍ଷଣ, କୋଠା ପରମିଟ୍ ଏବଂ ପର୍ଯ୍ୟାଲୋଚନା କିମ୍ବା ନିୟମର ଅନୁପାଳନ କରିବା ପାଇଁ ଏକ ଏକୀକୃତ ପ୍ରଣାଳୀ ପ୍ରସ୍ତୁତ କରାଯାଉ ।<br>୨.୪ ବେଆଇନ୍ ନିର୍ମାଣକୁ ଔପଚାରିକ କରିବା ପାଇଁ ପ୍ରଚଳିତ ଥିବା ଆଇନ୍ ଏବଂ ପ୍ରଣାଳୀର ସମୀକ୍ଷା କରାଯାଉ, ଯୋଜନା ନିୟନ୍ତ୍ରଣର ଅନୁପାଳନ, ବିଲ୍ଡିଂ ବାଇ-ଲ ର ଅନୁପାଳନ ନିଶ୍ଚିତ କରାଯାଉ ଏବଂ ଯେଉଁଠାରେ ସମ୍ଭବ ପୁନଃ ପ୍ରସ୍ତୁତି କରାଯାଉ । | ରାଜସ୍ୱ ବିଭାଗ; ସହରାଞ୍ଚଳ ବିକାଶ ବିଭାଗ; ୟୁଏଲ୍‌ବି (ULBs) |

| ସମସ୍ୟା | ସୁପାରିଶ | ଦାୟିତ୍ୱ |
|---|---|---|
| କୋଠା ନିର୍ମାଣ ନିୟନ୍ତ୍ରଣର ଅନୁପାଳନ ନିଷ୍ଚିତ କରାଯାଉ ନଥିବା ବେଳେ ଅଣ -ସ୍ୱୀକୃତି ପ୍ରାପ୍ତ ନିର୍ମାଣ ନିୟମିତ କରିବାର ସମ୍ଭାବନା ରହିଛି ।(Sect.76-FF of KTCP Act). | | |
| ***୩. ଜମି କିଣାବିକାର କାରବାର ରେଜିଷ୍ଟ୍ରେସନ୍ ତ୍ରୁଟି ଏବଂ ଜାଲିଆତିଯୋଗୁଁ କ୍ଷୁର୍ଣ୍ଣ ହୋଇଛି :***<br>କୃଷି ଜମି ରେକର୍ଡର ଅଖଣ୍ଡତା ଏବଂ ନିର୍ଭୁଲତା ସୁନିଶ୍ଚିତ କରିବା ପାଇଁ ଏକ ସ୍ପଷ୍ଟ ଭାବରେ ବ୍ୟାଖ୍ୟା କରାହୋଇଥିବା ପ୍ରଣାଳୀ ରହିଛି ଯେ, କି, ବିଭିନ୍ନ ପ୍ରକାର ରେଜିଷ୍ଟର୍ (ଭୂମିରେ ଖତିଆନ୍ (ROR) ଏବଂ ତା ସହିତ କାବେରୀରେ (KAVERI) ଜମି ରେଜିଷ୍ଟ୍ରେସନ୍ ମୂଳ ତଥ୍ୟବଳୀ) ସଂଗଠିତ କରୁଛି । ଗ୍ରାମାଞ୍ଚଳରେ ଲିଖିତ ଏବଂ ସ୍ଥାନ ଏବଂ ଦିଗ ଭିତ୍ତିକ ତଥ୍ୟ ମଧ୍ୟରେ ପାର୍ଥକ୍ୟ ସଂଗଠିତ କରିବା ପାଇଁ ଏକ ଲାଇସେନ୍ସ୍ ପ୍ରାପ୍ତ ସର୍ଭେୟରଙ୍କ ଦ୍ୱାରା ଦାଖଲ ଖାରଜ-ପୂର୍ବ ସ୍କେଚ୍ ପ୍ରସ୍ତୁତ କରିବାର ବ୍ୟବସ୍ଥା କରାଯାଇଛି । ଏହି ପ୍ରକାରର ସ୍କେଚ୍ ରେଜିଷ୍ଟ୍ରେସନ୍ କିମ୍ବା ଭୂମିର ଖାତା ଫାଡ୍ (ଏକୀକୃତ ଦଖଲ ଖାରଜ ପୋଡି)  ପାଇଁ ଏକ ବାଧ୍ୟତାମୂଳକ ଆବଶ୍ୟକତା ଅଟେ । କିନ୍ତୁ ଏଭଳି କୌଣସି ପ୍ରଣାଳୀ ସହରାଞ୍ଚଳ ପାଇଁ ବର୍ତ୍ତମାନରେ ପ୍ରଚଳିତ ନାହିଁ ।<br>ଜମିଜମା ରେକର୍ଡ ଏବଂ ରୁଣଭାର ବ୍ୟକ୍ତି ଯାଞ୍ଚ କରିବା ପାଇଁ ଭୂମି କାର୍ଯ୍ୟକ୍ରମକୁ ବ୍ୟାଙ୍କ୍ ଏବଂ ସମବାୟ ସହ ଏକୀକୃତ କରାଯାଇଛି । ଖତିୟାନ୍ (ROR) ରେ ଲାଗୁଥିବା ନିୟନ୍ତ୍ରଣ ଅନ୍ ଲାଇନରେ ମଧ୍ୟ ଦେଖାଯାଇପାରିବ କିନ୍ତୁ ଆଜି ପର୍ଯ୍ୟନ୍ତ ଏ ସୁବିଧା ଘରୋଇ ଆର୍ଥିକ ଅନୁଷ୍ଠାନ କିମ୍ବା କୋର୍ଟକୁ ଦେୟ ତଲବ କରିବାକୁ ହୋଇପାରି ନାହିଁ । କୋର୍ଟରେ ବାକିଥିବା କେସ୍ ଦର୍ଶାଇବା ପାଇଁ ଏହି ଜମିତଥ୍ୟକୁ କୋର୍ଟ ସହ ସଂଯୋଗ କରିବା ପାଇଁ ପଦକ୍ଷେପ ଚାଲୁ ରହିଛି ।<br>ସଂପତ୍ତି ରେକର୍ଡରେ ସଂପତ୍ତି ପାଇଁ ଦାବି କରୁଥିବା ବ୍ୟକ୍ତିମାନଙ୍କ ନାମ ରେକର୍ଡ କରିବା ପାଇଁ ସହରାଞ୍ଚଳ ସଂପତ୍ତି ମାଲିକାନା ରେକର୍ଡ (UPOR) ରେ ବ୍ୟବସ୍ଥା ରହିଛି । | ୩.୧ ଖତିଆନ୍ (ROR), ରେଜିଷ୍ଟ୍ରେସନ୍ ହସ୍ତାନ୍ତର, ନିର୍ଦ୍ଦିଷ୍ଟ ଜମିପାଇଁ ଋଣଭାର ଏବଂ କୃଷିଜମି ପାଇଁ କୋର୍ଟରେ ବାକି ପଡିଥିବା କେସ୍ ଗୁଡିକର ଏକତ୍ରୀକରଣ କରାଯାଉ ଏବଂ ଏହି ପ୍ରକ୍ରିୟା ସହରାଞ୍ଚଳ ସଂପତ୍ତି ମାଲିକାନା ରେକର୍ଡରୁ (UPOR) ବିସ୍ତାରଣ କରି ସହରାଞ୍ଚଳ ଜମିପାଇଁ ମଧ୍ୟ ପ୍ରୟୋଗ କରାଯାଉ ଯେପରିକି ଏହା ରେକର୍ଡର ନକଲ ବନ୍ଦ କରିବ,ଜାଲିଆତି କାର୍ଯ୍ୟ କମ୍ କରିବ ଏବଂ ଏକ ମଜଭୁତ ଜମି ସୂଚନା ପ୍ରଣାଳୀ କ୍ରମ ପ୍ରସ୍ତୁତି କରିବ ।<br>୩.୨ e-ଗଭର୍ଣ୍ଣାନ୍ସ୍ ପାଇଁ ଆଇନ୍‌ଗତ ଏବଂ ଅନୁଷ୍ଠାନଗତ ପରିପେକ୍ଷୀ ବିକଶିତ କରାଯାଉ ଯେପରିକି ସମସ୍ତ ନାଗରିକ ରେଜିଷ୍ଟ୍ରେସନ୍ ପାଇଁ ଦରଖାସ୍ତ କରିବାର ସୁଯୋଗ ପାଇବେ ଏବଂ ୱେବ୍ ଆଧାରିତ ମାଧ୍ୟମରେ କୌଣସି ଆବଶ୍ୟକ କାଗଜପତ୍ର ଅପ୍‌ଲୋଡିଙ୍ଗ୍ କରିପାରିବେ । | ସର୍ଭେ, ସେଟଲ୍‌ମେଣ୍ଟ୍, ଜମିଜମା ରେକର୍ଡ ବିଭାଗ; ଷ୍ଟ୍ ଏବଂ ରେଜିଷ୍ଟ୍ରେସନ୍ ବିଭାଗ ୟୁଏଲ୍‌ବି (ULBs) |
| ***୪. ଉପଯୁକ୍ତ ଗରିବଲୋକଙ୍କୁ ସରକାରୀ ଜମିର ପୁର୍ନବଣ୍ଟନର ପ୍ରଭାବଶୀଳତା ଏବଂ ପ୍ରକୃତ ପକ୍ଷରେ ସେହି ବଣ୍ଟିତ ଜମି ତାଙ୍କ ପାଖରେ କେତେ ପରିମାଣରେ ରହିଛି ତାହା ଜାଣିବାର ପଦ୍ଧତି ମଜଭୁତ କରାଯାଉ :***<br>ଜମିର ଜୋତ (ହୋଲ୍‌ଡିଂ) ଏବଂ ବଣ୍ଟନ କ୍ଷେତ୍ରରେ ସମାନତା ଆଣିବା ପାଇଁ କର୍ଣ୍ଣାଟକ ରାଜ୍ୟର ନୀତି ରହିଛି ।ପ୍ରାନ୍ତିକା ବର୍ଗଙ୍କୁ ଜମି ବଣ୍ଟନ, ସ୍ୱାମୀ ଏବଂ ସ୍ତ୍ରୀ ଉଭୟଙ୍କ ନାମରେ ଯୁଗ୍ମ ଭାବରେ ଜମି ରେଜିଷ୍ଟ୍ରେସନ୍, କିନ୍ତୁ ଏହାର କାର୍ଯ୍ୟକାରିତାରେ ଉନ୍ନତି ଅଣାଯାଇପାରିବ ।<br>ଗରିବ  ଲୋକମାନଙ୍କୁ ଉପଯୁକ୍ତ ସ୍ୱତ୍ୱ ଏବଂ ଯଥେଷ୍ଟ ରେକର୍ଡିଂ କିମ୍ବା ନକ୍ସା ପ୍ରସ୍ତୁତୀ କରଣ ବିନା ସରକାରୀ ଜମି ବଣ୍ଟନ କରାଯାଇଥିଲା ।ଏହା ଗ୍ରାମାଞ୍ଚଳ ବନ୍ଦୋବସ୍ତ ଜମି କିମ୍ବା ଗ୍ରାମଥାନ ଜମି ପାଇଁ ଉପଲବ୍ଧ ନାହିଁ । । ଟିକସ ରସିଦ୍ ହେଉଛି ମାଲିକାନାର ଏକ ମାତ୍ର କାଗଜପତ୍ର ଜନିତ ପ୍ରମାଣ ।<br>ବିଶେଷ ଭାବରେ ଏସ୍‌ଟି ଏସ୍‌ସି (SC/STs) ମାନଙ୍କୁ ଜମର ନିୟନ୍ତ୍ରଣ ପାଇଁ ଅନୁମତିର ଆବଶ୍ୟକ ହେଉଛି ଯାହାକି ଅ ତ୍ୟନ୍ତ ସମୟ ସାପେକ୍ଷ ଏବଂ ଏହିଯୋଗୁଁ ଅନେକ ପ୍ରକାର ଜାଲିଆତି କାର୍ଯ୍ୟ ହେଉଛି । | ୪.୧ ଜମି ବଣ୍ଟନ ନୀତି କାର୍ଯ୍ୟ ଦକ୍ଷତା ଏବଂ ପ୍ରଭାବଶୀଳତା ସମୀକ୍ଷା କରାଯାଉ ଏବଂ ସମାନତା, ପରିବେଶ ଏବଂ ଅଭିବୃଦ୍ଧିର ଚାହିଦା ମଧ୍ୟରେ ସନ୍ତୁଳନ ବଜାୟ ରଖାଯାଉ ।<br>୪.୨ ପୁନଃବଣ୍ଟନ ପାଇଁ ଉପଲବ୍ଧ ଜମି ଚିହ୍ନଟ କରାଯାଉ ଏବଂ ତା ସହିତ ଜମିହୀନ କିମ୍ବା ଗୃହହୀନ ବ୍ୟକ୍ତି ଚିହ୍ନଟ କରାଯାଉ ଯେ କି ଏହି ଜମି ପୁନଃବଣ୍ଟନରୁ ଲାଭ ପ୍ରାପ୍ତ କରିପାରିବେ ।<br>୪.୩ ଜମିହୀନ କିମ୍ବା ଗୃହହୀନ ବ୍ୟକ୍ତି ମାନଙ୍କ ମଧ୍ୟରେ ଜମି ପୁନଃବଣ୍ଟନ ଅଧିକ ସଂଗଠିତ ଭାବରେ କରାଯାଉ ଏବଂ ତା ସହିତ ସରକାରୀ ଜମିର ବେଆଇନ୍ ଦଖଲକୁ ବନ୍ଦ କରାଯାଉ ।<br>୪.୪ ଉପଯୁକ୍ତ ପ୍ରାନ୍ତୀୟ ବର୍ଗଙ୍କୁ ପୁର୍ନବଣ୍ଟନ କରାଯାଉଥିବା ଜମିର ବ୍ୟବହାର ଏବଂ ସଫଳତାର ସହିତ ନିଜ ଅଧିନରେ ରଖିବା ପାଇଁ ଆବଶ୍ୟକ ପଦକ୍ଷେପ ବିକଶିତ କରାଯାଉ ।<br>୪.୫ ଜମି ଗ୍ରାଣ୍ଟ୍ ବଣ୍ଟନର ସର୍ତ୍ତାବଳୀଗୁଡିକ ଅନୁପାଳନର ପର୍ଯ୍ୟାଲୋଚନା ଏବଂ ରେକର୍ଡିଂ ସଂଗଠିତ ଭାବରେ କରାଯାଉ ।ଜମି ବଣ୍ଟନ ବେଳେ ସ୍ଥିରୀକୃତ ଉଦ୍ଦେଶ୍ୟରେ ବ୍ୟବହାର ହେଉ ନଥିଲେ ଜମି ବ୍ୟାଜ୍ୟାପ୍ତି କରାଯାଉ ।<br>୪.୬ ଦଳିତ, ଆଦିବାସୀ ମାନଙ୍କୁ ବଣ୍ଟନ କରାଯାଉଥିବା ଜମିରୁ ସେମାନଙ୍କୁ ବଞ୍ଚିତ କରିବାର ଅଧିକାର ଉପରେ ଥିବା ନିୟନ୍ତ୍ରଣ ସମୀକ୍ଷା କରାଯାଉ । | ରାଜସ୍ୱ ବିଭାଗ |
| ***୫. ମହିଳା ମାନଙ୍କର ଜମି ପ୍ରାପ୍ତ ଅଧିକାର ବୃଦ୍ଧି କରିବା ପାଇଁ ଉପଲବ୍ଧ ଆଇନ୍‌ଗତ ପ୍ରଶାସନିକ ସୁଯୋଗ ଯଥେଷ୍ଟ ଭାବରେ ଉପଯୋଗ କରାଯାଇନାହିଁ :***<br>୧୯୯୭ ରେ ଜେଏଫ୍‌ପିଏମ୍ (JFPM) କାର୍ଯ୍ୟକ୍ରମରେ କରାଯାଇଥିବା ସଂଶୋଧନ ଅନୁଯାୟୀ ଗ୍ରାମ ଜଙ୍ଗଲ କମିଟିରେ ସ୍ୱାମୀ/ସ୍ତ୍ରୀଙ୍କୁ ସହ ସଦସ୍ୟ ପ୍ରଦାନ କରି ଲିଙ୍ଗ କ୍ଷେତ୍ରରେ ସମାନତା ଲାଗୁ କରିବାର ପ୍ରଚେଷ୍ଟା କରିଛି । | ୫.୧ ମହିଳାମାନଙ୍କର ଜମି ପ୍ରାପ୍ତ କରିବାର ସୁଯୋଗ ବୃଦ୍ଧି କରିବା ପାଇଁ ବର୍ତ୍ତମାନ ପ୍ରଚଳିତ ନୀତିଗୁଡିକର ପ୍ରଭାବଶୀଳତା ସମୀକ୍ଷା କରାଯାଉ ଏବଂ ସେଗୁଡିକର ଆବଶ୍ୟକୀୟ ସଂଶୋଧନ କରିବାର ଉପାୟ ବାହାର କରାଯାଉ ।<br>୫.୨ ମହିଳାମାନଙ୍କର ଜମି ଅଧିକାର ସଂପର୍କରେ ହେଉଥିବା ପ୍ରଗତି ଉପରେ ନଜର ରଖିବା ପାଇଁ ଏକ "ଲିଙ୍ଗ" ପରିମାପକୁ ଆନୟନ/ପ୍ରବର୍ତ୍ତନ କରାଯାଉ ।<br>୫.୩ ୟୁପିଓଆର (UPOR) ମହିଳା ସଂପତ୍ତି ମାଲିକାନାକୁ ଏକ ଅଲଗା ବର୍ଗର ହିସାବରେ ନିଶ୍ଚିତ କରାଯାଉ । | ରେଭେନ୍ୟୁ ବିଭାଗ |

| ସମସ୍ୟା | ସୁପାରିଶ | ଦାୟିତ୍ୱ |
| --- | --- | --- |
| ***୬. ଜଙ୍ଗଲ ଭୂମି ବିଷୟରେ ଅନୁଷ୍ଠାନଗତ ଦାୟିତ୍ୱର ଅସ୍ପଷ୍ଟତା ହେତୁ ମାଲିକାନା ପ୍ରଦାନ କରିବାରେ ପ୍ରତିବନ୍ଧକ ସୃଷ୍ଟି କରୁଛି ।***<br>ଜଙ୍ଗଲର ଆଇନଗତ ଚିହ୍ନଟ ଉପରେ ସ୍ପଷ୍ଟତାର ଅଭାବ ରହିଛି । ସର୍ବ ସାଧାରଣ ଜମି ଉପଯୁକ୍ତ ଭାବରେ ଚିହ୍ନଟ କରାଯାଇନାହିଁ ଏବଂ ସେଗୁଡିକର ସୁରକ୍ଷା ପାଇଁ ଦାୟିତ୍ୱ ସ୍ପଷ୍ଟ ଭାବରେ ନ୍ୟସ୍ତ କରାଯାଇନାହିଁ (ଜଙ୍ଗଲ ନିୟମ କିମ୍ବା ରାଜସ୍ୱ ନିୟମ) । ପ୍ରକୃତ ପକ୍ଷରେ ଉପଲବ୍ଧ ଜମି ଏବଂ ଜମି ରେକର୍ଡର ସମାନତା ନାହିଁ । ଅଣ ଜଙ୍ଗଲ ସାଧାରଣ ସଂପଦ ଏବଂ ମାଛ ପୋଖରୀ ଉପରେ ଗୋଷ୍ଠୀଗତ ଅଧିକାର ଆଇନ୍ ଦୃଷ୍ଟି କୋଣରୁ ହେଉ କିମ୍ବା ପ୍ରକୃତ ପକ୍ଷରେ ହେଉ, ସ୍ପଷ୍ଟ ଭାବରେ ବ୍ୟାଖ୍ୟା କରାଯାଇନାହିଁ ।<br>ଅଧିକାଂଶ ସର୍ବସାଧାରଣ ବେଆଇନ୍ ଭାବରେ ଦଖଲ ହୋଇଛି, ଯାହାକି ବେଳେ ବେଳେ ନିୟମିତିକରଣ ମଧ୍ୟ କରାଯାଇଛି । ସ୍ଥାୟୀ ଗୋଚର ଭୂମିର ସବୁଠାରୁ କ୍ଷତି ହୋଇଛି ଯାହାକି ଜଙ୍ଗଲ ସଂରକ୍ଷଣ ଅଧିନିୟମ ୧୯୮୦ ଦ୍ୱାରା ସୁରକ୍ଷିତ କରାଯାଇନାହିଁ ।<br>ଜଙ୍ଗଲ ଅଧିକାର ଅଧିନିୟମ, ୨୦୦୬ ର କାର୍ଯ୍ୟକାରିତା ଉପରେ ପ୍ରସ୍ତୁତ ହୋଇଥିବା ୨୦୧୩ ର ଷ୍ଟାଟସ୍ ରିପୋର୍ଟରୁ ଏହା ଜଣା ପଡିଛି ଯେ, ସମୁଦାୟ ଦରଖାସ୍ତର ମାତ୍ର ୨ ଶତକଡା ହେଉଛି ଗୋଷ୍ଠିଗତ ଅଧିକାର ପାଇଁ ଦରଖାସ୍ତ (ତାହା ହେଉଛି ୩୦୮୦ ଗୋଷ୍ଠୀଗତ ଦାବି ହୋଇଥିବା ବେଳେ ୧,୬୫,୬୩୮ ହେଉଛି ବ୍ୟକ୍ତିଗତ ଦାବି) ଏବଂ ଜଙ୍ଗଲ ଅଧିକାର ଆଇନ (FRA.) ଅନ୍ତର୍ଗତ କେବଳ ୯୦ ଏଭଳି ସ୍ୱତ୍ୱ ବଣ୍ଟନ କରାଯାଇଛି । ଯୁଗ୍ମ ଜଙ୍ଗଲ ଯୋଜନା ଏବଂ ପରିଚାଳନା (JFPM) ୫,୨୦୦ ଟି ଗ୍ରାମ୍ୟ ଜଙ୍ଗଲ କମିଟି (VFC) ସ୍ଥାପନ କରିଛି ଯାହାକି ପ୍ରାୟ ୩,୪୦,୦୦୦ ହେକ୍ଟର ନଷ୍ଟ ହୋଇଥିବା ଜଙ୍ଗଲକୁ ନେଇ ଗଠିତ । କିନ୍ତୁ ଏହି ଯୁଗ୍ମ ଜଙ୍ଗଲ ଯୋଜନା ଏବଂ ପରିଚାଳନା (JFPM) ବୃହତ୍ତର ଚାନ୍ଦୁଆ ଆବରଣରେ ଥିବା ଜଙ୍ଗଲ, ମାପ କରାଯାଇଥିବା ସନ୍ତସନ୍ତିଆ ପାଣି ଜମି ଏବଂ ରାଜସ୍ୱ ବିଭାଗ ନିୟନ୍ତ୍ରଣରେ ଥିବା ଅନ୍ୟ ଜଙ୍ଗଲ ଭୂମି ଏବଂ "ବ୍ୟକ୍ତିଗତ ପ୍ରବେଶ" ପ୍ରଣାଳୀ ଅନ୍ତର୍ଗତ ଜଙ୍ଗଲ ଭୂମି ଅନ୍ତର୍ଗତ କରେ ନାହିଁ । | ୬.୧ ବିସ୍ତାରିତ ଭାବରେ ଜଙ୍ଗଲ, ସାଧାରଣ ଭୂମି, ଗୋଚର, ଏବଂ ଅଣ ଜଙ୍ଗଲ ସାଧାରଣ ସଂପଦ ଚିହ୍ନଟ କରାଯାଉ, ପୁନଃ ଶ୍ରେଣୀଭୁକ୍ତ କରାଯାଉ, ସର୍ଭେ କରାଯାଉ,, ଏବଂ ସୀମା ନିର୍ଦ୍ଧାରଣ କରାଯାଉ ।<br>୬.୨ ଜଙ୍ଗଲ ଏବଂ ଅଣ ଜଙ୍ଗଲ ସାଧାରଣ ଭୂମି ପାଇଁ ସେହି ସ୍ଥାନୀୟ ଲୋକ ଏବଂ ବାହାର ଲୋକମାନଙ୍କର ଅଧିକାର ଚିହ୍ନଟ କରାଯାଉ ଏବଂ ସଂହିତା ବଦ୍ଧ କରାଯାଉ : ଗୌଣ ଖଣିଜ ସଂପଦ, ଏବଂ ବାଲି ଉତ୍ତୋଳନ କରିବାର ଅଧିକାର ସ୍ପଷ୍ଟ କରାଯାଉ ।<br>୬.୩ ସୁରକ୍ଷା, ପରିଚାଳନା ଏବଂ ବ୍ୟବହାର ପାଇଁ ପ୍ରସ୍ତୁତ ନୀତିରେ ସ୍ପଷ୍ଟତା ଅଣାଯାଉ । ଜଙ୍ଗଲ ଏବଂ ସିପିଆର (CPR) ଜମି ପରିଚାଳନାରେ ସଂପୃକ୍ତ ହେଉଥିବା ଦାୟିତ୍ୱ ଏବଂ କାର୍ଯ୍ୟପ୍ରବାହ ବ୍ୟାଖ୍ୟା କରାଯାଉ ଏବଂ ମାଲିକାନା ଅଧିକାର ନ୍ୟସ୍ତ କରିବା, ଜଙ୍ଗଲ ଏବଂ ରାଜସ୍ୱ ବିଭାଗ ଭିତରେ କୌଣସି ବିଷୟକୁ ନେଇ ଦାୟିତ୍ୱ ବଣ୍ଟନ ଉପରେ କୌଣସି ଦ୍ୱନ୍ଦ୍ୱ କିମ୍ବା ବିବାଦ ଥିଲେ ତାହା ସ୍ପଷ୍ଟୀକରଣ କରାଯାଉ ଏବଂ ଯେଉଁଠାରେ ସମ୍ଭବ ତାହା ପୁନଃ ପ୍ରସ୍ତୁତି କରାଯାଉ; ଜଙ୍ଗଲ ବିଭାଗ ଏବଂ ରାଜସ୍ୱ ବିଭାଗ ମଧ୍ୟରେ ରେକର୍ଡ ରକ୍ଷଣାବେକ୍ଷଣର ତାଳମେଳ ସଂଗଠିତ କରାଯାଉ ।<br>୬.୪ ଯୁଗ୍ମ ଜଙ୍ଗଲ ଯୋଜନା ଓ ପରିଚାଳନା (JFPM) କାର୍ଯ୍ୟକ୍ରମର ଆବରଣ ବିସ୍ତାରଣ କରାଯାଉ । କମ୍ ସଂଖ୍ୟକ ଅନୁମୋଦିତ ଗୋଷ୍ଠିଗତ ଦାବୀ ସମୀକ୍ଷା କରାଯାଉ ଏବଂ ଜଙ୍ଗଲ ଅଧିକାର ଅଧିନିୟମ, ୨୦୦୬ ଅନ୍ତର୍ଗତ ଗୋଷ୍ଠିଗତ ଅଧିକାରକୁ ଔପଚାରିକ କରିବା ପାଇଁ ସଚେତନତା ବୃଦ୍ଧି କରାଯାଉ । | ଜଙ୍ଗଲ ବିଭାଗ; ପଞ୍ଚାୟତରାଜ ବିଭାଗ; ଗ୍ରାମଥାନ ଜମି ବିଭାଗ |
| ***୭. ସହରାଞ୍ଚଳର ବିସ୍ତାରଣ ଯୋଜନାବଦ୍ଧ ଭାବରେ ହୋଇନାହିଁ ଏବଂ ପ୍ରତିକ୍ରିୟାଶୀଳ; ଅଣ ଔପଚାରିକ ଭାବରେ ରୟତିସ୍ୱତ୍ୱରର ନିୟମିତକରଣ ସମାନତା ଆଣିବାରେ ସାହାଯ୍ୟ କରିପାରେ କିନ୍ତୁ ଏହା ଯୋଜନାକୁ ଦୁର୍ବଳ କରିଦିଏ ଏବଂ ବେଆଇନ୍ ଦଖଲକୁ ପ୍ରୋତ୍ସାହିତ କରେ :***<br>ଯଦିଓ ଯୋଜନାକଳ ରହିଛି, ଏହାର ନିର୍ଦ୍ଧାରଣରେ ବ୍ୟତିକ୍ରମ କରାଯାଉଛି ଏବଂ ଆଇନଗତ ଭାବରେ ଅନୁପାଳନ କରିବା କଷ୍ଟକର ହୋଇପଡୁଛି ।ଛୋଟ ଛୋଟ ସହରରେ ଗୁଡିକରେ କୌଣସି ପ୍ରକାର ଜମି ବ୍ୟବହାର ଯୋଜନା ନାହିଁ । ଅଠଚାଳିଶଟି ବଡ ନଗରୀରେ ୧୯୭୦ ମସିହା ରେ ସହର ସର୍ଭେ ପ୍ଲାନ୍ ପ୍ରସ୍ତୁତ କରାଯାଇଥିଲା ଏବଂ ଏହା ଭୌଗୋଳିକ-ସୂଚନା ଆଧାରିତ ନୁହେଁ ।<br>ରାଷ୍ଟ୍ରୀୟ ସ୍ତରର ଯୋଜନା ଯେପରିକି ରାଜୀବ ଆୱାସ ଯୋଜନା (RAY) ଝୁଂପୁଡି ଅଧିବାସୀ ମାନଙ୍କୁ ସ୍ୱତ୍ତ୍ୱ ସୁରକ୍ଷା ନିର୍ଦ୍ଦିଷ୍ଟତା ପ୍ରଦାନ କରିବା ପାଇଁ ନିର୍ଦ୍ଦେଶାବଳୀ ସ୍ଥିର କରିଛି କିନ୍ତୁ ସହରାଞ୍ଚଳ ସ୍ଥାନୀୟ କର୍ତ୍ତୃପକ୍ଷ (ULB) ଦ୍ୱାରା ଏହା କାର୍ଯ୍ୟକାରୀ କରିବା ଅତ୍ୟନ୍ତ ଦୁର୍ବଳ ଅଟେ । ଅଧିକୃତ କରିବାର ସମୟ ଅବଧି ଏବଂ ବନ୍ଦୋବସ୍ତ ଆକାର ଉପରେ ଆଧାରିତ କରି ବିଜ୍ଞପ୍ତି ନିର୍ଗମ କରିବାର ପ୍ରଣାଳୀ ସ୍ପଷ୍ଟ ଭାବରେ ବ୍ୟାଖ୍ୟା କରାଯାଇନାହିଁ, ଏଣୁ, ଅସ୍ଥାୟୀ ଏବଂ ରାଜନୀତିକ ଭାବରେ ସହଜରେ ପ୍ରଭାବିତ କରାଯାଇପାରିବ ।<br>ପ୍ରକୃତ ଜମିହୀନ ବ୍ୟକ୍ତି ପାଇଁ, ସରକାରୀ ଜମିରେ ଅଣ ଔପଚାରକ ସହରାଞ୍ଚଳ ସେଟଲ୍‌ମେଣ୍ଟଗୁଡିକ ୧୯୭୦, ୧୯୯୭, ଏବଂ ୧୯୯୯ ରେ ନିୟମିତକରଣ କରାଯାଇଥିଲା । ସେଭଳି ସଂଶୋଧନ ଆଉମଧ୍ୟ ଚିନ୍ତା କରାଯାଇଥିଲା କିନ୍ତୁ ଏହା ବଳ ପୂର୍ବକ ଜମି ଅକ୍ତିଆର କରିବା ପାଇଁ ଅପବ୍ୟବହାର କରିବାର ଶଙ୍କା ରହିଛି, ଆଉମଧ୍ୟ ସେଟେଲ୍‌ମେଣ୍ଟ୍ ପରେ ହିଁ ନିୟମିତକରଣ କରିବା ସହରାଞ୍ଚଳ ଯୋଜନାର ଗୁରୁତ୍ୱକୁ କମ୍ କରିଦିଏ । | ୭.୧ ପାରାଷ୍ଟେଟ୍ ଯୋଜନା କର୍ତ୍ତୃପକ୍ଷଙ୍କର ବର୍ତ୍ତମାନ ପ୍ରଚଳିତ ସହରାଞ୍ଚଳ ଯୋଜନା କାର୍ଯ୍ୟ ଅଭ୍ୟାସ ସମୀକ୍ଷା କରାଯାଉ ଏବଂ ନିର୍ବାଚିତ ସ୍ଥାନୀୟ ସରକାରଙ୍କର ସଂପୃକ୍ତତା ବୃଦ୍ଧି କରାଯାଉ ଏବଂ ସହରାଞ୍ଚଳ ଯୋଜନା କାର୍ଯ୍ୟକାରିତା ତ୍ୱରାନ୍ୱିତ ଏବଂ କାର୍ଯ୍ୟକାରୀ କରାଯାଉ ।<br>୭.୨ ଦକ୍ଷତା କମ୍ ଥିବା ସମସ୍ୟା ସମାଧାନ ପାଇଁ ସହରାଞ୍ଚଳ ଯୋଜନା ସହରାଞ୍ଚଳ ବିକାଶ ଏବଂ ଡିଜାଇନ୍ କୌଶଳ ପାଇଁ ଆବଶ୍ୟକୀୟ ସମ୍ବଳ ସମୀକ୍ଷା କରାଯାଉ ଏବଂ ଉପଯୁକ୍ତ ଭାବରେ ଅଟକଳ କରାଯାଉ ।<br>୭.୩ ସହରାଞ୍ଚଳ ଯୋଜନା ଏବଂ ପ୍ରଭୃତିରେ ସଂପୃକ୍ତ ଥିବା ସମସ୍ତ ସରକାରୀ ଏବଂ ସେବା ପ୍ରଦାନ ପାରାଷ୍ଟେଟ୍ ସଂସ୍ଥା ପାଇଁ ସାଧାରଣ ବିଚାର ପରିସର ଏବଂ ଭୌଗୋଳିକ ପରିସର ସ୍ଥାପନ କରାଯାଉ ଏବଂ ସେମାନଙ୍କ ମଧ୍ୟରେ ସହଯୋଗ ଉନ୍ନତି କରାଯାଉ ।<br>୭.୪ ଜମି ବ୍ୟବହାରରେ ପରିବର୍ତ୍ତନ କିମ୍ବା ଜମି ପରିବର୍ତ୍ତନ ପାଇଁ ଅନୁମତିର ନିୟମ ଶୈଳୀକୃତ କରାଯାଉ ଏବଂ ଏଭଳି ପରିବର୍ତ୍ତନକୁ ଔପଚାରିକ କରିବା ପାଇଁ ସରକାରୀ କର୍ମଚାରୀଙ୍କର ବିବେକାନୁମୋଦିତ ଅଧିକାର କମ୍ କରାଯାଉ ।<br>୭.୫ ଜମି ବ୍ୟବହାର ଉପରେ ଥିବା ନିୟନ୍ତ୍ରଣର ଆଇନଗତ ଅନୁପାଳନ ପାଇଁ ନିୟମିତ ଏବଂ ପ୍ରଭାବଶୀଳ ଭାବରେ ପର୍ଯ୍ୟବେକ୍ଷଣ କରିବାକୁ ମୂଳ ତଥ୍ୟାବଳୀ ପ୍ରସ୍ତୁତ କରାଯାଉ ଏବଂ ଗ୍ରୀନ୍‌ବେଲ୍ଟ୍‌କୁ ସୁରକ୍ଷା ଦିଅାଯାଉ ।<br>୭.୬ ଅଳ୍ପ ଖର୍ଚ୍ଚ ବିଶିଷ୍ଟ ସ୍ୱତ୍ତ୍ୱବିଶିଷ୍ଟ ଘରଗୁଡିକର ପଦ୍ଧତିଗତ ନିର୍ଦ୍ଧାରଣ କରାଯାଉ ଏବଂ ଗୃହ ଯୋଗାଣ ପାଇଁ ସମ୍ଭବ ହୋଇପାରୁଥିବା ଏକ ଯୋଜନା ବିକଶିତ କରାଯାଉ । | ସହରାଞ୍ଚଳ ବିକାଶ ବିଭାଗ; ସହରାଞ୍ଚଳ ବିକାଶ କର୍ତ୍ତୃପକ୍ଷ; ବାଙ୍ଗାଲୋର୍ ମେଟ୍ରୋପଲିଟାନ୍ ଆଞ୍ଚଳିକ ବିକାଶ କର୍ତ୍ତୃପକ୍ଷ; ୟୁଏଲ୍‌ବି (ULBs) |

| ସମସ୍ୟା | ସୁପାରିଶ | ଦାୟିତ୍ୱ |
|---|---|---|
| କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟ (ରିଟ୍ ପିଟିସନ୍ ନମ୍ବର ୧୨୨୭୮/୨୦୦୭) ମାଧ୍ୟମରେ ବେନିୟମ ସଂପତ୍ତିର ରେଜିଷ୍ଟ୍ରେସନ୍ କରିବା ପାଇଁ ଆବେଦନ ଦେଇଛନ୍ତି ଏବଂ ସାର୍ବଜନୀନ ସରକାରୀ ଜମିର ଏକୀକୃତ ଭାବରେ ଚିହ୍ନଟ କରିବା ପାଇଁ e-SWATHU ର ବ୍ୟବହାର କରିବା ପାଇଁ ମଧ୍ୟ ଆଦେଶ ଦେଇଛନ୍ତି । | ୭.୭ ବେଆଇନ୍ ଭାବରେ ନିର୍ମାଣ କରାଯାଇଥିବା ଘର ନିୟମିତକରଣ କରିବା ପାଇଁ ପଲିସିର ପୁନଃ ଅବଲୋକନ କରାଯାଉ ଏବଂ ସହର ବିକାଶ ପାଇଁ e-SWATHU ବ୍ୟବହାର କରାଯାଉ ଏବଂ ଆବଶ୍ୟକ ସ୍ଥଳେ ପୁନଃ ପ୍ରସ୍ତୁତି କରାଯାଉ । | |
| ***୮. ସାର୍ବଜନୀନ ସରକାରୀ ଜମିର ସଫଳତାର ସହିତ ସୁରକ୍ଷିତ କରାଯାଇନାହିଁ କିମ୍ବା ପରିଚାଳନା କରାଯାଇନାହିଁ ଏବଂ ଜମି ବ୍ୟବହାର ଯୋଜନା ଅତି ଦୁର୍ବଳ; ସାର୍ବଜନୀନ ସରକାରୀ ଜମି ଘରୋଇ ନିବେଶୀ ମାନଙ୍କୁ ହସ୍ତାନ୍ତର କରିବା ସବୁବେଳେ ଅଭିବୃଦ୍ଧି ସୁନିଶ୍ଚିତ କରେ ନାହିଁ ଏବଂ ଅସମାନତା ଏବଂ କଳହର କାରଣ ହୋଇଥାଏ :***<br><br>ରେକର୍ଡରୁ ଜଣା ପଡିଛି ଯେ, ସମୁଦାୟ ଏରିଆର ୨୩ ଶତକଡା ହେଉଛି ସାର୍ବଜନୀନ ସରକାରୀ ଜମି (୧୧୫ ଲକ୍ଷ ଏକର), ଯେଉଁଥିରୁ ୪,୧୧,୦୪୨୫ ଏକର (ସମୁଦାୟ ଜମିର ୩.୫ ଶତକଡା) ସର୍ବସାଧାରଣ ଜମି ହିସାବରେ ବ୍ୟବହାର କରାଯାଉଛି । ଜମି ବ୍ୟବହାରରେ ପରିବର୍ତ୍ତନ ରେକର୍ଡ କରିବାରେ ବିଫଳ ହେଲେ, ଏବେ ରେକର୍ଡ ସଦ୍ୟ ସଂଶୋଧନ କରି ନ ପାରିଲେ, ପ୍ରକୃତ ପକ୍ଷରେ ପରିସ୍ଥିତି କଣ ତାହା ପ୍ରତିଫଳନ କରିବା ସମ୍ଭବ ହୋଇପାରେ ନାହିଁ ।<br><br>ଅଟକଳ ଅନୁଯାୟୀ ପ୍ରାୟ ୧୦ ଶତକଡା ବେଆଇନ୍ ଦଖଲରେ ଅଛି । ଉପଯୁକ୍ତ ରେକର୍ଡ ଏବଂ ସ୍ପଷ୍ଟ ନୀତି ବିନା ଏହି ଜମି ପୁନଃ ପ୍ରାପ୍ତ କରିବା ଅତ୍ୟନ୍ତ କଷ୍ଟକର ହୋଇଥିବା ଯୋଗୁଁ କୋର୍ଟ କେସ୍ ବଢି ବଢି ଚାଲିଛି, (ଯେଥିରୁ ୧,୩୦୨,୨୪୧ ଏକର ବେନିୟମ ଅକ୍ତିଆର ହିସାବରେ ଚିହ୍ନଟ କରାଯାଇଛି, ୮ ଶତକଡା ୨୦୧୪ ସୁଦ୍ଧା ପୁନଃ ପ୍ରାପ୍ତି କରାଯାଇଛି ଏବଂ ୫୭ ଶତକଡା କୋର୍ଟରେ ବିଚାରାଧିନ ଅଛି), ।<br><br>ଗ୍ରାମାଞ୍ଚଳ ଜମି ବ୍ୟବହାର ଯୋଜନା ପ୍ରାୟ ନାହିଁ କହିଲେ ଚଳେ ଏବଂ ଗ୍ରାମାଞ୍ଚଳରେ କର୍ଣ୍ଣାଟକ ସହର ଏବଂ ପଲ୍ଲୀ ଯୋଜନା ଅଧିନିୟମ କାର୍ଯ୍ୟକାରୀ କରିବା ପାଇଁ ଅନୁଷ୍ଠାନଗତ ଦକ୍ଷତା ମଧ୍ୟ ନାହିଁ । ଗୃହ ନିର୍ମାଣ ଏବଂ ବ୍ୟବସାୟିକ ଉଦ୍ଦେଶ୍ୟରେ ସର୍ବସାଧାରଣ ଜମିର ସ୍ୱତ୍ତ୍ୱ ପରିବର୍ତ୍ତନ ଅସ୍ଥାୟୀ ଅଟେ ଏବଂ ବିଭିନ୍ନ ଶିଳ୍ପ ପାଇଁ ଜମିର ଆବଶ୍ୟକତା ନିର୍ଦ୍ଦିଷ୍ଟ ପରିମାପ ଉପରେ ଆଧାରିତ ନୁହେଁ । ଗ୍ରାମାଞ୍ଚଳ ଜମି ବ୍ୟବହାର ଏବଂ ତାର ସ୍ୱତ୍ତ୍ୱ ପରିବର୍ତ୍ତନ ଉପରେ ଯଥାର୍ଥ ନିୟନ୍ତ୍ରଣ ଆଇନ୍‌ଗତ ଭାବରେ ଅନୁପାଳନ ଅତ୍ୟନ୍ତ ଭାବେ ଦୁର୍ବଳ କରାଯାଇଛି ଏବଂ ଅନୁପାଳନର ପର୍ଯ୍ୟାଲୋଚନା ପ୍ରକ୍ରିୟା, ଜମି ବ୍ୟବହାର ପରିବର୍ତ୍ତନ ଉପରେ ଲାଗୁ କରାଯାଇଥିବା ସର୍ତ୍ତାବଳୀ ଅନୁପାଳନ କରିବା ଏବଂ ଅନ୍ୟ ନିୟମ ନିୟନ୍ତ୍ରଣ କାର୍ଯ୍ୟକାରୀ କରିବା ପାଇଁ ଉପଯୁକ୍ତ ମାଧ୍ୟମର ଅଭାବ ରହିଛି ।<br><br>ନିବେଶୀମାନଙ୍କ ପାଇଁ, କର୍ଣ୍ଣାଟକ ଉଦ୍ୟୋଗ ମିତ୍ର, "ଏକମାତ୍ର ସଂପର୍କ ବିନ୍ଦୁ" ହିସାବରେ ସ୍ଥାପନ କରାଯାଇଛି । ନିବେଶ ପାଇଁ ସାର୍ବଜନୀନ ସରକାରୀ ଜମିର ବ୍ୟବହାର ବିବାଦାସ୍ପଦ ହୋଇପଡୁଛି କାରଣ ବେଳେବେଳେ ପ୍ରଚଳିତ ନିୟମର ଅବମାନନା କରି ଜମି ବଣ୍ଟନ କରାଯାଉଛି ଏବଂ ବ୍ୟବହାର ଉପରେ ଲାଗୁ କରାଯାଇଥିବା ସର୍ତ୍ତାବଳୀ ଅବମାନନା କରି ସେଗୁଡିକ ବିକ୍ରୟ ମଧ୍ୟ କରାହେଉଛି ଏବଂ ଏଭଳି ଜମି ପର୍ଯ୍ୟବେକ୍ଷଣ କରିବା ଏବଂ ନିୟମର ଅନୁପାଳନ କରାଇବା ପାଇଁ ସରକାରଙ୍କର କ୍ଷମତା ନାହିଁ । | ୮.୧ ସର୍ବଜନୀନ ସରକାରୀ ଜମି ଚିହ୍ନଟ ସର୍ଭେ ଏବଂ ରେକର୍ଡ ପ୍ରସ୍ତୁତ କରାଯାଉ । ବିଭିନ୍ନ ରାଜ୍ୟ କିମ୍ବା କେନ୍ଦ୍ର ସରକାର ବିଭାଗ କିମ୍ବା ସରକାରୀ ଉଦ୍ୟୋଗ କର୍ପୋରେସନ୍‌ର ଅଧିନରେ ଥିବା ଜମି ପାଇଁ ଏକ ଏକୀକୃତ ସିଷ୍ଟମ୍ ସ୍ଥାପନ କରାଯାଉ ଏବଂ ସର୍ବ ସାଧାରଣ ଦ୍ୱାରା ଏ ସଂପର୍କରେ ସୂଚନା ସହଜରେ ପ୍ରାପ୍ତ ହେବାପାଇଁ ଏକ ୱେବ୍ ପୋର୍ଟାଲ୍ ସୃଷ୍ଟି କରାଯାଉ ।<br><br>୮.୨ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ ପାଇଁ ବିସ୍ତାରିତ ରାଜ୍ୟ ଜମି ବ୍ୟବହାର ଏବଂ ଅଞ୍ଚଳ ନୀତି ବିକଶିତ କରାଯାଉ । ଗରିବ ଲୋକମାନଙ୍କ ପାଇଁ ଏବଂ ଶିଳ୍ପ ପାଇଁ ବଣ୍ଟନ କରିବା ଉଦ୍ଦେଶ୍ୟରେ ଜମିର ଉପଲବ୍ଧତା ଚିହ୍ନଟ କରାଯାଉ । ସମସ୍ତ କୃଷିଜମି ପାଇଁ ଭୌଗୋଳିକ କୋର୍ଡିନେଟ୍ ଦର୍ଶାଉଥିବା ସହିତ ସ୍ଥାନ ଏବଂ ଦିଗ ଭିତ୍ତିକ ତଥ୍ୟର ଏକ ଡିଜିଟାଲ୍ ପ୍ରସ୍ତୁତି ସୃଷ୍ଟି କରାଯାଉ ଯେପରିକି ଜମି ପାର୍ସଲ୍‌ଗୁଡିକ ଚିହ୍ନଟ କରାଯାଇପାରିବ ଏବଂ ଏହାର ଅବସ୍ଥାନ ସାର୍ଟେଲାଇଟ୍ ଇମେଜ୍ ଭାବରେ ଏବଂ ଭୌତିକ ଭାବରେ ଜାଣିହେବ ଏବଂ ସେ ଅନୁସାରେ ଜମି ବ୍ୟବହାରରେ ପରିବର୍ତ୍ତନରେ ନଜର ରଖାଯାଇପାରିବ ।<br><br>୮.୩ ସାର୍ବଜନୀନ ଜମି ପରିଚାଳନା ଏବଂ ସେଗୁଡିକର ହସ୍ତାନ୍ତର ପାଇଁ ଏକ ସ୍ପଷ୍ଟ ନୀତି ପ୍ରସ୍ତୁତ କରାଯାଉ, କର୍ଣ୍ଣାଟକ ସର୍ବସାଧାରଣ ଜମି କର୍ପୋରେସନ୍ ଅଧିନିୟମକୁ ମଜଭୁତ କରନ୍ତୁ ଏବଂ ଅବଶିଷ୍ଟ ସର୍ବଜନୀନ ସରକାରୀ ଜମିର ରକ୍ଷଣାବେକ୍ଷଣ କରାଯାଉ ଏବଂ ସରକାରୀ ଜମିର ସର୍ବଜନୀନ ଭବିଷ୍ୟତ ଆବଶ୍ୟକତା ଏବଂ ପରିବେଶ ଏବଂ ସାଧାରଣ ଜମି ସଂପଦର ଆର୍ଥିକ ଗୁରୁତ୍ୱ ଦୃଷ୍ଟିକୋଣରୁ କାର୍ଯ୍ୟକାରୀ ଏବଂ ପର୍ଯ୍ୟାଲୋଚନା କରିବା ପାଇଁ ଦାୟିତ୍ୱ ନ୍ୟସ୍ତ କରାଯାଉ ।<br><br>୮.୪ ସରକାରୀ ଜମି ହସ୍ତାନ୍ତର ଏବଂ ଅନ୍ୟ ପ୍ରକାର ଉପଯୋଗ ପାଇଁ ଦାୟିତ୍ୱ ଏବଂ ପ୍ରଣାଳୀର ସମୀକ୍ଷା କରାଯାଉ ଏବଂ ତ୍ୱରାନ୍ୱିତ ପୂର୍ବକ ଅଧିକ ସଂଗଠିତ କରାଯାଉ । ସରକାରୀ ଭୂମି ଥିବା ପ୍ରତ୍ୟେକ ବିଭାଗ ଏବଂ ସର୍ବ ସାଧାରଣ ସଂପତ୍ତି ସୁରକ୍ଷା ପାଇଁ ଆଇନ୍‌ଗତ ଦାୟିତ୍ୱ ଥିବା ସଂସ୍ଥା ଗୁଡିକର ସମ୍ବଳଗତ ଆବଶ୍ୟକତା ଆକଳନ କରାଯାଉ ଏବଂ ସେମାନଙ୍କ ମଧ୍ୟରେ ସମନ୍ୱୟ ବୃଦ୍ଧି କରାଯାଉ ।<br><br>୮.୫ କେଆଇଏଡିବି (KIADB) ଉପଯୁକ୍ତ ଆଇନ୍‌ଗତ ଯୋଜନା କର୍ତ୍ତୃପକ୍ଷଙ୍କ ସହିତ ପରାମର୍ଶ କରିବାକୁ ନିଶ୍ଚିତ କରାଯାଉ ଏବଂ ଜମି ଅଜିନ ପାଇଁ ଚିହ୍ନଟ ହୋଇଥିବା ଜମି ବିଜ୍ଞପ୍ତି ରଦ୍ଦ ହୋଇଛି ହୋଇଛି କି ନାହିଁ ତାହା ମଧ୍ୟ ଯାଞ୍ଚ କରାଯାଉ ।<br><br>୮.୬ କୌଣସି ବ୍ୟକ୍ତି ବିଶେଷଙ୍କ ସହିତ ଜାଲିଆତି ଭାବରେ ସେଟେଲ୍ କରାଯାଇଥିବା ସରକାରୀ ଜମି ପୁନଃପ୍ରାପ୍ତି କରିବା ପାଇଁ ନୀତି ଏବଂ ଆଇନ୍‌ଗତ ଢାଞ୍ଚା ସ୍ଥାପନ କରାଯାଉ । ତା ଚାରିପଟେ ବାଡ ଦେବା ନିଶ୍ଚିତ କରାଯାଉ ଯେପରିକି ବେଆଇନ୍ ଦଖଲ କ୍ଷେତ୍ରରେ ତାହା ସର୍ବସାଧାରଣଙ୍କ ଦୃଷ୍ଟିଗୋଚର ହୋଇପାରିବ ।<br><br>୮.୭ ଉଚ୍ଚ ପ୍ରଦତ୍ତ କର୍ମଚାରୀ ମାନଙ୍କର ବିଶେଷ ଅଧିକାର କମ୍ କରିବା ପାଇଁ ଜମି ହରାଇଥିବା ବ୍ୟକ୍ତିମାନଙ୍କୁ କ୍ଷତିପୂରଣ ଦେବାରେ ଏକ ସ୍ପଷ୍ଟ ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରାଯାଉ । | ରାଜସ୍ୱ ବିଭାଗ;<br>ପଞ୍ଚାୟତରାଜ ବିଭାଗ;<br>ଗ୍ରାମଥାନ ଜମି ବିଭାଗ;<br>କର୍ଣ୍ଣାଟକ ସରକାରୀ ଜମି କର୍ପୋରେସନ; ସହର ଏବଂ ଗ୍ରାମାଞ୍ଚଳ ଯୋଜନା ବିଭାଗ |

| ସମସ୍ୟା | ସୁପାରିଶ | ଦାୟିତ୍ୱ |
|---|---|---|
| | ୮.୮ ଅକ୍ତିଆର ଏବଂ ହସ୍ତାନ୍ତର କରାଯାଇଥିବା ଜମି ତାର ପ୍ରକୃତ ଉଦ୍ଦେଶ୍ୟ ଅନୁସାରେ ବ୍ୟବହାର ହେଉଛି ନା ନାହିଁ ଜାଣିବା ପାଇଁ ଏକ ମାଧ୍ୟମ ପ୍ରସ୍ତୁତ କରାଯାଉ । ଜମି ହସ୍ତାନ୍ତର, ଲିଜ୍ କିମ୍ବା ରେଣ୍ଟ୍ ପେମେଣ୍ଟ୍ ବିଷୟରେ ନିୟମିତ ପ୍ରକାଶନ କରାଯାଉ , ଯାହା ଉପରେ ନଜର ରଖିହେବ । ନିବେଶୀ ଦ୍ୱାରା ଚୁକ୍ତିନାମାଗତ ନୈତିକ ଦାୟିତ୍ୱ ଅନୁପାଳନ ସୁନିଶ୍ଚିତ କରିବା ପାଇଁ ଏକ ତୃତୀୟ ପକ୍ଷ ପର୍ଯ୍ୟବେକ୍ଷଣ ବିଚାର କରାଯାଉ ଏବଂ ସେମାନଙ୍କ ଅଭିଯୋଗ ସଂକ୍ରିୟାକୁ ପର୍ଯ୍ୟାଲୋଚନା କରାଯାଉ । | |
| ***୯. ଟାକ୍ସ ସଂଗ୍ରହ ବୃଦ୍ଧି କରାଯାଉ ଏବଂ ପ୍ରକୃତ ମୂଲ୍ୟ ପ୍ରତିଫଳନ ହେବା ପାଇଁ ଜମି ମୂଲ୍ୟାଙ୍କନ ପ୍ରଣାଳୀ ଖଞ୍ଜାଯାଉ :***<br>ସ୍ଥାନୀୟ ସଂସ୍ଥା ଗୁଡିକ ପାଇଁ ସଂପତ୍ତି ଟିକସ ହେଉଛି ଆୟର ଏକ ମୁଖ୍ୟ ସୂତ୍ର ।<br>ସଂପତ୍ତି ମୂଲ୍ୟାଙ୍କନ କରିବା ପାଇଁ ଏକ ପ୍ରତିଷ୍ଠିତ ପ୍ରଣାଳୀ ରହିଛି ।ସଂପତ୍ତିର ବଜାର ମୂଲ୍ୟ ପାଇବା ପାଇଁ ଏବଂ ନିର୍ଦ୍ଧେଶୀକୃତ ମୂଲ୍ୟ ସ୍ଥିର କରିବା ପାଇଁ ବିଭିନ୍ନ ସୂତ୍ର ବ୍ୟବହାର କରାଯାଏ । ଏକ ପୁଞ୍ଜି ମୂଲ୍ୟ ଆଧାରିତ ସଂପତ୍ତି କରଧାର୍ଯ୍ୟ ପ୍ରଣାଳୀ, ତା ସହିତ ଜିଆଇଏସ୍ (GIS)- ସଂପତ୍ତି ଟିକସ ସୂଚନା ପ୍ରଣାଳୀ ଏବଂ ସମସ୍ତ ସଂପତ୍ତି ପାଇଁ ଏମ୍ଆଇଏସ୍ (MIS) ଦକ୍ଷତାପୂର୍ଣ୍ଣ ଟାକ୍ସ ପରିଚାଳନା ପାଇଁ ପ୍ରଚଳନ କରାଯାଇଛି ଏବଂ କଂପ୍ୟୁଟରୀକରଣ ମଧ୍ୟ କରାଯାଇଛି । ଏହା ଦ୍ୱାରା ସଂପତ୍ତି ଟିକସ ଲାଗୁ କରିବା ଏବଂ ସଂଗ୍ରହ କରିବାରେ ସ୍ୱଚ୍ଛତା ବୃଦ୍ଧି ହୋଇଛି ।କର୍ଣ୍ଣାଟକ ମୂଲ୍ୟାଙ୍କନ ଏବଂ e-ରେଜିଷ୍ଟ୍ରେସନ୍ ପ୍ରୋଗ୍ରାମ (କାବେରୀ) ୨୦୦୨ ରେ ଆରମ୍ଭ କରାଇଥିଲା । ହସ୍ତାନ୍ତର ପତ୍ର ଉପରେ ଷ୍ଟାଂପ୍ ଶୁଳ୍କ ହାର ୧୦ ଶତକଡାରୁ ୮ ଶତକଡା ଏବଂ ରେଜିଷ୍ଟ୍ରେସନ୍ ଫିସ୍ ହାର ୨ ଶତକଡାରୁ ୧ ଶତକଡା କମାଇବା ସତ୍ତ୍ୱେ ରାଜସ୍ୱ ଟିକସ୍ ସଂଗ୍ରହ ମୋଟାମୋଟି ଭାବରେ ବୃଦ୍ଧି ହୋଇଛି କାରଣ କାବେରୀ ଅଫିସର ମାନଙ୍କର ଏ କ୍ଷେତ୍ରରେ ବିବେକାନୁସାରେ ଅଧିକାର ହଟାଇ ଦେଇଥିଲା ।<br>ଟିକସ ଛାଡ ବର୍ତ୍ତମାନ ସୁଦ୍ଧା ବିଷୟାତ୍ମକ ଏବଂ ତଥ୍ୟଗତ ନୁହେଁ ଏବଂ ସର୍ବ ସାଧାରଣରେ ପ୍ରକାଶନ କରାଯାଉନାହିଁ । କର୍ଣ୍ଣାଟକ ସରକାର ଟିକସ ସଂଗ୍ରହ କରିବାରେ ହେଉଥିବା ଖର୍ଚ୍ଚ ଅଧ୍ୟୟନ କରି ନାହାନ୍ତି ତେଣୁ ପ୍ରଣାଳୀର କାର୍ଯ୍ୟ ଦକ୍ଷତା ନିର୍ଣ୍ଣୟ କରିବା କଷ୍ଟକର ହେଉଛି । | ୯.୧ ସମସ୍ତ ବଡ ବଡ ସହରର ସାମ୍ଭାବ୍ୟ ରାଜସ୍ୱ ସଂଗ୍ରହର କ୍ଷମତା ବନାମ ପ୍ରକୃତ ସଂଗ୍ରହ ଚିହ୍ନଟ କରାଯାଉ ଏବଂ ପ୍ରକାଶନ କରାଯାଉ ।<br>୯.୨ କାର୍ଯ୍ୟଦକ୍ଷତା ବୃଦ୍ଧି ଓ ସୁଦର ଅନୁପାଳନ ପାଇଁ ଅଞ୍ଚଳ ନିର୍ଦ୍ଦିଷ୍ଟ ସଂପତ୍ତି ମୂଲ୍ୟାଙ୍କନ ଏବଂ ସଂପତ୍ତି ନିର୍ଦ୍ଦିଷ୍ଟ ମୂଲ୍ୟାଙ୍କନର ବିଭିନ୍ନ ବିକଳ୍ପଗୁଡିକର ସମୀକ୍ଷା କରାଯାଉ । ବୈଜ୍ଞାନିକ ପ୍ରଣାଳୀରେ ପ୍ରଣାଳୀରେ ସଂପତ୍ତି ମୂଲ୍ୟାଙ୍କନ ନିର୍ଣ୍ଣୟ କରିବା ପାଇଁ ସ୍ୱ ଚାଳିତ ସାଧନ ପ୍ରସ୍ତୁତ କରାଯାଉ ଏବଂ ଜିଆଇଏସ୍ (GIS) ଟେକ୍ନିକ୍ର ବ୍ୟବହାର କରାଯାଉ ।<br>୯.୩ କୃଷି ଜମି ଏବଂ ବିଭିନ୍ନ ଅନୁଷ୍ଠାନକୁ ଦିଆଯାଇଥିବା ଅଣକୃଷି ଜମିର ଟିକସ ଛାଡ୍ କରିବା ଯୋଗୁଁ ସରକାରଙ୍କୁ ହେଉଥିବା କ୍ଷତିର ସମୀକ୍ଷା କରାଯାଉ ।<br>୯.୪ ଟିକସ ସଂଗ୍ରହ ପ୍ରଣାଳୀର ସମୀକ୍ଷା କରାଯାଉ ଏବଂ ଅଧିକ ସଂଗଠିତ କରାଯାଉ, ପ୍ରଶାସନିକ ଦକ୍ଷତାରେ ଆଉ ଅଧିକ ଉନ୍ନତି ଆଣିବା ପାଇଁ ସମ୍ବଳ ଆବଶ୍ୟକତା ଆକଳନ କରାଯାଉ । | ଷ୍ଟା୍ ଏବଂ ରେଜିଷ୍ଟ୍ରେସନ୍ ବିଭାଗ; ସ୍ଥାନୀୟ ସରକାରୀ ସଂସ୍ଥା |
| ***୧୦. ବିବାଦ ସମାଧାନ ପ୍ରକ୍ରିୟାର ପ୍ରଭାବଶୀଳତା ବୃଦ୍ଧି କରାଯାଉ ଏବଂ ପର୍ଯ୍ୟାଲୋଚନା ଦକ୍ଷତା ପ୍ରସ୍ତୁତ କରାଯାଉ :***<br>ବିଚାରାଳୟଗୁଡିକରେ ଜମି ବିବାଦ ସମ୍ବନ୍ଧୀୟ କେସ୍ର ଅନୁପାତ ଅଧିକ ଅଟେ ଏବଂ ଏହା ଔପଚାରିକ ଆଇନଗତ ପ୍ରଣାଳୀକୁ ରୁଦ୍ଧ କରିଦିଏ କାରଣ ଏ ପ୍ରକାର କେସ୍ ସାଧାରଣତଃ ସହଜରେ ସମାଧାନ ହୁଏ ନାହିଁ । ବିଗତ ଦଶନ୍ଧିରେ ଫାଇଲ୍ କରାଯାଇଥିବା ଭୂମି ଅର୍ଜନ କେସ୍ର ପରିମାଣ ରାଜସ୍ୱ ବିବାଦ କେସ୍ ତୁଳନାରେ ବହୁତ ବୃଦ୍ଧି ହୋଇଛି ଏବଂ ଏହି କେସ୍ ଗୁଡିକର ସମାଧାନ ହାର ମଧ୍ୟ ଅଧିକ । ଅନେକ କେସ୍ ତହସିଲ୍ ସ୍ତରରେ ବିଚାରାଧିନ ରହିଛି । ଲୋକ ଅଦାଲତ ମାଧ୍ୟମରେ କୋର୍ଟରେ ବାକି ପଡି ରହିଥିବା କେସ୍ଗୁଡ଼ିକୁ ସମାଧାନ (୧୯୮୭ ଠାରୁ) କରିବା ପାଇଁ ରାଜ୍ୟକୁ ଜନାଦେଶ ଅଛି । | ୧୦.୧ ସମସ୍ତ କୋର୍ଟ କିମ୍ବା ଘଟଣା ପାଇଁ ବିବାଦ ରେକର୍ଡ କିମ୍ବା ଶ୍ରେଣୀଭୁକ୍ତକରଣ କରିବାକୁ ଯୋଜନା ପ୍ରସ୍ତୁତ କରାଯାଉ ଯେପରିକି ଆଇନଗତ ଏବଂ ନିୟନ୍ତ୍ରଣଗତ ପ୍ରତିବନ୍ଧକ ଚିହ୍ନଟ କରାଯାଇପାରିବ, କେଉଁ ପ୍ରକାରର ଜମି ବିବାଦ ବଢୁଛି ତାହା ମଧ୍ୟ ଜାଣିହେବ ।ତା ସହିତ ଲୋକ ଅଦାଲତ ପଦ୍ଧତିର କାର୍ଯ୍ୟଦକ୍ଷତା ମଧ୍ୟ ସମୀକ୍ଷା କରାଯାଉ ।<br>୧୦.୨ ବାକିଥିବା କୋର୍ଟକେସ୍ର ମୂଳ ତଥ୍ୟବଳୀ ଜମି ସଂପର୍କିତ କେସ୍ଗୁଡିକ ଏକ ଅଲଗା ଶ୍ରେଣୀରେ ଅନ୍ତର୍ଭୁକ୍ତ କରାଯାଉ, ଯେପରିକି ନିୟମିତ ଭାବରେ ପର୍ଯ୍ୟାଲୋଚନା କରାଯାଇପାରିବ ।<br>୧୦.୩ ଜମି ବିବାଦର ମନ୍ଥର ଗତିରେ ସମାଧାନର କାରଣ ପୁନଃ ଅବଲୋକନ କରନ୍ତୁ ଏବଂ ସଂପୃକ୍ତ ପ୍ରଣାଳୀଗୁଡ଼ିକୁ ଅଧିକ ସଂଗଠିତ ଏବଂ ତ୍ୱରାନ୍ୱିତ କରାଯାଉ ଏବଂ କେସ୍ ଗୁଡିକର ଶିଘ୍ର ସମାଧାନ କରିବା ପାଇଁ ବିଶେଷ ଟ୍ରିବ୍ୟୁନାଲ୍ ସ୍ଥାପନ ସହିତ ଅନ୍ୟ ପଦକ୍ଷେପ ଚିହ୍ନଟ କରାଯାଉ ।<br>୧୦.୪ ଜମି ବିବାଦ ସମାଧାନ ମାଧ୍ୟମର କାର୍ଯ୍ୟଦକ୍ଷତା ଏବଂ ପ୍ରଭାବଶୀଳତା ବୃଦ୍ଧି କରିବା ପାଇଁ ସମ୍ବଳ ଆବଶ୍ୟକତା ସମୀକ୍ଷା କରାଯାଉ ଏବଂ ଆକଳନ କରାଯାଉ ।<br>୧୦.୫ କର୍ଣ୍ଣାଟକ ଜମି ଜବର ଦଖଲ (ନିଷେଧକରଣ) ଅଧିନିୟମ ୨୦୧୧ ଅନ୍ତର୍ଗତ ଜମି ଜବରଦଖଲ କେସ୍ଗୁଡିକ ବିଚାର କରିବା ପାଇଁ ସ୍ୱତନ୍ତ୍ର କୋର୍ଟର ସ୍ଥାପନ ପ୍ରଣାଳୀ ତ୍ୱରାନ୍ୱିତ କରାଯାଉ । | କର୍ଣ୍ଣାଟକ ହାଇକୋର୍ଟ ଆଇନ୍ ବିଭାଗ |

| ସମସ୍ୟା | ସୁପାରିଶ | ଦାୟିତ୍ୱ |
|---|---|---|
| ***୧୧. ଅନୁଷ୍ଠାନଗତ ସମନ୍ୱୟ, ସହଯୋଗ, କାର୍ଯ୍ୟଦକ୍ଷତା ଏବଂ ପ୍ରଭାବଶୀଳତା ବୃଦ୍ଧି କରିବା ପାଇଁ ଆଇନ୍‌ଗତ ଏବଂ ଅନୁଷ୍ଠାନଗତ ଢାଞ୍ଚା ସଂଶୋଧନ କରାଯାଉ:***<br>କର୍ଣ୍ଣାଟକ ରାଜ୍ୟର ମଜଭୁତ ଆଇନ୍‌ଗତ ଏବଂ ଅନୁଷ୍ଠାନଗତ ଢାଞ୍ଚା ରହିଛି କିନ୍ତୁ ଜମି ପ୍ରଶାସନର ସମସ୍ତ ଦିଗକୁ ଅନ୍ତର୍ଭୁକ୍ତ କରି କେବଳ ଏକକ ଜମି କୋଡ୍‌ର ଅଭାବ ରହିଛି<br>କର୍ଣ୍ଣାଟକ ଭୂସଂସ୍କାର ଅଧିନିୟମର ଧାରା ୭୯ରେ ଥିବା ପ୍ରାବଧାନ ଅନୁଯାୟୀ ଘରୋଇ କୃଷି ଜମିର ଅଧିକାର ପାଇଁ ମଧ୍ୟ କେତେକ ନିୟନ୍ତ୍ରଣର ଅନୁପାଳନ କରିବା ଆବଶ୍ୟକ (ସ୍ୱତ୍ତ୍ୱ ଲୁଚାଇବା, ଚାଷ କରୁ ନଥିବା ବ୍ୟକ୍ତିମାନେ କୃଷିଜମି କ୍ରୟ କରିବା, ଜମି ସିଲିଙ୍ଗ୍ ଅଧିକାରର ବ୍ୟକ୍ତିଗତକରଣ, ପଟ୍ଟାଦେବା, ଗରିବଲୋକମାନଙ୍କ ଦ୍ୱାରା ଅଧିକୃତ ହୋଇଥିବା ବେଆଇନ୍ ଜମିର ନିୟମିତକରଣ, ନାମାଙ୍କିତ ହୋଇନଥିବା ପ୍ରମାଣର ବ୍ୟବହାର, ବେଆଇନ୍ ଭାବରେ ଜମି ଅଧିକୃତ କରିବା), ଏ ସମସ୍ତ ମଧ୍ୟରୁ କେତେକ ବର୍ତ୍ତମାନ ପରିପେକ୍ଷୀରେ ଉପଯୋଗୀ ନୁହେଁ ଏବଂ ଏ ସମସ୍ତ ସମୀକ୍ଷା କରିବା ଆବଶ୍ୟକ ।<br>ଜମି ପରିଚାଳନାଗତ ଦାୟିତ୍ୱ ଅତି କମ୍‌ରେ ଚାରୋଟି ବିଭାଗରୁ ଅଧିକ ଦ୍ୱାରା ଅଂଶିଦାର ହେବା ଯୋଗୁଁ ଏକ ନିର୍ଦ୍ଦିଷ୍ଟ ଦାୟିତ୍ୱକୁ ନେଇ ଏକାଧିକ ବିଭାଗ ମଧ୍ୟରେ ସମାନ୍ତରାଳୀୟ ମଧ୍ୟରେ ଦ୍ୱନ୍ଦ ଏବଂ ମତଭେଦ ସୃଷ୍ଟି ହୋଇପାରେ ।<br>ରେଭେନ୍ୟୁ ବିଭାଗର ସାଧାରଣ ପ୍ରଶାସନ ପ୍ରତି ଅତ୍ୟଧିକ ଦାୟିତ୍ୱ ରହିଯାଉଥିବାରୁ ଆବଶ୍ୟକ ଅନୁସାରେ ଜମି ପ୍ରଶାସନ ଉପରେ ଧ୍ୟାନ କେନ୍ଦ୍ରିଭୂତ ହୋଇପାରୁନାହିଁ ।<br>ଜମି ପ୍ରଶାସନରେ ସଂପୃକ୍ତ ଥିବା ଅଫିସର ଏବଂ କର୍ମଚାରୀମାନଙ୍କର ଉପଯୁକ୍ତ ଟ୍ରେନିଂ ଏବଂ ପ୍ରୋତ୍ସାହନର ଅଭାବ ରହିଛି; ଜମି ପ୍ରଶାସନ କ୍ଷମତା ସମସ୍ତ ସ୍ତରରେ କମ୍ ଅଛି, ଖାଲି ଥିବା ପଦବୀଗୁଡ଼ିକ ନିୟମିତ ଭାବରେ ପୂରଣ କରାଯାଉନାହିଁ । | ୧୧.୧ ଜମି ପ୍ରଶାସନର ସମସ୍ତ ଦିଗକୁ ଅନ୍ତର୍ଭୁକ୍ତ କରିବା ପାଇଁ ଏକକ ମାତ୍ର ଭୂମି କୋର୍ଡ ସୃଷ୍ଟି କରିବାର ବିଚାର କରାଯାଉ । (LT; ରାଜ୍ୟ)<br>୧୧.୨ ଉଭୟ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳର ଅଣ ଜଙ୍ଗଲ ଜମି ପରିଚାଳନା କରିବା ପାଇଁ ଏକ ଅଲଗା ପ୍ରଶାସନ ବିଭାଗ ସ୍ଥାପନ କରିବାକୁ ବିଚାର କରାଯାଉ (MT; S)<br>୧୧.୩ କୃଷି ଜମି କିଣିବା ଏବଂ ମାଲିକାନା ପ୍ରାପ୍ତ କରିବା ପାଇଁ ଥିବା ନିୟନ୍ତ୍ରଣଗୁଡ଼ିକର ପୁନଃ ଅବଲୋକନ କରାଯାଉ ; ଯେଉଁ ଗୁଡ଼ିକ ଉପଯୋଗୀ ନୁହେଁ ହଟାଇ ଦିଆଯାଉ ଏବଂ ଯେଉଁଗୁଡ଼ିକ ଉପଯୁକ୍ତ ସେଗୁଡ଼ିକର ଆଇନ୍‌ଗତ ଅନୁପାଳନରେ ବୃଦ୍ଧି କରାଯାଉ ।<br>୧୧.୪ ସଂପତ୍ତି ହସ୍ତାନ୍ତର ଅଧିନିୟମ ୧୮୮୨ ର ସମୀକ୍ଷା କରାଯାଉ ; ଯାହାଫଳରେ ରେଜିଷ୍ଟର ହେବା ପୂର୍ବରୁ ଜମି ବିକ୍ରେତା ତାଙ୍କର ମାଲିକାନା ଜନିତ କାଗଜପତ୍ର ରେଜିଷ୍ଟ୍ରେସନ୍ ଅଫିସ୍‌ରେ ଜମା କରିବାର ପ୍ରାବଧାନ ରହିବ<br>୧୧.୫ ଜମିଜମା ପ୍ରଶାସନ ପାଇଁ ପ୍ରଶାସନିକ ଗଢଣ ସମୀକ୍ଷା କରାଯାଉ, ଆବଶ୍ୟକ ଅନୁସାରେ ପରିବର୍ତ୍ତନ କରନ୍ତୁ ଏବଂ ତ୍ୱରାନ୍ୱିତ ପୂର୍ବକ ଅଧିକ ସଂଗଠିତ କରାଯାଉ; ସମସ୍ତ ସ୍ତରରେ ବିଶେଷ ଅଧିକାରର ପାୱାର କମ୍ କରାଯାଉ ଏବଂ ସମ୍ବଳ ଆବଶ୍ୟକତା ଏବଂ ସମ୍ବଳର ଉପଲବ୍‌ଧତା ବିଷୟରେ ସମସ୍ତ ତଥ୍ୟର ଦ୍ରବ୍ୟ ତାଲିକା ପ୍ରସ୍ତୁତ କରାଯାଉ ।<br>୧୧.୬ ଜମି ସୂଚନା ପ୍ରଣାଳୀରୁ ପର୍ଯ୍ୟାଲୋଚନା ଡାଟା ଏବଂ ଅନ୍ୟ ଆବଶ୍ୟକ ତଥ୍ୟ ସମ୍ବନ୍ଧୀୟ କରି ଏକ ସିଦ୍ଧାନ୍ତ ସହାୟକ ସାଧନ ପ୍ରସ୍ତୁତ କରାଯାଉ ଯାହାକି ସିଦ୍ଧାନ୍ତ ନେବାରେ ଆବଶ୍ୟକ ହେଉଥିବା ରିପୋର୍ଟ ସ୍ୱ ଭାବରେ ପ୍ରସ୍ତୁତ ହୋଇପାରୁଥିବ ।<br>୧୧.୭ ରାଜ୍ୟ ପ୍ରଶାସନିକ ପ୍ରଶିକ୍ଷଣ ଅନୁଷ୍ଠାନ (ATI) ର ଜମି ପ୍ରଶାସନ କ୍ଷମତା ବୃଦ୍ଧି କରାଯାଉ ଏବଂ ଉଚ୍ଚକୋଟିର ପ୍ରଶିକ୍ଷଣକାରୀଙ୍କ ଉପଲବ୍‌ଧତା ନିଶ୍ଚିତ କରାଯାଉ । | |

| ସମସ୍ୟା | ସୁପାରିଶ | ଦାୟିତ୍ୱ |
|---|---|---|
| ***୧. ଗ୍ରାମାଞ୍ଚଳ ଜମିଜମା ରେକର୍ଡ ନିୟମିତ ଭାବରେ ସଦ୍ୟ ସଂଶୋଧନ କରାଯାଇନାହିଁ ଏବଂ ସ୍ଥାନ ଏବଂ ଦିଗ ଭିତ୍ତିକ ସମକାର୍ଯ୍ୟିକ ରେକର୍ଡର ଅଭାବ ଏବଂ ପୂର୍ବାନୁମାନିକ :***<br>ଗୋଟିଏ ନିର୍ଦ୍ଦିଷ୍ଟ ଜମି ପାଇଁ ଖତିଆନ୍ (RORs) (ତହସିଲ ଅଫିସ୍‌ରେ ରଖାଯାଇଥିବା କାଗଜ ପତ୍ର)ରେ ରଖା ଯାଇଥିବା ରେକର୍ଡ, ଭୁଲେଖ (ୱେବ୍ ସାଇଟ୍‌ରେ ରଖାଯାଇଥିବା ଡିଜିଟାଲ୍ ରେକର୍ଡ) ଏବଂ କ୍ୟାଡାଷ୍ଟ୍ରାଲ୍ ରେକର୍ଡ (ତହସିଲ୍ ଅଫିସ କିମ୍ବା ଭୂ-ନକ୍ସାର ଡିଜିଟାଲ୍ ରୂପ) ମଧ୍ୟରେ ପାର୍ଥକ୍ୟ ରହିଛି; ପ୍ରକୃତ ଅବସ୍ଥା ଅନୁସାରେ ରେକର୍ଡ ଏବଂ ରଖାଯାଇଥିବା ସେ ସମ୍ବନ୍ଧୀୟ ରେକର୍ଡ ମଧ୍ୟରେ ପାର୍ଥକ୍ୟ ରହିଛି ।<br>ସମସ୍ତ ଜମିଜମାର (ଘରୋଇ ଏବଂ ସରକାରୀ ମିଶାଇ) ଡିଜିଟାଲ୍ ଫର୍ମରେ ରଖାଯାଇଥିବା ରେଜିଷ୍ଟର୍ (bhulekh.nic.in) ର ୭୨ ଶତକଡା ରେକର୍ଡ (ପାର୍ସଲ୍ /ପ୍ଲଟ୍)ସହଜରେ ମ୍ୟାପ୍‌ରେ ଚିହ୍ନଟ କରାଯାଇ ପାରିବ । ପାର୍ସଲ୍ ଜମିରର ୪ ଶତକଡା ମ୍ୟାପ୍‌ରେ ରହିଛି କିନ୍ତୁ ଭୁଲେଖରେ ନାହିଁ; କେତେ ଅଂଶ ଜମିର ୧୬ ଶତକଡା ଭୁଲେଖରେ ଅଛି କିନ୍ତୁ ମ୍ୟାପ୍‌ରେ ନାହିଁ । (ଛଅଟି ଗ୍ରାମରେ କରା ଯାଇଥିବା ନମୁନା ମୂଳକ ଅଧ୍ୟୟନ ଅନୁସାରେ, ଚାରୋଟି ପ୍ରତିନିଧି ମୂଳକ ଜିଲ୍ଲାର ଗୋଟିଏ ଲେଖାଏଁ ତହସିଲ୍‌ରେ-ଗୋଟିଏ ସମୁଦ୍ର ଉପକୂଳବର୍ତ୍ତୀ, ଗୋଟିଏ ସହରାଞ୍ଚଳ, ଗୋଟିଏ ଆଦିବାସୀ ଏବଂ ଅନ୍ୟଟି ଜଳସେଚୀତ, ଏନ୍‌ଆଇସି (NIC) ମାଧ୍ୟମରେ ମୂଳ ତଥ୍ୟାବଳୀରରୁ ପ୍ରାପ୍ତ ହୋଇଛି)<br>ପ୍ରଜାସ୍ୱତ୍ତ୍ୱ କିମ୍ବା ବେଆଇନ ଲିଜ୍ କାରବାରରେ; ଭାଗଚାଷୀ ଭଳି ସମସ୍ୟା ଶସ୍ୟ ଉତ୍ପାଦନରେ ପ୍ରତିକୂଳ ପ୍ରଭାବ ପକାଇବା ଭଳି ସର୍ବତ୍ର ବିଦ୍ୟମାନ । କିନ୍ତୁ ପ୍ରଜାସ୍ୱତ୍ତ୍ୱ କେବେହେଲେ ରେକର୍ଡ ହେଉ ନାହିଁ । | ୧.୧ ଉପରେ ଆଧାରିତ କରି ଲିଖିତ ରେକର୍ଡ ସଦ୍ୟ ସଂଶୋଧନ କରାଯାଉ ଏବଂ ଅଳ୍ପ -ଖର୍ଚ୍ଚ ବିଶିଷ୍ଟ ମାଧ୍ୟମରେ ଯାଞ୍ଚ କରିବାପାଇଁ ଏକ ଉପାୟ ଚିହ୍ନଟ କରନ୍ତୁ ଏବଂ ପ୍ରାଥମିକତା ଭିତ୍ତିରେ ତାକୁ କାର୍ଯ୍ୟକାରୀ କରନ୍ତୁ । ଭୁଲେଖ, ଭୂ -ନକ୍ସା, ଚାଲୁଥିବା ପୁନଃସର୍ଭେ ପ୍ରଭୃତି କର୍ଯ୍ୟକ୍ରମ ସମକାଳୀନ ହେବାପାଇଁ ପ୍ରଗତିର ନିୟମିତମୂଲ୍ୟାଙ୍କନ କରାଯାଉ ।<br>୧.୨ ଭୂ -ନକ୍ସା ୱେବ୍ ସାଇଟ୍ ରେ ସମସ୍ତ ଡିଜିଟାଲ୍ କରଣ ହୋଇଥିବା ନକ୍ସା ଅପ୍‌ଲୋଡ୍ କରାଯାଉ ।<br>୧.୩ ଭୁଲେଖ, ଭୂ -ନକ୍ସା ରେ ଏଭଳି ଏକ ପ୍ରଣାଳୀ ପ୍ରବର୍ତ୍ତନ କରାଯାଉ ଯେପରିକି ଲୋକ ମାନଙ୍କଠାରୁ ସୂଚନା/ତଥ୍ୟ ପ୍ରାପ୍ତ କରି ସେଥିରେ ଥିବା ତ୍ରୁଟି ମଧ୍ୟ ଠିକ୍ କରାଯାଇ ପାରିବ; ଏହି ୱେବ୍ ସାଇଟ୍‌ରେ ଏକ ଜିଜ୍ଞାସାମୂଳକ ରିପୋର୍ଟ ମଧ୍ୟ ପ୍ରବର୍ତ୍ତନ କରାଯାଇପାରିବ ।<br>୧.୪ ଲିଖନ ଏବଂ ସ୍ଥାନ ଏବଂ ଦିଗ ଭିତ୍ତିକ ରେକର୍ଡ ଲଗାତାର ଭାବରେ ସଦ୍ୟ ସଂଶୋଧନ କରିବା ପାଇଁ, ସେବା ଯୋଗାଣ ଶୀଘ୍ର କରିବା ପାଇଁ, ପ୍ରତିବନ୍ଧକହୀନ ସଂଯୋଜନାକାରୀ, ସମସ୍ତ ବ୍ୟକ୍ତି/ସଂସ୍ଥା ସହିତ ବ୍ରତ/ଉପାସନା ଭଳି କାର୍ଯ୍ୟକାରିତାର ସମୀକ୍ଷା କରିବା ପାଇଁ ଏବଂ ଏବଂ ଏଭଳି ବିଶେଷ ଅଭିଯାନର ଆବଶ୍ୟକତା ନହେବା ପାଇଁ, ଏକ ପ୍ରକ୍ରିୟା ପ୍ରସ୍ତୁତ କରାଯାଉ ଏବଂ କାର୍ଯ୍ୟକାରୀ କରାଯାଉ ।<br>୧.୫ ଡିଜିଟାଲ୍ ରେକର୍ଡ (ନିୟମିତ ଏବଂ ବାରମ୍ବାର ତାଳମେଳ କରିବା),ରକ୍ଷଣାବେକ୍ଷଣ କରାଯାଉ ଯାଞ୍ଚ ଏବଂ ବିଭିନ୍ନ ପରିସ୍ଥିତିରେ (୧୦-ଡିଗ୍ରୀ ଗଡାଣୀରୁ ଅଧିକ ଥିବା ଜମିର ସର୍ଭେ ଏବଂ ବନ୍ଦୋବସ୍ତ ଉପରେ ଅଧିକ ଧ୍ୟାନ ଦେଇ ପୁନଃ ସର୍ଭେ କରାଯାଉ ।<br>୧.୬ ରେକର୍ଡ ରକ୍ଷଣାବେକ୍ଷଣ ଏବଂ ପୁନଃ ସର୍ଭେ ଏକ ନିର୍ଦ୍ଦିଷ୍ଟ ଏବଂ ସମ୍ଭବପର ସମୟସୀମା ଭିତରେ ସଂପୂର୍ଣ୍ଣ ହେବା ପାଇଁ ଏକ ବିସ୍ତୃତ କାର୍ଯ୍ୟକ୍ରମ ବିକଶିତ କରାଯାଉ ।<br>୧.୭ ଜମି ବ୍ୟବହାର ଏବଂ ମାଲିକାନା ଷ୍ଟାଟସ୍ ଏବଂ ଜମି ରାଜସ୍ୱ ପ୍ରଶାସନିକ ରିପୋର୍ଟ ନିୟମିତ ଭାବରେ ପ୍ରକାଶନ କରାଯାଉ ।<br>୧.୮ ପ୍ରଜାସ୍ୱତ୍ତ୍ୱ (ଜମି/ସଂପତ୍ତି ଭଡା)ରେ ସୁଧାର ଆଣିବା ଜନିତ ସୁପାରିଶ ଗୁଡିକର ଏକତ୍ରୀକରଣ କରାଯାଉ ଏବଂ ସେଗୁଡିକ କାର୍ଯ୍ୟକାରୀ କରାଯାଉ । ଖତିଆନ୍ (ROR) ରେ ପ୍ରଜାସ୍ୱତ୍ତ୍ୱ ରେକର୍ଡ କରିବାର ବ୍ୟବସ୍ଥା ପରୀକ୍ଷା କରାଯାଉ ଏବଂ ଆରମ୍ଭ କରାଯାଉ । | ବିଭାଗ; NLRMP ସେଲ୍, NIC SC ଏବଂ ST ବିକାଶ ବିଭାଗ; (୧୦ ଡିଗ୍ରୀ ଖସାଣୀରୁ ଅଧିକ ଥିବା ଜମି ଟାଇଟିଲ୍ ରେକର୍ଡ କରିବା ପାଇଁ); PR ବିଭାଗ (PRI ଅଂଶଗ୍ରହଣ କରିବା ସୁନିଶ୍ଚିତ କରିବା ପାଇଁ) |
| ***୨. ସହରାଞ୍ଚଳର ଜମିଜମା ରେକର୍ଡ ଅସଂପୂର୍ଣ୍ଣ ଅଛି ଏବଂ ସ୍ଥାନ ଏବଂ ଦିଗ ଭିତ୍ତିକ ଭାବରେ ଅନୁସରଣ କରାଯାଇ ନାହିଁ; ଅତ୍ୟଧିକ ପରିମାଣର ଗୃହ ନିର୍ମାଣ ସହରାଞ୍ଚଳର ନିୟନ୍ତ୍ରଣର ଉଲଂଘନ ହୋଇଛି:***<br>ସହରାଞ୍ଚଳ ଗୁଡିକରେ, ଜମିଗୁଡିକ ନିଜର କିମ୍ବା ଜମିର ଲିଜ୍ ଗ୍ରାଣ୍ଟ (୯୯ ବର୍ଷ) ପାଇଁ ଏହା ସରକାରୀ ନିୟନ୍ତ୍ରଣରେ ଥାଏ; କିନ୍ତୁ ୧.୫ ନିୟୁତ ଲୋକ ୨୦୧୧ ଜନଗଣନା ଅନୁସାରେ ( ସହରାଞ୍ଚଳ ଲୋକ ସଂଖ୍ୟାର ୨୫ ଶତକଡା) ଝୁଂପୁଡିରେ ବାସ କରନ୍ତି - ସେମାନଙ୍କର କୌଣସି ଅଧିକାର ନଥାଏ ।<br>ଅନ୍ୟ ରାଜ୍ୟ ଗୁଡିକ ଭଳି ସହରାଞ୍ଚଳ ଆବଶ୍ୟକତାକୁ ସୁହାଇଲା ଭଳି ସହରାଞ୍ଚଳ ଜମି ସହିତ ନକ୍ସା ଅଲଗା ଭାବରେ ରକ୍ଷଣାବେକ୍ଷଣ କରାଯାଇ ନାହିଁ । ମାଲିକାନା ଏବଂ ଜମି ବ୍ୟବହାରର ଦିଗ ଏବଂ ସ୍ଥାନ ଭିତ୍ତିକ ରେକର୍ଡ ଲିଖନ ରେକର୍ଡଠାରୁ ବହୁତ ଅଲଗା ଅଟେ । ସହରାଞ୍ଚଳ ଗୁଡିକରେ ସରକାରୀ ଜମିର ବଣ୍ଟନ କୌଣସି ନିୟମ ଏବଂ ମାପକାଠି ଉପରେ ଆଧାରିତ ହୋଇନଥିବାବେଳେ ବିବେକ ଉପରେ ଭାରାକ୍ରାନ୍ତ । ପ୍ରାପ୍ତ ହୋଇଥିବା ରିପୋର୍ଟ ଅନୁସାରେ ଅଧିକାଂଶ ଘରୋଇ ପ୍ଲଟ୍ ଆଇନ୍‌ଗତ ବିବାଦରେ ବୁଡି ରହିଛି । ଅଧିକାଂଶ କୋଠା ଏବଂ କୋଠାନିର୍ମାଣ ଯୋଜନା ପ୍ରଚଳିତ ନିୟମର ଅବମାନନା କରା କରାଯାଉଛି, କିନ୍ତୁ ସେହି ଉଲଘଂନ ପାଇଁ ସର୍ବକ୍ଷମା ମଧ୍ୟ ରହିଛି । | ୨.୧ ଯେତେଦୂର ସମ୍ଭବ ବର୍ତ୍ତମାନର ସୂଚନା ବ୍ୟବହାର କରି ସମସ୍ତ ସହର ପାଇଁ ମୂଳ ନକ୍ସା ସ୍ଥାପନ କରାଯାଉ; ବାରମ୍ବାର ଗୋଟିଏ ଗୋଟିଏ ପୁନଃ ସର୍ଭେ କରିବା ପରିବର୍ତ୍ତେ ରେକର୍ଡ ରକ୍ଷଣାବେକ୍ଷଣ ଏବଂ ସଦ୍ୟ ସଂଶୋଧନ ଉପରେ ଧ୍ୟାନ କେନ୍ଦ୍ରୀଭୂତ କରି ସାଧାରଣ ସ୍ଥାନ ଏବଂ ଦିଗ ଭିତ୍ତିକ ତଥ୍ୟ ମୌଳିକ ସୁବିଧା ସ୍ଥାପନ କରାଯାଉ । ସମସ୍ତ ନାଗରିକ ଏହି ସୂଚନା ସହଜରେପାଇବା ପାଇଁ ସୁବିଧା କରାଯାଉ ।<br>୨.୨ ଆଇନ୍, ଯୋଜନା କିମ୍ବା କାର୍ଯ୍ୟକ୍ରମ ଏବଂ ପ୍ରଚଳିତ ପ୍ରଣାଳୀ ଏବଂ ସହରାଞ୍ଚଳ ଗୃହନିର୍ମାଣ ହାଉସିଙ୍ଗ୍ ଔପଚାରିକ କରିବାପାଇଁ ଏକ ନିର୍ଦ୍ଦିଷ୍ଟ ପ୍ରଣାଳୀ ସଂଗଠିତ ଏବଂ ତ୍ୱରାନ୍ୱିତ କରିବାର ସମ୍ଭାବନା, ଅଣ-ଔପଚାରିକ ବନ୍ଦୋବସ୍ତ ଗୁଡିକର ସମୟ ଅବଧି ବୃଦ୍ଧି କରିବା ଏବଂ ଅଳ୍ପ ଖର୍ଚ୍ଚ ବିଶିଷ୍ଟ ଘରର ଉପଲବ୍‌ଧତା ବିସ୍ତାରଣ କରିବା ପ୍ରଭୃତି ବିଷୟ ଗୁଡିକର ସମୀକ୍ଷା କରାଯାଉ । | RDM ବିଭାଗ; ULBs, BMC, CMC ଇତ୍ୟାଦି; ଗୃହ ଏବଂ ସହରାଞ୍ଚଳ ବିକାଶ ବିଭାଗ; ବିକାଶ କର୍ତ୍ତୃପକ୍ଷ; (BDA, CDA ଇତ୍ୟାଦି) |

| ସମସ୍ୟା | ସୁପାରିଶ | ଦାୟିତ୍ୱ |
|---|---|---|
| ଯୋଜନା ଏବଂ ପ୍ରାବଧାନ ଥିବା ସତ୍ତ୍ୱେ ମଧ୍ୟ ଗରିବ ଲୋକ ମାନଙ୍କ ଘରର ଚାହିଦା ଏବଂ ଯୋଗାଣ ମଧ୍ୟରେ ଅନେକ ପାର୍ଥକ୍ୟ ରହିଛି । | ୨.୩ ସହରାଞ୍ଚଳ ଜମି ପରିଚାଳନା ଏବଂ ରେକର୍ଡ ରକ୍ଷଣାବେକ୍ଷଣ, କୋଠା ପରମିଟ୍ ଏବଂ ଆଇନ୍ ଅନୁପାଳନ କରାଇବାରେ ଏବଂ ଯେଉଁଠାରେ ସମ୍ଭବ, ପ୍ରଭାବଶୀଳ ଭାବରେ ଏବଂ ଦୀର୍ଘକାଳୀନ ଭିତ୍ତିରେ ପୁନଃପ୍ରସ୍ତୁତି କରିବା ପ୍ରଭୃତିରେ ସଂପୃକ୍ତ ଥିବା କାର୍ଯ୍ୟପ୍ରବାହ ଏବଂ ଦାୟିତ୍ୱ ବ୍ୟାଖ୍ୟା କରାଯାଉ ଯାହା ଫଳପ୍ରଦ ଏବଂ ଅବିରତ ହେବ ।<br>୨.୪ ଏହି ବିଶ୍ଳେଷଣ ଉପରେ ଆଧାରିତ କରି, ଅନୁଷ୍ଠାନଗତ ଦାୟିତ୍ୱ ସ୍ପଷ୍ଟ ଭାବରେ ନ୍ୟସ୍ତ କରାଯାଉ, ୟୁଏଲ୍‌ବି (ULB) ଏବଂ ନାଗରିକ ମାନଙ୍କର ଅଂଶଗ୍ରହଣର ଉପଯୁକ୍ତ ଭୂମିକା ସୁନିଶ୍ଚିତ କରାଯାଉ ଏବଂ ସମ୍ବଳ ଆବଶ୍ୟକତା ଏବଂ ତାର ଅଭାବ ଆକଳନ କରାଯାଉ ।<br>୨.୫ ସହରାଞ୍ଚଳ ଜମି-ଅନୁଷ୍ଠାନ ଗୁଡିକ ମଧ୍ୟରେ ପାରସ୍ପରିକ ସମନ୍ୱୟ ବୃଦ୍ଧି କରାଯାଉ । | |
| ***୩. ସ୍ୱତଃ ଭାବରେ ସମସ୍ତ ରେକର୍ଡ ଗୁଡିକ ସଦ୍ୟ ସଂଶୋଧନ କରାଯାଉ ନାହିଁ ଏବଂ ସମସ୍ତ ଜମି କିଣାବିକା ରେଜିଷ୍ଟ୍ରି କରାଯାଉ ନାହିଁ :***<br>ଜମିଜମା ରେକର୍ଡ ସଂଗଠିତ କରିବା ଏବଂ ଅଧୁନାତନ କରିବା ପାଇଁ ଅନୁଷ୍ଠାନଗତ ଏବଂ ସ୍ୱ-ଚାଳୀତ ପ୍ରଣାଳୀର ଅଭାବ ରହିଛି । ତହସିଲ୍ ଅଫିସ୍ ଗୁଡିକରେ ସାଧାରଣତଃ ମ୍ୟୁଟେସନ୍ କରିବା ପାଇଁ ଅଧିକ ସମୟ ଲାଗୁଛି । ସୋଫ୍ଟ୍‌ୱେୟାର୍ ର ସିମୀତତା, ଟାଇପିଙ୍ଗ୍ ଏବଂ ଫରମାଟ୍ ଜନିତ ତୃଟି ଯୋଗୁଁ e-ରେଜେଷ୍ଟ୍ରି (bhulekh.nic.in) ରେ ରଖାଯାଉଥିବା ରେକର୍ଡ ତୃଟି ପୂର୍ଣ୍ଣ ହେଉଛି । ରାଜସ୍ୱ ବିଭାଗର କର୍ମଚାରୀ ମାନେ ଭୁଲେଖରୁ ପ୍ରାପ୍ତ ହୋଇଥିବା ଖତିଆନ୍ (ROR) ପ୍ରିଣ୍ଟ ଆଉଟ୍ ଠିକ୍ ଭାବରେ ଗ୍ରହଣ କରୁନାହାନ୍ତି । ସର୍ବସାଧାରଣ ଋଣଭାର ମୋଟାମୋଟି ଭାବରେ ରେକର୍ଡ କରାଯାଉଛି କିନ୍ତୁ ସୁସଂଗଠିତ ଭାବରେ ନୁହେଁ ତାହା ସହଜରେ ଯାଞ୍ଚ କରାଯାଇ ପାରୁ ନାହିଁ । କିନ୍ତୁ ବ୍ୟାଙ୍କରେ ବନ୍ଧା ରଖାଯାଇଥିବା ଜମି, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ବ୍ୟତୀତ, ଅନ୍ୟ କୌଣସି ଠାରେ ରେକର୍ଡ କରା ଯାଉନାହିଁ । ଘରୋଇ ଜମି ପାଇଁ ଋଣ ଭାରଗୁଡିକ ସାଧାରଣ ଭାବରେ ରେକର୍ଡ କରାଯାଉ ନାହିଁ । | ୩.୧ ଜମି ହସ୍ତାନ୍ତର ପରେ ରେକର୍ଡ ସଦ୍ୟ ସଂଶୋଧନ କରି ଏବଂ ସ୍ୱତଃ ଦଖଲଖାରଜ କରିବା ପାଇଁ କିମ୍ବା e- ଲିଙ୍କିଙ୍ଗ୍ ଏବଂ ରେଜେଷ୍ଟ୍ରି ଅଫିସ୍ ଏବଂ ତହସିଲ ଅଫିସ୍‌ର ତାଳମେଳ ଏବଂ ସଙ୍ଗଠିତ କରି ଅନ୍-ଲାଇନ୍ ଦଖଲଖାରଜ ବିଶ୍ୱାସ ଯୋଗ୍ୟତାରେ ଉନ୍ନତି କରାଯାଉ । ଜଟଣୀ, ଖୋର୍ଦ୍ଧା ଜିଲ୍ଲାରେ ଚାଲିଥିବା ପାଇଲଟ୍ ପ୍ରୋଜେକ୍ଟ୍‌କୁ ତ୍ୱରାନ୍ୱିତ କରାଯାଉ ଏବଂ ଏହା ସହିତ ଓଡିଶା ବିଶେଷ ସର୍ଭେ ଏବଂ ବନ୍ଦୋବସ୍ତ ଅଧିନିୟମ ଏବଂ ନିୟମ, ୨୦୧୨ ଅନୁଯାୟୀ ତହସିଲ୍ ପ୍ରଶାସନ ସହିତ ବନ୍ଦୋବନ୍ଦ ଏବଂ ଚକବନ୍ଦୀ ମିଶ୍ରଣ କରାଯାଉ । ୯୦ ଦିନ ସମୟ ସୀମା ମଧ୍ୟରେ ଦଖଲଖାରଜ ସମାପ୍ତ କରିବା ପାଇଁ ନିଶ୍ଚିତ କରାଯାଉ ।<br>୩.୨ ରେଜିଷ୍ଟ୍ରେସନ୍ ଅଧିନିୟମ ୧୯୦୮ (ଆଇନ୍ ବିଭାଗ ନୋଟିଫିକେସନ ତାରିଖ ୨୨,ଫେବୃଆରୀ ୨୦୧୪ ର ସେକ୍‌ସନ ୨୨ କୁ ଓଡିଶା ସରକାରଙ୍କ ଦ୍ୱାରା ସଂଶୋଧନକୁ କାର୍ଯ୍ୟକାରୀ କରିବା ନିଶ୍ଚିତ କରାଯାଉ ଯାହା ଦ୍ୱାରା ଜମି ହସ୍ତାନ୍ତର କରୁଥିବା ବ୍ୟକ୍ତି ରେଜିଷ୍ଟ୍ରେସନ କରୁଥିବା ବ୍ୟକ୍ତିଙ୍କୁ ବିଶ୍ୱାସ କରାଇବେ ଯେ ସେ ହସ୍ତାନ୍ତର କରୁଥିବା ଜମିର ସଠିକ୍ ସ୍ୱତଃ ରହିଛି ଏବଂ ତାଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତିଙ୍କର ସେଥିରେ କୌଣସି ପ୍ରକାର ଦାବୀ ନାହିଁ । ଏହା କରିବା ଦ୍ୱାରା ସବ୍ - ରେଜିଷ୍ଟ୍ରର୍ କିଣାବିକା କରାଯାଉଥିବା ଜମିର ମାଲିକାନା ଯାଞ୍ଚ କରି ପାରିବେ, ଫଳରେ ବିବାଦ ସୃଷ୍ଟି ହେବ ନାହିଁ ।<br>୩.୩ ଏଭଳି ପ୍ରାବଧାନ ପରିକଳ୍ପନା କରାଯାଉ, ଯେପରିକି ସମସ୍ତ କିଣାବିକା ଏବଂ ଏଥିରେ ଦାବିଥିବା ସମସ୍ତ ଋଣଭାର ରେଜିଷ୍ଟ୍ରେସନ୍ କରାଯାଇ ପାରିବ, ତା ସହିତ ଯେ, କୌଣସି ରେଜିଷ୍ଟ୍ରେସନ କରାଯାଇପାରିବ । | RDM ବିଭାଗ; NLRMP, NIC ସେଲ୍ |
| ***୪. ଅତି ପୁରୁଣା ଏବଂ ଅପ୍ରଭାବଶୀଳ ଧାରା ହଟାଇବା ପାଇଁ, ନିର୍ଦ୍ଦିଷ୍ଟ ଧାରାକୁ ସଦ୍ୟ ସଂଶୋଧନ କରିବା ପାଇଁ, ଅନୁଷ୍ଠନଗତ ସମନ୍ୱୟରେ ବୃଦ୍ଧି ଆଣିବା ପାଇଁ, ଆଇନଗତ ଏବଂ ଅନୁଷ୍ଠନଗତ ଢାଞ୍ଚା ସଂଶୋଧନ କରନ୍ତୁ:***<br>ରାଜସ୍ୱ ସଂପର୍କିତ ଅନେକ ଆଇନ୍‌କାନୁନ୍ ରହିଛି, ଦାୟାଧିକାର ଭାବେ ଏକାଧିକ ରାଜସ୍ୱ ପ୍ରଣାଳୀ ଏବଂ ପରବର୍ତ୍ତୀ ସମୟରେ ଉଚ୍ଛେଦ, ସଂଶୋଧନ କରିବା ଅନେକ ଗୁରୁତ୍ୱପୂର୍ଣ୍ଣ ସରକାରୀ ଅଧ୍ୟାଦେଶ ଏବଂ ପରିପତ୍ର ହୋଇଛି ।<br>ଏକାଧିକ ସଂସ୍ଥା ଦ୍ୱାରା ଏହା କାର୍ଯ୍ୟକାରୀ କରା ହେଉଛି, କିନ୍ତୁ ଗ୍ରାମାଞ୍ଚଳ, ସହରାଞ୍ଚଳ, ଆଦିବାସୀ ଜମି, ରେଜେଷ୍ଟ୍ରି ଏବଂ କ୍ୟାଡାଷ୍ଟ୍ରେ ପ୍ରୋସେସ୍ ଗୁଡିକ ମଧ୍ୟରେ ଅତି ଅଳ୍ପ ପରିମାଣ ସହଯୋଗ ରହିଛି । ଭିନ୍ନ ଭିନ୍ନ ଅଫିସ୍ ଦ୍ୱାରା ଜମିଜମା ରେକର୍ଡ ରଖାଯାଉଛି (ବନ୍ଦୋବସ୍ତ, ଚକବନ୍ଦୀ ଶାଖା, ତହସିଲ୍ ଏବଂ ରେଜିଷ୍ଟ୍ରେସନ୍ ଅଫିସ୍ ) କିନ୍ତୁ ଜମିଜମା ପ୍ରଶାସନକୁ ଗୌଣ କରାଯାଇଛି ।ରାଜ୍ୟ ବର୍ତ୍ତମାନ ରେକର୍ଡ ପରିଚାଳନାର ଆଧୁନିକକରଣ ଆରମ୍ଭ କରିବାକୁ ଗୁରୁତ୍ୱ ଦେଇଛି ।(ଡିଜିଟାଲ୍ କରଣ- ଭୁଲେକ) ଏବଂ ହାଏ-ଟେକ୍ ସର୍ଭେ ପ୍ରଣାଳୀ ଏବଂ ନକ୍ସାର ଡିଜିଟାଲ୍‌କରଣ (ଭୂ - ନକ୍ସା) | ୪.୧. ସମସ୍ତ ଜମିଜମା ରାଜସ୍ୱ ଆଇନ୍‌କାନୁନ୍ ଏବଂ ପ୍ରଶାସନିକ ଆଦେଶ (ଉଭୟ ବୈଧାନିକ ଏବଂ ଅଣ ବୈଧାନିକର) ମିଶ୍ରଣକରି ଏବଂ ତାଳମେଳ କରି ଏବଂ ସଂଗଠିତ କରି ଏକ ବିସ୍ତାରିତ ଏବଂ ଏକତ୍ରିତ ହୋଇଥିବା ରାଜସ୍ୱ କୋଡ୍ ପ୍ରସ୍ତୁତ କରାଯାଉ ଏବଂ ବିଭିନ୍ନ ଆଇନଗତ ପ୍ରାବଧାନ ମଧ୍ୟରେ ଥିବା ପାର୍ଥକ୍ୟତା ଦୂର କରାଯାଉ (ଯେପରିକି OSS ଅଧିନିୟମ ୧୯୫୮, OGLS ଅଧିନିୟମ ୧୯୬୨, OLR ଅଧିନିୟମ ୧୯୬୦, OGP ଅଧିନିୟମ ୧୯୬୪, OPLE ଅଧିନିୟମ ୧୯୭୨ ପ୍ରଭୃତି ୧୯୯୨ ମସିହାର ଏବଂ ୭୩ ତମ ଏବଂ ୭୪ ତମ ସଂବିଧାନ ସଂଶୋଧନ, ୧୯୯୨, PESA ଅଧିନିୟମ ୧୯୯୬, FRA ୨୦୦୬ ଏବଂ LARR ଅଧିନିୟମ ୨୦୧୩).<br>୪.୨. ଜମିଜମା ପ୍ରଶାସନ ପାଇଁ ପ୍ରଶାସନିକ ଗଢଣର ସମୀକ୍ଷା କରାଯାଉ, ଆବଶ୍ୟକ ଅନୁସାରେ ତର୍କ ସଙ୍ଗତ ଏବଂ ନିୟନ୍ତ୍ରିତ କରାଯାଉ ଏବଂ ସଂଗଠିତ କରାଯାଉ, ସମସ୍ତ ସ୍ତରରେ ବିବେକାନୁମୋଦିତ ଅଧିକାର କମ୍ କରାଯାଉ ଏବଂ ସମ୍ବଳ ଆବଶ୍ୟକତାର ସମସ୍ତ ତାଲିକା କରାଯାଉ, ଜମି ପ୍ରଶାସନ ପାଇଁ ସମୟର ଆବଶ୍ୟକତା ଏବଂ ସମସ୍ତ ସ୍ତରରେ ସମ୍ବଳ ଆବଶ୍ୟକତା ନିଶ୍ଚିତ କରାଯାଉ (ମାନବ ସମ୍ବଳ, ନୂଆ ପ୍ରୟୋଗ ବିଜ୍ଞାନ ବ୍ୟବହାର କରିବାର ଦକ୍ଷତା, କାର୍ଯ୍ୟ-ଭିତ୍ତିକ ସଂରଚନା ଏବଂ ଉପକରଣ) | RDM ବିଭାଗ |

| ସମସ୍ୟା | ସୁପାରିଶ | ଦାୟିତ୍ୱ |
|---|---|---|
| ୫. *ଯୋଗ୍ୟ ବିବେଚିତ ଗରିବ ଲୋକମାନଙ୍କୁ ସାର୍ବଜନୀନ ସରକାରୀ ଜମି ବଣ୍ଟନ ଏବଂ ସେହି ବଣ୍ଟିତ ଜମିର କେତେ ଅଂଶ ପ୍ରକୃତରେ ସେମାନଙ୍କ ପାଖରେ ଅଛି, ଏହାର ପ୍ରଭାବଶୀଳତାକୁ ମଜଭୁତ କରିବା :*<br>ଆବାଦ ଯୋଗ୍ୟ ଏବଂ ଆବାଦ ଅଯୋଗ୍ୟ ଅନାବାଦୀ (ଚାଷ ଯୋଗ୍ୟ ଓ ଅଣଚାଷ ଯୋଗ୍ୟ) ପ୍ରାୟ ୬୩ ଲକ୍ଷ ଏକର ସରକାରୀ ପତିତ ଜମି ରହିଛି, ଯାହାକି ଭୁଲେଖ ଅନୁସାରେ ସମୁଦାୟ ଗ୍ରାମାଞ୍ଚଳ ଜମିର ପ୍ରାୟ ୧୮ ଶତକଡା (ଫେବୃଆରୀ ୨୦୧୪) ।<br>ଗରିବ, ଆଇନତଃ ଭାବରେ ଜମିହୀନ ଲୋକ (ସାଧାରଣ ଏକ ଏକର ଜମିରୁ କମ୍), ବିଶେଷ ଭାବରେ ଅନୁସୂଚୀତ ଜନଜାତି (ST) ଏବଂ ଅନୁସୂଚୀତ ଜାତି (SC) ଲୋକ ମାନଙ୍କୁ ଜମି ବଣ୍ଟନ ଓଡିଶାରେ ଏକତ୍ର ମୁଖ୍ୟ ନୀତି ଅଟେ । ଜମିହୀନ ଏବଂ ଘର-ଡିହ ହୀନମାନଙ୍କ ଗ୍ରାମୱାରୀ ହିସାବର ତଥ୍ୟ ଠିକ୍ ଭାବରେ ଉପଲବ୍ଧ ହୋଇପାରୁ ନାହିଁ କିମ୍ବା ବଣ୍ଟନ ପାଇଁ ସରକାରୀ ଜମି ଉପଲବ୍ଧତା ସଂପର୍କୀୟ ତଥ୍ୟ ନଥିବାରୁ ଏହା କାର୍ଯ୍ୟକାରୀ କରିବାରେ ବାଧା ହେଉଛି ସମସ୍ୟା ଆଦିବାସୀ ଅଞ୍ଚଳରେ ଅଧିକ ଦେଖାଯାଉଛି ।<br>ସହରାଞ୍ଚଳ ଦାରିଦ୍ର୍ୟ ଉପଶମ କାର୍ଯ୍ୟକ୍ରମ ଅନ୍ତର୍ଗତ ଝୁଂପୁଡିରେ ବାସ କରୁଥିବା ଲୋକ ମାନଙ୍କ ପାଇଁ ନିର୍ଦ୍ଦିଷ୍ଟ ସମୟ ଅବଧି ରହିବା ଆବଶ୍ୟକ । | ୫.୧ ପଞ୍ଚାୟତିରାଜ ଅନୁଷ୍ଠାନ (PRI) ଏବଂ ସ୍ଥାନୀୟ ଲୋକ ମାନଙ୍କ ସହାୟତାରେ ପୁନଃବଣ୍ଟନ ପାଇଁ ଜମିର ଉପଲବ୍ଧତା ଚିହ୍ନଟ କରାଯାଉ ଏବଂ ଭୂମିହୀନ ଏବଂ ଘରହୀନ ବ୍ୟକ୍ତି ମଧ୍ୟ ଚିହ୍ନଟ କରାଯାଉ, ଯେଉଁମାନେ ବଣ୍ଟନରୁ ଲାଭ ପ୍ରାପ୍ତ କରି ପାରିବେ ।<br>୫.୨ ସମାନତା ଏବଂ ସ୍ୱଚ୍ଛତା ଅନୁସାରେ ଜମି ବଣ୍ଟନ ସୁନିଶ୍ଚିତ କରିବା ପାଇଁ ପ୍ରଣାଳୀ ସମୀକ୍ଷା କରାଯାଉ ।<br>୫.୩ ଜମି ପୁନଃବଣ୍ଟନ ହୋଇଥିବା ପ୍ରାନ୍ତୀୟ ଲୋକମାନଙ୍କ ଦ୍ୱାରା ଫଳପ୍ରଦ ଜମି ବ୍ୟବହାର ଏବଂ ସବୁଦିନ ଜମି ରଖିପାରିବେ ସେଥିପାଇଁ ସଫଳ ପଦକ୍ଷେପ ପ୍ରସ୍ତୁତ କରାଯାଉ (ଯୋଗ୍ୟ ବିବେଚିତ ହେଉଥିବା ଘର ପରିବାର ମାନଙ୍କ ମଧ୍ୟରେ ଭୂଦାନ ଜମି, ସିଲିଙ୍ଗ୍ ପ୍ରାପ୍ତ ଜମି ଏବଂ ପତିତ ପାଣିଜମି ବଣ୍ଟନର ସଫଳ ବଣ୍ଟନ ଏବଂ ପର୍ଯ୍ୟାଲୋଚନା ଉପରେ ବିଶେଷ ଭାବରେ ଧ୍ୟାନ ଦେଇ)<br>୫.୪ ସ୍ଥାନଚ୍ୟୁତ ହୋଇଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଉ ଏବଂ ସେମାନଙ୍କ ଜମି ସେମାନଙ୍କୁ ଫେରାଇ ଦେବା ପାଇଁ ଏକ ସଫଳ ମାଧ୍ୟମ ପ୍ରସ୍ତୁତ କରାଯାଉ ଯାହାଦ୍ୱାରା ପ୍ରଭାବିତ ହୋଇଥିବା ବ୍ୟକ୍ତିମାନଙ୍କର ଜୀବନଯାପନ ପ୍ରଣାଳୀରେ ଯେପରିକି ଉନ୍ନତି ହୋଇପାରିବେ ।<br>୫.୫ ଜମି ଅଧିକାରର ନକ୍ସା ତିଆରି କରାଯାଉ ଏବଂ କୌଣସି ଅଞ୍ଚଳ ଏବଂ ଗ୍ରାମ ବିକାଶ କାର୍ଯ୍ୟକ୍ରମ, ତୁଳନାରେ ଜଳାଶୟ ପ୍ରସ୍ତୁତି, MGNREGS ଏବଂ ଏହିପରି କାର୍ଯ୍ୟକ୍ରମ ପ୍ରସ୍ତୁତ କଲାବେଳେ ଜମିହୀନ ଏବଂ ଘରଡିହ ହୀନ ବ୍ୟକ୍ତିମାନଙ୍କ ଦଖଲ ସୁନିଶ୍ଚିତ କରାଯାଉ । | RDM ବିଭାଗ; SC/ST ବିକାଶ ବିଭାଗ; PR ବିଭାଗ |
| ୬. *ଜଙ୍ଗଲ ଭୂମି ଏବଂ ଆଦିବାସୀ ପାଇଁ ଅନୁଷ୍ଠାନଗତ ଦାୟିତ୍ୱ ବଣ୍ଟନରେ ସ୍ପଷ୍ଟତା ର ଅଭାବ ରହିଛି ଏବଂ ଫଳରେ ମାଲିକାନା ପ୍ରଦାନ କରିବାରେ ନିବାରଣ କରୁଛି :*<br>ଜଙ୍ଗଲ ଏବଂ ରାଜସ୍ୱ ବିଭାଗ (ଜମି ବ୍ୟବହାରର କିସମ ବନାମ ମାଲିକାନା, ପ୍ରସ୍ତାବିତ ରାଜସ୍ୱ ଜଙ୍ଗଲ ହିସାବରେ ୧,୩୭୯ ଜଙ୍ଗଲ ବ୍ଲକ୍‌ରେ ୮୪୭ ବର୍ଗ କିମି ରହିଛି, ଯଦିଓ ଜଙ୍ଗଲ ବିଭାଗ ଏହାକୁ ସଂରକ୍ଷିତ ଜଙ୍ଗଲ୍ ହିସାବରେ ବିଚାର କରୁଛି)ମଧ୍ୟରେ ଆଇନଗତ ସ୍ପଷ୍ଟତାର ଅଭାବ ରହିଛି; ଆଦିବାସୀ ମାନଙ୍କର ଭୂମିଗତ ଅଧିକାର ଏବଂ ସେମାନଙ୍କର ଜଙ୍ଗଲ ଜମି ଉପରେ ଅଧିକାର ପାଇଁ ବିଧି ପ୍ରଣୟନ ହୋଇଛି (ଓଏଲ୍ଆର୍ (OLR), OSATIP ନିୟନ୍ତ୍ରଣ, PESA ଏବଂ GP ଅଧିନିୟମ ସଂଶୋଧନ, ଜଙ୍ଗଲ ଅଧିକାର ଅଧିନିୟମ), କିନ୍ତୁ ସେଗୁଡିକ ଘୋଷଣା କରିବା ଅତ୍ୟନ୍ତ ଜଟିଳ ଓ ବିବାଦୀୟ ଅଟେ । ଏକ ନିର୍ଦ୍ଦିଷ୍ଟ ବିଷୟକୁ ନେଇ ଏକାଧିକ ଅନୁଷ୍ଠାନ ମଧ୍ୟରେ ଉପୁରାଉପୁରି ଦାୟିତ୍ୱ ରହିଛି (ଜଙ୍ଗଲ, ଆଦିବାସୀ ରାଜସ୍ୱ, ଗ୍ରାମ ପଞ୍ଚାୟତ ପ୍ରଭୃତି); FRA/JFM କାର୍ଯ୍ୟକାରୀତା ଅତ୍ୟନ୍ତ ସନ୍ତୋଷଜନକ । କିନ୍ତୁ FRA ଅନ୍ତର୍ଗତ ବଣ୍ଟନ ହୋଇଥିବା ଜଙ୍ଗଲ ଜମିର ସେ ଅନୁସାରେ ନକ୍ସା ନାହିଁ, କିମ୍ବା ଖତିଆନ୍ (ROR) ରେ ରେକର୍ଡ ସଦ୍ୟ ସଂଶୋଧନ କରାଯାଇ ନାହିଁ, ଯଦିଓ ସେଥିପାଇଁ ସରକାରୀ ଆଦେଶ ରହିଛି, CFR ଅନ୍ତର୍ଗତ ପ୍ରସ୍ତୁତି ଅତି ମାନ୍ଦା ।<br>ସର୍ବ ସାଧାରଣ ଜମି ସ୍ପଷ୍ଟ ଭାବରେ ବ୍ୟାଖ୍ୟା କରାଯାଇ ନାହିଁ, ଏହାକୁ (LA) ଅଧିନିୟମ ସହଜରେ ଅର୍ଜନ କରିହେବ, ଘରୋଇ ବ୍ୟକ୍ତି କିମ୍ବା ସଂସ୍ଥା ମାନଙ୍କୁ ବିବେକାନୁମୋଦିତ ଅଧିକାର ବଳରେ ବଣ୍ଟନ କରିହେବ; ସୁପ୍ରିମ୍ କୋର୍ଟର ଆଦେଶ ଅନୁସାରେ ଏହି ଜମିରୁ ଉଚ୍ଛେଦ କରିବା କ୍ଷମତା ଗ୍ରାମ ପଞ୍ଚାୟତକୁ ନ୍ୟସ୍ତ କରାଯାଇ ନାହିଁ । | ୬.୧ ଜଙ୍ଗଲ ଜମି ପରିଚାଳନା ଏବଂ ମାଲିକାନା ନ୍ୟସ୍ତ କରିବା କିମ୍ବା ସିପିଆର୍ (ଇତ୍ୟାଦି) ଅଧିକାର ସହିତ ସଂପୃକ୍ତ ଥିବା କାର୍ଯ୍ୟ ପ୍ରବାହ ଏବଂ ଦାୟିତ୍ୱ ବ୍ୟାଖ୍ୟା କରାଯାଉ ଏବଂ ଯେଉଁଠାରେ ସମ୍ଭବ ପୁନଃ ପ୍ରସ୍ତୁତି କରାଯାଉ ।<br>୬.୨ ଗ୍ରାମ ସଭାକୁ ସର୍ବସାଧାରଣ ଜମିର ପରିଚାଳନା ହସ୍ତାନ୍ତର କରିବା ପାଇଁ ଉଦ୍ଦିଷ୍ଟ ଆଇନ୍‌ର କାର୍ଯ୍ୟକାରୀ କରନ୍ତୁ । କାର୍ଯ୍ୟକାରୀ କରିବା ପାଇଁ ମାଧ୍ୟମ ଏବଂ ସମ୍ବଳ ଆବଶ୍ୟକତା ମୂଲ୍ୟାଙ୍କନ କରାଯାଉ ।<br>୬.୩ ଜଙ୍ଗଲ ପ୍ରକାରର ସମସ୍ତ ଜମି ଚିହ୍ନଟ କରାଯାଉ ଏବଂ ସର୍ଭେ କରାଯାଉ<br>୬.୪ ଜଙ୍ଗଲ ଏବଂ ଆଦିବାସୀ ଜମି ଉପରେ ସମସ୍ତ ଅଧିକାର ନିର୍ଣ୍ଣୟ କରିବା ଏବଂ ଅନୁମୋଦନ କରିବା ପ୍ରଣାଳୀକୁ ସଫଳତାର ସହିତ ପର୍ଯ୍ୟାଲୋଚନା କରିବା ପାଇଁ ରାଜ୍ୟ ସ୍ତରୀୟ ପର୍ଯ୍ୟାଲୋଚନା କମିଟି ସ୍ଥାପନ କରାଯାଉ ।<br>୬.୫ ଏହା ସୁରକ୍ଷିତ ଜଙ୍ଗଲ କିମ୍ବା ସଂରକ୍ଷିତ ଜଙ୍ଗଲର ସିଦ୍ଧାନ୍ତ ନେବା ପାଇଁ ବାକି ଥିବା ପ୍ରସ୍ତାବକୁ ସବୁ ଏକ ନିର୍ଦ୍ଦିଷ୍ଟ ସମୟ ସୀମା ଭିତରେ ସମାଧାନ କରାଯାଉ ।<br>୬.୬ ଏଫ୍ଆର୍‌ଏ (FRA) ନିୟମ ଏବଂ ପ୍ରଣାଳୀ ସଂପୂର୍ଣ୍ଣ ଭାବରେ କାର୍ଯ୍ୟକାରୀ କରିବା ପାଇଁ ସୁବିଧା କରାଯାଉ (ବିଭିନ୍ନ ଅଧିକାର ସହିତ ସୁପାରିଶ କରାଯାଇଥିବା ନକ୍ସାର ପ୍ରସ୍ତୁତି, ଜଙ୍ଗଲ ଏବଂ ରାଜସ୍ୱ ନକ୍ସା ହସ୍ତାନ୍ତର କରିବା, ଭୋଟର୍ ତାଲିକା ଏବଂ ପ୍ରତ୍ୟେକ FRC କିମ୍ବା ଗ୍ରାମ ସଭାକୁ ସଚେତନତା କିଟ୍ ପ୍ରଦାନ କରିବା) ସମସ୍ତ ଅନୁଷ୍ଠାନ ସ୍ତରରେ ପରିଚାଳନାଗତ ଦାୟିତ୍ୱ ଓ ଅଧିକାର ଗୁଡିକର ସ୍ପଷ୍ଟ ବ୍ୟାଖ୍ୟା କରାଯାଉ ।ଥ<br>୬.୭ ଏଫ୍ଆର୍‌ଏ (FRA) ଏବଂ CFR ପରବର୍ତ୍ତୀ ଜଙ୍ଗଲ ରେକର୍ଡ (RF, PF ପ୍ରଭୃତି)ଅନ୍ତର୍ଗତ ବ୍ୟକ୍ତିଗତ ଅଧିକାର ମାନ୍ୟତା ପରେ ଖତିଆନ୍ (ROR) ରେକର୍ଡ ସଦ୍ୟ ସଂଶୋଧନ କରାଯାଉ । | RDM ବିଭାଗ; ଜଙ୍ଗଲ ବିଭାଗ; GP |

| ସମସ୍ୟା | ସୁପାରିଶ | ଦାୟିତ୍ୱ |
| --- | --- | --- |
| ***୭. ମହିଳା ମାନଙ୍କର ଜମି ମାଲିକାନା ବୃଦ୍ଧି କରିବା ପାଇଁ ଆଇନ୍‌ଗତ ଏବଂ ପ୍ରଶାସନୀକ ସୁଯୋଗ ଯଥେଷ୍ଟ ଭାବରେ ଉପଯୋଗ କରାଯାଇ ନାହିଁ :***<br><br>ସରକାରୀ ପତିତ ପାଣିଜମି, ଘରଡିହ, ଭୂମିହୀନ ମାନଙ୍କୁ ସିଲିଙ୍ଗରୁ ବହିର୍ଭୁକ୍ତ ଜମି ପ୍ରଭୃତି ବଣ୍ଟନ କ୍ଷେତ୍ରରେ ଓଡିଶା ସରକାର ସ୍ୱାମୀ ଏବଂ ସ୍ତ୍ରୀ ଉଭୟଙ୍କ ନାମରେ ଯୁଗ୍ମ ପଟ୍ଟା ପ୍ରଦାନ କରିବା ପାଇଁ ଆଦେଶ ଦେଇଛନ୍ତି । FRA କ୍ଷେତ୍ରରେ ଯୁଗ୍ମ ପଟ୍ଟା ବଣ୍ଟନ କରାଯିବାର ବ୍ୟବସ୍ଥା କରାଯାଉଛି । ଜମି ହସ୍ତାନ୍ତର କ୍ଷେତ୍ରରେ ନିଷ୍ପତ୍ତି ନେବା ପାଇଁ ମହିଳା ମାନଙ୍କୁ ସମାନ ଅଧିକାର ଦେବାର ଆଇନଗତ ବ୍ୟବସ୍ଥା ରହିଛି, କିନ୍ତୁ ତାକୁ ଭଲ ଭାବରେ କାର୍ଯ୍ୟକାରୀ କରାଯାଉ ନାହିଁ । ଯଦିଓ ଔରଷ ସୂତ୍ରରେ ପ୍ରାପ୍ତ ହେବାକୁ ଥିବା ଭୂ-ସଂପତ୍ତି ସଂପର୍କିତ ଆଇନ୍‌କାନୁନ୍ ଅନୁସାରେ ଝିଅ ଏବଂ ବୋହୂ ମାନେ ବଂଶାନୁକ୍ରମିକ ଏବଂ ସ୍ୱାମୀ ପରିବାର ସଂପତ୍ତି ପାପ୍ତ କରିବାର ଅଧିକାର ରହିଛି, ରାଜ୍ୟ ତାହା ସକ୍ରିୟ ଭାବରେ କାର୍ଯ୍ୟକାରୀ କରୁ ନାହିଁ । ସେମାନଙ୍କ ପାଖରେ ଜ୍ଞାନ ନଥିବାରୁ ମହିଳାମାନେ ଏ ପ୍ରକାର ଅଧିକାର ପ୍ରାପ୍ତ କରିବାରେ ଅସମର୍ଥ ହେଉଛନ୍ତି, ସେଥିପାଇଁ ଉପାୟ ପାଉ ନାହାନ୍ତି ଏବଂ ସେମାନଙ୍କ ପାଖରେ ଆବଶ୍ୟକ ଆବଶ୍ୟକ ସମ୍ବଳ ନାହିଁ । | ୭.୧ ମହିଳା ମାନଙ୍କର ଜମିଗତ ଅଧିକାର କ୍ଷେତ୍ରରେ ହେଉଥିବା ପ୍ରଗତି ତଦାରଖ କରିବା ପାଇଁ ଖତିଆନ୍ (ROR) ରେ ସୂଚନା ରେକର୍ଡ କଲାବେଳେ 'ଲିଙ୍ଗ' ବିଷୟରେ ସୂଚନା ଅନ୍ତର୍ଗତ କରାଯାଉ ।<br><br>୭.୨ ସାର୍ବଜନୀନ ସରକାରୀ ଜମି ଏବଂ ଗୃହ ବଣ୍ଟନ କ୍ଷେତ୍ରରେ ମହିଳାମାନଙ୍କ ନାମରେ ସ୍ୱତ୍ୱ ଦେବା ପ୍ରୋତ୍ସାହନ କରାଯାଉ ।<br><br>୭.୩ ମହିଳାମାନଙ୍କ ନାମରେ ସଂପତ୍ତି ରେକର୍ଡ କରିବା ପାଇଁ କମ୍ ରେଜିଷ୍ଟ୍ରେସନ୍ ଫିଜ୍ ବିଚାର କରାଯାଉ । | RDM ବିଭାଗ; NLRMP, IG ରେଜିଷ୍ଟ୍ରେସନ୍ |
| ***୮. ସମସ୍ତ ସୁବିଧା ପାଖରେ ଥାଇ ମଧ୍ୟ ସହରାଞ୍ଚଳ ବିକାଶ ଏବଂ ବିସ୍ତାରଣ ଯୋଜନାବଦ୍ଧ ଭାବରେ ହୋଇନାହିଁ ତଥା ଭିତ୍ତି ସଂରଚନା ପରେ କରାଯାଇଛି :***<br><br>ସହର ଅଞ୍ଚଳର ବିସ୍ତାରଣ ଅଣଯୋଜନା ବଦ୍ଧ ଆପେ ଆପେ ଏବଂ ଲଗାତାର ଭାବରେ ମଜଭୁତ-ବିହିନ ଏବଂ ସହନ-ଶକ୍ତି ବିହିନ ଆଡକୁ ଗତି କରୁଛି । ସହରାଞ୍ଚଳ ପାଇଁ ଓଡିଶା ସରକାରଙ୍କର ଏକ ମଜଭୁତ ଏବଂ ଶକ୍ତ ଆଇନ୍‌ଗତ ଏବଂ ଅନୁଷ୍ଠାନଗତ ଢାଞ୍ଚା ରହିଛି, କିନ୍ତୁ ସେଗୁଡିକ ସଫଳତାର ସହିତ କାର୍ଯ୍ୟକାରୀ କରିବାରେ ଏବଂ ସମନ୍ୱୟ ରକ୍ଷା କରିବାର ଆହ୍ୱାନ ଆସିଛି । ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ ଗୁଡିକର ଯୋଜନା ଏବଂ ବିକାଶ ପାଇଁ ଅଲଗା ଅଲଗା ଅନୁଷ୍ଠାନ ମାନଙ୍କର ପ୍ରଚେଷ୍ଟା  ପାରସ୍ପରିକ ସହଯୋଗ ଗ୍ରନ୍ଥଚ୍ୟୁତ ପରି ଲାଗୁଛି । ରାଜ୍ୟ ସରକାର ଏକ ନୂଆ ଟାଉନ୍ ପ୍ଲାନିଙ୍ଗ୍ ସ୍କିମ୍ (TPS), ଆରମ୍ଭ କରିବାକୁ ଯାଉଛନ୍ତି ଯେଉଁଥିରେ ଘରୋଇ/ବ୍ୟକ୍ତିଗତ ଜମି ମାଲିକମାନଙ୍କ ଠାରୁ ନିଆଯିବ ଏବଂ ସେଗୁଡିକ ଏକାଠି କରି, କିଛି ଅଂଶ ରାସ୍ତା ଏବଂ ପୌର ସ୍ୱଚ୍ଛନ୍ଦ ପାଇଁ ବ୍ୟବହାର କରାଯିବ କିନ୍ତୁ ଅଧିକାଂଶ ଘରୋଇ ପ୍ଲଟ୍‌ଗୁଡିକ ବିବାଦାସ୍ପଦ ହୋଇ ରହିଛି, ତେଣୁ ଏହି ଜମି ଏକାଠି କରିବାର ପ୍ରକ୍ରିୟା କାର୍ଯ୍ୟକାରୀ କରିବା ସରକାରଙ୍କ ପାଇଁ କଷ୍ଟକର ହେବ ।<br><br>ସହରାଞ୍ଚଳର ଗରିବ ଲୋକମାନଙ୍କ ପାଇଁ ଅଳ୍ପ ଖର୍ଚ୍ଚରେ ଘର ଯୋଗାଣ କରିବା ପଲିସି ରହିଛି, ଯେଉଁଥିରେ ଖର୍ଚ୍ଚ କମ୍ କରିବା ପାଇଁ ଅନେକ ପଦକ୍ଷେପ ମଧ୍ୟ ସାମିଲ୍, (ଅଳ୍ପ ଖର୍ଚ୍ଚରେ ଜମି ଉପଲବ୍ଧ କରିବା, ଅଧିକ ଫ୍ଲୋର୍ ଏରିଆ ରେସିଓ ଅନୁମତି ଦେଇ ପରୋକ୍ଷ-ସବ୍‌ସିଡି ଦେବା, ବିକାଶକରିବା ଅଧିକାର ମଧ୍ୟ ହସ୍ତାନ୍ତ କରିବା, ଜମି ବ୍ୟବହାର ଚାର୍ଜରେ ରିହାତି ଦେବା, ଷ୍ଟାମ୍ପ୍ ଡ୍ୟୁଟି ଛାଡ କରିବା କିମ୍ବା କମ୍ କରିବା, ଜମି ବ୍ୟବହାର କ୍ଷେତ୍ରରେ କୋହଳ ନୀତି ପ୍ରୟୋଗ କରିବା, ଅଳ୍ପ ଖର୍ଚ୍ଚ ବିଶିଷ୍ଟ ଘର ନିର୍ମାଣ ଟେକ୍‌ନୋଲୋଜି ପାଇଁ ପ୍ରୋତ୍ସାହନ ଦେବା ), ତା ସହିତ ବାସସ୍ଥାନ ପାଇଁ ସରକାରଙ୍କ ତରଫରୁ ନିର୍ଦ୍ଦିଷ୍ଟ ପରିମାଣର ପାଣ୍ଠିର ପ୍ରାବଧାନ କରାଯାଇଛି, କିନ୍ତୁ ସେଗୁଡିକ ସଫଳତାର ସହିତ କାର୍ଯ୍ୟକାରୀ କରାଯାଇ ପାରୁ ନାହିଁ । | ୮.୧ କେତେକ ଗୋଟିକିଆ ସମୟରେ ପୁନଃ ସର୍ଭେ ନ କରି ରେକର୍ଡର ସଦ୍ୟ ସଂଶୋଧନ ଏବଂ ରକ୍ଷଣାବେକ୍ଷଣ ଉପରେ ଧ୍ୟାନ କେନ୍ଦ୍ରିଭୂତ କରି ସାଧାରଣ ଦିଗ ଏବଂ ସ୍ଥାନ ଭିତ୍ତିକ ତଥ୍ୟ ମୌଳିକ ସୁବିଧା ସମସ୍ତ ସହରଗୁଡିକରେ ସ୍ଥାପନ କରିବା ପାଇଁ ମୂଳ ନକ୍ସା ସ୍ଥାପନ କରାଯାଉ । (ନଂ ୨ ଦେଖନ୍ତୁ )<br><br>୮.୨ ସହରାଞ୍ଚଳ ଜମି ବ୍ୟବହାର, ମାଲିକାନା ଏବଂ ହସ୍ତାନ୍ତରତା ଉପରେ ଥିବା ନିୟନ୍ତ୍ରଣର ଯୁକ୍ତିଯୁକ୍ତତା ସମୀକ୍ଷା କରାଯାଉ ଏବଂ କୌଣସି ଉପଯୋଗୀ ଉଦ୍ଦେଶ୍ୟ ସାଧନ କରୁ ନଥିବା ପ୍ରାବଧାନ ଗୁଡିକ ହଟାଇ ଦିଆଯାଉ ଏବଂ ଏହାର ଅନୁପାଳନରେ ଉନ୍ନତି ଅଣାଯାଉ । ଏଭଳି ନିଷ୍ପତ୍ତି ନେବାରେ ୟୁଏଲ୍‌ବି ଏବଂ ସର୍ବସାଧାରଣଙ୍କୁ ସଂପୃକ୍ତ କରାଯାଉ ।<br><br>୮.୩ ସର୍ବସାଧାରଣ ଉପଲବ୍ଧ କରିପାରୁଥିବା ମୂଳ ତଥ୍ୟବଳୀ ପ୍ରସ୍ତୁତ କରାଯାଉ ଏବଂ ବଜାୟ ରଖନ୍ତୁ ଯାହାକି ଜମି ବ୍ୟବହାର ନିୟନ୍ତ୍ରଣ ଲଗାତାର ଏବଂ ସଫଳତା ସହିତ କାର୍ଯ୍ୟକାରୀ କରିପାରିବ ।<br><br>୮.୪ ଦକ୍ଷତା କମ୍ ଥିବା ସମସ୍ୟା ସମାଧାନ କରିବାକୁ ଟାଉନ୍ ପ୍ଲାନିଙ୍ଗ୍, ସହରାଞ୍ଚଳ ବିକାଶ ଏବଂ ଉପାୟ ଡିଜାଇନ୍ ପାଇଁ ଆବଶ୍ୟକ ସମ୍ବଳ ଅଟକଳ କରାଯାଉ । ବିକାଶ କର୍ତ୍ତୃପକ୍ଷଙ୍କ ସହଯୋଗରେ ସହରାଞ୍ଚଳ କେନ୍ଦ୍ରର ବିକାଶ ପ୍ଲାନିଙ୍ଗ୍ କରିବାରେ ସ୍ଥାନୀୟ ସହରାଞ୍ଚଳ ସରକାରୀ ସଂସ୍ଥାକୁ ଆବଶ୍ୟକ ପରିବର୍ତ୍ତନ ଏବଂ ଶକ୍ତିଶାଳୀ କରିବା ସୁଯୋଗ ବାହାର କରାଯାଉ ।<br><br>୮.୫ ସହରାଞ୍ଚଳ କିମ୍ବା ମ୍ୟୁନିସିପାଲ୍‌ଟି ଯୋଜନା ଏବଂ ଗ୍ରାମାଞ୍ଚଳ ଯୋଜନା କିମ୍ବା ପଞ୍ଚାୟତ ଯୋଜନା ଏକତ୍ରୀକରଣ କରିବା ପାଇଁ ଜିଲ୍ଲା ଯୋଜନା କମିଟିର କାର୍ଯ୍ୟକାରିତା ପରିସର ସମୀକ୍ଷା କରାଯାଉ ।<br><br>୮.୬ ସହରାଞ୍ଚଳ ବିସ୍ତାରଣ ସହିତ ମୌଳିକ ସୁବିଧାର ବିକାଶ ସମକାଳୀନ କରାଯାଉ ।<br><br>୮.୭ ବେଆଇନ୍ ବ୍ୟବହାର କିମ୍ବା ହସ୍ତାନ୍ତର ନହେବା ପାଇଁ ଲେ-ଆଉଟ୍ ପ୍ଲାନ୍ ଭିତରେ ଥିବା ସାଧାରଣ ଖୋଲାଜାଗା ଆବାସିକ ମଙ୍ଗଳ ଆସୋସିଆସନ୍‌ଙ୍କ ନାମରେ ରେଜିଷ୍ଟ୍ରେସନ୍ କରିବା ପାଇଁ ଆଇନ୍‌ଗତ ସହାୟତା ଦିଆଯାଉ । | ଗୃହ ଏବଂ ସହରାଞ୍ଚଳ ବିକାଶ ବିଭାଗ;<br><br>ULBs-BMC, CMC; ବିଭାଗ; ବିକାଶ କର୍ତ୍ତୃପକ୍ଷ; (BDA, CDA ଇତ୍ୟାଦି)<br><br>ଟାଉନ୍ ପ୍ଲାନିଙ୍ଗ୍ ନିର୍ଦ୍ଦେଶାଳୟ (DTP) |

| ସମସ୍ୟା | ସୁପାରିଶ | ଦାୟିତ୍ୱ |
|---|---|---|
| ***୯. ସାର୍ବଜନୀନ ସରକାରୀ ଜମିର ଦକ୍ଷତା ସହିତ ସୁରକ୍ଷିତ କରାଯାଇନାହିଁ କିମ୍ବା ପରିଚାଳନା କରାଯାଇନାହିଁ ସରକାରୀ ଜମି ଘରୋଇ ନିବେଶୀ ମାନଙ୍କୁ ହସ୍ତାନ୍ତର କରିବା ସବୁବେଳେ ଅଭିବୃଦ୍ଧି ସୁନିଶ୍ଚିତ କରେ ନାହିଁ ଏବଂ ଅସମାନତା ଏବଂ କଳହ ପାଇଁ ଅଂଶଦାନ କରିଥାଏ :***<br><br>ଓଡିଶା ସରକାରଙ୍କର (ଆର୍‌ଡିଏମ୍ ଏବଂ ଜଙ୍ଗଲ ବିଭାଗକୁ ମିଶି) ପ୍ରଚୁର ସ୍ୱକୀୟ ସରକାରୀ ଜମି ରହିଛି : ସମସ୍ତ ଜମିର ପ୍ରାୟ ୭୦ ଶତକଡା; ସେଥି ମଧ୍ୟରୁ ଅଧିକାଂଶ ହେଉଛି ସାଧାରଣ ସଂପତ୍ତି (୮୦ ଶତକଡାରୁ ଅଧିକ ସିଡ୍ୟୁଲ୍ V ଅଞ୍ଚଳରେ ଅବସ୍ଥିତ । ଜଙ୍ଗଲ ବିଭାଗ ସହିତ ସର୍ବସାଧାରଣ ସରକାରୀ ଜମି ରହିଛି (୪୦ ଶତକଡା) ଯେଉଁଥିରେ ସର୍ଭେ ହୋଇ ନଥିବା କୃଷି ଜମି (ଖାଲ/ଗର୍ତ୍ତ ଜମିରେ ଅନିୟମିତ ଉଠା ପୋଡୁ ଚାଷ ଜମି ଯାହାକି ୧୦- ଡିଗ୍ରୀ ଖାଲରୁ ଅଧିକ – ୧ ନିୟୁତ ହେକ୍ଟର୍) ଏବଂ ପ୍ରାୟ ୩୦ ଶତକଡା ଗାମାଞ୍ଚଳ ରାଜସ୍ୱ ବିଭାଗ ଅନ୍ତର୍ଗତ ( ୩୫ ଶତକଡା ପର୍ଯ୍ୟନ୍ତ ସିଡ୍ୟୁଲ୍ V); ସାର୍ବଜନୀନ ସରକାରୀ ଜମି ପ୍ରକୃତ ପକ୍ଷରେ ଚିହ୍ନଟ କରିବା କଷ୍ଟକର ମ୍ୟାପ୍ ଏବଂ ଆର୍‌ଓଆର୍ (ROR) ରେ ଜମିଜମା ସୀମା ସଦ୍ୟ ସଂଶୋଧନ କରାଯାଇ ନାହିଁ ।<br><br>ସାର୍ବଜନୀନ ସରକାରୀ ଜମିର ବ୍ୟବହାର ଏକାଧିକ ପ୍ରଶାସନିକ ନିୟମ (OGLS ଅଧିନିୟମ, OPLE ଅଧିନିୟମ, OLR ଅଧିନିୟମ, ସରକାରୀ ଗ୍ରାଣ୍ଟ ଅଧିନିୟମ) ଏବଂ ବିଭାଗ ଦ୍ୱାରା ପରିଚାଳିତ ହେଉଛି, କିନ୍ତୁ ସେମାନଙ୍କ ମଧ୍ୟରେ ପାରସ୍ପରିକ ସହଯୋଗ ଅତି ସିମୀତ ଅଟେ ଏବଂ ସେମାନଙ୍କ ପାଖରେ ଯଥେଷ୍ଟ ସମ୍ବଳ ମଧ୍ୟ ନଥାଏ । ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ ସ୍ଥାନୀୟ ସ୍ୱ-ପ୍ରଶାସିତ ସରକାରୀ ସଂସ୍ଥା (ମ୍ୟୁନିସିପାଲିଟି ଏବଂ ପଞ୍ଚାୟତ )ସରକାରୀ ଜମି ପରିଚାଳନ କରନ୍ତି ନାହିଁ, ଯଦିଓ ସେଥିପାଇଁ (୭୩ ଏବଂ ୭୪ ସଂଶୋଧନ ଅଧିନିୟମ ଏବଂ PESA ଅଧିନିୟମ)ରେ ସେଭଳି ପ୍ରାବଧାନ ରହିଛି । ଗ୍ରାମାଞ୍ଚଳ ଏବଂ ଆଦିବାସୀ ଅଞ୍ଚଳରେ କୌଣସି ଜମି ବ୍ୟବହାର ନୀତି ନିୟମ ନାହିଁ । ଜଳାଶୟ ସହିତ ଅନେକ ଜମି ଅକ୍ତିଆର ହୋଇ ରହିଛି । ଓଡିଶା ସରକାର ଅଧିକରୁ ଅଧିକ ସରକାରୀ ଜମି ଗରିବ ଲୋକମାନଙ୍କୁ ବଣ୍ଟନ ଏବଂ ଶିଳ୍ପ ପାଇଁ ବଣ୍ଟନର ଲକ୍ଷ୍ୟ ରଖିଛନ୍ତି ।<br><br>ଶିଳ୍ପ-ଅନୁକୂଳ ନୀତି ଏହା ପ୍ରଭାବିତ କରେ ଯେ ସୃଷ୍ଟି କରାଯାଇଥିବା ବିଭିନ୍ନ ଅନୁଷ୍ଠାନ ମାଧ୍ୟମରେ (ଯେପରିକି IDCO, IPICOL ପ୍ରଭୃତି) ଅଗ୍ରାଧିକାର ଭିତ୍ତିରେ ଶିଳ୍ପ ପାଇଁ ଜମି ବଣ୍ଟନ କରାଯାଇ ପାରିବ । ନିବେଶକର ଆବଶ୍ୟକତା ଅନୁସାରେ (ବେଳେବେଳେ ସେମାନଙ୍କର ଆବଶ୍ୟକତା ବିଜ୍ଞାନ ପଦ୍ଧତିରେ ମାପ କରାଯାଇ ନଥାଏ) ଯେତେଦୂର ସମ୍ଭବ ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ବିବେକାନୁମୋଦିତ କ୍ଷମତା ଉପଯୋଗର ସୀମା ଭିତରେ ଜମି ଲିଜ୍ ଦିଆଯାଇ ଥାଏ; ଜମି ହସ୍ତାନ୍ତର ପ୍ରଣାଳୀରେ ସ୍ୱଚ୍ଛତା ନାହିଁ । ଜମିକୁ ରିହାତି ଦରରେ ଏବଂ ବଜାର ଦର ତୁଳନାରେ ବହୁତ କମ୍‌ରେ ଦିଆଯାଉଛି । କେବଳ ୧୦ ଶତକଡା ଜମି ନିଲାମ କରାଯାଇ ପାରିଛି, ଜମିଜମା ବ୍ୟାଙ୍କ ଯୋଜନା ମଧ୍ୟ ଆରମ୍ଭ କରାଯାଇଛି ।<br><br>ସରକାରୀ ଜମି ବଣ୍ଟନରେ ସର୍ବସାଧାରଣରେ ପରାମର୍ଶ ଏବଂ କଥାବାର୍ତ୍ତା ଅତି କମ୍ ହେଉଛି, ଯଦିଓ ପ୍ରକୃତ ପକ୍ଷରେ ସ୍ଥାନୀୟ ଲୋକମାନଙ୍କର ଏହି ପ୍ରକାର ଜମି ଉପରେ ଅତ୍ୟଧିକ ନିର୍ଭରଶୀଳତା ରହିଛି । ଘରୋଇ ଉଦ୍ଦେଶ୍ୟରେ ବଣ୍ଟନ କରାଯାଇଥିବା ଜମିର ସଠିକ୍ ଭାବରେ ଉପଯୋଗ କରାଯାଇ ପାରୁଛି ନା ନାହିଁ ତାହା ପର୍ଯ୍ୟାଲୋଚନା କରାଯାଉ ନାହିଁ (ଯେପରିକି ଉଦ୍ଦେଶ୍ୟ, ନିର୍ଦ୍ଦିଷ୍ଟ ସୀମା ଭିତରେ) । | ୯.୧ ସାର୍ବସାଧାରଣ ସରକାରୀ ଜମି ଚିହ୍ନଟ କରାଯାଉ, ଭଲ ଭାବରେ ରେକର୍ଡ କରାଯାଉ ଏବଂ ସୀମା ନିର୍ଦ୍ଧାରଣ କରାଯାଉ; ଗ୍ରାମାଞ୍ଚଳ ଜମିପାଇଁ ରାଜ୍ୟ ଜମି ବ୍ୟବହାର ଏବଂ ଆଞ୍ଚଳିକ ନୀତି ବିକଶିତ କରାଯାଉ (ଆଧୁନିକ ପ୍ରଯୁକ୍ତି ବିଜ୍ଞାନ- (GIS) ବ୍ୟବହାର କରି ଯୋଗ ଦେବା ପଥ ବିକଶିତ କରାଯାଉ);ଗରିବ ଲୋକଙ୍କୁ ବଣ୍ଟନ ପାଇଁ ଉପଯୁକ୍ତ ଭୂମି ଚିହ୍ନଟ କରାଯାଉ (ସମାନତା), ଶିଳ୍ପ ଅଞ୍ଚଳକୁ ବିଭିନ୍ନ ଅଞ୍ଚଳରେ ବିଭକ୍ତ କରାଯାଉ (ଆର୍ଥିକ); ପରିବେଶୀୟ ସେବା ସାର୍ବଜନୀନ ସରକାରୀ ଜମିର ସୁରକ୍ଷା (ପରିବେଶ); ସଂସ୍କୃତିକୁ ଆଖି ଆଗରେ ରଖି ଏକ ପ୍ରାଥମିକତା ସୂଚନାଙ୍କ ପ୍ରସ୍ତୁତ କରାଯାଉ । (ବିଶେଷ ଭାବରେ ପିଭିଟିଜି (PVTG) ଏବଂ ଅନ୍ୟ ଗ୍ରୁପ୍ ମାନଙ୍କ ଭଳି)।<br><br>୯.୨ ବିଭିନ୍ନ ରାଜ୍ୟ କିମ୍ବା କେନ୍ଦ୍ର ସରକାର ବିଭାଗ ଏବଂ ସରକାରୀ ଉଦ୍ୟୋଗ ନିଗମ ଦ୍ୱାରା ଦଖଲରେ ଥିବା ଜମିର ପରିଚାଳନା ଏକକ ପ୍ରଣାଳୀ ସ୍ଥାପନ କରନ୍ତୁ ଏବଂ ଏକୀକୃତ କରାଯାଇଥିବା ଜମି ତଥ୍ୟାବଳୀର ଆଧାର ମଧ୍ୟ ସ୍ଥାପନ କରାଯାଉ । ସରକାରୀ ଜମି ଉପରେ ପ୍ରସ୍ତୁତ ହୋଇଥିବା ତଥ୍ୟାବଳୀର ଆଧାର ସହଜରେ ପ୍ରାପ୍ତ କରିହେବା ଉଚିତ୍ ଏବଂ ଜିଆଇଏସ୍ (GIS) ସାଧନ ବ୍ୟବହାର କରି ତାକୁ ବ୍ୟାଖ୍ୟା କରିହେବା ଉଚିତ୍ ଏବଂ ଭୂପୃଷ୍ଠ ସତ୍ୟତା ଅନୁସାରେ ସାର୍ବଜନୀନ ସରକାରୀ ଜମିର ସ୍ଥାନ ଏବଂ ଦିଗ ଭିତ୍ତିକ ଲିଖିତ ରେକର୍ଡ ସଂଗଠିତ କରିବା ସମ୍ଭବ ହେବା ଉଚିତ୍ ।<br><br>୯.୩ ସର୍ବଜନୀନ ସରକାରୀ ଜମି ହସ୍ତାନ୍ତର ଏବଂ ଅନ୍ୟ ପ୍ରକାର ଉପଯୋଗ ପାଇଁ ଦାୟିତ୍ୱ ଏବଂ ପ୍ରଣାଳୀର ସମୀକ୍ଷା କରାଯାଉ ଏବଂ ତ୍ୱରାନ୍ୱିତ ପୂର୍ବକ ଅଧିକ ସଂଗଠିତ କରାଯାଉ । ସରକାରୀ ଭୂମି ଥିବା ପ୍ରତ୍ୟେକ ବିଭାଗ ଏବଂ ସର୍ବ ସାଧାରଣ ସଂପତ୍ତି ସୁରକ୍ଷା ପାଇଁ ଆଇନଗତ ଦାୟିତ୍ୱ ଥିବା ସଂସ୍ଥା ଗୁଡିକର ସମ୍ବଳଗତ ଆବଶ୍ୟକତା ଆକଳନ କରାଯାଉ, ବେଆଇନ୍ ଅକ୍ତିଆର ହଟାଯାଉ ଏବଂ ନିରାକରଣ କରାଯାଉ ।<br><br>୯.୪ ଜମି ଉପଲବ୍ଧତାରେ ସହାୟକ କରୁଥିବା ସଂସ୍ଥା ଯେପରିକି IDCO, GA; ଗୁଡିକର କାର୍ଯ୍ୟକାରିତା ସମୀକ୍ଷା କରାଯାଉ; ଜମି କମିଶନର ପୁର୍ନଗଠନ ବିଚାର କରାଯାଉ ଏବଂ ସେଥିରେ ଉନ୍ନତି ଆଣି ସହଯୋଗ ବୃଦ୍ଧି କରାଯାଉ । ସାର୍ବଜନୀନ ସରକାରୀ ଜମି ପରିଚାଳନାର ପାରସ୍ପରିକ ସହଯୋଗ ପାଇଁ ଏକ ନୋଡାଲ୍ ଏଜେନ୍ସି ଗଠନ କରାଯାଉ । OGP ଅଧିନିୟମ ୧୯୬୪ ଏବଂ PESA ରେ ଥିବା ପ୍ରାବଧାନ ଅନୁସାରେ, ଉଭୟ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ଥିବା ସ୍ଥାନୀୟ ସରକାରୀ ସଂସ୍ଥାର ଭୂମିକା ସେହି ଏଜେନ୍ସିରେ ସ୍ପଷ୍ଟ ଭାବରେ ବ୍ୟାଖ୍ୟା କରା ଯାଇଥିବ ।<br><br>୯.୫ ରାଜ୍ୟ ବିବାଦ ପରିଚାଳନା ପ୍ରକ୍ରିୟା ସ୍ଥାପନ କରି (ଦେବୋତ୍ତର ସଂପତ୍ତିକୁ ବିଶେଷ ଧାନ ରଖି ଯାହାକି ଦିନକୁ ଦିନ ଅଧିକତର ଭାବରେ ବେଆଇନ୍ ଅଧିକୃତ ଏବଂ ବିବାଦାସ୍ପଦ ହେଉଛି) ଘରୋଇ ବ୍ୟକ୍ତିଙ୍କ ସପକ୍ଷରେ ଜାଲିଆତି ବନ୍ଦୋବସ୍ତ କରାଯାଇଥିବା ସରକାରୀ ଭୂମି ପୁନଃ ପ୍ରାପ୍ତି କରାଯାଉ । ସରକାରୀ ଜମିର ବେଆଇନ୍ ଅକ୍ତିଆର ହେବା ସମସ୍ୟାକୁ ସଫଳତା ସହିତ ସମାଧାନ କରିବା ପାଇଁ ଆନ୍ଧ୍ରପ୍ରଦେଶ ଜମି ଜବରଦଖଲ (ନିରାକରଣ) ଅଧିନିୟମ ୧୯୮୨ ଅନୁସରଣ କରି ଓଡିଶା ପାଇଁ ମଧ୍ୟ ଆଇନ୍ ପ୍ରଣୟନ କରିବା ବିଚାର କରାଯାଉ ।<br><br>୯.୬ ନିବେଶ ପାଇଁ ଜମି ବଣ୍ଟନର ଅଭିଜ୍ଞତା ଏବଂ ଜମି ନିଲାମର ଅଭିଜ୍ଞତା ସମୀକ୍ଷା କରାଯାଉ ।ଘରୋଇ ବ୍ୟବହାର ପାଇଁ ଜମି ବଣ୍ଟନ ପ୍ରକ୍ରିୟାରେ ସ୍ୱଚ୍ଛତା ଏବଂ ଦାୟିତ୍ୱାଧୀନତା ପ୍ରକ୍ରିୟା ବୃଦ୍ଧି କରିବା ପାଇଁ ଏକ ମାଧ୍ୟମ ଚିହ୍ନଟ କରାଯାଉ ଏବଂ ନିଲାମ ପାଇଁ ବିକଳ୍ପ ବାହାର କରାଯାଉ । | RDM ବିଭାଗ; GA ବିଭାଗ; IDCO, IPICOL ବିକାଶ କର୍ତ୍ତୃପକ୍ଷ |

| ସମସ୍ୟା | ସୁପାରିଶ | ଦାୟିତ୍ୱ |
|---|---|---|
| | ୯.୭ ଜମି ହସ୍ତାନ୍ତର, ଲିଜ୍ କିମ୍ବା ଖଜଣା ପ୍ରଦାନ ବିଷୟରେ ନିୟମିତ ପ୍ରକାଶନ କରାଯାଉ ,ଯାହା ଉପରେ ନଜର ରଖିହେବ । ନିବେଶୀ ଦ୍ୱାରା ଚୁକ୍ତିନାମାଗତ ନୈତିକ ଦାୟିତ୍ୱ ଅନୁପାଳନ ସୁନିଶ୍ଚିତ କରିବା ପାଇଁ ଏକ ତୃତୀୟ ପକ୍ଷ ପର୍ଯ୍ୟାଲୋଚନା ସଂପର୍କରେ ବିଚାର କରାଯାଉ ।<br>୯.୮ LARR, ୨୦୧୨ ଅନୁସାରେ ଥଇଥାନ ଏବଂ ପୁନଃର୍ବସତି ପ୍ରକ୍ରିୟା ଏବଂ ଅନୁପାଳନକୁ ବାଧ୍ୟ କରାଯାଉ ଅଂଶିଦାର କରିବାର ସମ୍ଭାବିତ ଲାଭ ଆକଳନ କରାଯାଉ । ବିଶ୍ୱସ୍ତରୀୟ ଉତ୍ତମ କାର୍ଯ୍ୟ ଅଭ୍ୟାସ ସ୍ତରକୁ ଅନୁପାଳନ ପରିମାପକୁ ନିଆଯାଉ ଏବଂ ପର୍ଯ୍ୟାଲୋଚନା ପ୍ରକ୍ରିୟାକୁ ମଜଭୁତ କରାଯାଉ ଏବଂ ଥଇଥାନ ଏବଂ ପୁନଃର୍ବସତି ପାଇଁ କମିଶନର ନିଯୁକ୍ତ କରିବା ବିଚାର କରାଯାଉ ।<br>୯.୯ କାର୍ଯ୍ୟକାରୀ ଏବଂ ପର୍ଯ୍ୟାଲୋଚନା ପାଇଁ ଦାୟିତ୍ୱ ନ୍ୟସ୍ତ କରାଯାଉ । ସଂପତ୍ତି ପ୍ରାପ୍ତିରେ ସମାନତା ଆଣିବା ପାଇଁ ନୀତି ପର୍ଯ୍ୟାଲୋଚନା କରାଯାଉ ଏବଂ ରାଜ୍ୟର ଆଇନ୍ ଅନୁସାରେ ଗରିବ ଲୋକମାନେ ଜମି କିପରି ପ୍ରାପ୍ତ ଏବଂ ବ୍ୟବହାର କରି ପାରିବେ ତାହା ମଧ୍ୟ ପର୍ଯ୍ୟାଲୋଚନା କରାଯାଉ । | |
| ***୧୦. ଟିକସ ସଂଗ୍ରହ ବୃଦ୍ଧି କରାଯାଉ ଏବଂ ଟିକସ ଛାଡ ପ୍ରକ୍ରିୟାକୁ ଯୁକ୍ତିଯୁକ୍ତ କରାଯାଉ :***<br>ବିଭିନ୍ନ ସେବା ପ୍ରଦାନରେ ଉନ୍ନତି ଆଣିବା ପାଇଁ ଟ୍ୟାକ୍ସ ସଂଗ୍ରହ ଅତ୍ୟନ୍ତ ଆବଶ୍ୟକ, କିନ୍ତୁ ସହର ଗୁଡିକ ରାଜସ୍ୱ ସଂଗ୍ରହର ସମ୍ଭାବ୍ୟକୁ ଯୁକ୍ତି ସଙ୍ଗତ ବୃଦ୍ଧି କରୁନାହାନ୍ତି ସଂଗ୍ରହ ମାଧ୍ୟମକୁ ଆବଶ୍ୟକ ଅନୁସାରେ ଯୁକ୍ତିସଙ୍ଗତ କରୁନାହାନ୍ତି । ଗ୍ରାମାଞ୍ଚଳରେ, ୮୦ ଶତକଡା ସଂପତ୍ତିଧାରୀ ଯେଉଁମାନେ ଜମି/ସଂପତ୍ତି ଟ୍ୟାକ୍ସ ଦେବାକୁ ଯୋଗ୍ୟ, ସେମାନେ ଟିକସ ରୋଲ୍‌ରେ ତାଲିକାଭୁକ୍ତ ହୋଇଛନ୍ତି, ଏହା ସହରାଞ୍ଚଳରେ ୫୦ ଶତକଡାରୁ କମ୍ । ଓଡିଶାରେ ଜମି/ସଂପତ୍ତି ଟ୍ୟାକ୍ସର ସଂଗ୍ରହ ଅଟକଳ କରାଯାଇଥିବା ଜମି/ସଂପତ୍ତି ଟାକ୍ସର ମାତ୍ର ୫୦ ଶତକଡା ଏବଂ ୭୦ ଶତକଡା ମଧ୍ୟରେ ହୋଇଥାଏ ।<br>ଜମି ମୂଲ୍ୟାଙ୍କନ ଏବଂ ଟିକସୀ କରଣ OGLS ଅଧିନିୟମ,୧୯୭୨, ଘଡକଉ ଅଧିନିୟମ ୧୯୭୨, OLR ଅଧିନିୟମ, ୧୯୬୦ ଏବଂ ସେଥିରେ ଉଲ୍ଲେଖ ହୋଇଥିବା ନିୟମ ମାଧ୍ୟମରେ କରାଯାଇ ଥାଏ । ରାଜ୍ୟ ସରକାର ଜମି ଖଜଣା (୧୯୭୮ ) ସଂଗ୍ରହ ପ୍ରଥା ବନ୍ଦ କରି ଦେଇଛନ୍ତି ଏବଂ ତା ପରିବର୍ତ୍ତେ ସେସ୍ ସଂଗ୍ରହ କରୁଛନ୍ତି । ଟିକସ ଦେବା ପାଇଁ ଅନ୍ତର୍ଭୁକ୍ତ ହୋଇଥିବା ସମସ୍ତ ସଂପତ୍ତି ପାଇଁ ମୂଲ୍ୟାଙ୍କନ ରୋଲ୍ ସର୍ବସାଧାରଣ ଦ୍ୱାରା ପ୍ରାପ୍ତହେବାର ପ୍ରାବଧାନ ରହିଛି ("e – ଧରଣୀ) ।<br>ଓଡିଶା ମ୍ୟୁନିସିପାଲ୍ କର୍ପୋରେସନ ଅଧିନିୟମ-୨୦୦୩ ଅନୁସାରେ ହୋଲ୍‌ଡିଙ୍ଗ୍ ଟିକସକୁ ସଂପତ୍ତି ଟ୍ୟାକ୍ସ ଅନୁସାରେ ନାମ ପଦ୍ଧତି କରାଯାଇଛି । ଭଡା ନିୟନ୍ତ୍ରଣ, ସମସ୍ତ ସଂପତ୍ତି ରୋଲ୍ ସଦ୍ୟ ସଂଶୋଧନ କରିବାରେ ଅକ୍ଷମତା ଏବଂ ସମୟ ସମୟରେ ମୂଲ୍ୟାଙ୍କନ କରିବାରେ ପ୍ରତିରୋଧତା ଅକଳନ ଅନୁସାରେ ଟାକ୍ସ ସଂଗ୍ରହ କରିବା ସମ୍ଭବପର ହୋଇ ପାରୁ ନାହିଁ । ଏହା ସମ୍ଭବ ହୋଇପାରେ ଯେ ରାଜ୍ୟ ସରକାର ଜମି ବ୍ୟବହାର ପରିବର୍ତ୍ତନ ପାଇଁ ଅତି ଅଳ୍ପ ଫିସ୍ ଧାର୍ଯ୍ୟ ହୋଇଥିବା, ବାକିଥିବା ପ୍ରିମିଅମ୍, ସୁଧ, ସମ୍ମତି ଦେବା ଫିଜ୍ ସଂଗ୍ରହ ହୋଇ ନ ପାରିବା ଯୋଗୁଁ ଏବଂ ଆବଶ୍ୟକ ସ୍ଥଳେ ନିଲାମ ନକରୁ ଥିବାରୁ ବହୁ ପରିମାଣ ରାଜସ୍ୱ ହରାଉଛନ୍ତି । | ୧୦.୧ ସମସ୍ତ ବଡ ବଡ ସହରର ରାଜସ୍ୱ ସଂଗ୍ରହର ସମ୍ଭାବିତ କ୍ଷମତା ବନାମ ପ୍ରକୃତ ସଂଗ୍ରହ ଚିହ୍ନଟ କରାଯାଉ ଏବଂ ପ୍ରକାଶନ କରାଯାଉ ।<br>୧୦.୨ ପୁନଃ ସର୍ଭେ କରିସାରିବା ପରେ କିସମ୍ (ଜମିର ସାଧାରଣ ପ୍ରକାର) ଅନୁସାରେ ଟିକସର ସାଧାରଣକରଣ ଏବଂ ଆବଶ୍ୟକ ଅନୁସାରେ ପରିବର୍ତ୍ତନ କରାଯାଉ; ଅନ୍‌ଲାଇନ୍ ପଇଠ ବିକଳ୍ପ ସହ ଜମି ଖଜଣା ପୁନଃ ପ୍ରଚଳନ ସମ୍ଭାବନା ବାହାର କରାଯାଉ (ରାଜସ୍ୱ ପରିମାଣ ବୃଦ୍ଧି ପାଇଁ ଏବଂ ଅବାରିତ ନିର୍ଦ୍ଦିଷ୍ଟ ଦାୟିତ୍ୱ ସ୍ଥିର କରିବା ପାଇଁ) ।<br>୧୦.୩ ବିଭିନ୍ନ ଅନୁଷ୍ଠାନ ଏବଂ ଧର୍ମିକ ଟ୍ରଷ୍ଟକୁ ସରକାରୀ ଟିକସ ଛାଡର ସମୀକ୍ଷା କରାଯାଉ ଏବଂ ହୋଲ୍‌ଡିଙ୍ଗ୍ ଟିକସ ମାଧ୍ୟମରେ ସେମାନଙ୍କର ସେବା ଦେୟ ବୃଦ୍ଧି କରିବାର ବିକଳ୍ପ ବାହାର କରନ୍ତୁ; ସମସ୍ତ ଘରୋଇ ଜମି ପାଇଁ ଟିକସ ମଧ୍ୟ ମୂଲ୍ୟାଙ୍କନ କରାଯିବା ଉଚିତ୍ (ବେବନ୍ଦୋବସ୍ତ ଜମିକୁ ମିଶାଇ) ।<br>୧୦.୪ ଟିକସ ସଂଗ୍ରହ ପ୍ରଣାଳୀକୁ ସମୀକ୍ଷା କରାଯାଉ ଏବଂ ତ୍ୱରାନ୍ୱିତ ପୂର୍ବକ ଅଧିକ ସଂଗଠିତ କରାଯାଉ । ସହରାଞ୍ଚଳ ଆଞ୍ଚଳିକ ସଂସ୍ଥା (ULB) ସଂପତ୍ତି ଟ୍ୟାକ୍ସ ସଂଗ୍ରହର ପ୍ରଶାସନିକ ଦକ୍ଷତା ବୃଦ୍ଧି କରିବା ପାଇଁ ଆବଶ୍ୟକ ସମ୍ବଳର ଆକଳନ କରାଯାଉ । ସହରାଞ୍ଚଳ ଆଞ୍ଚଳିକ ସଂସ୍ଥା (ULB) କୁ ନିଶ୍ଚିତ ଭାବରେ ଅନୁଷ୍ଠାନଗତ ବନ୍ଦୋବସ୍ତ ପ୍ରଦାନ କରିବା ସହ ଏକ ଅନ୍‌ଲାଇନ୍ ସ୍ୱଚ୍ଛତା ଉପରେ ଆଧାରିତ ମୂଲ୍ୟାଙ୍କନ ପ୍ରଣାଳୀ ଏବଂ ପେୟ ପ୍ରାବଧାନ ରହିବା ଉଚିତ୍ । | ରାଜସ୍ୱ ବିଭାଗ; ଗୃହ ଏବଂ ସହରାଞ୍ଚଳ ବିକାଶ ବିଭାଗ; ULBs |
| ***୧୧. ବିବାଦ ସମାଧାନ ଫଳପ୍ରସୂ କରାଯାଉ ଏବଂ ପର୍ଯ୍ୟାଲୋଚନା ପ୍ରକ୍ରିୟା ମଧ୍ୟ ପ୍ରସ୍ତୁତ କରାଯାଉ:***<br>ଆଇନ୍ ଗତ ଏବଂ ରେଭେନ୍ୟୁ ସିଷ୍ଟମ୍‌ରେ ସମୁଦାୟ କେସ୍‌ର ପ୍ରାୟ ୫୦ ଶତକଡାରୁ ଅଧିକ ଜମିଜମା ବିବାଦ କେସ୍ ଅଟେ । ଦେୱାନୀ କୋର୍ଟରେ ଜମିଜମା ବିବାଦ ସମ୍ବନ୍ଧୀୟ କେସ୍ ଅତ୍ୟଧିକ ହୋଇଥିବାରୁ ରେକର୍ଡ ଅଧୁନାତନ କରିବା ପାଇଁ ପ୍ରାଥମିକତା ସ୍ତରର ସର୍ଭେ ସଂପୂର୍ଣ୍ଣ ହେବାରେ ବିଳମ୍ବ ହେଉଛି, ଆର୍‌ଓଆର୍ (ROR) ପ୍ରସ୍ତୁତି ସମୟରେ ବ୍ୟକ୍ତି ମାନଙ୍କୁ ସେମାନଙ୍କର ନ୍ୟାର୍ଯ୍ୟ ଦାବୀ ଦିଆଯାଇ ପାରୁ ନାହିଁ, ଆର୍‌ଓଆର୍ (ROR) ଜମିଧାରୀ ମାନଙ୍କର ରେକର୍ଡ ଭୁଲ୍ ଭାବରେ ରେକର୍ଡ କରାଯାଇଛି, ଟାଇଟିଲ୍ ନିର୍ଦ୍ଧାରଣ ପାଇଁ ଉଭୟ ସବ୍‌ଷ୍ଟାଣ୍ଟିଭ୍ ଏବଂ ପ୍ରଣାଳୀଗତ ନିୟମ ଅତି ପୁରୁଣା । | ୧୧.୧ ସମସ୍ତ କୋର୍ଟ କିମ୍ବା ଘଟଣା ପାଇଁ ବିବାଦ ରେକର୍ଡ଼ କିମ୍ବା ଶ୍ରେଣୀଭୁକ୍ତକରଣ କରିବାକୁ ସ୍କିମ୍ ପ୍ରସ୍ତୁତ କରାଯାଉ ଯେପରିକି ଆଇନ୍‌ଗତ ଏବଂ ନିୟନ୍ତ୍ରଣଗତ ପ୍ରତିବନ୍ଧକ ଚିହ୍ନଟ କରାଯାଇପାରିବ ଏବଂ ବିବାଦ ସମାଧାନର ମନ୍ଥର ଗତିର କାରଣ ମଧ୍ୟ ଜାଣିହେବ । କୋର୍ଟର ଅନ୍‌ଲାଇନ୍ ମୂଳ ତଥ୍ୟାବଳୀରେ "ଜମି" ଏକ ମୁଖ୍ୟ ଶବ୍ଦ ହିସାବରେ ଅନ୍ତର୍ଗତ କରାଯାଉ ଯେପରିକି ସମସ୍ତେ ଏହି କେସ୍ ସହଜରେ ମୂଳ ତଥ୍ୟାବଳୀରୁ ଅନୁସରଣ କରିପାରିବେ ଏବଂ ବିଭିନ୍ନ ସ୍ତରରେ ବିଚାରାଧିନ ଥିଲେ ମଧ୍ୟ ତା ଉପରେ ନଜର ରଖି ପାରିବେ । | RDM ରାଜସ୍ୱ ବିଭାଗ; ଓଡିଶା ହାଇକୋର୍ଟ ଆଇନ୍ ବିଭାଗ |

| ସମସ୍ୟା | ସୁପାରିଶ | ଦାୟିତ୍ୱ |
| --- | --- | --- |
| ଏହି କେସ୍ ଗୁଡିକ ଦାୟିତ୍ୱଥିବା ବ୍ୟକ୍ତି ମାନଙ୍କର କ୍ଷତି ପୂରଣ, ଜମି ଅକ୍ତିଆର କ୍ଷେତ୍ରରେ ଥଇଥାନ ଏବଂ ପୁର୍ନବସତି (R & R) ବିଷୟରେ ମୋଟାମୋଟି ଜ୍ଞାନର ଅଭାବ ରହିଛି । ଜମିଜମା ବିବାଦ ସମାଧାନ ପାଇଁ ଅଧିକତର ରୁ ଅଧିକତର ସମୟ ଲାଗୁଛି, ଯାହାକି ରାଜ୍ୟ ଏବଂ ବିବାଦ ସଂପୃକ୍ତ ଥିବା ବ୍ୟକ୍ତି, ଉଭୟଙ୍କ ପାଇଁ କ୍ଷତି କାରକ ଅଟେ, ଏହା ମଧ୍ୟ ଖର୍ଚ୍ଚ ବହୁଳ, ଏ ସମ୍ବନ୍ଧୀୟ ଆଇନକାନୁନ୍ ଅତି ଜଟିଳ ଏବଂ ପ୍ରଣାଳୀ ମଧ୍ୟ କଷ୍ଟକର ଏବଂ ଓକିଲ ଏବଂ କୋର୍ଟ ଫିଜ୍ ବିଷୟରେ ଜ୍ଞାନର ଅଭାବ ମଧ୍ୟ ରହିଛି । ଓଡିଶାର ବିଭିନ୍ନ କୋର୍ଟରୁ ନିଆଯାଇଥିବା ସୂଚନା ଅନୁସାରେ କୋର୍ଟ ଗୁଡିକରେ ବିଚାରାଧୀନ ଥିବା ସମୁଦାୟ ଜମିଜମା କେସ୍‌ର ୨୦ ଶତକଡାରୁ ଅଧିକ ହେଉଛି ବହୁଦିନ ଧରି ବାକି ରହିଥିବା (>5 ବର୍ଷ) କେସ୍ ।<br>ଅନେକ ଆଇନ୍ କାନୁନ ଅନୁସାରେ ଦେୱାନୀ କୋର୍ଟ ଜମିଜମାଗତ ବିବାଦ ଗୁଡିକର ଶୁଣାଣୀ କରିବାର ଅଧିକାର ନାହିଁ, କେବଳ ରେଭେନ୍ୟୁ କୋର୍ଟ ଏବଂ ସଂପୃକ୍ତ କର୍ତ୍ତୃପକ୍ଷ ଆର୍ବିଟ୍ରେସନ୍ ମାଧ୍ୟମରେ ହିଁ କରି ପାରିବେ, ଫଳରେ ଆର୍ବିଟ୍ରେସନ୍ ଏବଂ କାର୍ଯ୍ୟକାରୀ କରୁଥିବା କର୍ତ୍ତୃପକ୍ଷର ପୃଥକୀକରଣ ସଂପୂର୍ଣ୍ଣ ହୋଇପାରୁ ନାହିଁ ।<br>ଦକ୍ଷତା ଯଥେଷ୍ଟ ନୁହେଁ ଏବଂ ଅତି କମ୍‌ରେ ପ୍ରତ୍ୟେକ ବ୍ଲକ୍ ଅଞ୍ଚଳରେ ଗୋଟିଏ ଗ୍ରାମ ନ୍ୟାୟାଳୟ ଏବଂ ପ୍ରତି ୨୦,୦୦୦ ଲୋକ ସଂଖ୍ୟାରେ ଗୋଟିଏ ଦେୱାନୀ କୋର୍ଟ ଏବଂ ତା ସହିତ ଯଥେଷ୍ଟ ପରିମାଣରେ ଷ୍ଟାଫ୍ ଏବଂ ମୌଳିକ ସୁବିଧା ଦିଆଯିବା ଆବଶ୍ୟକ । ବର୍ତ୍ତମାନର ବିକାଶଶୀଳ ଆଇନ୍‌କାନୁନ୍ ଏବଂ ଉଚ୍ଚତମ ନ୍ୟାୟାଳୟର ଅତ୍ୟନ୍ତ ସକ୍ରିୟ ଏବଂ ଉପଯୋଗୀ ଅର୍ଡର ଯୋଗୁଁ ଜମିଜମା ସମ୍ବନ୍ଧୀୟ ବିବାଦ ଶିଘ୍ର ସମାଧାନ ହୋଇ ପାରୁଛି, ତାହା ପ୍ରକୃତପକ୍ଷରେ କାର୍ଯ୍ୟକାରୀ କରିବା ଉଚିତ । ଲୋକ ଅଦାଲତ୍ ଗୁଡିକର ସାଧାରଣ ବ୍ୟବହାର ଆବଶ୍ୟକ କରେ ଯେ ବିଚାରାଳୟ ଏବଂ ଅର୍ଦ୍ଧ-ବିଚାରାଳୟ ରେ କାର୍ଯ୍ୟ କରୁଥିବା ବ୍ୟକ୍ତି ଆଉଟ୍-ଅଫ୍ -କୋର୍ଟ ମଧ୍ୟ କିପରି କେସ୍ ଗୁଡିକର ସମାଧାନ ହୋଇ ପାରିବ, ସେ ବିଷୟରେ ସମ୍ବେଦନଶୀଳ ହେବା ଉଚିତ ଏବଂ ଦେୱାନୀ ବିବାଦ ଗୁଡିକ ମଧ୍ଯସ୍ଥି, ପାରସ୍ପରିକ ଆଲୋଚନା ମାଧ୍ୟମ ଆର୍ବିଟେସନ୍ କିମ୍ବା ଲୋକ ଅଦାଲତ୍ ମାଧ୍ୟମରେ ଅତି-ଶୀଘ୍ର ସମାଧାନ କରିବା ପାଇଁ ଆଇନ୍‌ଗତ ସଂସ୍କୃତିକୁ ଆପଣେଇବା ଉଚିତ । | ୧୧.୨ ପ୍ରକ୍ରିୟା ଏବଂ ପ୍ରଣାଳୀ ସମୀକ୍ଷା କରାଯାଉ ଏବଂ ତ୍ୱରାନ୍ୱିତ ପୂର୍ବକ ଅଧିକ ସଂଗଠିତ କରାଯାଉ ଏବଂ ଆଇନ୍‌ଗତ ଏବଂ ରାଜସ୍ୱ କୋଟ୍ ସହାୟତାରେ କେସ୍ ଗୁଡିକର ସମାଧାନ ପାଇଁ ଉପଯୁକ୍ତ ଡିଭିଜନ କର୍ତ୍ତୃପକ୍ଷଙ୍କ ପାଖରେ ଅପିଲ୍ ପାଇଁ ( ଏହା ଓଡିଶା ସାର୍ବଜନୀନ ସେବା ଅଧିକାର ଅଧିନିୟମ ୨୦୧୨ ରେ ସଂଶୋଧନ ଆବଶ୍ୟକ ହେବ) ଏକ ସମୟ ସୀମା ନିର୍ଦ୍ଧାରଣ କରିବା ବିଚାର କରାଯାଉ ।<br>୧୧.୩ ବିଚାରଳୟ ଏବଂ ରେଭେନ୍ୟୁ କୋର୍ଟରେ ବହୁଦିନ ଧରି ବାକି ପଡିରହିଥିବା କେସ୍ ଗୁଡିକ ସମାଧାନ କରିବା ପାଇଁ ପ୍ରଚେଷ୍ଟା କରାଯାଉ ଏବଂ *ଲୋକ ଅଦାଲତ*ର ସାଧାରଣ ବ୍ୟବହାର ପ୍ରୋତ୍ସାହନ କରନ୍ତୁ ।<br>୧୧.୪ ବାକି ପଡି ରହିଥିବା ବହୁ ସଂଖ୍ୟକ କେସ୍ କିମ୍ବା ସମୟ କ୍ରମେ ସୃଷ୍ଟି ହେଉଥିବା ସମସ୍ୟାଗୁଡିକର ସମାଧାନ ପାଇଁ ଫାଷ୍ଟ-ଟ୍ରାକ୍ କୋର୍ଟ ସ୍ଥାପନ କରାଯାଇପାରେ । ଜମି ବିବାଦ ଗୁଡିକ ସଫଳତା ସହିତ ସମାଧାନ କରିବା ପାଇଁ ଅଲଗା ଦେବୋତ୍ତର କୋର୍ଟ ରାଜ୍ୟ ସରକାର ସ୍ଥାପନ କରିପାରନ୍ତି । ଯାହାକି ସେବାୟତ ଏବଂ ଦଇତି ମଧ୍ୟରେ ସୃଷ୍ଟି ହୋଇଥାଏ ।<br>୧୧.୫ ପ୍ରତି ବ୍ଲକ୍ କିମ୍ବା ସବ୍‌ଡିଭିଜନ୍ ମୁଖ୍ୟାଳୟରେ, ଆଇନ୍ ସେବା କର୍ତ୍ତୃପକ୍ଷ କିମ୍ବା ଡିଆରଡିଏ (DRDA) ନିୟନ୍ତ୍ରଣାଧିନରେ ଜମି ଅଧିକାର ଏବଂ ଆଇନ୍ ସହାୟତା କେନ୍ଦ୍ର ସ୍ଥାପନ କରିବାର ବିଚାର କରାଯାଉ । | |

# ପଶ୍ଚିମ ବଙ୍ଗ

| ସମସ୍ୟା | ସୁପାରିଶ | ଦାୟିତ୍ୱ |
|---|---|---|
| ***୧. ଗ୍ରାମାଞ୍ଚଳ ଜମିଜମା ରେକର୍ଡ ନିୟମିତ ଭାବରେ ସଦ୍ୟ ସଂଶୋଧନ କରାଯାଉ ନାହିଁ ଏବଂ ସ୍ଥାନ ଏବଂ ଦିଗ ଭିତ୍ତିକ ରେକର୍ଡ ର ମଧ୍ୟ ଅଭାବ ରହିଛି; ବିଭାଗ ଗୁଡିକ ମଧ୍ୟରେ ଯଥେଷ୍ଟ ସମନ୍ୱୟର ଅଭାବ ରହିଛି :***<br>ସମୟ ଅବଧିଗତ ଅଧିକାର ସଂପୂର୍ଣ୍ଣ ଭାବରେ ମାନ୍ୟତା ଦିଆଯାଇଛି ( ପଶ୍ଚିମବଙ୍ଗ ଭୂ-ସଂସ୍କାର ଅଧିନିୟମ; କୃଷି ଶ୍ରମିକ, କାରିଗର ଏବଂ ମତ୍ସ୍ୟଜିବୀମାନଙ୍କ ପାଇଁ ପଶ୍ଚିମ ବଙ୍ଗ ଘରଡିହ ଜମି ଅକ୍ତିଆର ଅଧିନିୟମ, ୧୯୭୫; ପଶ୍ଚିମ ବଙ୍ଗ ଠିକା ଟିନାନ୍ସି ଅଧିନିୟମ, ୨୦୦୧) କିନ୍ତୁ ଏଗୁଡିକ କାର୍ଯ୍ୟକାରୀ କରିବାରେ ଅଭାବ ରହିଛି । ଭାଗୁଆ ଚାଷୀ ଗତ ଆଇନ୍‌କାନୁନ୍ ଆର୍‌ଓଆର୍ ରେ ଉଲ୍ଲେଖ କରିବା ସମ୍ଭବ କରିଛି ଏବଂ ଏହା ଫଳପ୍ରଦ ହୋଇଛି (୭୨ ଶତକଡା ୨୦୦୩ରେ ଅଧିକ ସମୟ ଅବଧିଗତ ସୁରକ୍ଷା ପ୍ରାପ୍ତ କରିଛନ୍ତି । କେତେକ ପ୍ରକାର ଅଧିକାର କିମ୍ବା ପ୍ରଥାଗତ ଅଧିକାର ପାଇଁ ସମୟ ଅବଧିଗତ ଅଧିକାରରେ ଅନିଶ୍ଚିତତା ରହିଛି ; ଆଦିବାସୀ ମାନଙ୍କର ଜମିହସ୍ତାନ୍ତର କ୍ଷେତ୍ରରେ ଥିବା ନିୟନ୍ତ୍ରଣକୁ ସମ୍ମାନ ଦିଆଯାଉ ନାହିଁ ।<br><br>ଖତିଆନ୍ (ROR) ନିୟମିତ ଭାବରେ ସଦ୍ୟ ସଂଶୋଧନ କରାଯାଉ ନାହିଁ ଏବଂ ଦଖଲ ଖାରଚ ମଧ୍ୟ ବାକି ରହିଛି; ଜମିଜମା ରେକର୍ଡ ପ୍ରସ୍ତୁତିର ଆବଶ୍ୟକ ସୋପାନରେ ସଂପୃକ୍ତ ବ୍ୟକ୍ତି /ସଂସ୍ଥା ମାନଙ୍କର ଅନୁପସ୍ଥିତି/ଅଂଶଗହଣ ନକରିବା ଯୋଗୁଁ ତୃଟିପୂର୍ଣ୍ଣ ରେକର୍ଡ ସୃଷ୍ଟି ହୋଇଛି-ଫଳରେ ବିବାଦ ସୃଷ୍ଟି ହେଉଛି । ସାର୍ବଜନୀନ ସରକାରୀ ସଂସ୍ଥା ଅଧୀନରେ ଥିବା ଭୂ-ସଂପତ୍ତି ଖତିଆନ୍ (ROR) ରେ ରେକର୍ଡ ହେଉ ନାହିଁ ।<br><br>ରେକର୍ଡ ଏବଂ ମ୍ୟାପ୍‌ର ଡିଜିଟାଲ୍ କରଣ କିମ୍ବା କମ୍ପ୍ୟୁଟରୀକରଣ ପ୍ରାୟ ସଂପୂର୍ଣ୍ଣ ହେବା ସଙ୍ଗେ ସଙ୍ଗେ ଏ ସମସ୍ତ ସୂଚନା ୱେବ୍‌ସାଇଟ୍ ମାଧ୍ୟମରେ ଉପଲବ୍ଧ ହେଉଛି କିମ୍ବା ଅତି ଅଳ୍ପ ଖର୍ଚ୍ଚ ଦେଇ OTC ସର୍ଭିସ୍ ମାଧ୍ୟମରେ ଉପଲବ୍ଧ ହେଉଛି । କ୍ୟାଡାଷ୍ଟ୍ରଲ୍ ମ୍ୟାପ୍ ଏବଂ ୧,୪୭୩ ରାଜସ୍ୱ ଗ୍ରାମର ଖତିଆନ୍ ବର୍ତ୍ତମାନରେ ପସ୍ତୁତ କରାଯାଉଛି (WBLR ଅଧିନିୟମ, ୧୯୭୫ ଅନ୍ତର୍ଗତ). ବିଭିନ୍ନ ପ୍ରକାର ଜମିଜମା ପ୍ରଶାସନ ସେବାର ଫିସ୍ ଯୁକ୍ତି ସଙ୍ଗତ ନୁହେଁ, ସ୍ୱଚ୍ଛତା ଉପରେ ଆଧାରିତ ନୁହେଁ ଏବଂ ସରକାରୀ ସେବାରେ ହେଉଥିବା ଅଧିକ ଖର୍ଚ୍ଚ ସହିତ ତାଳମେଳ ନାହିଁ । | ୧.୧ ମୂଲ୍ୟ ଓ ଦକ୍ଷତା ଅବସ୍ଥିତି ଆଧାରିତ ଲିଖିତ ରେକର୍ଡ ଯାଞ୍ଚ୍ କରିବା ପାଇଁ ଏବଂ ସଦ୍ୟ ସଂଶୋଧନ କରିବା ପାଇଁ ପ୍ରାଥମିକତା ଭିତ୍ତିରେ ଏକ ଅଳ୍ପ ଖର୍ଚ୍ଚ ବିଶିଷ୍ଟ ଉପାୟ ଚିହ୍ନଟ କରାଯାଉ ଏବଂ କାର୍ଯ୍ୟକାରୀ କରାଯାଉ ।<br><br>୧.୨ ଲିଖିତ ଏବଂ ଦିଗ ଏବଂ ସ୍ଥାନ ଭିତ୍ତିକ ରେକର୍ଡ ଲଗାତାର ଭାବରେ ସଦ୍ୟ ସଂଶୋଧନ କରିବା ପାଇଁ ଏକ ମଧ୍ୟମ ପ୍ରସ୍ତୁତ  କରାଯାଉ ଏବଂ କାର୍ଯ୍ୟକାରୀ କରାଯାଉ, ଯେପରିକି କୌଣସି ସ୍ୱତନ୍ତ୍ର ଅଭିଯାନ କିମ୍ବା ଦୃତ ଭିତ୍ତିକ ଅଭିଯାନର ଆବଶ୍ୟକ ରହିବ ନାହିଁ । ଏକ ବିସ୍ତାରିତ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଉ, ଯେପରିକି ଏହା ନିର୍ଦ୍ଦିଷ୍ଟ ଏବଂ ସମ୍ଭବ ହୋଇ ପାରୁଥିବା ସମୟ ସୀମା ଭିତରେ ସମାପ୍ତ ହୋଇ ପାରିବ ।<br><br>୧.୩ ରେକର୍ଡ ରକ୍ଷଣାବେକ୍ଷଣ, ଯାଞ୍ଚ, ପୁନଃ ସର୍ଭେ ଏବଂ ଦୀର୍ଘକାଳୀନ ଭାବରେ କାର୍ଯ୍ୟ ଚାଲୁ ରଖିବା ପାଇଁ (ଯେପରିକି ଫିଜ୍ ସ୍ତରରେ ପରିବର୍ତ୍ତନ) ସମ୍ବଳର ଆବଶ୍ୟକତା ଆକଳନ କରାଯାଉ ।<br><br>୧.୪ ସମସ୍ତ ପ୍ରଥାଗତ ଅଧିକାର କୋଡ୍ ଯୁକ୍ତ କରିବା ପାଇଁ ଏବଂ ଚିହ୍ନଟ କରିବା ପାଇଁ ଏକ ଟାସ୍କ ଫୋର୍ସ ଗଠନ କରାଯାଉ ଏବଂ ଆଇନ୍ ଅନୁସାରେ ସେଗୁଡିକର ସୁରକ୍ଷା ନିଶ୍ଚିତ କରାଯାଉ ।<br><br>୧.୫ ବର୍ଗାଦାର ମାନଙ୍କ ନାମ ରେକର୍ଡ କରିବା ତ୍ୱରାନ୍ୱିତ କରାଯାଉ , ଯାହାକି ଆଜି ପର୍ଯ୍ୟନ୍ତ ସରକାରୀ ରେକର୍ଡରେ ଅନ୍ତର୍ଭୁକ୍ତ କରାଯାଇ ନାହିଁ । | L & LR |
| ***୨. ସହରାଞ୍ଚଳ ଜମିଜମା ରେକର୍ଡ ଅସଂପୂର୍ଣ୍ଣ ଏବଂ ସ୍ଥାନ ଏବଂ ଦିଗ ଭିତ୍ତିକ ରେକର୍ଡର ମଧ୍ୟ ଅଭାବ ରହିଛି; ଅଧିକ ଉଚ୍ଚତା ବିଶିଷ୍ଟ କୋଠାଘର ସହରାଞ୍ଚଳ ନିୟନ୍ତ୍ରଣର ଉଲଂଘନ କରି ନିର୍ମାଣ କରାଯାଉଛି :***<br>ଅନେକ ସଂଖ୍ୟକ ପ୍ଲଟ୍ ରେକର୍ଡ ନାହିଁ । ଅନେକ କୋଠା ନିର୍ମାଣ ନିର୍ଦ୍ଦିଷ୍ଟ ହୋଇଥିବା ପରିମାପ ଅବମାନନା ସ୍ୱରୂପ ହୋଇଛି । ସହରାଞ୍ଚଳରେ ପ୍ରଚଳିତ ଥିବା ଅଣଔପଚାରିକ ସମୟ ଅବଧି ନିୟନ୍ତ୍ରଣ କରିବା ପାଇଁ ଜାଜ୍ୟର କୌଣସି ନୀତି ନାହିଁ । | ୨.୧ ଯେତେଦୂର ସମ୍ଭବ, ପ୍ରଚଳିତ ସୂଚନା ବ୍ୟବହାର କରି ସମସ୍ତ ସହର ଗୁଡିକ ପାଇଁ ମୂଳ ମ୍ୟାପ୍ ପ୍ରସ୍ତୁତ କରାଯାଉ; ରକ୍ଷଣାବେକ୍ଷଣ ଏବଂ ରେକର୍ଡ ସଦ୍ୟ ସଂଶୋଧନ ଉପରେ ଧ୍ୟାନ କେନ୍ଦ୍ରିଭୂତ କରି ଏକ ସାଧାରଣ ଦିଗ ଏବଂ ସ୍ଥାନ ଭିତ୍ତିକ ମୌଳିକ ସୁବିଧା ପ୍ରସ୍ତୁତ କରାଯାଉ ।<br><br>୨.୨ ସହରାଞ୍ଚଳ ଜମି ପରିଚାଳନା ଏବଂ ରେକର୍ଡ ରକ୍ଷଣାବେକ୍ଷଣ, କୋଠାଘର ପରମିଟ୍ ଏବଂ ଆଇନ୍ ଅନୁପାଳନ କରାଇବା, ଏବଂ ଯେଉଁଠାରେ ସମ୍ଭବ, ପୁନଃପ୍ରସ୍ତୁତି କରିବା ପ୍ରଭୃତିରେ ସଂପୃକ୍ତ ଥିବା କାର୍ଯ୍ୟପ୍ରବାହ ଏବଂ ଦାୟିତ୍ୱ ବ୍ୟାଖ୍ୟା କରାଯାଉ ।<br><br>୨.୩ ଅନୁଷ୍ଠାନଗତ ଦାୟିତ୍ୱ ସ୍ପଷ୍ଟ ଭାବରେ ନ୍ୟସ୍ତ କରାଯାଉ, ସମ୍ବଳ ଆବଶ୍ୟକତା ମୂଲ୍ୟାଙ୍କନ କରାଯାଉ ଏବଂ ସେଥିରେ ଥିବା ତୃଟି ଏବଂ ଅଭାବ ଚିହ୍ନଟ କରି ଏକ ଚିହ୍ନଟ ପ୍ରସ୍ତୁତ କରାଯାଉ ଯାହାକି ପ୍ରଭାବଶୀଳ ଏବଂ ଦୀର୍ଘକାଳୀନ ଭିତ୍ତିରେ କାର୍ଯ୍ୟ କରିବ ।<br><br>୨.୪ ସହରାଞ୍ଚଳ ହାଉସିଙ୍ଗ୍‌କୁ ଔପଚାରିକ କରିବା ପାଇଁ ଆଇନ୍ ଏବଂ ପ୍ରଣାଳୀ ଅବଲୋକନ କରାଯାଉ । | ରାଜସ୍ୱ କର୍ତ୍ତୃପକ୍ଷ; ULB |

| ସମସ୍ୟା | ସୁପାରିଶ | ଦାୟିତ୍ୱ |
|---|---|---|
| ***୩. ସ୍ୱତଃ ଭାବରେ ସମସ୍ତ ରେକର୍ଡ ଗୁଡିକ ସଦ୍ୟ ସଂଶୋଧନ କରାଯାଉ ନାହିଁ ଏବଂ ସମସ୍ତ ଜମି କିଣାବିକା ରେଜିଷ୍ଟ୍ରି କରାଯାଉ ନାହିଁ :***<br>ସଂପତ୍ତି ହସ୍ତାନ୍ତର ରେକର୍ଡ କରିବା ଖର୍ଚ୍ଚ ଅତ୍ୟଧିକ ଅଟେ । ଗ୍ରାମାଞ୍ଚଳ ଗରିବ ଲୋକମାନେ ଷ୍ଟାଂପ୍ ଡ୍ୟୁଟି ପୈଠ ନ କରିବା ଘଟଣା ସାଧାରଣ ଅଟେ । ରେଜିଷ୍ଟ୍ରେସନ୍ ଏବଂ ଦଖଲଖାରଜ ମଧ୍ୟରେ ଅଧିକ ସମୟ ବିତିଯାଉଥିବାରୁ ଆର୍‌ଓଆର୍ (ROR) ପ୍ରକୃତ ପକ୍ଷ ଅବସ୍ଥିତି ପ୍ରତିଫଳନ କରୁନାହିଁ । ଜମିରେ ଦାବି ଥିବା ସମସ୍ତ ବ୍ୟକ୍ତି ମାନଙ୍କର ନାମ ରେକର୍ଡ କରାଯାଉ ନାହିଁ । | ୩.୧ ରେଜିଷ୍ଟ୍ରେସନ୍ ଏବଂ ଦଖଲଖାରଜକୁ ପରସ୍ପର ଲିଙ୍କ୍ କରିବା ପାଇଁ ପ୍ରଣାଳୀକୁ ମଜଭୁତ କରାଯାଉ ଯେପରିକି ହସ୍ତାନ୍ତର ହେବା ମାତ୍ରେ ଠିକ୍ ସେହି ସମୟରେ ଜମି ରେକର୍ଡ ସଦ୍ୟ ସଂଶୋଧନ କରାଯାଇପାରିବ (ରେଜିଷ୍ଟ୍ରେସନ ବିଭାଗ ଦ୍ୱାରା) । ଏହା ପଶ୍ଚିମବଙ୍ଗରେ ସମ୍ଭବ ହୋଇପାରିଛି ଯେହେତୁ ଜମିଜମା ରେକର୍ଡ ରାଜସ୍ୱ ବିଭାଗ ଦ୍ୱାରା ରଖାଯାଉଛି (ତାହା ହେଉଛି ଭୂ-ସଂସ୍କାର ବିଭାଗ) ଏହି ରାଜସ୍ୱ ବିଭାଗ ଏବଂ ଜମି ରେଜିଷ୍ଟ୍ରେସନ୍ ବିଭାଗ ସଂପୂର୍ଣ୍ଣ ଭାବରେ କଂପ୍ୟୁଟରୀକରଣ କରାଯାଇଛି । ଏହି ଦୁଇଟି ପ୍ରଣାଳୀ ମଧ୍ୟରେ ପାରସ୍ପରିକ ସଂଯୋଗ ରେକର୍ଡକୁ ସଦ୍ୟ ସଂଶୋଧନ ଅବସ୍ଥାରେ ରଖିବ ଏବଂ ବିବାଦର ଅବକାଶ କମ୍ ରହିବ ।<br>୩.୨ ସମସ୍ତ ସଂପତ୍ତି ହସ୍ତାନ୍ତର ରେଜିଷ୍ଟ୍ରି କରିବା ପାଇଁ ଷ୍ଟାଂପ୍ ଶୁଳ୍କ କମ୍ କରାଯାଉ । | L & LR |
| ***୪. ଆଇନ୍‌ଗତ ଏବଂ ଅନୁଷ୍ଠାନଗତ ଢାଞ୍ଚା ସଂଶୋଧନ କରାଯାଉ :***<br>ଅତି ପୁରୁଣା ଏବଂ ଅପ୍ରଭାବଶୀଳ ସେକ୍‌ସନ୍ ହଟାଯାଉ, ନିର୍ଦ୍ଦିଷ୍ଟ ଧାରାକୁ ସଦ୍ୟ ସଂଶୋଧନ କରାଯାଉ ଏବଂ ଅନୁଷ୍ଠାନଗତ ସମନ୍ୱୟ, କାର୍ଯ୍ୟ ଦକ୍ଷତା ଏବଂ ପ୍ରଭାଶୀଳତାରେ ଉନ୍ନତି କରାଯାଉ ।<br>ଜମିଜମା ନୀତି ଉପରେ ପଶ୍ଚିମବଙ୍ଗର ବିସ୍ତାରିତ ଆଇନ୍‌କାନୁନ୍ ରହିଛି । କିନ୍ତୁ, ରାଜ୍ୟର ଜମିଜମା ସଂପର୍କିତ ଆଇନ କାନୁନ୍ ବାତାବରଣୀୟ ଏବଂ ପରିବେଶୀୟ ସମସ୍ୟାକୁ ଉପେକ୍ଷା କରିଛି । ସର୍ବସାଧାରଣ ଦ୍ୱାରା ବିଭିନ୍ନ ଯୋଜନା ଗୁଡିକର କର୍ଯ୍ୟକାରିତାର ପ୍ରଗତି ଉପରେ ନଜର ରଖିବା ପାଇଁ କୌଣସି ମାଧ୍ୟମ ନାହିଁ । ବିଭାଗ ମଧ୍ୟରେ ଯଦିଓ ନିୟମିତ ଭାବରେ ରିପୋର୍ଟ କରିବାର ସ୍ପଷ୍ଟ ଭାବରେ ବ୍ୟାଖ୍ୟା ଲରାଯାଇଥିବା ପ୍ରଣାଳୀ ରହିଛି, ସର୍ବସାଧାରଣଙ୍କୁ ଏହି ସୂଚନା ପ୍ରାପ୍ତ ହୋଇପାରୁନାହିଁ ।<br>ଆଇନ୍ ଅନୁସାରେ, ରାଜ୍ୟରେ ଜମିଜମା ପ୍ରଶାସନ ସଂପର୍କିତ ଆନୁଷ୍ଠାନଗତ ଜନାଦେଶ ଅତ୍ୟନ୍ତ ସ୍ପଷ୍ଟ ଅଟେ । L&LR ବିଭାଗର ବିଭିନ୍ନ ସ୍ତରର ଭୂମିକା ଏବଂ କାର୍ଯ୍ୟ କାରିତା ସ୍ପଷ୍ଟ ଭାବରେ ବ୍ୟାଖ୍ୟା କରାଯାଇଛି, ସେଥିରେ କୌଣସି ବିଭାଗ ଉପରେ ମାଡିଯିବାର ନାହିଁ । ବିଭିନ୍ନ ଅନୁଷ୍ଠାନ ଜମି-ସଂପର୍କିତ ବିଷୟବସ୍ତୁ ଭିନ୍ନ ପ୍ରକାରରେ ସମାଧାନ କରେ ଏବଂ ପ୍ରକୃତ ପକ୍ଷରେ ସେମାନଙ୍କ ମଧ୍ୟରେ ସମନ୍ୱୟର ଅଭାବ ରହିଛି । | ୪.୧ ଜମି ବ୍ୟବହାର, ମାଲିକାନା ଏବଂ ହସ୍ତାନ୍ତରତା ଉପରେ ଥିବା ସମସ୍ତ ଆଇନ୍‌ଗତ ନିୟନ୍ତ୍ରଣର ଯୁକ୍ତିଯୁକ୍ତତା ସମୀକ୍ଷା କରାଯାଉ ଯାହା ଉପଯୋଗୀ ନୁହେଁ ତାହା ହଟାଇ ଦିଆଯାଉ ଏବଂ ଅନୁପାଳନରେ ଉନ୍ନତି ଅ ଣାଯାଉ ଏବଂ ଆଇନ୍‌ଗତ ସହାୟତା ସହଜରେ ପ୍ରାପ୍ତ କରାଯାଉ । (ଯେପରିକି ବର୍ଗା କୃଷି ହୋଇଥିବା ଜମିର ବିକ୍ରୟ, ଆଦିବାସୀମାନଙ୍କୁ ଜମିଚ୍ୟୁତ କରିବା, ଜଙ୍ଗଲ ଗ୍ରାମଗୁଡିକରେ ଗୋଷ୍ଠୀଗତ ଅଧିକାର ।)<br>୪.୨ ଜମିଜମା ପ୍ରଶାସନ ପାଇଁ ପ୍ରଶାସନିକ ଗଢଣ ସମୀକ୍ଷା କରାଯାଉ, ଆବଶ୍ୟକ ଅନୁସାରେ ପରିବର୍ତ୍ତନ କରାଯାଉ ଏବଂ ତ୍ୱରାନ୍ୱିତ ପୂର୍ବକ ଅଧିକ ସଂଗଠିତ କରାଯାଉ; ସମସ୍ତ ସ୍ତରରେ ବିବେକାନୁସାରେ ଅଧିକାରର କ୍ଷମତା କମ୍ କରାଯାଉ ଏବଂ ସମ୍ବଳ ଆବଶ୍ୟକତା ଏବଂ ସମ୍ବଳର ଉପଲବ୍ଧତା ବିଷୟରେ ସମସ୍ତ ତଥ୍ୟର ରେକର୍ଡ ରଖାଯାଉ । | |
| ***୫. ଯୋଗ୍ୟ ବିବେଚିତ ଗରିବ ଲୋକ ମାନଙ୍କୁ ସରକାରୀ ଜମି ଆବଣ୍ଟନ ଏବଂ ସେହି ବଣ୍ଟିତ ଜମିର କେତେ ଅଂଶ ପ୍ରକୃତ ଦଖଲ ସେମାନଙ୍କ ପାଖରେ ଅଛି, ସେ ବିଷୟରେ ଜାଣିବା ପ୍ରଣାଳୀକୁ ମଜଭୁତ କରିବା ଉଚିତ:***<br>ପଶ୍ଚିମ ବଙ୍ଗ ଯୋଜନା ଅନୁସାରେ ବିଧି ପ୍ରଣୟନ ଦ୍ୱାରା ଏବଂ ସରକାରୀ ଯୋଜନା ସହାୟତାରେ ଜମିହୀନ ଏବଂ ଗୃହହୀନ ବ୍ୟକ୍ତିମାନଙ୍କୁ ସରକାରୀ ଜମି ବଣ୍ଟନ କରିବା ସମୟରେ ମହିଳା, ST ଏବଂ SC ମାନଙ୍କୁ ଅଧିକ ପ୍ରାଧାନ୍ୟ ଦେବା । ସରକାରଙ୍କ ଯୋଜନା ଅନୁସାରେ (ନିଜ ଗୃହ ନିଜ ଭୂମି ପ୍ରକଳ୍ପ) ୫.୫ ଲକ୍ଷ ଜମିହୀନ ଗରୀବ ଲୋକମାନଙ୍କୁ ଥଇଥାନ କରାଯିବ ଏବଂ ୦.୦୫ ଏକର ପର୍ଯ୍ୟନ୍ତ ପ୍ରତ୍ୟେକଙ୍କୁ ଦେବ ।<br>୩,୨୬,୬୫୩ ବ୍ୟକ୍ତିଙ୍କୁ ରୟତି ଷ୍ଟାଟସ୍ ସହିତ ଜମି ପ୍ରଦାନ କରାଯାଇଛି ଏବଂ ସେହି ସଂଖ୍ୟାର ଜମିପ୍ରଜା ମଧ୍ୟ ସୃଷ୍ଟିକରା ଯାଇଛି; ସିଲିଙ୍ଗ୍ ପ୍ରାପ୍ତ ଜମି ୩୧,୩୭,୨୯୭ ST/SC ବ୍ୟକ୍ତିଙ୍କୁ ଦିଆଯାଇଛି (ଅଗଷ୍ଟ ୨୦୧୩) । ପ୍ରଦତ୍ତ ତଥ୍ୟରୁ ଜଣା ପଡିଛି ଯେ ୩୧,୪୧,୨୩୨ ବ୍ୟକ୍ତିଙ୍କୁ ପଟ୍ଟା ପ୍ରଦାନ କରାଯାଇଛି କିନ୍ତୁ ୨୪,୫୭,୩୪୭ (୭୮ ଶତକଡା) ପଟ୍ଟା ପ୍ରାପ୍ତକାରୀ ଖତିଆନ୍ (ROR) ରେ ରେକର୍ଡ ହୋଇଛି । ପବଧାରଣ ସୁରକ୍ଷାକୁ ଅଧିକ ପ୍ରାଧାନ୍ୟ ଦିଆଯିବା ସହିତ ଏବଂ JNNURM ର ଉଦ୍ଦେଶ୍ୟରେ ଏହାକୁ ଅନ୍ତର୍ଭୁକ୍ତ କରାଯାଇଛି । | ୫.୧ ପୁନଃବଣ୍ଟନ ପାଇଁ ଉପଲବ୍ଧ ଜମି ଚିହ୍ନଟ କରାଯାଉ ଏବଂ ତା ସହିତ ଜମିହୀନ କିମ୍ବା ଗୃହହୀନ ବ୍ୟକ୍ତି ଚିହ୍ନଟ କରାଯାଉ ଯେଉଁମାନେ ଏହି ଜମି ପୁନଃବଣ୍ଟନରୁ ଲାଭ ପ୍ରାପ୍ତ କରିପାରିବେ ।<br>୫.୨ ଜମିପ୍ରାପ୍ତ କରିଥିବା ସମସ୍ତ ପଟ୍ଟାଧାରୀଙ୍କର ନାମରେ, ତା ସହିତ ମହିଳାଙ୍କ ନାମରେ ଜମି ରେକର୍ଡ ଖତିଆନ୍ (ROR) ରେ ସଦ୍ୟ ସଂଶୋଧନ କରାଯାଇ ଦିଆଯାଇଛି ।<br>୫.୩ ଧାରା u/s ୪୯(୧) WBLR ଅଧିନିୟମ ଅନ୍ତର୍ଗତ ଗରିବ ଲୋକମାନଙ୍କୁ ବିତରଣ ହୋଇଥିବା ଜମି ସ୍ଥାନାନ୍ତରଣ ଏବଂ ବ୍ୟବହାର ପର୍ଯ୍ୟାଲୋଚନା କରାଯାଉ ।<br>୫.୪ ଉପଯୁକ୍ତ ଦଳିତ ବର୍ଗଙ୍କୁ ପୁର୍ନବଣ୍ଟନ କରାଯାଉଥିବା ଜମିର ବ୍ୟବହାର ଏବଂ ସଫଳତାର ସହିତ ନିଜ ଅଧିନରେ ରଖିବା ପାଇଁ ଆବଶ୍ୟକ ପଦକ୍ଷେପ ବିକଶିତ କରାଯାଉ ।<br>୫.୫ ଘରଡିହ ଅଧିକୃତ କରିଥିବା ଜମିହୀନ ଗରିବ ଲୋକ ଏକ ନିର୍ଦ୍ଦିଷ୍ଟ ସମୟ ସୀମା ଭିତରେ ଚିହ୍ନଟ କରନ୍ତୁ ଏବଂ ସେମାନଙ୍କୁ ପଟ୍ଟା ଦିଆଯାଉ । | L & LR<br>ସ୍ଥାନୀୟ ସରକାର |

| ସମସ୍ୟା | ସୁପାରିଶ | ଦାୟିତ୍ୱ |
|---|---|---|
| | ୫.୬ ପଶ୍ଚିମବଙ୍ଗ କୃଷି ଶ୍ରମିକ କାରିଗର ଏବଂ ମତ୍ସ୍ୟଜୀବିଙ୍କ ପାଇଁ ଘରଡିହ ଅକ୍ତିଆର ଅଧିନୀୟମ ୧୯୭୫, କୁ ସଂଶୋଧନ କରି ଜୁନ୍ ୨୬, ୧୯୭୫, ପରେ ଘରଡିହ ନିଜ ଅଧିନରେ ରଖିଥିବା ବ୍ୟକ୍ତିମାନଙ୍କୁ ଏହି ସୁବିଧା ମଧ୍ୟ ଦେବା ପାଇଁ ବିଚାର କରାଯାଉ ।<br>୫.୭ ଅଣ-ଔପଚାରିକ ବନ୍ଦୋବସ୍ତ ଗୁଡିକର ସମୟ ପାୟା ବୃଦ୍ଧି କରିବା ପାଇଁ ଉପାୟର ସମୀକ୍ଷା କରନ୍ତୁ, ପ୍ରଭାବଶୀଳତା ଏବଂ କାର୍ଯ୍ୟଦକ୍ଷତା ବୃଦ୍ଧି କରନ୍ତୁ । | |
| ***୬. ଜଙ୍ଗଲ ଭୂମି ଏବଂ ଆଦିବାସୀ ପାଇଁ ଅନୁଷ୍ଠାନଗତ ଦାୟିତ୍ୱ ବଣ୍ଟନରେ ସ୍ପଷ୍ଟତାର ଅଭାବ ରହିଛି ଏବଂ ଫଳରେ ମାଲିକାନା ନିରୂପଣ କରିବାରେ ଅସୁବିଧା ହେଉଛି :***<br>ରାଜ୍ୟରେ ୧୨୬ ଟି ଅଣ-ରାଜସ୍ୱ ଜଙ୍ଗଲ ମୌଜା ରହିଛି, ୧୨୬ଟି ଚିତ୍ମହଲ ମୌଜା ରହିଛି (ବାଙ୍ଗ୍ଲାଦେଶ ଏନ୍‌କ୍ଲେଭ୍) ଏବଂ ୨୨ ଟି ପଠାଦ୍ୱାରା ଗଠିତ ମୌଜା ୨୪ ଦକ୍ଷିଣ ପ୍ରଗଣା ଜିଲ୍ଲାରେ ରହିଛି, ଯେଉଁ ଗୁଡିକ ସର୍ଭେ ଏବଂ ରେକର୍ଡ କରାଯାଇ ନାହିଁ, ଯାହାକି ଲୋକମାନଙ୍କ ଅଧିକାରକୁ ମାନ୍ୟତା ଦେବାରେ ଫାଟ ସୃଷ୍ଟି କରୁଛି । ଜଙ୍ଗଲ ଭିତରେ ସର୍ବ ସାଧାରଣ ଜମି ସ୍ପଷ୍ଟ ଭାବରେ ଚିହ୍ନଟ କରାଯାଇ ନାହିଁ । ଜଙ୍ଗଲ ଗାମ ଗୁଡିକରେ ଆଦିବାସୀ ମାନଙ୍କ ଜମିକୁ ଉଚ୍ଚ ସ୍ତରୀୟ ଅଣ ଆଦିବାସୀମାନଙ୍କୁ ହସ୍ତାନ୍ତର ଚାଲିଛି ।<br>ଅନୁସୂଚୀତ ଜନଜାତି ଏବଂ ଅନ୍ୟ ପ୍ରଥାଗତ ଜଙ୍ଗଲ ବାସୀ (ଅଧିକାର ସ୍ୱୀକାର) ଅଧିନିୟମ, ୨୦୦୬; ଅଣ-ଜଙ୍ଗଲ ବୃକ୍ଷ ଅଧିନିୟମ ୨୦୦୬; ଜାତୀୟ ଜଙ୍ଗଲ ନୀତି ୧୯୮୮ କାର୍ଯ୍ୟକାରୀ କରିବାରେ ବର୍ତ୍ତମାନରେ ଉନ୍ନତି ହୋଇଛି; ପ୍ରାୟ ୪୦୦୦ ଯୁଗ୍ମ ଜଙ୍ଗଲ ପରିଚାଳନା କମିଟି (JFMC) ଗଠିତ ହୋଇଛି ଏବଂ ପାଖାପାଖି ୫୦୦,୦୦୦ ହେକ୍ଟର୍ ନଷ୍ଟ ହୋଇଥିବା ଜଙ୍ଗଲ ଅଞ୍ଚଳ ପୁନଃସୁରକ୍ଷା କରିପାରୁଛି, କିନ୍ତୁ JFCM ଆଇନ୍‌ଗତ ଭାବରେ ମାନ୍ୟତା ଦିଆଯାଇ ନାହିଁ । FRA ଅନ୍ତର୍ଗତ, ୩୦,୮୭୯ ବ୍ୟକ୍ତିଗତ ଏବଂ ୩୧୨ଟି ଗୋଷ୍ଠିଗତ ପ୍ରଜା ସୃଷ୍ଟି କରାଯାଇଛି । ଜଙ୍ଗଲ ବିଭାଗ ପ୍ରଶାସନ ସୁସଂଗଠିତ କିନ୍ତୁ ରାଜସ୍ୱ ବିଭାଗ ସହିତ ସୂଚନାର ଆଦାନପ୍ରଦାନରେ ଫାଙ୍କ ରହିଛି । | ୬.୧ FRA ନିୟମ ଏବଂ ପ୍ରଣାଳୀ ସଂପୂର୍ଣ୍ଣ କାର୍ଯ୍ୟକାରୀ କରି ଆଦିବାସୀ ଲୋକଙ୍କର ଅଧିକାର ରକ୍ଷା କରାଯାଉ ଏବଂ FRA ଏବଂ JFMC. ମଧ୍ୟରେ ପାରସ୍ପରିକ ତାଳମେଳରେ ଉନ୍ନତି ଅଣାଯାଉ ।<br>୬.୨ ଜଙ୍ଗଲ ଗ୍ରାମ କିମ୍ବା ୧୨୬ ଅଣ ରାଜସ୍ୱ ଜଙ୍ଗଲ ମୌଜା ଏବଂ ଜଙ୍ଗଲରେ ଥିବା ସାଧାରଣ ଜମି ପାଇଁ କ୍ୟାଡେଷ୍ଟ୍ରାଲ୍ ମ୍ୟାପ୍ ଏବଂ ଅଧିକାର ରେକର୍ଡ ପ୍ରସ୍ତୁତ କରାଯାଉ ।<br>୬.୩ ଜଙ୍ଗଲ ଜମି ପରିଚାଳନାରେ ମାଲିକାନା ନ୍ୟସ୍ତ କରିବା କିମ୍ବା CPR ଅଧିକାର ସଂପୃକ୍ତ ଥିବା କାର୍ଯ୍ୟପ୍ରବାହ ଏବଂ ଦାୟିତ୍ୱ ବ୍ୟାଖ୍ୟା କରାଯାଉ । ଏବଂ ଯେଉଁଠାରେ ସମ୍ଭବ, ପୁନଃପ୍ରସ୍ତୁତି କରାଯାଉ; ଜଙ୍ଗଲ ବିଭାଗ ଏବଂ L & LR ବିଭାଗ ମଧ୍ୟରେ ରେକର୍ଡ ରକ୍ଷଣାବେକ୍ଷଣ ତାଳମେଳ ରଖାଯାଉ । | ଜଙ୍ଗଲ ବିଭାଗ GP |
| ***୭. ମହିଳା ମାନଙ୍କର ଜମି ମାଲିକାନା ବୃଦ୍ଧି କରିବା ପାଇଁ ଆଇନ୍‌ଗତ ଏବଂ ପ୍ରଶାସନିକ ସୁଯୋଗ ଯଥେଷ୍ଟ ଭାବରେ ଉପଯୋଗ କରାଯାଇ ନାହିଁ :***<br>ସମୁଦାୟ ଜମିର ୧୫ ଶତକଡାରୁ କମ୍ କ୍ଷେତ୍ରରେ ଏହା ମହିଳା ମାନଙ୍କ ନାମରେ ବ୍ୟକ୍ତିଗତ ଭାବରେ କିମ୍ବା ଯୁଗ୍ମ ଭାବରେ ରେକର୍ଡ କରାଯାଇଛି । ମହିଳା ମାନଙ୍କ ଜମି ମାଲିକାନା ବୃଦ୍ଧି କରିବା ପାଇଁ ଅନେକ ପଲିସି କାର୍ଯ୍ୟକାରୀ କରାଯିବା ସତ୍ତ୍ୱେ ଏଭଳି ଅବସ୍ଥା ସୃଷ୍ଟି ହୋଇଛି । ଘରଡିହ ବଣ୍ଟନ ସମୟରେ ପଟ୍ଟା (ଟାଇଟିଲ୍ ଡିଡ୍) ମହିଳାଙ୍କ ନାମରେ ପ୍ରଦାନ କରିବା କିମ୍ବା ଯୁଗ୍ମ ପଟ୍ଟା (ଉଭୟ ସ୍ୱାମୀ ଏବଂ ସ୍ତ୍ରୀ ଙ୍କ ନାମରେ ଇସୁ କରିବା),ପଶ୍ଚିମବଂଗ ସରକାରଙ୍କ ଯୋଜନା ରହିଛି । ଯଦିଓ ଯୁଗ୍ମ ପଟ୍ଟା ରେକର୍ଡ ବ୍ୟକ୍ତିଗତ ଭାବରେ ରଖାଯାଉ ନାହିଁ । ୨୦୧୧ ଏବଂ ୨୦୧୪ ମଧ୍ୟରେ ୯୦ ଶତକଡାରୁ ଅଧିକ ପଟ୍ଟା ମହିଳା ମାନଙ୍କ ନାମରେ ପ୍ରଦାନ କରାଯାଇଛି । | ୭.୧ ବର୍ତ୍ତମାନ ଯୋଜନାର ପ୍ରଭାବଶୀଳତା ସମୀକ୍ଷା କରାଯାଉ ଏବଂ ମହିଳା ମାନଙ୍କର ଜମି ମାଲିକାନା ବୃଦ୍ଧି କରିବା ପାଇଁ ଏହି ଯୋଜନାଗୁଡିକର ଆବଶ୍ୟକ ସଂଶୋଧନ କରାଯାଉ (ଉଦାହରଣ ସ୍ୱରୂପ ମହିଳାମାନଙ୍କର ଆଇନ୍‌ଗତ ଅଧିକାର ବିଷୟରେ ସଚେତନ କରାଇବା, ଯୁଗ୍ମ ସ୍ୱତ୍ତ୍ୱ ହୋଇ ନଥିବା ଜମି ପ୍ରଦାନଗୁଡିକୁ ପୁଣି ଖୋଲିବା ପାଇଁ ପୁନଃବିଚାର କରିବା,ଖତିଆନ୍ ROR ରେ ମହିଳାମାନଙ୍କ ନାମ ରେକର୍ଡ କରିବାକୁ ଅବଶ୍ୟ ପାଳନୀୟ କରିବା ଭାଗ ଭାଗ କରାଯାଇପାରୁଥିବା ଯୁଗ୍ମ ଅଧିକାର କିମ୍ବା ଏକୁଟିଆ ଅଧିକାରର ବ୍ୟବସ୍ଥା କରିବା, WBLR Act ୧୯୫୫; ଅଧିନିୟମ ସଂଶୋଧନ କରି ST ମହିଳାମାନଙ୍କୁ ପ୍ରାଥମିକତା ଭିତ୍ତିରେ ଜମି ବଣ୍ଟନ କରିବା, ଦେବାକୁ ଥିବା ଜମି ରେଭେନ୍ୟୁ, ଷ୍ଟାମ୍ପ୍ ରେଭେନ୍ୟୁ ଏବଂ ଜମି ଏବଂ ସମ୍ପତ୍ତି ଟ୍ୟାକ୍ସ କମ୍ କରାଯାଉ କିମ୍ବା ଛାଡ କରାଯାଉ ।<br>୭.୨ ମହିଳା ମାନଙ୍କର ଜମିଗତ ଅଧିକାର କ୍ଷେତ୍ରରେ ହେଉଥିବା ଉନ୍ନତି ତଦାରଖ କରିବା ପାଇଁ ଖତିଆନ୍ (ROR) ରେ ସୂଚନା ରେକର୍ଡ କଲାବେଳେ ଲିଙ୍ଗଗତ ବିଷୟରେ ସୂଚନା ମଧ୍ୟ ଅନ୍ତର୍ଗତ କରାଯାଉ ।<br>୭.୩. NTFP ରେ କାର୍ଯ୍ୟ କରୁଥିବା ମହିଳାମାନଙ୍କର ଉପସ୍ଥିତି ବଡ ଆକାର, ବହୁ ଉଦ୍ଦିଷ୍ଟ ସମବାୟ ସୋସାଇଟି (LAMPS) ଗୁଡିକରେ ବୃଦ୍ଧି କରନ୍ତୁ ଏବଂ ଏହା ପଶ୍ଚିମବଙ୍ଗ ଆଦିବାସୀ ବିକାଶ ସମବାୟ କର୍ପୋରେସନ୍ (WBTDCC) ସହାୟତାରେ କରନ୍ତୁ । | L & LR |

<table>
<tr><th>ସମସ୍ୟା</th><th>ସୁପାରିଶ</th><th>ଦାୟିତ୍ୱ</th></tr>
<tr><td>୮. ସହରାଞ୍ଚଳ ବିକାଶ ଏବଂ ବିସ୍ତାରଣ ଯୋଜନାବଦ୍ଧ ଭାବରେ ହୋଇନାହିଁ, ଏବଂ ଭିତ୍ତିଭୂମି ପରେ ଦିଆଯାଇଥିଲେ ସୁଦ୍ଧା ଏହା ପ୍ରତିକ୍ରିୟଶୀଳ :<br>ଏକ ସହରାଞ୍ଚଳ ଜମି ବ୍ୟବହାର ଯୋଜନା ନାହିଁ ଯଦିଓ ସହରାଞ୍ଚଳ ବିକାଶ ଏବଂ ବିକେନ୍ଦ୍ରିକରଣ ଯୋଜନା ପାଇଁ ଆଇନ୍‌ଗତ ଢାଞ୍ଚା ରହିଛି ( ପଶ୍ଚିମବଙ୍ଗ ସହର ଏବଂ ଗ୍ରାମାଞ୍ଚଳ ବିକାଶ (ଯୋଜନା ଏବଂ ବିକାଶ ) ଅଧିନିୟମ, ୧୯୭୯ ଏବଂ ପଶ୍ଚିମବଙ୍ଗ ମ୍ୟୁନିସିପାଲ୍ ଅଧିନିୟମ, ୧୯୯୩ (ଯାହା ୨୦୦୭ ରେ ସଂଶୋଧିତ ହୋଇଛି), ପଶ୍ଚିମବଙ୍ଗ ଜିଲ୍ଲା ଯୋଜନା କମିଟି ଅଧିନିୟମ ୧୯୯୪ ଏବଂ ପଶ୍ଚିମ ବଙ୍ଗ ମେଟ୍ରୋପୋଇଲିଟାନ୍ ଯୋଜନା କମିଟି ଅଧିନିୟମ,1994; ଏବଂ ତା ସହିତ), ପଶ୍ଚିମବଙ୍ଗ ଜିଲ୍ଲା ଯୋଜନା କମିଟି ନିୟମ ୧୯୯୪ ) । ସମସ୍ତ୧୨୭ ଟି ମ୍ୟୁନିସିପାଲ୍ ସଂସ୍ଥା କିମ୍ବା ନିଗମ, ଗରିବଙ୍କ ପାଇଁ କଲିକତା ଗ୍ରାମାଞ୍ଚଳ ସେବା (KUSP) ସହାୟତାରେ ଏକ ଚିଠା ବିକାଶ ଯୋଜନା ପ୍ରସ୍ତୁତ କରିଛନ୍ତି । ଅଳ୍ପ ଖର୍ଚ୍ଚ ବିଶିଷ୍ଟ ଗୃହ ଏବଂ ସେବା ପାଇଁ ନୀତି ରହିଛି କିନ୍ତୁ ସେମାନଙ୍କର କାର୍ଯ୍ୟକାରିତା ସ୍ପଷ୍ଟ ନୁହେଁ; BSUP ଅନ୍ତର୍ଗତ ଯୋଜନା କରାଯାଇଥିବା ୧, ୫୮,୦୦୦ ବାସଗୃହରୁ, ୫୮ ଶତକଡା ସଂପୂର୍ଣ୍ଣ ହୋଇଛି; IHSDP ପାଇଁ ୫୨,୦୦୦ ବାସଗୃହର ଯୋଜନା କରା ହୋଇଛି – ୮୩ ଶତକଡା ସଂପୂର୍ଣ୍ଣ ହୋଇଛି ।</td><td>୮.୧ ସହରାଞ୍ଚଳ ଜମି ବ୍ୟବହାର ନିୟମିତ ଭାବରେ ସଦ୍ୟ ସଂଶୋଧନ କରାଯାଉ ଏବଂ ପରିବର୍ତ୍ତନ ରେକର୍ଡ କରିବା ପାଇଁ ଏକ ଡାଟା ବେସ୍ ପ୍ରସ୍ତୁତ କରାଯାଉ ।<br>୮.୨ ଜମି ବ୍ୟବହାର, ମାଲିକାନା ଏବଂ ହସ୍ତାନ୍ତରତା ଉପରେ ଥିବା ସମସ୍ତ ଆଇନ୍‌ଗତ ନିୟନ୍ତ୍ରଣର ଯୁକ୍ତିଯୁକ୍ତତା ସମୀକ୍ଷା କରାଯାଉ, ଯାହା ବର୍ତ୍ତମାନ ଉପଯୋଗୀ ନୁହେଁ ତାହା ହଟାଇ ଦିଆଯାଉ ଏବଂ ଅନୁପାଳନରେ ଉନ୍ନତି କରାଯାଉ ।<br>୮.୩ ଏକ ଡାଟାବେସ୍ ପ୍ରସ୍ତୁତ କରନ୍ତୁ ଏବଂ ବଜାୟ ରଖାଯାଉ ଯାହାକି ଜମି ବ୍ୟବହାର ନିୟନ୍ତ୍ରଣ ଲଗାତାର ଏବଂ ପ୍ରଭାବଶୀଳ ଭାବରେ କାର୍ଯ୍ୟକାରୀ କରିବ । ଜମି ପରିବର୍ତ୍ତନ କରିବା ଜନିତ ଅନୁମତିର ନିୟମ ଶୈଳୀକୃତ କରାଯାଉ ଏବଂ ଏଭଳି ପରିବର୍ତ୍ତନକୁ ଔପଚାରିକ କରିବା ପାଇଁ ସରକାରୀ କର୍ମଚାରୀଙ୍କର ବିବେକାନୁମୋଦିତ ଅଧିକାରକୁ କମ୍ କରାଯାଉ ।<br>୮.୪ ଦକ୍ଷତା କମ୍ ଥିବା ସମସ୍ୟା ସମାଧାନ ପାଇଁ ଟାଉନ୍ ପ୍ଲାନିଙ୍ଗ୍ ସହରାଞ୍ଚଳ ବିକାଶ ଏବଂ ଡିଜାଇନ୍ କୌଶଳ ପାଇଁ ଆବଶ୍ୟକୀୟ ସମ୍ବଳ ସମୀକ୍ଷା କରାଯାଉ ଏବଂ ଉପଯୁକ୍ତ ଭାବରେ ଅଟକଳ କରାଯାଉ ।<br>୮.୫ ଅଳ୍ପ ଖର୍ଚ୍ଚ ବିଶିଷ୍ଟ ଗୃହନିର୍ମାଣ ଯୋଜନାର କାର୍ଯ୍ୟକାରିତା ସମୀକ୍ଷା କରାଯାଉ ଏବଂ ରାଜୀବ ଆବାସ ଯୋଜନା (RAY). ର ତ୍ୱରାନ୍ୱିତ କରାଯାଉ ।</td><td>ULB</td></tr>
<tr><td>୯. ସାର୍ବଜନୀନ ସରକାରୀ ଜମିର ସଫଳତାର ସହିତ ସୁରକ୍ଷିତ କରାଯାଇନାହିଁ କିମ୍ବା ପରିଚାଳନା କରାଯାଇନାହିଁ ସାର୍ବଜନୀନ ସରକାରୀ ଜମି ଘରୋଇ ନିବେଶୀ ମାନଙ୍କୁ ହସ୍ତାନ୍ତର କରିବା ସବୁବେଳେ ଅଭିବୃଦ୍ଧି ସୁନିଶ୍ଚିତ କରେ ନାହିଁ ଏବଂ ଅସମାନତା ଏବଂ କଳହ କାରଣର ହୋଇଥାଏ :<br>ଅଧିକାଂଶ ସରକାରୀ ଜମି ପ୍ରକୃତ ସରଜମିନ୍‌ରେ ଉପରେ କିମ୍ବା ନକ୍ସା ଉପରେ ଆଧାର କରି ସ୍ପଷ୍ଟ ଭାବରେ ଚିହ୍ନଟ କରାଯାଇ ନାହିଁ । L&LR ବିଭାଗ ଅଧୀନରେ ଥିବା ଜମିର ପରିମାଣ ଖତିଆନ୍ (ROR) ଅଧୀନରେ ଥିବା ଜମି ପରିମାଣ ମଧ୍ୟରେ ତଫାତ୍ ରହିଛି । ବିଶେଷ ଭାବରେ ଗରିବ ଲୋକ ମାନଙ୍କ ସପକ୍ଷରେ ବନ୍ଦୋବସ୍ତ ହୋଇଥିବା ସାର୍ବଜନୀନ ସରକାରୀ ଜମିକୁ ନେଇ (ଧାରା ୪୯(୧) WBLR ଅଧିନିୟମ ୧୯୫୫) ଏବଂ ଘରୋଇ ବ୍ୟକ୍ତି ଏବଂ ଅନୁଷ୍ଠାନ ସହିତ ଲିଜ୍ ମାଧ୍ୟମରେ ବନ୍ଦୋବସ୍ତ ହୋଇଥିବା ଜମିକୁ ନେଇ ତ୍ରୁଟି ଦେଖା ଦେଇଛି । ସହରାଞ୍ଚଳର ବହୁ ପରିମାଣର ସରକାରୀ ଜମି ବେଆଇନ ଭାବରେ ଦଖଲ ହୋଇ ରହିଛି ।<br>ସରକାରୀ ଜମି ବେସରକାରୀ ବ୍ୟକ୍ତି/ସଂସ୍ଥାକୁ ବଣ୍ଟନ କରିବାପାଇଁ ନୀତି ଏବଂ ପ୍ରଣାଳୀ ରହିଛି (ଆଦେଶ ମାଧ୍ୟମରେ ଜମି ବଣ୍ଟନ ପଲିସି ଡକ୍ୟୁମେଣ୍ଟ (ନଂ ୬୭୮୬-LP/୧A-୧୮/୨୦୧୨) ତାରିଖ ୨୨, ଡିସେମ୍ବର୍ ୨୦୧୨; ଘରୋଇ ନିବେଶ ପାଇଁ ଜମି ହସ୍ତାନ୍ତର ପ୍ରଣାଳୀ, ଥଇଥାନ ଏବଂ ପୁର୍ନବସତି ସ୍କିମ୍ (R&R ସ୍କିମ୍) ଉପରେ ନିର୍ଦ୍ଦେଶାବଳୀ ସାର୍ବଜନୀନ ଭାବରେ ଉପଲବ୍ଧ । ଡିସେମ୍ବର୍ ୨୦୧୩ ସୁଦ୍ଧା ୧୩୨,୬୭୫.୩୩ ଏକର ଜମି ମୋଟାମୋଟି ଉପରେ ଅନ୍ୟ ବିଭାଗକୁ ହସ୍ତାନ୍ତର କରାଯାଇଛି । କିନ୍ତୁ ସରକାରୀ ଜମି ବେସରକାରୀ ବ୍ୟକ୍ତି/ସଂସ୍ଥାକୁ ବଣ୍ଟନ କରିବାରେ ସ୍ୱଚ୍ଛତାର ଅଭାବ ରହିଛି, ସର୍ବ ସାଧାରଣକୁ ଏ ବିଷୟରେ ସୂଚନା ପ୍ରାପ୍ତ ହୋଇପାରୁ ନାହିଁ; କ୍ଷତି ପୂରଣ ଦେବାରେ ସ୍ୱଚ୍ଛତାର ଅଭାବ ରହିଛି । ଜଙ୍ଗଲ୍ ବିଭାଗ ଏବଂ L&LR ବିଭାଗ ଛାଡି ଏକାଧିକ ସଂସ୍ଥା ସରକାରୀ ଜମି ପରିଚାଳନା ଦାୟୀତ୍ୱରେ ରହିଛି, ଯେପରିକି WBIDC, WBIIDC, WBSIDC ।ବହୁ ପରିମାଣର ଜମି ଅଧିଗ୍ରହଣ କ୍ଷେତ୍ରରେ ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାରଙ୍କ ମଧ୍ୟରେ କୌଣସି ସମନ୍ୱୟ ଏବଂ ବିବାଦ ନିରାକରଣ ବ୍ୟବସ୍ଥା ନାହିଁ, ଯେଉଁଠାରେ ଜମିର ଭୂ-ପୃଷ୍ଠ ଅଧିକାର ହସ୍ତାନ୍ତର ରାଜ୍ୟ ସରକାରଙ୍କ ଅଧୀନରେ ଥିବା ବେଳେ ଏବଂ ଭୂ-ଆଭ୍ୟନ୍ତରୀୟ ଉପସ୍ତର ଅଧିକାର କେନ୍ଦ୍ର ସରକାରଙ୍କ ଅଧୀନ (ଯେପରିକି କୋଇଲା ଖଣିରେ ରହିଛି)</td><td>୯.୧ ଅବଶିଷ୍ଟ ସରକାରୀ ଜମି ରେକର୍ଡ କରାଯାଉ ଏବଂ ଚିହ୍ନଟ କରାଯାଉ ।ବିଭିନ୍ନ ରାଜ୍ୟ କିମ୍ବା କେନ୍ଦ୍ର ସରକାରଙ୍କର ବିଭାଗ ଏବଂ ସରକାରୀ ଉଦ୍ୟୋଗ କର୍ପୋରେସନ୍ ଦ୍ୱାରା ରଖାଯାଇଥିବା ଜମିର ଏକକ ପ୍ରଣାଳୀ ସ୍ଥାପନ କରାଯାଉ ।<br>୯.୨ ସରକାରୀ ଜମି ଉପରେ ପ୍ରସ୍ତୁତ ହୋଇଥିବା ମୂଳ ତଥ୍ୟାବଳୀ ସହଜରେ ପ୍ରାପ୍ତ କରିହେବା ଉଚିତ୍ ଏବଂ ବ୍ୟାଖ୍ୟା କରି ହେବା ଉଚିତ୍ ଏବଂ ପ୍ରକୃତ କ୍ଷେତ୍ର ପରିସ୍ଥିତି ଅନୁସାରେ ସରକାରୀ ଜମିର ସ୍ଥାନ ଏବଂ ଦିଗ ଭିତ୍ତିକ ଓ ଲିଖିତ ରେକର୍ଡ ସଂଗଠିତ କରିବା ସମ୍ଭବ ହେବା ଉଚିତ୍ ।<br>୯.୩ ନିୟମର ଅବମାନନା କରି ଦଖଲ ହୋଇ ଘରୋଇ ବ୍ୟକ୍ତି/ସଂସ୍ଥା ଅଧିନରେ ଥିବା ଜମିର ସଂପୂର୍ଣ୍ଣ ତଥ୍ୟ ସଂଗ୍ରହ କରାଯାଉ ଏବଂ ତାଙ୍କ ସହ ଜାଲିଆତି ଭାବରେ ବନ୍ଦୋବସ୍ତ ହୋଇଥିବା ସରକାରୀ ଜମିକୁ ପୁନଃ ପ୍ରାପ୍ତି କରିବା ପାଇଁ ଆବଶ୍ୟକ ଉପାୟ ଡିଜାଇନ୍ କରାଯାଉ ।<br>୯.୪ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ ପାଇଁ ରାଜ୍ୟ ଜମି ବ୍ୟବହାର ଏବଂ ଅଞ୍ଚଳ ନୀତି ପ୍ରସ୍ତୁତ କରାଯାଉ । ଗରିବ ଲୋକମାନଙ୍କ ପାଇଁ ଏବଂ ଶିଳ୍ପ ପାଇଁ ବଣ୍ଟନ କରିବା ଉଦ୍ଦେଶ୍ୟରେ ଜମିର ଉପଲବ୍ଧତା ଚିହ୍ନଟ କରାଯାଉ । ଅବଶିଷ୍ଟ ସାର୍ବଜନୀନ ସରକାରୀ ଜମି ସୁରକ୍ଷା କରାଯାଉ ଏବଂ କାର୍ଯ୍ୟକାରୀ ଏବଂ ପର୍ଯ୍ୟବେକ୍ଷଣ ପାଇଁ ଦାୟିତ୍ୱ ନ୍ୟସ୍ତ କରାଯାଉ ।<br>୯.୫ ଦାୟିତ୍ୱ ଏବଂ ପ୍ରଣାଳୀର ବ୍ୟବସ୍ଥିତ କରିବା ପାଇଁ ସମୀକ୍ଷା କରାଯାଉ । ସରକାରୀ ଜମି ଥିବା ପ୍ରତ୍ୟେକ ବିଭାଗର ଏବଂ ସରକାରୀ ସଂପତ୍ତି ସୁରକ୍ଷା କରିବା, ବେଆଇନ୍ ଅକ୍ତିଆର ନିରାକରଣ କରିବା ଏବଂ ହଟାଇବା ଏବଂ ସେମାନଙ୍କ ମଧ୍ୟରେ ସମନ୍ୱୟ ବୃଦ୍ଧି କରିବା ପାଇଁ ସମ୍ବଳର ଆବଶ୍ୟକତା ମୂଲ୍ୟାଙ୍କନ କରାଯାଉ; ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ଦ୍ୱାରା ଜମି ଅଧିଗ୍ରହଣ ପାଇଁ ଏକ ଉଭୟଙ୍କ ସଂଯୁକ୍ତି କରାଇ ଗଣ୍ଠିଳ ମାଧ୍ୟମ ଚିହ୍ନଟ କରାଯାଉ ।<br>୯.୬ ଏକ ସ୍ୱାଧୀନ ସୁବିଧା ମୂଲ୍ୟାଙ୍କନ ପ୍ରଣାଳୀ ସ୍ଥାପନ କରାଯାଉ ଯେପରିକି ସର୍ବସାଧାରଣକୁ ଅଧିକ ସୁବିଧା ପ୍ରାପ୍ତ ହୋଇ ପାରିବ ।</td><td>L & LR;<br>FD;<br>WBIDC;<br>WBIIDC;<br>WBISC;<br><br>ସ୍ଥାନୀୟ ସରକାର</td></tr>
</table>

| ସମସ୍ୟା | ସୁପାରିଶ | ଦାୟିତ୍ୱ |
|---|---|---|
| | ୯.୭ ଜମି ହସ୍ତାନ୍ତର ଏବଂ ଲିଜ୍ କିମ୍ବା ଖଜଣା ପ୍ରଦାନ ବିଷୟରେ ନିୟମିତ ଭାବରେ ପ୍ରକାଶନ କରାଯାଉ, ଯାହାକି ପଛରେ ଅନୁସରଣ କରାଯାଇ ପାରିବ । ବେସରକାରୀ ବ୍ୟକ୍ତିଙ୍କୁ ବଣ୍ଟନ କରାଯାଇଥିବା ଜମି ସ୍ୱଚ୍ଛତା ପାଇଁ ବିଭାଗୀୟ ୱେବ୍ ସାଇଟ୍‌ରେ ଅପଲୋଡ୍ ହୋଇଛି (ଏହି ଅଭ୍ୟାସ WBIDC ଅନୁସରଣ କରୁଛି ।<br>୯.୮ ନିବେଶୀଙ୍କ ଦ୍ୱାରା ଚୁକ୍ତିନାମାରେ ଉଲ୍ଲେଖ ହୋଇଥିବା ସର୍ତ୍ତାବଳୀ ଗୁଡିକର ଅନୁପାଳନ ସୁନିଶ୍ଚିତ କରିବା ପାଇଁ ଏବଂ ଅଭିଯୋଗ ସମାଧାନ ପାଇଁ ଏକ ତୃତୀୟ ପକ୍ଷର ପର୍ଯ୍ୟାଲୋଚନାର ବିଚାର କରାଯାଉ ।<br>୯.୯ ବିଶ୍ୱ ସ୍ତରର ଉତ୍ତମ କାର୍ଯ୍ୟ ଅଭ୍ୟାସ ସୁନିଶ୍ଚିତ କରିବା ପାଇଁ ଥଇଥାନ ଏବଂ ପୁର୍ନବସତି ଯୋଜନାକୁ ଉଚ୍ଚମାନର କରି ତାକୁ କର୍ଯ୍ୟକାରୀ କରାଯାଉ ଏବଂ ଅନୁପାଳନ କରାଯାଉ । | |
| ***୧୦. ଟାକ୍ସ ସଂଗହରେ ଉନ୍ନତି କରାଯାଉ ଏବଂ ଜମି ମୁଲ୍ୟାଙ୍କନ ପ୍ରଣାଳୀ ମଜୁରା କରାଯାଉ ଯେପରିକି ଏହା ପ୍ରକୃତ ମୂଲ୍ୟ ପ୍ରତିଫଳନ କରିବ:***<br>ପଶ୍ଚିମବଙ୍ଗ ୧୯୭୯ରେ ମ୍ୟୁନିସିପାଲ୍ ଅର୍ଥ କମିଶନ୍ ଏବଂ ଏକ କେନ୍ଦ୍ରୀୟ ମୂଲ୍ୟାଙ୍କନ ବୋର୍ଡ ସ୍ଥାପନ କରିଥିଲେ, ଯାଦ୍ୱାରା ମ୍ୟୁନିସିପାଲ୍ ଅଞ୍ଚଳରେ ସଂପତ୍ତି ଗୁଡିକର କମ୍ ମୂଲ୍ୟାଙ୍କନ ହେବା ପ୍ରଣାଳୀ ସମାଧାନ ହୋଇ ପାରିବ; ସମସ୍ତ ୨୩୯ ରେଜିଷ୍ଟ୍ରେସନ୍ ଅଫିସ୍ କଂପ୍ୟୁଟର୍ କରଣ କରାଯାଇଛି ଏବଂ ଇପଛଉ (କଂପ୍ୟୁଟରରେଜାଇସନ ଅଫ୍ ରେଜିଷ୍ଟ୍ରେସନ୍ ଡକ୍ୟୁମେଣ୍ଟ) ସୋଫ୍ଟଓ୍ୱେୟାର୍ ମାଧ୍ୟମରେ ସଂପତ୍ତିର ବଜାରମୂଲ୍ୟ ନିର୍ଣ୍ଣୟ କରିବାର ଏକ ଖୋଲାପଣତା ଆଧାରିତ ଏବଂ ସ୍ୱଚ୍ଛ ପ୍ରଣାଳୀ ରହିଛି । କିନ୍ତୁ ରେଜିଷ୍ଟର୍ କରୁଥିବା ଅଫିସ୍‌ରେ ଥିବା ରେଜିଷ୍ଟରରେ ଜମି ମୁଲ୍ୟାଙ୍କନ ତଥ୍ୟ ଏବଂ ପ୍ରକୃତରେ ଜମି କିଣାବିକାର ମୂଲ୍ୟ ଭିତରେ ତଫାତ୍ ରହିଛି, ରେଜିଷ୍ଟର୍‌ର ସଦ୍ୟ ସଂଶୋଧନ ବେଲେବେଳେ କରା ହେଉଛି ।<br>ପଶ୍ଚିମବଙ୍ଗରେ, ସଂପତ୍ତି ଟିକସର ସଂଗ୍ରହ ନିୟମିତ ଅଟେ (ପ୍ରାୟ ୮୦ ଶତକଡା) ।ସଂଗ୍ରହ ହେଉଥିବା ଟିକସର ମୂଲ୍ୟ ସଂଗ୍ରହ ବାବଦରେ ଖର୍ଚ୍ଚ ହେଉଥିବା ମୂଲ୍ୟଠାରୁ ଅଧିକ । ବିଶେଷ ଭାବରେ ସରକାରୀ ବିଭାଗଗୁଡିକ ସେମାନେ ଦେବାକୁ ଥିବା ଟିକସ ଦେଉ ନହାନ୍ତି । | ୧୦.୧ ସମସ୍ତ ମୁଖ୍ୟ ସହର ପାଇଁ  ରାଜସ୍ୱ ସଂଗ୍ରହ କ୍ଷମତା ଏବଂ ପ୍ରକୃତ ସଂଗ୍ରହର ଚିହ୍ନଟ କରାଯାଉ ଏବଂ ପ୍ରକାଶନ କରାଯାଉ । ବିଭିନ୍ନ ଅନୁଷ୍ଠାନ ଏବଂ ଧାର୍ମିକ ଟ୍ରଷ୍ଟ ଗୁଡିକୁ ସରକାରୀ ଟିକସ ଛାଡ ହେତୁ ହେଉଥିବା କ୍ଷତିର ସମୀକ୍ଷା କରାଯାଉ ।<br>୧୦.୨ ଜୋତ ହୋଲ୍‌ଡିଙ୍ଗ୍ ରେକର୍ଡ ରଖିବାରେ ଉନ୍ନତି ଅଣାଯାଉ ଏବଂ ଏହାର ସଦ୍ୟ ସଂଶୋଧନ କରି ରାଜସ୍ୱ ବୃଦ୍ଧି କରାଯାଉ । (ନଂ ୨ ମଧ୍ୟ ଦେଖନ୍ତୁ)<br>୧୦.୩ ଟିକସ ସଂଗ୍ରହର ପ୍ରଣାଳୀ ତ୍ୱରାନ୍ୱିତ ଏବଂ ସମୀକ୍ଷା କରାଯାଉ; ପ୍ରଶାସନିକ କ୍ଷମତା ବୃଦ୍ଧି କରିବା ପାଇଁ ସମ୍ବଳ ଆବଶ୍ୟକତା ଆକଳନ କରନ୍ତୁ । ଟାକ୍ସ ଦେବାରେ ଅବହେଳା କରୁଥିବା ବ୍ୟକ୍ତିଙ୍କ ଠାରୁ ଟାକ୍ସ ସଂଗ୍ରହ କରିବାର  ପ୍ରଣାଳୀ ରେ ଉନ୍ନତି ଆଣନ୍ତୁ । ଯେତେବେଳେ ଅଧିକାଂଶ ସଂପତ୍ତି ଟାକ୍ସ ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାରଙ୍କ ଦ୍ୱାରା ଦେବାକୁ ଅଛି, କେସ୍ ଟେକ୍ ଅପ୍ କରନ୍ତୁ ଏବଂ ଉଭୟ ପକ୍ଷକୁ ସୁହାଇଲା ଭଳି ସମାଧାନ ବାହାର କରନ୍ତୁ ।<br>୧୦.୪ ସରକାରଙ୍କ ବିଭିନ୍ନ ସ୍ତରରେ ଥିବା ସମନ୍ୱୟର ସମୀକ୍ଷା କରାଯାଉ , ଯେପରିକି CORD ରେ ବଜାର ମୂଲ୍ୟର ମୂଳ ତଥ୍ୟବଳୀ (MVDB)  ବ୍ୟବହାର ହୋଇପାରିବ ଏବଂ ସଦ୍ୟ ସଂଶୋଧନ ହୋଇ ପାରିବ ଏବଂ ସେ ଅନୁସାରେ ଷ୍ଟାମ୍ପ୍ ଡ୍ୟୁଟି ରେଭେନ୍ୟୁ କିମ୍ବା ରେଜିଷ୍ଟ୍ରେସନ୍ ଫିସ୍ ସଂଗ୍ରହ କରାଯାଇପାରିବ ଏବଂ ସଂପତ୍ତି କିମ୍ବା ଜମି ଟାକ୍ସର ମୂଳଭିତ୍ତି ହିସାବ କରାଯାଇପାରିବ ଏବଂ ଟ୍ୟାକ୍ସ ମୂଳଭିତ୍ତି ନିର୍ଣ୍ଣୟ ପାଇଁ ବିଶେଷ ପାୱାର କମ୍ କରିବ, ଯାହାକି ଖୋଲାପଣତା ଏବଂ କାର୍ଯ୍ୟକୁଶଳତା ଉପରେ ଆଧାରିତ ଟ୍ୟାକ୍ସ ରିଜିମ୍ ପାଇଁ ଅତ୍ୟନ୍ତ ଆବଶ୍ୟକ । | ULB; CVB |
| ***୧୧. ବିବାଦ ସମାଧାନ ପ୍ରକ୍ରିୟାର ପ୍ରଭାବଶୀଳତା ବୃଦ୍ଧି କରାଯାଉ ଏବଂ ପର୍ଯ୍ୟବେକ୍ଷଣ ପ୍ରକ୍ରିୟା ବିକଶିତ କରାଯାଉ :***<br>ରାଜ୍ୟରେ ଅନେକ ଦିନରୁ କେସ୍ ଗୁଡିକ ସମାଧାନ ନହୋଇ ପଡିରହିଛି, କିନ୍ତୁ ପଶ୍ଚିମବଙ୍ଗର ଜମିଜମା ବିବାଦର ସମାଧାନ ପାଇଁ ଯଥେଷ୍ଟ ବିଧେୟକ ରହିଛି (ପଶ୍ଚିମବଙ୍ଗ  ଭୂ-ସଂପତ୍ତି  ଅକ୍ତିଆର ଅଧିନିୟମ, ୧୯୫୩; ପଶ୍ଚିମବଙ୍ଗ ଭୂ-ସଂସ୍କାର ଅଧିନିୟମ, ୧୯୫୫; ପଶ୍ଚିମବଙ୍ଗ ଠିକା ସ୍ୱତ୍ତ୍ୱ ଅଧିନିୟମ, ୨୦୦୧; ପଶ୍ଚିମବଙ୍ଗ ଭୂ-ସଂସ୍କାର ଏବଂ ପ୍ରଜାସ୍ୱତ୍ତ୍ୱ ଟ୍ରିବୁନାଲ୍ ଅଧିନିୟମ, ୧୯୯୭) । ଭୂ-ସଂସ୍କାର ଏବଂ ପ୍ରଜାସ୍ୱତ୍ତ୍ୱ ଟ୍ରିବୁନାଲ୍ (LRTT) ପ୍ରବର୍ତ୍ତନ ଅଛି, ଯାଦ୍ୱାରା ବିବାଦର ଶୀଘ୍ର ସମାଧାନ ହୋଇପାରିବ ।<br>ଦେୱାନୀ କୋର୍ଟ ମାଧ୍ୟମରେ କେସ୍ ଗୁଡିକର ସମାଧାନ ଅକରିବା ପାଇଁ ଅଧିକ ସମୟ ଲାଗେ । ବିଭିନ୍ନ କାରଣରୁ ବାରମ୍ବାର କୋର୍ଟର ମୁଲତବୀ ହେଉଥିବା ଯୋଗୁଁ କେସ୍ ସମାଧାନ ଅନାବଶ୍ୟକ ଭାବରେ ବିଳମ୍ବ ହୋଇଥାଏ; ଦେୱାନୀ କୋର୍ଟରେ କେସ୍ ଥିଲେ ଅଧିକ ଖର୍ଚ୍ଚର ଆବଶ୍ୟକତା ହୋଇଥାଏ, ଯାହାକି ଗରିବ ଲୋକ ମାନେ ଦେବା ସମ୍ଭବ ନୁହେଁ । | ୧୧.୧ ସମସ୍ତ କୋର୍ଟ କିମ୍ବା ଦୃଷ୍ଟାନ୍ତ ପାଇଁ ବିବାଦ ରେକର୍ଡଂ କିମ୍ବା ଶ୍ରେଣୀଭୁକ୍ତକରଣ କରିବାକୁ ସ୍କିମ୍ ପ୍ରସ୍ତୁତ କରନ୍ତୁ ଯେପରିକି ଆଇନ୍‌ଗତ ଏବଂ ନିୟନ୍ତ୍ରଣଗତ ପ୍ରତିବନ୍ଧକ ଚିହ୍ନଟ କରାଯାଇପାରିବ, କେଉଁ ପ୍ରକାରର ଜମି ବିବାଦ ବଢୁଛି ତାହା ମଧ୍ୟ ଜାଣିହେବ ଏବଂ କେସ୍ ସମାଧାନର ମନ୍ଥରଗତିର କାରଣ ଜାଣିହେବ ।<br>୧୧.୨ ପ୍ରଣାଳୀ ପୁନଃ ଅବଲୋକନ ଏବଂ ତ୍ୱରାନ୍ୱିତ କରନ୍ତୁ । ଅନାବଶ୍ୟକ ସ୍ଥଗିତ ରଖିବା ବନ୍ଦ କରି ROs ଦ୍ୱାରା ଉପଯୁକ୍ତ ରେକର୍ଡ ଏବଂ କାଗଜ ପତ୍ର ଠିକ୍ ସମୟରେ ଜମା କରି, ଏକ ନିର୍ଦ୍ଦିଷ୍ଟ କେସ୍ ସମାଧାନ ପାଇଁ ତାରିଖ ସଂଖ୍ୟା ସୀମିତ କରି ଏବଂ ସମୟ ସୀମା କମ୍ କରି LRTT, ଅପିଲ୍ କର୍ତ୍ତୃପକ୍ଷ ଏବଂ BLLRO ଦ୍ୱାରା କେସ୍ ଶିଘ୍ର ସମାଧାନ ପାଇଁ ଆବଶ୍ୟକୀୟ ପଦକ୍ଷେପ ଚିହ୍ନଟ କରନ୍ତୁ ।<br>୧୧.୩ ବିବାଦ ସମାଧାନ ପ୍ରଣାଳୀର ପ୍ରଭାବଶୀଳତା ଏବଂ କାର୍ଯ୍ୟଦକ୍ଷତା ବୃଦ୍ଧି କରିବା ପାଇଁ ସମ୍ବଳର ଆବଶ୍ୟକତା ପୁନଃ ଅବଲୋକନ ଏବଂ ଆକଳନ କରନ୍ତୁ । | କୋର୍ଟ<br>LRTT |

# ଆନେକ୍ସର ୨ : ତୁଳନାତ୍ମକ ରାଜ୍ୟ ମୂଲ୍ୟାଙ୍କନ

| P | I | D | ନାମ ତାଲିକା୍, ସଂକେତକ ଏବଂ ପରିସର | ପ୍ରାପ୍ତି ଅଙ୍କ | | | | | |
|---|---|---|---|---|---|---|---|---|---|
| | | | | ଆନ୍ଧ୍ରପ୍ରଦେଶ | ବିହାର | ଝାଡଖଣ୍ଡ୍ | କର୍ଣ୍ଣାଟକ | ଓଡିଶା | ୱେଷ୍ଟବେଙ୍ଗଲ |
| ୧ | | | **ନାମ ତାଲିକା୍ ୧ : ଜମି ସମୟ ଅବଧିର (ଟେନିଓର) ସ୍ୱୀକାର କରିବା** | | | | | | |
| *୧* | *୧* | | *ଅଧିକାରପୁଞ୍ଜି ସ୍ୱୀକାର କରିବା* | | | | | | |
| ୧ | ୧ | ୧ | ବ୍ୟକ୍ତିର ଗ୍ରାମାଞ୍ଚଳ ଅଧିକାର i) ଆଇନ୍‌ଗତ ଭାବରେ ସ୍ୱୀକାର କରାଯାଇଛି ii) ସୁରକ୍ଷିତ କରାଯାଇଛି । | (i) କ | (i) କ (ii) ଖ | କ | (i) କ | ଖ | କ |
| ୧ | ୧ | ୨ | ପରଂପରାଗତ ପ୍ରଜାସ୍ୱତ୍ତ୍ୱ ଅଧିକାର ଗୁଡିକ ପ୍ରକୃତ ପକ୍ଷରେ ଆଇନ୍‌ଗତ ଭାବରେ ସ୍ୱୀକାର କରାଯାଇଛି ଏବଂ କାର୍ଯ୍ୟ ପଦ୍ଧତିରେ ସୁରକ୍ଷିତ କରାଯାଇଛି । | ଖ | ଘ | ଖ | ଖ | ଗ | ଗ |
| ୧ | ୧ | ୩ | ଜମି ଏବଂ ଜଙ୍ଗଲ ସ୍ଥାନୀୟ ଅଧିକାର ପ୍ରକୃତ ପକ୍ଷରେ i) ଆଇନ୍‌ଗତ ଭାବରେ ସ୍ୱୀକାର କରାଯାଇଛି ii) କାର୍ଯ୍ୟ ପଦ୍ଧତିରେ ସୁରକ୍ଷିତ କରାଯାଇଛି | ଗ | ଗ | ଖ | ଖ | ଖ | ଗ |
| ୧ | ୧ | ୪ | ସହରାଞ୍ଚଳ ଜମି ପ୍ରଜାସ୍ୱତ୍ତ୍ୱ ଅଧିକାର ଗୁଡିକ ପ୍ରକୃତ ପକ୍ଷରେ ଆଇନ୍‌ଗତ ଭାବରେ ସ୍ୱୀକାର କରାଯାଇଛି କାର୍ଯ୍ୟ ପଦ୍ଧତିରେ ସୁରକ୍ଷିତ କରାଯାଇଛି । | ଗ | ଗ | କ | ଖ | ଗ | କ |
| *୧* | *୨* | | *ଅଧିକାରର ସମ୍ମାନ ଏବଂ ଅନୁପାଳନ* | | | | | | |
| ୧ | ୨ | ୧ | ବ୍ୟକ୍ତିଗତ ଆବଶ୍ୟକତା ଅନୁସାରେ ପ୍ରଜାସ୍ୱତ୍ତ୍ୱ ପ୍ରାପ୍ତ ହେବାର ସୁଯୋଗ ରହିଛି | ଗ | ଘ | କ | ଖ | ଖ | ଘ |
| ୧ | ୨ | ୨ | ଗ୍ରାମାଞ୍ଚଳରେ ବ୍ୟକ୍ତି ବିଶେଷଙ୍କ ଜମି ରେକର୍ଡ ହୋଇଛି ଏବଂ ନକ୍ସା ହୋଇଛି | ଖ | କ | କ | ଖ | ଖ | କ |
| ୧ | ୨ | ୩ | ସହରାଞ୍ଚଳରେ ବ୍ୟକ୍ତି ବିଶେଷଙ୍କ ଜମି ଔପଚାରିକ ଭାବରେ i) ରେକର୍ଡ ହୋଇଛି ଏବଂ ii) ନକ୍ସା ହୋଇଛି । | ଗ | କ ଖ | ଖ | ଗ | ଗ | ଗ |
| ୧ | ୨ | ୪ | ବେନିଅମ୍ ଭାବରେ ବିକ୍ରୟ ହୋଇଥିବା ଜମି ସଂଖ୍ୟା ଅଳ୍ପ | ଗ | ଖ | କ | ଖ | ଖ | ଗ |
| ୧ | ୨ | ୫ | ବେନିଅମ୍ ଭାବରେ କରାଯାଇଥିବା ଲିଜ୍ କାରବାର ସଂଖ୍ୟା ଅଳ୍ପ | ଘ | ଖ | କ | ଖ | ଖ | ଘ |
| ୧ | ୨ | ୬ | ମହିଳାମାନଙ୍କର ସଂପତ୍ତିଗତ ଅଧିକାର ରେକର୍ଡ ହୋଇଛି | ଗ | ଘ | ଘ | ଗ | ଘ | ଘ |
| ୧ | ୨ | ୭ | ଜମିଜମା ଉପରେ ମହିଳାମାନଙ୍କର ଅଧିକାର ପୁରୁଷମାନଙ୍କ ସହ ସମାନ, ଆଇନ୍ ଅନୁସାରେ ଏବଂ କାର୍ଯ୍ୟ ଅଭ୍ୟାସରେ ମଧ୍ୟ ହୋଇଛି । | | ଗ | ଖ | ଖ | | ଗ |
| ୨ | | | **ନାମ ତାଲିକା୍ ୨ : ଜଙ୍ଗଲର ଅଧିକାର ଏବଂ ସର୍ବସାଧାରଣ ଜମି ଏବଂ ଗ୍ରାମାଞ୍ଚଳ ଜମିର ବ୍ୟବହାରଗତ ନିୟନ୍ତ୍ରଣ** | | | | | | |
| *୨* | *୧* | | *ଜଙ୍ଗଲର ଅଧିକାର ଏବଂ ସର୍ବସାଧାରଣ ଜମି* | | | | | | |
| ୨ | ୧ | ୧ | ସ୍ପଷ୍ଟ ଭାବରେ ଚିହ୍ନଟ ହୋଇଛି ଏବଂ ବ୍ୟବହାର ପାଇଁ ନ୍ୟସ୍ତ ହୋଇଛି i) ଜଙ୍ଗଲ ପାଇଁ ii) CL ପାଇଁ | ଖ | ଖ | ଖ | ଖ | ଖ | ଗ |
| ୨ | ୧ | ୨ | ଦଳଗତ ଅଧିକାର ସ୍ୱୀକାର ହୋଇଛି ଏବଂ ଅନୁପାଳନ ଯୋଗ୍ୟ ମଧ୍ୟ ହୋଇଛି | ଘ | କ | ଗ | ଘ | ଗ | ଘ |

| P | I | D | ନାମ ତାଲିକା, ସଂକେତକ ଏବଂ ପରିସର | ପ୍ରାପ୍ତି ଅଙ୍କ | | | | | |
|---|---|---|---|---|---|---|---|---|---|
| | | | | ଆନ୍ଧ୍ରପ୍ରଦେଶ | ବିହାର | ଝାଡଖଣ୍ଡ | କର୍ଣ୍ଣାଟକ | ଓଡିଶା | ୱେଷ୍ଟବେଙ୍ଗଲ |
| ୨ | ୧ | ୩ | ଏପରିକି ରାଜ୍ୟ ଜମିରେ ବ୍ୟବହାର ଗତ ଅଧିକାର ସ୍ୱୀକାର ହୋଇଛି । | ଖ | ଖ | ଖ | ଘ | ଖ | ଘ |
| ୨ | ୧ | ୪ | ସର୍ବସାଧାରଣ ଜମି ଉପରେ ଏକାଧିକ ଅଧିକାର ଆଇନ୍‌ଗତ ଭାବରେ ରହିପାରିବ | ଗ | ଗ | ଗ | ଗ | ଖ | ଖ |
| ୨ | ୧ | ୫ | ସର୍ବସାଧାରଣ ଜମି ଉପରେ ଏକାଧିକ ଅଧିକାର ଆଇନ୍‌ଗତ ଭାବରେ ରହିପାରିବ (ଉଦାହରଣ ସ୍ୱରୁପ :ବୃକ୍ଷ) | ଗ | ଗ | ଖ | ଗ | ଖ | ଖ |
| ୨ | ୧ | ୬ | ଭୂମିର ପୃଷ୍ଠଦେଶ ଏବଂ ତାହାର ବିଭିନ୍ନ ଆଭ୍ୟନ୍ତରୀୟ ସ୍ତର ଉପରେ ଅଧିକାର, ଉଭୟ, ଆଇନ୍‌ଗତ ଭାବରେ ରହିପାରିବ । | ଖ | ଘ | ଖ | ଗ | ଖ | ଘ |
| ୨ | ୧ | ୭ | ଦଳଗତ ଅଧିକାରର ରେଜିଷ୍ଟ୍ରେସନ୍ ଏବଂ ନକ୍ସାର ସୁବିଧା ରହିଛି । | ଗ | ଘ | ଖ | ଘ | ଗ | ଗ |
| ୨ | ୧ | ୮ | ଜନସାଧାରଣଙ୍କ ଜମିର ସୀମା ନିର୍ଦ୍ଧାରଣ କରାଯାଇଛି । | କ | ଘ | ଘ | ଗ | ଗ | ଘ |
| *୨* | *୨* | | *ଗ୍ରାମାଞ୍ଚଳ ଜମି ବ୍ୟବହାର ନିୟନ୍ତ୍ରଣର ପ୍ରଭାବଶୀଳତା ଏବଂ ସମାନତା* | | | | | | |
| ୨ | ୨ | ୧ | ଗ୍ରାମାଞ୍ଚଳ ଜମି ବ୍ୟବହାର ଉପରେ ଥିବା ନିୟନ୍ତ୍ରଣ ଆଇନ୍‌ଗତ ଭାବରେ ଅନୁପାଳନ କରାହୋଇଛି । | ଖ | ଖ | ଖ | ଖ | ଗ | ଖ |
| ୨ | ୨ | ୨ | ଗ୍ରାମାଞ୍ଚଳ ଜମି ହସ୍ତାନ୍ତର ଉପରେ ଥିବା ନିୟନ୍ତ୍ରଣ ସର୍ବସାଧାରଣ ଉଦ୍ଦେଶ୍ୟ ସାଧନ କରୁଛି । | ଖ | ଖ | କ | ଖ | ଖ | ଖ |
| ୨ | ୨ | ୩ | ସର୍ବସାଧାରଣଙ୍କଠାରୁ ତଥ୍ୟ ଏବଂ ଦାୟିତ୍ୱ ଅଂଶିଦାର କରିବା ଉପରେ ଆଧାରିତ ଗ୍ରାମାଞ୍ଚଳ ଜମି ବ୍ୟବହାର ପରିବର୍ତ୍ତନ ହୋଇଥାଏ । | | ଗ | | ଗ | ଗ | ଗ |
| ୨ | ୨ | ୪ | ଗ୍ରାମାଞ୍ଚଳ ଜମି ବ୍ୟବହାର ପରିବର୍ତ୍ତନ ଠିକ୍ ସମୟରେ କାର୍ଯ୍ୟକାରୀ କରାହୋଇଛି | | ଘ | ଗ | | ଘ | କ |
| ୨ | ୨ | ୫ | ଆଉ ଥରେ ଅଞ୍ଚଳରେ ବିଭକ୍ତ କରିବାର ଅଧିକାର ସୁରକ୍ଷା ପାଇଁ ସାର୍ବଜନୀନ ପ୍ରଣାଳୀ ରହିଛି । | ଘ | ଘ | | ଖ | ଗ | ଖ |
| ୨ | ୨ | ୬ | ପ୍ରକୃତ ବ୍ୟବହାରକୁ ଆଖି ଆଗରେ ରଖି ଯୋଜନା ପ୍ରସ୍ତୁତ ରହିଛି । | | କ | ଖ | ଗ | ଗ | ଖ |
| **୩** | | | **ନାମ ତାଲିକା ୩ : ସହରାଞ୍ଚଳ ଜମି ବ୍ୟବହାର, ଯୋଜନା ଏବଂ ବିକାଶ** | | | | | | |
| *୩* | *୧* | | *ଅଧିକାର ଉପରେ ନିୟନ୍ତ୍ରଣ : ଅସମ୍ଭବ ମାନଦଣ୍ଡକୁ ଅନୁପାଳନ କରିବାର ସର୍ତ୍ତାବଳୀ ଜମି ବ୍ୟବହାର ସହିତ ରଖାଯାଇନାହିଁ ।* | | | | | | |
| ୩ | ୧ | ୧ | ଜମି ବ୍ୟବହାର ଉପରେ ନିୟନ୍ତ୍ରଣ ସର୍ବ ସାଧାରଣଙ୍କର ମଙ୍ଗଳ ପାଇଁ କରାଯାଏ, ତେଣୁ ଅନୁପାଳନ କରାଯାଏ । | ଖ | ଖ | ଖ | କ | ଖ | ଖ |
| ୩ | ୧ | ୨ | ଜମି ବ୍ୟବହାର ଉପରେ ନିୟନ୍ତ୍ରଣ ସର୍ବ ସାଧାରଣ ଉଦ୍ଦେଶ୍ୟ ପାଇଁ କରାଯାଏ, ତେଣୁ ଅନୁପାଳନ କରାଯାଏ । | ଖ | ଖ | ଗ | ଖ | ଖ | ଘ |
| *୩* | *୨* | | *ଜମି ବ୍ୟବହାର ନିୟନ୍ତ୍ରଣରେ ସ୍ୱଚ୍ଛତା* | | | | | | |
| ୩ | ୨ | ୧ | ସହରାଞ୍ଚଳର ବିସ୍ତାରଣ ପାଇଁ ପ୍ରଣାଳୀ ଅତ୍ୟନ୍ତ ସ୍ୱଷ୍ଟ, ସର୍ବ ସାଧାରଣରେ ଜ୍ଞାତ, ଅଧିକାରକୁ ସମ୍ମାନ ଦିଏ । | ଖ | ଘ | ଘ | ଗ | ଗ | ଘ |
| ୩ | ୨ | ୨ | ସର୍ବ ସାଧାରଣଙ୍କର ମନ୍ତବ୍ୟ ଉପରେ ଆଧାର କରି ସହରାଞ୍ଚଳର ଜମି ବ୍ୟବହାର ଯୋଜନା ଏବଂ ତାର ପରିବର୍ତ୍ତନ ହୁଏ । | ଖ | ଗ | ଖ | ଗ | ଖ | ଖ |
| ୩ | ୨ | ୩ | ନ୍ୟସ୍ତ ହୋଇଥିବା ଜମି ବ୍ୟବହାରରେ ପରିବର୍ତ୍ତନ ଠିକ୍ ସମୟ ଭିତରେ ହୋଇଥାଏ । | କ | ଘ | | ଗ | କ | ଖ |
| *୩* | *୩* | | *ସହରାଞ୍ଚଳ ଜମି ବ୍ୟବହାରରେ କାର୍ଯ୍ୟ କୁଶଳତା* | | | | | | |
| ୩ | ୩ | ୧ | ଅଳ୍ପ -ଖର୍ଚ୍ଚ ବିଶିଷ୍ଟ ଗୃହନିର୍ମାଣ ଏବଂ ସେବା ପାଇଁ ଯୋଜନା ରହିଛି, କାର୍ଯ୍ୟକାରୀ ହୋଇଛି । | ଖ | ଗ | ଗ | ଖ | କ | ଘ |
| ୩ | ୩ | ୨ | ବଡ ସହରରେ ଜମି ବ୍ୟବହାର ଯୋଜନା ବିସ୍ତାରଣ ପାଇଁ ଦିଗ୍‌ଦର୍ଶନ ଦେଇଥାଏ । | ଗ | ଗ | ଘ | ଗ | ଗ | ଗ |
| ୩ | ୩ | ୩ | ଅନ୍ୟ ସହର ଗୁଡିକରେ ଜମି ବ୍ୟବହାର ଯୋଜନା ବିସ୍ତାରଣ ପାଇଁ ଦିଗ୍‌ଦର୍ଶନ ଦେଇଥାଏ । | ଗ | ଗ | ଘ | ଗ | ଗ | ଗ |
| ୩ | ୩ | ୪ | ସହରାଞ୍ଚଳ ଅଭିବୃଦ୍ଧି ସହିତ ଯୋଜନା ତାଳଦେଇ ଚାଲିଛି । | ଖ | ଗ | ଘ | ଗ | ଗ | ଖ |

| P | I | D | ନାମ ତାଲିକା, ସଂକେତକ ଏବଂ ପରିସର | ପ୍ରାପ୍ତି ଅଙ୍କ | | | | | |
|---|---|---|---|---|---|---|---|---|---|
| | | | | ଆନ୍ଧ୍ରପ୍ରଦେଶ | ବିହାର | ଝାଡଖଣ୍ଡ | କର୍ଣ୍ଣାଟକ | ଓଡିଶା | ୱେଷ୍ଟବେଙ୍ଗଲ |
| ୩ | ୪ | | *ଜମି ବ୍ୟବହାର ଉପରେ ନିୟନ୍ତ୍ରଣର ଆଇନ୍‌ଗତ ଅନୁପାଳନ* | | | | | | |
| ୩ | ୪ | ୧ | ଆବାସିକ ଗୃହ ପରମିଟ୍ ପାଇଁ ପ୍ରବଧାନ ଉପଯୁକ୍ତ ଅଟେ । | ଖ | ଗ | ଖ | ଗ | ଖ | ଖ |
| ୩ | ୪ | ୨ | ଆବାସିକ ଗୃହ ପରମିଟ୍ ପ୍ରାପ୍ତ କରିବା ପାଇଁ ପ୍ରକ୍ରିୟା ଛୋଟ ଅଟେ । | କ | ଗ | ଖ | କ | କ | କ |
| ୩ | ୫ | | *ସହରାଞ୍ଚଳରେ ପ୍ରଜାସ୍ୱତ୍ତ୍ୱ ନିୟମିତକରଣ ପରିକଳ୍ପନା* | | | | | | |
| ୩ | ୫ | ୧ | ସହରାଞ୍ଚଳ ଗୃହନିର୍ମାଣ ଔପଚାରିକ କରିବା ସମ୍ଭବ ଏବଂ ସୀମିତ ଖର୍ଚ୍ଚ ଭିତରେ ହୋଇପାରେ । | ଖ | ଗ | ଘ | ଘ | ଗ | ଗ |
| ୩ | ୫ | ୨ | ଅଣ ଔପଚାରିକ ବନ୍ଦୋବସ୍ତରେ ଉନ୍ନତି ଆଣିବାର ଧାରା ଜାରି ରହିଛି । | ଖ | ଗ | ଖ | ଗ | ଗ | ଘ |
| ୩ | ୫ | ୩ | ସାଧାରଣ ସଂପତ୍ତି ପରିଚାଳନା ପାଇଁ ଯୌଥ ଶାସନ ଗଠନ ପ୍ରାବଧାନ ରହିଛି । | କ | କ | ଘ | ଗ | ଗ | ଖ |
| ୪ | | | **ନାମ ତାଲିକା ୪ : ସାର୍ବଜନୀନ ସରକାରୀ ଜମିର ପରିଚାଳନା** | | | | | | |
| ୪ | ୧ | | *ସାର୍ବଜନୀନ ସରକାରୀ ଜମିର ପରିଚାଳନା ଏବଂ ଚିହ୍ନଟ* | | | | | | |
| ୪ | ୧ | ୧ | ସାର୍ବଜନୀନ ସରକାରୀ ଜମିର ମାଲିକାନା ସ୍ପଷ୍ଟ ଭାବରେ ବ୍ୟାଖ୍ୟା ହୋଇଛି ଏବଂ ଭଲ ଭାବରେ ପରିଚାଳନା ହୋଇଛି । | ଖ | କ | କ | କ | ଗ | ଖ |
| ୪ | ୧ | ୨ | ସାର୍ବଜନୀନ ସରକାରୀ ଜମିର ସମସ୍ତ ତଥ୍ୟର ରେକର୍ଡ ପ୍ରାପ୍ତ କରି ହୋଇପାରୁଛି । | କ | ଗ | କ | ଖ | ଗ | ଗ |
| ୪ | ୧ | ୩ | ସର୍ବସାଧାରଣର ଜମି ରେକର୍ଡ ସର୍ବ ସାଧାରଣ ପାଇ ପାରୁଛନ୍ତି । | ଖ | ଗ | ଖ | ଗ | ଗ | ଗ |
| ୪ | ୧ | ୪ | ବିଭିନ୍ନ ପ୍ରକାର ସାର୍ବଜନୀନ ସରକାରୀ ଜମି ପାଇଁ ପରିଚାଳନା ଦାୟିତ୍ୱ ସ୍ପଷ୍ଟ ଭାବରେ ନ୍ୟସ୍ତ କରାଯାଇଛି । | ଖ | ଖ | ଖ | ଖ | ଗ | ଖ |
| ୪ | ୧ | ୫ | ସେହି ଦାୟିତ୍ୱଗୁଡିକ ପୂରଣ କରିବା ପାଇଁ ଯଥେଷ୍ଟ ସମ୍ବଳ ଉପଲବ୍ଧ । | ଗ | ଗ | ଖ | ଗ | ଗ | ଗ |
| ୪ | ୧ | ୬ | ସାର୍ବଜନୀନ ସରକାରୀ ଜମିର ବଣ୍ଟନ ଉପରେ ମୁଖ୍ୟ ସୂଚନା ସର୍ବସାଧାରଣ ପ୍ରାପ୍ତ କରି ପାରୁଛନ୍ତି । | ଗ | ଗ | କ | ଗ | ଖ | ଗ |
| ୪ | ୨ | | *ସାର୍ବଜନୀନ ସରକାରୀ ଜମି ଘରୋଇ ଆବଶ୍ୟକତା ପାଇଁ  ନ୍ୟୁନତମ ।* | | | | | | |
| ୪ | ୨ | ୧ | ସାର୍ବଜନୀନ ସରକାରୀ ଜମି ଘରୋଇ ଆବଶ୍ୟକତା ପାଇଁ ନ୍ୟୁନତମ ହସ୍ତାନ୍ତର । | ଘ | କ | କ | ଖ | କ | କ |
| ୪ | ୨ | ୨ | ଅଧିଗ୍ରହଣ ହୋଇଥିବା ଜମି ଠିକ୍ ସମୟରେ ଉଦ୍ଦିଷ୍ଟ ବ୍ୟବହାର ପାଇଁ ହସ୍ତାନ୍ତର କରାହେଉଛି । | ଗ | ଖ | କ | କ | ଖ | ଖ |
| ୪ | ୨ | ୩ | ଜମି ଅଧିଗ୍ରହଣ ଜନିତ ଧମକ/ସମସ୍ୟା ଯୋଗୁଁ ସମୟ-ପୂର୍ବ ସତର୍କତାମୂଳକ ପଦକ୍ଷେପର ଆବଶ୍ୟକତା ହେଉନାହିଁ । | ଖ | ଖ | କ | ଖ | ଗ | ଖ |
| ୪ | ୩ | | *ଅଧିଗ୍ରହଣ ପ୍ରଣାଳୀର ନ୍ୟାୟ ସଂଗତତା* | | | | | | |
| ୪ | ୩ | ୧ | ରେଜିଷ୍ଟ୍ରେସନ୍ ଅବସ୍ଥା ଯାହା ହେଲେ ମଧ୍ୟ ସମସ୍ତ ଅଧିକାର ପାଇଁ କ୍ଷତିପୂରଣ ଦିଆଯାଉଛି । | ଗ | ଘ | କ | ଘ | ଗ | ଖ |
| ୪ | ୩ | ୨ | ଜମି ବ୍ୟବହାର ପରିବର୍ତ୍ତନ ପାଇଁ କ୍ଷତିପୂରଣ ବ୍ୟବସ୍ଥା ଅଛି । | ଘ | ଘ | ଘ | ଗ | ଘ | ଘ |
| ୪ | ୩ | ୩ | ଅଧିଗ୍ରହଣ ହୋଇଥିବା ଜମି ମାଲିକଙ୍କୁ ସଙ୍ଗେ ସଙ୍ଗେ କ୍ଷତିପୂରଣ ଦିଆଯାଉଛି । | ଘ | ଗ | କ | ଘ | ଖ | ଖ |
| ୪ | ୩ | ୪ | ଜମି ଅକ୍ତିଆର ବିଷୟକୁ ନେଇ ଅପିଲ୍ କରିବା ପାଇଁ ସ୍ୱାଧୀନ ଏବଂ ସହଜରେ ପ୍ରାପ୍ତ ହେଲାଭଳି କର୍ତ୍ତୃପକ୍ଷ ଅଛନ୍ତି । | ଖ | ଖ | ଘ | ଗ | ଖ | ଖ |
| ୪ | ୩ | ୫ | ଅଧିଗ୍ରହଣ କ୍ଷେତ୍ରରେ କୌଣସି ଅଭିଯୋଗ ହେଲେ ଠିକ୍ ସମୟରେ ସିଦ୍ଧାନ୍ତ ନିଆହେଉଛି । | ଘ | ଖ | କ | କ | ଖ | ଗ |
| ୫ | | | **।ମ ତାଲିକା ୫ : ସାର୍ବଜନୀନ ସରକାରୀ ଜମି ଘରୋଇ ଆବଶ୍ୟକତା ପାଇଁ ହସ୍ତାନ୍ତର ହେବା ପ୍ରଣାଳୀରେ ସ୍ୱଚ୍ଛତା** | | | | | | |
| ୫ | ୧ | | *ସାର୍ବଜନୀନ ସରକାରୀ ଜମି ଘରୋଇ ଆବଶ୍ୟକତା ପାଇଁ ହସ୍ତାନ୍ତର* | | | | | | |
| ୫ | ୧ | ୧ | ସାର୍ବଜନୀନ ସରକାରୀ ଜମିର କିଣାବିକା ସର୍ବସାଧାରଣଙ୍କ ଜ୍ଞାତ ସାରରେ ଏବଂ ସ୍ୱଚ୍ଛତାରେ କରାଯାଉଛି । | ଖ | ଖ | ଘ | ଘ | ଘ | ଗ |

| P | I | D | ନାମ ତାଲିକା, ସଂକେତକ ଏବଂ ପରିସର | ପ୍ରାପ୍ତି ଅଙ୍କ | | | | | |
|---|---|---|---|---|---|---|---|---|---|
| | | | | ଆନ୍ଧ୍ରପ୍ରଦେଶ | ବିହାର | ଝାଡଖଣ୍ଡ | କର୍ଣ୍ଣାଟକ | ଓଡିଶା | ୱେଷ୍ଟବେଙ୍ଗଲ |
| ୫ | ୧ | ୨ | ସର୍ବସାଧାରଣ ଲିଜ୍ ପାଇଁ ଦେୟ ସଂଗ୍ରହ କରାଯାଉଛି | ଘ | କ | କ | ଖ | କ | କ |
| ୫ | ୧ | ୩ | ସାର୍ବଜନୀନ ସରକାରୀ ଜମି ବଜାର ମୂଲ୍ୟରେ ହିଁ ହସ୍ତାନ୍ତର ହେଉଛି ।(ନିଷ୍କ୍ଷତାକୁ ଛାଡି) | ଖ | କ | ଖ | ଗ | ଗ | କ |
| ୫ | ୧ | ୪ | ଅନୁମତି ପ୍ରାପ୍ତ ଜମି ବ୍ୟବହାରରେ ପରିବର୍ତ୍ତନ ହେଲେ ସର୍ବସାଧାରଣ ହିଁ ତାର ଲାଭ ପ୍ରାପ୍ତ କରୁଛନ୍ତି । | ଗ | ଘ | ଘ | ଗ | ଗ | ଗ |
| ୫ | ୧ | ୫ | ସଂପତ୍ତି ବ୍ୟବହାର ଏବଂ ତାହା ପ୍ରାପ୍ତ କରିବାର ସମାନତା ବୃଦ୍ଧି କରିବା ପାଇଁ ଯୋଜନା ରହିଛି । | ଗ | ଘ | ଘ | ଖ | ଖ | ଖ |
| *୫* | *୨* | | *ଘରୋଇ ନିବେଶ କୌଶଳ* | | | | | | |
| ୫ | ୨ | ୧ | ନିବେଶୀମାନଙ୍କୁ ଉପଲବ୍ଧ ହୋଇପାରୁଥିବା ଜମି, ଜମି ଅଧିକାରଧାରୀଙ୍କ ସହିତ ହୋଇଥିବା ରାଜିନାମାରେ ସ୍ପଷ୍ଟ ଭାବରେ ଚିହ୍ନଟ କରାଯାଇଛି । | ଗ | ଖ | ଗ | ଖ | ଗ | ଖ |
| ୫ | ୨ | ୨ | ସ୍ୱଚ୍ଛତା ପ୍ରଣାଳୀରେ ଆର୍ଥିକ, ସାମାଜିକ, ସାଂସ୍କୃତିକ ଏବଂ ପରିବେଶୀୟ ପ୍ରଭାବକୁ ଆଖି ଆଗରେ ରଖି ନିବେଶ ଚୟନ କରାଯାଉଛି । | ଗ | ଖ | ଗ | ଗ | କ | କ |
| ୫ | ୨ | ୩ | ସରକାରୀ ଅନୁଷ୍ଠାନ ଗୁଡିକ ମଧ୍ୟରେ ଦାୟିତ୍ୱକୁ ନେଇ କୌଣସି ଅନୁଷ୍ଠାନଗତ ଦ୍ୱନ୍ଦ/ଅସ୍ପଷ୍ଟତା ନାହିଁ । | କ | ଖ | ଗ | କ | ଖ | ଖ |
| ୫ | ୨ | ୪ | ସଂପୃକ୍ତ ହୋଇଥିବା ସରକାରୀ ସଂସ୍ଥା ସୂଚନା ଏବଂ ସମନ୍ୱୟରୁ ଅଂଶୀଦାର କରନ୍ତି । | କ | କ | ଘ | କ | କ | ଖ |
| ୫ | ୨ | ୫ | ନିବେଶୀଙ୍କ ଦ୍ୱାରା ସର୍ତ୍ତ ଅନୁପାଳନ ନିୟମିତ ଭାବରେ ପର୍ଯ୍ୟବେକ୍ଷଣ କରାହେଉଛି ଏବଂ ଯଦି ଆବଶ୍ୟକ ପଦକ୍ଷେପ ନିଆହେଉଛି । | ଗ | ଗ | ଗ | ଗ | ଖ | ଗ |
| ୫ | ୨ | ୬ | ବର୍ତ୍ତମାନ ଅଧିକାରରୁ ଉଚ୍ଛେଦ ହେବା ନିରାକରଣ ପାଇଁ ଆବଶ୍ୟକ ସାବଧାନତା ପ୍ରୟୋଗ କରାହେଉଛି । | ଗ | ଖ | ଘ | ଖ | ଖ | ଗ |
| ୫ | ୨ | ୭ | ପୁର୍ନବସତି କେସ୍‌ଗୁଡିକ ବିଶେଷ ପରିସ୍ଥିତି ଉପରେ ନିର୍ଭର କରି ଭଲ ଭାବରେ କାର୍ଯ୍ୟକାରୀ କରାହେଉଛି । | ଗ | ଗ | ଗ | ଗ | କ | ଖ |
| *୫* | *୩* | | *ଯୋଜନା କାର୍ଯ୍ୟକାରିତାରେ ସୁସଙ୍ଗତ* | | | | | | |
| ୫ | ୩ | ୧ | ନିବେଶୀଙ୍କଠାରୁ ପ୍ରାପ୍ତ ସୂଚନା ପ୍ରଭାବ ମୂଲ୍ୟାଙ୍କନ କରିବା ପାଇଁ ଯଥେଷ୍ଟ ଅଟେ । | ଘ | ଖ | ଘ | ଖ | ଖ | କ |
| ୫ | ୩ | ୨ | ନିବେଶ ଯୋଜନାର ଅନୁମୋଦନ ନିର୍ଦ୍ଦିଷ୍ଟ ସମୟ ସୀମା ଭିତରେ ହିଁ କରାଯାଏ । | ଖ | ଖ | ଘ | କ | କ | ଖ |
| ୫ | ୩ | ୩ | ଅଧିକାରଧାରୀ ଏବଂ ନିବେଶୀଙ୍କ ମଧ୍ୟରେ ଖୋଲା ଭାବରେ ଆଲୋଚନା ହେଉଛି । | ଗ | ଗ | ଘ | ଖ | କ | ଖ |
| ୫ | ୩ | ୪ | ରାଜିନାମାଗତ ପ୍ରାବଧାନ ଲାଭ ଅଂଶୀଦାର କରିବା ବିଷୟରେ ସୂଚନା ସର୍ବସାଧାରଣରେ ଉପଲବ୍ଧ । | ଘ | ଘ | ଘ | ଗ | ଖ | ଖ |
| *୫* | *୪* | | *ରାଜିନାମା ସର୍ବସାଧାରଣରେ ଜ୍ଞାତ* | | | | | | |
| ୫ | ୪ | ୧ | ସ୍ଥାନ ଏବଂ ଦିଗ ଭିତ୍ତିକ ବିସ୍ତାରଣ ଏବଂ ରିହାତିର ସମୟ ଅବଧି ବିଷୟରେ ସୂଚନା ସର୍ବସାଧାରଣରେ ଜ୍ଞାତ । | ଗ | ଗ | ଘ | ଗ | କ | କ |
| ୫ | ୪ | ୨ | ସାବଧାନତା ପର୍ଯ୍ୟବେକ୍ଷଣ ସଫଳତାର ସହ ଅନୁପାଳନ କରାହେଉଛି । | ଘ | ଗ | ଘ | ଗ | ଖ | ଖ |
| ୫ | ୪ | ୩ | ଯଦି ନିବେଶୀ ତାର ଦାୟିତ୍ୱ ପୁରଣ କରିବାରେ ଅବହେଳା କରେ ଅଭିଯୋଗ କରିବାର ପ୍ରାବଧାନ ରହିଛି । | ଗ | ଘ | ଘ | ଗ | କ | ଖ |
| **୬** | | | **ନାମ ତାଲିକା ପ୍ୟାନେଲ୍ ୬ ଜମି ସୂଚନା** | | | | | | |
| *୬* | *୧* | | *ଅଧିକାର ସ୍ୱୀକାର ପ୍ରକ୍ରିୟା* | | | | | | |
| ୬ | ୧ | ୧ | ଅନ୍ୟମାନଙ୍କ ଦାବି କରାଯାଇ ନଥିବା ଜମି ଦଖଲ ଔପଚାରିକ କରିବା ପାଇଁ ସ୍ୱଚ୍ଛତା ପ୍ରଣାଳୀ | ଖ | ଖ | ଖ | ଖ | ଖ | ଖ |
| ୬ | ୧ | ୨ | ଅଧିକାର ସାବ୍ୟସ୍ତ କରିବା ପାଇଁ ଅଣ-ଡକ୍ୟୁମେଣ୍ଟାରୀ ପ୍ରମାଣ ସଫଳତାର ସହ ବ୍ୟବହାର କରାଯାଉଛି । | ଗ | ଗ | ଗ | ଘ | ଗ | ଘ |

| P | I | D | ନାମ ତାଲିକା, ସଂକେତକ ଏବଂ ପରିସର | ପ୍ରାପ୍ତି ଅଙ୍କ | | | | | |
|---|---|---|---|---|---|---|---|---|---|
| | | | | ଆନ୍ଧ୍ରପ୍ରଦେଶ | ବିହାର | ଝାଡଖଣ୍ଡ | କର୍ଣ୍ଣାଟକ | ଓଡିଶା | ୱେଷ୍ଟବେଙ୍ଗଲ |
| ୬ | ୧ | ୩ | ଦୀର୍ଘଦିନ ଧରି ଅନ୍ୟମାନଙ୍କ ଦାବି କରାଯାଇ ନଥିବା ଜମି ପୋଜେସନ୍ ଔପଚାରିକ କରାଯାଉଛି । | କ | ଗ | ଗ | ଖ | ଗ | ଗ |
| ୬ | ୧ | ୪ | ପ୍ରଥମ-ସମୟ ରେଜିଷ୍ଟ୍ରେସନ୍ ଉପଯୁକ୍ତ ସାବଧାନର ସହିତ କରାଯାଉଛି । | କ | ଗ | କ | କ | କ | କ |
| *୬* | *୨* | | *ଜମି ରେଜିଷ୍ଟ୍ରିର ସଂପୂର୍ଣ୍ଣତା* | | | | | | |
| ୬ | ୨ | ୧ | ସଂପତ୍ତି ହସ୍ତାନ୍ତର ରେଜିଷ୍ଟର କରିବାର ସମୁଦାୟ ଖର୍ଚ୍ଚ ଅତି ଅଳ୍ପ ଅଟେ । | ଘ | ଘ | ଘ | ଘ | ଘ | ଘ |
| ୬ | ୨ | ୨ | ରେକର୍ଡ ସୂଚନା ମ୍ୟାପ୍‌ରେ ଅନ୍ତର୍ଗତ ହୋଇଛି ଏହା ପ୍ରତିଫଳନ କରୁଛି । | ଗ | କ | | ଗ | ଗ | କ |
| ୬ | ୨ | ୩ | ସମସ୍ତ ସଂପୃକ୍ତ ଘରୋଇ ଦାବିଦାରଙ୍କ ନାମ ରେକର୍ଡ କରାହେଉଛି । | ଗ | ଗ | ଘ | କ | ଗ | ଗ |
| ୬ | ୨ | ୪ | ସମସ୍ତ ସଂପୃକ୍ତ ସର୍ବସାଧାରଣ ନିୟନ୍ତ୍ରଣ କିମ୍ବା ପରିବର୍ତ୍ତନ ରେକର୍ଡ କରାହେଉଛି । | ଗ | ଗ | କ | କ | ଗ | ଗ |
| ୬ | ୨ | ୫ | ରେଜେଷ୍ଟ୍ରି ରେକର୍ଡ ପ୍ରାପ୍ତ ପାଇଁ କରାଯାଇଥିବା ଅନୁରୋଧ ଠିକ୍ ସମୟରେ ଉତ୍ତର ମିଳୁଛି । | ଖ | ଖ | କ | କ | ଗ | କ |
| ୬ | ୨ | ୬ | ରେଜେଷ୍ଟ୍ରି ଅନ୍-ଲାଇନ୍‌ରେ ଖୋଜି ବାହାର କରିବା ସହଜ । | କ | କ | କ | କ | କ | କ |
| ୬ | ୨ | ୭ | ଜମି ସୂଚନା ରେକର୍ଡ ସହଜରେ ପ୍ରାପ୍ତ କରିହେଉଛି । | କ | ଖ | କ | କ | କ | କ |
| *୬* | *୩* | | *ବିଶ୍ୱାସଯୋଗ୍ୟତା* | | | | | | |
| ୬ | ୩ | ୧ | ରେଜେଷ୍ଟ୍ରିରେ ଥିବା ସୂଚନା ଲଗାତାର ଭାବରେ ତାଳମେଳ ଏବଂ ସଂଗଠିତ କରାଯାଇଛି । | ଖ | ଖ | ଗ | କ | ଗ | ଗ |
| ୬ | ୩ | ୨ | ରେଜେଷ୍ଟ୍ରିରେ ଥିବା ସୂଚନା ଅଧୁନାତୀତ ହୋଇଛି ଏବଂ ପ୍ରକୃତ ଅବସ୍ଥିତି ପ୍ରତିଫଳନ କରୁଛି | ଗ | ଖ | ଘ | ଖ | ଗ | ଖ |
| *୬* | *୪* | | *ମିତବ୍ୟୟତା ଏବଂ ସ୍ୱାବଲମ୍ବନତା* | | | | | | |
| ୬ | ୪ | ୧ | ରେଜେଷ୍ଟ୍ରି ଫି ସଂଗ୍ରହ କରୁଥିବାରୁ ଆର୍ଥିକ ଭାବରେ ସ୍ୱାବଲମ୍ବି ଅଟେ । | କ | କ | କ | କ | କ | ଘ |
| ୬ | ୪ | ୨ | ଉଚ୍ଚକୋଟିର ସେବା ପ୍ରଦାନ ପାଇଁ ନିବେଶ ଯଥେଷ୍ଟ ଅଟେ । | ଗ | ଖ | ଘ | କ | ଗ | ଗ |
| *୬* | *୫* | | *ସ୍ୱଚ୍ଛତା ଅନୁସାରେ ଫି ନିର୍ଣ୍ଣୟ କରାଯାଇଛି* | | | | | | |
| ୬ | ୫ | ୧ | i) ଫିସ୍ ନିର୍ଣ୍ଣୟ ପାଇଁ ସ୍ପଷ୍ଟ ଯୁକ୍ତିଯୁକ୍ତତା ii) ସର୍ବଜ୍ଞାତ ସମୟ ସୂଚୀ | କ | କ | ଖ | ଖ | ଖ | ଖ |
| ୬ | ୫ | ୨ | ଅଣ ଔପଚାରିକ ପ୍ରଦାନ ପ୍ରୋତ୍ସାହିତ କରାଯାଏ ନାହିଁ । | ଖ | ଖ | ଗ | କ | ଖ | ଖ |
| ୬ | ୫ | ୩ | ସେବା ମାନଦଣ୍ଡ ପ୍ରକାଶ କରାଯାଏ ଏବଂ ନିୟମିତ ଭାବରେ ପର୍ଯ୍ୟବେକ୍ଷଣ କରାଯାଏ | ଖ | କ | ଗ | କ | ଖ | ଗ |
| **୭** | | | **ନାମ ତାଲିକା ୭ :ଜମି ମୂଲ୍ୟାଙ୍କନ ଏବଂ ଟିକସିକରଣ** | | | | | | |
| *୭* | *୧* | | *ମୂଲ୍ୟାଙ୍କନରେ ସ୍ୱଚ୍ଛତା* | | | | | | |
| ୭ | ୧ | ୧ | ସଂପତ୍ତି ମୂଲ୍ୟାଙ୍କନ ପାଇଁ ଏକ ସ୍ପଷ୍ଟ ପ୍ରଣାଳୀ ରହିଛି | ଖ | ଖ | କ | ଖ | ଖ | ଖ |
| ୭ | ୧ | ୨ | ମୂଲ୍ୟାଙ୍କନ ନାମାବଳୀ ସର୍ବସାଧାରଣ ପ୍ରାପ୍ତ କରିପାରିବେ | କ | ଖ | ଖ | କ | କ | କ |
| *୭* | *୨* | | *ସଂଗ୍ରହ କାର୍ଯ୍ୟଦକ୍ଷତା* | | | | | | |
| ୭ | ୨ | ୧ | ସଂପତ୍ତି ଟିକସ ଦେୟ ଛାଡ ଯୁକ୍ତିଯୁକ୍ତ ଏବଂ ସ୍ପଷ୍ଟ | ଗ | କ | ଘ | ଖ | ଘ | ଖ |
| ୭ | ୨ | ୨ | ସଂପତ୍ତି ଟିକସ ଦେଉଥିବା ସଂପତ୍ତି ଧାରୀଙ୍କ ନାମ ଟ୍ୟାକ୍ସ ରୋଲ୍‌ରେ ତାଲିକାଭୁକ୍ତ ହୋଇଛି । | କ | ଗ | ଘ | ଖ | କ | କ |
| ୭ | ୨ | ୩ | ଆକଳନ କରାଯାଇଥିବା ସଂପତ୍ତି ଟିକସ ସଂଗ୍ରହ କରାହେଉଛି । | କ | ଖ | ଗ | ଗ | କ | ଖ |
| ୭ | ୨ | ୪ | ସଂପତ୍ତି ଟିକସରୁ ପ୍ରାପ୍ତ ଧନରାଶି ତାର ସଂଗ୍ରହ ଖର୍ଚ୍ଚଠାରୁ ଅଧିକ ଅଟେ । | କ | ଗ | ଘ | ଘ | ଖ | କ |
| **୮** | | | **ନାମ ତାଲିକା ୮ : ବିବାଦ ସମାଧାନ** | | | | | | |
| *୮* | *୧* | | *ଦାୟିତ୍ୱ ନ୍ୟସ୍ତ କରିବା* | | | | | | |
| ୮ | ୧ | ୧ | ବିବାଦ ସମାଧାନ ପାଇଁ ଦାୟିତ୍ୱ ସ୍ପଷ୍ଟ ଭାବରେ ନ୍ୟସ୍ତ କରାଯାଇଛି । | କ | କ | କ | କ | କ | କ |
| ୮ | ୧ | ୨ | ବିବାଦ ସମାଧାନ ପ୍ରକ୍ରିୟା ସର୍ବସାଧାରଣ ସହଜରେ ଉପଲବ୍ଧ । | କ | କ | କ | କ | କ | କ |

| P | I | D | ନାମ ତାଲିକା, ସଂକେତକ ଏବଂ ପରିସର | ପ୍ରାପ୍ତି ଅଙ୍କ | | | | | |
|---|---|---|---|---|---|---|---|---|---|
| | | | | ଆନ୍ଧ୍ରପ୍ରଦେଶ | ବିହାର | ଝାଡଖଣ୍ଡ | କର୍ଣ୍ଣାଟକ | ଓଡିଶା | ୱେଷ୍ଟବେଙ୍ଗଲ |
| ୮ | ୧ | ୩ | ରାଜିନାମା ମାଧ୍ୟମରେ ଅଣଔପଚାରିକ ବିବାଦ ସମାଧାନ ପ୍ରୋତ୍ସାହିତ କରାଯାଉଛି । | କ | କ | ଗ | ଖ | କ | ଘ |
| ୮ | ୧ | ୪ | ଅପିଲ୍ କରିବାର ପ୍ରାବଧାନ ସହଜରେ ଉପଲବ୍ଧ ଅଳ୍ପ ଖର୍ଚ୍ଚବିଶିଷ୍ଟ ଏବଂ ଠିକ୍ ସମୟରେ ପ୍ରାପ୍ତ ହୋଇଥାଏ । | ଗ | ଗ | ଗ | ଗ | ଗ | ଗ |
| *୮* | *୨* | | *ବାକିଥିବା ବିବାଦର ପରିମାଣ କମ୍* | | | | | | |
| ୮ | ୨ | ୧ | ଜମି ବିବାଦ ହେଉଛି ଔପଚାରିକ ଆଇନ୍‌ଗତ ମାମଲାର ଏକ ଛୋଟ ଅଂଶ । | ଗ | ଖ | ଖ | | ଘ | ଖ |
| ୮ | ୨ | ୨ | ଔପଚାରିକ ପ୍ରଣାଳୀରେ ବିବାଦଗୁଡିକ ଠିକ୍ ସମୟରେ ହୋଇଥାଏ । | ଘ | ଖ | ଘ | ଖ | ଘ | କ |
| ୮ | ୨ | ୩ | ବହୁ ଦିନଧରି ବାକିଥିବା ଜମି ବିବାଦ ଅତି ଅଳ୍ପ ଅଟେ (ପାଞ୍ଚ ବର୍ଷରୁ ଅଧିକ) । | ଘ | ଘ | ଘ | ଗ | ଘ | ଖ |
| **୯** | | | **ନାମ ତାଲିକା ୯ : ଅନୁଷ୍ଠାନଗତ ବନ୍ଦୋବସ୍ତ ଏବଂ ନୀତି** | | | | | | |
| *୯* | *୧* | | *ଅଧିକାରର ସ୍ପଷ୍ଟତା* | | | | | | |
| ୯ | ୧ | ୧ | କାର୍ଯ୍ୟକାରିତା ଏବଂ ମଧ୍ୟସ୍ଥତା ମଧ୍ୟରେ କୌଣସି ବିବାଦାସ୍ପଦ ସମସ୍ୟା ନାହିଁ । | କ | ଖ | କ | ଖ | | କ |
| ୯ | ୧ | ୨ | ଦାୟିତ୍ୱକୁ ନେଇ କୌଣସି ସମାନ୍ତରାଳୀୟ ଦ୍ୱନ୍ଦ/ଅସ୍ପଷ୍ଟତା ନାହିଁ । | ଖ | ଖ | କ | ଖ | ଘ | କ |
| ୯ | ୧ | ୩ | ପ୍ରଶାସନିକ (ସିଧା) ଦ୍ୱନ୍ଦ/ଅସ୍ପଷ୍ଟତା ଏଡାଯାଇଛି । | କ | କ | କ | କ | ଘ | କ |
| ୯ | ୧ | ୪ | ଅନୁଷ୍ଠାନଗୁଡିକ ମଧ୍ୟରେ ଅଂଶିଦାର ହେଉଥିବା ଜମିଜମାଗତ ସୂଚନା ସର୍ବସାଧାରଣ ସହଜରେ ପ୍ରାପ୍ତ କରୁଛନ୍ତି । | ଖ | ଗ | କ | କ | ଖ | ଖ |
| ୯ | ୧ | ୫ | ଅଧିକାରକୁ ନେଇ ଦ୍ୱନ୍ଦ/ଅସ୍ପଷ୍ଟତା (ଅବଧୀ ଅନୁସାରେ) ନ୍ୟୁନତମ ଅଟେ । | ଗ | ଗ | କ | ଗ | ଘ | ଖ |
| ୯ | ୧ | ୬ | ଅନୁଷ୍ଠାନଗତ ଅଧିକାରରେ କୌଣସି ଦ୍ୱନ୍ଦ ଥିଲେ, ତାହା କୌଣସି ସମସ୍ୟା ସୃଷ୍ଟି କରୁନାହିଁ । | ଖ | ଖ | କ | ଗ | ଘ | ଘ |
| *୯* | *୨* | | *ସମାନତା ଏବଂ ପାଦରଅନ୍ତର ହୀନତା* | | | | | | |
| ୯ | ୨ | ୧ | ଯୋଜନା ରହିଛି; ଯାହାକି ସମସ୍ତ ସହଯୋଗରେ ପ୍ରସ୍ତୁତ କରାଯାଇଛି । | ଗ | ଖ | ଖ | ଖ | ଗ | ଖ |
| ୯ | ୨ | ୨ | ସମାନତା ଏବଂ ଦାରିଦ୍ର୍ୟତା ପର୍ଯ୍ୟବେକ୍ଷଣ ପାଇଁ ଉପଯୋଗୀ ପଦକ୍ଷେପ ଅନ୍ତର୍ଗତ କରାଯାଇଛି । | ଗ | ଖ | କ | ଖ | ଗ | ଗ |
| ୯ | ୨ | ୩ | ପରିବେଶୀୟ ଏବଂ ଦୀର୍ଘକାଳୀନ ଲକ୍ଷ୍ୟ ପର୍ଯ୍ୟବେକ୍ଷଣ କରାଯାଉଛି । | ଗ | ଖ | ଘ | ଗ | ଗ | ଗ |
| ୯ | ୨ | ୪ | କାର୍ଯ୍ୟକାରିତା ଖର୍ଚ୍ଚ ଆକଳନ ହୋଇଛି ଏବଂ ଯଥେଷ୍ଟ ଭାବରେ ପ୍ରାବଧାନ ରହିଛି । | ଗ | ଘ | ଗ | ଖ | ଘ | ଘ |
| ୯ | ୨ | ୫ | ଯୋଜନା କାର୍ଯ୍ୟକାରୀ ହେବାରେ ଉନ୍ନତି ବିଷୟରେ ନିୟମିତ ଭାବରେ ସର୍ବସାଧାରଣ ଉଦ୍ଦେଶ୍ୟରେ ବିସ୍ତୃତି ଦିଆଯାଇଛି । | ଗ | ଖ | ଘ | ଗ | ଗ | ଗ |
| ୯ | ୨ | ୬ | ଜମିଜମା ନୀତି ଛୋଟ ଜମିଧାରୀ ଏବଂ EWS ପାଇଁ ଜମିର ଉପଲବ୍ଧତା ସୁନିଶ୍ଚିତ କରୁଛି । | ଖ | ଖ | ଖ | ଖ | ଗ | ଖ |
| ୯ | ୨ | ୭ | ଅଧିକ ବିପଦଶଙ୍କୁଳ ସ୍ଥାନରେ ପୁର୍ନବସତି ଜମିଜମା ନୀତି ପ୍ରଭାବଶୀଳତାକୁ ନିଷେଧ କରୁଛି । | ଘ | ଗ | ଘ | ଗ | ଘ | ଘ |

ଉଚ୍ଚକୋଟିର ଜମି ପ୍ରଶାସନ ସମାନତା ଏବଂ ସୁଯୋଗ ପ୍ରାପ୍ତ କରିବାରେ ଏକ ବଡ ଧରଣର ପ୍ରଭାବ ପକାଇବ ଏବଂ ତା ସହିତ ପ୍ରାଥମିକ ସେକ୍ଟର (କୃଷି) ଉପରେ କମ୍ ନିର୍ଭରଶୀଳତା ଏବଂ ଅଧିକ ସହରୀକରଣ ଆଡକୁ ଭାରତର ଗତି ଏବଂ ପ୍ରକୃତି ମଧ୍ୟ ତ୍ୱରାନ୍ୱିତ କରିବ ।ଯେହେତୁ ଭାରତୀୟ ସମ୍ବିଧାନ ଅନୁସାରେ, ଜମି ହେଉଛି ଏକ ରାଜ୍ୟ ବିଷୟ, ଏହାର ପ୍ରଶାସନରେ ଉନ୍ନତି ହେବା ଦ୍ୱାରା ରାଜ୍ୟରେ ଏଭଳି ଏକ ବାତବରଣ ସୃଷ୍ଟି ହେବ ଯାହାକି ନିବେଶ ବୃଦ୍ଧିରେ ପ୍ରୋତ୍ସାହିତ କରିବ ଏବଂ ଜମିକୁ ସର୍ବୋତ୍ତମ ଉପଯୋଗୀ ଏବଂ ଦୀର୍ଘକାଳୀନ ବ୍ୟବହାର ସୁନିଶ୍ଚିତ କରିବ ।

ଏହି ପ୍ରସଙ୍ଗରେଆସିବାକୁ ଥିବାବିଭିନ୍ନସମସ୍ୟାଚିହ୍ନଟକରିବା ପାଇଁ ଏକ ପ୍ରାରମ୍ଭିକ ପଦକ୍ଷେପ ହେଲା, ରାଜ୍ୟରଜମିଜମା ପ୍ରଶାସନ ସହିତ ଆନ୍ତର୍ଜାତୀୟ ଏବଂ ଦେଶ ସ୍ତରରେ ପ୍ରଚଳିତ ଉତ୍ତମକାର୍ଯ୍ୟ ଅଭ୍ୟାସ  ତୁଳନାକରାଯିବା ଉଚିତ୍ । ଛଅଟି ରାଜ୍ୟଏହିଜମି ପ୍ରଶାସନ ମୂଲ୍ୟାଙ୍କନ (LGAF) ଅନ୍ତର୍ଭୁକ୍ତ କରାଯାଇଛିଏବଂସମସ୍ତ ସଂପୃକ୍ତ ବ୍ୟକ୍ତିଏବଂସଂସ୍ଥାଗୁଡିକୁବିସ୍ତାରିତ ଭାବରେଏବଂ ପରସ୍ପରସହଯୋଗଭିତ୍ତିରେସ୍ୱ-ମୂଲ୍ୟାଙ୍କନ କରାଯାଇଛି।ଏହିଉପରୋକ୍ତ ଜମି ପ୍ରଶାସନ ମୂଲ୍ୟାଙ୍କନରୁ ପ୍ରସ୍ତୁତ କରାଯାଇଛିଏବଂ ପରବର୍ତ୍ତୀମୂଖ୍ୟ ପଦକ୍ଷେପ ବିଷୟରେମଧ୍ୟ ଦୃଷ୍ଟି ଆକର୍ଷଣକରୁଛି ।

ବିଭିନ୍ନରାଜ୍ୟରେ ଅନେକ ସମସ୍ୟାଲଗାତାରଭାବରେ ସୃଷ୍ଟି ହୋଇଥିଲା । ଆଇନ୍ସ୍ୱୀକୃତ ଏବଂ ସଦ୍ୟ ସଂଶୋଧନ ଜମିଜମାରେକର୍ଡହୁଏତ ପ୍ରସ୍ତୁତ ହୋଇନାହିଁକିମ୍ବା ଅତି ନ୍ୟୁନ ମାନ ହିସାବରେ ପ୍ରସ୍ତୁତ କରାଯାଇଛି । ତେଣୁ ଜମିରବିକାଶଏବଂ ଆର୍ଥିକବଜାରର ଅଭିବୃଦ୍ଧିରେ ପ୍ରତିବନ୍ଧକ ସୃଷ୍ଟି ହେଉଛି । ଅତ୍ୟଧିକ ହାରରେ ଷ୍ଟାଂପ ଶୁଳ୍କସମସ୍ୟାକୁବହୁଗୁଣିତ କରି ଦେଉଛି ଏବଂମୂଲ୍ୟାଙ୍କନରେ ତ୍ରୁଟିରହୁଛିଏବଂକାରବାରକୁ ଅଣ ଔପଚାରିକକରିବା ପାଇଁ ପ୍ରୋତ୍ସାହିତ କରୁଛି, ଫଳରେସହରାଞ୍ଚଳରେଜମିରମୂଲ୍ୟଉପଯୁକ୍ତ ଭାବରେମୂଲ୍ୟାଙ୍କନ ହେବାର ଦକ୍ଷତା କମ୍ହୋଇଯାଉଛି । ଅସ୍ପଷ୍ଟ ଅନୁଷ୍ଠାନଗତ ଦାୟିତ୍ୱ ଯୋଜନାକରିବାରେ ପ୍ରତିବନ୍ଧକ ସୃଷ୍ଟି କରୁଛିଏବଂମୌଳିକସୁବିଧାଯୋଗାଣଏବଂଟିକସସଂଗ୍ରହରେ ଅସୁବିଧା ସୃଷ୍ଟି ହେଉଛି।ସାର୍ବଜନୀନ ସରକାରୀଜମିବିଷୟରେସମସ୍ତ ତଥ୍ୟର ଅଭାବଏବଂବିସ୍ତାରିତ କିନ୍ତୁ ଅସ୍ପଷ୍ଟ ପରିଚାଳନା ଦାୟିତ୍ୱ ବଣ୍ଟନ ଯୋଗୁଁବେଆଇନ୍ଜମିଦଖଲ ଦିନକୁ ଦିନ ବୃଦ୍ଧି ହେଉଛି ଫଳରେଭୂ-ସଂପତ୍ତିର ସଦୁପଯୋଗହୋଇପାରୁନାହିଁ । ଶେଷରେ ଅତି ନ୍ୟୁନମାନରଜମିଜମାରେକର୍ଡଯୋଗୁଁସରକାରଙ୍କ ତରଫରୁଭୂମି ଅର୍ଜନକରିବାରଆବଶ୍ୟକତା ରହୁଛିଏବଂଘରୋଇ ନିବେଶୀମାନେ ଜମିମାଲିକଙ୍କ ସହିତ ସିଧାସଳଖ କଥାବାର୍ତ୍ତାକରିଫ୍ରବିବାଦଶୂନ୍ୟଫ୍ର ଟାଇଟିଲ୍ ପ୍ରାପ୍ତକରିବାରେ ଅସୁବିଧାରସମ୍ମୁଖୀନ ହେଉଛନ୍ତି ।

ସମସ୍ୟା ଚିହ୍ନଟ କରିବାରେ ଆଗକୁ ଯାଇ, ଏଲଜିଏଏଫ୍ (LGAF) ରିପୋର୍ଟ ମଧ୍ୟ ଅନେକ ସୁଯୋଗର ଧ୍ୟାନ ଆକର୍ଷଣ କରିଛି । କାର୍ଯ୍ୟପ୍ରଣାଳୀରେ କ୍ରମାଗତ ଉନ୍ନତି ଆଣିବା ପାଇଁ ରାଜ୍ୟର ବିସ୍ତାରିତ ଅନୁଭବ ଉପଯୋଗ କରାଯାଇପାରିବ ।ପ୍ରଭାବ ସୃଷ୍ଟି କରିପାରୁଥିବା ଏବଂ କ୍ରମାଗତ ଉନ୍ନତତର ପ୍ରଣାଳୀ, ଯଦି ସମସ୍ତ ରାଜ୍ୟରୁ ଏକାଠି କରାଯାଏ, ଏବଂ ସଂଗଠିତ ଭାବରେ ବିଶ୍ଳେଷଣ କରାଯାଏ, ତାହାହେଲେ ଉଚ୍ଚକୋଟିର ଜମି ପ୍ରଶାସନ କରିବାରେ ଏହା ସହାୟକ ହୋଇପାରିବ ।

ରାଷ୍ଟ୍ରୀୟ କାର୍ଯ୍ୟକ୍ରମ ମାଧ୍ୟମରେ ଏଭଳି ସୁଯୋଗ ସଂଗଠିତ ଭାବରେ ଚିହ୍ନଟ କରିବା ଏବଂ ବ୍ୟବହାର କରିବା, ଆବଶ୍ୟକ କରୁଥିବା ଫଳାଫଳ ବିଷୟରେ ସ୍ପଷ୍ଟତା ଆବଶ୍ୟକ କରେ ଏବଂ ବିଭିନ୍ନ ସ୍ତରରେ କାର୍ଯ୍ୟଦକ୍ଷତା ମାପ କରିବା ପାଇଁ ଉପଯୁକ୍ତ ପରିମାପ ଚିହ୍ନଟ କରିବା ମଧ୍ୟ ଆବଶ୍ୟକ କରେ ।ଏହି କାର୍ଯ୍ୟଦକ୍ଷତା ପରିମାପ ସହିତ ବିସ୍ତୃତ ଏବଂ ପରସ୍ପର ସହଯୋଗୀ ରାଜ୍ୟ ସ୍ତରୀୟ ଜମି ପ୍ରଶାସନର ନିର୍ଦ୍ଧୟ କରାଯାଇଥିବା ପ୍ରତିବନ୍ଧକୁ ତାଳମେଳ ଭାବରେ ବ୍ୟବହାର କରି ଏବଂ ଏହି ପ୍ରକ୍ରିୟାରୁ ସୃଷ୍ଟିହୋଇଥିବା ଫଳାପଳକୁ ଉନ୍ନତ୍ତର କରାଯାଇଥିବା NLRMP ମାଧ୍ୟମରେ ଭାରତୀୟ ଜମିଜମାକ୍ଷେତ୍ରର ଫଳାଫଳ-ଆଧାରିକ ସାହାଯ୍ୟର ମୂଳଭିତ୍ତି ଭାବରେ ବ୍ୟବହାର କଲେ, ଜମିଜମି ପ୍ରଶାସନରେ ବଡ ଧରଣର ପରିବର୍ତ୍ତନ ଆଣିବାର ସୁଯୋଗ ପ୍ରଦାନ କରିବ ।ଏହା କରିବା ଦ୍ୱାରା ଭାରତର ସମସ୍ତ ବର୍ଗର ଲୋକମାନେ ଲାଭ ପ୍ରାପ୍ତ ହେବେ ଏବଂ ବିଶେଷ ଭାବରେ ଦେଶର ଦଳିତ ଏବଂ ପଛୁଆ ଜାତି ସୀମିତ  ଭୂ-ସଂପତ୍ତି ଦୀର୍ଘକାଳୀନ ଭିତ୍ତିରେସବୁଉପଯୋଗକରିପାରିବେ ।

WORLD BANK GROUP